ମନ-ଇନ୍ଦ୍ରିୟମାନଙ୍କୁ ବଶ କରି ଧ୍ୟାନଯୋଗ ସାଧନା କରିବା ଅତ୍ୟନ୍ତ ଉପଯୋଗୀ। ତେଣୁ ବର୍ତ୍ତମାନ ସଂକ୍ଷେପରେ ପ୍ରକରଣସହିତ ଧ୍ୟାନଯୋଗ ବର୍ଣ୍ଣନା କରୁଛନ୍ତି—

ସ୍ପର୍ଶାନ୍ କୃତ୍ୱା ବହିର୍ବାହ୍ୟାଂଶ୍ଚକ୍ଷୁଶ୍ଚୈବାନ୍ତରେ ଭ୍ରୁବୋଃ।
ପ୍ରାଣାପାନୌ ସମୌ କୃତ୍ୱା ନାସାଭ୍ୟନ୍ତରଚାରିଣୌ॥ ୨୭ ॥
ଯତେନ୍ଦ୍ରିୟମନୋବୁଦ୍ଧିର୍ମୁନିର୍ମୋକ୍ଷପରାୟଣଃ ।
ବିଗତେଚ୍ଛାଭୟକ୍ରୋଧୋ ଯଃ ସଦା ମୁକ୍ତ ଏବ ସଃ ॥ ୨୮ ॥

ଅନ୍ୱୟ— ବାହ୍ୟାନ୍ = ବାହ୍ୟ; **ସ୍ପର୍ଶାନ୍** = ବିଷୟଭୋଗମାନଙ୍କୁ; **ବହିଃ** = ବାହାରେ; **ଏବ** = ହିଁ; **କୃତ୍ୱା** = ତ୍ୟାଗ କରିଦେଇ ଅର୍ଥାତ୍ ସେମାନଙ୍କୁ ଚିନ୍ତନ ନ କରି; **ଚ** = ଏବଂ; **ଚକ୍ଷୁଃ** = ଦୃଷ୍ଟିକୁ; **ଭ୍ରୁବୋଃ** = ଭ୍ରୁଦ୍ୱୟଟିର; **ଅନ୍ତରେ** = ମଧ୍ୟବର୍ତ୍ତୀସ୍ଥାନରେ (ସ୍ଥିତ କରି); **ନାସାଭ୍ୟନ୍ତରଚାରିଣୌ** = ନାସିକାର ଅଭ୍ୟନ୍ତରରେ ବିଚରଣ କରୁଥିବା; **ପ୍ରାଣାପାନୌ** = ପ୍ରାଣ ଓ ଅପାନ ବାୟୁକୁ; **ସମୌ** = ସମ; **କୃତ୍ୱା** = କରି; **ଯତେନ୍ଦ୍ରିୟମନୋବୁଦ୍ଧିଃ** = ମନ, ବୁଦ୍ଧି ଓ ଇନ୍ଦ୍ରିୟମାନଙ୍କୁ ସଂଯତ କରିଥିବା; **ଯଃ** = ଯେଉଁ; **ମୋକ୍ଷପରାୟଣଃ** = ମୋକ୍ଷପରାୟଣ; **ମୁନିଃ** = ମୁନି; **ବିଗତେଚ୍ଛାଭୟକ୍ରୋଧଃ** = ଇଚ୍ଛା, ଭୟ ଓ କ୍ରୋଧରୁ ରହିତ ହୋଇଯାଇଥାନ୍ତି; **ସଃ** = ସେ; **ସଦା** = ସର୍ବଦା; **ମୁକ୍ତଃ** = ମୁକ୍ତ; **ଏବ** = ହିଁ ଅଟନ୍ତି।

ବାହ୍ୟ ବିଷୟଭୋଗମାନଙ୍କୁ ଚିନ୍ତନ ନ କରି, ସେସବୁକୁ ବାହାରେ ହିଁ ତ୍ୟାଗ କରିଦେଇ ଏବଂ ନେତ୍ରର ଦୃଷ୍ଟିକୁ ଭ୍ରୁଦ୍ୱୟର ମଧ୍ୟବର୍ତ୍ତୀ ସ୍ଥାନରେ ନିବଦ୍ଧ କରି, ନାସିକାଦ୍ୱୟର ଅଭ୍ୟନ୍ତରରେ ବିଚରଣ କରୁଥିବା ପ୍ରାଣ ଓ ଅପାନ ବାୟୁକୁ ସମଗତି କରି, ଯେଉଁ ମୋକ୍ଷପରାୟଣ ମୁନି ମନ, ବୁଦ୍ଧି ଓ ଇନ୍ଦ୍ରିୟମାନଙ୍କୁ ସଂଯତ କରିଥାନ୍ତି, ଇଚ୍ଛା, ଭୟ ଓ କ୍ରୋଧରୁ ରହିତ ହୋଇଥିବା ସେହି ମୁନି ସର୍ବଦା ମୁକ୍ତ ହିଁ ଅଟନ୍ତି।॥ ୨୭-୨୮ ॥

ପ୍ରଶ୍ନ— ବାହ୍ୟ ବିଷୟମାନଙ୍କୁ ବାହାରେ ହିଁ ତ୍ୟାଗ କରିଦେବାର ଅଭିପ୍ରାୟ କଣ ?

ଉତ୍ତର— ବାହ୍ୟ ବିଷୟମାନଙ୍କ ସହିତ ଜୀବର ସମ୍ବନ୍ଧ ଅନାଦି କାଳରୁ ରହି ଆସିଛି ଏବଂ ତା'ର ଅନ୍ତଃକରଣରେ ସେମାନଙ୍କର ଅସଂଖ୍ୟ ଚିତ୍ର ପରିପୂର୍ଣ୍ଣ ହୋଇ ରହିଛି। ବିଷୟମାନଙ୍କୁ ସୁଖକର ଏବଂ ରମଣୀୟ ଭାବି ପାଇବା ଫଳରେ ମନୁଷ୍ୟ ଅନବରତ ବିଷୟଚିନ୍ତନ କରିଚାଲେ ଏବଂ ପୂର୍ବସଞ୍ଚିତ ସଂସ୍କାର ବାରମ୍ବାର ଜାଗିଉଠି ତା' ମନରେ ଆସକ୍ତି ଓ କାମନାର ଅଗ୍ନି ପ୍ରଜ୍ୱଳିତ କରେ। ତେଣୁ କୌଣସି ବି ସମୟରେ ତା'ର ଚିତ୍ତ ଶାନ୍ତ ହୋଇ ରହିପାରେ ନାହିଁ। ଏପରି କି, ସେ ଯଦି ଜପରୁ ଉପରୁ ବିଷୟ ତ୍ୟାଗ କରି ଜେବେ ଧ୍ୟାନ କରିବାକୁ ଏକାନ୍ତ ସ୍ଥାନରେ ବସିପଡ଼େ, ତେବେ ବି ବିଷୟମାନଙ୍କ ସଂସ୍କାର ତାକୁ ଛାଡ଼େ ନାହିଁ; ତେଣୁ ସେ ପରମାତ୍ମାଙ୍କୁ ଧ୍ୟାନ କରିପାରେ ନାହିଁ। ନିରନ୍ତର ବିଷୟଚିନ୍ତନ ହିଁ ଏହାର ପ୍ରଧାନ କାରଣ। ବିଷୟରେ ଲୁଚ୍ଚୁସି ରହିଥିବାପର୍ଯ୍ୟନ୍ତ ତା'ର ବିଷୟଚିନ୍ତନ ବନ୍ଦ ହୁଏ ନାହିଁ। ତେଣୁ ଭଗବାନ୍ ଏଠାରେ କହୁଛନ୍ତି ଯେ, ବିବେକ ଓ ବୈରାଗ୍ୟ ବଳରେ ସକଳ ବାହ୍ୟ ବିଷୟକୁ କ୍ଷଣଭଙ୍ଗୁର, ଅନିତ୍ୟ, ଦୁଃଖମୟ ଓ ଦୁଃଖର କାରଣ ବୋଲି ଜାଣି ସେସବୁର ସଂସ୍କାରରୂପକ ସମସ୍ତ ଚିତ୍ରକୁ ଅନ୍ତଃକରଣରୁ ବାହାର କରିଦେବା ଆବଶ୍ୟକ— ସେସବୁର ସୃତିକୁ ସର୍ବଥା ନଷ୍ଟ କରିଦେବା ଆବଶ୍ୟକ; ତେବେ ଯାଇ ଚିତ୍ତ ସୁସ୍ଥିର ଓ ପ୍ରଶାନ୍ତ ହୋଇପାରିବ।

ପ୍ରଶ୍ନ— ନେତ୍ରର ଦୃଷ୍ଟିକୁ ଭ୍ରୁଦ୍ୱୟଟିର ମଝିରେ ନିବଦ୍ଧ କରିବାକୁ କାହିଁକି କହିଛନ୍ତି ?

ଉତ୍ତର— ଆଖି ଖୋଲି ଏଣେ ତେଣେ ଚାହିଁଲେ ତ ଧ୍ୟାନରେ ବିଘ୍ନ-ବିକ୍ଷେପ ହେବା ସ୍ୱାଭାବିକ। ପୁଣି ଆଖି ବନ୍ଦ କରି ରଖିଲେ ଆଳସ୍ୟ ଓ ନିଦ୍ରା ଆସିଯିବାର ଭୟ ବି ରହିଛି। ତେଣୁ ଏପରି କରିବାକୁ କୁହାଯାଇଛି।

ଏହା ବ୍ୟତୀତ ଯୋଗଶାସ୍ତ୍ରସମ୍ବନ୍ଧୀୟ କାରଣ ବି ରହିଛି। ଯୋଗଶାସ୍ତ୍ର କହନ୍ତି ଯେ, ଭ୍ରୁଦ୍ୱୟମଧ୍ୟରେ ଦ୍ୱିଦଳ ଆଜ୍ଞାଚକ୍ର ରହିଛି। ତା'ନିକଟରେ ସହସ୍ରକୋଶ ରହିଛି; ତା' ଭିତରୁ ଅନ୍ତିମ କୋଶଟିର ନାମ ହେଉଛି

ଜନ୍ମନୀ; ସେଠାରେ ପହଞ୍ଚିବା ପରେ ଜୀବର ପୁନରାବୃତ୍ତି ହୁଏ ନାହିଁ। ତେଣୁ ଯୋଗୀମାନେ ଆଜ୍ଞାଚକ୍ରରେ ଦୃଷ୍ଟି ନିବଦ୍ଧ କରନ୍ତି।

ପ୍ରଶ୍ନ – ଏଠାରେ **ପ୍ରାଣାପାନୌ** –ପ୍ରାଣ ଓ ଅପାନବାୟୁ ସହିତ **ନାସାଭ୍ୟନ୍ତରଚାରିଣୌ** ବିଶେଷଣ ଦେବାର ଅଭିପ୍ରାୟ କଣ ?

ଉତ୍ତର – ଏଠାରେ ପ୍ରାଣ ଓ ଅପାନର ଗତିକୁ ସମ କରିବାକୁ କୁହାଯାଇଛି; ସେମାନଙ୍କର ଗତିରୋଧ କରିବାକୁ କୁହାଯାଇ ନାହିଁ। ଏହି କାରଣରୁ **ନାସାଭ୍ୟନ୍ତରଚାରିଣୌ** ବିଶେଷଣ ଦିଆଯାଇଛି।

ପ୍ରଶ୍ନ – ପ୍ରାଣ ଓ ଅପାନକୁ ସମ କରିବା ଅର୍ଥ କଣ ଏବଂ କିପରି ସମ କରାଯାଏ ?

ଉତ୍ତର – ପ୍ରାଣ ଓ ଅପାନର ସ୍ୱାଭାବିକ ଗତି ବିଷମ। ସେହୁହେଁ କେତେବେଳେ ବାମ ନାସିକାରେ ଚାଳନ୍ତି ତ, କେତେବେଳେ ଦକ୍ଷିଣ ନାସିକାରେ। ବାଆଁରେ ଚାଲିବାକୁ ଇଡ଼ା ନାଡ଼ୀରେ ଚାଲିବା ଏବଂ ଡାହାଣରେ ଚାଲିବାକୁ ପିଙ୍ଗଳାରେ ଚାଲିବା କହନ୍ତି। ଏପରି ଅବସ୍ଥାରେ ମନୁଷ୍ୟର ଚିତ୍ତ ଚଞ୍ଚଳ ହୋଇଥାଏ। ଏପରି ବିଷମଭାବରେ ଚାଲୁଥିବା ପ୍ରାଣ ଓ ଅପାନର ଗତିକୁ ଦୁଇ ନାସିକାରେ ସମାନଭାବରେ ଚଳାଇବାର ନାମ ସେହୁହିଁକୁ ସମ କରିବା। ଏହାକୁ ହିଁ ସେହୁହିଁକୁ ସୁଷୁମ୍ନାରେ ଚଳାଇବା କହନ୍ତି। ସୁଷୁମ୍ନା ନାଡ଼ୀରେ ଚାଲିବା ସମୟରେ ପ୍ରାଣ ଓ ଅପାନର ଗତି ଅତି ସୂକ୍ଷ୍ମ ଓ ଶାନ୍ତଭାବରେ ହୁଏ। ସେତେବେଳେ ମନର ଚଞ୍ଚଳତା ଓ ଅଶାନ୍ତି ସ୍ୱତଃ ନଷ୍ଟ ହୋଇଯାଏ ଏବଂ ତାହା ସହଜରେ ପରମାତ୍ମାଙ୍କ ଧ୍ୟାନରେ ଲାଗିଯାଏ।

ପ୍ରାଣ ଓ ଅପାନକୁ ସମ କରିବାକୁ ହେଲେ, ପ୍ରଥମେ ବାମ ନାସିକା ଦେଇ ଅପାନବାୟୁକୁ ଭିତରକୁ ନେଇ ଦକ୍ଷିଣ ନାସିକା ଦେଇ ପ୍ରାଣ ବାୟୁକୁ ବାହାର କରିଦେବାକୁ ପଡ଼ିବ। ତା'ପରେ ଅପାନ ବାୟୁକୁ ଦକ୍ଷିଣ ନାସିକା ଦେଇ ଭିତରକୁ ନେଇ ପ୍ରାଣ ବାୟୁକୁ ବାମ ନାସିକା ଦେଇ ବାହାର କରିଦେବାକୁ ପଡ଼ିବ। ଏପରିଭାବରେ ପ୍ରାଣ ଓ ଅପାନ ବାୟୁକୁ ସମ କରିବାକୁ ଅଭ୍ୟାସ କଲାବେଳେ ପରମାତ୍ମାଙ୍କ ନାମ ଜପ କରିଚାଲିବାକୁ ତଥା ବାୟୁକୁ ବାହାର କରିବା ଓ ଭିତରକୁ ନେବାର ସମୟକୁ ସମାନ ସମାନ କରିବାକୁ ଚେଷ୍ଟା ହେବା ଆବଶ୍ୟକ; ପୁଣି ବାୟୁର ଗତିକୁ ସମ ଓ ସୂକ୍ଷ୍ମ କରିବାକୁ ବି ଚେଷ୍ଟା ହେବା ଆବଶ୍ୟକ। ଏପରି କ୍ରମାନ୍ୱୟ ଅଭ୍ୟାସ କରୁ କରୁ ଯେତେବେଳେ ଉଭୟ ବାୟୁର ଗତି ସମ, ଶାନ୍ତ ଓ ସୂକ୍ଷ୍ମ ହୋଇଯିବ, ନାସିକାର ବାହାରେ ଓ ଭିତରେ ତଥା କଣ୍ଠାଦିଦେଶରେ ଯେତେବେଳେ ଉଭୟଙ୍କ ସ୍ପର୍ଶ ଜଣାପଡ଼ିବ ନାହିଁ, ସେତେବେଳେ ଜାଣିବ ଯେ, ପ୍ରାଣ ଓ ଅପାନ ସମ ଓ ସୂକ୍ଷ୍ମ ହୋଇଗଲେଣି।

ପ୍ରଶ୍ନ – ଇନ୍ଦ୍ରିୟ, ମନ ଓ ବୁଦ୍ଧିକୁ ଜୟ କରିବାର ସ୍ୱରୂପ କଣ ? ସେମାନଙ୍କୁ କିପରି ଓ କାହିଁକି ଜୟ କରାଯିବା ଉଚିତ ?

ଉତ୍ତର – ଇନ୍ଦ୍ରିୟମାନେ ଯେତେବେଳେ ଇଚ୍ଛା, ଯେଉଁ ବିଷୟକୁ ଇଚ୍ଛା, ସେତେବେଳେ ସେଠାକୁ ସ୍ୱଚ୍ଛନ୍ଦରେ ଚାଲିଯାଆନ୍ତି। ମନ ସଦା ଚଞ୍ଚଳ ହୋଇ ରହେ; ନିଜ ସ୍ୱଭାବ ଛାଡ଼େ ନାହିଁ ଏବଂ ବୁଦ୍ଧି କୌଣସି ପରମ ନିଶ୍ଚୟରେ ଦୃଢ଼ ହୋଇ ରହେ ନାହିଁ। ଏସବୁ ହେଉଛି ସେମାନଙ୍କର ଉଚ୍ଛୃଙ୍ଖଳତା। ବିବେକ ଓ ବୈରାଗ୍ୟପୂର୍ବକ ଅଭ୍ୟାସଦ୍ୱାରା ସେମାନଙ୍କୁ ଶୃଙ୍ଖଳିତ, ଆଜ୍ଞାବହ ଓ ଅନ୍ତର୍ମୁଖୀ ବା ଭଗବନ୍ନିଷ୍ଠ କରିଦେବା ହିଁ ସେମାନଙ୍କୁ ଜୟ କରିବା। ଏପରି ଜୟ କରିଗଲେ ଇନ୍ଦ୍ରିୟମାନେ ସ୍ୱଚ୍ଛନ୍ଦରେ ବିଷୟଭୋଗରେ ରମଣ ନ କରି ଆମର ଇଚ୍ଛାନୁସାରେ ଚାଲିବେ ଏବଂ ଆମେ ଯେଉଁଠି କହିବା, ସେଇଠି ଲାଗିରହିବେ; ମନ ଆମର ଇଚ୍ଛାନୁସାରେ ଏକାଗ୍ର ହୋଇଯିବ ଏବଂ ବୁଦ୍ଧି ଏକ ଇଷ୍ଟ ନିଶ୍ଚୟ ଉପରେ ଅଚଳ ଓ ଅଟଳ ହୋଇ ରହିପାରିବ। ଇନ୍ଦ୍ରିୟମାନଙ୍କ ଉପରେ ବିଜୟ ଲାଭ କଲେ **ପ୍ରତ୍ୟାହାର** (ଇନ୍ଦ୍ରିୟବୃତ୍ତିମାନଙ୍କର ସଂଯତ ହେବା), ମନକୁ ବଶ କରିପାରିଲେ **ଧାରଣା** (ଚିତ୍ତକୁ ଏକ ସ୍ଥାନରେ ସ୍ଥିର ରଖିବା) ଏବଂ ବୁଦ୍ଧିକୁ ନିଜର ଅଧୀନ କରିନେଲେ **ଧ୍ୟାନ** (ବୁଦ୍ଧିକୁ ଏକ ହିଁ ନିଶ୍ଚିତ ବସ୍ତୁରେ ଦୃଢ଼ କରି ରଖିବା) ସହଜ ହୋଇଯାଏ। ତେଣୁ ଧ୍ୟାନଯୋଗରେ ଏହି ତିନୋଟିକୁ ବଶ କରିବା ଏକାନ୍ତ ଆବଶ୍ୟକ।

ପ୍ରଶ୍ନ – ମୋକ୍ଷପରାୟଣଃ ପଦ କାହାର ବାଚକ ?

ଉତ୍ତର – ଯାହାକୁ ପରମାତ୍ମପ୍ରାପ୍ତି, ପରମଗତି ଓ ପରମପଦପ୍ରାପ୍ତି ବା ମୁକ୍ତି କୁହାଯାଏ, ତାହାରି ନାମ ମୋକ୍ଷ। ଏହି ଅବସ୍ଥାଟି ମନ ଓ ବଚନର ଅତୀତ — ଅବର୍ଣ୍ଣନୀୟ। ଏ ବିଷୟରେ କେବଳ ଏତିକି କୁହାଯାଇପାରେ ଯେ, ଏହି ସ୍ଥିତିରେ ମନୁଷ୍ୟ ଚିରଦିନପାଇଁ ସମସ୍ତ କର୍ମବନ୍ଧନରୁ ସର୍ବଥା ମୁକ୍ତ ହୋଇଯାଇ ଅନନ୍ତ ଓ ଅଦ୍ୱିତୀୟ ପରମ କଲ୍ୟାଣସ୍ୱରୂପ ଓ ପରମାନନ୍ଦସ୍ୱରୂପ ହୋଇଯାଏ।

ଏହି ମୋକ୍ଷ ବା ପରମାତ୍ମପ୍ରାପ୍ତିନିମନ୍ତେ ଯେଉଁ ମନୁଷ୍ୟ ନିଜର ଇନ୍ଦ୍ରିୟ, ମନ ଓ ବୁଦ୍ଧିକୁ ସଜବ ପ୍ରକାରେ ତନ୍ନୟ କରିଦିଅନ୍ତି, ଯେ ନିତ୍ୟନିରନ୍ତର ପରମାତ୍ମପ୍ରାପ୍ତିପାଇଁ ପ୍ରଯତ୍ନଶୀଳ ଥାଆନ୍ତି, ଯାହାଙ୍କର ଏକମାତ୍ର ଉଦ୍ଦେଶ୍ୟ କେବଳ ପରମାତ୍ମପ୍ରାପ୍ତି ଏବଂ ଯେ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କୌଣସି ବସ୍ତୁକୁ ପ୍ରାପ୍ତି କରିବା ଯୋଗ୍ୟ ମଣନ୍ତି ନାହିଁ, ସେ **ମୋକ୍ଷପରାୟଣ** ଅଟନ୍ତି।

ପ୍ରଶ୍ନ – ଏଠାରେ **ମୁନିଃ** କାହାକୁ କହନ୍ତି ?

ଉତ୍ତର – ମନନଶୀଳଙ୍କୁ 'ମୁନି' କହନ୍ତି। ଯେଉଁ ପୁରୁଷ ଧ୍ୟାନକାଳଉକି, ବ୍ୟବହାରକାଳରେ ମଧ୍ୟ ପରମାତ୍ମାଙ୍କ ସର୍ବବ୍ୟାପକତାରେ ଦୃଢ଼ନିଶ୍ଚୟ ହୋଇଯାଇଥିବାରୁ ସର୍ବଦା ପରମାତ୍ମାଙ୍କର ହିଁ ମନନ କରିଚାଲିଥାନ୍ତି, ସେ **'ମୁନି'**।

ପ୍ରଶ୍ନ – **ବିଗତେଚ୍ଛାଭୟକ୍ରୋଧଃ** – ବିଶେଷଣର ଅଭିପ୍ରାୟ କଣ ?

ଉତ୍ତର –କୌଣସି ଅଭାବର ଅନୁଭବ ହେଲେ, ଇଚ୍ଛା ଜାଗ୍ରତ ହୁଏ; ଅନିଷ୍ଟର ଆଶଙ୍କା ଦେଖାଦେଲେ ଭୟ ଉତ୍ପନ୍ନ ହୁଏ ଏବଂ କାମନାରେ ବିଘ୍ନ ଘଟିଲେ ଅଥବା ମନର ଅନୁକୂଳ କାର୍ଯ୍ୟ ନ ହେଲେ, କ୍ରୋଧ ଜାତ ହୁଏ। କିନ୍ତୁ ଧ୍ୟାନଯୋଗ ସାଧନା କରି କରି ଯେଉଁ ପୁରୁଷ ସିଦ୍ଧ ହୋଇଯାନ୍ତି, ତାଙ୍କୁ ସର୍ବତ୍ର, ସର୍ବଦା ଓ ସର୍ବଥା ପରମାତ୍ମାଙ୍କ ଅନୁଭବ ହୁଏ; ସେ କୌଣସି ସ୍ଥାନରେ ତାଙ୍କ ଅଭାବ ଦେଖନ୍ତି ନାହିଁ। ତାଙ୍କର ଆଉ ଇଚ୍ଛା ବା ହେବ କ'ଣ ? ଯାହାଙ୍କ ପାଇଁ ଏକ ପରମାତ୍ମାଙ୍କ ଭିନ୍ନ ଅନ୍ୟ କେହି ବି ନାହାନ୍ତି, ଏବଂ ନିତ୍ୟ ସତ୍ୟ ସନାତନ ଅନନ୍ତ ଅବିନାଶୀ ପରମାତ୍ମାଙ୍କ ସ୍ୱରୂପରୁ ଯେ କେବେ ଚ୍ୟୁତ ହୁଅନ୍ତି ନାହିଁ, ତାଙ୍କର ଅନିଷ୍ଟର ଆଶଙ୍କା ବି ନ ଥାଏ। ଆଉ ଭୟ ବା କାହିଁକି ହେବ ? ଏବଂ ନିତ୍ୟ ପୂର୍ଣ୍ଣରୂପେ ପରମାତ୍ମା ପ୍ରାପ୍ତ ହୋଇଯିବାରୁ ଯେତେବେଳେ ଆଉ କୌଣସି କାମନା ବା ମନୋରଥ ରହିଲା ନାହିଁ, ସେତେବେଳେ କ୍ରୋଧ ବା କାହା ଉପରେ ଯେଉଁଥି ପାଇଁ ଆସିବ ? ଅତଏବ ଏପରି ସ୍ଥିତିରେ ସିଦ୍ଧ ପୁରୁଷଙ୍କ ଅନ୍ତଃକରଣରେ ବ୍ୟବହାରକାଳରେ, ସ୍ୱପ୍ନରେ ଅଥବା — କୌଣସି ଅବସ୍ଥାରେ କେବେ କୌଣସିପ୍ରକାର ଇଚ୍ଛା ଜାଗ୍ରତ ହୁଏ ନାହିଁ, କି କୌଣସି ଘଟଣାରେ କୌଣସିପ୍ରକାର ଭୟ ଉତ୍ପନ୍ନ ହୁଏ ନାହିଁ, କିମ୍ବା କୌଣସି ବି ଅବସ୍ଥାରେ କ୍ରୋଧ ଉତ୍ପନ୍ନ ହୁଏ ନାହିଁ। ତେଣୁ ସେ **ବିଗତେଚ୍ଛାଭୟକ୍ରୋଧ** ଅଟନ୍ତି।

ପ୍ରଶ୍ନ – ଏଠାରେ **ସଦା** ପ୍ରୟୋଗ କେଉଁ ଅର୍ଥରେ କରାଯାଇଛି ଏବଂ ଏପରି ପୁରୁଷ 'ସଦା ମୁକ୍ତ ହିଁ ଅଟନ୍ତି' କହିବାର ଅଭିପ୍ରାୟ କଣ ?

ଉତ୍ତର –**ସଦା** ଅବ୍ୟୟଟି ନିଶ୍ଚୟବୋଧକ। ଯେଉଁ ମହାପୁରୁଷ ଉପରୋକ୍ତ ସାଧନାମାନଙ୍କ ଦ୍ୱାରା ଇଚ୍ଛା, ଭୟ ଓ କ୍ରୋଧରୁ ସର୍ବଥା ରହିତ ହୋଇଯାଇଥାନ୍ତି, ସେ ଧ୍ୟାନକାଳରେ ଅଥବା ବ୍ୟବହାରକାଳରେ, ଶରୀର ଥିବାବେଳେ ବା ଶରୀର ଛାଡ଼ିଯିବା ପରେ — ସକଳ ଅବସ୍ଥାରେ ସଦାମୁକ୍ତ ହିଁ ଅଟନ୍ତି — ସେ ଯେ ସଂସାରବନ୍ଧନରୁ ଚିରଦିନପାଇଁ ମୁକ୍ତି ପାଇ ପରମାତ୍ମାଙ୍କୁ ପ୍ରାପ୍ତ ହୋଇସାରିଥାନ୍ତି, ସେଥିରେ କୌଣସି ସନ୍ଦେହ ନାହିଁ।

ସମ୍ବନ୍ଧ – ଅର୍ଜୁନଙ୍କ ପ୍ରଶ୍ନର ଉତ୍ତର ଦେବା ବେଳେ ଭଗବାନ୍ କର୍ମଯୋଗ ଓ ସାଂଖ୍ୟଯୋଗର ସ୍ୱରୂପ ପ୍ରତିପାଦନ କରି ଉଭୟ ସାଧନାଦ୍ୱାରା ପରମାତ୍ମପ୍ରାପ୍ତି ହୁଏ ବୋଲି କହି ସିଦ୍ଧ ପୁରୁଷଙ୍କ ଲକ୍ଷଣ କହିଦେଲେ। ପୁଣି ଉଭୟନିଷ୍ଠାର ଉପଯୋଗୀ ହୋଇଥିବାରୁ ଧ୍ୟାନଯୋଗର ବର୍ଣ୍ଣନା ବି ସଂକ୍ଷେପରେ କରିଦେଲେ। ବର୍ତ୍ତମାନ ଯେଉଁ ମନୁଷ୍ୟ ଏପରିଭାବରେ ମନ, ଓ ଇନ୍ଦ୍ରିୟମାନଙ୍କ ଉପରେ ବିଜୟ ଲାଭ କରି କର୍ମଯୋଗ, ସାଂଖ୍ୟଯୋଗ ବା ଧ୍ୟାନଯୋଗ ସାଧନା କରିବାରେ ନିଜକୁ ଅସମର୍ଥ ବୋଲି ଭାବନ୍ତି, ସେପରି ସାଧକଙ୍କ ନିମନ୍ତେ ସହଜରେ ପରମପଦ ପ୍ରାପ୍ତ କରାଉଥିବା ଭକ୍ତିଯୋଗର ବର୍ଣ୍ଣନା ଭଗବାନ୍ ସଂକ୍ଷେପରେ କରୁଛନ୍ତି –

ଭୋକ୍ତାରଂ ଯଜ୍ଞତପସାଂ ସର୍ବଲୋକମହେଶ୍ୱରମ୍।
ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତିମୃଚ୍ଛତି।। ୨୯ ।।

ଅନ୍ୱୟ – ମାମ୍ = (ମୋର ଭକ୍ତ) ମୋତେ; **ଯଜ୍ଞତପସାମ୍** = ଯଜ୍ଞ ଓ ତପମାନଙ୍କର; **ଭୋକ୍ତାରମ୍** = ଭୋକ୍ତା; **ସର୍ବଲୋକମହେଶ୍ୱରମ୍** = ସମସ୍ତ ଲୋକର ଈଶ୍ୱରମାନଙ୍କର ବି ଈଶ୍ୱର; **ସର୍ବଭୂତାନାମ୍** = ସକଳ ପ୍ରାଣୀମାନଙ୍କର;

ସୁହୃଦମ୍ = ସୁହୃଦ ଅର୍ଥାତ୍ ସ୍ୱାର୍ଥରହିତ ଦୟାଳୁ ଓ ପ୍ରେମୀ; **ଜ୍ଞାତ୍ୱା** = (ବୋଲି) ତତ୍ତ୍ୱତଃ ଜାଣି; **ଶାନ୍ତିମ୍** = ଶାନ୍ତିକୁ; **ଗଚ୍ଛତି** = ପ୍ରାପ୍ତ ହୁଅନ୍ତି।

ମୋର ଭକ୍ତ ମୋତେ ସକଳ ଯଜ୍ଞର ଓ ତପର ଭୋକ୍ତା, ସମସ୍ତ ଲୋକର ଈଶ୍ୱରମାନଙ୍କର ବି ଈଶ୍ୱର ତଥା ସକଳ ପ୍ରାଣୀମାନଙ୍କର ସୁହୃଦ ଅର୍ଥାତ୍ ସ୍ୱାର୍ଥରହିତ ଦୟାଳୁ ଓ ପ୍ରେମୀ ବୋଲି ତତ୍ତ୍ୱତଃ ଜାଣିପାରି ଶାନ୍ତି ପ୍ରାପ୍ତ ହୁଅନ୍ତି।। ୨୯ ।।

ପ୍ରଶ୍ନ – ଯଜ୍ଞ ଓ ତପର ଅର୍ଥ କଣ ଏବଂ ଭଗବାନ୍ କିପରି ସେସବୁର ଭୋକ୍ତା ଓ ତାଙ୍କୁ ଭୋକ୍ତା ବୋଲି ଜାଣିଗଲେ ମନୁଷ୍ୟ ଶାନ୍ତି ପାଏ କିପରି ?

ଉତ୍ତର – ଅହିଂସା, ସତ୍ୟ ଆଦି ଧର୍ମପାଳନ, ଦେବତା, ବ୍ରାହ୍ମଣ, ମାତା-ପିତା ଆଦି ଗୁରୁଜନଙ୍କର ସେବନ-ପୂଜନ, ଦୀନ-ଦୁଃଖୀ, ଗରିବ ଓ ରୁଗ୍ଣ ଜୀବମାନଙ୍କର ସ୍ନେହପୂର୍ଣ୍ଣ ଓ ଆଦରଯୁକ୍ତ ସେବା ଏବଂ ସେମାନଙ୍କର ଦୁଃଖନାଶ ନିମନ୍ତେ କରାଯାଉଥିବା ଉପଯୁକ୍ତ ସାଧନା ଏବଂ ଯଜ୍ଞ, ଦାନ ଆଦି ଯେତେ ଶୁଭକର୍ମ ଅଛି — ସେସବୁର ସମାବେଶକୁ **ଯଜ୍ଞ ଓ ତପ** ଶବ୍ଦଦ୍ୱାରା ପ୍ରକାଶ କରାଯାଇଛି। ଭଗବାନ୍ ହେଉଛନ୍ତି ସମସ୍ତଙ୍କର ଆତ୍ମା (୧୦/୨୦); ଅତଏବ ଦେବତା, ବ୍ରାହ୍ମଣ, ଦୀନ-ଦୁଃଖୀ ଆଦିରୂପରେ ରହି ଭଗବାନ୍ ହିଁ ସମସ୍ତ ସେବାପୂଜାଦି ଗ୍ରହଣ କରନ୍ତି। ତେଣୁ ସେ ହିଁ ସମସ୍ତ ଯଜ୍ଞ ଓ ତପର ଭୋକ୍ତା (୯/୨୪)। ଭଗବାନଙ୍କ ତତ୍ତ୍ୱ ଓ ପ୍ରଭାବ ନ ଜାଣିଥିବାରୁ ଲୋକେ ଯେଉଁମାନଙ୍କର ସେବାପୂଜା କରନ୍ତି, ସେହି ଦେବ-ମନୁଷ୍ୟମାନଙ୍କୁ ହିଁ ଯଜ୍ଞ ଓ ସେବା ଆଦିର ଭୋକ୍ତା ବୋଲି ଭାବନ୍ତି; ଏହିହେତୁ ସେମାନେ ଅଳ୍ପ ଓ କ୍ଷଣସ୍ଥାୟୀ ଫଳର ଭାଗୀ ହୁଅନ୍ତି (୭/୨୩)। ତେଣୁ ସେମାନଙ୍କୁ ଯଥାର୍ଥ ଶାନ୍ତି ମିଳେ ନାହିଁ। କିନ୍ତୁ ଯେଉଁ ପୁରୁଷ ଭଗବାନଙ୍କର ତତ୍ତ୍ୱ ଓ ପ୍ରଭାବ ଜାଣନ୍ତି, ସେ ସମସ୍ତଙ୍କ ଭିତରେ ଆତ୍ମସ୍ୱରୂପରେ ବିରାଜିତ ଭଗବାନଙ୍କୁ ହିଁ ଦେଖନ୍ତି। ଏହିପରି ପ୍ରତ୍ୟେକ ପ୍ରାଣୀ ମଧ୍ୟରେ ଭଗବାନ୍ ଅଛନ୍ତି — ଏହି ବୁଦ୍ଧି ହୋଇଯାଇଥିବାରୁ, ସେ ଯେତେବେଳେ ସେହି ପ୍ରାଣୀମାନଙ୍କର ସେବା କରନ୍ତି, ସେତେବେଳେ ସେ ଅନୁଭବ କରନ୍ତି ଯେ, ମୁଁ ଦେବ-ବ୍ରାହ୍ମଣ ବା ଦୀନ-ଦୁଃଖୀ ଆଦିରୂପରେ ନିଜର ପରମପୂଜନୀୟ, ପରମପ୍ରେମାସ୍ପଦ ସର୍ବବ୍ୟାପୀ ଶ୍ରୀଭଗବାନଙ୍କୁ ହିଁ ସେବା କରୁଛି।

ମନୁଷ୍ୟ ଯାହାଙ୍କୁ ଶ୍ରେଷ୍ଠ ବା ସମ୍ମାନନୀୟ ବୋଲି ଜାବେ, ଯାହାଙ୍କ ଠାରେ ତା'ର କିଛି ବି ଶ୍ରଦ୍ଧା-ଭକ୍ତି ଥାଏ, ଯାହାଙ୍କ ପ୍ରତି ଟିକିଏ ବି ଆନ୍ତରିକ ପ୍ରେମ ଥାଏ, ତାଙ୍କରି ସେବା କଲେ ହିଁ ସେ ବିଶେଷ ଆନନ୍ଦ ଓ ଅପାର ଶାନ୍ତି ଅନୁଭବ କରେ। ପିତୃଭକ୍ତ ପୁତ୍ର ନିଜ ପିତାଙ୍କର ସେବା କଲେ, ସ୍ନେହମୟୀ ମାତା ପୁତ୍ରର ସେବା କଲେ, ପ୍ରେମପ୍ରତିମା ପତ୍ନୀ ନିଜ ପତିଙ୍କର ସେବା କଲେ, କଣ କେବେ ବି କ୍ଲାନ୍ତି ଅନୁଭବ କରନ୍ତି ? ଯେ ପ୍ରକୃତ ଶିଷ୍ୟ, ଯେ ଅନୁଗାମୀ ମନୁଷ୍ୟ, ସେ କଣ ନିଜର ପୂଜ୍ୟଗୁରୁ ବା ପଥପ୍ରଦର୍ଶକ ମହାତ୍ମାଙ୍କ ସେବାରୁ କୌଣସି ବି କାରଣରୁ ଓହରିଯିବାକୁ ଇଚ୍ଛା କରେ ? ଯେଉଁ ପୁରୁଷ ବା ସ୍ତ୍ରୀ ଯେଉଁମାନଙ୍କ ଦୃଷ୍ଟିରେ ଗୌରବମୟ, ପ୍ରଭାବଶାଳୀ ବା ପ୍ରେମର ପାତ୍ର ଅଟନ୍ତି, ସେମାନଙ୍କର ସେବା କରିବାକୁ ସେମାନଙ୍କ ଭିତରେ ପ୍ରତିମୁହୂର୍ତ୍ତରେ ନବ ନବ ଉତ୍ସାହର ଲହରୀ ଉତ୍ପନ୍ନ ହୁଏ; ସେମାନଙ୍କର ମନ କହୁଥାଏ, ଏମାନଙ୍କର ଯେତେ ସେବା କଲେ ବି, ତାହା ଯଥେଷ୍ଟ ହେବ ନାହିଁ। ଉକ୍ତ ସେବାଦ୍ୱାରା ସେମାନେ କଦାପି ଭାବନ୍ତି ନାହିଁ ଯେ, ଆମ୍ଭେମାନେ ଏମାନଙ୍କର ଉପକାର କରୁଛୁ; ସେମାନଙ୍କ ମନରେ ଉକ୍ତ ସେବାଲାଗି କୌଣସିପ୍ରକାର ଅଭିମାନ ଜାତ ହୁଏ ନାହିଁ, ବରଂ ଏପରି ସେବା ଜରିଆର ଅବସର ମିଳିବା ହିଁ ଏକ ସୌଭାଗ୍ୟ ବୋଲି ସେମାନେ ଭାବନ୍ତି। ଏପରି ସେବା କରିବାକୁ ଯେତେ ସୁଯୋଗ ମିଳେ, ସେମାନଙ୍କ ଭିତରେ ବିନୟଶୀଳତା ଓ ପ୍ରକୃତ ନମ୍ରତା ସେତେ ବଢ଼ିଯାଏ। ସେମାନେ କୃତଜ୍ଞତା ଦାବି କରିବେ କଣ, ଓଲଟି ସେମାନଙ୍କ ଭିତରେ ପଦେ ପଦେ ଭୟ ରହେ ଯେ, 'ଏପରି ସୌଭାଗ୍ୟରୁ କାଳେ ଆମ୍ଭମାନଙ୍କୁ ବଞ୍ଚିତ ହେବାକୁ ପଡ଼ିବ !' ସେବାଦ୍ୱାରା ଚିତ୍ତରେ ଅପୂର୍ବ ଶାନ୍ତି ଉପଲବ୍ଧି କରନ୍ତି ବୋଲି ସେମାନେ ସେବା କରନ୍ତି। କିନ୍ତୁ ସେହି ଶାନ୍ତି ସେମାନଙ୍କୁ ସେବାରୁ ନିବୃତ୍ତ କରିପାରେ ନାହିଁ; କାରଣ ସେମାନଙ୍କର ଚିତ୍ତ ନିରନ୍ତର ଆନନ୍ଦାତିଶଯ୍ୟରେ ଉଛୁଳୁଥାଏ ଏବଂ ସେମାନେ ଉକ୍ତ ଆନନ୍ଦରେ ତୃପ୍ତ ନ ହୋଇ ଅଧିକରୁ ଅଧିକ ସେବା କରିବାକୁ ଇଚ୍ଛା କରନ୍ତି।

ଯଦି ସାଂସାରିକ ଗୌରବ, ପ୍ରଭାବ ଓ ପ୍ରେମକ୍ଷେତ୍ରରେ ସେବା ଏତେ ଶୁଦ୍ଧ, ଏତେ ସୁନ୍ଦର ଓ ଏତେ ଶାନ୍ତିପ୍ରଦ ହୋଇପାରେ, ତେବେ ଭଗବାନଙ୍କର ଯେଉଁ ଭକ୍ତ ସକଳରୂପରେ ଅଖିଳ ଜଗତର ପରମପୂଜ୍ୟ, ଦେବାଧିଦେବ, ସର୍ବଶକ୍ତିମାନ୍, ପରମଗୌରବ ତଥା ଅଚିନ୍ତ୍ୟ ପ୍ରଭାବର ନିତ୍ୟଧାମ ଓ ନିଜର ପରମପ୍ରିୟତମ ଭଗବାନଙ୍କୁ ଦର୍ଶନ କରି, ନିଜର ବିଶୁଦ୍ଧ ସେବାବୃତ୍ତିକୁ ହୃଦୟର ଅକୃତ୍ରିମ ବିଶ୍ୱାସରେ ଓ ତାଙ୍କ ଆଡକୁ ନିରନ୍ତର ପ୍ରବାହିତ ହେଉଥିବା ପବିତ୍ର ଓ ଅବିରଳ ପ୍ରେମର ସୁଧାମୟୀ ମଧୁରଧାରାରେ ସମ୍ପୂର୍ଣ୍ଣଭାବରେ ନିମଜ୍ଜିତ କରି ପ୍ରଭୁଙ୍କର ପୂଜା କରନ୍ତି, ତାଙ୍କୁ କେତେ ଓ କିପରି ଅଲୌକିକ ଆନନ୍ଦ ତଥା କେତେ ଓ କିପରି ଅପୂର୍ବ ଶାନ୍ତି ଯେ ମିଳୁଥିବ, ତାହା ଅକଳନୀୟ ତଥା ଅବର୍ଣ୍ଣନୀୟ। ଭଗବତ୍ କୃପାରୁ ଯାହାଙ୍କୁ ଏପରି ସୌଭାଗ୍ୟ ମିଳୁଥିବ, ସେ ହିଁ ବସ୍ତୁତଃ ତାହା ଅନୁଭବ କରିପାରିବେ।

ପ୍ରଶ୍ନ — 'ଭଗବାନଙ୍କୁ **ସର୍ବଲୋକମହେଶ୍ୱର** ବୋଲି ବୁଝିବା' କଣ ଏବଂ ଏପରି ବୁଝିପାରିଥିବା ଲୋକଙ୍କୁ ଶାନ୍ତି କିପରି ମିଳେ ?

ଉତ୍ତର — ଇନ୍ଦ୍ର, ବରୁଣ, କୁବେର, ଯମରାଜ ଆଦି ଯେତେସବୁ ଲୋକପାଳ ଅଛନ୍ତି ତଥା ବିଭିନ୍ନ ବ୍ରହ୍ମାଣ୍ଡରେ ନିଜ ନିଜର ବ୍ରହ୍ମାଣ୍ଡକୁ ନିୟନ୍ତ୍ରଣ କରୁଥିବା ଯେତେସବୁ ଈଶ୍ୱର ଅଛନ୍ତି, ଭଗବାନ ହେଉଛନ୍ତି ସେହି ସମସ୍ତଙ୍କର ସ୍ୱାମୀ ଓ ମହାନ୍ ଈଶ୍ୱର। ତେଣୁ ଶ୍ରୁତି କହନ୍ତି **ତମୀଶ୍ୱରାଣାଂ ପରମଂ ମହେଶ୍ୱରମ୍** ଅର୍ଥାତ୍ 'ସେହି ଈଶ୍ୱରମାନଙ୍କର ପରମ ମହେଶ୍ୱରଙ୍କୁ---।' (ଶ୍ୱେତାଶ୍ୱତର ଉ.୬/୭)। ନିଜର ଅନିର୍ବଚନୀୟ ମାୟାଶକ୍ତିଦ୍ୱାରା ଭଗବାନ୍ ଅବଲୀଳାକ୍ରମେ ହିଁ ଅନନ୍ତକୋଟି ବ୍ରହ୍ମାଣ୍ଡର ଉତ୍ପତ୍ତି, ସ୍ଥିତି ଓ ସଂହାର କରି ସମସ୍ତଙ୍କୁ ଯଥାଯୋଗ୍ୟ ନିୟନ୍ତ୍ରଣରେ ରଖନ୍ତି ଏବଂ ଏପରି କରୁଥିଲେ ମଧ୍ୟ ସେ ସମସ୍ତଙ୍କର ଉର୍ଦ୍ଧ୍ୱରେ ରହନ୍ତି। ଏପରିଭାବରେ ଭଗବାନଙ୍କୁ ସର୍ବଶକ୍ତିମାନ୍, ସର୍ବନିୟନ୍ତା, ସର୍ବାଧ୍ୟକ୍ଷ ଓ ସର୍ବେଶ୍ୱର ବୋଲି ବୁଝିବା ହିଁ ତାଙ୍କୁ ସର୍ବଲୋକମହେଶ୍ୱର ବୋଲି ବୁଝିବା।

ଏପରି ବୁଝିପାରିଥିବା ଭକ୍ତ ଭଗବାନଙ୍କର ମହାନ୍ ପ୍ରଭାବ ଓ ରହସ୍ୟ ବିଷୟରେ ଅଭିଜ୍ଞ ହୋଇଥିବାରୁ ପ୍ରଭୁଙ୍କୁ କ୍ଷଣକପାଇଁ ବି ଭୁଲିପାରନ୍ତି ନାହିଁ। ସେ ସର୍ବଥା ନିର୍ଭୟ ଓ ନିଶ୍ଚିନ୍ତ ହୋଇ ତାଙ୍କର ଅନନ୍ୟ ଚିନ୍ତନ କରନ୍ତି। ଶାନ୍ତିରେ ବିଘ୍ନ ଘଟାଉଥିବା କାମକ୍ରୋଧାଦି ଶତ୍ରୁ ବି ତାଙ୍କ ପାଖରେ ପଶିପାରନ୍ତି ନାହିଁ। ତାଙ୍କ ଦୃଷ୍ଟିରେ ଭଗବାନଙ୍କ ଠାରୁ ବଡ଼ ହୋଇ ଆଉ କେହି ନାହାନ୍ତି। ତେଣୁ ସେ ତାଙ୍କର ଚିନ୍ତନରେ ମଗ୍ନ ହୋଇ ନିତ୍ୟନିରନ୍ତର ପରମଶାନ୍ତି ଓ ଆନନ୍ଦର ସାଗର ଭଗବାନଙ୍କ ଧାନରେ ହିଁ ବୁଡ଼ିରହନ୍ତି।

ପ୍ରଶ୍ନ — ଭଗବାନ୍ ସକଳ ପ୍ରାଣୀଙ୍କ ସୁହୃଦ କିପରି ଏବଂ ତାଙ୍କୁ ସୁହୃଦ ବୋଲି ଜାଣିଲେ ଶାନ୍ତି ମିଳେ କିପରି ?

ଉତ୍ତର — ସମଗ୍ର ଜଗତରେ ଏପରି କୌଣସି ବି ବସ୍ତୁ ନାହିଁ, ଯାହା କି ଭଗବାନଙ୍କୁ ପ୍ରାପ୍ତ ହୁଏ ନା ବା ଯାହା ସହିତ ଭଗବାନଙ୍କର କେଉଁଠି କିଛି ସ୍ୱାର୍ଥସମ୍ବନ୍ଧ ରହିଛି। ଭଗବାନ୍ ତ ସଦାସର୍ବଦା ସକଳଭାବରେ ପୂର୍ଣ୍ଣକାମ (୩/୨୨); ତଥାପି ଦୟାମୟସ୍ୱରୂପ ହୋଇଥିବାରୁ ସେ ସ୍ୱଭାବତଃ ସମସ୍ତଙ୍କୁ ଅନୁଗ୍ରହ କରି ସମସ୍ତଙ୍କ ହିତପାଇଁ ବ୍ୟବସ୍ଥା କରନ୍ତି। ଜଗତରେ ବାରମ୍ବାର ଅବତୀର୍ଣ୍ଣ ହୋଇ ସେ ଏପରି ବିବିଧ ବିଚିତ୍ର ଲୀଳା କରନ୍ତି ଯେ, ତାହା ଗାର ଗାଇ ହିଁ ଲୋକେ ତରିଯାଆନ୍ତି। ତାଙ୍କର ପ୍ରତ୍ୟେକ କ୍ରିୟା ଜଗତର ମଙ୍ଗଳନିମନ୍ତେ ହୁଏ। ଭଗବାନ୍ ଯାହାଙ୍କୁ ମାରନ୍ତି ବା ଦଣ୍ଡ ଦିଅନ୍ତି, ସେମାନଙ୍କୁ ବି ଦୟା ହିଁ କରନ୍ତି; ତାଙ୍କର କୌଣସି ବିଧାନ ଦୟାରହିତ ଓ ପ୍ରେମରହିତ ନୁହେଁ। ତେଣୁ ଭଗବାନ୍ ସମସ୍ତଙ୍କର ସୁହୃଦ ଅଟନ୍ତି।

ଲୋକେ ଏହି ରହସ୍ୟଟି ବୁଝିପାରନ୍ତି ନାହିଁ; ତେଣୁ ସେମାନେ ଲୌକିକଦୃଷ୍ଟିରୁ ଇଷ୍ଟ-ଅନିଷ୍ଟପ୍ରାପ୍ତିରେ ସୁଖୀ-ଦୁଃଖୀ ହୁଅନ୍ତି ଏବଂ ପରିଣାମରେ ଶାନ୍ତି ପାଆନ୍ତି ନାହିଁ। 'ଭଗବାନ୍ ମୋର ଅହୈତୁକ ବନ୍ଧୁ ଅଟନ୍ତି; ସେ ଯାହା କିଛି କରନ୍ତି, ମୋର ମଙ୍ଗଳନିମନ୍ତେ ହିଁ କରନ୍ତି।' —ଯେଉଁ ଲୋକେ ଏହା ବୁଝିପାରନ୍ତି ଏବଂ ବିଶ୍ୱାସ ବି କରନ୍ତି, ସେମାନେ ଯେତେବେଳେ ଯାହା କିଛି ବି ହୁଏ, ତାହାକୁ ଦୟାମୟ ପରମେଶ୍ୱରଙ୍କ ପ୍ରେମ ଓ ଦୟାରେ ଓତପ୍ରୋତ ମଙ୍ଗଳବିଧାନ ବୋଲି ବୁଝି ସଦା ପ୍ରସନ୍ନ ରହନ୍ତି। ତେଣୁ ସେମାନଙ୍କୁ ଅତଳ ଶାନ୍ତି ମିଳିଯାଏ। ସେମାନଙ୍କ ଶାନ୍ତିରେ କୌଣସିପ୍ରକାର ବାଧା ଉପୁଜିବାର କୌଣସି ବି କାରଣ ରହେ ନାହିଁ।

ସଂସାରରେ ଯଦି କୌଣସି ସାଧାରଣ ମନୁଷ୍ୟ ପ୍ରତି କୌଣସି ପ୍ରଭାବଶାଳୀ ଉଚ୍ଚପଦସ୍ଥ ଅଧିକାରୀଙ୍କର ବା ରାଜା-ମହାରାଜାଙ୍କର ସୁହୃଦ୍‌ଭାବ ହୋଇଯାଏ ଏବଂ ସେହି ମନୁଷ୍ୟ ଯଦି ଏକଥା ଜାଣିଯାଏ ଯେ, ଅମୁକ ପ୍ରଭାବଶାଳୀ ଅଧିକାରୀ ବା ରାଜା-ମହାରାଜ ତା'ର

ଯଥାର୍ଥ ହିତ ଚାହାଁନ୍ତି ଏବଂ ତାକୁ ରକ୍ଷା କରିବାକୁ ପ୍ରସ୍ତୁତ, ତେବେ ଉକ୍ତ ପ୍ରଭାବଶାଳୀ ଅଧିକାରୀ ବା ରାଜା-ମହାରାଜ ସର୍ବଥା ନିଃସ୍ୱାର୍ଥ ନ ହୋଇଥିଲେ ବି, ସର୍ବଶକ୍ତିମାନ୍ ନ ହୋଇଥିଲେ ବି ଏବଂ ସମସ୍ତଙ୍କର ସ୍ୱାମୀ ନ ହୋଇଥିଲେ ବି ସେହି ମନୁଷ୍ୟ ଏକପ୍ରକାରେ ନିଶ୍ଚିନ୍ତ ନିର୍ଭୀକ ହୋଇ ନିଜକୁ ଅତ୍ୟନ୍ତ ଭାଗ୍ୟବାନ୍ ବୋଲି ବୁଝି ଆନନ୍ଦରେ ମଗ୍ନ ହୋଇଯାଏ। ପୁଣି ସର୍ବଶକ୍ତିମାନ୍, ସର୍ବଲୋକମହେଶ୍ୱର, ସର୍ବନିୟନ୍ତା, ସର୍ବାନ୍ତର୍ଯାମୀ, ସର୍ବଦର୍ଶୀ, ଅନନ୍ତ ଅଚିନ୍ତ୍ୟ ଗୁଣର ସାଗର ପରମପ୍ରେମୀ ପରମେଶ୍ୱର ଯଦି ନିଜକୁ ଆମର ସୁହୃଦ୍ ବୋଲି କହିଦେବେ ଏବଂ ଆମେ ତାହା ବିଶ୍ୱାସ କରି ନିଜକୁ ପ୍ରଭୁଙ୍କର ସୁହୃଦ୍ ବୋଲି ମାନିନେବା, ତେବେ ଆମକୁ କେତେ ଯେ ଅଲୌକିକ ଆନନ୍ଦ ଓ କେତେ ଯେ ଅପୂର୍ବ ଶାନ୍ତି ମିଳିବ, ତାହା କଳ୍ପନା କରିବ କିଏ? ଏହା ଅନୁମାନ କରିବା ବି ଜଠିନ।

ପ୍ରଶ୍ନ – ଏପରିଭାବରେ ଯେ ଭଗବାନଙ୍କୁ ସକଳ ଯଜ୍ଞ-ତପର ଭୋକ୍ତା, ସମସ୍ତ ଲୋକର ମହେଶ୍ୱର ଏବଂ ସକଳ ପ୍ରାଣୀଙ୍କର ସୁହୃଦ୍ — ଏହି ତିନୋଟିଯାକ ଲକ୍ଷଣରେ ଯୁକ୍ତ ବୋଲି ଜାଣନ୍ତି, ସେ ହିଁ ଶାନ୍ତି ପାଆନ୍ତି, ନା ଏ ଭିତରୁ ଯେକୌଣସି ଗୋଟିଏ ଲକ୍ଷଣରେ ଯୁକ୍ତ ବୋଲି ଜାଣିଥିବା ଲୋକ ବି ଶାନ୍ତି ପାଆନ୍ତି?

ଉତ୍ତର – ଭଗବାନଙ୍କୁ ଏହି ତିନୋଟି ମଧ୍ୟରୁ ଯେ କୌଣସି ଗୋଟିଏ ଲକ୍ଷଣରେ ଯୁକ୍ତ ବୋଲି ଜାଣିଗଲେ ବି ଶାନ୍ତି ମିଳେ; ତିନୋଟିଯାକ ଲକ୍ଷଣରେ ଯୁକ୍ତ ବୋଲି ବୁଝିବା ଲୋକ କଥା ଆଉ କଣ କହିବା! କାରଣ, ଯେ ପ୍ରଭୁଙ୍କୁ ଏଥିରୁ କୌଣସି ଗୋଟିଏ ଲକ୍ଷଣରେ ଯୁକ୍ତ ବୋଲି ଜାଣିପାରନ୍ତି, ସେ ଅନନ୍ୟଭାବରେ ପ୍ରଭୁଙ୍କୁ ଭଜନ ନ କରି ରହିପାରନ୍ତି ନାହିଁ। ଭଜନପ୍ରଭାବରୁ ତାଙ୍କ ଉପରେ ଭଗବତ୍‌କୃପା ବୃଷ୍ଟି ହୁଏ ଏବଂ ଭଗବତ୍-କୃପାରୁ ସେ ଅତି ଶୀଘ୍ର ଭଗବାନଙ୍କର ସ୍ୱରୂପ, ପ୍ରଭାବ, ତତ୍ତ୍ୱ ତଥା ଗୁଣମାନ ବୁଝି ପୂର୍ଣଶାନ୍ତି ପ୍ରାପ୍ତ ହୁଅନ୍ତି।

ଆହା! ମନୁଷ୍ୟ ଯେତେବେଳେ ଉପଲବ୍ଧି କରିପାରିବ ଯେ, ସକଳ ଦେବତା ଓ ମହର୍ଷିମାନଙ୍କର ପୂଜିତ ଭଗବାନ୍, ସମସ୍ତ ଯଜ୍ଞ-ତପର ଏକମାତ୍ର ଭୋକ୍ତା ଏବଂ ସକଳ ଈଶ୍ୱରଙ୍କର ତଥା ଅଖିଳ ବ୍ରହ୍ମାଣ୍ଡର ପରମ ମହେଶ୍ୱର ତା'ର ପରମପ୍ରେମୀ ବନ୍ଧୁ, ସେତେବେଳେ ସେ କେତେ ଆନନ୍ଦ, କେତେ ଶାନ୍ତି ନ ପାଇବ! ସେ ନିଶ୍ଚୟ ଅନୁଭବ କରିବ, "କାହିଁ ମୋପରି କଣେ କ୍ଷୁଦ୍ରତମ ନଗଣ୍ୟ ମନୁଷ୍ୟ ଏବଂ କାହାନ୍ତି ନିଜର ଅନନ୍ତ ଅଚିନ୍ତ୍ୟ ମହିମାରେ ନିତ୍ୟସ୍ଥିତ ମହାନ୍ ମହେଶ୍ୱର ଭଗବାନ୍! ଆହା! ମୋଠାରୁ ବଳି ଭାଗ୍ୟବାନ୍ ଆଉ କିଏ ବା ଥିବ!" ଏବଂ ସେତେବେଳେ ସେ ହୃଦୟର କେତେ କୃତଜ୍ଞତା ନେଇ, କେତେ ପବିତ୍ର ଭାବନାରେ ସିକ୍ତ ହୋଇ କେଉଁ ଆନନ୍ଦାର୍ଣ୍ଣବରେ ନିମଜ୍ଜିତ ହୋଇ ଭଗବାନଙ୍କର ପାବନ ଚରଣରେ ଚିରକାଳପାଇଁ ଲୋଟି ନ ଯିବ!!

ପ୍ରଶ୍ନ – 'ଭଗବାନ୍ ସକଳ ଯଜ୍ଞ ଓ ତପର ଭୋକ୍ତା, ସର୍ବଲୋକର ମହେଶ୍ୱର ଏବଂ ସକଳ ପ୍ରାଣୀଙ୍କର ପରମ ସୁହୃଦ୍' — ଏହା ଉପଲବ୍ଧି କରିପାରିବାର ଉପାୟ କଣ? କେଉଁ ସାଧନା ଜଳେ ମନୁଷ୍ୟ ଭଗବାନଙ୍କର ସ୍ୱରୂପ, ପ୍ରଭାବ, ତତ୍ତ୍ୱ ଓ ଗୁଣମାନଙ୍କୁ ଭଲରୂପେ ବୁଝିପାରି ତାଙ୍କର ଅନନ୍ୟ ଭକ୍ତ ହୋଇପାରିବ?

ଉତ୍ତର – ଶ୍ରଦ୍ଧା ଓ ପ୍ରେମର ସହିତ ମହାପୁରୁଷମାନଙ୍କର ସତ୍‌ସଙ୍ଗ ଜଳେ, ସତ୍‌ଶାସ୍ତ୍ର ଶ୍ରବଣ-ମନନ ଜଳେ ଏବଂ ଭଗବାନଙ୍କର ଶରଣାପନ୍ନ ହୋଇ ଅତ୍ୟନ୍ତ ଉତ୍ସୁକତାର ସହିତ ତାଙ୍କୁ ପ୍ରାର୍ଥନା କଲେ, ତାଙ୍କରି ଦୟାରୁ ମନୁଷ୍ୟ ଭଗବାନଙ୍କର ସ୍ୱରୂପ, ପ୍ରଭାବ, ତତ୍ତ୍ୱ ଏବଂ ଗୁଣମାନ ବୁଝିପାରି ତାଙ୍କର ଅନନ୍ୟ ଭକ୍ତ ହୋଇପାରେ।

ପ୍ରଶ୍ନ – ଏଠାରେ **ମାମ୍** ପଦଦ୍ୱାରା ଭଗବାନ୍ ନିଜର କେଉଁ ସ୍ୱରୂପକୁ ଦର୍ଶାଉଛନ୍ତି?

ଉତ୍ତର – ଯେଉଁ ପରମେଶ୍ୱର ଅଜ, ଅବିନାଶୀ ଓ ସକଳ ପ୍ରାଣୀଙ୍କର ମହାନ୍ ଈଶ୍ୱର ହୋଇ ମଧ୍ୟ ସେତେବେଳେ ନିଜର ପ୍ରକୃତିକୁ ସ୍ୱୀକାର କରି ଲୀଳା କରିବା ନିମନ୍ତେ ଯୋଗମାୟାଦ୍ୱାରା ସଂସାରରେ ଅବତୀର୍ଣ୍ଣ ହୁଅନ୍ତି ଏବଂ ଯେ ଶ୍ରୀକୃଷ୍ଣରୂପରେ ଅବତୀର୍ଣ୍ଣ ହୋଇ ଅର୍ଜୁନଙ୍କୁ ଉପଦେଶ ଦେଉଛନ୍ତି, ସେହି ନିର୍ଗୁଣ, ସଗୁଣ, ନିରାକାର ସାକାର ଓ ବ୍ୟକ୍ତ-ଅବ୍ୟକ୍ତସ୍ୱରୂପ, ସର୍ବରୂପ ପରବ୍ରହ୍ମ ପରମାତ୍ମା, ସର୍ବଶକ୍ତିମାନ୍, ସର୍ବବ୍ୟାପୀ, ସର୍ବାଧାର ଓ ସର୍ବଲୋକମହେଶ୍ୱର ସମଗ୍ର ପରମେଶ୍ୱରଙ୍କୁ ଲକ୍ଷ୍ୟ କରି ଭଗବାନ୍ ଏଠାରେ **ମାମ୍** ପଦ ପ୍ରୟୋଗ କରିଛନ୍ତି।

ଓଁ ତତ୍ସତିତି ଶ୍ରୀମଦ୍ଭଗବଦ୍‌ଗୀତାସୂପନିଷତ୍ସୁ
ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ କର୍ମସନ୍ନ୍ୟାସଯୋଗୋ
ନାମ ପଞ୍ଚମୋଽଧ୍ୟାୟଃ ॥ ୫ ॥

ଓଁ ଶ୍ରୀପରମାତ୍ମନେ ନମଃ

ଷଷ୍ଠୋଽଧ୍ୟାୟଃ

ଆତ୍ମସଂଯମଯୋଗ

ଅଧ୍ୟାୟର ନାମ : କର୍ମଯୋଗ ଓ ସାଂଖ୍ୟଯୋଗ ଏହି ଉଭୟ ସାଧନାରେ ଧ୍ୟାନଯୋଗ ଉପଯୋଗୀ ହେଉଥିବାରୁ ଏହି ଷଷ୍ଠ ଅଧ୍ୟାୟରେ ଧ୍ୟାନଯୋଗ ବିଷୟ ଭଲଭାବରେ ବର୍ଣ୍ଣନା କରାଯାଇଛି। ଧ୍ୟାନଯୋଗରେ ଶରୀର, ଇନ୍ଦ୍ରିୟ, ମନ ଓ ବୁଦ୍ଧି– ଏସବୁର ସଂଯମ ଏକାନ୍ତ ଆବଶ୍ୟକ। ଏ ସବୁକୁ 'ଆତ୍ମା' କୁହାଯାଏ ଓ ଏହି ଅଧ୍ୟାୟରେ ଏମାନଙ୍କ ସଂଯମ ବିଷୟରେ ବିଶେଷରୂପେ ବର୍ଣ୍ଣନା ହୋଇଛି। ତେଣୁ ଏହି ଅଧ୍ୟାୟର ନାମ 'ଆତ୍ମସଂଯମଯୋଗ' ରଖାଯାଇଛି।

ଅଧ୍ୟାୟର ସଂକ୍ଷିପ୍ତ ସାର : ଏହି ଅଧ୍ୟାୟର ପ୍ରଥମ ଶ୍ଲୋକରେ କର୍ମଯୋଗୀଙ୍କୁ ପ୍ରଶଂସା କରାଯାଇଛି। ଦ୍ୱିତୀୟରେ ସନ୍ନ୍ୟାସ ଓ କର୍ମଯୋଗର ଏକତ୍ୱ ପ୍ରତିପାଦନ କରି, ତୃତୀୟରେ କର୍ମଯୋଗସାଧନା ବର୍ଣ୍ଣିତ ହୋଇଛି। ଚତୁର୍ଥରେ ଯୋଗାରୂଢ଼ ପୁରୁଷଙ୍କ ଲକ୍ଷଣ କୁହାଯାଇଛି। ପଞ୍ଚମରେ ମନୁଷ୍ୟକୁ ଯୋଗାରୂଢ଼ ଅବସ୍ଥା ପ୍ରାପ୍ତି କରିବାକୁ ଉତ୍ସାହିତ କରି ତା'ର କର୍ତ୍ତବ୍ୟ ନିରୂପଣ କରାଯାଇଛି। ଷଷ୍ଠରେ 'ନିଜେ ହିଁ ନିଜର ମିତ୍ର ଓ ନିଜେ ହିଁ ନିଜର ଶତ୍ରୁ'– ଏହି ପୂର୍ବୋକ୍ତ କଥାର ରହସ୍ୟ ବୁଝାଇ, ସପ୍ତମରେ ଶରୀର, ମନ, ଇନ୍ଦ୍ରିୟାଦିକୁ ଜୟ କରିବାର ଫଳ କୁହାଯାଇଛି। ଅଷ୍ଟମ ଓ ନବମରେ ପରମାତ୍ମାଙ୍କୁ ପାଇଥିବା ପୁରୁଷଙ୍କ ଲକ୍ଷଣ ଓ ମହତ୍ତ୍ୱ ବର୍ଣ୍ଣିତ ହୋଇଛି। ଦଶମରେ ଧ୍ୟାନଯୋଗପାଇଁ ପ୍ରେରଣା ଦେଇ ପୁଣି ଏଗାରଠାରୁ ଚଉଦଯାଏ କ୍ରମଶଃ ସ୍ଥାନ, ଆସନ ତଥା ଧ୍ୟାନଯୋଗର ବିଧି କୁହାଯାଇଛି। ପନ୍ଦରରେ ଧ୍ୟାନଯୋଗର ଫଳ କୁହାଯାଇଛି। ଷୋହଳ ଓ ସତରରେ ଧ୍ୟାନଯୋଗପାଇଁ ଉପଯୁକ୍ତ ଆହାର-ବିହାରର ତଥା ଶୟନାଦିର ନିୟମ ଓ ସେସବୁର ଫଳ କୁହାଯାଇଛି। ଅଠରରେ ଧ୍ୟାନଯୋଗର ଅନ୍ତିମ ସ୍ଥିତି ପ୍ରାପ୍ତ ହୋଇଥିବା ପୁରୁଷଙ୍କ ଲକ୍ଷଣ କହି ଉଣେଇଶରେ ଦୀପକର ଦୃଷ୍ଟାନ୍ତ ଦେଇ ଯୋଗୀଙ୍କ ଚିତ୍ତର ସ୍ଥିତି ବର୍ଣ୍ଣନା କରାଯାଇଛି। ତା'ପରେ କୋଡ଼ିଏରୁ ବାଇଶଯାଏ ଧ୍ୟାନଯୋଗଦ୍ୱାରା ପରମାତ୍ମପ୍ରାପ୍ତ ପୁରୁଷଙ୍କ ସ୍ଥିତି ବର୍ଣ୍ଣନା କରି, ତେଇଶରେ ସେହି ସ୍ଥିତିର ନାମ 'ଯୋଗ' ବୋଲି କହିଛନ୍ତି ଏବଂ ତାହା ପାଇବାକୁ ପ୍ରେରଣା ଦେଇଛନ୍ତି। ଚବିଶ ଓ ପଚିଶରେ ଅଭେଦରୂପରେ ପରମାତ୍ମାଙ୍କ ଧ୍ୟାନଯୋଗସାଧନାର ପ୍ରଣାଳୀ ବୁଝାଇ ଛବିଶରେ ବିଷୟଭୋଗରେ ବିଚରଣ କରୁଥିବା ମନକୁ ବାରମ୍ବାର ଟାଣିଆଣି ପରମାତ୍ମାଙ୍କ ଠାରେ ଲଗାଇବାକୁ ପ୍ରେରଣା ଦିଆଯାଇଛି। ସତେଇଶ ଓ ଅଠେଇଶରେ ଧ୍ୟାନଯୋଗର ଫଳସ୍ୱରୂପ ଆତ୍ୟନ୍ତିକ ସୁଖ ମିଳେ ବୋଲି କୁହାଯାଇଛି। ଅଣତିରିଶରେ ସାଂଖ୍ୟଯୋଗୀଙ୍କ ବ୍ୟବହାରକାଳର ସ୍ଥିତି ବୁଝାଇ, ତିରିଶରେ ଭକ୍ତିଯୋଗ ସାଧନା କରୁଥିବା ଯୋଗୀଙ୍କର ଅନ୍ତିମ ସ୍ଥିତି ଓ ତାଙ୍କର ସର୍ବତ୍ର ଭଗବଦ୍‌ଦର୍ଶନ ବିଷୟ ବର୍ଣ୍ଣନା କରାଯାଇଛି। ଏକତିରିଶରେ ଭକ୍ତିଦ୍ୱାରା ଭଗବାନଙ୍କୁ ପାଇଥିବା ତଥା ବତିଶରେ ସାଂଖ୍ୟଯୋଗଦ୍ୱାରା ପରମାତ୍ମାଙ୍କୁ ପାଇଥିବା ପୁରୁଷମାନଙ୍କର ଲକ୍ଷଣ ଓ ମହତ୍ତ୍ୱ ନିରୂପଣ କରାଯାଇଛି। ତେତିଶରେ ଅର୍ଜୁନ ମନର ଚଞ୍ଚଳତାଯୋଗୁଁ ସମତ୍ୱଯୋଗରେ ସ୍ଥିରତା ରଖିପାରିବା ଅତି କଠିନ ବୋଲି କହି ଚଉତିରିଶରେ ମନନିଗ୍ରହ ମଧ୍ୟ ଅତ୍ୟନ୍ତ କଠିନ ବୋଲି କହିଛନ୍ତି। ପଞ୍ଚତିରିଶରେ ଭଗବାନ୍ ଅର୍ଜୁନଙ୍କ ମନ୍ତବ୍ୟକୁ ସ୍ୱୀକାର କରି ମନନିଗ୍ରହର ଉପାୟ କହିଛନ୍ତି। ଛତିଶରେ ମନକୁ ବଶ ନ କଲେ ଯୋଗ ଦୁଷ୍ପ୍ରାପ୍ୟ ହୁଏ ବୋଲି ବୁଝାଇଛନ୍ତି ଓ ମନକୁ ବଶ କଲେ ଯୋଗ ପ୍ରାପ୍ତ ହୁଏ ବୋଲି କହିଛନ୍ତି। ଏହା ପରେ ସଇତିରିଶ ଓ ଅଠତିରିଶ ଶ୍ଲୋକରେ ଯୋଗଭ୍ରଷ୍ଟର ଗତି ସମ୍ବନ୍ଧରେ ଅର୍ଜୁନ ପ୍ରଶ୍ନ କରିଛନ୍ତି ଓ ଉଣଚାଳିଶରେ ସଂଶୟନିବାରଣ କରନ୍ତୁ ବୋଲି ଅର୍ଜୁନ ଭଗବାନଙ୍କୁ ପ୍ରାର୍ଥନା କରିଛନ୍ତି। ତା'ପରେ ଚାଳିଶଠାରୁ ପଞ୍ଚଚାଳିଶଯାଏ ଅର୍ଜୁନଙ୍କ ପ୍ରଶ୍ନମାନଙ୍କର ଉତ୍ତରରେ ଭଗବାନ୍ କହିଛନ୍ତି, ଯୋଗଭ୍ରଷ୍ଟ ପୁରୁଷମାନଙ୍କର ଦୁର୍ଗତି ହୁଏ ନାହିଁ; ସେମାନେ ସ୍ୱର୍ଗାଦି ଲୋକକୁ ଯାଆନ୍ତି ତଥା ପବିତ୍ର ଧନବାନଙ୍କ ଗୃହରେ ଜନ୍ମ ହୁଅନ୍ତି ଏବଂ ବୈରାଗ୍ୟବାନ୍ ଯୋଗଭ୍ରଷ୍ଟମାନେ ଜ୍ଞାନବାନ୍

ଯୋଗୀମାନଙ୍କ ଗୃହରେ ଜନ୍ମ ହୁଅନ୍ତି ଓ ଅନାୟାସରେ ପୂର୍ବଦେହର ବୁଦ୍ଧିସଂଯୋଗ ପ୍ରାପ୍ତ ହୁଅନ୍ତି। ସେହିପରି ଶୁଚିମନ୍ତ ଧନିକମାନଙ୍କ ଗୃହରେ ଜନ୍ମ ଲଭିଥିବା ଯୋଗଭ୍ରଷ୍ଟମାନେ ମଧ୍ୟ ପୂର୍ବାଭ୍ୟାସବଳରେ ଭଗବାନଙ୍କ ପ୍ରତି ଆକର୍ଷିତ ହୁଅନ୍ତି ବୋଲି କହିଛନ୍ତି। ପୁଣି ଯୋଗସମ୍ବନ୍ଧୀୟ ଜିଜ୍ଞାସାର ମହତ୍ତ୍ୱ ଓ ଶେଷରେ ଯୋଗୀମାନଙ୍କ କୁଳରେ ଜନ୍ମିଥିବା ଯୋଗଭ୍ରଷ୍ଟଙ୍କ ପରମଗତିପ୍ରାପ୍ତି ବିଷୟ ବର୍ଣ୍ଣନା କରିଛନ୍ତି। ଏହା ପରେ ଛୟାଳିଶରେ ଯୋଗୀଙ୍କ ମହିମା ବର୍ଣ୍ଣନା କରି ଅର୍ଜୁନଙ୍କୁ ଯୋଗୀ ହେବାକୁ ଭଗବାନ୍ ଆଜ୍ଞା ଦେଇଛନ୍ତି ଓ ସତଚାଳିଶରେ ସକଳ ଯୋଗୀଙ୍କ ମଧ୍ୟରୁ ଅନନ୍ୟ ପ୍ରେମରେ ଶ୍ରଦ୍ଧାପୂର୍ବକ ଭଗବାନଙ୍କୁ ଭଜୁଥିବା ଯୋଗୀଙ୍କ ପ୍ରଶଂସା କରି ଅଧ୍ୟାୟର ଉପସଂହାର କରିଛନ୍ତି।

ସମ୍ବନ୍ଧ — ପଞ୍ଚମ ଅଧ୍ୟାୟର ଆରମ୍ଭରେ ଅର୍ଜୁନ କର୍ମସନ୍ନ୍ୟାସ (ସାଂଖ୍ୟଯୋଗ) ଓ କର୍ମଯୋଗ — ଏହି ଦୁଇଟି ମଧ୍ୟରୁ କେଉଁ ସାଧନାଟି ତାଙ୍କ ପାଇଁ ସୁନିଶ୍ଚିତ କଲ୍ୟାଣପ୍ରଦ, ତାହା ବୁଝାଇଦେବାକୁ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ। ଏ ବିଷୟରେ ଭଗବାନ୍ ଉଭୟ ସାଧନା କଲ୍ୟାଣପ୍ରଦ ବୋଲି କହିଲେ ଓ ଉଭୟ ସମାନ ଫଳଦାୟୀ ହୋଇଥିଲେ ମଧ୍ୟ ସାଧନାରେ ସୁଗମତାଦୃଷ୍ଟିରୁ କର୍ମସନ୍ନ୍ୟାସ ଅପେକ୍ଷା କର୍ମଯୋଗର ଶ୍ରେଷ୍ଠତା ପ୍ରତିପାଦନ କଲେ। ତା'ପରେ ଉଭୟ ସାଧନାର ସ୍ୱରୂପ, ବିଧି ଓ ଫଳ ଭଲରୂପେ ନିରୂପଣ କରି ଧ୍ୟାନଯୋଗକୁ ଉଭୟ ଯୋଗପାଇଁ ଅତ୍ୟନ୍ତ ଉପଯୋଗୀ ଏବଂ ପରମାତ୍ମାଙ୍କ ପ୍ରାପ୍ତିର ପ୍ରଧାନ ଉପାୟ ବୋଲି ବୁଝାଇ ସଂକ୍ଷେପରେ ଧ୍ୟାନଯୋଗ ମଧ୍ୟ ବର୍ଣ୍ଣନା କଲେ। କିନ୍ତୁ ଏ ଦୁଇଟି ମଧ୍ୟରୁ କେଉଁ ସାଧନାଟି କରିବା ଉଚିତ, ତାହା ଅର୍ଜୁନଙ୍କୁ ସ୍ପଷ୍ଟଭାବରେ ଆଜ୍ଞା ଦେଇ ନାହାନ୍ତି ଓ ଅଙ୍ଗ-ପ୍ରତ୍ୟଙ୍ଗସହ ଧ୍ୟାନଯୋଗର ବିସ୍ତୃତ ବର୍ଣ୍ଣନା ଜରି ନାହାନ୍ତି। ତେଣୁ ବର୍ତ୍ତମାନ ଅଙ୍ଗସହିତ ଧ୍ୟାନଯୋଗର ବିସ୍ତୃତ ବର୍ଣ୍ଣନା କରିବାକୁ ଷଷ୍ଠ ଅଧ୍ୟାୟ ଆରମ୍ଭ କରୁଛନ୍ତି ଓ ସର୍ବପ୍ରଥମେ ଅର୍ଜୁନଙ୍କୁ ଉତ୍ତିଯୁକ୍ତ କର୍ମଯୋଗରେ ପ୍ରବୃତ୍ତ କରାଇବାପାଇଁ କର୍ମଯୋଗର ପ୍ରଶଂସା କରି ପ୍ରକରଣ ଆରମ୍ଭ କରୁଛନ୍ତି —

ଶ୍ରୀଭଗବାନୁବାଚ

ଅନାଶ୍ରିତଃ କର୍ମଫଳଂ କାର୍ଯଂ କର୍ମ କରୋତି ଯଃ ।
ସ ସଂନ୍ୟାସୀ ଚ ଯୋଗୀ ଚ ନ ନିରଗ୍ନିର୍ ଚାକ୍ରିୟଃ ॥ ୧ ॥

ଅନ୍ୱୟ — ଯଃ = ଯେଉଁ ପୁରୁଷ; କର୍ମଫଳମ୍ = କର୍ମଫଳକୁ; ଅନାଶ୍ରିତଃ = ଆଶ୍ରୟ ନ କରି; କାର୍ଯ୍ୟମ୍ = କରିବାଯୋଗ୍ୟ; କର୍ମ = କର୍ମ; କରୋତି = କରେ; ସଃ = ସେ; ସଂନ୍ୟାସୀ = ସନ୍ନ୍ୟାସୀ; ଚ = ତଥା; ଯୋଗୀ = ଯୋଗୀ; ଚ = ଓ; ନିରଗ୍ନିଃ = କେବଳ ଅଗ୍ନି ତ୍ୟାଗ କରିଥିବା ଲୋକ; ନ = (ସନ୍ନ୍ୟାସୀ) ନୁହେଁ; ଚ = ତଥା; ଅକ୍ରିୟଃ = କେବଳ କ୍ରିୟା ତ୍ୟାଗ କରିଥିବା; ନ = (ଯୋଗୀ) ନୁହେଁ।

ଶ୍ରୀଭଗବାନ୍ କହିଲେ — ଯେଉଁ ପୁରୁଷ କର୍ମଫଳକୁ ଆଶ୍ରୟ ନ କରି କର୍ତ୍ତବ୍ୟ କର୍ମ କରନ୍ତି, ସେ ସନ୍ନ୍ୟାସୀ ତଥା ଯୋଗୀ ଅଟନ୍ତି। କେବଳ ଅଗ୍ନି ତ୍ୟାଗ କରିଥିବା ମନୁଷ୍ୟ ସନ୍ନ୍ୟାସୀ ନୁହେଁ, କି କେବଳ କ୍ରିୟା ତ୍ୟାଗ କରିଥିବା ମନୁଷ୍ୟ ଯୋଗୀ ନୁହେଁ ॥ ୧ ॥

ପ୍ରଶ୍ନ — ଏଠାରେ କର୍ମଫଳର ଆଶ୍ରୟ ତ୍ୟାଗ କରିବା କଥା କୁହାଚଲା; କିନ୍ତୁ ଆସକ୍ତି ତ୍ୟାଗର କୌଣସି କଥା ଏଥିରେ ଆସି ନାହିଁ। ଏହାର କାରଣ କଣ ?

ଉତ୍ତର — ଯେଉଁ ପୁରୁଷର ଭୋଗରେ ବା କର୍ମରେ ଆସକ୍ତି ଥାଏ, ସେ ସର୍ବଥା କର୍ମଫଳର ଆଶ୍ରୟ ତ୍ୟାଗ କରିପାରେ ନାହିଁ। ଆସକ୍ତି ଥିବାରୁ ସ୍ୱଭାବତଃ କର୍ମଫଳପାଇଁ କାମନା ହୁଏ। ଅତଏବ ଯେ କର୍ମଫଳର ଆଶ୍ରୟ ତ୍ୟାଗ କରିଛନ୍ତି, ସେ ଆସକ୍ତି ମଧ୍ୟ ତ୍ୟାଗ କରିଛନ୍ତି ବୋଲି ବୁଝିବା ଉଚିତ। ପ୍ରତ୍ୟେକ ସ୍ଥାନରେ ସବୁ ଶବ୍ଦର ପ୍ରୟୋଗ କରାଯାଏ ନାହିଁ। ଏପରି ସ୍ଥଳରେ ସେହି ବିଷୟରେ ଅନ୍ୟତ୍ର କୁହାଯାଇଥିବା କଥା ଅଧ୍ୟାହାର କରିନେବା ଉଚିତ। ଯେଉଁଠି ଫଳତ୍ୟାଗ କଥା କୁହାଯାଇଛି ଅଥଚ

ଅଥଚ ଆସକ୍ତିତ୍ୟାଗର ଚର୍ଚ୍ଚା ହୋଇ ନାହିଁ (୨/୫୧, ୧୮/୧୧), ସେଠାରେ ଆସକ୍ତିତ୍ୟାଗ କଥା ମଧ୍ୟ ରହିଛି ବୋଲି ବୁଝିବା ଉଚିତ। ଏପରିଭାବରେ ଯେଉଁଠି ଆସକ୍ତିତ୍ୟାଗ କଥା କୁହାଯାଇଛି; କିନ୍ତୁ ଫଳତ୍ୟାଗ କଥା କୁହାଯାଇ ନାହିଁ (୩/୧୯, ୬/୪), ସେଠାରେ ଫଳତ୍ୟାଗ କଥା ମଧ୍ୟ ରହିଛି ବୋଲି ବୁଝିବା ଉଚିତ।

ପ୍ରଶ୍ନ – କର୍ମଫଳର ଆଶ୍ରୟ ତ୍ୟାଗ କରିବା ଅର୍ଥ କଣ ?

ଉତ୍ତର – ଇହଲୋକର ସ୍ତ୍ରୀ, ପୁତ୍ର, ଧନ ମାନ ଓ ବଡ଼ିମା ଆଦି ଏବଂ ପରଲୋକର ସ୍ୱର୍ଗସୁଖାଦି ଯେତେ ବି ଭୋଗ ରହିଛି, ସେସବୁକୁ 'କର୍ମଫଳ' ବୋଲି ଧରିନେବା ଉଚିତ। ସାଧାରଣ ମନୁଷ୍ୟ ଯାହା କିଛି ବି କର୍ମ କରେ, କୌଣସି ନା କୌଣସି ଫଳକୁ ଆଶ୍ରୟ କରି ହିଁ କରେ। ତେଣୁ ତା'ର କର୍ମ ତାହାକୁ ବାରମ୍ବାର ଜନ୍ମମରଣର ଚକ୍ରରେ ପକାଏ। ଅତଏବ ଇହଲୋକ ଓ ପରଲୋକର ସମସ୍ତ ଭୋଗ ଅନିତ୍ୟ, କ୍ଷଣଭଙ୍ଗୁର ଓ ଦୁଃଖର କାରଣ ବୋଲି ବୁଝି, ସମସ୍ତ କର୍ମରେ ମମତ୍ୱ, ଆସକ୍ତି ଓ ଫଳେଚ୍ଛା ସଂପୂର୍ଣ୍ଣରୂପେ ତ୍ୟାଗ କରିଦେବା ହିଁ କର୍ମଫଳର ଆଶ୍ରୟ ତ୍ୟାଗ କରିବା।

ପ୍ରଶ୍ନ – କରିବାଯୋଗ୍ୟ କର୍ମ କଣ ଓ ତାହା କିପରି କରିବା ଉଚିତ ?

ଉତ୍ତର – ନିଜ ନିଜର ବର୍ଣ୍ଣାଶ୍ରମ ଅନୁସାରେ ଯେତେ ବି ଶାସ୍ତ୍ରବିହିତ ନିତ୍ୟ-ନୈମିତ୍ତିକ ଯଜ୍ଞ, ଦାନ, ତପ, ଶରୀରନିର୍ବାହସମ୍ବନ୍ଧୀ ତଥା ଲୋକସେବା ଆଦିପାଇଁ କରାଯାଉଥିବା ଶୁଭକର୍ମ ରହିଛି, ସେସବୁ ହେଉଛି କରିବାଯୋଗ୍ୟ କର୍ମ। ଆଳସ୍ୟ ତ୍ୟାଗ କରି ଯଥାବିଧି ତଥା ଯଥାଯୋଗ୍ୟ ନିଜର ଶକ୍ତି ଅନୁସାରେ କର୍ତ୍ତବ୍ୟ ବୋଲି ଭାବି ଉତ୍ସାହପୂର୍ବକ ସେସବୁ ସର୍ଚ୍ଚଦା କରିବା ଉଚିତ।

ପ୍ରଶ୍ନ – ଉପରୋକ୍ତ ପୁରୁଷ ସନ୍ନ୍ୟାସୀ ମଧ୍ୟ ଅଟନ୍ତି ଓ ଯୋଗୀ ମଧ୍ୟ ଅଟନ୍ତି – ଏ କଥାର ଭାବ କଣ ?

ଉତ୍ତର – ଏହାଦ୍ୱାରା ଭଗବାନ୍ ଦେଖାଇଛନ୍ତି ଯେ, ଏପରି କର୍ମଯୋଗୀ-ପୁରୁଷ ସମସ୍ତ ସଂକଳ୍ପ ତ୍ୟାଗ କରିଥାନ୍ତି ଓ ସେହି ଯଥାର୍ଥ ଜ୍ଞାନ ପାଇଯା'ନ୍ତି, ଯାହା କି ସାଂଖ୍ୟଯୋଗ ଓ କର୍ମଯୋଗ ଉଭୟ ନିଷ୍ଠାର ଚରମଫଳ ଅଟେ। ଏଣୁ ସେ 'ସନ୍ନ୍ୟାସିତ୍ୱ' ଓ 'ଯୋଗିତ୍ୱ' ଉଭୟଗୁଣଯୁକ୍ତ ବୋଲି ସ୍ୱୀକାର କରାଯାଏ।

ପ୍ରଶ୍ନ – **ନ ନିରଗ୍ନିଃ**ର ଭାବ କଣ ?

ଉତ୍ତର – ଅଗ୍ନି ତ୍ୟାଗ କରି ସନ୍ନ୍ୟାସ ଆଶ୍ରମ ଗ୍ରହଣ କରିଥିବା ପୁରୁଷଙ୍କୁ **ନିରଗ୍ନି** କହନ୍ତି। ଏଠାରେ **ନ ନିରଗ୍ନିଃ** କହି ଭଗବାନ୍ ଦେଖାଉଛନ୍ତି ଯେ, ଯେ ଅଗ୍ନି ତ୍ୟାଗ କରି ସନ୍ନ୍ୟାସ-ଆଶ୍ରମ ଗ୍ରହଣ କରିଛନ୍ତି ଅଥଚ ଜ୍ଞାନଯୋଗ (ସାଂଖ୍ୟଯୋଗ)ର ଲକ୍ଷଣଯୁକ୍ତ ନୁହନ୍ତି, ସେ ପ୍ରକୃତରେ ସନ୍ନ୍ୟାସୀ ନୁହନ୍ତି, କାରଣ ସେ କେବଳ ଅଗ୍ନିକୁ ତ୍ୟାଗ କରିଛନ୍ତି, କିନ୍ତୁ ସମସ୍ତ କ୍ରିୟାରେ କର୍ତ୍ତାପଣର ଅଭିମାନ ତଥା ମମତ୍ୱ, ଆସକ୍ତି ଓ ଦେହାଭିମାନ ତ୍ୟାଗ କରି ନାହାନ୍ତି।

ପ୍ରଶ୍ନ – **ନ ଚ ଅକ୍ରିୟଃ**ର ଭାବ କଣ ?

ଉତ୍ତର – ସମସ୍ତ କ୍ରିୟା ସର୍ବଥା ତ୍ୟାଗ କରି 'ଧ୍ୟାନସ୍ଥ' ହୋଇଯିବା ପୁରୁଷକୁ **ଅକ୍ରିୟ** କହନ୍ତି। ଏଠାରେ **ନ ଚ ଅକ୍ରିୟଃ**ଦ୍ୱାରା ଭଗବାନ୍ ଦେଖାଇଛନ୍ତି ଯେ, ଯେ ସମସ୍ତ କ୍ରିୟା ତ୍ୟାଗ କରି ଧ୍ୟାନ ଲଗାଇ ବସିଛି ଅଥଚ ଅନ୍ତଃକରଣରେ ଅହଂତ୍ୱ, ମମତ୍ୱ, ରାଗ, ଦ୍ୱେଷ, କାମନା ଆଦି ଦୋଷ ରଖିଛି, ସେ ପ୍ରକୃତରେ ଯୋଗୀ ନୁହେଁ, କାରଣ ସେ କେବଳ ବାହାରର କ୍ରିୟା ତ୍ୟାଗ କରିଛି; ମମତ୍ୱ, ଅଭିମାନ, ଆସକ୍ତି, କାମନା ଓ କ୍ରୋଧ ଆଦି ତ୍ୟାଗ କରି ନାହିଁ।

ପ୍ରଶ୍ନ – ଯେଉଁ ପୁରୁଷ ସର୍ବଥା ଅଗ୍ନି ତ୍ୟାଗ କରି ସନ୍ନ୍ୟାସ-ଆଶ୍ରମ ଗ୍ରହଣ କରିନେଇଛନ୍ତି ଓ ଯାହାଙ୍କ ଠାରେ ଜ୍ଞାନଯୋଗ (ସାଂଖ୍ୟଯୋଗ)ର ସମସ୍ତ ଲକ୍ଷଣ (୫/୮,୯,୧୩,୨୪,୨୫,୨୬) ଭଲଭାବେ ପ୍ରକଟ ହୋଇଛି, ସେ କଣ ସନ୍ନ୍ୟାସୀ ନୁହନ୍ତି ?

ଉତ୍ତର – କାହିଁକି ନୁହନ୍ତି ? ଏପରି ମହାପୁରୁଷ ତ ଆଦର୍ଶ ସନ୍ନ୍ୟାସୀ। ଏହିପରି ସନ୍ନ୍ୟାସୀ ମହାତ୍ମାମାନଙ୍କର ମହତ୍ତ୍ୱ ପ୍ରକଟ କରିବାକୁ ହିଁ ଜ୍ଞାନଯୋଗର ଲକ୍ଷଣମାନ ଯେଉଁମାନଙ୍କ ଠାରେ ବିକଶିତ ହୁଏ, ଅନ୍ୟ ଆଶ୍ରମର ସେହିପରି ଲୋକଙ୍କୁ ମଧ୍ୟ ସନ୍ନ୍ୟାସୀ କହି ସେମାନଙ୍କର ପ୍ରଶଂସା କରାଯାଇଛି। ଏହାଛଡ଼ା ସେମାନଙ୍କୁ ସନ୍ନ୍ୟାସୀ କହିବାର ମହତ୍ତ୍ୱ ଆଉ କଣ ହୋଇପାରେ ?

ପ୍ରଶ୍ନ – ଏହିପରି ସମସ୍ତ କ୍ରିୟା ତ୍ୟାଗ କରି ଯେଉଁ ପୁରୁଷ ନିରନ୍ତର ଧ୍ୟାନସ୍ଥ ରହନ୍ତି ତଥା ଯାହାଙ୍କର ଅନ୍ତଃକରଣରୁ ମମତ୍ୱ, ରାଗ, ଦ୍ୱେଷ ଓ କାମ-କ୍ରୋଧାଦିର ସର୍ବଥା ଅଭାବ ହୋଇଯାଇଥାଏ, ସେହି ସର୍ବସଂକଳ୍ପତ୍ୟାଗୀ ସନ୍ନ୍ୟାସୀ ମଧ୍ୟ କଣ ଯୋଗୀ ନୁହନ୍ତି ?

ଉତ୍ତର – ଏପରି ସର୍ବସଂକଳ୍ପ-ତ୍ୟାଗୀ ମହାତ୍ମା ହିଁ ତ ଆଦର୍ଶ ଯୋଗୀ।

ସମ୍ବନ୍ଧ – *ପ୍ରଥମ ଶ୍ଲୋକରେ ଭଗବାନ୍ କର୍ମଫଳର ଆଶ୍ରୟ ନ ନେଇ କର୍ମ କରୁଥିବା ମନୁଷ୍ୟକୁ ସନ୍ନ୍ୟାସୀ ଓ ଯୋଗୀ ବୋଲି କହିଲେ। ତା'ଉପରେ ଶଙ୍କା ହୋଇପାରେ: ଯଦି ସନ୍ନ୍ୟାସ ଓ ଯୋଗ ଦୁଇଟି ଭିନ୍ନ ଭିନ୍ନ ଥିଟି, ତେବେ ଉପରୋକ୍ତ ସାଧକ କିପରି ଉଭୟରେ ସମ୍ପନ୍ନ ହୋଇପାରନ୍ତି? ଏଣୁ ଏହି ଶଙ୍କା ସମାଧାନ କରିବାକୁ ଦ୍ୱିତୀୟ ଶ୍ଲୋକରେ ସନ୍ନ୍ୟାସ ଓ ଯୋଗର ଏକତ୍ୱ ପ୍ରତିପାଦନ କରୁଛନ୍ତି–*

ଯଂ ସଂନ୍ୟାସମିତି ପ୍ରାହୁର୍ଯୋଗଂ ତଂ ବିଦ୍ଧି ପାଣ୍ଡବ।
ନ ହ୍ୟସଂନ୍ୟସ୍ତସଂକଳ୍ପୋ ଯୋଗୀ ଭବତି କଶ୍ଚନ॥ ୨ ॥

ଅନ୍ୱୟ – **ପାଣ୍ଡବ** = ହେ ଅର୍ଜୁନ; **ଯମ୍** = ଯାହାକୁ; **ସଂନ୍ୟାସମ୍** = ସନ୍ନ୍ୟାସ; **ଇତି** = ବୋଲି; **ପ୍ରାହୁଃ** = କହନ୍ତି; **ତମ୍** = ତାହାକୁ (ତୁମେ); **ଯୋଗମ୍** = ଯୋଗ; **ବିଦ୍ଧି** = ବୋଲି ଜାଣ; **ହି** = କାରଣ; **ଅସଂନ୍ୟସ୍ତସଂକଳ୍ପଃ** = ସଂକଳ୍ପ ତ୍ୟାଗ କରି ନ ଥିବା; **କଶ୍ଚନ** = କୌଣସି ବି ପୁରୁଷ; **ଯୋଗୀ** = ଯୋଗୀ; **ନ ଭବତି** = ହୁଏ ନାହିଁ।

ହେ ଅର୍ଜୁନ! ଯାହାକୁ ସନ୍ନ୍ୟାସ ବୋଲି କହନ୍ତି, ତାହାକୁ ହିଁ ତୁମେ ଯୋଗ ବୋଲି ଜାଣ, କାରଣ ସଂକଳ୍ପ ତ୍ୟାଗ କରି ନ ଥିବା କୌଣସି ବି ପୁରୁଷ ଯୋଗୀ ହୁଏ ନାହିଁ॥ ୨ ॥

ପ୍ରଶ୍ନ – 'ଯାହାକୁ ସନ୍ନ୍ୟାସ କହନ୍ତି, ତାହାକୁ ହିଁ ତୁମେ ଯୋଗ ବୋଲି ଜାଣ'– ଏ କଥାର ଅଭିପ୍ରାୟ କଣ?

ଉତ୍ତର – ଏଠାରେ 'ସନ୍ନ୍ୟାସ' ଶବ୍ଦର ଅର୍ଥ ହେଉଛି ଶରୀର, ଇନ୍ଦ୍ରିୟ ଓ ମନଦ୍ୱାରା ହେଉଥିବା ସମସ୍ତ କ୍ରିୟାରେ କର୍ତ୍ତାପଣ ତ୍ୟାଗ କରି କେବଳ ପରମାତ୍ମାଙ୍କ ଠାରେ ହିଁ ଅଭିନ୍ନଭାବରେ ସ୍ଥିତ ହୋଇଯିବା। ଏହା ହେଉଛି ସାଂଖ୍ୟଯୋଗର ପରାକାଷ୍ଠା। ତଥା 'ଯୋଗ' ଶବ୍ଦର ଅର୍ଥ ହେଉଛି ମମତ୍ୱ, ଆସକ୍ତି ଓ କାମନା-ତ୍ୟାଗଦ୍ୱାରା ହେଉଥିବା 'କର୍ମଯୋଗ'ର ପରାକାଷ୍ଠାରୂପୀ ନୈଷ୍କର୍ମ୍ୟସିଦ୍ଧି। ଉଭୟରେ ସଂକଳ୍ପମାନଙ୍କର ସର୍ବଥା ଅଭାବ ହୋଇଯାଏ ଏବଂ ସାଂଖ୍ୟଯୋଗୀ ଯେଉଁ ପରବ୍ରହ୍ମ ପରମାତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି, କର୍ମଯୋଗୀ ମଧ୍ୟ ତାହାଙ୍କୁ ପ୍ରାପ୍ତ ହୁଅନ୍ତି। ଏହିପ୍ରକାରେ ଉଭୟରେ ସମସ୍ତ ସଂକଳ୍ପର ତ୍ୟାଗ ରହିଛି ଓ ଉଭୟର ଫଳ ଗୋଟିଏ। ଏଥିପାଇଁ ଏପରି କୁହାଯାଇଛି।

ପ୍ରଶ୍ନ – ଏଠାରେ **ସଂକଳ୍ପ** ଅର୍ଥ କଣ ଓ ତା'ର 'ସନ୍ନ୍ୟାସ' କଣ?

ଉତ୍ତର – ମମତ୍ୱ ଓ ରାଗ-ଦ୍ୱେଷଯୁକ୍ତ ସାଂସାରିକ ବସ୍ତୁର ଚିନ୍ତନ କରୁଥିବା ଯେଉଁ ଅନ୍ତଃକରଣବୃତ୍ତି ରହିଛି, ତାହାକୁ **ସଂକଳ୍ପ** କହନ୍ତି। ଏହି ସଂକଳ୍ପବୃତ୍ତିର ସର୍ବଥା ତ୍ୟାଗ କରିଦେବା ହିଁ ତାହାର **ସନ୍ନ୍ୟାସ**।

ପ୍ରଶ୍ନ – 'ସଂକଳ୍ପ ତ୍ୟାଗ କରି ନ ଥିବା କୌଣସି ପୁରୁଷ ଯୋଗୀ ହୁଏ ନାହିଁ'– ଏ କଥାର ଅଭିପ୍ରାୟ କଣ?

ଉତ୍ତର – ସଂକଳ୍ପକୁ ସଂପୂର୍ଣ୍ଣରୂପେ ତ୍ୟାଗ ନ କଲେ ପରମାତ୍ମାଙ୍କ ସହିତ ଚିରର ପୂର୍ଣ୍ଣ ସଂଯୋଗ ହୁଏ ନାହିଁ। ଏଣୁ ସଂକଳ୍ପତ୍ୟାଗ ସମସ୍ତଙ୍କ ପାଇଁ ଆବଶ୍ୟକ। କେହି କେହି ସାଧକ ଏକାନ୍ତରେ ଆସନ-ପ୍ରାଣାୟାମ ଆଦିଦ୍ୱାରା ପରମାତ୍ମାଙ୍କ ଧ୍ୟାନ ଅଭ୍ୟାସ କରନ୍ତି, ଅନ୍ୟ କେହି କେହି ସାଧକ ନିଷ୍କାମଭାବରେ ସଦାସର୍ବଦା କେବଳ ଭଗବାନଙ୍କ ପାଇଁ ହିଁ ଭଗବଦାଜ୍ଞାନୁସାରେ କର୍ମ କରିବାକୁ ଚେଷ୍ଟା କରନ୍ତି ଏବଂ ତୃତୀୟପ୍ରକାର କେହି କେହି ସାଧକ ସମୟେ ସମୟେ ଧ୍ୟାନ ବି ଅଭ୍ୟାସ କରନ୍ତି ଓ ନିଷ୍କାମଭାବରେ କର୍ମ ମଧ୍ୟ କରନ୍ତି। ଏମାନଙ୍କ ମଧ୍ୟରୁ ଯେକୌଣସିପ୍ରକାର ସାଧକ ହୁଅନ୍ତୁ ନା କାହିଁକି, ଯେପର୍ଯ୍ୟନ୍ତ ସର୍ବଥା ସଂକଳ୍ପତ୍ୟାଗ କରି ନାହାନ୍ତି, ସେପର୍ଯ୍ୟନ୍ତ ତାହାଙ୍କୁ ଯୋଗାରୂଢ଼ ବା ଯୋଗୀ କୁହାଯାଇପାରିବ ନାହିଁ। ସମସ୍ତ କର୍ମରେ ଓ ବିଷୟରେ ଆସକ୍ତିଶୂନ୍ୟ ହୋଇ ସମସ୍ତ ସଂକଳ୍ପ ତ୍ୟାଗ କରିସାରିଲେ ସାଧକ ଯୋଗାରୂଢ଼ ହୁଅନ୍ତି।

ସାଂଖ୍ୟଯୋଗୀ ମଧ୍ୟ ସେତେବେଳେ ପ୍ରକୃତ ସନ୍ନ୍ୟାସୀ ହେବେ, ଯେତେବେଳେ ତାଙ୍କର ଚିତ୍ତରେ କିଛି ବି ସଂକଳ୍ପ ରହିବ ନାହିଁ। ଏଣୁ ଶ୍ଲୋକର ପୂର୍ବାର୍ଦ୍ଧରେ ଉଭୟଙ୍କୁ ଏକ ଢୋଲି ବୁଝିବାକୁ କୁହାଯାଉଛି।

ସମ୍ବନ୍ଧ – *କର୍ମଯୋଗର ପ୍ରଶଂସା କରି ବର୍ତ୍ତମାନ ତା'ର ସାଧନାଦିଷ୍ଟୟ କହୁଛନ୍ତି–*

ଆରୁରୁକ୍ଷୋର୍ମୁନେର୍ଯୋଗଂ କର୍ମ କାରଣମୁଚ୍ୟତେ ।
ଯୋଗାରୂଢ଼ସ୍ୟ ତସ୍ୟୈବ ଶମଃ କାରଣମୁଚ୍ୟତେ ।। ୩ ।।

ଅନ୍ୱୟ – **ଯୋଗମ୍** = ଯୋଗରେ; **ଆରୁରୁକ୍ଷୋଃ** = ଆରୂଢ଼ ହେବାକୁ ଇଚ୍ଛୁକ; **ମୁନେଃ** = ମନନଶୀଳ ପୁରୁଷଙ୍କ ନିମନ୍ତେ; **କର୍ମ** = ନିଷ୍କାମଭାବରେ କର୍ମ କରିବା ହିଁ; **କାରଣମ୍** = ଯୋଗପ୍ରାପ୍ତିର ହେତୁ; **ଉଚ୍ୟତେ** = ବୋଲି କୁହାଯାଏ; **ତସ୍ୟ, ଯୋଗାରୂଢ଼ସ୍ୟ** = (ଯୋଗାରୂଢ଼ ହୋଇଯିବା ପରେ) ସେହି ଯୋଗାରୂଢ଼ ପୁରୁଷଙ୍କର; **ଶମଃ** = ସର୍ବସଂକଳ୍ପ-ଶୂନ୍ୟତା; **ଏବ** = ହିଁ; **କାରଣମ୍** = (ତାଙ୍କ କଲ୍ୟାଣର) କାରଣ; **ଉଚ୍ୟତେ** = ବୋଲି କୁହାଯାଏ ।

ଯୋଗାରୂଢ଼ ହେବାକୁ ଇଚ୍ଛୁକ ମନନଶୀଳ ପୁରୁଷଙ୍କ ନିମନ୍ତେ ନିଷ୍କାମଭାବରେ କର୍ମ କରିବା ହିଁ ଯୋଗପ୍ରାପ୍ତିର ହେତୁ ବୋଲି କୁହାଯାଏ ଏବଂ ଯୋଗାରୂଢ଼ ହୋଇଯିବା ପରେ ସେହି ଯୋଗାରୂଢ଼ ପୁରୁଷଙ୍କର ସର୍ବସଂକଳ୍ପଶୂନ୍ୟତା ହିଁ ତାଙ୍କ କଲ୍ୟାଣର କାରଣ ବୋଲି କୁହାଯାଏ ।। ୩ ।।

ପ୍ରଶ୍ନ – ଏଠାରେ **ମୁନେଃ** ପଦରେ କେଉଁ ପୁରୁଷଙ୍କୁ ଗ୍ରହଣ କରିବା ଉଚିତ ?

ଉତ୍ତର – **ମୁନେଃ** ପଦ ଏଠାରେ ସେହି ପୁରୁଷଙ୍କ ପାଇଁ ବିଶେଷଣରୂପରେ ଆସିଛି, ଯେ କି ପରମାତ୍ମପ୍ରାପ୍ତିରେ କାରଣରୂପୀ ଯୋଗାରୂଢ଼-ଅବସ୍ଥା ପ୍ରାପ୍ତ ହେବାକୁ ଚାହାଁନ୍ତି । ଅତଏବ **ମୁନେଃ**ର ଅର୍ଥ ସ୍ୱଭାବତଃ ପରମାତ୍ମାଙ୍କ ସ୍ୱରୂପକୁ ଚିନ୍ତନ କରୁଥିବା ମନନଶୀଳ ସାଧକ ବୋଲି ଗ୍ରହଣ କରିବା ଉଚିତ ।

ପ୍ରଶ୍ନ – ଯୋଗାରୂଢ଼-ଅବସ୍ଥାପ୍ରାପ୍ତିରେ କେଉଁ କର୍ମ ହେତୁ ଅଟେ ?

ଉତ୍ତର – ବର୍ଣ, ଆଶ୍ରମ ଓ ନିଜର ସ୍ଥିତିର ଅନୁକୂଳ ହୋଇ ଯେତେ ବି ଶାସ୍ତ୍ରବିହିତ କର୍ମ ରହିଛି, ଫଳ ଓ ଆସକ୍ତି ତ୍ୟାଗ କରି ତାହା କରିବାଦ୍ୱାରା ସେସବୁ ଯୋଗାରୂଢ଼ ଅବସ୍ଥା ପ୍ରାପ୍ତିରେ ହେତୁ ହୋଇପାରନ୍ତି ।

ପ୍ରଶ୍ନ – ଯୋଗାରୂଢ଼-ଅବସ୍ଥାପ୍ରାପ୍ତିରେ କର୍ମକୁ କାରଣ ବୋଲି କାହିଁକି କହିଲେ ? କର୍ମ ତ୍ୟାଗ କରି ଏକାନ୍ତରେ ଧ୍ୟାନ ଅଭ୍ୟାସ କରିବାଦ୍ୱାରା ମଧ୍ୟ ଯୋଗାରୂଢ଼ାବସ୍ଥା ପ୍ରାପ୍ତ ହୋଇପାରେ କି ?

ଉତ୍ତର – ଏକାନ୍ତରେ ପରମାତ୍ମାଙ୍କ ଧ୍ୟାନ ଅଭ୍ୟାସ କରିବା ମଧ୍ୟ ତ ଏକପ୍ରକାର କର୍ମ ହିଁ ଅଟେ ଓ ଏହିପ୍ରକାରେ ଧ୍ୟାନ ଅଭ୍ୟାସ କରୁଥିବା ସାଧକଙ୍କୁ ମଧ୍ୟ ଶୌଚ, ସ୍ନାନ ତଥା ଖାଇବାପିଇବା ଆଦି ଶରୀରନିର୍ବାହଯୋଗ୍ୟ କ୍ରିୟା କରିବାକୁ ହିଁ ପଡ଼େ । ତେଣୁ ନିଜର ବର୍ଣ, ଆଶ୍ରମ, ଅଧିକାର ଓ ସ୍ଥିତିର ଅନୁକୂଳ ଯେଉଁ ସମୟରେ ଯେଉଁ କର୍ତ୍ତବ୍ୟ କର୍ମ କରିବା କଥା, ଫଳ ଓ ଆସକ୍ତି ତ୍ୟାଗ କରି ତାହା ଆଚରଣ କରିବା ଯୋଗାରୂଢ଼ଅବସ୍ଥାପ୍ରାପ୍ତିର କାରଣ ହୋଇଥାଏ । ତେଣୁ ତୃତୀୟ ଅଧ୍ୟାୟର ଚତୁର୍ଥ ଶ୍ଲୋକରେ ମଧ୍ୟ କୁହାଯାଇଛି ଯେ, କର୍ମାଚରଣ ନ କଲେ, ମନୁଷ୍ୟ ନୈଷ୍କର୍ମ୍ୟ ଅର୍ଥାତ୍ ଯୋଗାରୂଢ଼ ଅବସ୍ଥା ପ୍ରାପ୍ତ ହୋଇ ନ ପାରେ ।

ପ୍ରଶ୍ନ – ଏଠାରେ **ଶମଃ** ପଦର ଅର୍ଥ 'ସ୍ୱରୂପତଃ ସକଳ କ୍ରିୟାତ୍ୟାଗ' ବୋଲି ନ ଧରି ସର୍ବସଂକଳ୍ପର ଅଭାବ ବୋଲି କାହିଁକି ଧରାଗଲା ?

ଉତ୍ତର – ଦ୍ୱିତୀୟ ଓ ଚତୁର୍ଥ ଶ୍ଲୋକରେ ସଂକଳ୍ପତ୍ୟାଗର ପ୍ରକରଣ ରହିଛି । **ଶମଃ** ପଦର ଅର୍ଥ ମଧ୍ୟ ମନକୁ ବଶ କରି ଶାନ୍ତ କରିବା । ଅଷ୍ଟାଦଶ ଅଧ୍ୟାୟର ବୟାଳିଶ ଶ୍ଲୋକରେ ମଧ୍ୟ **ଶମ** ଶବ୍ଦର ପ୍ରୟୋଗ ଏହି ଅର୍ଥରେ ହୋଇଛି ଓ ମନ ବଶ ହୋଇ ଶାନ୍ତ ହୋଇଯିବା ପରେ ହିଁ ସଂକଳ୍ପମାନଙ୍କର ସର୍ବଥା ଅଭାବ ହୁଏ । ଏହା ଛଡ଼ା, ସ୍ୱରୂପତଃ ସମସ୍ତ କର୍ମ ତ୍ୟାଗ କରିବା ମଧ୍ୟ ହୋଇପାରିବ ନାହିଁ । ଅତଏବ ଏଠାରେ **ଶମଃ**ର ଅର୍ଥ ସର୍ବସଂକଳ୍ପତ୍ୟାଗ ବୋଲି ଧରିବା ହିଁ ଠିକ୍ ।

ପ୍ରଶ୍ନ – ଯୋଗାରୂଢ଼ ପୁରୁଷଙ୍କ **ଶମକୁ** କର୍ମର କାରଣ ବୋଲି ଧରିନେଲେ କ୍ଷତି କଣ ?

ଉତ୍ତର – **ଶମ** ଶବ୍ଦ ସର୍ବସଂକଳ୍ପର ଅଭାବରୂପୀ ଶାନ୍ତିର ବାଚକ । ତେଣୁ ତାହା କର୍ମର କାରଣ ହୋଇ ନ ପାରେ । ଯୋଗାରୂଢ଼ ପୁରୁଷଙ୍କ ଦ୍ୱାରା ଯାହା କିଛି ଚେଷ୍ଟା ହୁଏ, ସେସବୁରେ ତ ତାଙ୍କର ଓ ଲୋକମାନଙ୍କର ପ୍ରାରବ୍ଧ ହିଁ କାରଣ ଅଟେ । ଏଣୁ **ଶମକୁ** କର୍ମର କାରଣ ବୋଲି ଧରିବା ଯୁକ୍ତିସଂଗତ ନୁହେଁ । ତାହାକୁ ପରମାତ୍ମପ୍ରାପ୍ତିର କାରଣ ବୋଲି ଧରିବା ହିଁ ଠିକ୍ ।

ସମ୍ବନ୍ଧ – *ପୂର୍ବଶ୍ଲୋକରେ ଯୋଗାରୂଢ଼ ଶବ୍ଦ ଆସିଛି। ତା'ର ଲକ୍ଷଣ ଜାଣିବାର ଆକାଂକ୍ଷା ହୋଇପାରେ; ତେଣୁ ବର୍ତ୍ତମାନ ଯୋଗାରୂଢ଼ ପୁରୁଷଙ୍କ ଲକ୍ଷଣ କହୁଛନ୍ତି* ––

ଯଦା ହି ନେନ୍ଦ୍ରିୟାର୍ଥେଷୁ ନ କର୍ମସ୍ୱନୁଷଜ୍ଜତେ ।
ସର୍ବସଂକଳ୍ପସଂନ୍ୟାସୀ ଯୋଗାରୂଢ଼ସ୍ତଦୋଚ୍ୟତେ ॥ ୪ ॥

ଅନ୍ୱୟ – **ଯଦା** = ଯେତେବେଳେ; **ନ, ଇନ୍ଦ୍ରିୟାର୍ଥେଷୁ (ଅନୁଷଜ୍ଜତେ)** = ଇନ୍ଦ୍ରିୟଭୋଗମାନଙ୍କରେ ଆସକ୍ତ ହୁଏ ନାହିଁ କି; **ନ, କର୍ମସୁ, ହି, ଅନୁସଜ୍ଜତେ** = କର୍ମମାନଙ୍କରେ ମଧ୍ୟ ଆସକ୍ତ ହୁଏ ନାହିଁ; **ତଦା** = ସେତେବେଳେ; **ସର୍ବସଂକଳ୍ପସଂନ୍ୟାସୀ** = ସକଳ ସଂକଳ୍ପ ତ୍ୟାଗ କରିଥିବା ପୁରୁଷ; **ଯୋଗାରୂଢ଼ଃ** = ଯୋଗାରୂଢ଼; **ଉଚ୍ୟତେ** = (ବୋଲି) କଥିତ ହୁଏ।

ପୁରୁଷ ଯେତେବେଳେ ଇନ୍ଦ୍ରିୟମାନଙ୍କର ଭୋଗରେ ଓ କର୍ମମାନଙ୍କରେ ମଧ୍ୟ ଆସକ୍ତ ହୁଅନ୍ତି ନାହିଁ, ସେତେବେଳେ ସେହି ସର୍ବସଂକଳ୍ପତ୍ୟାଗୀ ଯୋଗାରୂଢ଼ ବୋଲି କଥିତ ହୁଅନ୍ତି।। ୪ ॥

ପ୍ରଶ୍ନ – ଏଠାରେ ଇନ୍ଦ୍ରିୟମାନଙ୍କ ବିଷୟରେ ଓ କର୍ମରେ କେବଳ ଆସକ୍ତିତ୍ୟାଗ କଥା କୁହାଗଲା; କାମନାତ୍ୟାଗ କଥା କୁହାଗଲା ନାହିଁ। ଏହାର କାରଣ କଣ ?

ଉତ୍ତର – ଆସକ୍ତିରୁ ହିଁ କାମନା ଉତ୍ପନ୍ନ ହୁଏ (୨/୬୨)। ଯଦି ବିଷୟଭୋଗରେ ଓ କର୍ମରେ ଆସକ୍ତି ନ ରହେ, ତେବେ କାମନା ସ୍ୱତଃ ଚାଲିଯିବ; କାରଣ ବିନା କାର୍ଯ୍ୟ ହୋଇପାରିବ ନାହିଁ। ଅତଏବ ଆସକ୍ତି ନ ଥିଲେ କାମନା ମଧ୍ୟ ରହିବ ନାହିଁ ବୋଲି ବୁଝିବା ଉଚିତ।

ପ୍ରଶ୍ନ – ସର୍ବସଂକଳ୍ପସନ୍ୟାସର ଅର୍ଥ କଣ ଓ ସମସ୍ତ ସଂକଳ୍ପତ୍ୟାଗ ହୋଇଯିବା ପରେ କୌଣସି ବିଷୟଗ୍ରହଣ ବା କର୍ମସମ୍ପାଦନ କିପରି ସମ୍ଭବ ହେବ ?

ଉତ୍ତର – ଏଠାରେ **ସଂକଳ୍ପତ୍ୟାଗର** ଅର୍ଥ ସ୍ମରଣମାତ୍ରର ସର୍ବଥା ତ୍ୟାଗ ନୁହେଁ। ଯଦି ଏପରି ସ୍ୱୀକାର କରାଯାଏ, ତେବେ ଯୋଗାରୂଢ଼ ଅବସ୍ଥାର ବର୍ଣ୍ଣନା ହିଁ ଅସମ୍ଭବ ହୋଇଯିବ। ଯାହାକୁ ସେହି ଅବସ୍ଥା ପ୍ରାପ୍ତ ହୋଇ ନାହିଁ, ସେ ତ ତା'ର ତତ୍ତ୍ୱ ଜାଣେ ନାହିଁ ଓ ଯାହାଙ୍କୁ ପ୍ରାପ୍ତ ହୋଇଛି, ସେ ତାହା ଭାଷାରେ ପ୍ରକାଶ କରିପାରିବେ ନାହିଁ। ତେଣୁ ତା'ର ବର୍ଣ୍ଣନା କିଏ କରିବ ? ଏହା ଛଡ଼ା, ଚତୁର୍ଥ ଅଧ୍ୟାୟର ଉଣେତିରିଶି ଶ୍ଲୋକରେ ଭଗବାନ୍ ସ୍ପଷ୍ଟ କହିଛନ୍ତି, 'ଯେଉଁ ମହାପୁରୁଷଙ୍କର ସମସ୍ତ କର୍ମ କାମନା ଓ ସଂକଳ୍ପ ବିନା ଭଲଭାବରେ ହୁଏ, ତାହାଙ୍କୁ ପଣ୍ଡିତ କହନ୍ତି।' ସେଠାରେ ଯେଉଁ ମହାପୁରୁଷଙ୍କୁ ଏପରି ପ୍ରଶଂସା କରାଯାଇଛି, ସେ ଯେ ଯୋଗାରୂଢ଼ ନୁହନ୍ତି, ତାହା କୁହାଯାଇପାରିବ ନାହିଁ। ଏପରି ଅବସ୍ଥାରେ ଏହା ମାନିହେବ ନାହିଁ ଯେ, ସଂକଳ୍ପରହିତ ପୁରୁଷଙ୍କ ଦ୍ୱାରା କର୍ମ ହୁଏ ନାହିଁ। ଏଥିରୁ ଏହା ସିଦ୍ଧ ହେଉଛି ଯେ, ସଂକଳ୍ପତ୍ୟାଗର ଅର୍ଥ ସ୍ମରଣ ବା ବୃତ୍ତିମାତ୍ରର ତ୍ୟାଗ ନୁହେଁ। ମମତ୍ୱ, ଆସକ୍ତି ଓ ଦ୍ୱେଷପୂର୍ବକ ଯେଉଁ ସାଂସାରିକ ବିଷୟର ଚିନ୍ତନ କରାଯାଏ, ତାହାକୁ **ସଂକଳ୍ପ** କହନ୍ତି। ଏପରି ସଂକଳ୍ପର ସଂପୂର୍ଣ୍ଣ ତ୍ୟାଗ ହିଁ **ସର୍ବସଂକଳ୍ପ-ସନ୍ନ୍ୟାସ**। ଏପରି ତ୍ୟାଗ ସ୍ୱଚ୍ଛାଚ୍ଛରୂପେ କର୍ମସଂପାଦନ ହେବାରେ କୌଣସି ବାଧା ଦିଏ ନାହିଁ। ଯେଉଁମାନଙ୍କ ବୁଦ୍ଧିରେ ଭଗବାନଙ୍କ ଛଡ଼ା ଅନ୍ୟ କାହାର ସ୍ଥିତି ନାହିଁ, ସେମାନଙ୍କ ଦ୍ୱାରା ଭଗବଦ୍‌ବୁଦ୍ଧିରେ ଯେଉଁ ବିଷୟର ଗ୍ରହଣ ବା ତ୍ୟାଗ ହୁଏ, ତାହା ସଂକଳ୍ପଜନିତ ହୁଏ ବୋଲି କୁହାଯାଇ ନ ପାରେ। ଏପରି ତ୍ୟାଗ ଓ ଗ୍ରହଣରୂପକ କର୍ମ ତ ଜ୍ଞାନୀ ମହାତ୍ମାମାନଙ୍କ ଦ୍ୱାରା ମଧ୍ୟ ହୋଇପାରେ। ଏପରି ମହାତ୍ମାମାନଙ୍କ ପାଇଁ ଭଗବାନ୍ କହିଛନ୍ତି, 'ସେ ସବୁପ୍ରକାର କ୍ରିୟାକଳାପ କରୁଥିଲେ ମଧ୍ୟ ତାଙ୍କର ସମସ୍ତ କ୍ରିୟା ମୋ ସହିତ ହିଁ ହୁଏ।' (୬/୩୧)।

ପ୍ରଶ୍ନ – ମନୁଷ୍ୟ ଭୋଗପ୍ରାପ୍ତିପାଇଁ ହିଁ କର୍ମ କରେ ଓ ସେଥିରେ ଆସକ୍ତ ହୁଏ। ଅତଏବ ଶବ୍ଦାଦି ବିଷୟରେ ଆସକ୍ତିର ଅଭାବ ବୁଝାଇଦେବା ହିଁ ଯଥେଷ୍ଟ ହୋଇଥାନ୍ତା; କର୍ମରେ ଆସକ୍ତିର ଅଭାବ କଥା କହିବା କଣ ଆବଶ୍ୟକ ଥିଲା ?

ଉତ୍ତର – ଭୋଗରେ ଆସକ୍ତିତ୍ୟାଗ ହେଲେ ମଧ୍ୟ କର୍ମରେ ଆସକ୍ତି ରହିବା ସମ୍ଭବ; କାରଣ ଯେଉଁ କର୍ମରେ କୌଣସି ଫଳ ନାହିଁ, ସେପରି ବ୍ୟର୍ଥ କର୍ମରେ ମଧ୍ୟ ପ୍ରମାଦୀ ମନୁଷ୍ୟଙ୍କର ଆସକ୍ତି ଦେଖାଯାଏ। ଅତଏବ ଆସକ୍ତିର ସଂପୂର୍ଣ୍ଣ ଅଭାବ ଦେଖାଇବାପାଇଁ ଏପରି କହିବା ଉଚିତ ହୋଇଛି।

ସମ୍ବନ୍ଧ – ପରମପଦପ୍ରାପ୍ତିରେ କାରଣରୂପୀ ଯୋଗାରୂଢ଼ ଅବସ୍ଥା ବର୍ଣ୍ଣନା ଜରିବା ପରେ, ବର୍ତ୍ତମାନ ତାହା ପାଇବାକୁ ଉତ୍ସାହିତ କରି ଭଗବାନ୍ ମନୁଷ୍ୟର କର୍ତ୍ତବ୍ୟ ବର୍ଣ୍ଣନା କରୁଛନ୍ତି–

ଉଦ୍ଧରେଦାତ୍ମନାତ୍ମାନଂ ନାତ୍ମାନମବସାଦୟେତ୍ ।
ଆତ୍ମୈବ ହ୍ୟାତ୍ମନୋ ବନ୍ଧୁରାତ୍ମୈବ ରିପୁରାତ୍ମନଃ ।। ୫ ।।

ଅନ୍ୱୟ – ଆତ୍ମନା = ନିଜଦ୍ୱାରା; ଆତ୍ମାନମ୍ = ନିଜକୁ; ଉଦ୍ଧରେତ୍ = (ସଂସାରସାଗରରୁ) ଉଦ୍ଧାର କରିବା ଉଚିତ; ଆତ୍ମାନମ୍ = ନିଜକୁ; ନ ଅବସାଦୟେତ୍ = ଅଧୋଗତିରେ ପକାଇବା ଉଚିତ ନୁହେଁ; ହି = କାରଣ; ଆତ୍ମା = (ମନୁଷ୍ୟ) ନିଜେ; ଏବ = ହିଁ; ଆତ୍ମନଃ = ନିଜର; ବନ୍ଧୁଃ = ମିତ୍ର; ଆତ୍ମା = ନିଜେ; ଏବ = ହିଁ; ଆତ୍ମନଃ = ନିଜର; ରିପୁଃ = ଶତ୍ରୁ ।

ନିଜଦ୍ୱାରା ନିଜକୁ ସଂସାରସାଗରରୁ ଉଦ୍ଧାର କରିବା ଉଚିତ; ନିଜକୁ ଅଧୋଗତିରେ ପକାଇବା ଉଚିତ ନୁହେଁ; କାରଣ ମନୁଷ୍ୟ ନିଜେ ହିଁ ନିଜର ମିତ୍ର ଓ ନିଜେ ହିଁ ନିଜର ଶତ୍ରୁ ।। ୫ ।।

ପ୍ରଶ୍ନ – ନିଜଦ୍ୱାରା ନିଜର ଉଦ୍ଧାର କରିବା କଣ ଓ ନିଜକୁ ଅଧୋଗତିରେ ପକାଇବା କଣ ?

ଉତ୍ତର – ଜୀବ ଅଜ୍ଞାନର ବଶ ହୋଇ ଅନାଦିକାଳରୁ ଏହି ଦୁଃଖମୟ ସଂସାରସାଗରରେ ବୁଡୁଛି ଓ ଉଠୁଛି; ନାନାପ୍ରକାର ଭଲ-ମନ୍ଦ ଯୋନିରେ ଭ୍ରମଣ କରି ବିଭିନ୍ନପ୍ରକାର ଭୟାନକ କଷ୍ଟ ଭୋଗ କରୁଛି। ଜୀବର ଏହି ଦୀନଦଶା ଦେଖି ଦୟାମୟ ଭଗବାନ୍ ତାକୁ ସାଧନା-ଉପଯୋଗୀ ଦେବଦୁର୍ଲଭ ମନୁଷ୍ୟଶରୀର ଦେଇ ଏକ ଅତି ସୁନ୍ଦର ସୁଯୋଗ ଦିଅନ୍ତି, ଯେଉଁଥିରେ କି ସେ ଚାହିଁଲେ ସାଧନାଦ୍ୱାରା ଏହି ଗୋଟିଏ ଜନ୍ମରେ ହିଁ ସଂସାରସାଗରରୁ ତାହାରି ଆସି ସହଜରେ ହିଁ ପରମାନନ୍ଦସ୍ୱରୂପ ପରମାତ୍ମାଙ୍କୁ ପାଇପାରିବ। ତେଣୁ ମନୁଷ୍ୟର କର୍ତ୍ତବ୍ୟ ହେଉଛି ସେ ମାନବଜୀବନର ଦୁର୍ଲଭ ସୁଯୋଗ ଯେପରି ବ୍ୟର୍ଥ ନ କରେ ଏବଂ କର୍ମଯୋଗ, ସାଂଖ୍ୟଯୋଗ ତଥା ଭକ୍ତିଯୋଗ ଆଦି ଯେକୌଣସି ସାଧନାରେ ଲାଗିରହି ନିଜ ଜନ୍ମକୁ ସାର୍ଥକ କରେ। ଏହା ହିଁ ନିଜଦ୍ୱାରା ନିଜକୁ ଉଦ୍ଧାର କରିବା।

ଏହାର ବିପରୀତ ହେଲା, ରାଗ-ଦ୍ୱେଷ, କାମ-କ୍ରୋଧ ଓ ଲୋଭ-ମୋହ ଆଦି ଦୋଷରେ ଫସିହୋଇ ମନୁଷ୍ୟ ଯେଉଁ ଭିନ୍ନ ଭିନ୍ନପ୍ରକାର ଦୁଷ୍କର୍ମ କରେ ଓ ତା'ର ଫଳସ୍ୱରୂପ ମନୁଷ୍ୟଶରୀରର ପରମ ଲକ୍ଷ୍ୟ ଭଗବତ୍‌ପ୍ରାପ୍ତିରୁ ବଞ୍ଚିତ ହୋଇ ପୁଣି ଥରେ ଘୁଷୁରୀକୁକୁରାଦି ଯୋନିରେ ଜନ୍ମିବାର କାରଣ ହୋଇଯାଏ, ତାହା ହିଁ ନିଜକୁ ଅଧୋଗତିରେ ପକାଇବା। ନିଜକୁ ଏପରି ଅଧୋଗତିରେ ପକାଉଥିବା ମନୁଷ୍ୟମାନଙ୍କୁ ଉପନିଷଦରେ ଆତ୍ମଘାତୀ ବୋଲି କହି ସେମାନଙ୍କର ଦୁର୍ଗତି ବର୍ଣ୍ଣନା କରାଯାଇଛି। ★

ଏଠାରେ ଭଗବାନ୍ ନିଜଦ୍ୱାରା ହିଁ ନିଜର ଉଦ୍ଧାର କରିବା କଥା କହି ଜୀବକୁ ଆଶ୍ୱାସନା ଦେଉଛନ୍ତି, "ତୁମେ ଭାବ ନାହିଁ ଯେ, ପ୍ରାରବ୍ଧ ମନ୍ଦ ; ଏଣୁ ତୁମର ଆଦୌ ଉନ୍ନତି ହେବ ନାହିଁ। ତୁମର ଉତ୍‌ଥାନପତନ ପ୍ରାରବ୍ଧର ଅଧୀନ ନୁହେଁ; ତାହା ତୁମ ନିଜ ହାତରେ ରହିଛି। ସାଧନା କର ଓ ଅଧଃପତିର ଗହ୍ୱରରୁ ନିଜକୁ ଉଦ୍ଧାର କରି ଉନ୍ନତିର ଶିଖରରେ ଆରୋହଣ କର।" ଅତଏବ ମନୁଷ୍ୟ ଅତ୍ୟନ୍ତ ସାବଧାନ ହୋଇ ତଥା ତତ୍‌ପରତାର ସହିତ ସଦାସର୍ବଦା ନିଜର ଉତ୍‌ଥାନପାଇଁ, ବର୍ତ୍ତମାନ ଯେଉଁ ଅବସ୍ଥାରେ ଅଛି, ତା'ଉପରକୁ ଉଠିବାପାଇଁ, ରାଗ-ଦ୍ୱେଷ, କାମ-କ୍ରୋଧ, ଲୋଭ, ଆଳସ୍ୟ, ପ୍ରମାଦ ଓ ପାପାଚାର ସର୍ବଥା ତ୍ୟାଗ କରି ଶମ, ଦମ, ତିତିକ୍ଷା, ବିବେକ ଓ ବୈରାଗ୍ୟାଦି ସଦ୍‌ଗୁଣ

★ ଅସୁର୍ଯ୍ୟା ନାମ ତେ ଲୋକା ଅନ୍ଧେନ ତମସାବୃତାଃ । ତାଁ ସ୍ତେ ପ୍ରେତ୍ୟାଭିଗଚ୍ଛନ୍ତି ଯେ କେ ଚାତ୍ମହନୋ ଜନାଃ ।। (ଈଶୋପନିଷଦ ୩)

ସେହିଟତ୍ ଚୁକୁଡ-ଘୁଷୁରା ଆଦି ଯୋନି ତଥା ନରକରୂପୀ ଅତ୍ୟନ୍ତପୀଡ଼ାଦାୟକ ଘୋର ଅଜ୍ଞାନରୂପ ଅନ୍ଧକାରରେ ଆବୃତ ହୋଇଛି। ଯେଉଁମାନେ ଆତ୍ମାକୁ ବିନାଶ କରନ୍ତି, ସେମାନେ ମୃତ୍ୟୁପରେ ସେହିପରି ଅସୁର-ଲୋକ ପ୍ରାପ୍ତ ହୁଅନ୍ତି।

ବିକାଶ କରିବାପାଇଁ, ବିଷୟଚିନ୍ତା ଛାଡ଼ି ଶ୍ରଦ୍ଧା ଓ ପ୍ରେମରେ ଭଗବତ୍ ଚିନ୍ତନ କରିତାପାଇଁ ଓ ଭଜନ, ଧ୍ୟାନ ତଥା ସେବା-ସତ୍‌ସଙ୍ଗାଦିଦ୍ୱାରା ଭଗବାନଙ୍କୁ ପାଇବାପାଇଁ ସାଧନା କରିବା ଉଚିତ ଓ ଯେପର୍ଯ୍ୟନ୍ତ ଭଗବତ୍‌ପ୍ରାପ୍ତି ନ ହୋଇଛି, ସେପର୍ଯ୍ୟନ୍ତ ଏକକ୍ଷଣପାଇଁ ମଧ୍ୟ ତିଳେ ବି ପଛକୁ ଫେରିବା, ତଥା ଅଟକି ଯିବା ଉଚିତ ନୁହେଁ। ଭଗବତ୍‌କୃପାବଳରେ ଧୀରତା, ବୀରତା ଓ ଦୃଢ଼ନିଶ୍ଚୟ ସହିତ ନିଜକୁ ଆଦୌ ଶିଥିଳ ନ କରି ଉତ୍ତରୋତ୍ତର ଉନ୍ନତିପଥରେ ହିଁ ଅଗ୍ରସର ହେବା ଉଚିତ।

ମନୁଷ୍ୟ ନିଜର ସ୍ୱଭାବ ଓ କର୍ମକୁ ଯେତେ ଅଧିକ ସୁଧାରିନେବ, ସେ ସେତିକି ଉନ୍ନତ ହେବ। ସ୍ୱଭାବ ଓ କର୍ମର ସଂଶୋଧନ ହିଁ ଉନ୍ନତି ଓ ଉତ୍‌ଥାନ; ଏହାର ବିପରୀତ ଘଟିବା ଅର୍ଥାତ୍ ସ୍ୱଭାବ ଓ କର୍ମରେ ଦୋଷ ବଢ଼ିବା ହିଁ ଅବନତି ବା ପତନ।

ପ୍ରଶ୍ନ – ଏହି ମନୁଷ୍ୟ ନିଜେ ହିଁ ନିଜର ମିତ୍ର ଓ ନିଜେ ହିଁ ନିଜର ଶତ୍ରୁ – ଏ କଥାର ଭାବ କଣ ?

ଉତ୍ତର – ଏହାଦ୍ୱାରା ଭଗବାନ୍ ଦେଖାଇଛନ୍ତି ଯେ, ମନୁଷ୍ୟ ସାଂସାରିକ ସମ୍ବନ୍ଧଯୋଗୁଁ ଆସକ୍ତିବଶତଃ ଯେଉଁ ଲୋକମାନଙ୍କୁ ନିଜର ମିତ୍ର ବୋଲି ଭାବେ, ସେହିମାନେ ହିଁ ବନ୍ଧନର କାରଣ ହୋଇଥିବାରୁ ପ୍ରକୃତରେ ମିତ୍ର ନୁହନ୍ତି। ସନ୍ଥ, ମହାତ୍ମା ଓ ନିଃସ୍ୱାର୍ଥ ସାଧକ, ଯେଉଁମାନେ କି ବନ୍ଧନରୁ ମୁକ୍ତ କରିବାରେ ସହାୟକ ହୁଅନ୍ତି, ସେମାନେ ହିଁ ପ୍ରକୃତ ମିତ୍ର; କିନ୍ତୁ ସେମାନଙ୍କର ଏହି ମୈତ୍ରୀ ମଧ୍ୟ ମନୁଷ୍ୟକୁ ସେତେବେଳେ ମିଳେ, ଯେତେବେଳେ ସେ ନିଜେ ପ୍ରଥମେ ନିଜ ମନରେ ସେମାନଙ୍କୁ ଶ୍ରଦ୍ଧା ଓ ପ୍ରେମ ଭରେ ତଥା ପ୍ରକୃତ ମିତ୍ର ବୋଲି ଗ୍ରହଣ କରେ ଏବଂ ସେମାନେ ଦେଖାଇଥିବା ମାର୍ଗରେ ଚାଲେ। ଏହି ଦୃଷ୍ଟିରୁ ବିଚାର କଲେ ସିଦ୍ଧ ହୁଏ ଯେ, ମନୁଷ୍ୟ ନିଜେ ହିଁ ନିଜର ମିତ୍ର। ଏହିପ୍ରକାରେ ଏହା ମଧ୍ୟ ନିଶ୍ଚିତ ଯେ, ମନୁଷ୍ୟ ନିଜ ମନରେ ଯଦି ଯାହାକୁ ଶତ୍ରୁ ବୋଲି ଭାବେ, ତେବେ ତା'ର କ୍ଷତି ହୁଏ। ଅନ୍ୟଥା କୌଣସି ମନୁଷ୍ୟ କାହାର କିଛି ବି ପାରମାର୍ଥିକ କ୍ଷତି କରିପାରେ ନାହିଁ। ତେଣୁ ବସ୍ତୁତଃ ସେ ନିଜେ ହିଁ ତା'ର ଶତ୍ରୁ ମଧ୍ୟ ଅଟେ। ପ୍ରକୃତରେ ଯେ ନିଜର ଉଦ୍ଧାରପାଇଁ ଚେଷ୍ଟା କରେ, ସେ ନିଜେ ନିଜର ମିତ୍ର ହୁଏ; ଯେ ଏହାର ବିପରୀତ ଚରେ, ସେ ନିଜେ ନିଜର ଶତ୍ରୁ ହୁଏ। ତେଣୁ ନିଜ ବ୍ୟତୀତ ଅନ୍ୟ କେହି ନିଜର ମିତ୍ର ବା ଶତ୍ରୁ ନାହିଁ।

ସମ୍ବନ୍ଧ – *ବୁଝାଗଲା ଯେ, ମନୁଷ୍ୟ ନିଜେ ହିଁ ନିଜର ମିତ୍ର ଓ ନିଜେ ହିଁ ନିଜର ଶତ୍ରୁ। ବର୍ତ୍ତମାନ ଏହା ସ୍ପଷ୍ଟ କରିବାପାଇଁ ଜେଉଁ ଲକ୍ଷଣଯୁକ୍ତ ମନୁଷ୍ୟ ନିଜେ ନିଜର ମିତ୍ର ଓ ଜେଉଁ ଲକ୍ଷଣଯୁକ୍ତ ମନୁଷ୍ୟ ନିଜେ ନିଜର ଶତ୍ରୁ, ଭଗବାନ୍ ତାହା କହୁଛନ୍ତି–*

ବନ୍ଧୁରାତ୍ମାତ୍ମନସ୍ତସ୍ୟ ଯେନାତ୍ମୈବାତ୍ମନା ଜିତଃ।
ଅନାତ୍ମନସ୍ତୁ ଶତ୍ରୁତ୍ୱେ ବର୍ତ୍ତେତାତ୍ମୈବ ଶତ୍ରୁବତ୍॥ ୬ ॥

ଅନ୍ୱୟ – **ଯେନ** = ଯେଉଁ; **ଆତ୍ମନା** = ଜୀବାତ୍ମାଦ୍ୱାରା; **ଆତ୍ମା** = ମନ ଓ ଇନ୍ଦ୍ରିୟ ସହିତ ଶରୀର; **ଜିତଃ** = ଜୟ କରାଯାଇଛି; **ତସ୍ୟ, ଆତ୍ମନଃ** = ସେହି ଜୀବାତ୍ମାର; **ଆତ୍ମା** = (ସେ) ନିଜେ; **ଏବ** = ହିଁ; **ବନ୍ଧୁଃ** = ମିତ୍ର; **ତୁ** = ଏବଂ; **ଅନାତ୍ମନଃ** = ଯାହାଦ୍ୱାରା ମନ ତଥା ଇନ୍ଦ୍ରିୟ ସହିତ ଶରୀର ଜୟ କରାଯାଇ ନାହିଁ, ତା' ପାଇଁ; **ଆତ୍ମା** = (ସେ) ନିଜେ; **ଏବ** = ହିଁ; **ଶତ୍ରୁବତ୍** = ଶତ୍ରୁପରି; **ଶତ୍ରୁତ୍ୱେ** = ଶତ୍ରୁତାରେ; **ବର୍ତ୍ତେତ** = ଆଚରଣ କରେ।

ଯେଉଁ ଜୀବାତ୍ମାଦ୍ୱାରା ମନ ଓ ଇନ୍ଦ୍ରିୟସହିତ ଶରୀରକୁ ଜୟ କରାଯାଇଛି, ସେହି ଜୀବାତ୍ମା ନିଜେ ହିଁ ନିଜର ମିତ୍ର ଏବଂ ଯାହାଦ୍ୱାରା ମନ, ଇନ୍ଦ୍ରିୟ ଓ ଶରୀରକୁ ଜୟ କରାଯାଇ ନାହିଁ, ସେ ନିଜେ ହିଁ ନିଜର ଶତ୍ରୁପରି ଆଚରଣ କରେ॥ ୬ ॥

ପ୍ରଶ୍ନ – ମନ ଓ ଇନ୍ଦ୍ରିୟ ସହିତ ଶରୀରକୁ ଜୟ କରିବା କଣ ? ଏସବୁକୁ କିପରି ଜୟ କରାଯାଏ ? ବଶୀଭୂତ ଶରୀର, ଇନ୍ଦ୍ରିୟ ଓ ମନର ଲକ୍ଷଣ କଣ ? ଏବଂ ଏସବୁକୁ ଜୟ କରିଥିବା ମନୁଷ୍ୟ ନିଜେ ନିଜର ମିତ୍ର କିପରି ?

ଉତ୍ତର – ଶରୀର, ଇନ୍ଦ୍ରିୟ ଓ ମନକୁ ଭଲଭାବେ ନିଜର ବଶ କରିନେବା ହିଁ ଏମାନଙ୍କୁ ଜୟ କରିବା। ବିବେକପୂର୍ବକ ଅଭ୍ୟାସ ଓ ବୈରାଗ୍ୟଦ୍ୱାରା ଏସବୁ ବଶ ହୋଇପାରନ୍ତି। ପରମାତ୍ମପ୍ରାପ୍ତିପାଇଁ ମନୁଷ୍ୟ ଯେଉଁସବୁ ସାଧନାରେ ନିଜ ଶରୀର, ଇନ୍ଦ୍ରିୟ ଓ ମନକୁ ଲଗାଇବାକୁ

ଚାହେଁ, ଯଦି ସେ ସେଥିରେ ଅନାୟାସରେ ଲାଗିଯାଏ ଓ ଲକ୍ଷ୍ୟର ବିପରୀତ ଦିଗକୁ ଚାହେଁ ବି ନାହିଁ, ତେବେ ବୁଝିବା ଉଚିତ ଯେ, ତା'ର ଶରୀର, ମନ ଓ ଇନ୍ଦ୍ରିୟାଦି ବଶ ହୋଇଗଲେଣି। ଯେଉଁ ମନୁଷ୍ୟଙ୍କ ଶରୀର, ଇନ୍ଦ୍ରିୟ ଓ ମନ ବଶ ହୋଇଯାଆନ୍ତି, ସେ ଅନାୟାସରେ ସଂସାର-ସାଗରରୁ ଉଦ୍ଧାର ପାଇଯାଆନ୍ତି ଏବଂ ପରମାନନ୍ଦସ୍ୱରୂପ ପରମାତ୍ମାଙ୍କୁ ପାଇ କୃତାର୍ଥ ହୋଇଯାଆନ୍ତି। ତେଣୁ ସେ ସ୍ୱୟଂ ନିଜର ମିତ୍ର।

ପ୍ରଶ୍ନ — ଯାହାଦ୍ୱାରା ଶରୀର, ଇନ୍ଦ୍ରିୟ ଓ ମନକୁ ଜୟ କରାଯାଇ ନାହିଁ, ତାହାକୁ **ଅନାତ୍ମା** କହିବାର ଅଭିପ୍ରାୟ କଣ ଏବଂ ସେ ନିଜର ଶତ୍ରୁପରି ଆଚରଣ କରେ କହିଲେ କଣ ବୁଝାଏ ?

ଉତ୍ତର — ଶରୀର, ଇନ୍ଦ୍ରିୟ ଓ ମନ — ଏସବୁର ନାମ ଆତ୍ମା। ଏସବୁ ଯାହାର ବଶରେ ନାହାନ୍ତି, ଉଚ୍ଛୃଙ୍ଖଳ ହେଉଛନ୍ତି ଓ ସ୍ୱେଚ୍ଛାଚାରୀ ହୋଇ ବିଷୟଭୋଗରେ ଲାଗିରହିଛନ୍ତି, ଯେ ଏସବୁକୁ ନିଜ ଲକ୍ଷ୍ୟର ଅନୁକୂଳ ରଚ୍ଛାନୁସାରେ କଲ୍ୟାଣସାଧନରେ ଲଗାଇ ପାରେ ନାହିଁ, ସେ **ଅନାତ୍ମା**; ଆତ୍ମବାନ୍ ନୁହେଁ।

ଏପରି ମନୁଷ୍ୟ ସ୍ୱୟଂ ମନ, ଇନ୍ଦ୍ରିୟାଦିର ବଶ ହୋଇ କୁପଥ୍ୟ କରୁଥିବା ରୋଗୀପରି ନିଜର ହିଁ କଲ୍ୟାଣସାଧନାର ବିପରୀତ ଆଚରଣ କରେ। ସେ ଅହଂତ୍ୱ, ମମତ୍ୱ, ରାଗ-ଦ୍ୱେଷ, କାମ, କ୍ରୋଧ, ଲୋଭ, ମୋହ ଆଦିର କାରଣ ପ୍ରମାଦ, ଆଳସ୍ୟ ଓ ବିଷୟଭୋଗରେ ମଜ୍ଜି ପାପକର୍ମମାନଙ୍କର କଠିନ ବନ୍ଧନରେ ପଡ଼ିଯାଏ। ଶତ୍ରୁ ଯେପରି ମନୁଷ୍ୟକୁ ସୁଖ-ସାଧନରୁ ବଞ୍ଚିତ କରି ଦୁଃଖଭୋଗ କରିବାକୁ ବାଧ କରେ, ସେ ସେହିପରି ନିଜର ଶରୀର, ଇନ୍ଦ୍ରିୟ ଓ ମନକୁ କଲ୍ୟାଣସାଧନାରେ ନ ଲଗାଇ ଭୋଗରେ ଲଗାଏ ତଥା ନିଜେ ନିଜକୁ ବାରମ୍ବାର ନରକାଦିରେ ପକାଇ ଓ ନାନାପ୍ରକାର ଯୋନିରେ ଘୂରାଇ ଅନନ୍ତ କାଳଯାଏ ଭୀଷଣ ଦୁଃଖ ଭୋଗ କରିବାକୁ ବାଧ କରେ। ଯଦ୍ୟପି ନିଜକୁ ନିଜେ ଦ୍ୱେଷ ନ କରୁଥିବାରୁ ପ୍ରକୃତରେ କେହି ବି ନିଜର ମନ୍ଦ ଚାହେଁ ନାହିଁ, ତଥାପି ଅଜ୍ଞାନବିମୋହିତ ମନୁଷ୍ୟ ଆସକ୍ତିର ବଶ ହୋଇ ଦୁଃଖକୁ ସୁଖ ଓ ଅହିତକୁ ହିତ ବୋଲି ଭାବି ନିଜର ଯଥାର୍ଥ କଲ୍ୟାଣର ବିପରୀତ ଆଚରଣ କରିବାକୁ ଲାଗେ। ଏହି କଥା ଦେଖାଇବାକୁ ବୁହାଗଲା ଯେ, ସେ ଶତ୍ରୁପରି ଆଚରଣ କରେ।

ସମ୍ବନ୍ଧ — *ଯେ ମନ ଓ ଇନ୍ଦ୍ରିୟ ସହିତ ଶରୀରକୁ ଜୟ କରିପାରିଛନ୍ତି, ସେ କାହିଁକି ନିଜେ ହିଁ ନିଜର ମିତ୍ର, ତାହା ସ୍ପଷ୍ଟ କରିବାପାଇଁ ବର୍ତ୍ତମାନ ଭଗବାନ୍ ଶରୀର, ଇନ୍ଦ୍ରିୟ ଓ ମନରୂପୀ ଆତ୍ମାକୁ ବଶ କରିବାର ଫଳ କହୁଛନ୍ତି* —

ଜିତାତ୍ମନଃ ପ୍ରଶାନ୍ତସ୍ୟ ପରମାତ୍ମା ସମାହିତଃ ।
ଶୀତୋଷ୍ଣସୁଖଦୁଃଖେଷୁ ତଥା ମାନାପମାନୟୋଃ ॥ ୭ ॥

ଅନ୍ୱୟ — **ଶୀତୋଷ୍ଣସୁଖଦୁଃଖେଷୁ** = ଶୀତ-ଉଷ୍ଣ ଓ ସୁଖ-ଦୁଃଖାଦିରେ; **ତଥା** = ତଥା; **ମାନାପମାନୟୋଃ** = ମାନ ଓ ଅପମାନରେ; **ପ୍ରଶାନ୍ତସ୍ୟ** = ଯାହାଙ୍କ ଅନ୍ତଃକରଣର ବୃତ୍ତିସବୁ ଉଦାରୂପେ ଶାନ୍ତ ରହନ୍ତି (ଏପରି); **ଜିତାତ୍ମନଃ** = ସ୍ୱାଧୀନ ଆତ୍ମାବିଶିଷ୍ଟ ପୁରୁଷଙ୍କ (ଜ୍ଞାନରେ); **ପରମାତ୍ମା** = ସଚ୍ଚିଦାନନ୍ଦଘନ ପରମାତ୍ମା; **ସମାହିତଃ** = ସମ୍ୟକ୍ ପ୍ରକାରରେ ସ୍ଥିତ ଅଟନ୍ତି ଅର୍ଥାତ୍ ତାଙ୍କ ଜ୍ଞାନରେ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ହିଁ ନାହିଁ।

ଶୀତ-ଉଷ୍ଣ ଓ ସୁଖ-ଦୁଃଖରେ ତଥା ମାନ-ଅପମାନରେ ଯାହାଙ୍କ ଅନ୍ତଃକରଣର ବୃତ୍ତିଗୁଡ଼ିକ ଭଲରୂପେ ଶାନ୍ତ ରହନ୍ତି, ସେପରି ସ୍ୱାଧୀନ-ଆତ୍ମାବିଶିଷ୍ଟ ପୁରୁଷଙ୍କ ଜ୍ଞାନରେ ସଚ୍ଚିଦାନନ୍ଦଘନ ପରମାତ୍ମା ସମ୍ୟକ୍‌ପ୍ରକାରେ ସ୍ଥିତ ଅଟନ୍ତି ଅର୍ଥାତ୍ ତାଙ୍କ ଜ୍ଞାନରେ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ହିଁ ନାହିଁ॥ ୭ ॥

ପ୍ରଶ୍ନ — ଶୀତ-ଉଷ୍ଣ, ସୁଖ-ଦୁଃଖ ଓ ମାନ-ଅପମାନରେ ଚିତ୍ତବୃତ୍ତିଗୁଡ଼ିକ ଶାନ୍ତ ରହିବା କହିଲେ, କଣ ବୁଝାଏ ?

ଉତ୍ତର — ଏଠାରେ ଶୀତ-ଉଷ୍ଣ, ସୁଖ-ଦୁଃଖ ଓ ମାନ-ଅପମାନ ଶବ୍ଦ ଉପଲକ୍ଷଣରୂପରେ ଦିଆଯାଇଛି। ଅତଏବ ଏହି ପ୍ରସଙ୍ଗରେ ଏଗୁଡ଼ିକୁ ଶରୀର, ଇନ୍ଦ୍ରିୟ

ଓ ମନ ସହିତ ସମ୍ବନ୍ଧ ରଖିଥିବା ସମସ୍ତ ସାଂସାରିକ ପଦାର୍ଥର, ଭାବର ଓ ଘଟଣାମାନଙ୍କର ସମାବେଶ ବୋଲି ବୁଝିବାକୁ ହେବ। କୌଣସି ବି ଅନୁକୂଳ ବା ପ୍ରତିକୂଳ ପଦାର୍ଥ, ଭାବ, ବ୍ୟକ୍ତି ବା ଘଟଣାର ସଂଯୋଗ ବା ବିୟୋଗ ହେବାରେ ଅନ୍ତଃକରଣରେ ରାଗ, ଦ୍ୱେଷ, ହର୍ଷ, ଶୋକ, ଇଚ୍ଛା, ଭୟ, ଈର୍ଷା, ଅସୂୟା, କାମ, କ୍ରୋଧ ଓ ବିକ୍ଷେପାଦି କୌଣସିପ୍ରକାର ବିକାର ନ ହେବାକୁ, ଏବଂ ପ୍ରତ୍ୟେକ ପରିସ୍ଥିତିରେ ଚିତ୍ତ ସର୍ବଥା ସମ ଓ ଶାନ୍ତ ହୋଇ ରହିବାକୁ 'ଶୀତୋଷ୍ଣ, ସୁଖ-ଦୁଃଖ ଓ ମାନ-ଅପମାନରେ ଚିତ୍ତବୃତ୍ତିଗୁଡ଼ିକ ସମ୍ପୂର୍ଣ୍ଣ ଶାନ୍ତ ରହିବା' ବୋଲି କୁହାଯାଏ।

ପ୍ରଶ୍ନ – **ଜିତାତ୍ମନଃ** ପଦର ଅର୍ଥ କଣ ଓ ଏହା କାହିଁକି ପ୍ରୟୋଗ କରାଯାଇଛି ?

ଉତ୍ତର – ଯେ ଶରୀର, ଇନ୍ଦ୍ରିୟ ଓ ମନକୁ ପୂର୍ଣ୍ଣଭାବରେ ନିଜର ବଶ କରି ନେଇଛନ୍ତି, ସେ **ଜିତାତ୍ମା**। ଏପରି ପୁରୁଷ ସର୍ବଦା ସବୁ ଅବସ୍ଥାରେ ପ୍ରଶାନ୍ତ ବା ନିର୍ବିକାର ରହିପାରନ୍ତି ଓ ସଂସାରସାଗରରୁ ନିଜକୁ ଉଦ୍ଧାର କରି ପରମାତ୍ମାଙ୍କୁ ପାଇପାରନ୍ତି। ତେଣୁ ସେ ସ୍ୱୟଂ ନିଜର ମିତ୍ର ଅଟନ୍ତି। ଏହି ଭାବ ଦେଖାଇବାପାଇଁ ଏଠାରେ **ଜିତାତ୍ମନଃ** ପଦଟି ପ୍ରୟୋଗ କରାଯାଇଛି।

ପ୍ରଶ୍ନ – ଏଠାରେ **ପରମାତ୍ମା** ପଦ କାହାର ବାଚକ ଓ **ସମାହିତଃ**ର ଅଭିପ୍ରାୟ କଣ ?

ଉତ୍ତର – **ପରମାତ୍ମା** ପଦଟି ସଚ୍ଚିଦାନନ୍ଦଘନ ପରବ୍ରହ୍ମଙ୍କ ବାଚକ ଓ **ସମାହିତଃ** ପଦରେ ଦେଖାଇଦିଆଯାଇଛି ଯେ, ଉପରୋକ୍ତ ଲକ୍ଷଣ ଥିବା ପୁରୁଷଙ୍କ ପାଇଁ ପରମାତ୍ମା ସର୍ବଦା ଓ ସର୍ବତ୍ର ପ୍ରତ୍ୟକ୍ଷଭାବରେ ପରିପୂର୍ଣ୍ଣ ହୋଇ ରହିଛନ୍ତି।

ସମ୍ବନ୍ଧ – *ମନ-ଇନ୍ଦ୍ରିୟମାନଙ୍କ ସହିତ ଶରୀରକୁ ବଶ କରିବାର ଫଳ ପରମାତ୍ମପ୍ରାପ୍ତି ବୋଲି କୁହାଗଲା। ଏଣୁ ପରମାତ୍ମପ୍ରାପ୍ତ ହୋଇଥିବା ପୁରୁଷଙ୍କ ଲକ୍ଷଣ ଜାଣିବାକୁ ଇଚ୍ଛା ହେବାରୁ ବର୍ତ୍ତମାନ ଦୁଇଟି ଶ୍ଲୋକରେ ତାଙ୍କ ଲକ୍ଷଣଗୁଡ଼ିକ ବର୍ଣ୍ଣନା କରି ଭଗବାନ୍ ତାଙ୍କୁ ପ୍ରଶଂସା କରୁଛନ୍ତି–*

ଜ୍ଞାନବିଜ୍ଞାନତୃପ୍ତାତ୍ମା କୂଟସ୍ଥୋ ବିଜିତେନ୍ଦ୍ରିୟଃ ।
ଯୁକ୍ତ ଇତ୍ୟୁଚ୍ୟତେ ଯୋଗୀ ସମଲୋଷ୍ଟାଶ୍ମକାଞ୍ଚନଃ ॥ ୮ ॥

ଅନ୍ୱୟ – **ଜ୍ଞାନବିଜ୍ଞାନତୃପ୍ତାତ୍ମା** = ଯାହାଙ୍କ ଅନ୍ତଃକରଣ ଜ୍ଞାନବିଜ୍ଞାନଦ୍ୱାରା ତୃପ୍ତ; **କୂଟସ୍ଥଃ** = ଯାହାଙ୍କର ସ୍ଥିତି ବିକାରରହିତ; **ବିଜିତେନ୍ଦ୍ରିୟଃ** = ଯାହାଙ୍କର ଇନ୍ଦ୍ରିୟମାନେ ବିଚିତ ବା ଭଲଭାବରେ ବଶୀଭୂତ; **ସମଲୋଷ୍ଟାଶ୍ମକାଞ୍ଚନଃ** = ଯାହାଙ୍କ ପାଇଁ ମାଟି, ପଥର ଓ ସୁବର୍ଣ୍ଣ ସମାନ; **ଯୋଗୀ** = (ସେହି) ଯୋଗୀ; **ଯୁକ୍ତଃ** = ଯୁକ୍ତ ଅର୍ଥାତ୍ ଭଗବତ୍‌ପ୍ରାପ୍ତ; **ଇତି** = ବୋଲି; **ଉଚ୍ୟତେ** = କୁହାଯାନ୍ତି।

ଯାହାଙ୍କର ଅନ୍ତଃକରଣ ଜ୍ଞାନବିଜ୍ଞାନରେ ତୃପ୍ତ, ଯାହାଙ୍କର ସ୍ଥିତି ବିକାରଶୂନ୍ୟ, ଯାହାଙ୍କର ଇନ୍ଦ୍ରିୟମାନେ ଭଲଭାବରେ ବଶୀଭୂତ ହୋଇଛନ୍ତି ଏବଂ ଯାହାଙ୍କ ପାଇଁ ମାଟି, ପଥର ଓ ସୁନା ସମାନ, ସେହି ଯୋଗୀ ଯୁକ୍ତ ଅର୍ଥାତ୍ ଭଗବତ୍‌ପ୍ରାପ୍ତ ବୋଲି କୁହାଯାନ୍ତି ॥ ୮ ॥

ପ୍ରଶ୍ନ – ଏଠାରେ **ଜ୍ଞାନବିଜ୍ଞାନତୃପ୍ତାତ୍ମା** ପଦଦ୍ୱାରା କେଉଁ ପୁରୁଷଙ୍କୁ ଲକ୍ଷ୍ୟ କରାଯାଇଛି ?

ଉତ୍ତର – ପରମାତ୍ମାଙ୍କ ନିର୍ଗୁଣ-ନିରାକାର ତତ୍ତ୍ୱର ପ୍ରଭାବ ତଥା ମାହାତ୍ମ୍ୟ ପ୍ରଭୃତିର ରହସ୍ୟସହିତ ଯଥାର୍ଥ ଜ୍ଞାନକୁ **ଜ୍ଞାନ** କହନ୍ତି ଏବଂ ସଗୁଣ ନିରାକାର ଓ ସାକାର ତତ୍ତ୍ୱର ଲୀଳା, ରହସ୍ୟ, ମହତ୍ତ୍ୱ, ଗୁଣ ଓ ପ୍ରଭାବ ଆଦିର ଯଥାର୍ଥ ଜ୍ଞାନକୁ ବିଜ୍ଞାନ କହନ୍ତି। ଯେଉଁ ପୁରୁଷ ପରମାତ୍ମାଙ୍କ ନିର୍ଗୁଣ-ସଗୁଣ, ନିରାକାର-ସାକାର ତତ୍ତ୍ୱର ପୂର୍ଣ୍ଣ ଜ୍ଞାନ ଲାଭ କରିଛନ୍ତି, ଯାହାଙ୍କ ଅନ୍ତଃକରଣ ଉପରୋକ୍ତ ଦୁଇ ତତ୍ତ୍ୱର ଯଥାର୍ଥ ଜ୍ଞାନଦ୍ୱାରା ଭଲଭାବରେ ତୃପ୍ତ ହୋଇଗଲାଣି, ଯାହାଙ୍କର ଆଉ କିଛି ଜାଣିବାକୁ ବାକି ନାହିଁ, ସେ **ଜ୍ଞାନବିଜ୍ଞାନତୃପ୍ତାତ୍ମା** ଅଟନ୍ତି।

ପ୍ରଶ୍ନ – ଏଠାରେ **କୂଟସ୍ଥଃ** ପଦର ଅଭିପ୍ରାୟ କଣ ?

ଉତ୍ତର – ସୁନାରିମାନଙ୍କର ବା କମାରମାନଙ୍କର ଲୁହାର ଲେହିକୁ **'କୂଟ'** କହନ୍ତି। ତା' ଉପରେ ସୁନା,

ରୂପା, ଲୁହା ଆଦି ଉଷ୍ମ ହାତୁଡ଼ିରେ କୁଟାଯାଏ ଅର୍ଥାତ୍— ବାଡ଼େଇ ବାଡ଼େଇ ବିଭିନ୍ନ ରୂପ ଦିଆଯାଏ। କୁଟିବା ସମୟରେ କୂଟ ଉପରେ ବିଶେଷ ଜୋର ବା ଚାପ ପଡ଼େ। ତଥାପି ତାହା ହଲଚଲ ହୁଏ ନାହିଁ; ସର୍ବଦା ଅଚଳ ରହେ। ଏହିପ୍ରକାରେ ଯେଉଁ ପୁରୁଷ ଯେତେ ବଡ଼ ଦୁଃଖ ପଡ଼ିଲେ ମଧ୍ୟ ନିଜର ସ୍ଥିତିରୁ ଟିକିଏ ବି ବିଚଳିତ ହୁଅନ୍ତି ନାହିଁ, ଯାହାଙ୍କ ଅନ୍ତରରେ ତିଳେ ହେଲେ ବିକାର ଉତ୍ପନ୍ନ ହୁଏ ନାହିଁ ଓ ଯେ ସର୍ବଦା ଅଚଳଭାବରେ ପରମାତ୍ମାଙ୍କ ସ୍ୱରୂପରେ ମଜ୍ଜି ରହନ୍ତି, ତାହାଙ୍କୁ **କୂଟସ୍ଥ** କହନ୍ତି।

ପ୍ରଶ୍ନ – **ବିକିତେନ୍ଦ୍ରିୟଃର** ଭାବ କଣ ?

ଉତ୍ତର – ସଂସାରର ସମସ୍ତ ବିଷୟ ମାୟାମୟ ଓ କ୍ଷଣିକ ବୋଲି ଜାଣିପାରିବାହେତୁ ଯାହାଙ୍କର କୌଣସି ବିଷୟରେ ବି ତିଳେମାତ୍ର ଆସକ୍ତି ରହି ନାହିଁ ଏବଂ ଯାହାଙ୍କ ଇନ୍ଦ୍ରିୟମାନେ ବିଷୟଭୋଗରୁ କୌଣସି ରସ ନ ପାଇ ସେଥିରୁ ନିବୃତ୍ତ ହୋଇଯାଇଛନ୍ତି ତଥା ଲୋକସଂଗ୍ରହପାଇଁ ଯେ ନିଜର ଇଚ୍ଛାନୁସାରେ ସେମାନଙ୍କୁ ଯଥାଯୋଗ୍ୟ ଯେଉଁଠି ଲଗାଇଥାନ୍ତି, ସେଠାରେ ଲାଗିଥାଆନ୍ତି, ଯାହାଙ୍କ ଇନ୍ଦ୍ରିୟମାନେ ସ୍ୱେଚ୍ଛାରେ କେଉଁଠିକି ଯାଆନ୍ତି ନାହିଁ ଓ ତାଙ୍କ ମନରେ କୌଣସିପ୍ରକାର କ୍ଷୋଭ ଜନ୍ମାନ୍ତି ନାହିଁ, ଯାହାଙ୍କ ଇନ୍ଦ୍ରିୟଗଣ ଏହିପ୍ରକାରେ ତାଙ୍କ ନିଜ ଅଧୀନରେ ରହିଛନ୍ତି, ସେ **ବିକିତେନ୍ଦ୍ରିୟ** ଅଟନ୍ତି।

ପ୍ରଶ୍ନ – **ସମଲୋଷ୍ଟାଶ୍ମକାଞ୍ଚନଃର** ଭାବ କଣ ?

ଉତ୍ତର – ମାଟି, ପଥର ଓ ସୁନା ଆଦି ସମସ୍ତ ପଦାର୍ଥରେ ପରମାତ୍ମବୁଦ୍ଧି ହୋଇଯିବାରୁ ଯାହାଙ୍କ ପାଇଁ ଏହି ତିନୋଟିଯାକ ସମାନ, ଯେ ଅଜ୍ଞାନୀମାନଙ୍କ ପରି ସୁନାରେ ଆସକ୍ତ ନୁହଁନ୍ତି ବି ମାଟି, ପଥର ଆଦିରେ ଦ୍ୱେଷ କରନ୍ତି ନାହିଁ, ସବୁକୁ ଏକ ବୋଲି ଭାବନ୍ତି, ସେ **ସମଲୋଷ୍ଟାଶ୍ମକାଞ୍ଚନ** ଅଟନ୍ତି।

ସୁହୃନ୍ମିତ୍ରାର୍ଯ୍ୟୁଦାସୀନମଧ୍ୟସ୍ଥଦ୍ୱେଷ୍ୟବନ୍ଧୁଷୁ ।
ସାଧୁଷ୍ୱପି ଚ ପାପେଷୁ ସମବୁଦ୍ଧିର୍ବିଶିଷ୍ୟତେ ॥ ୯ ॥

ଅନ୍ୱୟ – **ସୁହୃନ୍ମିତ୍ରାର୍ଯ୍ୟୁଦାସୀନମଧ୍ୟସ୍ଥଦ୍ୱେଷ୍ୟବନ୍ଧୁଷୁ** = ସୁହୃଦ୍, ମିତ୍ର, ବୈରୀ, ଉଦାସୀନ, ମଧ୍ୟସ୍ଥ, ଦ୍ୱେଷ୍ୟ ଓ ବନ୍ଧୁଗଣଙ୍କ ଠାରେ; **ସାଧୁଷୁ** = ଧର୍ମାତ୍ମାମାନଙ୍କ ଠାରେ; **ଚ** = ଓ; **ପାପେଷୁ** = ପାପୀମାନଙ୍କ ଠାରେ; **ଅପି** = ମଧ୍ୟ; **ସମବୁଦ୍ଧିଃ** = ସମାନ ଭାବ ରଖୁଥିବା ପୁରୁଷ; **ବିଶିଷ୍ୟତେ** = ଅତ୍ୟନ୍ତ ଶ୍ରେଷ୍ଠ ଅଟନ୍ତି।

ସୁହୃଦ୍, ମିତ୍ର, ବୈରୀ, ଉଦାସୀନ, ମଧ୍ୟସ୍ଥ, ଦ୍ୱେଷ୍ୟ ଓ ବନ୍ଧୁଗଣଙ୍କ ଠାରେ, ଧର୍ମାତ୍ମାମାନଙ୍କ ଠାରେ ଓ ପାପୀମାନଙ୍କ ଠାରେ ମଧ୍ୟ ସମାନ ଭାବ ରଖୁଥିବା ପୁରୁଷ ଅତ୍ୟନ୍ତ ଶ୍ରେଷ୍ଠ ଅଟନ୍ତି।॥ ୯ ॥

ପ୍ରଶ୍ନ – **ସୁହୃଦ୍** ଓ **ମିତ୍ର** ମଧ୍ୟରେ ପାର୍ଥକ୍ୟ କଣ ?

ଉତ୍ତର – ସମ୍ବନ୍ଧ ଓ ଉପକାର ଆଦିର ଅପେକ୍ଷା ନ କରି ବିନା କାରଣରେ ହିଁ ସ୍ୱଭାବତଃ ପ୍ରେମ ଓ ହିତ କରୁଥିବା ଲୋକଙ୍କୁ **ସୁହୃଦ୍** କହନ୍ତି ଏବଂ ପରସ୍ପର ପ୍ରେମ ଓ ହିତ କରୁଥିବା ଲୋକଙ୍କୁ **ମିତ୍ର** କହନ୍ତି।

ପ୍ରଶ୍ନ – **ଅରି** (ବୈରୀ) ଓ **ଦ୍ୱେଷ୍ୟ** (ଦ୍ୱେଷର ପାତ୍ର) ମଧ୍ୟରେ ପ୍ରଭେଦ କଣ ?

ଉତ୍ତର – କୌଣସି କାରଣରୁ କ୍ଷତି କରିବାର ଇଚ୍ଛା ବା ଚେଷ୍ଟା କରୁଥିବା ଲୋକକୁ **ବୈରୀ** କୁହାଯାଏ ଓ ସ୍ୱଭାବତଃ ହିଁ ପ୍ରତିକୂଳ ଆଚରଣ କରୁଥିବାରୁ ଯେ ଦ୍ୱେଷର ପାତ୍ର ହୁଏ, ତାକୁ **ଦ୍ୱେଷ୍ୟ** କୁହାଯାଏ।

ପ୍ରଶ୍ନ – **ମଧ୍ୟସ୍ଥ** ଓ **ଉଦାସୀନ** ମଧ୍ୟରେ ପାର୍ଥକ୍ୟ କଣ ?

ଉତ୍ତର – ପରସ୍ପର ଝଗଡ଼ା କରୁଥିବା ଲୋକମାନଙ୍କୁ ମିଳାଇବାପାଇଁ ଚେଷ୍ଟା କରୁଥିବା ଲୋକକୁ ଓ ପକ୍ଷପାତ ଛାଡ଼ି ସେମାନଙ୍କର ହିତପାଇଁ ନ୍ୟାୟ ଦେଉଥିବା ଲୋକକୁ **ମଧ୍ୟସ୍ଥ** କହନ୍ତି ଏବଂ ଦୁଇପକ୍ଷ ସହିତ କୌଣସିପ୍ରକାର ସମ୍ବନ୍ଧ ନ ରଖୁଥିବା ଲୋକକୁ **ଉଦାସୀନ** କହନ୍ତି।

ପ୍ରଶ୍ନ – ଏଠାରେ **ଅପି**ର ଅଭିପ୍ରାୟ କଣ ?

ଉତ୍ତର – ସୁହୃଦ୍, ମିତ୍ର, ଉଦାସୀନ, ମଧ୍ୟସ୍ଥ ଓ ସାଧୁ-ସଦାଚାରୀ ପୁରୁଷମାନଙ୍କ ପ୍ରତି ଏବଂ ନିଜ କୁଟୁମ୍ବର ଲୋକମାନଙ୍କ ପ୍ରତି ପ୍ରେମ ହେବା ସ୍ୱାଭାବିକ। ସେହିପରି

ବୈରୀ, ଦ୍ୱେଷ୍ୟ ଓ ପାପୀମାନଙ୍କ ପ୍ରତି ଦ୍ୱେଷ ଓ ଘୃଣା ହେବା ସ୍ୱାଭାବିକ। ବିବେକଶୀଳ ପୁରୁଷମାନଙ୍କ ମଧ୍ୟରେ ବି ଏହି ଲୋକମାନଙ୍କ ପ୍ରତି ସ୍ୱାଭାବିକ ରାଗ-ଦ୍ୱେଷପରି ଭାବ ଦେଖାଯାଏ। ଏହିପରି ପରସ୍ପର ଅତ୍ୟନ୍ତ ବିରୁଦ୍ଧ ସ୍ୱଭାବର ମନୁଷ୍ୟମାନଙ୍କ ପ୍ରତି ରାଗ-ଦ୍ୱେଷ ଓ ଭେଦବୁଦ୍ଧି ନ ହେବା ବଡ଼ କଠିନ। କିନ୍ତୁ ସେମାନଙ୍କ ପ୍ରତି ବି ଯାହାଙ୍କର ସମଭାବ ରହେ, ତାଙ୍କର ଯେ ଅନ୍ୟତ୍ର ସମଭାବ ରହେ, ସେଥିରେ କହିବାର କଣ ଅଛି! ଏହି ଭାବ ଦେଖାଇବାପାଇଁ **ଅପି** ପ୍ରୟୋଗ କରାଯାଇଛି।

ପ୍ରଶ୍ନ – ସମବୁଦ୍ଧିର ଅଭିପ୍ରାୟ କଣ ?

ଉତ୍ତର – ସର୍ବତ୍ର ପରମାତ୍ମବୁଦ୍ଧି ହୋଇଯିବାରୁ ଯାହାଙ୍କ ଉପରେ ଉପରୋକ୍ତ ଅତ୍ୟନ୍ତ ବିଲକ୍ଷଣ ସ୍ୱଭାବଯୁକ୍ତ ମିତ୍ର, ବୈରୀ, ସାଧୁ ଓ ପାପୀ ଆଦିଙ୍କ ଆଚରଣ, ସ୍ୱଭାବ ଓ ବ୍ୟବହାରଗତ ପ୍ରଭେଦ କିଛି ବି ପ୍ରଭାବ ପଡ଼େ ନାହିଁ, ଯାହାଙ୍କର ବୁଦ୍ଧିରେ କୌଣସି ସମୟରେ, କୌଣସି ବି ପରିସ୍ଥିତିରେ ଏବଂ କୌଣସି କାରଣରୁ ଭେଦଭାବ ଆସେ ନାହିଁ, ତାହାକୁ **ସମବୁଦ୍ଧି** ବୋଲି ବୁଝିବା ଉଚିତ।

ପୟଳ – *ଷଷ୍ଠ ଶ୍ଲୋକରେ କୁହାଯାଇଛି ଯେ, ଯେ ଶରୀର, ଇନ୍ଦ୍ରିୟ ଓ ମନରୂପୀ ଆତ୍ମାକୁ ଜୟ କରିନେଇଛନ୍ତି, ସେ ନିଜେ ନିଜର ମିତ୍ର। ପୁଣି ସପ୍ତମ ଶ୍ଲୋକରେ ସେହି 'ଜିତାତ୍ମା' ପୁରୁଷ ପରମାତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି ବୋଲି କହି ତଥା ଅଷ୍ଟମ ଓ ନବମ ଶ୍ଲୋକରେ ପରମାତ୍ମପ୍ରାପ୍ତ ପୁରୁଷଙ୍କ ଲକ୍ଷଣ କହି ତାଙ୍କୁ ପ୍ରଶଂସା କରାଯାଇଛି। ଏହା ଉପରେ ପ୍ରଶ୍ନ ଉଠେ: ପରମାତ୍ମପ୍ରାପ୍ତିପାଇଁ ଜିତାତ୍ମା ପୁରୁଷଙ୍କୁ କଣ କରିବା ଉଚିତ ? ସେ କେଉଁ ସାଧନାଦ୍ୱାରା ପରମାତ୍ମାଙ୍କୁ ଶୀଘ୍ର ପାଇପାରିବେ ? ତାହା କହିବାକୁ ଭଗବାନ୍ ଧ୍ୟାନଯୋଗ ପ୍ରକରଣ ଆରମ୍ଭ କରୁଛନ୍ତି—*

ଯୋଗୀ ଯୁଞ୍ଜୀତ ସତତମାତ୍ମାନଂ ରହସି ସ୍ଥିତଃ।
ଏକାକୀ ଯତଚିତ୍ତାତ୍ମା ନିରାଶୀରପରିଗ୍ରହଃ ।। ୧୦ ।।

ଅନ୍ୱୟ – **ଯତଚିତ୍ତାତ୍ମା** = ମନ ଓ ଇନ୍ଦ୍ରିୟମାନଙ୍କ ସହିତ ଶରୀରକୁ ବଶ କରି ରଖିଥିବା; **ନିରାଶୀଃ** = ଆଶାରହିତ; **ଅପରିଗ୍ରହଃ** = (ଓ) ସଂଗ୍ରହ କରୁ ନ ଥିବା; **ଯୋଗୀ** = ଯୋଗୀ; **ଏକାକୀ** = ଏକାକୀ ହିଁ; **ରହସି** = ଏକାନ୍ତ ସ୍ଥାନରେ; **ସ୍ଥିତଃ** = ଅବସ୍ଥିତ ହୋଇ; **ଆତ୍ମାନମ୍** = ଆତ୍ମାକୁ; **ସତତମ୍** = ନିରନ୍ତର; **ଯୁଞ୍ଜୀତ** = (ପରମାତ୍ମାରେ) ଲଗାଇବା ଉଚିତ।

ମନ ଓ ଇନ୍ଦ୍ରିୟମାନଙ୍କ ସହିତ ଶରୀରକୁ ବଶ କରି ରଖୁଥିବା, ଆଶାରହିତ ଓ ସଂଗ୍ରହରହିତ ଯୋଗୀ ଏକାକୀ ହିଁ ଏକାନ୍ତ ସ୍ଥାନରେ ଅବସ୍ଥିତ ହୋଇ ଆତ୍ମାକୁ ନିରନ୍ତର ପରମାତ୍ମାରେ ଲଗାଇବା ଉଚିତ।। ୧୦ ।।

ପ୍ରଶ୍ନ – **ନିରାଶୀ** ର ଭାବ କଣ ?

ଉତ୍ତର – ଇହଲୋକ ଓ ପରଲୋକର ଭୋଗ୍ୟ ବସ୍ତୁକୁ ପାଇବାନିମନ୍ତେ ଯେ କୌଣସି ଅବସ୍ଥାରେ, କୌଣସିପ୍ରକାରେ ମଧ୍ୟ କିଞ୍ଚିତ୍‌ମାତ୍ର ବି ଇଚ୍ଛା ବା ଆଶା କରନ୍ତି ନାହିଁ, ସେ **ନିରାଶୀ** ।

ପ୍ରଶ୍ନ – **ଅପରିଗ୍ରହଃ**ର ଅଭିପ୍ରାୟ କଣ ?

ଉତ୍ତର – ଭୋଗସାମଗ୍ରୀ ସଂଗ୍ରହର ନାମ **ପରିଗ୍ରହ**। ଯେ ସେଥିରୁ ନିବୃତ୍ତ, ତାହାକୁ **ଅପରିଗ୍ରହ** କହନ୍ତି। ସେ ଯଦି ଗୃହସ୍ଥ ହୋଇଥାନ୍ତି, ତେବେ କୌଣସି ବସ୍ତୁ ମମତ୍ୱପୂର୍ବକ ସଂଗ୍ରହ କରନ୍ତି ନାହିଁ ଓ ଯଦି ବ୍ରହ୍ମଚାରୀ, ବାନପ୍ରସ୍ଥ ବା ସନ୍ନ୍ୟାସୀ ହୋଇଥାନ୍ତି, ତେବେ ସ୍ୱରୂପତଃ କୌଣସିପ୍ରକାର ଶାସ୍ତ୍ରପ୍ରତିକୂଳ ସଂଗ୍ରହ କରନ୍ତି ନାହିଁ। ଏପରି ମନୁଷ୍ୟ ଯେକୌଣସି ଆଶ୍ରମର ହୋଇଥିଲେ ମଧ୍ୟ **ଅପରିଗ୍ରହ** ହିଁ ଅଟନ୍ତି।

ପ୍ରଶ୍ନ – ଏଠାରେ **ଯୋଗୀ** ପଦ କାହାର ବାଚକ ?

ଉତ୍ତର – ଏଠାରେ ଭଗବାନ୍ ଧ୍ୟାନଯୋଗରେ ରତ ହେବାକୁ କହୁଛନ୍ତି; ଏଣୁ **ଯୋଗୀ** ଧ୍ୟାନଯୋଗର ଅଧିକାରୀଙ୍କ ବାଚକ; ସିଦ୍ଧ ଯୋଗୀଙ୍କ ବାଚକ ନୁହେଁ।

ପ୍ରଶ୍ନ – ଏଠାରେ **ଏକାକୀ** ବିଶେଷଣ କାହିଁକି ଦିଆଯାଇଛି ?

ଉତ୍ତର – ବହୁ ଲୋକଙ୍କ ମଧ୍ୟରେ ରହି ଧ୍ୟାନ ଅଭ୍ୟାସ କରିବା ଅତ୍ୟନ୍ତ କଠିନ। ଅନ୍ୟ ଜଣେ କେହି ସାଥୀରେ ରହିଲେ, କଥାବାର୍ତ୍ତା କରନ୍ତି; ତେଣୁ ଧ୍ୟାନରେ ବିଘ୍ନ ଆସେ। ଅତଏବ ଏକାକୀ ରହି ଧ୍ୟାନ ଅଭ୍ୟାସ କରିବା ଉଚିତ। ଏଥିପାଇଁ **ଏକାକୀ** ବିଶେଷଣ ଦିଆଯାଇଛି।

ପ୍ରଶ୍ନ – ଏକାନ୍ତ ସ୍ଥାନରେ ରହିବାକୁ କହିବାର ଅଭିପ୍ରାୟ କଣ ?

ଉତ୍ତର – ବନ, ପର୍ବତ, ଗୁମ୍ଫା ଆଦି ଏକାନ୍ତ ସ୍ଥାନ ହିଁ ଧ୍ୟାନପାଇଁ ଉପଯୁକ୍ତ। ଯେଉଁଠି ବହୁ ଲୋକଙ୍କର ଗମନାଗମନ ହୁଏ, ସେଠାରେ ଧ୍ୟାନଯୋଗ ସାଧନା ହୋଇପାରେ ନାହିଁ। ତେଣୁ ଏପରି କୁହାଯାଇଛି।

ପ୍ରଶ୍ନ – ଏଠାରେ **ଆତ୍ମା** ଶବ୍ଦ କାହାର ବାଚକ ଓ ତାହାକୁ ପରମାତ୍ମାଙ୍କ ଠାରେ ଲଗାଇବା କହିଲେ କଣ ବୁଝାଏ ?

ଉତ୍ତର – ଏଠାରେ **ଆତ୍ମା** ଶବ୍ଦ ମନ-ବୁଦ୍ଧିରୂପୀ ଅନ୍ତଃକରଣର ବାଚକ ଓ ମନ-ବୁଦ୍ଧିକୁ ପରମାତ୍ମାରେ ତନ୍ମୟ କରିଦେବା ହିଁ ତାହାକୁ ପରମାତ୍ମାରେ ଲଗାଇବା।

ପ୍ରଶ୍ନ – **ସତତମ୍**ର ଅଭିପ୍ରାୟ କଣ ?

ଉତ୍ତର – **ସତତମ୍** ପଦ **ଯୁଞ୍ଜୀତ** କ୍ରିୟାର ବିଶେଷଣ ଓ ନିରନ୍ତରତାର ବାଚକ। ଅଭିପ୍ରାୟ ଏହି ଯେ, ଧ୍ୟାନ କରିବା ସମୟରେ କୌଣସି ବି ଅନ୍ତରାୟ ଆସିବା ଉଚିତ ନୁହେଁ। ନିରନ୍ତର ପରମାତ୍ମାଙ୍କ ଧ୍ୟାନରେ ଏପରି ରତ ହେବା ଉଚିତ, ଯେପରି କି ଧ୍ୟାନ ଭାଙ୍ଗିବ ନାହିଁ।

ସମ୍ବନ୍ଧ – ଚିତାତ୍ମା ପୁରୁଷଙ୍କୁ ଧ୍ୟାନଯୋଗ ସାଧନା କରିବାକୁ କୁହାଗଲା। ବର୍ତ୍ତମାନ ସେହି ଧ୍ୟାନଯୋଗର ବିସ୍ତୃତ ବର୍ଣ୍ଣନା କରିବାକୁ ଯାଇ ଭଗବାନ୍ ପ୍ରଥମେ ଧ୍ୟାନପାଇଁ ସ୍ଥାନ ଓ ଆସନ ବର୍ଣ୍ଣନା କରୁଛନ୍ତି–

ଶୁଚୌ ଦେଶେ ପ୍ରତିଷ୍ଠାପ୍ୟ ସ୍ଥିରମାସନମାତ୍ମନଃ।
ନାତ୍ୟୁଚ୍ଛ୍ରିତଂ ନାତିନୀଚଂ ଚୈଳାଜିନକୁଶୋତ୍ତରମ୍ ।। ୧୧ ।।

ଅନ୍ୱୟ – **ଶୁଚୌ** = ଶୁଦ୍ଧ; **ଦେଶେ** = ଭୂମିରେ (ଯାହା ଉପରେ କ୍ରମଶଃ); **ଚୈଳାଜିନକୁଶୋତ୍ତରମ୍** = କୁଶ (ଉପରେ) ମୃଗଚର୍ମ ଓ (ତା'ଉପରେ) ବସ୍ତ୍ର ବିଛାଇ; **ନ, ଅତ୍ୟୁଚ୍ଛ୍ରିତମ୍** = (ଯାହା) ଅତି ଉଚ୍ଚା ନୁହେଁ କି; **ନ, ଅତିନୀଚମ୍** = ଅତି ନୀଚା ନୁହେଁ (ସେପରି); **ଆତ୍ମନଃ** = ନିଜର; **ଆସନମ୍** = ଆସନକୁ; **ସ୍ଥିରମ୍** = ସ୍ଥିରଭାବେ; **ପ୍ରତିଷ୍ଠାପ୍ୟ** = ପକାଇ।

ଶୁଦ୍ଧ ଭୂମି ଉପରେ କ୍ରମଶଃ କୁଶ, ତା' ଉପରେ ମୃଗଚର୍ମ ଓ ତା'ଉପରେ ବସ୍ତ୍ର ବିଛାଇ ଅତି ଉଚ୍ଚା କିମ୍ବା ଅତି ନୀଚା ନ କରି ନିଜର ଆସନ ସ୍ଥିର କରି ପକାଇ,- - -।। ୧୧ ।।

ପ୍ରଶ୍ନ – **ଶୁଚୌ** ଦେଶେର ଭାବ କଣ ?

ଉତ୍ତର – ଧ୍ୟାନ-ଯୋଗ ସାଧନା କରିବାପାଇଁ ଏପରି ସ୍ଥାନ ବାଛିବା ଉଚିତ, ଯାହା କି ସ୍ୱଭାବତଃ ଶୁଦ୍ଧ ହୋଇଥିବ ଓ ଝାଡ଼ିପୁଡ଼ି, କିପି-ପୋକ୍ଷି ଅଥବା ଧୋଇଧାଇ ସ୍ୱଚ୍ଛ ଓ ନିର୍ମଳ କରାଯାଇଥିବ। ଗଙ୍ଗା, ଯମୁନା, ବା ଅନ୍ୟ କୌଣସି ପବିତ୍ର ନଦୀ-ତଟ, ପର୍ବତଗୁମ୍ଫା, ଦେବାଳୟ, ତୀର୍ଥସ୍ଥାନ ଅଥବା ଉଦ୍ୟାନ ଆଦି ପବିତ୍ର ବାୟୁମଣ୍ଡଳ ଥିବା ସ୍ଥାନମାନଙ୍କ ମଧ୍ୟରୁ ଯାହା ସୁବିଧାରେ ମିଳିବ ଓ ଯାହା ସ୍ୱଚ୍ଛ, ପବିତ୍ର ତଥା ଏକାନ୍ତ ହୋଇଥିବ, ଧ୍ୟାନଯୋଗପାଇଁ ସାଧକ ସେପରି କୌଣସି ଏକ ସ୍ଥାନ ବାଛିନେବା ଉଚିତ।

ପ୍ରଶ୍ନ – ଏଠାରେ **ଆସନମ୍** ପଦ କାହାର ବାଚକ ଓ ତା' ସହିତ **ନାତ୍ୟୁଚ୍ଛ୍ରିତମ୍, ନାତିନୀଚମ୍** ଓ **ଚୈଳାଜିନ-କୁଶୋତ୍ତରମ୍** – ଏହିପରି ତିନୋଟି ବିଶେଷଣ ଦେବାର ଅଭିପ୍ରାୟ କଣ ?

ଉତ୍ତର – କାଠ ବା ପଥର ତିଆରି ପିଢ଼ା ବା ଚୌକି, ଯାହା ଉପରେ ମନୁଷ୍ୟ ସ୍ଥିରଭାବରେ ବସିପାରିବ, ତାହାକୁ ଏଠାରେ ଆସନ କୁହାଯାଇଛି। ସେହି ଆସନ ଯଦି ବେଶୀ ଉଚ୍ଚା ହେବ, ତେବେ ଧ୍ୟାନସମୟରେ ବିଘ୍ନରୂପରେ ଆଳସ୍ୟ ବା ନିଦ୍ରା ଆସିଗଲେ ତା'ଉପରୁ ଖସିପଡ଼ି ଆଘାତ ଲାଗିବାର ଭୟ ରହିବ ଓ ଯଦି ଅତ୍ୟନ୍ତ ନୀଚା ହେବ, ତେବେ ଭୂମିର ଶୀତଳତା – ଉଷ୍ଣତାଦ୍ୱାରା ଏବଂ ପିମ୍ପୁଡ଼ି ଆଦି କୀଟମାନଙ୍କ ଦ୍ୱାରା ବିଘ୍ନ ହେବାର ଭୟ ରହିବ। ତେଣୁ **ନାତ୍ୟୁଚ୍ଛ୍ରିତମ୍** ଓ

ନାତିନୀଚମ୍ ବିଶେଷଣ ଦେଇ କୁହାଯାଇଛି ଯେ, ଆସନ ବେଶୀ ଉଚ୍ଚା କିମ୍ବା ବେଶୀ ନୀଚା ହେବା ଉଚିତ ନୁହେଁ। କାଠ ବା ପଥର ଆସନ କଠିନ ଲାଗେ। ତା' ଉପରେ ବସିଲେ ପାଦରେ ପୀଡ଼ା ହେବାର ସମ୍ଭାବନା ରହିଛି। ତେଣୁ **ଚୈଳାଜିନକୁଶୋତ୍ତରମ୍** ବିଶେଷଣ ଦେଇ ବୁଝାଇଦିଆଯାଇଛି ଯେ, ଆସନରେ ପ୍ରଥମେ କୁଶ, ତା' ଉପରେ ମୃଗଚର୍ମ ଓ ତା'ଉପରେ ବସ୍ତ୍ର ବିଛାଇ ତାହାକୁ କୋମଳ କରିଦେବା ଉଚିତ। (ମୃଗଚର୍ମ ସ୍ୱତଃ ମରିଥିବା ମୃଗର ହେବା ଉଚିତ। ଜାଣି ଜାଣି ମାରିଥିବା ମୃଗର ଚର୍ମ ହେବା ଉଚିତ ନୁହେଁ; ହିଂସାଦ୍ୱାରା ପ୍ରାପ୍ତ ଚର୍ମ ସାଧନାରେ ସହାୟକ ହୋଇପାରେ ନାହିଁ। ମୃଗଚର୍ମ-ଅଭାବରେ କମ୍ବଳ ଆସନ ରଖାଯାଇପାରେ।) ମୃଗଚର୍ମତଳେ କୁଶ ରହିଲେ ତାହା ଶୀଘ୍ର ଖରାପ ହେବ ନାହିଁ ଓ ତା'ଉପରେ ବସ୍ତ୍ର ରହିଲେ ତା'ର କୋମ ଶରୀରରେ ଲାଗିବ ନାହିଁ। ତେଣୁ ଏପରି ତିନୋଟି ପରସ୍ତ ବିଛାଇବାର ବ୍ୟବସ୍ଥା ଦିଆଯାଇଛି।

ପ୍ରଶ୍ନ – ଆତ୍ମନଃର ଅଭିପ୍ରାୟ କଣ ?

ଉତ୍ତର – ଉପରୋକ୍ତ ଆସନ ନିଜର ହେବା ଉଚିତ। ଧ୍ୟାନ କରିବାବେଳେ ଅନ୍ୟ କାହାର ଆସନ ଉପରେ ବସିବା ଉଚିତ ନୁହେଁ।

ପ୍ରଶ୍ନ – ସ୍ଥିରଂ ପ୍ରତିଷ୍ଠାପ୍ୟର ଅଭିପ୍ରାୟ କଣ ?

ଉତ୍ତର – କାଠ ବା ପଥର ତିଆରି ଉପରୋକ୍ତ ଆସନକୁ ଭୂମି ଉପରେ ଭଲଭାବେ ସ୍ଥାପନ କରିବା ଉଚିତ, ଯେପରି କି ତାହା ଟଳମଳ ହେବ ନାହିଁ; କାରଣ ଆସନ ଟଳମଳ ହେଲେ ବା ଓଲଟି ପଡ଼ିଲେ ସାଧନାରେ ବିଘ୍ନ ଆସିବ।

ସମ୍ବନ୍ଧ – ପବିତ୍ର ସ୍ଥାନରେ ଆସନ ସ୍ଥାପନା କରିବା ପରେ ଧ୍ୟାନଯୋଗସାଧକଙ୍କୁ କଣ କରିବା ଉଚିତ, ବର୍ତ୍ତମାନ ତାହା କହୁଛନ୍ତି–

ତତ୍ରୈକାଗ୍ରଂ ମନଃ କୃତ୍ୱା ଯତଚିତ୍ତେନ୍ଦ୍ରିୟକ୍ରିୟଃ।
ଉପବିଶ୍ୟାସନେ ଯୁଞ୍ଜ୍ୟାଦ୍ ଯୋଗମାତ୍ମବିଶୁଦ୍ଧୟେ ।। ୧୨ ।।

ଅନ୍ୱୟ – **ତତ୍ର** = ସେହି; **ଆସନେ** = ଆସନରେ; **ଉପବିଶ୍ୟ** = ବସି; **ଯତଚିତ୍ତେନ୍ଦ୍ରିୟକ୍ରିୟଃ** = ଚିତ୍ତ ଓ ଇନ୍ଦ୍ରିୟମାନଙ୍କର କ୍ରିୟାମାନଙ୍କୁ ବଶରେ ରଖି; **ମନଃ** = ମନକୁ; **ଏକାଗ୍ରମ୍** = ଏକାଗ୍ର; **କୃତ୍ୱା** = କରି; **ଆତ୍ମବିଶୁଦ୍ଧୟେ** = ଅନ୍ତଃକରଣଶୁଦ୍ଧିପାଇଁ; **ଯୋଗମ୍** = ଯୋଗର; **ଯୁଞ୍ଜ୍ୟାତ୍** = ଅଭ୍ୟାସ କରିବା ଉଚିତ।

ସେହି ଆସନରେ ବସି ଚିତ୍ତ ଓ ଇନ୍ଦ୍ରିୟମାନଙ୍କର କ୍ରିୟାମାନଙ୍କୁ ବଶରେ ରଖି ମନ ଏକାଗ୍ର କରି ଅନ୍ତଃକରଣଶୁଦ୍ଧିପାଇଁ ଯୋଗ ଅଭ୍ୟାସ କରିବା ଉଚିତ।। ୧୨ ।।

ପ୍ରଶ୍ନ – ଏଠାରେ ଆସନ ଉପରେ କିପରି ବସିବ, ତାହା ନିର୍ଦ୍ଦିଷ୍ଟରୂପେ ନ କହି ସାମାନ୍ୟଭାବରେ ହିଁ ବସିବା ପାଇଁ କହିବାର ଅଭିପ୍ରାୟ କଣ ?

ଉତ୍ତର – 'ଧ୍ୟାନଯୋଗ'-ସାଧନାପାଇଁ ବସିବାରେ ଯେଉଁ ନିୟମ ଆବଶ୍ୟକ, ତା'ର ସ୍ପଷ୍ଟୀକରଣ ଆଗ ଶ୍ଲୋକରେ କରାଯାଇଛି। ତାହା ପାଳନ କରି ଯେଉଁ ସାଧକ ସ୍ୱସ୍ତିକ, ପିଢ଼ ବା ପଦ୍ମ ଆଦି ଆସନମାନଙ୍କ ମଧ୍ୟରୁ ଯେଉଁ ଆସନରେ ସୁଖପୂର୍ବକ ଅଧିକ ସମୟଯାଏ ସ୍ଥିରଭାବେ ବସିପାରିବେ, ତାଙ୍କ ପାଇଁ ତାହା ଉପଯୁକ୍ତ। ତେଣୁ ଏଠାରେ କୌଣସି ଆସନବିଶେଷର ବର୍ଣ୍ଣନା ନ କରି ସାମାନ୍ୟଭାବରେ ବସିବାକୁ କୁହାଯାଇଛି।

ପ୍ରଶ୍ନ – ଯତଚିତ୍ତେନ୍ଦ୍ରିୟକ୍ରିୟଃର ଅଭିପ୍ରାୟ କଣ ?

ଉତ୍ତର – 'ଚିତ୍ତ' ଶବ୍ଦ ଅନ୍ତଃକରଣରବୋଧକ। ମନ ଓ ବୁଦ୍ଧିରେ ଯେଉଁ ସାଂସାରିକ ବିଷୟମାନଙ୍କର ଚିନ୍ତନ ଓ ନିଶ୍ଚୟ କରାଯାଏ, ତାହାର ସର୍ତ୍ତଥା ତ୍ୟାଗ କରି ସେଥିରୁ ଉପରତ ହୋଇଯିବା ହିଁ ଅନ୍ତଃକରଣର କ୍ରିୟାକୁ ବଶ କରିବା। 'ଇନ୍ଦ୍ରିୟ' ଶ୍ରବଣ ଆଦି ଦଶ ଇନ୍ଦ୍ରିୟର ବୋଧକ। ଶୁଣିବା, ଦେଖିବା ଆଦିରୁ ସେମାନଙ୍କୁ ରୋଧ କରିବା ହିଁ ଇନ୍ଦ୍ରିୟମାନଙ୍କର କ୍ରିୟାମାନଙ୍କୁ ବଶ କରିବା।

ପ୍ରଶ୍ନ – ମନକୁ ଏକାଗ୍ର କରିବା କହିଲେ କଣ ବୁଝାଏ ?

ଉତ୍ତର – ଧ୍ୟେୟ ବସ୍ତୁରେ ମନର ବୃତ୍ତିମାନଙ୍କୁ ଭଲଭାବେ ଲଗାଇଦେବା ହିଁ ମନକୁ ଏକାଗ୍ର କରିବା। ଏଠାରେ ପ୍ରକରଣ ଅନୁସାରେ ପରମାତ୍ମା ହିଁ ଧ୍ୟେୟ ବସ୍ତୁ। ଅତଏବ ତାଙ୍କ ଠାରେ ମନ ଲଗାଇବାକୁ କୁହାଯାଇଛି। ତେଣୁ ଚଉଦ ଶ୍ଲୋକରେ **ମଚ୍ଚିତ୍ତଃ** ବିଶେଷଣ ଦେଇ ଭଗବାନ୍ ଏହା ସ୍ପଷ୍ଟ କରିଛନ୍ତି।

ପ୍ରଶ୍ନ – 'ଅନ୍ତଃକରଣର ଶୁଦ୍ଧିପାଇଁ ଧ୍ୟାନଯୋଗ ଅଭ୍ୟାସ କରିବା ଉଚିତ'– ଏହି କଥାର ଅଭିପ୍ରାୟ କଣ ?

ଉତ୍ତର – ଅଭିପ୍ରାୟ ଏହି ଯେ, ଧ୍ୟାନଯୋଗ-ଅଭ୍ୟାସର ଉଦ୍ଦେଶ୍ୟ କୌଣସିପ୍ରକାର ସାଂସାରିକ ସିଦ୍ଧି ବା ଐଶ୍ୱର୍ଯ୍ୟପ୍ରାପ୍ତି ନୁହେଁ। ଏକମାତ୍ର ପରମାତ୍ମପ୍ରାପ୍ତି ଉଦ୍ଦେଶ୍ୟରେ ହିଁ ଅନ୍ତଃକରଣରେ ସ୍ଥିତ, ରାଗ, ଦ୍ୱେଷ ଆଦି ଅବଗୁଣ ଓ ବିଭିନ୍ନ ପାପ ତଥା ବିକ୍ଷେପ ଓ ଅଜ୍ଞାନ ନାଶ କରିବାପାଇଁ ଧ୍ୟାନଯୋଗ ଅଭ୍ୟାସ କରିବା ଉଚିତ।

ପ୍ରଶ୍ନ – ଯୋଗ ଅଭ୍ୟାସ କରିବା କଣ ?

ଉତ୍ତର – ଉପରୋକ୍ତପ୍ରକାରେ ଆସନରେ ବସି ଅନ୍ତଃକରଣ ଓ ଇନ୍ଦ୍ରିୟମାନଙ୍କର କ୍ରିୟାଗୁଡ଼ିକୁ ବଶ କରି ଓ ମନକୁ ପରମେଶ୍ୱରଙ୍କ ଠାରେ ଲଗାଇ ନିରନ୍ତର ଅବିଚ୍ଛିନ୍ନଭାବରେ ପରମାତ୍ମାଙ୍କ ଚିନ୍ତନରେ ହିଁ ଲାଗିରହିବାକୁ 'ଯୋଗ' ଅଭ୍ୟାସ କରିବା କୁହାଯାଏ।

ସମ୍ବନ୍ଧ – ଉପରୋକ୍ତ ଶ୍ଲୋକରେ ଆସନ ଉପରେ ବସି ଧ୍ୟାନଯୋଗ ସାଧନା କରିବାକୁ କୁହାଗଲା। ବର୍ତ୍ତମାନ ତା'ର ସ୍ପଷ୍ଟୀକରଣ ଦେବାପାଇଁ ଆସନ ଉପରେ କିପରି ବସିବା ଉଚିତ, ସାଧକର ଭାବ କିପରି ହେବା ଉଚିତ, ସେ କେଉଁ କେଉଁ ନିୟମ ପାଳନ କରିବା ଆବଶ୍ୟକ ଓ କିପ୍ରକାରେ କାହାର ଧ୍ୟାନ କରିବା ଉଚିତ ଇତ୍ୟାଦି କଥା ଦୁଇଟି ଶ୍ଲୋକରେ କୁହାଯାଇଛି–

ସମଂ କାୟଶିରୋଗ୍ରୀବଂ ଧାରୟନ୍ନଚଳଂ ସ୍ଥିରଃ।
ସଂପ୍ରେକ୍ଷ୍ୟ ନାସିକାଗ୍ରଂ ସ୍ୱଂ ଦିଶଶ୍ଚାନବଲୋକୟନ୍ ॥ ୧୩ ॥

ଅନ୍ୱୟ – କାୟଶିରୋଗ୍ରୀବମ୍ = କାୟା, ଶିର ଓ ଗ୍ରୀବାକୁ; ସମମ୍ = ସଳଖ; ଅଚଳମ୍ = ଅଚଳ; ଧାରୟନ୍ = ଧାରଣ କରି; ଚ = ଓ; ସ୍ଥିରଃ = ସ୍ଥିର ହୋଇ; ସ୍ୱମ୍ = ନିଜର; ନାସିକାଗ୍ରମ୍ = ନାସିକାର ଅଗ୍ରଭାଗରେ; ସମ୍ପ୍ରେକ୍ଷ୍ୟ = ଦୃଷ୍ଟି ରଖି; ଦିଶଃ = (ଅନ୍ୟ) ଦିଗମାନଙ୍କୁ; ଅନବଲୋକୟନ୍ = ନ ଚାହିଁ।

ଶରୀର, ଶିର ଏବଂ ଗ୍ରୀବା (ବେକ) ସଳଖ ଓ ଅଚଳ ରଖି ଏବଂ ସ୍ଥିର * ହୋଇ ନିଜ ନାସିକାର ଅଗ୍ରଭାଗରେ ଦୃଷ୍ଟି ନିବଦ୍ଧ କରି ଅନ୍ୟ ଆଡ଼େ ନ ଚାହିଁ—॥ ୧୩ ॥

ପ୍ରଶ୍ନ – କାୟା, ଶିର ଓ ଗ୍ରୀବାକୁ 'ସମ' ଓ 'ଅଚଳ' ରଖିବା କଣ ?

ଉତ୍ତର – ଏଠାରେ ଦେହର ମଧ୍ୟଭାଗ ଅର୍ଥାତ୍ ଜଘରୁ ଉପରକୁ ଓ ବେକରୁ ତଳକୁ ଥିବା ସ୍ଥାନର ନାମ କାୟା ଓ ବେକର ନାମ 'ଗ୍ରୀବା' ଓ ତା' ଉପର ଅଙ୍ଗର ନାମ 'ଶିର' (ମୁଣ୍ଡ)। ଅଣ୍ଡା ବା ପେଟକୁ ଆଗ-ପଛ ବା ବାଆଁ-ତାହାଣ କୌଣସିପଟକୁ ନ ତଳାଇ ଅର୍ଥାତ୍ ମେରୁଦଣ୍ଡକୁ ସଳଖ ରଖି, ବେକ କୌଣସି ପଟେ ନ ଝୁଙ୍କାଇ ଓ ଶିର ଏପଟ ସେପଟ ନ କରି ତିନୋଟିଯାକ ଅଙ୍ଗକୁ ସଳଖ ରଖି ଟିକିଏ ହେଲେ ନ ହଲାଇବା ହିଁ 'ସମ' ଓ 'ଅଚଳ' ରଖିବା।

ପ୍ରଶ୍ନ – କାୟା ଆଦି ଅଚଳ ରଖିବାକୁ କହିବା ପରେ ପୁଣି ସ୍ଥିର ହେବାକୁ କାହିଁକି କୁହାଗଲା ? କଣ ଏଥିରେ କିଛି ନୂଆ କଥା ଅଛି ?

ଉତ୍ତର – କାୟା, ଶିର ଓ ଗ୍ରୀବାକୁ ସମ ଓ ଅଚଳ ରଖିବା ପରେ ମଧ୍ୟ ହାତ-ପାଦ ଆଦି ଅନ୍ୟାନ୍ୟ ଅଙ୍ଗ ହଲଚଲ ହୋଇପାରେ। ତେଣୁ ପୁଣି ଥରେ ସ୍ଥିର ହେବାକୁ କୁହାଗଲା। ଅଭିପ୍ରାୟ ଏହି ଯେ, ଧ୍ୟାନସମୟରେ ହାତପାଦଗୁଡ଼ିକୁ କୌଣସି ଆସନର ନିୟମାନୁସାରେ ରଖାଯାଇପାରିବ, କିନ୍ତୁ ସେସବୁକୁ ଅବଶ୍ୟ 'ସ୍ଥିର' ରଖିବାକୁ ପଡ଼ିବ। କୌଣସି ବି ଅଙ୍ଗ ହଲିବା ଧ୍ୟାନପାଇଁ ଉପଯୁକ୍ତ ନୁହେଁ। ତେଣୁ ସବୁ ଅଙ୍ଗକୁ ଅଚଳ ରଖି ସକଳପ୍ରକାରେ ସ୍ଥିର ରହିବା ଉଚିତ।

ପ୍ରଶ୍ନ – 'ନାସିକାର ଅଗ୍ରଭାଗ ଉପରେ ଦୃଷ୍ଟି ନିବଦ୍ଧ କରି ଅନ୍ୟ ଦିଗକୁ ନ ଚାହିଁ'– ଏ କଥାର ଅଭିପ୍ରାୟ କଣ ?

★ 'ସ୍ଥିରସୁଖମାସନମ୍' (ଯୋଗ-୨/୪୬) ଅର୍ଥାତ୍ ଅଧିକ ସମୟପର୍ଯ୍ୟନ୍ତ ସୁଖପୂର୍ବକ ସ୍ଥିର ହୋଇ ବସିବାର ନାମ ଆସନ।

ଉତ୍ତର – ଦୃଷ୍ଟିକୁ ନିଜର ନାକ-ଅଗରେ ଏକାଗ୍ର କରି ରଖିବା ଆବଶ୍ୟକ। ଆଖି ବନ୍ଦ କରିବା ଉଚିତ ନୁହେଁ, କି ଏପଟେ ସେପଟେ ଅନ୍ୟ ଅଙ୍ଗକୁ ଓ ବସ୍ତୁକୁ ଚାହିଁବା ଉଚିତ ନୁହେଁ। ନାସିକାର ଅଗ୍ରଭାଗକୁ ମଧ୍ୟ ମନ ଲଗାଇ 'ଦେଖିବା' ବିଧେୟ ନୁହେଁ। ବିକ୍ଷେପ ଓ ନିଦ୍ରା ନ ହେବାପାଇଁ କେବଳ ଦୃଷ୍ଟିକୁ ହିଁ ସେଠାରେ ଲଗାଇବାକୁ ହେବ। ମନକୁ ତ ପରମେଶ୍ୱରଙ୍କ ଠାରେ ଲଗାଇବାକୁ ହେବ, ନାକ ଅଗରେ ନୁହେଁ।

ପ୍ରଶ୍ନ – ଏହିପରି ଆସନ ଲଗାଇ ବସିବାକୁ ଭଗବାନ୍ କାହିଁକି କହିଲେ ?

ଉତ୍ତର – ଧ୍ୟାନଯୋଗସାଧନାରେ ନିଦ୍ରା, ଆଳସ୍ୟ, ବିକ୍ଷେପ ଏବଂ ଶୀତୋଷ୍ଣାଦି ଦ୍ୱନ୍ଦ୍ୱକୁ ବିଘ୍ନ ବୋଲି ମନେ କରାଯାଏ। ଏସବୁ ଦୋଷରୁ ମୁକ୍ତ ହେବାର ଏହା ଏକ ଭଲ ଉପାୟ। କାୟା, ଶିର ଓ ଗ୍ରୀବା ସଳଖ ରଖିବେ ତଥା ଆଖିକୁ ଖୋଲା ରଖିଲେ ଆଳସ୍ୟ ଓ ନିଦ୍ରା ଆକ୍ରମଣ କରିପାରେ ନାହିଁ। ନାସାଗ୍ରରେ ଦୃଷ୍ଟି ନିବଦ୍ଧ କରି ଏପଟେ ସେପଟେ ଥିବା ଅନ୍ୟ ବସ୍ତୁକୁ ନ ଚାହିଁଲେ ବାହ୍ୟ ବିକ୍ଷେପର ସମ୍ଭାବନା ରହେ ନାହିଁ ଓ ଆସନ ଦୃଢ଼ ହୋଇଗଲେ ଶୀତୋଷ୍ଣାଦି ଦ୍ୱନ୍ଦ୍ୱରୁ ମଧ୍ୟ ବାଧା ପଡ଼ିବାର ଭୟ ରହେ ନାହିଁ। ଏଣୁ ଧ୍ୟାନଯୋଗ ସାଧନା କରିବା ସମୟରେ ଏପରି ଆସନରେ ବସିବା ବିଶେଷ ଉପଯୋଗୀ। ତେଣୁ ଭଗବାନ୍ ଏପରି କହିଛନ୍ତି।

ପ୍ରଶ୍ନ – ଏହି ତିନୋଟି ଶ୍ଲୋକରେ ଆସନର ଯେଉଁ ବିଧି କୁହାଯାଇଛି, ତାହା ସଗୁଣ ପରମେଶ୍ୱରଙ୍କ ଧ୍ୟାନପାଇଁ, ନା ନିର୍ଗୁଣ ବ୍ରହ୍ମଙ୍କର ?

ଉତ୍ତର – ଧ୍ୟାନ ସଗୁଣଙ୍କର ହେବ, କି ନିର୍ଗୁଣ ବ୍ରହ୍ମଙ୍କର ହେବ, ତାହା ତ ରୁଚି ଓ ଅଧିକାରଭେଦର କଥା। ଆସନର ଏହି ବିଧି ସମସ୍ତଙ୍କ ପାଇଁ ଆବଶ୍ୟକ।

ପ୍ରଶାନ୍ତାତ୍ମା ବିଗତଭୀର୍ବ୍ରହ୍ମଚାରିବ୍ରତେ ସ୍ଥିତଃ।
ମନଃ ସଂଯମ୍ୟ ମଚ୍ଚିତ୍ତୋ ଯୁକ୍ତ ଆସୀତ ମତ୍ପରଃ॥ ୧୪ ॥

ଅନ୍ୱୟ – **ବ୍ରହ୍ମଚାରିବ୍ରତେ** = ବ୍ରହ୍ମଚାରିବ୍ରତରେ; **ସ୍ଥିତଃ** = ସ୍ଥିତ, **ବିଗତଭୀଃ** = ଭୟଶୂନ୍ୟ; **ପ୍ରଶାନ୍ତାତ୍ମା** = ପ୍ରଶାନ୍ତ ଅନ୍ତଃକରଣବିଶିଷ୍ଟ; **ଯୁକ୍ତଃ** = ସାବଧାନ ଯୋଗୀ; **ମନଃ** = ମନକୁ; **ସଂଯମ୍ୟ** = ସଂଯତ କରି; **ମଚ୍ଚିତ୍ତଃ** = ମୋଠାରେ ଯୁକ୍ତଚିତ୍ତ ହୋଇ; **ମତ୍ପରଃ** = ମୋର ପରାୟଣ ହୋଇ; **ଆସୀତ** = ବସିବା ଉଚିତ।

ବ୍ରହ୍ମଚାରିବ୍ରତରେ ସ୍ଥିତ ଭୟଶୂନ୍ୟ ପ୍ରଶାନ୍ତ ଅନ୍ତଃକରଣବିଶିଷ୍ଟ ତଥା ସାବଧାନ ଯୋଗୀ ମନକୁ ସଂଯତ କରି, ମୋଠାରେ ଯୁକ୍ତଚିତ୍ତ ହୋଇ ଏବଂ ମୋର ପରାୟଣ ହୋଇ ବସିବା ଉଚିତ॥ ୧୪ ॥

ପ୍ରଶ୍ନ – ଏଠାରେ ବ୍ରହ୍ମଚାରୀବ୍ରତରେ ସ୍ଥିତ ହେବା କଣ ?

ଉତ୍ତର – ବ୍ରହ୍ମଚର୍ଯ୍ୟର ତାତ୍ତ୍ୱିକ ଅର୍ଥ ଅନ୍ୟ କିଛି ହେଲେ ମଧ୍ୟ ବୀର୍ଯ୍ୟଧାରଣ ହିଁ ଏହାର ପ୍ରଧାନ ଅର୍ଥ ଓ ଏଠାରେ ବୀର୍ଯ୍ୟଧାରଣ ହିଁ ପ୍ରସଙ୍ଗାନୁକୂଳ ମଧ୍ୟ। ମନୁଷ୍ୟର ଶରୀରରେ ବୀର୍ଯ୍ୟ ହିଁ ଏପରି ଏକ ଅମୂଲ୍ୟ ବସ୍ତୁ, ଯାହାକୁ ଭଲଭାବେ ସଂରକ୍ଷଣ ନ କଲେ ଶାରୀରିକ, ମାନସିକ ଅଥବା ଆଧ୍ୟାତ୍ମିକ— କୌଣସିପ୍ରକାର ବଳ ମିଳେ ନାହିଁ, କି ବଳସଞ୍ଚୟ ହୁଏ ନାହିଁ। ତେଣୁ ଆର୍ଯ୍ୟସଂସ୍କୃତିର ଚାରି ଆଶ୍ରମ ମଧ୍ୟରୁ ବ୍ରହ୍ମଚର୍ଯ୍ୟ ପ୍ରଥମ ଆଶ୍ରମ। ଏହା ଅନ୍ୟ ତିନୋଟି ଆଶ୍ରମର ମୂଳଦୁଆ। ବ୍ରହ୍ମଚର୍ଯ୍ୟ-ଆଶ୍ରମରେ ବ୍ରହ୍ମଚାରୀଙ୍କ ପାଇଁ ବହୁତ ନିୟମ ରହିଛି। ସେହି ନିୟମଗୁଡ଼ିକ ପାଳନ କଲେ ବୀର୍ଯ୍ୟ-ଧାରଣରେ ବିଶେଷ ସହାୟତା ମିଳେ। ବ୍ରହ୍ମଚର୍ଯ୍ୟପାଳନଦ୍ୱାରା ଯଦି ପ୍ରକୃତରେ ଭଲଭାବେ ବୀର୍ଯ୍ୟଧାରଣ ହୋଇଯାଏ, ତେବେ ସେହି ବୀର୍ଯ୍ୟଦ୍ୱାରା ଶରୀରଭିତରେ ଏକ ଅଦ୍ଭୁତ ଚିତ୍ତୌତ୍‌ଶକ୍ତି ଉତ୍ପନ୍ନ ହୁଏ ଓ ତା'ର ତେଜ ଏତେ ଶକ୍ତିଶାଳୀ ହୁଏ ଯେ, ସେହି ତେଜପ୍ରଭାବରେ ପ୍ରାଣ ଓ ମନର ଗତି ସ୍ୱତଃ ସ୍ଥିର ହୋଇଯାଏ ଓ ଚିତ୍ତର ଅବିଚ୍ଛିନ୍ନ ପ୍ରବାହ ଧ୍ୟେୟବସ୍ତୁ ପ୍ରତି ସ୍ୱାଭାବିକ ହେବାକୁ ଲାଗେ। ଏହି ଅନନ୍ୟବୃତ୍ତି ଏକଲୟର ନାମ ହିଁ ଧ୍ୟାନ।

ଆଜିକାଲି ଚେଷ୍ଟା କଲେ ମଧ୍ୟ ଲୋକମାନେ ଧ୍ୟାନ କରିପାରୁ ନାହାନ୍ତି; ସେମାନଙ୍କର ଚିତ୍ତ ଧ୍ୟେୟବସ୍ତୁରେ

ବାରୁ ନାହିଁ। ଏହାର ଏକ ମୁଖ୍ୟତମ କାରଣ ଏହି ଯେ, ସେମାନେ ବୀର୍ଯ୍ୟଧାରଣ କରୁ ନାହାନ୍ତି। ଯଦ୍ୟପି ବିବାହ ହେବା ପରେ ନିଜର ପତ୍ନୀ ସହିତ ସଂଯମପୂର୍ଣ୍ଣ ନିୟମିତ ଜୀବନଯାପନ କରିବା ମଧ୍ୟ ବ୍ରହ୍ମଚର୍ଯ୍ୟ ହିଁ ଅଟେ ଓ ତଦ୍ଦ୍ୱାରା ମଧ୍ୟ ଧ୍ୟାନରେ ବିଶେଷ ସହାୟତା ମିଳେ, ପରନ୍ତୁ ଯେ ପ୍ରଥମରୁ ହିଁ ବ୍ରହ୍ମଚର୍ଯ୍ୟର ନିୟମଗୁଡ଼ିକ ସୁଚାରୂରୂପେ ପାଳନ କରିଛନ୍ତି ଓ ଯାହାଙ୍କର ଧ୍ୟାନଯୋଗସାଧନାପର୍ଯ୍ୟନ୍ତ ଶୁକ୍ରର କୌଣସିପ୍ରକାର ବାହ୍ୟ କ୍ଷରଣ ହୋଇ ନାହିଁ, ତାହାଙ୍କୁ ଧ୍ୟାନଯୋଗରେ ବହୁତ ଶୀଘ୍ର ଓ ବଡ଼ ସହଜରେ ସଫଳତା ମିଳିଥାଏ।

ମନୁସ୍ମୃତି ଆଦି ଗ୍ରନ୍ଥରେ ତଥା ଅନ୍ୟାନ୍ୟ ଶାସ୍ତ୍ରରେ ବ୍ରହ୍ମଚାରୀଙ୍କ ପାଇଁ ପାଳନୀୟ ବ୍ରତର ବଡ଼ ସୁନ୍ଦର ବିଧାନ କରାଯାଇଛି। ସେଗୁଡ଼ିକ ମଧ୍ୟରେ ପ୍ରଧାନ ବିଧାନ ହେଉଛି :— 'ବ୍ରହ୍ମଚାରୀ ନିତ୍ୟ ସ୍ନାନ କରିବେ; କୌଣସି ପ୍ରସାଧନସାମଗ୍ରୀ ଲଗାଇବେ ନାହିଁ; ଆଖିରେ ସୁରମା ଲଗାଇବେ ନାହିଁ; ତେଲ ଲଗାଇବେ ନାହିଁ; ସୁଗନ୍ଧିତ-ଅଙ୍ଗ, ଅତର ଆଦି ବସ୍ତୁ ବ୍ୟବହାର କରିବେ ନାହିଁ; ଫୁଲମାଳ ଓ ଗହଣା ପିନ୍ଧିବେ ନାହିଁ; ନାଚିବା, ଗାଇବା, ବାଜା ବଜାଇବା କରିବେ ନାହିଁ; ଜୋତା ପିନ୍ଧିବେ ନାହିଁ; ଛତା ଧରିବେ ନାହିଁ; ପଲଙ୍ଗରେ ଶୋଇବେ ନାହିଁ; ଜୁଆ ଖେଳିବେ ନାହିଁ; ସ୍ତ୍ରୀମାନଙ୍କୁ ଚାହିଁବେ ନାହିଁ; ସ୍ତ୍ରୀ-ସମ୍ବନ୍ଧୀୟ ଚର୍ଚ୍ଚା ମଧ୍ୟ କରିବେ ନାହିଁ; ନିୟମିତ ସାଦା ଭୋଜନ କରିବେ; କୋମଳ ବସ୍ତ୍ର ପିନ୍ଧିବେ ନାହିଁ; ଦେବତା, ଋଷି ଓ ଗୁରୁଙ୍କ ପୂଜାସେବା କରିବେ, କାହା ସହିତ ବିବାଦ କରିବେ ନାହିଁ; କାହାର ନିନ୍ଦା କରିବେ ନାହିଁ; ସତ୍ୟ କହିବେ; କାହାକୁ ତିରସ୍କାର କରିବେ ନାହିଁ; ଅହିଂସାବ୍ରତ ପୂର୍ଣ୍ଣଭାବରେ ପାଳନ କରିବେ; କାମ, କ୍ରୋଧ ଓ ଲୋଭ ସର୍ବଦା ତ୍ୟାଗ କରିବେ; ଏକାକୀ ଶୋଇବେ; କଦାପି ବୀର୍ଯ୍ୟପାତ ହେବାକୁ ଦେବେ ନାହିଁ ଏବଂ ଏସମସ୍ତ ବ୍ରତ ଉଲଗ୍ଭାବରେ ପାଳନ କରିବେ। ଏସବୁ ହେଉଛି ବ୍ରହ୍ମଚାରୀଙ୍କର ବ୍ରତ। ଭଗବାନ୍ ଏଠାରେ 'ବ୍ରହ୍ମଚାରିବ୍ରତ' କଥା କହି ଆଶ୍ରମଧର୍ମ ପ୍ରତି ମଧ୍ୟ ସଙ୍କେତ କରିଛନ୍ତି। ଅନ୍ୟ ଆଶ୍ରମର ଯେଉଁ ଲୋକେ ଧ୍ୟାନଯୋଗ ସାଧନା କରୁଛନ୍ତି, ସେମାନଙ୍କ ପାଇଁ ମଧ୍ୟ ବୀର୍ଯ୍ୟଧାରଣ ବା ବୀର୍ଯ୍ୟସଂରକ୍ଷଣ ଅତ୍ୟନ୍ତ ଆବଶ୍ୟକ ଓ ବୀର୍ଯ୍ୟଧାରଣରେ ଉପରୋକ୍ତ ନିୟମଗୁଡ଼ିକ ବିଶେଷ ସହାୟକ। ଏହା ବ୍ରହ୍ମଚାରୀର ବ୍ରତ ଓ ଦୃଢ଼ତାପୂର୍ବକ ଏହା ପାଳନ କରିବା ହିଁ ସେଥିରେ ସ୍ଥିତ ହେବା।

ପ୍ରଶ୍ନ — **ବିଗତଭୀଃ** ର ଅଭିପ୍ରାୟ କଣ ?

ଉତ୍ତର — ପରମାତ୍ମା ସବୁଠାରେ ଅଛନ୍ତି ଓ ଧ୍ୟାନଯୋଗୀ ପରମାତ୍ମାଙ୍କୁ ଧ୍ୟାନ କରି ତାଙ୍କୁ ଦେଖିବାକୁ ଚାହାନ୍ତି। ତେଣୁ ସେ ଡରିବେ କାହିଁକି ? ଅତଏବ ଧ୍ୟାନ କରିବା ସମୟରେ ସାଧକ ନିର୍ଭୟ ହୋଇ ରହିବା ଉଚିତ। ମନରେ ତିଳେମାତ୍ର ଭୟ ରହିଗଲେ ଏକାନ୍ତ ଓ ନିର୍ଜନ ସ୍ଥାନରେ ସ୍ୱଭାବତଃ ଚିତ୍ତବିକ୍ଷେପ ହେବ। ଏଣୁ ସାଧକ ସେହି ସମୟରେ ଏହି ଦୃଢ଼ ବିଶ୍ୱାସ ରଖିବା ଉଚିତ ଯେ, ପରମାତ୍ମା ସର୍ବଶକ୍ତିମାନ୍ ଓ ସର୍ବବ୍ୟାପୀ ହୋଇଥିବାରୁ ଏଠାରେ ମଧ୍ୟ ସଦାସର୍ବଦା ନିଶ୍ଚିତଭାବରେ ଅଛନ୍ତି ଏବଂ ସେ ରହିଥିବାରୁ ଏଠାରେ କୌଣସି ଭୟ ନାହିଁ; ଯଦି କଦାଚିତ୍ ପ୍ରାରବ୍ଧବଶତଃ ଧ୍ୟାନ କରୁ କରୁ ମୃତ୍ୟୁ ହୋଇଯାଏ, ତେବେ ତା'ର ପରିଣାମ ମଧ୍ୟ ପରମ କଲ୍ୟାଣ ହିଁ ହେବ। ପ୍ରକୃତ ଧ୍ୟାନଯୋଗୀ ଏହି ବିଚାରରେ ଦୃଢ଼ ରହନ୍ତି। ତେଣୁ ତାଙ୍କୁ **ବିଗତଭୀଃ** କୁହାଯାଇଛି।

ପ୍ରଶ୍ନ — **ପ୍ରଶାନ୍ତାତ୍ମା**ର ଅଭିପ୍ରାୟ କଣ ?

ଉତ୍ତର — ଧ୍ୟାନ କରିବା ସମୟରେ ରାଗ-ଦ୍ୱେଷ, ହର୍ଷ-ଶୋକ ଓ କାମ-କ୍ରୋଧ ଆଦି ଦୂଷିତ ବୃତ୍ତିଗୁଡ଼ିକୁ ତଥା ସାଂସାରିକ ସଂକଳ୍ପ-ବିକଳ୍ପକୁ ମନରୁ ସର୍ବଥା ଦୂର କରିଦେବା ଉଚିତ। ବୈରାଗ୍ୟଦ୍ୱାରା ମନକୁ ସର୍ବଥା ନିର୍ମଳ ଓ ଶାନ୍ତ କରି ଧ୍ୟାନଯୋଗ ସାଧନା କରିବା ଉଚିତ। ଏହି ଭାବ ଦେଖାଇବାକୁ **ପ୍ରଶାନ୍ତାତ୍ମା** ବିଶେଷଣ ଦିଆଯାଇଛି।

ପ୍ରଶ୍ନ — **ଯୁକ୍ତଃ** ବିଶେଷଣର ଅଭିପ୍ରାୟ କଣ ?

ଉତ୍ତର — ଧ୍ୟାନ କରିବା ସମୟରେ ସାଧକଙ୍କୁ ନିଦ୍ରା, ଆଳସ୍ୟ ଓ ପ୍ରମାଦ ଆଦି ବିଘ୍ନରୁ ରକ୍ଷା ପାଇବା ନିମନ୍ତେ ବିଶେଷ ସାବଧାନ ରହିବା ଉଚିତ। ଏପରି ନ କଲେ ମନ ଓ ଇନ୍ଦ୍ରିୟମାନେ ତାଙ୍କୁ ଧୋକା ଦେଇ ଧ୍ୟାନରେ ଅନେକପ୍ରକାର ବିଘ୍ନ ଘଟାଇବେ। ଏହା ଦେଖାଇବାକୁ **ଯୁକ୍ତଃ** ବିଶେଷଣ ଦିଆଯାଇଛି।

ପ୍ରଶ୍ନ — ମନକୁ ସଂଯତ କରିବା କଣ ?

ଉତ୍ତର — ଗୋଟିଏ ସ୍ଥାନରେ ନ ରହିବା ଓ ସଂଯତ ହୋଇ ରହୁ ରହୁ ବି ବଚାଳପୂର୍ବକ ବିଷୟଭୋଗ ପ୍ରତି ଚାଲିଯିବା ହିଁ ମନର ସ୍ୱଭାବ। ମନକୁ ଭଲଭାବରେ ସଂଯତ ନ କଲେ ଧ୍ୟାନଯୋଗସାଧନା କରିହେବ ନାହିଁ। ତେଣୁ ଧ୍ୟାନ କରିବା ସମୟରେ ମନକୁ ବାହ୍ୟ ବିଷୟଭୋଗରୁ ଜଲଦ୍ଭାବେ ହଟାଇଆଣି ତାହାକୁ ନିଜ ଲକ୍ଷ୍ୟସ୍ଥଳରେ ପୂର୍ଣ୍ଣରୂପରେ ନିରୁଦ୍ଧ କରିଦେବା ଅର୍ଥାତ୍

ଭଗବାନଙ୍କ ଠାରେ ତନ୍ମୟ କରିଦେବା ଉଚିତ। ଏହା ହିଁ ମନକୁ ସଂଯତ କରିବା।

ପ୍ରଶ୍ନ – ମଚ୍ଚିତ୍ତଃର ଭାବ କଣ ?

ଉତ୍ତର – ଧ୍ୟେୟବସ୍ତୁରେ ଚିତ୍ତକୁ ଏକାଗ୍ର କରି ଲଗାଇବାର ନାମ ଧ୍ୟାନ। ସେହି ଧ୍ୟେୟବସ୍ତୁ କଣ ହେବା ଉଚିତ, ସେହି ବିଷୟରେ ଭଗବାନ୍ କହୁଛନ୍ତି, ''ତୁମେ ତୁମର ଚିତ୍ତକୁ ମୋଠାରେ ଲଗାଅ।'' ଯେଉଁଥିରେ ଯଥାର୍ଥ ପ୍ରେମ ହୁଏ, ସେହି ବସ୍ତୁରେ ଚିତ୍ତ ସହଜରେ ଲାଗିରହେ। ଅତଏବ ଧ୍ୟାନଯୋଗୀଙ୍କର ଆବଶ୍ୟକ ଯେ, ସେ ପରମ ହିତୈଷୀ, ପରମ ସୁହୃଦ୍, ପରମ ପ୍ରେମାସ୍ପଦ ପରମେଶ୍ୱରଙ୍କ ଗୁଣ, ପ୍ରଭାବ, ତତ୍ତ୍ୱ ଓ ରହସ୍ୟକୁ ବୁଝି, ସମସ୍ତ ଜଗତରୁ ପ୍ରେମ ହଟାଇ ଆଣି ଏକମାତ୍ର ପ୍ରଭୁଙ୍କୁ ନିଜର ଧ୍ୟେୟ କରିବେ ଓ ଅନନ୍ୟଭାବରେ ତାଙ୍କରି ଠାରେ ଚିତ୍ତ ଲଗାଇବାକୁ ଅଭ୍ୟାସ କରିବେ।

ପ୍ରଶ୍ନ – ଭଗବତ୍ ପରାୟଣ ହେବା କଣ ?

ଉତ୍ତର – ଯେଉଁମାନେ ପରମେଶ୍ୱରଙ୍କୁ ନିଜର ଧ୍ୟେୟ କରି, ତାଙ୍କ ଧ୍ୟାନରେ ଚିତ୍ତ ସଂଲଗ୍ନ କରିବାକୁ ଚାହାନ୍ତି, ସେମାନେ ତାଙ୍କରି ପରାୟଣ ହେବେ। ଅତଏବ **ମତ୍ପରଃ** ପଦଦ୍ୱାରା ଭଗବାନ୍ କହିଛନ୍ତି, ''ଧ୍ୟାନଯୋଗର ସାଧକ ମୋତେ ହିଁ ପରମଗତି, ପରମଧ୍ୟେୟ, ପରମ-ଆଶ୍ରୟ ଓ ପରମ ମହେଶ୍ୱର ତଥା ସମସ୍ତଙ୍କ ଠାରୁ ଅଧିକ ପ୍ରେମାସ୍ପଦ ମନେ କରି ନିରନ୍ତର ମୋର ହିଁ ଆଶ୍ରିତ ହୋଇ ଓ ମୋତେ ହିଁ ନିଜର ଏକମାତ୍ର ପରମରକ୍ଷକ, ସହାୟକ, ସ୍ୱାମୀ ତଥା ଜୀବନ, ପ୍ରାଣ ଓ ସର୍ବସ୍ୱ ମନେ କରି ମୋର ପ୍ରତ୍ୟେକ ବିଧାନରେ ପରମ ସନ୍ତୁଷ୍ଟ ରହିବା ଉଚିତ।'' ଏହା ହିଁ 'ଭଗବାନଙ୍କର ପରାୟଣ ହେବା।'

ପ୍ରଶ୍ନ – ଏହି ଶ୍ଲୋକରେ କୁହାଯାଇଥିବା ଧ୍ୟାନ ସଗୁଣ ପରମେଶ୍ୱରଙ୍କର, ନା ନିର୍ଗୁଣ ବ୍ରହ୍ମଙ୍କର ? ଏବଂ ସେହି ଧ୍ୟାନକୁ ଭେଦଭାବରେ କରିବାକୁ କୁହାଯାଇଛି, ନା ଅଭେଦଭାବରେ ?

ଉତ୍ତର – ଏହି ଶ୍ଲୋକରେ **ମଚ୍ଚିତ୍ତଃ** ଓ **ମତ୍ପରଃ** ପଦର ପ୍ରୟୋଗ ହୋଇଛି। ଅତଏବ ଏଠାରେ ନିର୍ଗୁଣ ବ୍ରହ୍ମଙ୍କ ଧ୍ୟାନ ଅଭେଦଭାବରେ କରାଯିବା କଥା କୁହାଯାଇ ନାହିଁ। ଏଥିରୁ ବୁଝିବା ଉଚିତ ଯେ, ଏଠାରେ ଉପାସ୍ୟ ଓ ଉପାସକ ଭେଦ ରଖି ସଗୁଣ ପରମେଶ୍ୱରଙ୍କ ଧ୍ୟାନର ରୀତି ହିଁ କୁହାଯାଇଛି।

ପ୍ରଶ୍ନ – ଏଠାରେ ଯେ ସଗୁଣ ଧ୍ୟାନର ରୀତି କୁହାଯାଇଛି, ଏହା ତ ବୁଝିହେଲା; କିନ୍ତୁ ଏହି ସଗୁଣ ଧ୍ୟାନ ସର୍ବଶକ୍ତିମାନ୍ ସର୍ବାଧାର ପରମେଶ୍ୱରଙ୍କ ନିରାକାର ରୂପର, ନା ଭଗବାନ୍ ଶ୍ରୀଶଙ୍କର, ଶ୍ରୀବିଷ୍ଣୁ, ଶ୍ରୀରାମ, ଶ୍ରୀକୃଷ୍ଣ ପ୍ରଭୃତି ସାକାର ରୂପମାନଙ୍କ ମଧ୍ୟରୁ କୌଣସି ଗୋଟିକର ?

ଉତ୍ତର – ଭଗବାନଙ୍କ ଗୁଣ, ପ୍ରଭାବ, ତତ୍ତ୍ୱ ଓ ରହସ୍ୟକୁ * ବୁଝି ମନୁଷ୍ୟ ନିଜର ରୁଚି, ସ୍ୱଭାବ ଓ ଅଧିକାର ଅନୁସାରେ ଯେଉଁ ରୂପରେ ସହଜରେ ମନ ଲଗାଇପାରିବ, ସେହି ରୂପର ଧ୍ୟାନ କରିପାରିବ; କାରଣ ଭଗବାନ୍ ଏକ, କିନ୍ତୁ ରୂପ ଅନେକ। ଅତଏବ ଏଠାରେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ରୂପବିଶେଷର ଧ୍ୟାନପାଇଁ କୁହାଯାଇଛି ବୋଲି ଭାବିବା ଉଚିତ ନୁହେଁ।

ବର୍ତ୍ତମାନ ଏଠାରେ ସାଧକମାନଙ୍କ ଜାଣିବା ନିମନ୍ତେ ଧ୍ୟାନର କେତୋଟି ସ୍ୱରୂପର ବର୍ଣ୍ଣନ କରାଯାଉଛି। —

---

* ପ୍ରକୃତରେ ଭଗବାନଙ୍କ ଗୁଣ, ପ୍ରଭାବ, ତତ୍ତ୍ୱ ଓ ରହସ୍ୟ ଯେ କେବେ ଏତିକି ବା ସେତିକି, ତାହା କୁହାଯାଇ ପାରିବ ନାହିଁ। ଏ ସମ୍ପର୍କରେ ଯାହା କିଛି କୁହାଯାଇଛି, ସବୁ ସୂର୍ଯ୍ୟଙ୍କୁ ଦୀପ ଦେଖାଇବାପରି। ତଥାପି ଭଗବାନଙ୍କ ଗୁଣାଦିର କିଞ୍ଚିତ୍‌ମାତ୍ର ସ୍ମରଣ, ଶ୍ରବଣ ଓ କୀର୍ତ୍ତନ ମନୁଷ୍ୟକୁ ପବିତ୍ରତମ କରିଦିଏ। ତେଣୁ ତାଙ୍କ ଗୁଣାଦିର ବର୍ଣ୍ଣନା ଶାସ୍ତ୍ରକାରମାନେ କରନ୍ତି। ସେହି ଶାସ୍ତ୍ରମାନଙ୍କୁ ଆଧାର କରି ତାଙ୍କର ଗୁଣାଦିକୁ ଏହିପରି ଭାବରେ ବୁଝିବା ଉଚିତ –

ଅନନ୍ତ ଓ ଅସୀମ ତଥା ଅତ୍ୟନ୍ତ ବିଲକ୍ଷଣ ପରତ୍ୱ, ଶାନ୍ତି, ଦୟା, ପ୍ରେମ, କ୍ଷମା, ମାଧୁର୍ଯ୍ୟ, କାରୁଣ୍ୟ, ଗମ୍ଭୀରତା, ଉଦାରତା, ସୁହୃଦତା ଆଦି ହେଉଛି ଭଗବାନଙ୍କର 'ଗୁଣ'। ସତ୍ୟ ଜ୍ଞାନ, ଐଶ୍ୱର୍ଯ୍ୟ, ତେଜ, ଶକ୍ତି, ସାମର୍ଥ୍ୟ ଓ ଅନନ୍ତକୁ ମଧ୍ୟ ପ୍ରକଟ କରିଦେବା ହେଉଛି ଭଗବାନଙ୍କର 'ପ୍ରଭାବ'। ଯେପରି ପରମାଣୁ, ବାଷ୍ପ, ମେଘ, ଜାକର ଓ ବୁଦାପଥର ସବୁ ଜଳ ହିଁ ଅଟେ, ସେପରି ହିଁ ସଗୁଣ-ନିର୍ଗୁଣ, ସାକାର-ନିରାକାର, ବ୍ୟକ୍ତ-ଅବ୍ୟକ୍ତ, ଜଡ଼-ଚେତନ, ସାକର-ଚଞ୍ଚଳ, ସତ୍-ଅସତ୍ ଆଦି ଯାହା କିଛି ବି ଅଛି ତଥା ଯାହା ଏସବୁର ଉପରେ ମଧ୍ୟ ଅଛି, ସେସବୁ କେବଳ ଭଗବାନ୍ ହିଁ ଅଟନ୍ତି। ଏହା ତତ୍ତ୍ୱ। ଭଗବାନଙ୍କ ବର୍ଣ୍ଣନ, ଧାରଣ, ଶ୍ରବଣ, ଚିନ୍ତନ, କୀର୍ତ୍ତନ, ଅର୍ଚ୍ଚନ, ବନ୍ଦନ ଓ ସ୍ମରଣ ଆଦିଦ୍ୱାରା ପାପୀମାନେ ମଧ୍ୟ ପରମପବିତ୍ର ହୋଇଯାଆନ୍ତି। ଅଜ, ଅବିନାଶୀ, ସର୍ବଲୋକମହେଶ୍ୱର, ସର୍ବଜ୍ଞ, ସର୍ବଶକ୍ତିମାନ୍, ସର୍ବତ୍ର ସମଭାବରେ ସ୍ଥିତ ଭଗବାନ୍ ହିଁ ଦିବ୍ୟ ଅବତାର ଧାରଣ କରି ପ୍ରକଟ ହୁଅନ୍ତି ଓ ତାଙ୍କର ଦିବ୍ୟଗୁଣ, ପ୍ରଭାବ, ତତ୍ତ୍ୱ ଆଦି ବସ୍ତୁତଃ ଏତେ ଅଚିନ୍ତ୍ୟ, ଅସୀମ ଓ ଦିବ୍ୟ ଯେ, ତାଙ୍କ ନିଜ ବ୍ୟତୀତ ତାଙ୍କୁ ଅନ୍ୟ କେହି ଜାଣି ହିଁ ପାରିବ ନାହିଁ। ଏହା ତାଙ୍କର ରହସ୍ୟ।

ଧ୍ୟାନସ୍ଥ ଭଗବାନ୍ ଶଙ୍କରଙ୍କ ଧ୍ୟାନ

ହିମାଳୟର ଗୌରୀଶଙ୍କର-ଶିଖର ଉପରେ ଏକ ସଂପୂର୍ଣ୍ଣ ଏକାନ୍ତ ସ୍ଥାନରେ ଭଗବାନ୍ ଶିବ ଧ୍ୟାନମଗ୍ନ ହୋଇ ପଦ୍ମାସନରେ ବିରାଜମାନ ଅଛନ୍ତି। ତାଙ୍କର ଶରୀର ଅତ୍ୟନ୍ତ ଗୌରବର୍ଣ୍ଣ; ତା'ଉପରେ ଈଷତ୍ ଲାଲିମା ବିସ୍ତାରିତ ହୋଇଛି। ତାଙ୍କର ଶରୀରର ଉପରିଭାଗ ନିଶ୍ଚଳ, ସରଳ ଓ ସମୁନ୍ନତ। ବିଶାଳ ଭାଲରେ ଉସ୍ମର ସୁନ୍ଦର ତ୍ରିପୁଣ୍ଡ୍ର ଶୋଭିତ। ପିଙ୍ଗଳବର୍ଣ୍ଣ ଜଟାମୁକୁଟ ସର୍ପଦ୍ୱାରା ବନ୍ଧା ହୋଇଛି। ଦୁଇ କର୍ଣ୍ଣରେ ରୁଦ୍ରାକ୍ଷମାଳା। ଅଙ୍ଗରେ ପରିହିତ ମୃଗଚର୍ମର ଶ୍ୟାମତା ନୀଳକଣ୍ଠର ପ୍ରଭାରେ ଆହୁରି ଘନୀଭୂତ ହେଉଛି। ତାଙ୍କ ତିନିନେତ୍ରର ଦୃଷ୍ଟି ନାସିକାର ଅଗ୍ରଭାଗରେ ନିବଦ୍ଧ ହୋଇ ରହିଛି। ତଳ ଆଡକୁ ଢଳିପଡ଼ିଥିବା ସ୍ଥିର ଓ ନିସ୍ପନ୍ଦ ନୟନରୁ ଉଜ୍ଜ୍ୱଳ ଜ୍ୟୋତି ଝରି ଇତସ୍ତତଃ ବିସ୍ତରିତ ହେଉଛି। ଦୁଇ ହସ୍ତ ଜୋଳ ଉପରେ ରହିଛି, ଦେଖିଲେ ମନେ ହେଉଛି ଯେତେ ଯେପରି କମଳ ପୁଷ୍ପ ପ୍ରସ୍ଫୁଟିତ ହୋଇଅଛି। ସେ ସମାଧି ଅବସ୍ଥାରେ ଦେହମଧ୍ୟରେ ଥିବା ବାୟୁସମୂହକୁ ନିରୁଦ୍ଧ କରି ରଖିଛନ୍ତି, ଯାହାକୁ ଦେଖିଲେ ଜଣା ପଡୁଛି, ଯେତେ ଯେପରି ସେ ଏକ ଜଳପୂର୍ଣ୍ଣ ଓ ଆଡମ୍ବରରହିତ ବର୍ଷଣୋନ୍ମୁଖ ମେଘ ଅଥବା ତରଙ୍ଗହୀନ ପ୍ରଶାନ୍ତ ମହାସାଗର ବା ନିର୍ବାତ ସ୍ଥାନରେ ଅବସ୍ଥିତ ଏକ ନିଶ୍ଚଳ ଜ୍ୟୋତିର୍ମୟ ଦୀପକ।

ଭଗବାନ୍ ଶ୍ରୀବିଷ୍ଣୁଙ୍କ ଧ୍ୟାନ

ନିଜର ହୃଦୟକମଳରେ ବା ନିଜ ଆଗରେ ଭୂମିଠାରୁ ସାମାନ୍ୟ ଉଚ୍ଚରେ ଏକ ରକ୍ତବର୍ଣ୍ଣର ସହସ୍ରଦଳ କମଳ ଉପରେ ଭଗବାନ୍ ଶ୍ରୀବିଷ୍ଣୁ ସୁଶୋଭିତ ହୋଇଛନ୍ତି। ନୀଳମେଘସମାନ ମନୋହର ନୀଳବର୍ଣ୍ଣ। ସକଳ ଅଙ୍ଗ ପରମ ସୁନ୍ଦର ଓ ନାନାଦି ଆଭୂଷଣରେ ବିଭୂଷିତ। ଶ୍ରୀଅଙ୍ଗରୁ ଦିବ୍ୟଗନ୍ଧ ନିର୍ଗତ ହେଉଛି। ଅତି ଶାନ୍ତ ଓ ସୁନ୍ଦର ମୁଖାରବିନ୍ଦ। ବିଶାଳ ଓ ମନୋହର ଦୀର୍ଘ ଚତୁର୍ଭୁଜ। ଅତ୍ୟନ୍ତ ସୁନ୍ଦର ଓ ରମଣୀୟ ଗ୍ରୀବା। ପରମ ସୁନ୍ଦର ଗୋଲ କପୋଳ। ମୁଖମଣ୍ଡଳ ମନୋହର ମନ୍ଦ ସ୍ମିତହାସ୍ୟରେ ସୁଶୋଭିତ। ରକ୍ତିମ ଅଧର ଓ ଅତିସୁନ୍ଦର ନାସିକା। ଉଭୟ କର୍ଣ୍ଣରେ ମକରାକୃତି କୁଣ୍ଡଳ ଝଲମଲ ହେଉଛି। ମନୋହର ଚିବୁକ। କମଳସମାନ ବିଶାଳ ଓ ପ୍ରଫୁଲ୍ଲିତ ନୟନରୁ ସ୍ୱାଭାବିକ ଦୟା, ପ୍ରେମ, ଶାନ୍ତି, ସମତା, ଜ୍ଞାନ, ଆନନ୍ଦ ଓ ଆଲୋକର ଅଜସ୍ର ଧାରା ଝରିପଡୁଛି। ଉନ୍ନତ ସ୍କନ୍ଧ। ମେଘଶ୍ୟାମ ନୀଳପଦ୍ମବର୍ଣ୍ଣ ଶରୀରରେ ସୁବର୍ଣ୍ଣବର୍ଣ୍ଣର ପୀତାମ୍ବର ଶୋଭାୟମାନ। ଲକ୍ଷ୍ମୀଙ୍କର ନିବାସସ୍ଥାନ ବକ୍ଷଃସ୍ଥଳରେ ଶ୍ରୀବତ୍ସଚିହ୍ନ। ଉପରପଟର ଦକ୍ଷିଣ କରରେ ଅତ୍ୟନ୍ତ ସୁନ୍ଦର ଉଜ୍ଜ୍ୱଳକିରଣଯୁକ୍ତ ଚକ୍ର। ତଳପଟର ଦକ୍ଷିଣ କରରେ କୌମୋଦକୀ ଗଦା। ଉପରପଟର ବାମ କରରେ ସୁନ୍ଦର, ଶ୍ୱେତ, ବିଶାଳ ଓ ବିଜୟୀ ପାଞ୍ଚଜନ୍ୟ ଶଙ୍ଖ ଓ ତଳପଟ କରରେ ସୁନ୍ଦର ରକ୍ତବର୍ଣ୍ଣର କମଳପୁଷ୍ପ ସୁଶୋଭିତ। ଗଳାରେ ରତ୍ନହାର; ବକ୍ଷସ୍ଥଳରେ ତୁଳସୀଯୁକ୍ତ ବନମାଳା, ବୈଜୟନ୍ତୀ ମାଳା ଓ କୌସ୍ତୁଭମଣି ବିଭୂଷିତ। ଚରଣରେ ରତ୍ନଜଟିତ ନୂପୁର ଓ ମସ୍ତକରେ ଦେଦୀପ୍ୟମାନ କିରୀଟ। ବିଶାଳ, ଉନ୍ନତ ଓ ତେଜୀୟାନ୍ ଲଲାଟରେ ମନୋହର ଊର୍ଦ୍ଧ୍ୱପୁଣ୍ଡ୍ର ତିଳକ। ହସ୍ତରେ ରତ୍ନକଙ୍କଣ। କଟିରେ ରତ୍ନଜଟିତ ମେଖଳା। ବାହୁମାନଙ୍କରେ ବାଜୁବନ୍ଧ ଓ ହାତର ଅଙ୍ଗୁଳିମାନଙ୍କରେ ରତ୍ନମୁଦି ସୁଶୋଭିତ। କୃଷ୍ଣକୁଞ୍ଚିତକେଶ ବଡ଼ ମନୋହର। ଚତୁର୍ଦ୍ଦିଗରେ କୋଟିସୂର୍ଯ୍ୟର ଶୀତଳ ଆଲୋକ ବିସ୍ଫୁରିତ; ତନ୍ମଧ୍ୟରୁ ପ୍ରେମ ଓ ଆନନ୍ଦର ଅପାର ପାରର ଉଦ୍‌ବେଳିତ ହେଉଛି।

ଭଗବାନ୍ ଶ୍ରୀରାମଙ୍କ ଧ୍ୟାନ

ଅତ୍ୟନ୍ତ ସୁନ୍ଦର ମଣିରତ୍ନମୟ ରାଜସିଂହାସନ; ତା' ଉପରେ ଭଗବାନ୍ ଶ୍ରୀରାମଚନ୍ଦ୍ର ଦେବୀ ସୀତାଙ୍କ ସହିତ ବିରାଜିତ। ନବୀନ ଦୂର୍ବାଦଳସମ ଶ୍ୟାମବର୍ଣ୍ଣ। କମଳଦଳସମ ବିଶାଳ ନେତ୍ର। ଅତି ସୁନ୍ଦର ମୁଖମଣ୍ଡଳ। ବିଶାଳ ଭାଲରେ ଊର୍ଦ୍ଧ୍ୱପୁଣ୍ଡ୍ର ତିଳକ। କୃଷ୍ଣକୁଞ୍ଚିତକେଶ। ମସ୍ତକରେ ସୂର୍ଯ୍ୟସମ ଉଜ୍ଜ୍ୱଳ ମୁକୁଟ ସୁଶୋଭିତ। ମୁନିମନମୋହନ, ଅତ୍ୟନ୍ତ ଲାବଣ୍ୟମୟ, ଦିବ୍ୟ ଅଙ୍ଗରେ ପୀତାମ୍ବର ବିରାଜିତ। ଗଳାରେ ରତ୍ନହାର, ଦିବ୍ୟ ପୁଷ୍ପମାଳା ଓ ଅଙ୍ଗରେ ଚନ୍ଦନ ବିଲେପିତ। ହସ୍ତରେ ଧନୁର୍ବାଣ। ରଙ୍ଗ ଅଧର। ସେଥିରେ ମୃଦୁମଧୁର ମନ୍ଦହାସ ପ୍ରକାଶ ପାଉଛି। ବାମପଟେ ଦେବୀ ସୀତା ବିରାଜିତା। ତାଙ୍କର ଶରୀର ଉଜ୍ଜ୍ୱଳ ସ୍ୱର୍ଣ୍ଣବର୍ଣ୍ଣ। ନୀଳଶାଢ଼ୀ ପରିଧାନ

କରିଛନ୍ତି। ଜରକମାଳରେ ରତ୍ନକମାଳ ଧାରଣ କରିଛନ୍ତି। ଦିବ୍ୟ ଆକୃଷଣରେ ସର୍ବାଙ୍ଗ ବିଭୂଷିତ। ବଡ଼ ଅପୂର୍ବ ମନୋହର ଦୃଶ୍ୟ।

ଭଗବାନ୍ ଶ୍ରୀକୃଷ୍ଣଙ୍କ ଧ୍ୟାନ (୧)

ବୃନ୍ଦାବନରେ ଶ୍ରୀଯମୁନାତଟ। ଅଶୋକବୃକ୍ଷର ନବପଲ୍ଲବରେ ସୁଶୋଭିତ କାଳିନ୍ଦୀକୁଞ୍ଜରେ ଭଗବାନ୍ ଶ୍ରୀକୃଷ୍ଣ ନିଜ ସଖାମାନଙ୍କ ସହିତ ବିରାଜମାନ। ନବୀନ ମେଘସମାନ ଶ୍ୟାମଳ ଆଭାଯୁକ୍ତ ନୀଳବର୍ଣ୍ଣ। ଶ୍ୟାମଶରୀରରେ ସୁବର୍ଣ୍ଣବର୍ଣ୍ଣର ପୀତବସ୍ତ୍ର। ଦେଖିଲେ ମନେ ହେଉଛି, ସତେ ଯେପରି କଳାମେଘରେ ଇନ୍ଦ୍ରଧନୁ ଶୋଭା ପାଉଛି। ଗଳାରେ ସୁନ୍ଦର ବନମାଳା। ମାଳାରୁ ସୁନ୍ଦର ଫୁଲମାନଙ୍କର ଓ ତୁଳସୀର ସୁଗନ୍ଧ ମହକୁଛି। ବକ୍ଷରେ ବୈଜୟନ୍ତୀ ମାଳା ସୁଶୋଭିତ। ସୁନ୍ଦର କୃଷ୍ଣକୁଞ୍ଚିତକେଶ କପୋଳପର୍ଯ୍ୟନ୍ତ ଝୁଲୁଛି। ଅତ୍ୟନ୍ତ ରମଣୀୟ ତ୍ରିଭୁବନମୋହନ ମୁଖାରବିନ୍ଦ। ବଡ଼ ସୁନ୍ଦର ମୃଦୁମଧୁର ମନ୍ଦ ହସ। ମସ୍ତକରେ ମୟୂରଚନ୍ଦ୍ରିକାର ମୁକୁଟ। କର୍ଣ୍ଣରେ କୁଣ୍ଡଳ ଝଲମଲ କରୁଛି। ସୁନ୍ଦର ଗୋଲ କପୋଳ କୁଣ୍ଡଳର ତେଜରେ ଚମକୁଛି। ଅଙ୍ଗେ ଅଙ୍ଗେ ସୌନ୍ଦର୍ଯ୍ୟ ଫୁଟିଉଠୁଛି। କର୍ଣ୍ଣରେ କନିଅର ଫୁଲ ଧାରଣ କରିଛନ୍ତି। ଅଦ୍ଭୁତ ରଙ୍ଗ ଓ ଚିତ୍ର-ବିଚିତ୍ର ନବୀନ ପଲ୍ଲବରେ ଶରୀର ସୁସଜ୍ଜିତ। ବକ୍ଷସ୍ଥଳରେ ଶ୍ରୀବତ୍ସଚିହ୍ନ। ଗଳାରେ କୌସ୍ତୁଭମଣି। ଚିତ୍ତାକର୍ଷକ ଭ୍ରୁକୁଟା। ରକ୍ତିମ ଅଧର ବଡ଼ ହିଁ କୋମଳ ଓ ସୁନ୍ଦର। ବକ୍ରବିଶାଳ କମଳନୟନରୁ ଆନନ୍ଦ ଓ ପ୍ରେମର ବିଦ୍ୟୁତ୍‌ଧାରା ଛୁଟିଆସି ସମସ୍ତଙ୍କୁ ଆକର୍ଷିତ କରୁଛି ଓ ସେହି କାରଣରୁ ସମସ୍ତଙ୍କ ହୃଦୟରେ ଆନନ୍ଦ ଓ ପ୍ରେମର ସମୁଦ୍ର ଉଛୁଳୁଛି। ମନୋହର ତ୍ରିଭଙ୍ଗଠାଣିରେ ଦଣ୍ଡାୟମାନ ହୋଇଛନ୍ତି ଏବଂ ନିଜର ଚଞ୍ଚଳ ଓ କୋମଳ ଅଙ୍ଗୁଳିମାନଙ୍କୁ ବଂଶୀର ରନ୍ଧ୍ରମାନଙ୍କ ଉପରେ ଖେଳାଇ ବଡ଼ ମଧୁର ସ୍ୱରରେ ବଂଶୀ ବଜାଉଛନ୍ତି।

ଭଗବାନ୍ ଶ୍ରୀକୃଷ୍ଣଙ୍କ ଧ୍ୟାନ (୨)

କୁରୁକ୍ଷେତ୍ର ରଣାଙ୍ଗନ। ଚତୁର୍ଦ୍ଦିଗରେ ବୀରସମୂହ ଯୁଦ୍ଧପାଇଁ ଯଥାସ୍ଥାନ ଦଣ୍ଡାୟମାନ। ସେଠାରେ ଅର୍ଜୁନଙ୍କର ପରମ ତେଜୋମୟ ବିଶାଳ ରଥ। ରଥର ବିଶାଳ ଧ୍ୱଜାରେ ଚନ୍ଦ୍ରମା ଓ ତାରା ଚମକୁଛନ୍ତି। ଧ୍ୱଜାରେ ମହାବୀର ଶ୍ରୀହନୁମାନ ବିରାଜମାନ। ଅନେକ ପତାକା ଉଡୁଛି। ରଥର ଅଗ୍ରଭାଗରେ ଭଗବାନ୍ ଶ୍ରୀକୃଷ୍ଣ ବିରାଜମାନ। ଦେଖିବାକୁ ନୀଳଶ୍ୟାମବର୍ଣ୍ଣ। ସୌନ୍ଦର୍ଯ୍ୟର ପ୍ରତିମୂର୍ତ୍ତି। ବୀରବେଶ। କବଚ ପିନ୍ଧିଛନ୍ତି। ଦେହରେ ପୀତାମ୍ବର ଶୋଭା ପାଉଛି। ମୁଖମଣ୍ଡଳ ଅତ୍ୟନ୍ତ ଶାନ୍ତ। ଜ୍ଞାନର ପରମ ଦୀପ୍ତିରେ ସମସ୍ତ ଅଙ୍ଗ ଝଟକୁଛି। ବିଶାଳ ରକ୍ତାଭ ନୟନରୁ ଜ୍ଞାନର ଜ୍ୟୋତି ଝରିପଡୁଛି। ଏକ ହାତରେ ଘୋଡ଼ାର ଲଗାମ ଓ ଅନ୍ୟ ହାତଟି ଜ୍ଞାନମୁଦ୍ରାରେ ସୁଶୋଭିତ। ଅତ୍ୟନ୍ତ ଶାନ୍ତି ଓ ଧୀରତାସହିତ ଅର୍ଜୁନଙ୍କୁ ଗୀତାର ମହାନ୍ ଉପଦେଶ ଦେଉଛନ୍ତି। ଅଧରରେ ମଧୁର ମୃଦୁହାସ ଶୋଭା ପାଉଛି। ନେତ୍ରରେ ସଙ୍କେତ କରି କରି ଅର୍ଜୁନଙ୍କ ସନ୍ଦେହ ସବୁ ସମାଧାନ କରୁଛନ୍ତି।

ସମ୍ବନ୍ଧ — ବର୍ତ୍ତମାନ ଉପରୋକ୍ତପ୍ରକାରେ କରାଯାଇଥିବା ଧ୍ୟାନଯୋଗ ସାଧନାର ଫଳ କହୁଛନ୍ତି—

ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ନିୟତମାନସଃ।
ଶାନ୍ତିଂ ନିର୍ବାଣପରମାଂ ମତ୍‌ସଂସ୍ଥାମଧିଗଚ୍ଛତି ॥ ୧୫ ॥

ଅନ୍ୱୟ — ନିୟତମାନସଃ = ମନକୁ ବଶ କରି ରଖିଥିବା; ଯୋଗୀ = ଯୋଗୀ; ଏବମ୍ = ଏପରିଭାବରେ; ଆତ୍ମାନମ୍ = ଆତ୍ମାକୁ; ସଦା = ନିରନ୍ତର; ଯୁଞ୍ଜନ୍ = (ମୋର ଅର୍ଥାତ୍ ପରମେଶ୍ୱରଙ୍କ ସ୍ୱରୂପରେ) ଲଗାଇ; ମତ୍‌ସଂସ୍ଥାମ୍ = ମୋଠାରେ ରହିଥିବା; ନିର୍ବାଣପରମାମ୍ = ପରମାନନ୍ଦର ପରାକାଷ୍ଠାରୂପକ; ଶାନ୍ତିମ୍ = ଶାନ୍ତିକୁ; ଅଧିଗଚ୍ଛତି = ପ୍ରାପ୍ତ ହୁଅନ୍ତି।

ମନକୁ ବଶ କରିଥିବା ଯୋଗୀ ଏପରିଭାବରେ ଆତ୍ମାକୁ ନିରନ୍ତର ମୋର ଅର୍ଥାତ୍ ପରମେଶ୍ୱରଙ୍କ ସ୍ୱରୂପରେ ଲଗାଇ ମୋଠାରେ ଥିବା ପରମାନନ୍ଦର ପରାକାଷ୍ଠାରୂପକ ଶାନ୍ତି ପ୍ରାପ୍ତ ହୁଅନ୍ତି ॥ ୧୫ ॥

ପ୍ରଶ୍ନ – ଏଠାରେ **ଯୋଗୀ ସହିତ ନିୟତମାନସଃ** ବିଶେଷଣ ଦେବାର ଅଭିପ୍ରାୟ କଣ ?

ଉତ୍ତର – ଯାହାଙ୍କର ମନ –ଅନ୍ତଃକରଣ ଭକ୍ତିଭାବରେ ବଶୀଭୂତ ହୋଇଯାଇଛି, ତାହାକୁ **ନିୟତମାନସ** କହନ୍ତି। ଏପରି ସାଧକ ହିଁ ଉପରୋକ୍ତପ୍ରକାରେ ଧ୍ୟାନଯୋଗ ସାଧନା କରିପାରନ୍ତି। ଏହି କଥା ଦେଖାଇବାପାଇଁ **ଯୋଗୀ ସହିତ ନିୟତମାନସଃ** ବିଶେଷଣ ଦିଆଯାଇଛି।

ପ୍ରଶ୍ନ – 'ଏପରିଭାବରେ ଆତ୍ମାକୁ ନିରନ୍ତର ପରମେଶ୍ୱରଙ୍କ ସ୍ୱରୂପରେ ଲଗାଇବା' ଅର୍ଥ କଣ ?

ଉତ୍ତର – ଉପରୋକ୍ତପ୍ରକାରେ ମନ-ବୁଦ୍ଧିଦ୍ୱାରା ନିରନ୍ତର ତୈଳଧାରାପରି ଅବିଚ୍ଛିନ୍ନଭାବରେ ଭଗବାନଙ୍କ ସ୍ୱରୂପ ଚିନ୍ତନ କରିବା ଓ ସେଥିରେ ଅଟଳଭାବରେ ତନ୍ମୟ ହୋଇଯିବା ହିଁ ଆତ୍ମାକୁ ପରମେଶ୍ୱରଙ୍କ ସ୍ୱରୂପରେ ଲଗାଇଦେବା।

ପ୍ରଶ୍ନ – 'ମୋଠାରେ ରହିଥିବା ପରମାନନ୍ଦର ପରାକାଷ୍ଠାରୂପୀ ଶାନ୍ତି ପ୍ରାପ୍ତ ହୁଅନ୍ତି'– ଏହି କଥାର ଅଭିପ୍ରାୟ କଣ ?

ଉତ୍ତର – ଏହା ହେଉଛି ସେହି ଶାନ୍ତିର ବର୍ଣ୍ଣନା, ଯାହାକୁ ନୈଷ୍ଠିକୀ ଶାନ୍ତି (୫/୧୨), ଶାଶ୍ୱତୀ ଶାନ୍ତି (୯/୩୧) ଓ ପରା ଶାନ୍ତି (୧୮/୬୨) କହନ୍ତି ଓ ଯାହାକୁ ପରମେଶ୍ୱରପ୍ରାପ୍ତି, ପରମଦିବ୍ୟପୁରୁଷପ୍ରାପ୍ତି, ପରମଗତିପ୍ରାପ୍ତି ଆଦି ନାମରେ ବର୍ଣ୍ଣନା କରାଯାଏ। ଏହି ଶାନ୍ତି ହେଉଛି ଅଦ୍ୱିତୀୟ ଅନନ୍ତ ଆନନ୍ଦର ସୀମା ଏବଂ ଏହା ପରମଦୟାଳୁ, ପରମସୁହୃଦ୍, ଆନନ୍ଦନିଧି, ଆନନ୍ଦସ୍ୱରୂପ ଭଗବାନଙ୍କ ଠାରେ ନିତ୍ୟ ନିରନ୍ତର ଅଚଳ ଓ ଅଟଳଭାବରେ ନିବାସ କରେ। ଧ୍ୟାନଯୋଗର ସାଧକ ଏହି ଶାନ୍ତି ପାଆନ୍ତି।

ସମ୍ପ୍ରତି – ଧ୍ୟାନଯୋଗର ପ୍ରକାର ଓ ଫଳ କୁହାଗଲା। ବର୍ତ୍ତମାନ ଧ୍ୟାନଯୋଗପାଇଁ ଉପଯୋଗୀ ଆହାର, ବିହାର ଓ ଶୟନାଦିର ନିୟମ କିପରି ହେବା ଉଚିତ, ତାହା ଜାଣିବାର ଆକାଂକ୍ଷାପୂରଣ ନିମନ୍ତେ ଭଗବାନ୍ ତାହା ଦୁଇଟି ଶ୍ଲୋକରେ କହୁଛନ୍ତି–

ନାତ୍ୟଶ୍ନତସ୍ତୁ ଯୋଗୋଽସ୍ତି ନ ଚୈକାନ୍ତମନଶ୍ନତଃ।
ନ ଚାତିସ୍ୱପ୍ନଶୀଳସ୍ୟ ଜାଗ୍ରତୋ ନୈବ ଚାର୍ଜୁନ।। ୧୬ ।।

ଅନ୍ୱୟ – **ଅର୍ଜୁନ** = ହେ ଅର୍ଜୁନ; **ଯୋଗଃ** = ଏହି ଯୋଗ; **ନ, ତୁ, ଅତି, ଅଶ୍ନତଃ** = ନା ବହୁତ ଭୋଜନ କରିବା ଲୋକର; **ଚ** = କିମ୍ବା; **ନ, ଏକାନ୍ତମ୍, ଅନଶ୍ନତଃ** = ନା ଆଦୌ ଭୋଜନ ନ କରିବା ଲୋକର; **ଚ** = ତଥା; **ନ, ଅତି, ସ୍ୱପ୍ନଶୀଳସ୍ୟ** = ନା ବହୁତ ଶୋଇବା ଲୋକର; **ଚ** = ଏବଂ; **ନ, ଜାଗ୍ରତଃ, ଏବ** = ନା ସର୍ବଦା ଜାଗ୍ରତ ରହିବା ଲୋକର; **ସିଦ୍ଧି** = ସିଦ୍ଧ ହୁଏ।

ହେ ଅର୍ଜୁନ ! ଯେ ବହୁତ ଭୋଜନ କରେ କିମ୍ବା ଯେ ଆଦୌ ଭୋଜନ କରେ ନାହିଁ, ଯେ ବହୁତ ଶୁଏ କିମ୍ବା ଯେ ଆଦୌ ଶୁଏ ନାହିଁ, ତା'ଦ୍ୱାରା ଏହି ଯୋଗ ସିଦ୍ଧ ହୁଏ ନାହିଁ।। ୧୬ ।।

ପ୍ରଶ୍ନ – ଏଠାରେ **ଯୋଗ** ଶବ୍ଦ କାହାର ବାଚକ ?

ଉତ୍ତର – ପରମାତ୍ମପ୍ରାପ୍ତିର ଯେତେ ବି ଉପାୟ ରହିଛି, ସେସବୁର ନାମ 'ଯୋଗ'। କିନ୍ତୁ ଏଠାରେ 'ଧ୍ୟାନଯୋଗ' ପ୍ରସଙ୍ଗ ଚାଲିଛି। ଏଣୁ ଏଠାରେ **'ଯୋଗ'** ଶବ୍ଦକୁ ସେହି **ଧ୍ୟାନଯୋଗର** ବାଚକ ବୋଲି ବୁଝିବା ଉଚିତ। ଏହି ଯୋଗ ସକଳ ଦୁଃଖର ଆତ୍ୟନ୍ତିକ ବିନାଶ କରି ପରମାନନ୍ଦ ଓ ପରମଶାନ୍ତିର ସାଗର ପରମେଶ୍ୱରଙ୍କ ପ୍ରାପ୍ତି କରାଇଦିଏ।

ପ୍ରଶ୍ନ – ବହୁତ ଖାଉଥିବା ଲୋକ ଓ ଆଦୌ ନ ଖାଉଥିବା ଲୋକର ଧ୍ୟାନଯୋଗ କାହିଁକି ସିଦ୍ଧ ହୁଏ ନାହିଁ ?

ଉତ୍ତର – ପେଟ ପୂରାଇ ଖାଇଲେ ନିଦ ଓ ଆଳସ୍ୟ ବଢ଼ିଯାଏ। ତା' ସଙ୍ଗେ ସଙ୍ଗେ ପେଟର ଖାଦ୍ୟ ଜୀର୍ଣ୍ଣ କରିବା ଶକ୍ତିଠାରୁ ଅଧିକ ଖାଇଲେ ପେଟରେ ଥିବା ଖାଦ୍ୟ ନାନାଦି ରୋଗ ସୃଷ୍ଟି କରେ। ସେହିପରି ଯେ ସର୍ବଥା ଅନ୍ନ ତ୍ୟାଗ କରି ପୂରା ଉପବାସ କରେ, ତା'ର ଇନ୍ଦ୍ରିୟ, ପ୍ରାଣ ଓ ମନର ଶକ୍ତି ଅତ୍ୟନ୍ତ କମିଯାଏ।

ଏପରି ହେଲେ ଆସନରେ ସ୍ଥିରଭାବେ ବସିହୁଏ ନାହିଁ, କି ପରମେଶ୍ୱରଙ୍କ ସ୍ୱରୂପରେ ମନକୁ ଲଗାଇହୁଏ ନାହିଁ। ଏହାଦ୍ୱାରା ଧ୍ୟାନସାଧନାରେ ବିଘ୍ନ ଉପସ୍ଥିତ ହୋଇଯାଏ। ତେଣୁ ଧ୍ୟାନଯୋଗୀ ଆବଶ୍ୟକତାଠାରୁ ଅଧିକ ଓ ଜୀର୍ଣ୍ଣ କରିପାରିବା ଶକ୍ତିଠାରୁ ଅଧିକ ଖାଇବା ଉଚିତ ନୁହେଁ, କି କାଷ୍ଠା ଉପବାସ କରିବା ମଧ୍ୟ ଉଚିତ ନୁହେଁ।

ପ୍ରଶ୍ନ – 'ବହୁତ ଶୋଇବା ଲୋକର ଓ କେବେ ନ ଶୋଇବା ଲୋକର ଧ୍ୟାନଯୋଗ ସିଦ୍ଧ ହୁଏ ନାହିଁ' – ଏହାର କାରଣ କଣ ?

ଉତ୍ତର – ଉଚିତ ପରିମାଣର ନିଦ୍ରା ହେଲେ ତା'ଦ୍ୱାରା କ୍ଲାନ୍ତି ଦୂର ହୋଇ ଶରୀରରେ ସ୍ଫୂର୍ତ୍ତି ଆସେ। ପରନ୍ତୁ ଆବଶ୍ୟକତାଠାରୁ ଅଧିକ ଶୋଇଲେ ତମୋଗୁଣ ବଢ଼ିଯାଏ, ଯାହାଦ୍ୱାରା ଅନବରତ ଆଳସ୍ୟ ଘୋଟିରହେ ଓ ସ୍ଥିର ହୋଇ ବସିବାରେ କଷ୍ଟ ବୋଧ ହୁଏ। ଏହା ଛଡ଼ା ଅଧିକ ଶୋଇଲେ ଜୀବନର ଅମୂଲ୍ୟ ସମୟ ନଷ୍ଟ ହୋଇଥାଏ। ସେହିପରି କେବେ ନ ଶୋଇଥିବା ଲୋକର କ୍ଲାନ୍ତି ଲାଗିରହିଥାଏ; କେବେ ସ୍ଫୂର୍ତ୍ତି ଆସେ ନାହିଁ; ଶରୀର, ଇନ୍ଦ୍ରିୟ ଓ ପ୍ରାଣ ଶିଥିଳ ହୋଇଯାଏ; ଶରୀରରେ ଅନେକପ୍ରକାର ରୋଗ ଉତ୍ପନ୍ନ ହୁଏ ଏବଂ ସବୁ ସମୟରେ ନିଦ ଓ ଆଳସ୍ୟ ଲେଶ ଦିଏ। ଏପରିଭାବରେ ବହୁତ ଶୋଇଲେ ଓ ସଦା ଜାଗ୍ରତ ରହିଲେ ଧ୍ୟାନଯୋଗ ସାଧନାରେ ବିଘ୍ନ ଘଟେ। ଅତଏବ ଧ୍ୟାନଯୋଗୀଙ୍କ ପକ୍ଷରେ ଶରୀର ସୁସ୍ଥ ରହୁ ଓ ସାଧନାରେ ବିଘ୍ନ ଉପସ୍ଥିତ ନ ହେଉ – ଏହି ଉଦ୍ଦେଶ୍ୟରେ ନିଜ ଶରୀରର ସ୍ଥିତି, ପ୍ରକୃତି, ସ୍ୱାସ୍ଥ୍ୟ ଓ ଅବସ୍ଥା ପ୍ରତି ଦୃଷ୍ଟି ରଖି ଆବଶ୍ୟକତାଠାରୁ ଅଧିକ ଶୋଇବା ଉଚିତ ନୁହେଁ, କି ଆଦୌ ନ ଶୋଇବା ଉଚିତ ନୁହେଁ।

ଯୁକ୍ତାହାରବିହାରସ୍ୟ ଯୁକ୍ତଚେଷ୍ଟସ୍ୟ କର୍ମସୁ।
ଯୁକ୍ତସ୍ୱପ୍ନାବବୋଧସ୍ୟ ଯୋଗୋ ଭବତି ଦୁଃଖହା ॥ ୧୭ ॥

ଅନ୍ୱୟ – **ଦୁଃଖହା** = (ଏହି) ଦୁଃଖନାଶକାରୀ; **ଯୋଗଃ** = ଯୋଗ (ତ); **ଯୁକ୍ତାହାରବିହାରସ୍ୟ** = ଯଥାଯୋଗ୍ୟ ଆହାର-ବିହାର କରୁଥିବା ଲୋକର; **କର୍ମସୁ** = କର୍ମମାନଙ୍କରେ; **ଯୁକ୍ତଚେଷ୍ଟସ୍ୟ** = ଯଥାଯୋଗ୍ୟ ଚେଷ୍ଟା କରୁଥିବା ଲୋକର (ଓ); **ଯୁକ୍ତସ୍ୱପ୍ନାବବୋଧସ୍ୟ** = ଯଥାଯୋଗ୍ୟ ଶୋଉଥିବା ଓ ଚେଉଁଥିବା ଲୋକର ହିଁ; **ଭବତି** = ସିଦ୍ଧ ହୁଏ।

ଏହି ଦୁଃଖନାଶକାରୀ ଯୋଗ ତ ଯଥାଯୋଗ୍ୟ ଆହାର-ବିହାର କରୁଥିବା ଲୋକର, କର୍ମ କରିବାକୁ ଯଥାଯୋଗ୍ୟ ଚେଷ୍ଟା କରୁଥିବା ଲୋକର ତଥା ଯଥାଯୋଗ୍ୟ ଶୋଉଥିବା ଓ ଚେଉଁଥିବା ଲୋକର ହିଁ ସିଦ୍ଧ ହୁଏ ॥ ୧୭ ॥

ପ୍ରଶ୍ନ – **ଯୁକ୍ତ** ଆହାର-ବିହାର କରୁଥିବା ଲୋକ କାହାକୁ କହନ୍ତି ?

ଉତ୍ତର – ଖାଇବା-ପିଇବା ବସ୍ତୁର ନାମ **ଆହାର** ଓ ଚଲା-ବୁଲା କରିବା କ୍ରିୟାର ନାମ **ବିହାର**। ଏ ଉଭୟ ଯାହାଙ୍କର ଉଚିତରୂପରେ ଓ ଉଚିତ ପରିମାଣରେ ହୁଏ, ତାହାଙ୍କୁ **ଯୁକ୍ତ ଆହାର-ବିହାର** କରୁଥିବା ଲୋକ ବୋଲି କହନ୍ତି। ଖାଇବାପିଇବା ବସ୍ତୁ ନିଜର ବର୍ଣ୍ଣ ଓ ଆଶ୍ରମଧର୍ମ ଅନୁସାରେ ସତ୍ୟ ଓ ନ୍ୟାୟ ମାର୍ଗରେ ପ୍ରାପ୍ତ ହେବା ଆବଶ୍ୟକ; ଶାସ୍ତ୍ରାନୁକୂଳ ଓ ସାତ୍ତ୍ୱିକ (୧୭/୮) ହେବା ଉଚିତ ଏବଂ ରଜୋଗୁଣ ଓ ତମୋଗୁଣ-ବର୍ଦ୍ଧକ ନ ହେବା ଆବଶ୍ୟକ; ପବିତ୍ର ହେବା ଆବଶ୍ୟକ, ନିଜର ପ୍ରକୃତି, ସ୍ଥିତି ଓ ରୁଚିର ପ୍ରତିକୂଳ ନ ହେବା ତଥା ଯୋଗସାଧନାରେ ସହାୟକ ହେବା ଆବଶ୍ୟକ। ନିଜର ଶକ୍ତି, ସ୍ୱାସ୍ଥ୍ୟ ଓ ସାଧନାଦୃଷ୍ଟିରୁ ଯେତିକି ହିତକର ଏବଂ ଆବଶ୍ୟକ, ଖାଦ୍ୟର ପରିମାଣ ମଧ୍ୟ ସେତିକି ହେବା ଉଚିତ। ସେହିପରି ନିଜପାଇଁ ଚଲାବୁଲା ଯେତିକି ଆବଶ୍ୟକ ଓ ହିତକର, ସେତିକି ହେବା ଉଚିତ। ଏପରି ନିୟମିତ ଓ ଉଚିତ ଆହାର-ବିହାରଦ୍ୱାରା ଶରୀର, ଇନ୍ଦ୍ରିୟ ଓ ମନରେ ସତ୍ତ୍ୱଗୁଣ ବଢ଼େ ତଥା ସେଥିରେ ନିର୍ମଳତା, ପ୍ରସନ୍ନତା ଓ ଚେତନତାର ବୃଦ୍ଧି ହୋଇଯାଏ; ତଦ୍ଦ୍ୱାରା ଧ୍ୟାନଯୋଗ ସହଜରେ ସିଦ୍ଧ ହୁଏ।

ପ୍ରଶ୍ନ – କର୍ମମାନଙ୍କରେ **ଯୁକ୍ତଚେଷ୍ଟା** କରିବା କଣ ?

ଉତ୍ତର – ବର୍ଣ୍ଣ, ଆଶ୍ରମ, ଅବସ୍ଥା, ସ୍ଥିତି ଓ ବାତାବରଣ ଆଦି ଅନୁସାରେ ଶାସ୍ତ୍ରରେ ଯାହାପାଇଁ ଯାହା କର୍ତ୍ତବ୍ୟକର୍ମ କୁହାଯାଇଛି, ତାହାରି ନାମ କର୍ମ। ସମୁଚିତରୂପରେ ଓ ସମୁଚିତ ପରିମାଣରେ ସେହିସବୁ

କର୍ମ ଯଥାଯୋଗ୍ୟ କରିବା ହିଁ କର୍ମମାନଙ୍କରେ **ଯୁକ୍ତଚେଷ୍ଟା** କରିବା । ଈଶ୍ୱର-ଭକ୍ତି, ଦେବ-ପୂଜନ, ଦୀନ-ଦରିଦ୍ର-ଦୁଃଖୀଙ୍କର ସେବା; ମାତା, ପିତା, ଆଚାର୍ଯ୍ୟ ଆଦି ଗୁରୁଜନଙ୍କ ପୂଜନ; ଯଜ୍ଞ, ଦାନ, ତପ ତଥା ଜୀବିକା-ସମ୍ବନ୍ଧୀୟ କର୍ମ ଅର୍ଥାତ୍ ଶିକ୍ଷା, ପଠନପାଠନ, ବ୍ୟାପାର ଆଦି କର୍ମ ଓ ଶୌଚ-ସ୍ନାନାଦି କ୍ରିୟା — ଏହିପରି ସବୁ କର୍ମ କରିବା ଉଚିତ, ଯାହା କି ଶାସ୍ତ୍ରବିହିତ, ସାଧୁସମ୍ମତ ଅଥଚ କାହାର ଅହିତକର ନୁହେଁ; ପୁଣି ଯାହା ସ୍ୱାବଲମ୍ବନରେ ସହାୟକ ଅଟେ ଓ ଅନ୍ୟର କ୍ଷତିକାରକ ନୁହେଁ କିମ୍ବା କାହା ଉପରେ ବୋଝ ନୁହେଁ ତଥା ଧ୍ୟାନଯୋଗର ସହାୟକ ହୁଏ । ଯାହାପାଇଁ ଯେତିକି ଆବଶ୍ୟକ, ଏସବୁ କର୍ମର ପରିମାଣ ମଧ୍ୟ ସେତିକି ହିଁ ହେବା ଉଚିତ । ଏହା ଫଳରେ ନ୍ୟାୟପୂର୍ବକ ଶରୀରନିର୍ବାହ ହୁଏ ଓ ଧ୍ୟାନଯୋଗପାଇଁ ମଧ୍ୟ ଆବଶ୍ୟକତାନୁସାରେ ପର୍ଯ୍ୟାପ୍ତ ସମୟ ମିଳେ । ଏପରି କଲେ ଶରୀର, ଇନ୍ଦ୍ରିୟ ଓ ମନ **ସୁସ୍ଥ** ରହେ ଓ ଧ୍ୟାନଯୋଗ ସହଜରେ ସିଦ୍ଧ ହୁଏ ।

ପ୍ରଶ୍ନ – ଯଥାଯୋଗ୍ୟ ଶୟନ ଓ ଜାଗରଣ କଣ ?

ଉତ୍ତର – ଦିନରେ ନ ଶୋଇବା ଏବଂ ରାତିରେ ପ୍ରଥମ ତଥା ଶେଷ ପ୍ରହରରେ ଚେଇଁ ମଝି ଦୁଇ ପ୍ରହରରେ ଶୋଇବା — ସାଧାରଣତଃ ଏହାକୁ ହିଁ ଯଥାଯୋଗ୍ୟ ଶୟନ ଓ ଜାଗରଣ ବୋଲି ମନେ କରାଯାଏ । ତଥାପି ଏହା ନିୟମ ନୁହେଁ ଯେ, ସମସ୍ତଙ୍କୁ ଛଅ ଘଣ୍ଟା ହିଁ ଶୋଇବାକୁ ପଡ଼ିବ । ଧ୍ୟାନଯୋଗୀଙ୍କୁ ନିଜର ପ୍ରକୃତି ଓ ଶାରୀରିକ ସ୍ଥିତିର ଅନୁକୂଳ ବ୍ୟବସ୍ଥା କରିବା ଉଚିତ । ଯଦି ରାତିରେ ଚାରି-ପାଞ୍ଚ ଘଣ୍ଟା ଶୋଇବେ ଚଳିଯିବ, ଧ୍ୟାନସମୟରେ ନିଦ ବା ଆଳସ୍ୟ ଆସିବ ନାହିଁ ଓ ସ୍ୱାସ୍ଥ୍ୟହାନି ହେବ ନାହିଁ, ତେବେ **ଛଅ** ଘଣ୍ଟା ନ ଶୋଇ ଚାରି-ପାଞ୍ଚ ଘଣ୍ଟା ହିଁ ଶୋଇବା ଉଚିତ ।

ଯୁକ୍ତ ଶବ୍ଦର ବୁଝିବା ଉଚିତ ଯେ, ଆହାର, ବିହାର, କର୍ମ, ନିଦ୍ରା ଓ ଜାଗରଣ ଶାସ୍ତ୍ରପ୍ରତିକୂଳ ହେବ ନାହିଁ ଏବଂ ସାଧକର ପ୍ରକୃତି, ସ୍ୱାସ୍ଥ୍ୟ ଓ ରୁଚି ଅନୁସାରେ ଯେତିକି ଉପଯୁକ୍ତ ଓ ଆବଶ୍ୟକ, ସେସବୁର ମାତ୍ରା ମଧ୍ୟ ସେତିକି ହେବା ଉଚିତ ।

ପ୍ରଶ୍ନ – ଯୋଗ ସହିତ ଦୁଃଖହା ବିଶେଷଣ ଦେବାର ଅଭିପ୍ରାୟ କଣ ?

ଉତ୍ତର – ଧ୍ୟାନଯୋଗ ସିଦ୍ଧ ହୋଇଗଲେ ଧ୍ୟାନଯୋଗୀଙ୍କୁ ପରମାନନ୍ଦ ଓ ପରମଶାନ୍ତିର ଅନନ୍ତସାଗର ପରମେଶ୍ୱର ପ୍ରାପ୍ତ ହୋଇଯାଆନ୍ତି, ଯାହା ଫଳରେ କି, ତାଙ୍କର ସମସ୍ତ ଦୁଃଖ ମୂଳକାରଣସହିତ ସଦୁଦିନପାଇଁ ନଷ୍ଟ ହୋଇଯାଏ । ପୁଣି ତାଙ୍କୁ କେବେ ଭୁଲରେ ମଧ୍ୟ ଜନ୍ମମରଣରୂପଜ ସଂସାରଦୁଃଖ ଭୋଗିବାକୁ ପଡ଼େ ନାହିଁ, କି କେବେ ସ୍ୱପ୍ନରେ ମଧ୍ୟ ଚିନ୍ତା, ଶୋକ, ଭୟ ଓ ଉଦ୍‌ବେଗ ଆଦି ହୁଏ ନାହିଁ । ସେ ସର୍ବଦା ଓ ସର୍ବଥା ଆନନ୍ଦର ମହାନ୍ ପ୍ରଶାନ୍ତ ସାଗରରେ ନିମଗ୍ନ ହୋଇ ରହନ୍ତି । ଦୁଃଖର ଆତ୍ୟନ୍ତିକ ବିନାଶ କରୁଥିବା ଏହି ଫଳର ସୂଚନା ଦେବାପାଇଁ ହିଁ **ଯୋଗ ସହିତ ଦୁଃଖହା** ବିଶେଷଣ ଦିଆଯାଇଛି ।

ସମ୍ବନ୍ଧ – ଧ୍ୟାନଯୋଗର ଉପଯୋଗୀ ଆହାର-ବିହାର ଆଦି ନିୟମ ବର୍ଣ୍ଣନା କରିବା ପରେ ନିର୍ଗୁଣନିରାକାରଙ୍କୁ ଧ୍ୟାନ କରୁଥିବା ଯୋଗୀଙ୍କ ଅନ୍ତିମ ସ୍ଥିତିର ଲକ୍ଷଣ କହୁଛନ୍ତି–

ଯଦା ବିନିୟତଂ ଚିତ୍ତମାତ୍ମନ୍ୟେବାବତିଷ୍ଠତେ ।
ନିଃସ୍ପୃହଃ ସର୍ବକାମେଭ୍ୟୋ ଯୁକ୍ତ ଇତ୍ୟୁଚ୍ୟତେ ତଦା ॥ ୧୮ ॥

ଅନ୍ୱୟ – **ବିନିୟତମ୍** = ଅତ୍ୟନ୍ତ ବଶୀଭୂତ ହୋଇଥିବା; **ଚିତ୍ତମ୍** = ଚିତ୍ତ; **ଯଦା** = ଯେତେବେଳେ; **ଆତ୍ମନି** = ପରମାତ୍ମାଙ୍କ ଠାରେ; **ଏବ** = ହିଁ; **ଅବତିଷ୍ଠତେ** = ଭଲଭାବେ ଅବସ୍ଥାନ କରେ; **ତଦା** = ସେତେବେଳେ; **ସର୍ବକାମେଭ୍ୟଃ** = ସକଳ ଭୋଗରୁ; **ନିଃସ୍ପୃହଃ** = ସ୍ପୃହାରହିତ ପୁରୁଷ; **ଯୁକ୍ତଃ** = ଯୋଗଯୁକ୍ତ; **ଇତି** = ବୋଲି; **ଉଚ୍ୟତେ** = କୁହାଯାଏ ।

ଅତ୍ୟନ୍ତ ବଶୀଭୂତ ହୋଇଥିବା ଚିତ୍ତ ଯେତେବେଳେ ପରମାତ୍ମାଙ୍କ ଠାରେ ହିଁ ଭଲଭାବରେ ଅବସ୍ଥାନ କରେ, ସେତେବେଳେ ସକଳ ଭୋଗରୁ ନିଃସ୍ପୃହ ପୁରୁଷ ଯୋଗଯୁକ୍ତ ହୁଅନ୍ତି ବୋଲି କୁହାଯାଏ ॥ ୧୮ ॥

ପ୍ରଶ୍ନ – **ଚିତ୍ତମ୍** ସହ **ବିନିୟତମ୍** ବିଶେଷଣ ଦେବାର ପ୍ରୟୋଜନ କଣ ଓ ତାହା ପରମାତ୍ମାଙ୍କ ଠାରେ ହିଁ ଭଲଭାବରେ ଲାଗିଯାଏ କହିଲେ କଣ ବୁଝାଏ ?

ଉତ୍ତର – ଭଲଭାବରେ ବଶୀଭୂତ ଚିତ୍ତ ହିଁ ପରମାତ୍ମାଙ୍କ ଠାରେ ଅଟଳରୂପରେ ଲାଗିଯାଇପାରେ। ଏହି କଥା ଦେଖାଇବାପାଇଁ **ବିନିୟତମ୍** ବିଶେଷଣ ଦିଆଯାଇଛି। ପ୍ରମାଦ, ଆଳସ୍ୟ ଓ ବିକ୍ଷେପରୁ ସର୍ବଥା ରହିତ ହୋଇ ଏକମାତ୍ର ପରମାତ୍ମାଙ୍କ ଠାରେ ଚିତ୍ତ ଏହିପରି ହିଁ ନିଶ୍ଚଳଭାବରେ ଲାଗିଯିବା, ଅର୍ଥାତ୍ ଏକ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କୌଣସି ବି ବସ୍ତୁର ସାମାନ୍ୟମାତ୍ର ସ୍ମୃତି ନ ରହିବା ହିଁ ତା'ର ପରମାତ୍ମାଙ୍କ ଠାରେ ଭଲଭାବରେ ଲାଗିଯିବା।

ପ୍ରଶ୍ନ – ସକଳ ଭୋଗରୁ ସ୍ପୃହାରହିତ ହେବା ଅର୍ଥ କଣ ?

ଉତ୍ତର – ପରମଶାନ୍ତି ଓ ପରମାନନ୍ଦର ମହାନ୍ ସାଗର ଏକମାତ୍ର ପରମାତ୍ମାଙ୍କ ଠାରେ ହିଁ ଅନନ୍ୟ ସ୍ଥିତି ହୋଇଯିବାରୁ ଏବଂ ଇହଲୋକ ଓ ପରଲୋକର ଅନିତ୍ୟ, କ୍ଷଣିକ ଓ ନାଶବାନ୍ ସକଳ ଭୋଗରେ ସର୍ବଥା ବୈରାଗ୍ୟ ଆସିଯିବାରୁ କୌଣସି ବି ସାଂସାରିକ ବସ୍ତୁର କିଞ୍ଚିତ୍‌ମାତ୍ର ଆବଶ୍ୟକତା ବା ଆକାଂକ୍ଷା ନ ରହିବା ହିଁ ସକଳ ଭୋଗରୁ ନିଃସ୍ପୃହ ହୋଇଯିବା।

ପ୍ରଶ୍ନ – **ଯୁଞ୍ଜଃ** ପଦର ଅଭିପ୍ରାୟ କଣ ?

ଉତ୍ତର – ଏଠାରେ **ଯୁଞ୍ଜଃ** ପଦ ଧ୍ୟାନଯୋଗର ପୂର୍ଣ୍ଣସ୍ଥିତିର ବୋଧକ। ଅଭିପ୍ରାୟ ଏହି ଯେ, ସାଧନା କରୁ କରୁ ଯେତେବେଳେ ଯୋଗୀଙ୍କ ଠାରେ ଉପରୋକ୍ତ ଦୁଇଟି ଲକ୍ଷଣ ଭଲଭାବରେ ପ୍ରକଟ ହୋଇଯାଏ, ସେତେବେଳେ ବୁଝିବା ଉଚିତ ଯେ, ସେ ଧ୍ୟାନଯୋଗର ଅନ୍ତିମସ୍ଥିତି ପାଇସାରିଛନ୍ତି।

ସମ୍ବନ୍ଧ – ବଶୀଭୂତ ଚିତ୍ତ ଧ୍ୟାନକାଳରେ ଯେତେବେଳେ ଏକମାତ୍ର ପରମାତ୍ମାରେ ହିଁ ଅଟଳଭାବରେ ଲାଗିଯାଏ, ସେତେବେଳେ ସେହି ଚିତ୍ତର ଅବସ୍ଥା କିପରି ହୋଇଯାଏ, ତାହା ଜଣାଇଦେବାକୁ ଭଗବାନ୍ କହୁଛନ୍ତି–

ଯଥା ଦୀପୋ ନିବାତସ୍ଥୋ ନେଙ୍ଗତେ ସୋପମା ସ୍ମୃତା।
ଯୋଗିନୋ ଯତଚିତ୍ତସ୍ୟ ଯୁଞ୍ଜତୋ ଯୋଗମାତ୍ମନଃ ॥ ୧୯ ॥

ଅନ୍ୱୟ – **ଯଥା** = ଯେପରି; **ନିବାତସ୍ଥଃ** = ପବନ ନ ଥିବା ସ୍ଥାନରେ ଥିବା; **ଦୀପଃ** = ଦୀପର ଶିଖା; **ନ, ଇଙ୍ଗତେ** = ଚଞ୍ଚଳ ହୁଏ ନାହିଁ; **ସା, ଉପମା** = ସେହି ଉପମା; **ଆତ୍ମନଃ** = ପରମାତ୍ମାଙ୍କର; **ଯୋଗମ୍** = ଧ୍ୟାନରେ; **ଯୁଞ୍ଜତଃ** = ଲାଗିରହିଥିବା; **ଯୋଗିନଃ** = ଯୋଗୀଙ୍କର; **ଯତଚିତ୍ତସ୍ୟ** = ବଶୀଭୂତ ଚିତ୍ତ (ସ୍ଥିର ରହେ ବୋଲି); **ସ୍ମୃତା** = କୁହାଯାଇଛି।

ପବନ ନ ଥିବା ସ୍ଥାନରେ ରହିଥିବା ଦୀପର ଶିଖା ଯେପରି ଚଞ୍ଚଳ ହୁଏ ନାହିଁ, ପରମାତ୍ମାଙ୍କ ଧ୍ୟାନରେ ଲାଗିରହିଥିବା ଯୋଗୀଙ୍କର ବଶୀଭୂତ ଚିତ୍ତ ସେହିପରି ସ୍ଥିର ରହେ ବୋଲି କୁହାଯାଏ ॥ ୧୯ ॥

ପ୍ରଶ୍ନ – ଏଠାରେ **ଦୀପ** ଶବ୍ଦ କାହାର ବାଚକ ଓ ନିଶ୍ଚଳତା ଭାବ ଦେଖାଇବାକୁ ପର୍ବତ ଆଦି ଅଚଳ ପଦାର୍ଥର ଉପମା ନ ଦେଇ, ବଶୀଭୂତ ଚିତ୍ତ ସହିତ ଦୀପର ଉପମା ଦେବାର ଅଭିପ୍ରାୟ କଣ ?

ଉତ୍ତର – ଏଠାରେ **ଦୀପ** ଶବ୍ଦ ପ୍ରକାଶମାନ ଦୀପଶିଖାର ବାଚକ। ପର୍ବତ ଆଦି ପଦାର୍ଥ ଜ୍ୟୋତିହୀନ ଏବଂ ସ୍ୱଭାବତଃ ଅଚଳ। ତେଣୁ ସେସବୁ ଚିତ୍ତସହିତ ତୁଳନୀୟ ନୁହନ୍ତି। କିନ୍ତୁ ଦୀପଶିଖା ଚିତ୍ତପରି ପ୍ରକାଶମାନ ଓ ଚଞ୍ଚଳ। ତେଣୁ ତା' ସହିତ ମନର ସମାନତା ରହିଛି। ଯେପରି ପବନ ନ ହେଲେ ଦୀପଶିଖା ହଲଚଲ ହୁଏ ନାହିଁ, ସେହିପରି ବଶୀଭୂତ ଚିତ୍ତ ମଧ୍ୟ ଧ୍ୟାନସମୟରେ ସବୁପ୍ରକାରେ ସୁରକ୍ଷିତ ହୋଇଥିବାରୁ ହଲଚଲ ହୁଏ ନାହିଁ; ତାହା ଅବିଚଳ ଦୀପଶିଖାପରି ସମଭାବରେ ଉଜ୍ଜ୍ୱଳ ହୋଇ ରହେ। ତେଣୁ ପର୍ବତ ଆଦି ପ୍ରକାଶରହିତ ଅଚଳ ପଦାର୍ଥମାନଙ୍କର ଉପମା ନ ଦେଇ ଦୀପର ଉପମା ଦିଆଯାଇଛି।

ପ୍ରଶ୍ନ – ଚିତ୍ତ ସହିତ **ଯତ** ଶବ୍ଦ ନ ଯୋଡ଼ି କେବଳ **ଚିତ୍ତସ୍ୟ** କହିଥିଲେ ମଧ୍ୟ ସେହି ଅର୍ଥ ହୋଇଥାନ୍ତା, ପୁଣି **ଯତଚିତ୍ତସ୍ୟ** ପ୍ରୟୋଗ କରିବାର ଅଭିପ୍ରାୟ କଣ ?

ଉତ୍ତର – ଜିତା ଯାଇଥିବା ବା ସଂଯତ ହୋଇଥିବା ଚିତ୍ତ ହିଁ ଏହିପ୍ରକାରେ ପରମାତ୍ମାଙ୍କ ସ୍ୱରୂପରେ ଅଚଳ ରହିପାରେ – ଏହା ଦେଖାଇବାପାଇଁ 'ଯତ' ଶବ୍ଦ ଦିଆଯାଇଛି।

ସମ୍ବନ୍ଧ– ଏହିପ୍ରକାରେ ଧ୍ୟାନଯୋଗର ଅନ୍ତିମ ସ୍ଥିତି ପ୍ରାପ୍ତ ହୋଇଥିବା ପୁରୁଷଙ୍କର ଓ ସେ ଚୟ କରିଥିବା ଚିତ୍ତର ଲକ୍ଷଣ କହିସାରିବା ପରେ ବର୍ତ୍ତମାନ ପରବର୍ତ୍ତୀ ତିନୋଟି ଶ୍ଲୋକରେ ଧ୍ୟାନଯୋଗଦ୍ୱାରା ସଚ୍ଚିଦାନନ୍ଦ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥିବା ପୁରୁଷଙ୍କ ସ୍ଥିତି ବର୍ଣ୍ଣନା କରୁଛନ୍ତି–

ଯତ୍ରୋପରମତେ ଚିତ୍ତଂ ନିରୁଦ୍ଧଂ ଯୋଗସେବୟା ।
ଯତ୍ର ଚୈବାତ୍ମନାତ୍ମାନଂ ପଶ୍ୟନ୍ନାତ୍ମନି ତୁଷ୍ୟତି ॥ ୨୦ ॥

ଅନ୍ୱୟ– **ଯୋଗସେବୟା** = ଯୋଗାଭ୍ୟାସଦ୍ୱାରା; **ନିରୁଦ୍ଧମ୍** = ନିରୁଦ୍ଧ ହୋଇଥିବା; **ଚିତ୍ତମ୍** = ଚିତ୍ତ; **ଯତ୍ର** = ଯେଉଁ ଅବସ୍ଥାରେ; **ଉପରମତେ** = ଉପରତପ୍ରାପ୍ତ ହୋଇଯାଏ; **ଚ** = ଏବଂ; **ଯତ୍ର** = ଯେଉଁ ଅବସ୍ଥାରେ; **ଆତ୍ମନା** = ପରମାତ୍ମାଙ୍କ ଧ୍ୟାନରେ ଶୁଦ୍ଧ ହୋଇଥିବା ସୂକ୍ଷ୍ମବୁଦ୍ଧିଦ୍ୱାରା; **ଆତ୍ମାନମ୍** = ପରମାତ୍ମାଙ୍କୁ; **ପଶ୍ୟନ୍** = ସାକ୍ଷାତ କରି; **ଆତ୍ମନି** = ସଚ୍ଚିଦାନନ୍ଦଘନ ପରମାତ୍ମାରେ; **ଏବ** = ହିଁ; **ତୁଷ୍ୟତି** = ସନ୍ତୁଷ୍ଟ ହୋଇ ରହେ ।

ଯୋଗାଭ୍ୟାସଦ୍ୱାରା ନିରୁଦ୍ଧ ହୋଇଥିବା ଚିତ୍ତ ଯେଉଁ ଅବସ୍ଥାରେ ଉପରତି ପ୍ରାପ୍ତ ହୋଇଯାଏ ଓ ଯେଉଁ ଅବସ୍ଥାରେ ପରମାତ୍ମାଙ୍କ ଧ୍ୟାନରେ ଶୁଦ୍ଧ ହୋଇଥିବା ସୂକ୍ଷ୍ମବୁଦ୍ଧିଦ୍ୱାରା ପରମାତ୍ମାଙ୍କୁ ସାକ୍ଷାତ କରି ସଚ୍ଚିଦାନନ୍ଦଘନ ପରମାତ୍ମାରେ ହିଁ ସନ୍ତୁଷ୍ଟ ହୋଇ ରହେ, - - -॥ ୨୦ ॥

ପ୍ରଶ୍ନ– **ଯୋଗସେବା** ଶବ୍ଦ କାହାର ବାଚକ ଓ **ଯୋଗସେବାଦ୍ୱାରା** 'ନିରୁଦ୍ଧ' ହୋଇଥିବା ଚିତ୍ତର ଅଭିପ୍ରାୟ କଣ ?

ଉତ୍ତର– ଧ୍ୟାନଯୋଗ ଅଭ୍ୟାସର ନାମ ଯୋଗସେବା । ସେହି ଧ୍ୟାନଯୋଗ ଅଭ୍ୟାସ କରୁ କରୁ ଚିତ୍ତ ଯେତେବେଳେ ଏକମାତ୍ର ପରମାତ୍ମାରେ ହିଁ ଉଲଭାବରେ ସ୍ଥିତ ହୋଇଯାଏ, ସେତେବେଳେ ତାହାକୁ **ନିରୁଦ୍ଧ ଚିତ୍ତ** କହନ୍ତି ।

ପ୍ରଶ୍ନ– ଏପରିଭାବରେ 'ପରମାତ୍ମାଙ୍କ ସ୍ୱରୂପରେ ନିରୁଦ୍ଧ ହୋଇଥିବା ଚିତ୍ତ ଉପରତ ହେବା' କହିଲେ କଣ ବୁଝାଏ ?

ଉତ୍ତର– ଯେଉଁ ସମୟରେ ଯୋଗୀଙ୍କର ଚିତ୍ତ ପରମାତ୍ମାଙ୍କ ସ୍ୱରୂପରେ ସତ୍ତ୍ୱଦୃଷ୍ଟିରୁ ନିରୁଦ୍ଧ ହୋଇଯାଏ, ସେହି ସମୟରେ ତାଙ୍କର ଚିତ୍ତ ସଂସାରରୁ ସର୍ବଥା ନିବୃତ୍ତ (ଉପରତ) ହୋଇଯାଏ । ପୁଣି ତାଙ୍କର ଅନ୍ତଃକରଣରେ ସଂସାରପାଇଁ କୌଣସି ସ୍ଥାନ ରହେ ନାହିଁ । ଯଦ୍ୟପି ଲୋକଦୃଷ୍ଟିରେ ତାଙ୍କର ଚିତ୍ତ ସମାଧିସମୟରେ ସଂସାରରୁ ଉପରତ ଥିବାପରି ଓ ବ୍ୟବହାରକାଳରେ ସଂସାରଚିନ୍ତନରେ ଲାଗିଥିବାପରି ପ୍ରତୀତ ହୁଏ, ତଥାପି ପ୍ରକୃତରେ ତାଙ୍କର ସଂସାର ସହିତ କୌଣସି ସମ୍ବନ୍ଧ ନ ଥାଏ । ଏହା ହିଁ ତାଙ୍କର ଚିତ୍ତ ସବୁଦିନପାଇଁ ସଂସାରରୁ ଉପରତ ବା ନିବୃତ୍ତ ହୋଇଯିବା ।

ପ୍ରଶ୍ନ– ଏଠାରେ **ଯତ୍ର** କାହାର ବାଚକ ?

ଉତ୍ତର– ଯେଉଁ ଅବସ୍ଥାରେ ଧ୍ୟାନଯୋଗ-ସାଧକଙ୍କର ପରମାତ୍ମାଙ୍କ ସହିତ ସଂଯୋଗ ହୋଇଯାଏ ଅର୍ଥାତ୍ ତାଙ୍କୁ ପରମାତ୍ମାଙ୍କ ପ୍ରତ୍ୟକ୍ଷ ଅନୁଭବ ହୋଇଯାଏ ଓ ସଂସାର ସହିତ ତାଙ୍କର ସମ୍ବନ୍ଧ ସବୁଦିନପାଇଁ ଛୁଟିଯାଏ, ତଥା ତେରଶ ଶ୍ଲୋକରେ ଭଗବାନ୍ ଯାହାର ନାମ 'ଯୋଗ' ବୋଲି କହିଛନ୍ତି, ଏଠାରେ **ଯତ୍ର** ଶବ୍ଦଟି ହେଉଛି ସେହି ଅବସ୍ଥାବିଶେଷର ବାଚକ ।

ପ୍ରଶ୍ନ– ଏଠାରେ **ଏବ**ର ଅଭିପ୍ରାୟ କଣ ?

ଉତ୍ତର– **ଏବ** ପ୍ରୟୋଗ ଏଠାରେ ପରମାତ୍ମାଙ୍କ ଦର୍ଶନଜନିତ ଆନନ୍ଦ ଛଡ଼ା ଅନ୍ୟ ସାଂସାରିକ ସନ୍ତୋଷର କାରଣ ନିରାକରଣ କରିଦେବାକୁ କରାଯାଇଛି । ଅଭିପ୍ରାୟ ଏହି କି, ପରମାନନ୍ଦ ଓ ପରମଶାନ୍ତିର ସାଗର ପରମାତ୍ମାଙ୍କ ସାକ୍ଷାତ୍କାର ହୋଇଯିବା ପରେ ଯୋଗୀ ସଦା-ସର୍ବଦା ସେହି ଆନନ୍ଦରେ ସନ୍ତୁଷ୍ଟ ହୋଇ ରହନ୍ତି । ତାଙ୍କ ନିମନ୍ତେ କୌଣସିପ୍ରକାର ସାଂସାରିକ ସୁଖର କିଞ୍ଚିତ୍‌ମାତ୍ର ଆବଶ୍ୟକତା ରହେ ନାହିଁ ।

ପ୍ରଶ୍ନ– ଯେଉଁ ଧ୍ୟାନରେ ପରମାତ୍ମାଙ୍କର ସାକ୍ଷାତ୍କାର ହୋଇଥାଏ, ସେହି ଧ୍ୟାନ କିପରି ଅଭ୍ୟାସ କରିବା ଉଚିତ ?

ଉତ୍ତର– ଏକାନ୍ତ ସ୍ଥାନରେ ପ୍ରଥମେ କୁହାଯାଇଥିବାପ୍ରକାରେ ଆସନରେ ବସି ମନର ସମସ୍ତ ସଂକଳ୍ପ ତ୍ୟାଗ କରି ନିମ୍ନଲିଖିତ ଧାରଣା କରିବା ଉଚିତ :–

ଏକ ବିଜ୍ଞାନ-ଆନନ୍ଦଘନ ପୂର୍ଣ୍ଣବ୍ରହ୍ମ ପରମାତ୍ମା ହିଁ

ଅଛନ୍ତି। ତାଙ୍କ ବିନା ପ୍ରକୃତରେ ଅନ୍ୟ କୌଣସି ବସ୍ତୁ ନାହିଁ। କେବଳ ଏକମାତ୍ର ସେ ହିଁ ପରିପୂର୍ଣ୍ଣ ହୋଇ ରହିଛନ୍ତି। ଏହି ଜ୍ଞାନ ମଧ୍ୟ ତାଙ୍କରି। କାରଣ ସେ ହିଁ ଜ୍ଞାନସ୍ୱରୂପ। ସେ ସନାତନ, ନିର୍ବିକାର, ଅସୀମ, ଅପାର, ଅନନ୍ତ, ଅଜଳ ଓ ଅନବଦ୍ୟ। ମନ, ବୁଦ୍ଧି, ଅହଂକାର, ଦ୍ରଷ୍ଟା, ଦର୍ଶନ, ଦୃଶ୍ୟ, ଆଦି ଯାହା କିଛି ଅଛି, ସବୁ ସେହି ବ୍ରହ୍ମରେ ହିଁ ଆରୋପିତ ଓ ବସ୍ତୁତଃ ବ୍ରହ୍ମସ୍ୱରୂପ ହିଁ ଅଟେ। ସେ ଆନନ୍ଦମୟ ଓ ଅବର୍ଣ୍ଣନୀୟ। ତାଙ୍କର ସେହି ଆନନ୍ଦମୟ ସ୍ୱରୂପ ମଧ୍ୟ ଆନନ୍ଦମୟ। ସେ ହିଁ ଆନନ୍ଦସ୍ୱରୂପ, ପୂର୍ଣ୍ଣ, ନିତ୍ୟ, ସନାତନ, ଅଜ, ଅବିନାଶୀ, ପରମ, ଚରମ, ସତ୍, ଚେତନ, ବିଜ୍ଞାନମୟ, କୂଟସ୍ଥ, ଅଚଳ, ଧ୍ରୁବ, ଅନାମୟ, ବୋଧମୟ, ଅନନ୍ତ ଓ ଶାନ୍ତ ଅଟନ୍ତି। ଏହିପ୍ରକାରେ ତାଙ୍କର ଆନନ୍ଦସ୍ୱରୂପର ଚିନ୍ତନ କରି କରି ବାରମ୍ବାର ଏପରି ଦୃଢ଼ ଧାରଣା କରିବା ଉଚିତ ଯେ, ସେହି ଆନନ୍ଦସ୍ୱରୂପଙ୍କ ବ୍ୟତୀତ ଆଉ କିଛି ହିଁ ନାହିଁ। ଯଦି କୌଣସି ସଂକଳ୍ପ ଜାଗ୍ରତ ହୁଏ, ତେବେ ତାହା ମଧ୍ୟ ସେହି ଆନନ୍ଦମୟଙ୍କ ଠାରୁ ଉତ୍ପନ୍ନ ହୋଇଛି। ତେଣୁ ତାହା ଆନନ୍ଦମୟ ବୋଲି ବୁଝି ଆନନ୍ଦମୟରେ ହିଁ ତାହା ବିଲୀନ କରିଦେବା ଉଚିତ। ଏହିପରି ଧାରଣା କରି କରି ଯେତେବେଳେ ସମସ୍ତ ସଂକଳ୍ପ ଆନନ୍ଦମୟ ବୋଧସ୍ୱରୂପ ପରମାତ୍ମାରେ ବିଲୀନ ହୋଇଯାଏ ଏବଂ ଏକ ଆନନ୍ଦଘନ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କୌଣସି ବି ସଂକଳ୍ପର ଅସ୍ତିତ୍ୱ ରହେ ନାହିଁ, ସେତେବେଳେ ସାଧକଙ୍କର ଆନନ୍ଦମୟ ପରମାତ୍ମାରେ ଅଟଳ ସ୍ଥିତି ଆସିଯାଏ। ଏହିପରି ନିତ୍ୟ-ନିୟମିତ ଧ୍ୟାନ କରୁ କରୁ ନିଜର ଓ ସଂସାରର ସମସ୍ତ ସତ୍ତା ଯେତେବେଳେ ବ୍ରହ୍ମଠାରୁ ଅଭିନ୍ନ ହୋଇଯାଏ, ଯେତେବେଳେ ସବୁ କିଛି ପରମାନନ୍ଦ ଓ ପରମଶାନ୍ତିସ୍ୱରୂପ ବ୍ରହ୍ମ ହୋଇଯାଏ, ସେତେବେଳେ ସାଧକଙ୍କୁ ପରମାତ୍ମାଙ୍କର ପ୍ରକୃତ ସାକ୍ଷାତ୍କାର ସହଜ ହୋଇଯାଏ।

ସୁଖମାତ୍ୟନ୍ତିକଂ ଯତ୍ତଦ୍ ବୁଦ୍ଧିଗ୍ରାହ୍ୟମତୀନ୍ଦ୍ରିୟମ୍।
ବେତ୍ତି ଯତ୍ର ନ ଚୈବାୟଂ ସ୍ଥିତଶ୍ଚଳତି ତତ୍ତ୍ୱତଃ॥ ୨୧ ॥

ଅନ୍ୱୟ – ଅତୀନ୍ଦ୍ରିୟମ୍ = ଇନ୍ଦ୍ରିୟାତୀତ (ହୋଇ); **ବୁଦ୍ଧିଗ୍ରାହ୍ୟମ୍** = କେବଳ ବିଶୁଦ୍ଧ ସୂକ୍ଷ୍ମବୁଦ୍ଧିଦ୍ୱାରା ଗ୍ରହଣଯୋଗ୍ୟ; **ଯତ୍** = ଯେଉଁ; **ଆତ୍ୟନ୍ତିକମ୍** = ଅନନ୍ତ; **ସୁଖମ୍** = ଆନନ୍ଦ; **ତତ୍** = (ଯୋଗୀ) ତାହାକୁ; **ଯତ୍ର** = ଯେଉଁ ଅବସ୍ଥାରେ; **ବେତ୍ତି** = ଅନୁଭବ କରେ; **ଚ** = ଓ; **(ଯତ୍ର)** = ଯେଉଁ ଅବସ୍ଥାରେ; **ସ୍ଥିତଃ** = ସ୍ଥିତ (ହେଲେ); **ଅୟମ୍** = ଏହି ଯୋଗୀ; **ତତ୍ତ୍ୱତଃ** = ପରମାତ୍ମାଙ୍କ ସ୍ୱରୂପରୁ; **ନ, ଏବ, ଚଳତି** = କଦାପି ବିଚଳିତ ହୁଏ ନାହିଁ।

କେବଳ ବିଶୁଦ୍ଧ ଓ ସୂକ୍ଷ୍ମ ବୁଦ୍ଧିଦ୍ୱାରା ଗ୍ରହଣଯୋଗ୍ୟ ଯେଉଁ ଇନ୍ଦ୍ରିୟାତୀତ ଅନନ୍ତ ଆନନ୍ଦ ରହିଛି, ଯୋଗୀ ତାହାକୁ ଯେଉଁ ଅବସ୍ଥାରେ ଅନୁଭବ କରନ୍ତି ଓ ଯେଉଁ ଅବସ୍ଥାରେ ସ୍ଥିତ ହେଲେ ଏହି ଯୋଗୀ ପରମାତ୍ମାଙ୍କ ସ୍ୱରୂପରୁ କଦାପି ବିଚଳିତ ହୁଅନ୍ତି ନାହିଁ, – –॥ ୨୧ ॥

ପ୍ରଶ୍ନ – ଏଠାରେ ସୁଖ ସହିତ **ଆତ୍ୟନ୍ତିକମ୍, ଅତୀନ୍ଦ୍ରିୟମ୍** ଓ **ବୁଦ୍ଧିଗ୍ରାହ୍ୟମ୍** ବିଶେଷଣ ଦେବାର ଅଭିପ୍ରାୟ କଣ ?

ଉତ୍ତର – ଅଠର ଅଧ୍ୟାୟର ଛତିଶଠାରୁ ଅଣଚାଳିଶ ଶ୍ଲୋକଯାଏ ଯେଉଁ ସାତ୍ତ୍ୱିକ, ରାଜସ ଓ ତାମସ – ଏପରି ତିନିପ୍ରକାର ସୁଖ ବର୍ଣ୍ଣିତ ହୋଇଛି, ତା'ଠାରୁ ଏହି ପରମାତ୍ମସ୍ୱରୂପ ସୁଖର ଅତ୍ୟନ୍ତ ବିଲକ୍ଷଣତା ଦେଖାଇବାପାଇଁ ହିଁ ଉପରୋକ୍ତ ବିଶେଷଣ ଦିଆଯାଇଛି। ପରମାତ୍ମସ୍ୱରୂପ ସୁଖ ସାଂସାରିକ ସୁଖପରି କ୍ଷଣିକ, ନାଶବାନ୍, ଦୁଃଖର କାରଣ ଓ ଦୁଃଖମିଶ୍ରିତ ହୁଏ ନାହିଁ। ତାହା ସାତ୍ତ୍ୱିକ ସୁଖ ଅପେକ୍ଷା ମଧ୍ୟ ମହାନ୍ ଓ ବିଲକ୍ଷଣ, ଏକରସ ଓ ନିତ୍ୟ, କାରଣ ତାହା ପରମାତ୍ମାଙ୍କର ହିଁ ସ୍ୱରୂପ; ତା'ଛଡ଼ା ଅନ୍ୟ କୌଣସି ପଦାର୍ଥ ନାହିଁ। ଏହିଭାବ ଦେଖାଇବାକୁ **ଆତ୍ୟନ୍ତିକମ୍** ବିଶେଷଣ ଦିଆଯାଇଛି। ସେହି ସୁଖ ବିଷୟଜନିତ ରାଜସ ସୁଖପରି ଇନ୍ଦ୍ରିୟଭୋଗ୍ୟ ନୁହେଁ; ସେହି ଇନ୍ଦ୍ରିୟାତୀତ ପରବ୍ରହ୍ମ ପରମାତ୍ମା ହିଁ ଯେ ଏଠାରେ ସୁଖ ନାମରେ କଥିତ ହୋଇଛନ୍ତି, ସେହି ଭାବ ଦେଖାଇବାକୁ **ଅତୀନ୍ଦ୍ରିୟମ୍** ବିଶେଷଣ ଦିଆଯାଇଛି। ସେହି ସୁଖ ସ୍ୱୟଂ ନିତ୍ୟ ଜ୍ଞାନସ୍ୱରୂପ। ତାହା ମାୟାର ସୀମାରୁ ସର୍ବଥା

ଅତୀତ ହୋଇଥିବାରୁ ବୁଦ୍ଧି ସେଠାରେ ପହଞ୍ଚିପାରେ ନାହିଁ; ତଥାପି ଧୂଳି ଲାଗି ନ ଥିବା ସ୍ୱଚ୍ଛ ଦର୍ପଣରେ ଯେପରି ଆକାଶର ପ୍ରତିବିମ୍ବ ପଡ଼େ, ଭଜନ-ଧ୍ୟାନ ଓ ବିବେକ-ବୈରାଗ୍ୟାଦି ଅଭ୍ୟାସଦ୍ୱାରା ଅଚଳ, ସୂକ୍ଷ୍ମ ଓ ଶୁଦ୍ଧ ହୋଇଥିବା ବୁଦ୍ଧିରେ ସେହିପରି ସେହି ସୁଖର ପ୍ରତିବିମ୍ବ ପଡ଼େ। ତେଣୁ ତାହାକୁ **ବୁଦ୍ଧିଗ୍ରାହ୍ୟ** ବୋଲି କୁହାଯାଇଛି।

ପରମାତ୍ମାଙ୍କ ଧ୍ୟାନରୁ ମିଳୁଥିବା ସାତ୍ତ୍ୱିକ ସୁଖ ମଧ୍ୟ ଇନ୍ଦ୍ରିୟାତୀତ, ବୁଦ୍ଧିଗ୍ରାହ୍ୟ ଓ ଅକ୍ଷୟ ସୁଖର ହେତୁ ହୋଇଥିବାରୁ ଅନ୍ୟ ସାଂସାରିକ ସୁଖ ଅପେକ୍ଷା ଅତ୍ୟନ୍ତ ବିଲକ୍ଷଣ ଅଟେ। କିନ୍ତୁ ତାହା କେବଳ ଧ୍ୟାନକାଳରେ ହିଁ ମିଳେ, ତାହା ସଦା ଏକରସ ହୋଇ ରହେ ନାହିଁ ଓ ତାହା ଚିରର ହିଁ ଏକ ଅବସ୍ଥାବିଶେଷ ହୋଇଥାଏ। ତେଣୁ ତାହାକୁ **ଆତ୍ୟନ୍ତିକ** ବା **ଅକ୍ଷୟ** ସୁଖ ବୋଲି କୁହାଯାଇପାରିବ ନାହିଁ। ପରମାତ୍ମାଙ୍କ ସ୍ୱରୂପଭୂତ ଏହି ସୁଖ ତ ସେହି ଧ୍ୟାନଜନିତ ସୁଖର ଫଳ। ଅତଏବ ଏହା ତାହା ଅପେକ୍ଷା ଅତ୍ୟନ୍ତ ବିଲକ୍ଷଣ। ଏହିପ୍ରକାରେ ତିନୋଟି ବିଶେଷଣ ଦେଇ ଏଠାରେ ସ୍ପଷ୍ଟ କରିଦେଇଛନ୍ତି ଯେ, ସାତ୍ତ୍ୱିକ ସୁଖପରି ଏହି ସୁଖ ଅନୁଭବରେ ଲବ୍ଧ ନୁହେଁ। ଏହା ତ ଧାତା, ଧ୍ୟାନ ଓ ଧ୍ୟେୟ– ଏହି ତିନୋଟି ଏକ ହୋଇଯିବା ପରେ ସ୍ୱତଃ ପ୍ରକଟ ହେଉଥିବା ପରମାତ୍ମାଙ୍କ ସ୍ୱରୂପ ହିଁ ଅଟେ।

ପ୍ରଶ୍ନ – '**ତତ୍ତ୍ୱରୁ** ବିଚଳିତ ନ ହେବା'ର ତାତ୍ପର୍ଯ୍ୟ କଣ ଓ ଏଠାରେ **ଏବ** ପ୍ରୟୋଗର ଅଭିପ୍ରାୟ କଣ ?

ଉତ୍ତର – **ତତ୍ତ୍ୱ** ଶବ୍ଦ ପରମାତ୍ମାଙ୍କ ସ୍ୱରୂପର ବାଚକ ଓ ତାଙ୍କ ଠାରୁ କେତେ ଅଲଗା ନ ହେବା ହିଁ ତାଙ୍କ ଠାରୁ ବିଚଳିତ ନ ହେବା। **ଏବ**ଦ୍ୱାରା ପ୍ରକାଶ ପାଉଛି ଯେ, ପରମାତ୍ମାଙ୍କ ସାକ୍ଷାତ୍‌କାର ହୋଇଯିବା ଫଳରେ ଯୋଗୀଙ୍କର ସେଥିରେ ସବୁଦିନପାଇଁ ଅଟଳ ସ୍ଥିତି ହୋଇଯାଏ; ସେ କେବେ କୌଣସି ଅବସ୍ଥାରେ କୌଣସି କାରଣରୁ ବି ପରମାତ୍ମାଙ୍କ ଠାରୁ ଅଲଗା ହୁଅନ୍ତି ନାହିଁ।

ଯଂ ଲବ୍ଧ୍ୱା ଚାପରଂ ଲାଭଂ ମନ୍ୟତେ ନାଧିକଂ ତତଃ।
ଯସ୍ମିନ୍ ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ ॥ ୨୨ ॥

ଅନ୍ୱୟ – **ଯମ୍** = ଯେଉଁ; **ଲାଭମ୍** = (ପରମାତ୍ମପ୍ରାପ୍ତିରୂପକ) ଲାଭକୁ; **ଲବ୍ଧ୍ୱା** = ପ୍ରାପ୍ତ ହୋଇ; **ତତଃ** = ତା'ଠାରୁ; **ଅଧିକମ୍** = ଅଧିକ; **ଅପରମ୍** = ଅନ୍ୟ କିଛି (ଲାଭ) ଥିବା; **ନ, ମନ୍ୟତେ** = ମଣେ ନାହିଁ; **ଚ** = ଓ; **ଯସ୍ମିନ୍** = ଯେଉଁ ପରମାତ୍ମପ୍ରାପ୍ତିରୂପକ ଅବସ୍ଥାରେ; **ସ୍ଥିତଃ** = ସ୍ଥିତ (ଯୋଗୀ); **ଗୁରୁଣା** = ଅତିଶୟ; **ଦୁଃଖେନ** = ଦୁଃଖରେ; **ଅପି** = ମଧ୍ୟ; **ନ, ବିଚାଲ୍ୟତେ** = ବିଚଳିତ ହୁଏ ନାହିଁ।

ପରମାତ୍ମପ୍ରାପ୍ତିରୂପକ ଯେଉଁ ଲାଭ ପ୍ରାପ୍ତ ହେଲେ, ତା'ଠାରୁ ଅଧିକ ଅନ୍ୟ କିଛି ଲାଭ ଅଛି ବୋଲି ଯୋଗୀ ମାନନ୍ତି ନାହିଁ ଓ ପରମାତ୍ମପ୍ରାପ୍ତିରୂପକ ଯେଉଁ ଅବସ୍ଥାରେ ସ୍ଥିତ ହେଲେ ଯୋଗୀ ଅତିଶୟ ଦୁଃଖରେ ମଧ୍ୟ ବିଚାଳିତ ହୁଅନ୍ତି ନାହିଁ, - - -॥ ୨୨ ॥

ପ୍ରଶ୍ନ – ଏଠାରେ **ଯମ୍** ପଦ କାହାର ବାଚକ? ଏବଂ 'ତାହା ପ୍ରାପ୍ତ ହୋଇଗଲେ ଯୋଗୀ ଅନ୍ୟ କୌଣସି ଲାଭକୁ ତାଠାରୁ ଅଧିକ ବୋଲି ମାନନ୍ତି ନାହିଁ' – ଏପରି କହିବାର ଅଭିପ୍ରାୟ କଣ ?

ଉତ୍ତର – ପରବର୍ତ୍ତୀ ଶ୍ଲୋକରେ ଯାହାକୁ ଦୁଃଖ-ସଂଯୋଗର ବିୟୋଗ ବୋଲି କୁହାଯାଇଛି, **ଯମ୍** ପଦଟି ନେଉଛି ସେହି ଯୋଗ ନାମରେ କଥିତ ପରମାତ୍ମସାକ୍ଷାତ୍‌କାରରୂପକ ଅବସ୍ଥାବିଶେଷର ବାଚକ। ଏହି ସ୍ଥିତିରେ ଯୋଗୀଙ୍କୁ ପରମାନନ୍ଦ ଓ ପରମଶାନ୍ତିର ନିଧାନ ପରମାତ୍ମପ୍ରାପ୍ତି ହୋଇଯିବାରୁ ସେ ପୂର୍ଣ୍ଣକାମ ହୋଇଯାଆନ୍ତି। ତାଙ୍କ ଦୃଷ୍ଟିରେ ଇହଲୋକ ତଥା ପରଲୋକର ସକଳ ଭୋଗ, ତ୍ରିଲୋକର ସମସ୍ତ ରାଜ୍ୟ ଓ ଐଶ୍ୱର୍ଯ୍ୟ, ବିଶ୍ୱବ୍ୟାପୀ ମାନ ଓ ବଡ଼ିମା ଆଦି ସାଂସାରିକ ସୁଖର ଯେତେ ସାଧନ ରହିଛି, ସବୁ କ୍ଷଣଭଙ୍ଗୁର, ଅନିତ୍ୟ, ରସହୀନ, ହେୟ, ତୁଚ୍ଛ ଓ ନଗଣ୍ୟ ହୋଇଯାଏ। ତା'ଫଳରେ ସେ କୌଣସି ବି ସାଂସାରିକ ବସ୍ତୁକୁ ପ୍ରାପ୍ତିଯୋଗ୍ୟ ବୋଲି ମଣନ୍ତି ନାହିଁ; ତେଣୁ ଅଧିକ ବୋଲି ମାନିବାର ପ୍ରଶ୍ନ କେଉଁଠି ?

ପ୍ରଶ୍ନ – 'ଅତିଶୟ ଦୁଃଖରେ ବି ବିଚଳିତ ହୁଅନ୍ତି ନାହିଁ' – ଏ କଥାର ଅର୍ଥ କଣ ?

ଉତ୍ତର – ପରମାତ୍ମପ୍ରାପ୍ତ ଯୋଗୀଙ୍କୁ ବିଶାଳ ଭୋଗ ଓ ଐଶ୍ୱର୍ଯ୍ୟ ଯେପରି ରସହୀନ ଓ ତୁଚ୍ଛ ପ୍ରତୀତ ହୁଏ

ଏବଂ ସେ ଯେପରି ସେସବୁର ପ୍ରାପ୍ତି-ଇଚ୍ଛା କରନ୍ତି ନାହିଁ, ସେସବୁ ପ୍ରାପ୍ତ ନ ହେଲେ ବା ନଷ୍ଟ ହୋଇଗଲେ ବି ସେ ଯେପରି ଖାତିରି କରନ୍ତି ନାହିଁ, ନିଜ ସ୍ଥିତିରୁ ଟିକିଏ ବି ବିଚଳିତ ହୁଅନ୍ତି ନାହିଁ, ସେହିପରି ଅତିଶୟ ଦୁଃଖ ଆସିଗଲେ ବି ସେ ସେହିପରି ଅବିଚଳିତ ରହନ୍ତି। ଏଠାରେ **ଦୁଃଖେନ** ସହିତ **ଗୁରୁଣା** ବିଶେଷଣ ଦେଇ ତଥା **ଅପି** ପ୍ରୟୋଗ କରି ଭଗବାନ୍ ଦେଖାଇଦେଇଛନ୍ତି ଯେ, ସାଧାରଣ ଦୁଃଖର ତ କୌଣସି କଥା ହିଁ ନାହିଁ— ସାଧାରଣ ଦୁଃଖକୁ ଧୈର୍ଯ୍ୟଶୀଳ ଓ ତିତିକ୍ଷୁ ପୁରୁଷ ବି ସହିଯାଇପାରନ୍ତି; କିନ୍ତୁ ଏହି ସ୍ଥିତି ପ୍ରାପ୍ତ ହୋଇଥିବା ଯୋଗୀ ତ ଅତ୍ୟନ୍ତ ଭୟାନକ, ଅସହନୀୟ ଦୁଃଖରେ ବି ନିଜର ସ୍ଥିତିରେ ସର୍ବଥା ଅଟଳ ଅଚଳ ରହନ୍ତି। ଅସ୍ତ୍ରରେ ମୁଣ୍ଡ କଟିଯାଉ, କି ଦୁଃସହ ଉଷ୍ଣ-ଶୈତ୍ୟ-ବର୍ଷା-ବିଜୁଳୀ ଆଦିଦ୍ୱାରା ଶାରୀରିକ ପୀଡ଼ା ହେଉ, କି ଜଳଟ ରୋଗର ବେଦନା ହେଉ, କି ଅତ୍ୟନ୍ତ ପ୍ରିୟବସ୍ତୁର ହଠାତ୍ ବିୟୋଗ ହୋଇଯାଉ, କି ସଂସାରରେ କୌଣସି କାରଣ ନ ଥାଉଣୁ ହିଁ ଘୋର ଅପମାନ, ତିରସ୍କାର ବା ନିନ୍ଦା ଆଦି ଯାବତୀୟ ଦୁଃଖର କାରଣ ଏକାଥରକେ ଆସି ପହଞ୍ଚିଯାଉ — ସେହି ଯୋଗୀ ନିଜର ସ୍ଥିତିରୁ ସାମାନ୍ୟମାତ୍ର ବିଚଳିତ ହୁଅନ୍ତି ନାହିଁ; କାରଣ, ପରମାତ୍ମାଙ୍କ ସାକ୍ଷାତ୍କାର ହୋଇଯିବା ପରେ ସେହି ଯୋଗୀଙ୍କର ଏହି ଶରୀର ସହିତ ପ୍ରକୃତରେ କୌଣସି ସମ୍ବନ୍ଧ ରହେ ନାହିଁ; ଶରୀରଟି କେବଳ ଲୋକଦୃଷ୍ଟିରେ ତାଙ୍କର ହୋଇ ରହିଥାଏ। ପ୍ରାରବ୍ଧ ଅନୁସାରେ ତାଙ୍କର ଶରୀର, ଇନ୍ଦ୍ରିୟ ଓ ମନ ସହିତ ସାଂସାରିକ ବସ୍ତୁମାନଙ୍କର ସଂଯୋଗ-ବିୟୋଗ ହୋଇପାରେ, ଶୀତ-ଉଷ୍ଣ, ମାନ-ଅପମାନ, ସ୍ତୁତି-ନିନ୍ଦା ଆଦି ଅନୁକୂଳ ଓ ପ୍ରତିକୂଳ ଭୋଗପଦାର୍ଥମାନଙ୍କର ପ୍ରାପ୍ତି ଓ ବିନାଶ ହୋଇପାରେ, କିନ୍ତୁ ସୁଖ-ଦୁଃଖର କୌଣସି ଭୋକ୍ତା ତାଙ୍କ ଭିତରେ ନ ଥିବାରୁ ତାଙ୍କ ଅନ୍ତଃକରଣରେ କେତେ, କୌଣସି ଅବସ୍ଥାରେ, କୌଣସି ବି କାରଣରୁ, କୌଣସିପ୍ରକାର କିଞ୍ଚିତ୍‌ମାତ୍ର ବି ବିକାର ଜାତ ହୁଏ ନାହିଁ; ତାଙ୍କର ସ୍ଥିତି ପରମାତ୍ମାରେ ନିତ୍ୟ ଅଟଳ ଅଚଳ ହୋଇ ଏକାପରି ରହିଥାଏ।

ସମ୍ବନ୍ଧ *— କୋଡିଏ, ଏକୋଇଶ ଓ ବାଇଶ ଶ୍ଲୋକରେ ପରମାତ୍ମପ୍ରାପ୍ତିରୂପକ ଯେଉଁ ସ୍ଥିତିର ମହତ୍ତ୍ୱ ଓ ଲକ୍ଷଣ ବର୍ଣ୍ଣନା କରାଗଲା, ବର୍ତ୍ତମାନ ସେହି ସ୍ଥିତିର ନାମ ଜହି ଭଗବାନ୍ ତାହା ପ୍ରାପ୍ତ କରିବାକୁ ପ୍ରେରଣା ପ୍ରଦାନ କରୁଛନ୍ତି—*

ତଂ ବିଦ୍ୟାଦ୍‌ଦୁଃଖସଂଯୋଗବିୟୋଗଂ ଯୋଗସଂଜ୍ଞିତମ୍।
ସ ନିଶ୍ଚୟେନ ଯୋକ୍ତବ୍ୟୋ ଯୋଗୋଽନିର୍ବିଣ୍ଣଚେତସା।। ୨୩ ।।

ଅନ୍ୱୟ— **ଦୁଃଖସଂଯୋଗବିୟୋଗମ୍** = (ଯାହା) ଦୁଃଖରୂପକ ସଂସାରର ସଂଯୋଗରୁ ରହିତ; **ଯୋଗସଂଜ୍ଞିତମ୍** = (ଓ) ଯାହାର ନାମ 'ଯୋଗ'; **ତମ୍** = ତାହାକୁ; **ବିଦ୍ୟାତ୍** = ଜାଣିବା ଉଚିତ; **ସଃ** = ସେହି; **ଯୋଗଃ** = ଯୋଗ (ସାଧନା); **ଅନିର୍ବିଣ୍ଣଚେତସା** = କ୍ଷୁଣ୍ଣ ନ ହୋଇଥିବା ଅର୍ଥାତ୍ ଧୈର୍ଯ୍ୟ ଓ ଉତ୍ସାହଯୁକ୍ତ ଚିତ୍ତଦ୍ୱାରା; **ନିଶ୍ଚୟେନ** = ନିଶ୍ଚୟପୂର୍ବକ; **ଯୋକ୍ତବ୍ୟଃ** = କରିବା ଉଚିତ୍ ଅର୍ଥାତ୍ କର୍ତ୍ତବ୍ୟ।

ଯାହା ଦୁଃଖରୂପକ ସଂସାରର ସଂଯୋଗରୁ ରହିତ ତଥା ଯାହାର ନାମ ଯୋଗ, ତାହା ଜାଣିବା ଆବଶ୍ୟକ। କ୍ଷୁଣ୍ଣ ନ ହୋଇ ଅର୍ଥାତ୍ ଧୈର୍ଯ୍ୟ ଓ ଉତ୍ସାହଯୁକ୍ତ ଚିତ୍ତରେ ନିଶ୍ଚୟପୂର୍ବକ ସେହି ଯୋଗସାଧନା କରିବା କର୍ତ୍ତବ୍ୟ।। ୨୩ ।।

ପ୍ରଶ୍ନ — ଦୁଃଖରୂପକ ସଂସାରର ସଂଯୋଗରୁ ରହିତ ସ୍ଥିତି କଣ? ସେହି ସ୍ଥିତି ଲାଭ କରିଥିବା ଯୋଗୀ କଣ ସର୍ବଦା ଧ୍ୟାନାବସ୍ଥାରେ ହିଁ ରହନ୍ତି? ତାଙ୍କର ଶରୀର, ଇନ୍ଦ୍ରିୟ ଓ ଅନ୍ତଃକରଣଦ୍ୱାରା କଣ ସଂସାରର କାର୍ଯ୍ୟ ହୁଏ ନାହିଁ?

ଉତ୍ତର — ଦୁଃଖରୂପ ସଂସାରରୁ ସବୁଦିନପାଇଁ ସମ୍ବନ୍ଧ ତୁଟିଯିବା ହିଁ ତା'ର ସଂଯୋଗରୁ ରହିତ ହୋଇଯିବା। ସେହି ସ୍ଥିତିରେ ଯୋଗୀଙ୍କର ଶରୀର, ଇନ୍ଦ୍ରିୟ ଓ ମନଦ୍ୱାରା ଚାଲିବା, ବୁଲିବା, ଦେଖିବା, ଶୁଣିବା ବା ମନନ କରିବା ଓ ନିଶ୍ଚୟ କରିବା ଆଦି କାର୍ଯ୍ୟ ଯେ ହୋଇପାରିବ ନାହିଁ, ସେପରି ନୁହେଁ। ତାଙ୍କର ଶରୀର, ଇନ୍ଦ୍ରିୟ, ମନ ଓ ବୁଦ୍ଧି ଆଦିଦ୍ୱାରା ପ୍ରାରବ୍ଧାନୁସାରେ ସମସ୍ତ କର୍ମ ହୁଏ; କିନ୍ତୁ ତାଙ୍କ ଜ୍ଞାନରେ ଏକମାତ୍ର ପରମାତ୍ମାଙ୍କ ଛଡ଼ା ଅନ୍ୟ କିଛି ବି ନ ଥିବାରୁ ତାଙ୍କର ସେସବୁ କର୍ମରେ ବସ୍ତୁତଃ

କୌଣସି ବି ସମ୍ବନ୍ଧ ରହେ ନାହିଁ। ତାଙ୍କର ଏହି ସ୍ଥିତି ଧ୍ୟାନସମୟରେ ଓ ବ୍ୟୁତ୍ଥାନ*କାଳରେ ସଦା ଏକାପରି ରହେ।

ପ୍ରଶ୍ନ – ଏଠାରେ କେବଳ **ଦୁଃଖବିୟୋଗମ୍** କହିଥିଲେ କାମ ଚଳିଥାଆନ୍ତା, **ଦୁଃଖ-ସଂଯୋଗବିୟୋଗମ୍** କହି **'ସଂଯୋଗ'** ଶବ୍ଦ ଯୋଗ କରିବାର ଅଭିପ୍ରାୟ କଣ ?

ଉତ୍ତର – ଦ୍ରଷ୍ଟା ଓ ଦୃଶ୍ୟର **ସଂଯୋଗ** ଅର୍ଥାତ୍ ଦୃଶ୍ୟପ୍ରପଞ୍ଚ ସହିତ ଆତ୍ମାର ଯେଉଁ ଅଜ୍ଞାନଜନିତ ଅନାଦି ସମ୍ବନ୍ଧ ରହିଛି, ତାହା ହେଉଛି ବାରମ୍ବାର ଜନ୍ମମରଣରୂପୀ ଦୁଃଖପ୍ରାପ୍ତିର ମୂଳକାରଣ। ତାହାର ଅଭାବ ହେଲେ ହିଁ ଦୁଃଖ ଚିରଦିନପାଇଁ ଚାଲିଯାଏ – ଏହା ବୁଝାଇବାକୁ **'ସଂଯୋଗ'** ଶବ୍ଦ ପ୍ରୟୋଗ କରାଯାଇଛି।

ପାତଞ୍ଜଳଯୋଗଦର୍ଶନରେ ମଧ୍ୟ କୁହାଯାଇଛି, **ହେୟଂ ଦୁଃଖମନାଗତମ୍** (୨/୧୬) ଭବିଷ୍ୟତରେ ମିଳିବାକୁ ଥିବା ଜନ୍ମମରଣରୂପ ମହାଦୁଃଖର ନାମ **ହେୟ। ଦ୍ରଷ୍ଟୃଦୃଶ୍ୟୟୋଃ ସଂଯୋଗୋ ହେୟହେତୁଃ** (୨/୧୭)। ଦ୍ରଷ୍ଟା ଓ ଦୃଶ୍ୟର ସଂଯୋଗ ହିଁ ହେୟର କାରଣ। **ତସ୍ୟ ହେତୁରବିଦ୍ୟା** (୨/୨୪)। 'ସେହି ସଂଯୋଗର କାରଣ ହେଉଛି ଅଜ୍ଞାନ।' **ତଦଭାବାତ୍ସଂଯୋଗାଭାବୋ ହାନଂ ତଦ୍ ଦୃଶେଃ କୈବଲ୍ୟମ୍** (୨/୨୫) 'ସେହି ଅବିଦ୍ୟା ଅଭାବ ଦ୍ରଷ୍ଟା ଓ ଦୃଶ୍ୟର ସଂଯୋଗର ମଧ୍ୟ ଅଭାବ ହୋଇଯାଏ। ତା'ର ନାମ **ହାନ** (ହେୟତ୍ୟାଗ) ଏବଂ ତାହା ହେଉଛି ଦ୍ରଷ୍ଟାଙ୍କର କୈବଲ୍ୟରୂପକ ସ୍ଥିତି।'

ପ୍ରଶ୍ନ – ଏଠାରେ **ତମ୍ ସହିତ ଯୋଗସଂଜ୍ଞିତମ୍** ବିଶେଷଣ ଦେବାର ଅଭିପ୍ରାୟ କଣ ?

ଉତ୍ତର – ଉପରୋକ୍ତ ତିନୋଟି ଶ୍ଲୋକରେ ପରମାତ୍ମପ୍ରାପ୍ତିରୂପକ ଯେଉଁ ଅବସ୍ଥାର ମହତ୍ତ୍ୱ ଓ ଲକ୍ଷଣସବୁ ବର୍ଣ୍ଣନା କରାଯାଇଛି, ତାହାର ନାମ 'ଯୋଗ'। ଏହି ଭାବ ଦେଖାଇବାପାଇଁ **ତମ୍ ସହିତ ଯୋଗସଂଜ୍ଞିତମ୍** ବିଶେଷଣ ଦିଆଯାଇଛି।

ପ୍ରଶ୍ନ – ଏଠାରେ **ବିଦ୍ୟାତ୍ର** ଅଭିପ୍ରାୟ କଣ ?

ଉତ୍ତର – ବିଦ୍ୟାତ୍ର ଅଭିପ୍ରାୟ ଏହି ଯେ, **ଯତ୍ରୋପରମତେ ଚିତ୍ତମ୍** (୬/୨୦)ଠାରୁ ଏଯାଏ ଯେଉଁ ସ୍ଥିତି ବର୍ଣ୍ଣନା କରାଯାଇଛି, ତାହା ପାଇବାପାଇଁ ସିଦ୍ଧ ମହାତ୍ମାମାନଙ୍କ ପାଖକୁ ଯାଇ ଏବଂ ଶାସ୍ତ୍ର ଅଭ୍ୟାସ କରି ତାହାର ସ୍ୱରୂପ, ମହତ୍ତ୍ୱ ଓ ସାଧନା ବିଧି ଭଲଭାବେ ଜାଣିବା ଉଚିତ।

ପ୍ରଶ୍ନ – **ଅନିର୍ବିଣ୍ଣଚେତସାର** ଭାବ କଣ ?

ଉତ୍ତର – ଅଳ୍ପ କିଛି ସାଧନା କରିବା ପରେ ମନରେ 'ଏ କାମ କେବେ ପୂର୍ଣ୍ଣ ହେବ, ଜାଣେ ନା; ମୋ ଦ୍ୱାରା ହୋଇପାରିବ କି ନାହିଁ, କିଏ କହିବ !' ବୋଲି ଯେଉଁ ଭାବ ଆସିଯାଏ, ତାହାରି ନାମ **ନିର୍ବିଣ୍ଣତା** ଅର୍ଥାତ୍ ସାଧନାରୁ ଓହରି ଆସିବା। ଏପରି ଭାବରୁ ରହିତ ହୋଇ ଯେ ଧୈର୍ଯ୍ୟ ଓ ଉତ୍ସାହପୂର୍ଣ୍ଣ ଚିତ୍ତରେ ସାଧନା କରିଚାଲନ୍ତି, ତାହାକୁ **ଅନିର୍ବିଣ୍ଣଚିତ୍ତ** କୁହାଯାଏ। ତେଣୁ ଭାବ ଏହି ଯେ, ସାଧକ ନିଜ ଚିତ୍ତରୁ ନିର୍ବିଣ୍ଣତା ଦୋଷ ସର୍ବଥା ଦୂର କରିଦେବା ଉଚିତ। ଯୋଗସାଧନାରେ ଅରୁଚି ଉତ୍ପନ୍ନ କରୁଥିବା ଓ ଧୈର୍ଯ୍ୟ ତଥା ଉତ୍ସାହ କ୍ଷୁଣ୍ଣ କରୁଥିବା ଭାବକୁ ନିଜ ଚିତ୍ତରେ ଉତ୍ପନ୍ନ ହେବାକୁ ନ ଦେବା ଉଚିତ ଏବଂ ଏପରି ଅନିର୍ବିଣ୍ଣ ଚିତ୍ତରେ ଯୋଗ ସାଧନା କରିବା ଉଚିତ।

ପ୍ରଶ୍ନ – ଏଠାରେ **'ନିଶ୍ଚୟପୂର୍ବକ** ଯୋଗସାଧନା କରିବା କର୍ତ୍ତବ୍ୟ' – ଏହି କଥାର ଭାବ କଣ ?

ଉତ୍ତର – **ନିଶ୍ଚୟ** ଏଠାରେ ବିଶ୍ୱାସ ଓ ଶ୍ରଦ୍ଧାର ବାଚକ। ଅଭିପ୍ରାୟ ଏହି ଯେ, ଯୋଗୀ ଯୋଗସାଧନାରେ, ତାହାକୁ ବିଧାନ କରିଥିବା ଶାସ୍ତ୍ରରେ, ଆଚାର୍ଯ୍ୟମାନଙ୍କ ଠାରେ ଓ ଯୋଗସାଧନାର ଫଳରେ ପୂର୍ଣ୍ଣରୂପେ ଶ୍ରଦ୍ଧା ଓ ବିଶ୍ୱାସ ରଖିବା ଉଚିତ ଏବଂ ଯୋଗସାଧନାକୁ ହିଁ ନିଜ ଜୀବନର ମୁଖ୍ୟ କର୍ତ୍ତବ୍ୟ ମନେ କରି ଓ ପରମାତ୍ମପ୍ରାପ୍ତିରୂପକ ଯୋଗସିଦ୍ଧିକୁ ହିଁ ଧ୍ୟେୟ କରି ସେ ଦୃଢ଼ତାପୂର୍ବକ ତତ୍ପରତାର ସହିତ ଯୋଗ ସାଧନାରେ ଲାଗିଯିବା ଉଚିତ।

ସମ୍ବନ୍ଧ – ପରମାତ୍ମପ୍ରାପ୍ତ ପୁରୁଷଙ୍କ ସ୍ଥିତିର ନାମ 'ଯୋଗ' ଏବଂ ତାହା ପ୍ରାପ୍ତ କରିବା ନିଶ୍ଚିତ କର୍ତ୍ତବ୍ୟ ବୋଲି କୁହାଗଲା। ପରବର୍ତ୍ତୀ ଦୁଇଟି ଶ୍ଲୋକରେ ଭଗବାନ୍ ସେହି ସ୍ଥିତିପ୍ରାପ୍ତିପାଇଁ ଅଭେଦରୂପରେ ପରମାତ୍ମାଙ୍କ ଧ୍ୟାନଯୋଗ ସାଧନା କରିବାର ରୀତି କହୁଛନ୍ତି–

★ ପରମାତ୍ମପ୍ରାପ୍ତ ମହାପୁରୁଷ ବ୍ୟବହାରକାଳରେ ବି ପରମାତ୍ମାଙ୍କ ସହିତ ଅବିଚ୍ଛିନ୍ନଭାବରେ ସମ୍ବନ୍ଧ ରଖନ୍ତି। ତାଙ୍କର ଏହି ସ୍ଥିତିକୁ ବ୍ୟୁତ୍ଥାନକାଳର ସ୍ଥିତି କୁହାଯାଏ।

ସଂକଳ୍ପପ୍ରଭବାନ୍‌କାମାଂସ୍ତ୍ୟକ୍ତ୍ୱା ସର୍ବାନଶେଷତଃ ।
ମନସୈବେନ୍ଦ୍ରିୟଗ୍ରାମଂ ବିନିୟମ୍ୟ ସମନ୍ତତଃ ।। ୨୪ ।।

ଅନ୍ୱୟ – ସଂକଳ୍ପପ୍ରଭବାନ୍ = ସଂକଳ୍ପରୁ ଉତ୍ପନ୍ନ ହେଉଥିବା; ସର୍ବାନ୍ = ସକଳ; କାମାନ୍ = କାମନାମାନଙ୍କୁ; ଅଶେଷତଃ = ନିଃଶେଷରୂପେ; ତ୍ୟକ୍ତ୍ୱା = ତ୍ୟାଗ କରି; ମନସା = ମନଦ୍ୱାରା; ଇନ୍ଦ୍ରିୟଗ୍ରାମମ୍ = ସମସ୍ତ ଇନ୍ଦ୍ରିୟଙ୍କୁ; ସମନ୍ତତଃ, ଏବ = ସବୁକ ଦିଗରୁ ହିଁ; ବିନିୟମ୍ୟ = ଭଲରୂପେ ନିରୋଧ କରି।

ସଂକଳ୍ପରୁ ଉତ୍ପନ୍ନ ହେଉଥିବା ସକଳ କାମନା ନିଃଶେଷରୂପେ ତ୍ୟାଗ କରି, ସମସ୍ତ ଇନ୍ଦ୍ରିୟଙ୍କୁ ସବୁ ଦିଗରୁ ଭଲଭାବେ ମନଦ୍ୱାରା ନିରୋଧ କରି - - -।। ୨୪ ।।

ପ୍ରଶ୍ନ – ଏଠାରେ କାମନାସବୁ ସଂକଳ୍ପରୁ ଉତ୍ପନ୍ନ ବୋଲି କୁହାଯାଇଛି ଓ ଦ୍ୱିତୀୟ ଅଧ୍ୟାୟର ବାଷଠି ଶ୍ଲୋକରେ କାମନାର ଉତ୍ପତ୍ତି ଆସକ୍ତିରୁ ହୁଏ ବୋଲି କହିଛନ୍ତି। ଏପରି ଦୁଇପ୍ରକାର କହିବାର କାରଣ କଣ ?

ଉତ୍ତର – ସେଠାରେ ସଂକଳ୍ପରୁ ଆସକ୍ତିର ଓ ଆସକ୍ତିରୁ କାମନାର ଉତ୍ପତ୍ତି ହୁଏ ବୋଲି କୁହାଯାଇଛି। ତେଣୁ ସେଠାରେ ମଧ୍ୟ ସଂକଳ୍ପ ହିଁ ମୂଳ କାରଣ। ଅତଏବ ଏହି ଦୁଇଟି କଥାରେ କୌଣସି ପ୍ରଭେଦ ନାହିଁ।

ପ୍ରଶ୍ନ – 'ସବୁ କାମନା' କେଉଁ କାମନାକୁ ବୁଝାଏ ଓ ସେସବୁକୁ ନିଃଶେଷରୂପେ ତ୍ୟାଗ କରିବା କଣ ?

ଉତ୍ତର – ଇହଲୋକ ଓ ପରଲୋକର ଭୋଗପାଇଁ ଯେତେପ୍ରକାର ଓ ଯେତେସବୁ ତୀବ୍ର, ମଧ୍ୟ ବା ମନ୍ଦ କାମନା ରହିଛି, ଏଠାରେ **ସର୍ବାନ୍ କାମାନ୍** ବାକ୍ୟଟି ସେସବୁର ବୋଧକ। ଏଥିରେ ସ୍ପୃହା, ଇଚ୍ଛା, ତୃଷ୍ଣା, ଆଶା ଓ ବାସନା ଆଦି ସମସ୍ତପ୍ରକାର କାମନା ଆସିଯାଉଛି ଓ ଏସବୁ କାମନାର ଉତ୍ପତ୍ତି ସଂକଳ୍ପରୁ ହୁଏ ବୋଲି କୁହାଯାଇଛି; ଏଣୁ 'ଆସକ୍ତି' ମଧ୍ୟ ଏହାର ଅନ୍ତର୍ଗତ।

ସକଳ କାମନା ନିଃଶେଷରୂପେ ତ୍ୟାଗ କରିବାର ଅର୍ଥ ହେଉଛି କୌଣସି ବି ଭୋଗରେ କୌଣସିପ୍ରକାର ସାମାନ୍ୟମାତ୍ର ବାସନା, ଆସକ୍ତି, ସ୍ପୃହା, ଇଚ୍ଛା, ଲାଳସା, ଆଶା ବା ତୃଷ୍ଣା ରହିବାକୁ ନ ଦେବା। ପାତ୍ରରୁ ଘିଅ ନିଗାଡ଼ିନେଲେ ମଧ୍ୟ ଯେପରି ଘିଅର ସ୍ନିଗ୍ଧତା ପାତ୍ରରେ ରହିଯାଏ ଅଥବା ତିଜାରୁ କର୍ପୂର, କେଶର ବା କସ୍ତୁରୀ ବାହାର କରିନେବା ପରେ ମଧ୍ୟ ଯେପରି ସେଥିରେ ସୁଗନ୍ଧ ରହିଯାଏ, ସେହିପରି ସେମାନଙ୍କ କାମନା ତ୍ୟାଗ କରିଦେବା ପରେ ମଧ୍ୟ କାମନାର ସୂକ୍ଷ୍ମ ଅଂଶ କିଛି ରହିଯାଇଥାଏ। ଶେଷକୁ ରହିଯାଇଥିବା ସେହି ସୂକ୍ଷ୍ମ ଅଂଶକୁ ମଧ୍ୟ ତ୍ୟାଗ କରିଦେବାକୁ କାମନାର ନିଃଶେଷ ତ୍ୟାଗ କୁହାଯାଏ।

ପ୍ରଶ୍ନ – ମନଦ୍ୱାରା ଇନ୍ଦ୍ରିୟମାନଙ୍କୁ ଭଲଭାବେ ନିରୋଧ କରିବାର ଅର୍ଥ କଣ ?

ଉତ୍ତର – ବିଷୟଭୋଗରେ ବିଚରଣ କରିବା ହିଁ ଇନ୍ଦ୍ରିୟମାନଙ୍କର ସ୍ୱଭାବ। କିନ୍ତୁ ଏମାନଙ୍କ ସହିତ ମନ ରହିଥିବାବେଳେ ହିଁ ଏମାନେ କୌଣସି ବିଷୟ ଗ୍ରହଣ କରିବାକୁ ସମର୍ଥ ହୁଅନ୍ତି। ମନ ଯଦି ଦୁର୍ବଳ ହୁଏ, ତେବେ ଏମାନେ ମନକୁ ବଳପୂର୍ବକ ଟାଣିନଅନ୍ତି। କିନ୍ତୁ ନିର୍ମଳ ଓ ନିଶ୍ଚୟାତ୍ମିକା ବୁଦ୍ଧି ସାହାଯ୍ୟରେ ଯଦି ମନକୁ ଏକାଗ୍ର କରିଦିଆଯାଏ, ତେବେ ମନର ସହଯୋଗ ନ ମିଳିବାରୁ ଏମାନେ ବିଷୟରେ ବିଚରଣ କରିବାକୁ ଅସମର୍ଥ ହୋଇଯାଆନ୍ତି। ତେଣୁ ଏଗାରଠାରୁ ତେର ଶ୍ଲୋକର ବର୍ଣ୍ଣନା ଅନୁସାରେ ଧ୍ୟାନଯୋଗ ସାଧନାପାଇଁ ଆସନରେ ବସି ଯୋଗୀଙ୍କୁ ବିବେକ ଓ ବୈରାଗ୍ୟର ସହାୟତାରେ ମନଦ୍ୱାରା ସମସ୍ତ ଇନ୍ଦ୍ରିୟଙ୍କୁ ସମସ୍ତ ବାହ୍ୟବିଷୟଭୋଗରୁ ସବୁପ୍ରକାରେ ସଂପୂର୍ଣ୍ଣରୂପେ ହଟାଇଆଣିବା ଉଚିତ ଓ କୌଣସି ବି ଇନ୍ଦ୍ରିୟକୁ କୌଣସି ବି ବିଷୟରେ ଟିକିଏ ବି ନ ଲଗାଇ ସେମାନଙ୍କୁ ସର୍ବଥା ଅନ୍ତର୍ମୁଖୀ କରିଦେବା ଉଚିତ। ଏହା ହିଁ ମନଦ୍ୱାରା ଇନ୍ଦ୍ରିୟମାନଙ୍କୁ ଭଲରୂପେ ନିରୋଧ କରିବା।

ଶନୈଃ ଶନୈରୁପରମେଦ୍ ବୁଦ୍ଧ୍ୟା ଧୃତିଗୃହୀତୟା ।
ଆତ୍ମସଂସ୍ଥଂ ମନଃ କୃତ୍ୱା ନ କିଂଚିଦପି ଚିନ୍ତୟେତ୍ ।। ୨୫ ।।

ଅନ୍ୱୟ – ଶନୈଃ, ଶନୈଃ = କ୍ରମେ କ୍ରମେ (ଅଭ୍ୟାସ କରି କରି); ଉପରମେତ୍ = ଉପରତିପ୍ରାପ୍ତ ହେବା ଉଚିତ (ତଥା); ଧୃତିଗୃହୀତୟା = ଧୈର୍ଯ୍ୟଯୁକ୍ତ; ବୁଦ୍ଧ୍ୟା = ବୁଦ୍ଧିଦ୍ୱାରା; ମନଃ = ମନକୁ; ଆତ୍ମସଂସ୍ଥମ୍ = ପରମାତ୍ମାରେ;

କୃତ୍ୱା = ଲଗାଇ; **କିଞ୍ଚିତ୍** = ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି; **ଅପି** = ବି; **ନ, ଚିନ୍ତୟେତ୍** = ଚିନ୍ତନ କରିବା ଉଚିତ ନୁହେଁ।

କ୍ରମଶଃ ଅଭ୍ୟାସ କରି କରି ଉପରତି ପ୍ରାପ୍ତ ହେବା ଉଚିତ ତଥା ଧୈର୍ଯ୍ୟଯୁକ୍ତ ବୁଦ୍ଧିଦ୍ୱାରା ମନକୁ ପରମାତ୍ମାରେ ଲଗାଇ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ବି ଚିନ୍ତନ କରିବା ଉଚିତ ନୁହେଁ॥ ୨୫ ॥

ପ୍ରଶ୍ନ — କ୍ରମେ କ୍ରମେ ଅଭ୍ୟାସ କରି କରି ଉପରତି ପ୍ରାପ୍ତ ହେବା ତଥା ଧୈର୍ଯ୍ୟଯୁକ୍ତ ବୁଦ୍ଧିଦ୍ୱାରା ମନକୁ ପରମାତ୍ମାରେ ଲଗାଇବା କଣ ?

ଉତ୍ତର — ପୂର୍ବଶ୍ଲୋକରେ ମନଦ୍ୱାରା ଇନ୍ଦ୍ରିୟମାନଙ୍କୁ ବାହ୍ୟ ବିଷୟରୁ ସର୍ବଥା ହଟାଇଆଣିବା କଥା କୁହାଯାଇଛି; କିନ୍ତୁ ଯେତେବେଳଯାଏ ମନ ବିଷୟମାନଙ୍କୁ ଚିନ୍ତା କରୁଥାଏ, ସେତେବେଳଯାଏ ତାହା ପରମାତ୍ମାରେ ଭଲଭାବରେ ଏକାଗ୍ର ହୋଇପାରେ ନାହିଁ, କି ଇନ୍ଦ୍ରିୟମାନଙ୍କୁ ଭଲଭାବରେ ବିଷୟରୁ ଟାଣି ଆଣିପାରେ ନାହିଁ। ମନ ଅନାଦିକାଳରୁ ବିଷୟଚିନ୍ତନ ଅଭ୍ୟାସ କରିଆସିଛି। ତାକୁ ଚିର-ଅଭ୍ୟସ୍ତ ବିଷୟଚିନ୍ତନରୁ ହଟାଇ ଆଣି ପରମାତ୍ମାରେ ଲଗାଇବାକୁ ହେବ। ମନର ଏହା ଏକ ସ୍ୱଭାବ ଯେ, ତା'ର ଯେଉଁ ବସ୍ତୁରେ ଲାଗିବା ଅଭ୍ୟାସ ହୋଇଯାଏ, ସେ ସେଥିରେ ତଦାକାର ହୋଇଯାଏ ଓ ସେଥିରୁ ସହଜରେ ହଟି ଆସିବାକୁ ଚାହେଁ ନାହିଁ। ପୂର୍ବ ଅଭ୍ୟାସ ବିରୁଦ୍ଧରେ ନୂଆ ତୀବ୍ର ଅଭ୍ୟାସ କରିବା ଓ ସେଥିରୁ କଦାପି ଓହରି ନ ଆସି ଦୃଢ଼ତାର ସହିତ ଲକ୍ଷ୍ୟବସ୍ତୁରେ ମନ ଲଗାଇ ଧୈର୍ଯ୍ୟ ଧରି ବୁଦ୍ଧିମତ୍ତାର ସହିତ ମନକୁ ପୁସୁଲାଇ, ତରାଇ, ନିରୋଧ କରି ଓ ବୁଝାଇ ନୂଆ ଅଭ୍ୟାସରେ ଲଗାଇବା ହିଁ ତାହାକୁ ସେଥିରୁ ହଟାଇ ଆଣିବାର ଏକମାତ୍ର ଉପାୟ। ଧୈର୍ଯ୍ୟ ଛାଡ଼ିଦେଲେ ବା ତରବର ହେଲେ, କାମ ଚଳିବ ନାହିଁ। ଯଦି ବୁଦ୍ଧି ଦୃଢ଼ ହୋଇ ରହିବ ଓ ଅଭ୍ୟାସ ଲାଗିରହିବ, ତେବେ କିଛି ସମୟ ପରେ ମନ ପୂର୍ବବିଷୟରୁ ସର୍ବଥା ହଟି ଆସି ନୂତନ ବିଷୟରେ ତଦାକାର ହୋଇଯିବ ଏବଂ ବର୍ତ୍ତମାନ ଯେପରି ପୂର୍ବ ଅଭ୍ୟାସରୁ ହଟୁ ନାହିଁ, ସେଥିରୁ ବି ସେପରି ହଟି ଆସିବ ନାହିଁ। ତେଣୁ ଭଗବାନ୍ କ୍ରମେ କ୍ରମେ ଉପରତ ହେବାକୁ ତଥା ଧୈର୍ଯ୍ୟଯୁକ୍ତ ବୁଦ୍ଧିରେ ମନକୁ ପରମାତ୍ମାରେ ଲଗାଇବାକୁ କହି ବୁଝାଇଛନ୍ତି ଯେ, ଛୋଟପିଲା କଇଁଚି ବା ଛୁରୀ ଧରିଥିଲେ, ମାଆ ଯେପରି ତାକୁ ବୁଝାଇବୁଝାଇ ଓ ଆବଶ୍ୟକ ହେଲେ ତରାଇଥରାଇ ମଧ୍ୟ ଧୀରେ ଧୀରେ ତା' ହାତରୁ ଛୁରୀ ବା କଇଁଚିଟି କାଢ଼ିନିଅନ୍ତି, ସେହିପରି ବିବେକ ଓ ବୈରାଗ୍ୟଯୁକ୍ତ ବୁଦ୍ଧିଦ୍ୱାରା ମନକୁ ସାଂସାରିକ ଭୋଗମାନଙ୍କର ଅନିତ୍ୟତା ଓ କ୍ଷଣଭଙ୍ଗୁରତା ବୁଝାଇ ଓ ଭୋଗରେ ଲିପ୍ତ ରହିବା ଫଳରେ ମିଳୁଥିବା ବନ୍ଧନ ଓ ନରକାଦି ଯାତନାର ଭୟ ଦେଖାଇ ତାହାକୁ ବିଷୟଚିନ୍ତନରୁ ସଂପୂର୍ଣ୍ଣରୂପେ ରହିତ କରିଦେବା ଉଚିତ। ଏହା ହିଁ କ୍ରମେ କ୍ରମେ ଉପରତି ପ୍ରାପ୍ତ ହେବା।

ଯେତେବେଳଯାଏ ମନ ସମ୍ପୂର୍ଣ୍ଣରୂପେ ବିଷୟ ଚିନ୍ତନ ତ୍ୟାଗ ନ କରିଛି, ସେତେବେଳଯାଏ ସାଧକଙ୍କୁ ପ୍ରତିଦିନ ଆସନରେ ବସି, ପ୍ରଥମେ ଇନ୍ଦ୍ରିୟମାନଙ୍କୁ ବାହ୍ୟ ବିଷୟରୁ ରୋଧ କରି, ପରେ ବୁଦ୍ଧିଦ୍ୱାରା ମନକୁ କ୍ରମେ କ୍ରମେ ବିଷୟଚିନ୍ତନରୁ ରହିତ କରିବାପାଇଁ ଚେଷ୍ଟା କରିବା ଉଚିତ ଓ ତା' ସଙ୍ଗେ ସଙ୍ଗେ ଧୈର୍ଯ୍ୟଯୁକ୍ତ ବୁଦ୍ଧିଦ୍ୱାରା ମନକୁ ପରମାତ୍ମାଙ୍କ ଠାରେ ଲଗାଇବା ଉଚିତ। ପରମାତ୍ମାଙ୍କ ତତ୍ତ୍ୱ ଓ ରହସ୍ୟ ନ ଜାଣିଥିବାରୁ ଯେଉଁ ବୁଦ୍ଧିରେ ସ୍ୱଭାବତଃ ଆସକ୍ତି, ସଂଶୟ ଓ ଭ୍ରମ ରହେ, ସେହି ବୁଦ୍ଧି ସ୍ଥିର ହୁଏ ନାହିଁ, କି ଧୈର୍ଯ୍ୟଯୁକ୍ତ ହୁଏ ନାହିଁ ଏବଂ ସେପରି ବୁଦ୍ଧି ନିଜର ପ୍ରଭାବ ପକାର ମନକୁ ପରମାତ୍ମାଙ୍କ ଧ୍ୟାନରେ ମଧ୍ୟ ସ୍ଥିର କରି ରଖିପାରେ ନାହିଁ। କିନ୍ତୁ ସତ୍‌ସଙ୍ଗଦ୍ୱାରା ପରମାତ୍ମାଙ୍କ ତତ୍ତ୍ୱ ଓ ରହସ୍ୟ ବୁଝି ଯେତେବେଳେ ବୁଦ୍ଧି ସ୍ଥିର ହୋଇଯାଏ, ସେତେବେଳେ ତାହା ଦୃଶ୍ୟବର୍ଗକୁ ଗ୍ରହଣ ନ କରି ପରମାତ୍ମାରେ ହିଁ ରମଣ କରେ। ସେହି ସମୟରେ ତା' ଦୃଷ୍ଟିରେ ପରମାତ୍ମାଙ୍କ ଛଡ଼ା ଆଉ କିଛି ରହେ ନାହିଁ। ତା'ଫଳରେ ବୁଦ୍ଧି ମନକୁ ଭଲଭାବରେ ବିଷୟରୁ ହଟାଇ ଆଣି ତାକୁ ପରମାତ୍ମଚିନ୍ତନରେ ନିଯୁକ୍ତ କରିଦିଏ ଓ କ୍ରମଶଃ ତାହାକୁ ତଦାକାର କରିଦିଏ। ଏହା ହିଁ ଧୈର୍ଯ୍ୟଯୁକ୍ତ ବୁଦ୍ଧିଦ୍ୱାରା ମନକୁ ପରମାତ୍ମାରେ ଲଗାଇବେଳା।

ପ୍ରଶ୍ନ — 'ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ବି ଚିନ୍ତନ କରନ୍ତୁ ନାହିଁ' — ଏହାର ଭାବ କଣ ?

ଉତ୍ତର – ମନ ଯେତେବେଳଯାଏ ପରମାତ୍ମାରେ ନିରୁଦ୍ଧ ହୋଇ, ସର୍ବଥା ତଦ୍ରୂପ ହୋଇ ନାହିଁ ଅର୍ଥାତ୍ ଯେତେବେଳଯାଏ ପରମାତ୍ମପ୍ରାପ୍ତି ହୋଇ ନାହିଁ, ସେତେବେଳଯାଏ ସେ ଯେ ଧେୟ ବସ୍ତୁରେ (ପରମାତ୍ମାରେ) ହିଁ ନିରନ୍ତର ଲାଗିରହିବ, ତାହା ନିଶ୍ଚିତ ନୁହେଁ। ଏଣୁ ତୀବ୍ର ଅଭ୍ୟାସ ଆବଶ୍ୟକ। ଅତଏବ ଭଗବାନଙ୍କର ଏଠାରେ ଏହି ଭାବ ପ୍ରତୀତ ହେଉଛି ଯେ, ସାଧକ ଯେତେବେଳେ ଧ୍ୟାନ କରିବାକୁ ବସିବେ ଓ ଅଭ୍ୟାସଦ୍ୱାରା ଯେତେବେଳେ ତାଙ୍କର ମନ ପରମାତ୍ମାରେ ସ୍ଥିର ହୋଇଯିବ, ସେତେବେଳେ ବି ତାଙ୍କୁ ଏପରି ସାବଧାନ ରହିବାକୁ ହେବ, ଯେପରି କି ମନ କ୍ଷଣକପାଇଁ ମଧ୍ୟ ପରମାତ୍ମାଙ୍କ ଠାରୁ ପେରି ଆସି ଅନ୍ୟ ବିଷୟ ପଛରେ ଯାଇପାରିବ ନାହିଁ। ସାଧକଙ୍କର ଏହି ସଜାଗତା ଅଭ୍ୟାସକୁ ଦୃଢ଼ କରିବାରେ ବିଶେଷ ସହାୟକ ହୁଏ। ପ୍ରତିଦିନ ଧ୍ୟାନ କରୁ କରୁ ଅଭ୍ୟାସ ଯେତିକି ଯେତିଜି ବଢ଼ିବ, ମନକୁ ସେତିକି ସେତିକି ସାବଧାନତାପୂର୍ବକ ଅନ୍ୟ କେଉଁଆଡ଼େ ଯିବାକୁ ନ ଦେଇ ବିଶେଷରୂପରେ ବହୁ ସମୟପର୍ଯ୍ୟନ୍ତ ପରମାତ୍ମାଙ୍କ ଠାରେ ସ୍ଥିର ରଖିବାକୁ ପଡ଼ିବ।

ପ୍ରଶ୍ନ – ଧ୍ୟାନ ସମୟରେ ମନକୁ ପରମାତ୍ମାଙ୍କ ସ୍ୱରୂପରେ କିପରିଭାବରେ ଲଗାଇବା ଉଚିତ ?

ଉତ୍ତର – ପ୍ରଥମେ କୁହାଯାଇଥିବାପ୍ରକାରେ ଅଭ୍ୟାସ କରି, ସାଧକ ଏକାନ୍ତରେ ବସି, ଧ୍ୟାନସମୟରେ ମନକୁ ସର୍ବଥା ନିର୍ବିଷୟ କରି ଏକମାତ୍ର ପରମାତ୍ମାଙ୍କ ସ୍ୱରୂପରେ ଲଗାଇବାକୁ ଚେଷ୍ଟା କରିବା ଆବଶ୍ୟକ। ମନରେ ଯେକୌଣସି ବସ୍ତୁ ଦେଖାଦେଲେ ବି, ତାହା କଳ୍ପନାମାତ୍ର ଜାଣି ତୁରନ୍ତ ତ୍ୟାଗ କରିଦେବାକୁ ପଡ଼ିବ। ଏହିପରିଭାବରେ ଚିତ୍ତରେ ସ୍ଫୁରିତ ବସ୍ତୁକୁ ତ୍ୟାଗ କରି କ୍ରମଶଃ ଶରୀର, ଇନ୍ଦ୍ରିୟ, ମନ ଓ ବୁଦ୍ଧିର ସତ୍ତାକୁ ମଧ୍ୟ ତ୍ୟାଗ କରିଦେବାକୁ ପଡ଼ିବ। ସତ୍ତାର ଅଭାବ କରୁ କରୁ ଯେତେବେଳେ ସମସ୍ତ ଦୃଶ୍ୟପ୍ରପଞ୍ଚ ଚିତ୍ତରୁ ଶୂନ୍ୟ ହୋଇଯିବ, ସେତେବେଳେ ସତ୍ତାର ଅଭାବ ନିଶ୍ଚୟ କରୁଥିବା ଏକମାତ୍ର ବୃତ୍ତିଟି ରହିଯିବ। ଏହି ବୃତ୍ତିଟି ହେଉଛି ଶୁଦ୍ଧ ଓ ଶୁଦ୍ଧ, ତଥାପି ଦୃଢ଼ ଧାରଣାଦ୍ୱାରା ଏହାକୁ ମଧ୍ୟ ଦୂର କରିଦେବା ଉଚିତ କିମ୍ବା ସମସ୍ତ ଦୃଶ୍ୟପ୍ରପଞ୍ଚର ଅଭାବ ହୋଇଯିବା ପରେ ତାହା ସ୍ୱତଃ ଶାନ୍ତ ହୋଇଯିବ। ତା' ପରେ ଯାହା କିଛି ରହିବ, ତାହା ହେଉଛି ଅଚିନ୍ତ୍ୟ ତତ୍ତ୍ୱ। ସେହି ତତ୍ତ୍ୱଟି ହେଉଛି 'କେବଳ' (ନିରଞ୍ଜନ) ଓ ସମସ୍ତ ଉପାଧିରୁ ରହିତ। ଏକମାତ୍ର ତାହା ହିଁ ପରିପୂର୍ଣ୍ଣ। କେହି ତା'ର ବର୍ଣ୍ଣନା କରିପାରିବ ନାହିଁ, କି ଚିନ୍ତନ କରିପାରିବ ନାହିଁ। ଅତଏବ ଏହିପ୍ରକାରେ ଦୃଶ୍ୟପ୍ରପଞ୍ଚ ଓ ଶରୀର, ଇନ୍ଦ୍ରିୟ, ମନ, ବୁଦ୍ଧି ଓ ଅହଙ୍କାରର ଅଭାବ କରିଦେଉଥିବା ବୃତ୍ତିକୁ ମଧ୍ୟ ନିରାସ କରିଦେଇ ଅଚିନ୍ତ୍ୟ ତତ୍ତ୍ୱରେ ସ୍ଥିତ ହେବାକୁ ଚେଷ୍ଟା କରିବା ଉଚିତ।

ସମ୍ବନ୍ଧ – ମନକୁ ପରମାତ୍ମାଙ୍କ ଠାରେ ସ୍ଥିର କରି ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ଟି ଚିନ୍ତନ ନ କରିବା କଥା କୁହାଗଲା; କିନ୍ତୁ ଯଦି କୌଣସି ସାଧକଙ୍କ ଚିତ୍ତ ପୂର୍ବାଭ୍ୟାସବଶତଃ ଚଳପୂର୍ଣ୍ଣ ବିଷୟ ଆଡ଼କୁ ଚାଲିଯାଏ, ତେବେ ସେ କଣ କରିବା ଉଚିତ ? ଏହି ଜିଜ୍ଞାସାର ଉତ୍ତରରେ ଭଗବାନ୍ କହୁଛନ୍ତି—

ଯତୋ ଯତୋ ନିଶ୍ଚରତି ମନଶ୍ଚଞ୍ଚଳମସ୍ଥିରମ୍।
ତତସ୍ତତୋ ନିୟମ୍ୟୈତଦାତ୍ମନ୍ୟେବ ବଶଂ ନୟେତ୍॥ ୨୬ ॥

ଅନ୍ୱୟ – ଏତତ୍ = ଏହି; ଅସ୍ଥିରମ୍ = ଅସ୍ଥିର; ଚଞ୍ଚଳମ୍ = ଚଞ୍ଚଳ; ମନଃ = ମନ; ଯତଃ, ଯତଃ = ଯେଉଁ ଯେଉଁ (ଶବ୍ଦାଦି ବିଷୟନିମିତ୍ତ ସଂସାରରେ); ନିଶ୍ଚରତି = ବିଚରଣ କରେ; ତତଃ, ତତଃ = ସେହି ସେହି (ବିଷୟରୁ); ନିୟମ୍ୟ = ରୋଧ କରି (ମନକୁ ବାରମ୍ବାର); ଆତ୍ମନି = ପରମାତ୍ମାରେ; ଏବ = ହିଁ; ବଶମ୍ = ନିରୁଦ୍ଧ; ନୟେତ୍ = କରିବା ଉଚିତ।

ଏହି ଅସ୍ଥିର ଚଞ୍ଚଳ ମନ ଯେଉଁ ଯେଉଁ ଶବ୍ଦାଦି ବିଷୟନିମନ୍ତେ ସଂସାରରେ ବିଚରଣ କରେ, ତାହାକୁ ସେହି ସେହି ବିଷୟରୁ ରୋଧ କରି ଅର୍ଥାତ୍ ହଟାଇ ଆଣି ବାରମ୍ବାର ପରମାତ୍ମାଙ୍କ ଠାରେ ହିଁ ନିରୁଦ୍ଧ କରିବା ଉଚିତ॥ ୨୬ ॥

ପ୍ରଶ୍ନ – ଏହି ଶ୍ଲୋକର ଅଭିପ୍ରାୟ କଣ ?

ଉତ୍ତର – ମନ ବଡ଼ ହିଁ ଅସ୍ଥିର ଓ ଚଞ୍ଚଳ। ଏହା ସହଜରେ କେଉଁଠି ବି ସ୍ଥିର ହୋଇ ରହିବାକୁ ଚାହେଁ ନାହିଁ। ତେଣୁ ନୂତନ ଅଭ୍ୟାସ କରିବା ସମୟରେ ଏହା ବାରମ୍ବାର ଦୌଡ଼ିପଳାଏ। ସାଧକ ଅତ୍ୟନ୍ତ ଯତ୍ନସହକାରେ ମନକୁ ପରମାତ୍ମାଙ୍କ ଠାରେ ଲଗାଏ। ଯେ ଭାବୁଥାଏ, ମନ ପରମାତ୍ମାଙ୍କ ଠାରେ ଲାଗିଛି; କିନ୍ତୁ କ୍ଷଣକପରେ ଦେଖିଲାବେଳକୁ ତାହା ବୁଆଡ଼େ କେତେ ଦୂର ଚାଲିଗଲାଣି। ତେଣୁ ପୂର୍ବଶ୍ଲୋକରେ କୁହାଯାଇଛି ଯେ, ସାଧକ ସାବଧାନ ରହିବେ ଓ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ଚିନ୍ତନ କରିବେ ନାହିଁ। କିନ୍ତୁ ସାବଧାନ ରହୁ ରହୁ ମଧ୍ୟ ଟିକିଏ ସୁଯୋଗ ପାଇଗଲେ ମନ ଚଟ୍ ଜରି ଝପିଚାଲିଯିବ ଓ ଏପରି ଚାଲିଯିବ ଯେ, କେତେବେଳେ ଓ କେଉଁଠିକି ଚାଲିଗଲା, କିଛି ସମୟଯାଏ ଜଣାପଡ଼ିବ ନାହିଁ। ପରମାତ୍ମାଙ୍କୁ ଛାଡ଼ି ବିଷୟ ପଛରେ ଦୌଡ଼ିଯିବାରେ ଅଜ୍ଞାନ ହିଁ ପ୍ରକୃତ କାରଣ। ଅଜ୍ଞାନଦ୍ୱାରା ମୋହିତ ହୋଇ ମନ ଆନନ୍ଦ ଓ ଶାନ୍ତିର ଅନନ୍ତ ସମୁଦ୍ର, ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କୁ ଛାଡ଼ି ଅନିତ୍ୟ, କ୍ଷଣଭଙ୍ଗୁର ଓ ଦୁଃଖଜନକ ବିଷୟ ପଛରେ ଦୌଡ଼ିପଳାଏ ଓ ସେଥିରେ ରମଣ କରେ। କିନ୍ତୁ ତା' ଅପେକ୍ଷା ଅତ୍ୟନ୍ତ ଗୌଣ ହେଲେ ମଧ୍ୟ, ସାଧନାଦୃଷ୍ଟିରୁ ମନବିକ୍ଷେପର ପ୍ରଧାନ କାରଣଟି ହେଉଛି— 'ବିଷୟଚିନ୍ତନର ଚିରକାଳୀନ ଅଭ୍ୟାସ'। ତେଣୁ ଭଗବାନ୍ କହୁଛନ୍ତି, ଧ୍ୟାନସମୟରେ ସାଧକଙ୍କୁ ଯେତେବେଳେ ଜଣାପଡ଼ିବ ଯେ, ମନ ଅନ୍ୟ ବିଷୟ ଆଡ଼େ ଚାଲିଗଲାଣି, ସେହିକ୍ଷଣି ହିଁ ସେ ସାବଧାନତା ଓ ଦୃଢ଼ତାପୂର୍ବକ କୌଣସିପ୍ରକାର ଦୟା ନ ଦେଖାଇ ତୁରନ୍ତ ତାକୁ ଧରି ଆଣି ପରମାତ୍ମାଙ୍କ ଠାରେ ଲଗାଇଦେବା ଉଚିତ। ଏପରି ବାରମ୍ବାର ବିଷୟରୁ ହଟାଇ ଆଣି ମନକୁ ପରମାତ୍ମାଙ୍କ ଠାରେ ଲଗାଇବା ଅଭ୍ୟାସ କରିବା ଉଚିତ। ମନ ହଜାରେ ଥର ଅନୁନୟ-ବିନୟ କରୁ, ଯେପରି ଖୋସାମତ କରିବାର କରୁ ଓ ଯେତେ ପ୍ରଲୋଭନ, ପ୍ରେମ ବା ଭୟ ଦେଖାଉ ନା କାହିଁକି, ତାହା ଟିକିଏ ବି ଶୁଣିବା ଉଚିତ ନୁହେଁ। ତାକୁ ଟିକିଏ ସୁବିଧା ମିଳିଗଲେ, ତା'ର ଉଚ୍ଛୃଙ୍ଖଳତା ବଢ଼ିଯିବ। ଏହି ଅବସ୍ଥାରେ ମନର କଥା ଶୁଣି ତାହାକୁ ଟିକିଏ କେଉଁଠି ରହିବାର ସୁଯୋଗ ଦେଇଦେବା ଅର୍ଥ, ରୋଗୀକୁ ମୋହବଶତଃ କୁପଥ୍ୟ ଦେଇଦେବାପରି ବା ପିଲାକୁ ଦାଢ଼ୁଆ ଛୁରୀ ଧରାଇଦେଇ ନିଜ ହାତରୁ ଛାଡ଼ିଦେବାପରି ହେବ। ସାବଧାନତା ହିଁ ସାଧନା। ସାଧକ ଯଦି ଏହି ଅବସ୍ଥାରେ ଅସାବଧାନ ଓ ଦୁର୍ବଳ ହୋଇଯିବେ, ତାଙ୍କର ଧ୍ୟାନଯୋଗ ସଫଳ ହେବ ନାହିଁ। ଅତଏବ ସେ ଖୁବ୍ ସାବଧାନ ରହିବା ଉଚିତ ଓ ମନକୁ ବାରମ୍ବାର ବିଷୟରୁ ହଟାଇ ଆଣି ପରମାତ୍ମାଙ୍କ ଠାରେ ଲଗାଇବା ଉଚିତ।

ପ୍ରଶ୍ନ – ଗତଶ୍ଲୋକରେ ଓ ଏହି ଶ୍ଲୋକରେ 'ଆତ୍ମା' ଶବ୍ଦର ଅର୍ଥ 'ପରମାତ୍ମା' କରାଯାଇଛି। ଏହାର କାରଣ କଣ ?

ଉତ୍ତର – ଏହା ଆତ୍ମା ଓ ପରମାତ୍ମାଙ୍କର ଅଭେଦ ପ୍ରକରଣ। ଏହି କଥାଟି ସ୍ପଷ୍ଟ କରିଦେବାକୁ 'ଆତ୍ମା' ଶବ୍ଦର ଅର୍ଥ ପରମାତ୍ମା କରାଯାଇଅଛି।

ସମ୍ବନ୍ଧ – ଚିତ୍ତକୁ ପର ବିଷୟରୁ ହଟାଇ ଆଣି ଏକ ପରମାତ୍ମାଙ୍କ ଠାରେ ହିଁ ସ୍ଥିର କଲେ କଣ ହେବ, ସେହି ବିଷୟରେ କହୁଛନ୍ତି—

ପ୍ରଶାନ୍ତମନସଂ ହ୍ୟେନଂ ଯୋଗିନଂ ସୁଖମୁତ୍ତମମ୍।
ଉପୈତି ଶାନ୍ତରଜସଂ ବ୍ରହ୍ମଭୂତମକଲ୍ମଷମ୍।। ୨୭ ।।

ଅନ୍ୱୟ – ହି = କାରଣ; **ପ୍ରଶାନ୍ତମନସମ୍** = ଯାହାଙ୍କର ମନ ଭଲଭାବରେ ଶାନ୍ତ; **ଅକଲ୍ମଷମ୍** = ଯେ ପାପରୁ ରହିତ; **ଶାନ୍ତରଜସମ୍** = ଯାହାଙ୍କର ରଜୋଗୁଣ ଶାନ୍ତ ହୋଇଗଲାଣି; **ବ୍ରହ୍ମଭୂତମ୍** = ସଚ୍ଚିଦାନନ୍ଦଘନ ବ୍ରହ୍ମଙ୍କ ସହିତ ଏକତ୍ୱଭାବ ପ୍ରାପ୍ତ ହୋଇଥିବା; **ଏନମ୍** = ସେହି; **ଯୋଗିନମ୍** = ଯୋଗୀଙ୍କୁ; **ଉତ୍ତମମ୍, ସୁଖମ୍** = ଉତ୍ତମ ଆନନ୍ଦ; **ଉପୈତି** = ପ୍ରାପ୍ତ ହୁଏ।

ଯାହାଙ୍କର ମନ ଭଲଭାବରେ ଶାନ୍ତ ଅଟେ, ଯେ ପାପରୁ ରହିତ ଓ ଯାହାଙ୍କର ରଜୋଗୁଣ ଶାନ୍ତ ହୋଇଗଲାଣି, ସଚ୍ଚିଦାନନ୍ଦଘନ ବ୍ରହ୍ମଙ୍କ ସହିତ ଏକତ୍ୱଭାବ ପ୍ରାପ୍ତ ହୋଇଥିବା ସେହି ଯୋଗୀଙ୍କୁ ଉତ୍ତମ ଆନନ୍ଦ ପ୍ରାପ୍ତ ହୁଏ।। ୨୭ ।।

ପ୍ରଶ୍ନ – ପ୍ରଶାନ୍ତମନସମ୍ ପଦ କାହାର ବାଚକ ?

ଉତ୍ତର – ବିବେକ ଓ ବୈରାଗ୍ୟ ପ୍ରଭାବରେ ବିଷୟଚିନ୍ତା ଛାଡ଼ି ଓ ଚଞ୍ଚଳତାରୁ ତଥା ବିକ୍ଷେପରୁ ରହିତ ହୋଇ ଯାହାଙ୍କର ଚିତ୍ତ ସର୍ବଥା ସ୍ଥିର ଓ ସୁପ୍ରସନ୍ନ ହୋଇଗଲାଣି ଏବଂ ଫଳସ୍ୱରୂପ ଯାହାଙ୍କର ପରମାତ୍ମାଙ୍କ ସ୍ୱରୂପରେ ଅଟଳ ସ୍ଥିତି ହୋଇଯାଇଛି, ସେହି ଯୋଗୀଙ୍କୁ **ପ୍ରଶାନ୍ତମନାଃ** କହନ୍ତି।

ପ୍ରଶ୍ନ – ଅକଲ୍ମଷମ୍ର ଅର୍ଥ କଣ ?

ଉତ୍ତର – ମନୁଷ୍ୟକୁ ଅଧୋଗତିରେ ନେଉଯାଉଥିବା ତମୋଗୁଣ ଏବଂ ତମୋଗୁଣର କାର୍ଯ୍ୟରୂପୀ ପ୍ରମାଦ, ଆଳସ୍ୟ, ଅତିନିଦ୍ରା, ମୋହ, ଦୁର୍ଗୁଣ, ଦୁରାଚାର ଆଦି ଯେତେସବୁ ମଳରୂପୀ ଦୋଷ ରହିଛି, ସେସବୁର ସମାବେଶ 'କଲ୍ମଷ' ଶବ୍ଦର ଅନ୍ତର୍ଗତ ବୋଲି ବୁଝିବାକୁ ହେବ। ଏହି କଲ୍ମଷ ଅର୍ଥାତ୍ ପାପରୁ ଯେ ସଂପୂର୍ଣ୍ଣ ରହିତ, ସେ **ଅକଲ୍ମଷ**।

ପ୍ରଶ୍ନ – ଏଠାରେ **ଅକଲ୍ମଷମ୍** ପଦର ଅର୍ଥ ଯଦି ପାପକର୍ମ ଓ ସକାମ ପୁଣ୍ୟକର୍ମ – ଏହି ଉଭୟର ଅଭାବ ବୋଲି ମାନିନେବା, ତେବେ କ୍ଷତି କଣ ?

ଉତ୍ତର – ସକାମ ପୁଣ୍ୟକର୍ମର ଅଭାବ **ଶାନ୍ତରଜସମ୍** ପଦରେ ଆସିଯାଉଛି। ଏଣୁ **ଅକଲ୍ମଷମ୍** ପଦର ଅର୍ଥ କେବଳ ପାପକର୍ମର ଅଭାବ ବୋଲି ମାନିବା ଉଚିତ।

ପ୍ରଶ୍ନ – ଶାନ୍ତରଜସମ୍ ପଦ କାହାର ବାଚକ ?

ଉତ୍ତର – ଆସକ୍ତି, ସ୍ପୃହା, କାମନା, ଲୋଭ, ତୃଷ୍ଣା ଓ ସକାମକର୍ମ – ଏସବୁ ରଜୋଗୁଣରୁ ହିଁ ଉତ୍ପନ୍ନ ହୁଅନ୍ତି (୧୪/୭,୧୨), ଓ ଏସବୁ ରଜୋଗୁଣକୁ ବଢ଼ାନ୍ତି ମଧ୍ୟ। ଅତଏବ ଯେଉଁ ପୁରୁଷ ଏସବୁରୁ ରହିତ, **ଶାନ୍ତରଜସମ୍** ହେଉଛି ତାଙ୍କର ବାଚକ। ଚଞ୍ଚଳତାରୂପୀ ବିକ୍ଷେପ ମଧ୍ୟ ରଜୋଗୁଣର ହିଁ କାର୍ଯ୍ୟ। କିନ୍ତୁ ତା'ର ବର୍ଣ୍ଣନା **ପ୍ରଶାନ୍ତମନସମ୍** ମଧ୍ୟରେ ଆସିଯାଇଛି; ତେଣୁ ଏଠାରେ ପୁନର୍ବାର କୁହାଗଲା ନାହିଁ।

ପ୍ରଶ୍ନ – ବ୍ରହ୍ମଭୂତମ୍ର ଅର୍ଥ କଣ ?

ଉତ୍ତର – ମୁଁ ଦେହ ନୁହେଁ; ସଚ୍ଚିଦାନନ୍ଦଘନ ବ୍ରହ୍ମ ଅଟେ – ଏହି ପ୍ରକାର ଅଭ୍ୟାସ କରୁ କରୁ ସାଧକଙ୍କର ସଚ୍ଚିଦାନନ୍ଦଘନ ପରମାତ୍ମାରେ ଦୃଢ଼ ସ୍ଥିତି ହୋଇଯାଏ। ଏହିପରି ଅଭିନ୍ନଭାବରେ ବ୍ରହ୍ମରେ ସ୍ଥିତ ପୁରୁଷଙ୍କୁ **ବ୍ରହ୍ମଭୂତ** କହନ୍ତି।

ପ୍ରଶ୍ନ – ଏଠାରେ **ବ୍ରହ୍ମଭୂତମ୍** ପଦ ସାଧକଙ୍କ ବାଚକ, ନା ସିଦ୍ଧ ପୁରୁଷଙ୍କର ?

ଉତ୍ତର – ବ୍ରହ୍ମଭୂତମ୍ ପଦଟି ହେଉଛି ଉଚ୍ଚ ଶ୍ରେଣୀର ଅଭେଦମାର୍ଗୀୟ ସାଧକଙ୍କ ବାଚକ। ଏପରି ସାଧକଙ୍କର ରଜୋଗୁଣ ଓ ତମୋଗୁଣ ଶାନ୍ତ ହୋଇଯାଇଥାଏ; ପରନ୍ତୁ ସେ ଗୁଣମାନଙ୍କ ଠାରୁ ସର୍ବଥା ଅତୀତ ହୋଇ ନ ଥାନ୍ତି। ସେ ତାଙ୍କ ନିଜ ଦୃଷ୍ଟିରୁ ବ୍ରହ୍ମର ସ୍ୱରୂପରେ ହିଁ ସ୍ଥିତ ଅଟନ୍ତି; କିନ୍ତୁ ପ୍ରକୃତରେ ବ୍ରହ୍ମଙ୍କୁ ପାଇ ନ ଥାନ୍ତି। ଏହିପରି ବ୍ରହ୍ମଙ୍କ ସ୍ୱରୂପରେ ଦୃଢ଼ସ୍ଥିତି ହୋଇଯିବା ପରେ ଶୀଘ୍ର ହିଁ ତତ୍ତ୍ୱଜ୍ଞାନଦ୍ୱାରା ବ୍ରହ୍ମପ୍ରାପ୍ତି ହୋଇଯାଏ। ତେଣୁ ଆଗ ଶ୍ଲୋକରେ ଏହି ସ୍ଥିତିର ଫଳ 'ଆତ୍ୟନ୍ତିକ ସୁଖପ୍ରାପ୍ତି' ବୋଲି କହିଦିଆଯାଇଛି। ଏହି 'ଆତ୍ୟନ୍ତିକ ସୁଖପ୍ରାପ୍ତି' ହିଁ ବ୍ରହ୍ମପ୍ରାପ୍ତି। ପଞ୍ଚମ ଅଧ୍ୟାୟର ଚବିଶ ଶ୍ଲୋକରେ ମଧ୍ୟ ଏହି ଅର୍ଥରେ **ବ୍ରହ୍ମଭୂତଃ** ପଦ ଆସିଛି ଓ ସେଠାରେ ତା'ର ଫଳ 'ନିର୍ବାଣବ୍ରହ୍ମଙ୍କ ପ୍ରାପ୍ତି' ବୋଲି କୁହାଯାଇଛି। ଅଷ୍ଟାଦଶ ଅଧ୍ୟାୟର ଚଉବନ ଶ୍ଲୋକରେ ମଧ୍ୟ 'ବ୍ରହ୍ମଭୂତ' ପୁରୁଷଙ୍କୁ ପରାଭକ୍ତି(ତତ୍ତ୍ୱଜ୍ଞାନ)ର ପ୍ରାପ୍ତି ହୁଏ ବୋଲି କହି ତଦ୍ଦ୍ୱାରା ପରମାତ୍ମପ୍ରାପ୍ତି ହୁଏ ବୋଲି କୁହାଯାଇଛି (୧୮/୫୫)। ଅତଏବ ଏଠାରେ **ବ୍ରହ୍ମଭୂତମ୍** ପଦଟି ସିଦ୍ଧପୁରୁଷଙ୍କ ବାଚକ ନୁହେଁ।

ପ୍ରଶ୍ନ – ଉତ୍ତମ ସୁଖପ୍ରାପ୍ତିର ଅଭିପ୍ରାୟ କଣ ?

ଉତ୍ତର – ତମୋଗୁଣ ଓ ରଜୋଗୁଣରୁ ଅତୀତ ଶୁଦ୍ଧସତ୍ତ୍ୱରେ ସ୍ଥିତ ସାଧକ ନିତ୍ୟ ବିଜ୍ଞାନାନନ୍ଦଘନ ପରମାତ୍ମାଙ୍କ ଧ୍ୟାନରେ ଅଭିନ୍ନଭାବରେ ସ୍ଥିତ ହୋଇଯିବା ପରେ ତାହାଙ୍କୁ ଧ୍ୟାନଜନିତ ଯେଉଁ ସାତ୍ତ୍ୱିକ ଆନନ୍ଦ ମିଳେ, ତାହାକୁ ଏଠାରେ **ଉତ୍ତମ ସୁଖ** ବୋଲି କୁହାଯାଇଛି। ପଞ୍ଚମ ଅଧ୍ୟାୟର ଏକୋଇଶ ଶ୍ଲୋକର ପୂର୍ବାର୍ଦ୍ଧରେ ଯାହାକୁ 'ସୁଖ' ବୋଲି କୁହାଯାଇଛି ତଥା ଚବିଶ ଶ୍ଲୋକରେ ଯାହାକୁ 'ଅନ୍ତଃସୁଖ' ବୋଲି କୁହାଯାଇଛି, ତାହାର ପର୍ଯ୍ୟାୟବାଚୀ ଶବ୍ଦ ହେଉଛି **'ଉତ୍ତମ ସୁଖ'**।

ସମ୍ବନ୍ଧ – *ପରମାତ୍ମାଙ୍କ ଅଭେଦରୂପରେ ଧ୍ୟାନ କରୁଥିବା ବ୍ରହ୍ମଭୂତ ଯୋଗୀଙ୍କ ସ୍ଥିତି ଜାହିରି ବର୍ତ୍ତମାନ ତା'ର ଫଳ କହୁଛନ୍ତି–*

ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ବିଗତକଲ୍ମଷଃ।
ସୁଖେନ ବ୍ରହ୍ମସଂସ୍ପର୍ଶମତ୍ୟନ୍ତଂ ସୁଖମଶ୍ନୁତେ ॥ ୨୮ ॥

ଅନ୍ୱୟ – **ବିଗତକଲ୍ମଷଃ** = ନିଷ୍ପାପ; **ଯୋଗୀ** = ଯୋଗୀ; **ଏବମ୍** = ଏପରିଭାବରେ; **ସଦା** = ନିରନ୍ତର; **ଆତ୍ମାନମ୍** = ଆତ୍ମାକୁ; **ଯୁଞ୍ଜନ୍** = ପରମାତ୍ମାରେ ଲଗାଇରଖି; **ସୁଖେନ** = ସୁଖପୂର୍ବକ; **ବ୍ରହ୍ମସଂସ୍ପର୍ଶମ୍** = ପରବ୍ରହ୍ମ ପରମାତ୍ମାଙ୍କ ପ୍ରାପ୍ତିରୂପକ; **ଅତ୍ୟନ୍ତମ୍** = ଅନନ୍ତ; **ସୁଖମ୍** = ଆନନ୍ଦକୁ; **ଅଶ୍ନୁତେ** = ଅନୁଭବ କରେ ।

ସେହି ନିଷ୍ପାପ ଯୋଗୀ ଏହିପରିଭାବରେ ନିରନ୍ତର ଆତ୍ମାକୁ ପରମାତ୍ମାରେ ଲଗାଇରଖି ସୁଖପୂର୍ବକ ପରବ୍ରହ୍ମ ପରମାତ୍ମପ୍ରାପ୍ତିରୂପକ ଅନନ୍ତ ଆନନ୍ଦ ଅନୁଭବ କରନ୍ତି ।। ୨୮ ।।

ପ୍ରଶ୍ନ – **ବିଗତକଲ୍ମଷଃ** ବିଶେଷଣ ସହିତ ଏଠାରେ **ଯୋଗୀ** ଶବ୍ଦ କାହାର ବାଚକ ?

ଉତ୍ତର – ଗତଶ୍ଲୋକରେ **ଅକଲ୍ମଷମ୍**ର ଯେଉଁ ଅର୍ଥ କରାଯାଇଛି, **ବିଗତକଲ୍ମଷଃ**ର ଅର୍ଥ ମଧ୍ୟ ତାହା । ଏପରି ପାପରହିତ ଉଚ୍ଚଶ୍ରେଣୀର ଯେଉଁ ସାଧକ ଅଭେଦଭାବରେ ପରମାତ୍ମାଙ୍କ ସ୍ୱରୂପକୁ ଧ୍ୟାନ କରନ୍ତି, ତାହାଙ୍କୁ ଏଠାରେ **ଯୋଗୀ** ବୋଲି କୁହାଯାଇଛି ।

ପ୍ରଶ୍ନ – ଏପରିଭାବରେ ଆତ୍ମାକୁ ନିରନ୍ତର ପରମାତ୍ମାରେ ଲଗାରବାର ଭାବ କଣ ?

ଉତ୍ତର – ପଚିଶ ଶ୍ଲୋକରେ କୁହାଯାଇଥିବା ରୀତିରେ ଦୃଶ୍ୟପ୍ରପଞ୍ଚର ଚିନ୍ତନରୁ ରହିତ ହୋଇ ଦୃଢନିଶ୍ଚୟପୂର୍ବକ ସାଧକ ନିରନ୍ତର ଅଭେଦରୂପରେ ପରମାତ୍ମାରେ ସ୍ଥିତ ହୋଇଯିବା ଅର୍ଥାତ୍ ବ୍ରହ୍ମରୂପ ହୋଇଯିବା ହିଁ ଉପରୋକ୍ତପ୍ରକାରେ ଆତ୍ମାକୁ ପରମାତ୍ମାରେ ଲଗାଇବା ।

ପ୍ରଶ୍ନ – ଦ୍ୱାଦଶ ଅଧ୍ୟାୟର ପଞ୍ଚମ ଶ୍ଲୋକରେ ତ ପରମାତ୍ମପ୍ରାପ୍ତିରୂପକ ନିର୍ଗୁଣବିଷୟକ ଗତି ଦୁଃଖପୂର୍ବକ ପ୍ରାପ୍ତ ହୁଏ ବୋଲି କୁହାଯାଇଛି, କିନ୍ତୁ ଏଠାରେ କୁହାଯାଇଛି ଯେ, 'ଅବ୍ୟକ୍ତ ପରବ୍ରହ୍ମଙ୍କ ପ୍ରାପ୍ତି ସୁଖପୂର୍ବକ ହୋଇଯାଏ' – ଏପରି ଦୁଇପ୍ରକାର କଥାର କାରଣ କଣ ?

ଉତ୍ତର – ଯାହାର 'ମୁଁ ଦେହ' ବୋଲି ଦେହାଭିମାନ ରହିଛି, ତାହାକୁ ଅବ୍ୟକ୍ତବିଷୟକ ଗତି ମିଳିବା ପ୍ରକୃତରେ ଅତ୍ୟନ୍ତ କଠିନ । ଦ୍ୱାଦଶ ଅଧ୍ୟାୟରେ **ଦେହବଦ୍ଭିଃ** ଶବ୍ଦଦ୍ୱାରା ଦେହାଭିମାନୀମାନଙ୍କୁ ଲକ୍ଷ୍ୟ କରି ସେପରି କୁହାଯାଇଛି । କିନ୍ତୁ ପୂର୍ବଶ୍ଲୋକରେ ସମ୍ପୃକ୍ତ ସାଧକ 'ବ୍ରହ୍ମଭୂତ' ହୋଇଯିବା କଥା କହି ଭଗବାନ୍ ସ୍ପଷ୍ଟ କରିଦେଇଛନ୍ତି ଯେ, ଯଦି ସାଂଖ୍ୟଯୋଗର ସାଧକ ଦେହାଭିମାନରୁ ରହିତ ହୋଇ ବ୍ରହ୍ମରେ ସ୍ଥିତ ହୋଇଯାନ୍ତି, ଯଦି ସାଧକଙ୍କର ଦେହାଭିମାନ ରହେ ନାହିଁ, ବ୍ରହ୍ମଙ୍କ ସ୍ୱରୂପରେ ସେ ଅଭେଦରୂପରେ ସ୍ଥିତ ହୋଇଯାନ୍ତି, ତେବେ ତାହାଙ୍କୁ ସୁଖପୂର୍ବକ ବ୍ରହ୍ମପ୍ରାପ୍ତି ହୋଇଯାଏ । ଅତଏବ ଅଧିକାରୀଭେଦରେ ଉଭୟ ଜ୍ଞାନର କଥନ ପଦ୍ଧତି ଉଚିତ ହୋଇଛି ।

ପ୍ରଶ୍ନ – 'ପରବ୍ରହ୍ମ ପରମାତ୍ମପ୍ରାପ୍ତିରୂପକ ଅନନ୍ତ ଆନନ୍ଦ ଅନୁଭବ କରେ' – ଏହି କଥାର ଅଭିପ୍ରାୟ କଣ ?

ଉତ୍ତର – ଜଗତରେ ଯେତେସବୁ ସୁଖକୁ ବଡ଼ ସୁଖ ବୋଲି ମାନିନିଆଯାଇଛି, ପ୍ରକୃତରେ ତା'ଭିତରୁ କୌଣସିଟି ବି ପ୍ରକୃତ ସେପରି ନୁହେଁ; କାରଣ ସେଭିତରୁ ଗୋଟିଏ ମଧ୍ୟ ସୁଖ ନାହିଁ, ଯାହା କି ସବୁଠାରୁ ବଡ଼ ଓ ଚିରଦିନ ଏକାପରି ରହେ । ତେଣୁ ଶ୍ରୁତି କହନ୍ତି –

ଯୋ ବୈ ଭୂମା ତତ୍ସୁଖଂ ନାଳ୍ପେ ସୁଖମସ୍ତି,
ଭୂମୈବ ସୁଖଂ ଭୂମା ତ୍ୱେବ ବିଜିଜ୍ଞାସିତବ୍ୟଃ ।

(ଛାନ୍ଦୋଗ୍ୟ ଉ. ୭/୨୩/୧)

ଅର୍ଥାତ୍ 'ଯାହା ଭୂମା (ମହାନ ନିରତିଶୟ), ତାହା ସୁଖ; ଅଳ୍ପରେ ସୁଖ ନାହିଁ । ଭୂମା ହିଁ ସୁଖ ଓ ଭୂମାକୁ ହିଁ ବିଶେଷରୂପରେ ଜାଣିବାକୁ ଚେଷ୍ଟା କରିବା ଉଚିତ ।'

ଅଳ୍ প ଓ **ଭୂମା** କଣ ଏହା ବୁଝାଇଦେବାକୁ ଯାଇ ଶ୍ରୁତି ପୁଣି କହୁଛନ୍ତି –

ଯତ୍ର ନ ଅନ୍ୟତ୍ପଶ୍ୟତି, ନ ଅନ୍ୟଚ୍ଛୃଣୋତି, ନ ଅନ୍ୟତ୍ ବିଜାନାତି, ସ ଭୂମା; ଅଥ ଯତ୍ର ଅନ୍ୟତ୍ ପଶ୍ୟତି, ଅନ୍ୟତ୍ ଶୃଣୋତି, ଅନ୍ୟତ୍ ବିଜାନାତି, ତତ୍ ଅଳ୍ପମ୍; ଯୋ ବୈ ଭୂମା ତତ୍ ଅମୃତମ୍ ଅଥ ଯତ୍ ଅଳ୍ପମ୍ ତନ୍ମର୍ତ୍ୟମ୍ ।।

(ଛାନ୍ଦୋଗ୍ୟ ଉ. ୭/୨୪/୧)

ଅର୍ଥାତ୍ 'ଯେଉଁଠି ଅନ୍ୟକିଛି ଦିଶେ ନାହିଁ, ଅନ୍ୟକିଛି ଶୁଭେ ନାହିଁ, ଅନ୍ୟକିଛି ଜାଣିହୁଏ ନାହିଁ, ତାହା ଭୂମା ଓ ଯେଉଁଠି ଅନ୍ୟକିଛି ଦେଖିହୁଏ, ଅନ୍ୟକୁ ଶୁଣି ହୁଏ ଓ ଅନ୍ୟକୁ ଜାଣି ହୁଏ, ତାହା ଅଳ୍ପ । ଯାହା ଭୂମା, ତାହା ଅମୃତ; ଯାହା ଅଳ୍ପ, ତାହା ମରଣଶୀଳ (ନଶ୍ୱର)' ।

ଯାହା ଆଜି ଅଛି ଓ କାଲି ନଷ୍ଟ ହୋଇଯିବ, ତାହା ଯଥାର୍ଥରେ ସୁଖ ନୁହେଁ । କିନ୍ତୁ ଯଦି ତାହାକୁ କେତେକାଂଶରେ ସୁଖ ବୋଲି ମାନିନିଆଯାଏ, ତେବେ ତାହା ଅତ୍ୟନ୍ତ ତୁଚ୍ଛ ଓ ନଗଣ୍ୟ ହିଁ ଅଟେ । ମହର୍ଷି ଯାଜ୍ଞବଲ୍କ୍ୟ ସୁଖର ତୁଳନାତ୍ମକ ବିବେଚନା କରି

କହୁଛନ୍ତି, ସମସ୍ତ ଭୂମଣ୍ଡଳର ସାମ୍ରାଜ୍ୟ, ମନୁଷ୍ୟଲୋକର ପୂର୍ଣ୍ଣ ଐଶ୍ୱର୍ଯ୍ୟ ଓ ସ୍ତ୍ରୀ, ପୁତ୍ର, ଧନ, ଭୂସମ୍ପଦ, ସ୍ୱାସ୍ଥ୍ୟ, ସମ୍ମାନ, କୀର୍ତ୍ତି ଆଦି ସମସ୍ତ ଭୋଗ୍ୟ ପଦାର୍ଥ ଯାହାକୁ ପ୍ରାପ୍ତ ହୋଇଛି, ସେ ମନୁଷ୍ୟମାନଙ୍କ ମଧ୍ୟରେ ସବୁଠାରୁ ବଡ଼ ସୁଖୀ; କାରଣ ମନୁଷ୍ୟମାନଙ୍କର ଏହା ହିଁ ପରମ ଆନନ୍ଦ। ପିତୃଲୋକର ଆନନ୍ଦ ଏହାର ଶହେଗୁଣ। ଗନ୍ଧର୍ବ ଲୋକର ଆନନ୍ଦ ପିତୃଲୋକର ଆନନ୍ଦର ଶହେଗୁଣ ଓ ତାହାର ଶହେଗୁଣ ହେଉଛି ନିଜ କର୍ମଫଳରୁ ଦେବତା ହୋଇଥିବା ଲୋକଙ୍କ ଆନନ୍ଦ ଏବଂ ତାହାର ଶହେ ଗୁଣ ହେଉଛି ସ୍ୱୟଂ ଦେବତାଗଣଙ୍କ ଆନନ୍ଦ; ତାହାର ଶହେଗୁଣ ହେଉଛି ପ୍ରଜାପତି ଲୋକର ଆନନ୍ଦ ଓ ପ୍ରଜାପତି ଲୋକର ଆନନ୍ଦର ଶହେ ଗୁଣ ହେଉଛି ବ୍ରହ୍ମଲୋକର ଆନନ୍ଦ। ତାହା ହିଁ ପାପରହିତ, କାମନାରହିତ ଶ୍ରୋତ୍ରିୟର ପରମ ଆନନ୍ଦ; କାରଣ ତୃଷ୍ଣାରହିତ ଶ୍ରୋତ୍ରିୟ ହେଉଛି ପ୍ରତ୍ୟକ୍ଷ-ବ୍ରହ୍ମଲୋକ। (ବୃହଦାରଣ୍ୟକ ଉ. ୪/୩/୩୩)। ଯେ ବ୍ରହ୍ମଙ୍କ ସାକ୍ଷାତ୍ ପାଇଛନ୍ତି, ତାହାଙ୍କୁ ତ ଅନନ୍ତ, ଅସୀମ, ଅଚିନ୍ତ୍ୟ ଆନନ୍ଦ ପ୍ରାପ୍ତ ହୋଇଛି; ସେହି ଆନନ୍ଦର ତୁଳନା କାହା ସହିତ ବି ହୋଇପାରିବ ନାହିଁ। ପରବ୍ରହ୍ମ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥିବା ପୁରୁଷଙ୍କର ନିଜ ସ୍ୱରୂପ ହିଁ ସେହି ନିରତିଶୟ ଆନନ୍ଦ। ଏହା ହିଁ ଏହି କଥନର ଅଭିପ୍ରାୟ।

ଏହି ଅନନ୍ତ ଆନନ୍ଦମୟ ଆନନ୍ଦକୁ ଏକୋଇଶ ଶ୍ଲୋକରେ 'ଆତ୍ୟନ୍ତିକ ସୁଖ' ଓ ପଞ୍ଚମ ଅଧ୍ୟାୟର ଏକୋଇଶ ଶ୍ଲୋକରେ 'ଅକ୍ଷୟ ସୁଖ' ବୋଲି କୁହାଯାଇଛି।

ସମ୍ବନ୍ଧ – ଅଭେଦଭାବରେ ସାଧନା କରୁଥିବା ସାଂଖ୍ୟଯୋଗୀଙ୍କ ଧ୍ୟାନ ଓ ତା'ର ଫଳ ଏପରି ବର୍ଣ୍ଣନା କରିସାରି ବର୍ତ୍ତମାନ ଭଗବାନ୍ ସେହି ସାଧକଙ୍କ ବ୍ୟବହାରକାଳୀନ ସ୍ଥିତି ବର୍ଣ୍ଣନା କରୁଛନ୍ତି–

ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି ।
ଈକ୍ଷତେ ଯୋଗଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ ॥ ୨୯ ॥

ଅନ୍ୱୟ – **ଯୋଗଯୁକ୍ତାତ୍ମା** = ସର୍ବବ୍ୟାପୀ ଅନନ୍ତଚେତନରେ ଏକୀଭାବରେ ସ୍ଥିତିରୂପ ଯୋଗଦ୍ୱାରା ଯୁକ୍ତ ଆତ୍ମବାନ୍ (ତଥା); **ସର୍ବତ୍ର** = ସର୍ବତ୍ର; **ସମଦର୍ଶନଃ** = ସମଭାବ ଦେଖୁଥିବା ଯୋଗୀ; **ଆତ୍ମାନମ୍** = ଆତ୍ମାକୁ; **ସର୍ବଭୂତସ୍ଥମ୍** = ସକଳଭୂତଙ୍କ ଭିତରେ ଥିବା; **ଚ** = ଓ; **ସର୍ବଭୂତାନି** = ସକଳଭୂତକୁ; **ଆତ୍ମନି** = ଆତ୍ମାରେ (କଳ୍ପିତ); **ଈକ୍ଷତେ** = ଦେଖନ୍ତି।

ସର୍ବବ୍ୟାପୀ ଅନନ୍ତଚେତନରେ ଅର୍ଥାତ୍ ପରବ୍ରହ୍ମ ପରମାତ୍ମାରେ ଏକୀଭାବରେ ସ୍ଥିତିରୂପ ଯୋଗଦ୍ୱାରା ଯୁକ୍ତ ଆତ୍ମବାନ୍ ତଥା ସର୍ବତ୍ର ସମଭାବ ଦର୍ଶନ କରୁଥିବା ଯୋଗୀ ଆତ୍ମାକୁ ସକଳ ଭୂତରେ ଅବସ୍ଥିତ ଓ ସକଳ ଭୂତଙ୍କୁ ଆତ୍ମାରେ କଳ୍ପିତ ହୋଇଥିବା ଦେଖନ୍ତି । * ॥ ୨୯ ॥

ପ୍ରଶ୍ନ – ଯୋଗଯୁକ୍ତାତ୍ମା ପଦଟି କାହାର ବାଚକ ?

ଉତ୍ତର – ସଚ୍ଚିଦାନନ୍ଦ, ନିର୍ଗୁଣ, ନିରାକାର ବ୍ରହ୍ମରେ ଯେ ଅଭିନ୍ନଭାବରେ ଅବସ୍ଥିତ ହୋଇଗଲେଣି, **ଯୋଗଯୁକ୍ତାତ୍ମା** ପଦଟି ହେଉଛି ସେହି ବ୍ରହ୍ମଭୂତ ଯୋଗୀଙ୍କ ବାଚକ। ଏହାଙ୍କ ବର୍ଣ୍ଣନା ପଞ୍ଚମ ଅଧ୍ୟାୟର ଏକୋଇଶ ଶ୍ଲୋକରେ **ବ୍ରହ୍ମଯୋଗଯୁକ୍ତାତ୍ମା** ନାମରେ ତଥା ପଞ୍ଚମ ଅଧ୍ୟାୟର ଚବିଶ, ଷଷ୍ଠଅଧ୍ୟାୟର ସତେରଶ ଓ ଅଷ୍ଟାଦଶ ଅଧ୍ୟାୟର ଚଉବନ ଶ୍ଲୋକରେ **ବ୍ରହ୍ମଭୂତ** ନାମରେ ହୋଇଛି।

ପ୍ରଶ୍ନ – 'ଏପରି ଯୋଗୀ ସର୍ବତ୍ର ସମଭାବ ଦର୍ଶନ କରନ୍ତି' କହିଲେ କଣ ବୁଝାଏ ?

ଉତ୍ତର – ପଞ୍ଚମ ଅଧ୍ୟାୟର ଅଠର ଓ ଏହି ଅଧ୍ୟାୟର ଚଉତିଶ ଶ୍ଲୋକରେ ଜ୍ଞାନୀ ମହାତ୍ମାଙ୍କ ସମଦର୍ଶନ ବର୍ଣ୍ଣନା କରାଯାଇଛି। ସେହିପରି ଏହି ଯୋଗୀ ମଧ୍ୟ ସମସ୍ତଙ୍କ ସହିତ ଶାସ୍ତ୍ରାନୁକୂଳ ଯଥାଯୋଗ୍ୟ ସଦ୍‌ବ୍ୟବହାର କରି ନିତ୍ୟନିରନ୍ତର ସମସ୍ତଙ୍କ ଠାରେ ନିଜର ସ୍ୱରୂପଭୂତ ଏକ ହିଁ ଅଖଣ୍ଡ ଚେତନ ଆତ୍ମାଙ୍କୁ ଦେଖନ୍ତି। ଏହା ହିଁ ତାଙ୍କର ସମସ୍ତଙ୍କୁ ସମଭାବରେ ଦେଖିବା।

★ ଈଶୋପନିଷଦର ନିମ୍ନଲିଖିତ ମନ୍ତ୍ର ସହିତ ଏହାର ସମ୍ବନ୍ଧ ରହିଛି :–

'ଯସ୍ମିନ୍ ସର୍ବାଣି ଭୂତାନି ଆତ୍ମନ୍ୟେବାଭୂତ୍‌ବିଜାନତଃ। ତତ୍ର କୋ ମୋହଃ କଃ ଶୋକ ଏକତ୍ୱମନୁପଶ୍ୟତଃ ॥ (ମନ୍ତ୍ର-୭)

ଅର୍ଥାତ୍ 'ପରନ୍ତୁ ଯେ ସବୁ ପ୍ରାଣୀକୁ ଆତ୍ମାରେ ଓ ସବୁ ପ୍ରାଣୀଙ୍କ ମଧ୍ୟରେ ଆତ୍ମାକୁ ହିଁ ଦେଖନ୍ତି, ସେ କାହାକୁ ଘୃଣା କରନ୍ତି ନାହିଁ।'

ପ୍ରଶ୍ନ – ଆତ୍ମାକୁ ସକଳ ଭୂତରେ ସ୍ଥିତ ଓ ସକଳଭୂତକୁ ଆତ୍ମାରେ କଳ୍ପିତ ଦେଖିବା କଣ ?

ଉତ୍ତର – ଏକ ଅଦ୍ୱିତୀୟ ସଚ୍ଚିଦାନନ୍ଦଘନ ପରବ୍ରହ୍ମ ପରମାତ୍ମା ହିଁ ସତ୍ୟତତ୍ତ୍ୱ; ତାଙ୍କ ଠାରୁ ଭିନ୍ନ ଏହି ସମସ୍ତ ଜଗତ କିଛି ବି ନୁହେଁ। ଏହି ରହସ୍ୟକୁ ଭଲରୂପେ ବୁଝି, ସେଥିରେ ଅଭିନ୍ନଭାବରେ ଅବସ୍ଥିତ ହୋଇ ସ୍ୱପ୍ନର ଦୃଶ୍ୟବର୍ଗରେ ସ୍ୱପ୍ନଦ୍ରଷ୍ଟା ପୁରୁଷପରି ଚରାଚର ପ୍ରାଣୀମାନଙ୍କ ମଧ୍ୟରେ ଏକ ଅଦ୍ୱିତୀୟ ଆତ୍ମା ହିଁ ଅଧିଷ୍ଠାନରୂପରେ ପରିପୂର୍ଣ୍ଣ ହୋଇଛନ୍ତି ବୋଲି ଦର୍ଶନ କରିବା ହିଁ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଆତ୍ମାକୁ ଦେଖିବା; ଅର୍ଥାତ୍ ଏକ ଅଦ୍ୱିତୀୟ ଆତ୍ମା ହିଁ ଏହି ସବୁରୂପରେ ଦେଖାଯାଉଛନ୍ତି; ପ୍ରକୃତରେ ତାଙ୍କ ବ୍ୟତୀତ ଅନ୍ୟ କିଛି ହିଁ ନାହିଁ ବୋଲି ଉଲଭାବରେ ଅନୁଭବ କରିବା ହିଁ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଆତ୍ମାକୁ ଦେଖିବା। ସେହିପରି ସମସ୍ତ ଚରାଚର ପ୍ରାଣୀଙ୍କୁ ଆତ୍ମାରେ କଳ୍ପିତ ଦେଖିବା ଅର୍ଥାତ୍ ସ୍ୱପ୍ନର ଦେଇଁଥିବା ବ୍ୟକ୍ତି ଯେପରି ସ୍ୱପ୍ନଜଗତକୁ, ବା ନାନାପ୍ରକାର କଳ୍ପନା କରୁଥିବା ମନୁଷ୍ୟ ଯେପରି କଳ୍ପିତଦୃଶ୍ୟକୁ ନିଜ ସଂକଳ୍ପର ଆଧାର ଉପରେ ହିଁ ନିଜ ମଧ୍ୟରେ ଦେଖେ, ସେପରି ଦେଖିବା ହିଁ ସମସ୍ତ ପ୍ରାଣୀଙ୍କୁ ଆତ୍ମାରେ କଳ୍ପିତ ଦେଖିବା। ଏହିଭାବ ସ୍ପଷ୍ଟ କରିବାପାଇଁ ଭଗବାନ୍ ଆତ୍ମା ସହିତ **ସର୍ବଭୂତସ୍ଥମ୍** ବିଶେଷଣ ଦେଇ ଆତ୍ମାକୁ ପ୍ରାଣୀମାନଙ୍କ ଠାରେ ସ୍ଥିତ ବୋଲି ଦେଖିବା କଥା କହିଛନ୍ତି; କିନ୍ତୁ ପ୍ରାଣୀମାନଙ୍କୁ ଆତ୍ମାରେ ସ୍ଥିତ ବୋଲି ଦେଖିବା କଥା ନ କହି କେବଳ ଦେଖିବାକୁ ହିଁ କହିଲେ।

ତାତ୍ପର୍ଯ୍ୟ – *ଏପରିଭାବରେ ସାଂଖ୍ୟଯୋଗ ସାଧନା କରୁଥିବା ଯୋଗୀଙ୍କର ଓ ତାଙ୍କର ସର୍ବତ୍ର ସମଦର୍ଶନରୂପକ ଅନ୍ତିମ ସ୍ଥିତି ବର୍ଣ୍ଣନା କରିବା ପରେ ବର୍ତ୍ତମାନ ଭକ୍ତିଯୋଗ ସାଧନା କରୁଥିବା ଯୋଗୀଙ୍କର ଅନ୍ତିମ ସ୍ଥିତି ଓ ତାଙ୍କର ସର୍ବତ୍ର ଭଗବଦ୍ଦର୍ଶନ ବିଷୟ ବର୍ଣ୍ଣନା କରୁଛନ୍ତି—*

ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି ।
ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି ।। ୩୦ ।।

ଅନ୍ୱୟ – **ଯଃ** = ଯେଉଁ ପୁରୁଷ; **ସର୍ବତ୍ର** = ସକଳ ପ୍ରାଣୀଙ୍କ ଠାରେ; **ମାମ୍** = ସକଳଙ୍କର ଆତ୍ମାରୂପକ ମୋତେ ଅର୍ଥାତ୍ ବାସୁଦେବଙ୍କୁ ହିଁ (ବ୍ୟାପି ରହିଥିବା); **ପଶ୍ୟତି** = ଦେଖେ; **ଚ** = ଓ; **ସର୍ବମ୍** = ସକଳ ପ୍ରାଣୀଙ୍କୁ; **ମୟି** = ମୋ'ଠାରେ ଅର୍ଥାତ୍ ବାସୁଦେବଙ୍କର ଅନ୍ତର୍ଗତ; **ପଶ୍ୟତି** = ଦେଖେ; **ତସ୍ୟ** = ତାଙ୍କ ପାଇଁ; **ଅହମ୍** = ମୁଁ; **ନ ପ୍ରଣଶ୍ୟାମି** = ଅଦୃଶ୍ୟ ହୁଏ ନାହିଁ; **ଚ** = ଓ (ଜି); **ସଃ** = ସେ; **ମେ** = ମୋ ପାଇଁ; **ନ ପ୍ରଣଶ୍ୟତି** = ଅଦୃଶ୍ୟ ହୁଏ ନାହିଁ।

ଯେଉଁ ପୁରୁଷ ସକଳ ପ୍ରାଣୀଙ୍କ ଠାରେ ସକଳଙ୍କର ଆତ୍ମାରୂପେ ମୋତେ ଅର୍ଥାତ୍ ବାସୁଦେବଙ୍କୁ ହିଁ ବ୍ୟାପି ରହିଥିବା ଦେଖନ୍ତି ଓ ସକଳ ପ୍ରାଣୀଙ୍କୁ ମୋର ଅର୍ଥାତ୍ ବାସୁଦେବଙ୍କର ଅନ୍ତର୍ଗତ ଥିବା ଦେଖନ୍ତି, ତାଙ୍କ ପାଇଁ ମୁଁ ଅଦୃଶ୍ୟ ହୁଏ ନାହିଁ, କି ସେ ମୋ ପାଇଁ ଅଦୃଶ୍ୟ ହୁଅନ୍ତି ନାହିଁ।। ୩୦ ।।

ପ୍ରଶ୍ନ – ସକଳ ପ୍ରାଣୀଙ୍କ ଠାରେ ବାସୁଦେବଙ୍କୁ ଓ ବାସୁଦେବଙ୍କ ଠାରେ ସକଳ ପ୍ରାଣୀଙ୍କୁ ଦେଖିବା କହିଲେ କଣ ବୁଝାଏ ?

ଉତ୍ତର – ଯେପରି ମେଘରେ ଆକାଶ ଥାଏ ଓ ଆକାଶରେ ମେଘ ଥାଏ, ସେହିପରି ସକଳ ପ୍ରାଣୀଙ୍କ ମଧ୍ୟରେ ଭଗବାନ୍ ବାସୁଦେବ ଅଛନ୍ତି ଓ ବାସୁଦେବଙ୍କ ମଧ୍ୟରେ ସକଳ ପ୍ରାଣୀ ଅଛନ୍ତି ବୋଲି ଅନୁଭବ କରିବା ହିଁ ଏପରି ଦେଖିବା।

ପ୍ରଶ୍ନ – କାର୍ଯ୍ୟ-କାରଣ ଦୃଷ୍ଟିରୁ ନା ବ୍ୟାପ୍ୟ-ବ୍ୟାପକ ଦୃଷ୍ଟିରୁ, ନା ଆଧେୟ-ଆଧାର ଦୃଷ୍ଟିରୁ ଏପରି ଦେଖିବା ?

ଉତ୍ତର – ସବୁ ଦୃଷ୍ଟିରୁ ଏପରି ଦେଖାଯାଇପାରେ; କାରଣ ମେଘରେ ଆକାଶଥିବା ପରି ଭଗବାନ୍ ବାସୁଦେବ ହିଁ ଏହି ସଂପୂର୍ଣ୍ଣ ଚରାଚର ସଂସାରର ମହାକାରଣ ଅଟନ୍ତି; ସେ ହିଁ ସମସ୍ତଙ୍କ ମଧ୍ୟରେ ବ୍ୟାପ୍ତ ହୋଇଛନ୍ତି ଓ ସେ ହିଁ ସମସ୍ତଙ୍କର ଏକମାତ୍ର ଆଧାର।

ପ୍ରଶ୍ନ – ସେହି ପରମେଶ୍ୱର ଆକାଶପରି ସମସ୍ତ ଚରାଚର ସଂସାରର ମହାକାରଣ କିପରି ଓ ସର୍ବବ୍ୟାପୀ ତଥା ସର୍ବାଧାର କିପରି ?

ଉତ୍ତର – **ଆକାଶାଦ୍ବାୟୁଃ, ବାୟୋରଗ୍ନିଃ, ଅଗ୍ନେରାପଃ** (ତୈତ୍ତିରୀୟ. ଉ.୨/୧) ଏହି ଶ୍ରୁତିବାକ୍ୟ

ଅନୁସାରେ ଆକାଶରୁ ବାୟୁ, ବାୟୁରୁ ତେଜ (ଅଗ୍ନି) ଓ ତେଜରୁ (ଅଗ୍ନିରୁ) ଜଳରୂପକ ମେଘର ଉତ୍ପତ୍ତି ହେଲା। ଆକାଶ ପଞ୍ଚମହାଭୂତ ମଧ୍ୟରେ ପ୍ରଥମ ଓ ଅନ୍ୟସବୁର କାରଣ। ପରମ୍ପରା ଅନୁଯାୟୀ ଏହାର ଉତ୍ପତ୍ତିର ମୂଳକାରଣ ହେଉଛି ପ୍ରକୃତି। ପ୍ରକୃତି ହିଁ ପରମେଶ୍ୱରଙ୍କ ଅଧ୍ୟକ୍ଷତାରେ ସମସ୍ତଙ୍କୁ ରଚନା କରେ ଓ ସେହି ପ୍ରକୃତି ହେଉଛି ପରମେଶ୍ୱରଙ୍କର ଏକ ଶକ୍ତିବିଶେଷ। ତେଣୁ ପ୍ରକୃତି ପରମେଶ୍ୱରଙ୍କ ଠାରୁ ଭିନ୍ନ ନୁହେଁ। ଏହି ଦୃଷ୍ଟିରୁ ସଂପୂର୍ଣ୍ଣ ଚରାଚର ଜଗତ ତାଙ୍କ ଠାରୁ ଉତ୍ପନ୍ନ ହୁଏ। ଅତଏବ ସେ ହିଁ ଏହାର ମହାକାରଣ। ଭଗବାନ୍ ମଧ୍ୟ ସ୍ୱୟଂ କହିଛନ୍ତି –

ଅହଂ ସର୍ବସ୍ୟ ପ୍ରଭବୋ ମତ୍ତଃ ସର୍ବଂ ପ୍ରବର୍ତ୍ତତେ। (୧୦/୮)

ଅର୍ଥାତ୍ 'ମୁଁ ସମସ୍ତଙ୍କର ସୃଷ୍ଟିକର୍ତ୍ତା ଓ ମୋ ଯୋଗୁଁ ହିଁ ସମସ୍ତେ ଚେଷ୍ଟା କରନ୍ତି।'

ଏପରିଭାବରେ ଆକାଶ ଯେପରି ମେଘର ସବୁ ଅଂଶରେ ସଂପୂର୍ଣ୍ଣରୂପେ ପରିପୂର୍ଣ୍ଣ, ଅର୍ଥାତ୍ ବ୍ୟାପ୍ତ, ସେହିପରି ପରମେଶ୍ୱର ସମସ୍ତ ଚରାଚର ସଂସାରରେ ବ୍ୟାପ୍ତ। **ମୟା ତତମିଦଂ ସର୍ବଂ ଜଗଦବ୍ୟକ୍ତମୂର୍ତ୍ତିନା।** (୯/୪) 'ମୋର ଅବ୍ୟକ୍ତମୂର୍ତ୍ତି ପରମାତ୍ମାଦ୍ୱାରା ଏହି ସାରା ସଂସାର (ଜଗତ) ବ୍ୟାପ୍ତ।'

ପୁଣି ମେଘର ଆଧାର ଆକାଶ; ଆକାଶ ବିନା ମେଘ ରହିତ କେଉଁଠି? କେବଳ ମେଘ କାହିଁକି – ବାୟୁ, ତେଜ (ଅଗ୍ନି), ଜଳ ଆଦି କୌଣସି ବି ଭୂତ ଆକାଶର ଆଶ୍ରୟ ବିନା ରହିପାରିବ ନାହିଁ। ସେହିପରି ପରମେଶ୍ୱର ହିଁ ଏହି ସମସ୍ତ ଚରାଚର ଜଗତର ଏକମାତ୍ର ପରମାଧାର ଅଟନ୍ତି (୧୦/୪୨)।

ପ୍ରଶ୍ନ – ସମସ୍ତ ଜଗତରେ ଭଗବାନଙ୍କର ସାକାର ରୂପରୁ ଓ ଭଗବାନଙ୍କ ସାକାର ରୂପରେ ସମସ୍ତ ଜଗତରୁ କିପରି ଦେଖାଯାଇପାରିବ ?

ଉତ୍ତର – କୌଣସି ବତ୍ତର ବହୁରୂପୀ ନାନାପ୍ରକାର ବେଶ ଧରି ଆସିଲେ ବି, ଯେ ତା' ସହିତ ଓ ତା'ର କଥାବାର୍ତ୍ତା ଆଦି ସହିତ ପରିଚିତ, ସେ ଯେପରି ତା'ର ସବୁ ରୂପରେ ତାକୁ ଚିହ୍ନିପାରେ, ସେହିପରି ସମସ୍ତ ଜଗତରେ ଯେତେ ବି ରୂପ ଅଛି, ସବୁ ଶ୍ରୀଭଗବାନଙ୍କର ହିଁ ରୂପ ବୋଲି ଭକ୍ତ ଜାଣିପାରନ୍ତି; କିନ୍ତୁ ଆମେ ତାଙ୍କୁ ଚିହ୍ନୁ ନା, ତେଣୁ ତାହାସବୁ ଭଗବାନଙ୍କ ଠାରୁ ଭିନ୍ନ ବୋଲି ଭାବି ସେସବୁକୁ ଭୟ କରୁ ଓ ସଂକୋଚ କରୁ ଏବଂ ସେମାନଙ୍କର ସେବା କରିବାକୁ ଚାହୁଁ ନା; କିନ୍ତୁ ଯେ ସମସ୍ତ ଜଗତର ସବୁ ପ୍ରାଣୀଙ୍କ ମଧ୍ୟରେ ତାଙ୍କୁ ଚିହ୍ନିପାରନ୍ତି, ଭିନ୍ନ ରୂପ ହୋଇଥିବାରୁ ହୁଏତ ସେ ବାହ୍ୟ ବ୍ୟବହାରରେ ତାଙ୍କ ପ୍ରତି ପ୍ରଭେଦ ରଖିପାରନ୍ତି; କିନ୍ତୁ ହୃଦୟରେ ତାଙ୍କର ପୂଜା ହିଁ କରନ୍ତି। ଆମର ପିତା ବା ପ୍ରିୟତମ ବନ୍ଧୁ ଅନ୍ୟକୌଣସି ରୂପରେ ଆସିଲେ ମଧ୍ୟ, ଯଦି ଆମେ ତାଙ୍କୁ ଚିହ୍ନିପାରୁ, ତେବେ ତାଙ୍କର ସେବା-ସତ୍କାରରେ କିଛି ତ୍ରୁଟି ରଖୁ କି? ତେଣୁ ଗୋସ୍ୱାମୀ ତୁଳସୀ ଦାସ କହିଛନ୍ତି –

'ସୀୟ ରାମମୟ ସବ ଜଗ ଜାନୀ।
କରଉଁ ପ୍ରନାମ ଜୋରି ଜୁଗ ପାନୀ॥

'ସକଳ ଜଗତ ସୀତାରାମମୟ ଜାଣି ମୁଁ ସମସ୍ତଙ୍କୁ ଦୁଇହାତ ଯୋଡ଼ି ପ୍ରଣାମ କରୁଛି।' ବଳରାମ ଯେପରି ବ୍ରଜରେ ବାଛୁରୀ, ଗୋପବାଳକ ଓ ସେମାନଙ୍କର ସବୁ ସାମଗ୍ରୀରେ ଶ୍ରୀକୃଷ୍ଣଙ୍କୁ ହିଁ ଦର୍ଶନ କରିଥିଲେ ★ ଏବଂ ବ୍ରଜଗୋପୀମାନେ ଯେପରି ନିଜର ପ୍ରେମପୂର୍ଣ୍ଣ ନୟନରେ

★ ବ୍ରଜର ଏକ ଘଟଣା। ଗୋପବାଳକମାନଙ୍କ ସହିତ ଗାଈ ଚରାଇ ଦିନେ ଭଗବାନ୍ କୃଷ୍ଣ ସମସ୍ତଙ୍କୁ ନେଇ ଯମୁନାକୂଳରେ ଖାଇବାକୁ ବସିଲେ। ଖାଉ ଖାଉ ବାନଭୋଜି କରିବାକୁ ଲାଗିଲେ। ତା' ଭିତରେ କୃଷ୍ଣ ଅଳ୍ପରେ ବଂଶୀଟି ଖୋସିଦେଇ ବାଆଁ ହାତରେ ଶିଙ୍ଗା ଓ ବାଡ଼ିଟି ଛାଙ୍କିଦେଲେ ଏବଂ ବାଆଁ ହାତରେ ପହିରାତ-ପୁଡ଼ିଆ ଓ ଡାହାଣ ହାତରେ ଖଣ୍ଡିଏ ଆଚାର ଧରି ଚାଟୁ ଚାଟୁ ଠିଆହୋଇପଡ଼ି, ମଟାଗପ ଜହି ବାଳମାନଙ୍କୁ ହସାଇବାକୁ ଲାଗିଲେ। ସେ ଏପରି ହସି ହସାଇଥିବାବେଳେ, ସେପଟେ ବାଛୁରୀଗୁଡ଼ାକ ଦୂରକୁ ଚାଲିଗଲେ। ବାଛୁରୀକୁ ଫେରାଇ ଆଣିବାକୁ କୃଷ୍ଣ ଆଚାର ଚାଟି ଚାଟି ଧାଇଁଲେ। ସେହି ଦୃଶ୍ୟ ଦେଖିଦେଇ ବ୍ରହ୍ମା ମୋହିତ ହୋଇଗଲେ। କୃଷ୍ଣ ଦୂରକୁ ଚାଲିଯିବାକ୍ଷଣି ବ୍ରହ୍ମା ସେପଟର ବାଛୁରୀ ଓ ଏପଟର ଗୋପାକବାଳକମାନଙ୍କୁ ହରଣ କରି ନେଇଗଲେ। କିନ୍ତୁ ବ୍ରହ୍ମାଙ୍କ ମାୟାହୁ ଭଗବାନଙ୍କ ମାୟା ବଳିଗଲା। ଭଗବାନ୍ ନିଜେ ଗୋପବାଳକ ଓ ବାଛୁରୀ ହୋଇଗଲେ। ଠିକ୍ ଗୋଠର ବାଛୁରୀମାନଙ୍କ ପରି ଆକାର-ପ୍ରକାର ଧରି ଗାଈଙ୍କ ଯାଖକୁ ଧାଇଁଆସିଲେ ଓ ଠିକ୍ ଗୋପବାଳକମାନଙ୍କ ରୂପ ଧରି, ଯେପରି ନାମ, ଆକାର, ପ୍ରକାର, ବେଶଭୂଷା, ବଂଶୀ, ବାଡ଼ି, ଶିଙ୍ଗା ଓ ଶିକା ଠିକ୍ ସେହିପରି ସବୁ ଧରି ଲୁହାଟ ମାରିଲେ। ଏ ଘଟଣା ଦେଖି ବଳରାମ ପ୍ରଥମେ କିଛି ବୁଝିପାରିଲେ ନାହିଁ; କିନ୍ତୁ ସେ ଯେତେବେଳେ ଦେଖିଲେ ଯେ, ଗାଈଗୁଡ଼ାକ ବାଛୁରୀଙ୍କୁ ଆଗ ଅପେକ୍ଷା ଅଧିକ ସ୍ନେହ କରି କ୍ଷୀର ପିଆଉଛନ୍ତି, ଏପରି କି ଛାଡ଼ୁଆ ଗାଈମାନେ ବି ଛଡ଼ା ବାଛୁରୀକୁ କ୍ଷୀର ପିଆଇଛନ୍ତି, ସେତେବେଳେ ସେ ଚାହିଁଲେ, ଏ ଭିତରେ କିଛି ଚବପ୍ୟ ରହିଛି। ତେଣୁ ସେ ତିନିଏ ଦିବ୍ୟ ନୟନରେ ଚାହିଁଦେଲେ। ସେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଯେ, ବି ଗୋପବାଳକ, ବି ବାଛୁରୀ ସମସ୍ତେ କୃଷ୍ଣମୟ ହୋଇଯାଇଛନ୍ତି। ପରେ ବ୍ରହ୍ମା ବି ଦେଖିଲେ ଯେ, ସମସ୍ତେ କୃଷ୍ଣମୟ ହୋଇ ତାଙ୍କ ମାୟାକୁ ଭଙ୍ଗର କରିଦେଇଛନ୍ତି। ତେଣୁ ସେ ନିଜର ଦୋଷ ସ୍ୱୀକାର କରି କୃଷ୍ଣଙ୍କୁ ସ୍ତୁତି କଲେ ଓ କ୍ଷମା ମାଗିଲେ। (ଶ୍ରୀମଦ୍ଭାଗବତ ୧୦ମ ସ୍କନ୍ଧ/୧୩ଶ ଅଧ୍ୟାୟ)

ସର୍ବଦା ଓ ସର୍ବତ୍ର ଶ୍ରୀକୃଷ୍ଣଙ୍କୁ ହିଁ ଦର୍ଶନ କରୁଥିଲେ [୧], ଭକ୍ତମାନେ ସେହିପରି ଯାହାର ଯେଉଁ ସ୍ୱରୂପ ଇଷ୍ଟ, ସର୍ବତ୍ର ଭଗବାନଙ୍କର ସେହି ସ୍ୱରୂପର (ଭଗବାନ ଶ୍ରୀକୃଷ୍ଣ, ଶ୍ରୀରାମ, ବିଷ୍ଣୁ, ଶଙ୍କର, ଶକ୍ତି ଆଦିଙ୍କର) ରୂପ ଦର୍ଶନ କରିବା ଉଚିତ। ଏହା ହିଁ ଭଗବାନଙ୍କର ସାକାର ରୂପକୁ ଜଗତର ସର୍ବତ୍ର ଦେଖିବା।

ଅର୍ଜୁନ ଯେପରି ଭଗବାନ୍ କୃଷ୍ଣଙ୍କର ଦିବ୍ୟ ଶରୀରରେ [୨] ମାତା ଯଶୋଦା ଯେପରି ପୁତ୍ରରୂପୀ, ଶ୍ରୀକୃଷ୍ଣଙ୍କର ମୁଖଗହ୍ୱରରେ [୩] ଏବଂ ଭକ୍ତ କାକଭୁଷୁଣ୍ଡି ଯେପରି ଭଗବାନ୍ ଶ୍ରୀରାମଙ୍କ ଉଦରରେ ସମସ୍ତ ବିଶ୍ୱ ଦର୍ଶନ କରିଥିଲେ, [୪]

---

୧. ଉଦ୍ଧବଙ୍କ ପାଖୁ କୃଷ୍ଣଙ୍କ ପଠେଶ ପାଇବା ପରେ ଶ୍ୟାମ-ପ୍ରେମ-ପାଗଳୀ ଜଣେ ଗୋପୀଙ୍କର ଉକ୍ତି :

ଜିତ ଦେଖୌ ତିତ ସ୍ୟାମମଇ ହୈ।
ସ୍ୟାମ କୁଞ୍ଜବନ ଜମୁନା ସ୍ୟାମା, ସ୍ୟାମ ଗଗନ ଘନ ଘଟା ଛର ହୈ॥
ପଚ ଉଂଗକମେ ସ୍ୟାମ ଉରୋ ହୈ, ରୋମ ରୋମ ପ୍ରତି ବାତ ନଈ ହୈ।
ହୌ ବୌରୀ, କୈ ରୋଉନ ହୀ ଜୀ, ସ୍ୟାମ ପୁତରିୟା ହଦୟ ଗଈ ହୈ॥
ଚନ୍ଦ୍ରପାର ରବିପାର ସ୍ୟାମ ହୈ, ମୁଖମଦ ଘାର କାମ ବିଚଉ ହୈ।
ନୀଳକଣ୍ଠକୋ ରଙ୍ଗ ସ୍ୟାମ ହୈ, ମକର୍ଦ୍ଧ ସ୍ୟାମତା ରେକ ରଙ୍ଗ ହୈ॥
ଶ୍ରୁତିକୋ ଅକ୍ଷର ସ୍ୟାମ ଦେଖିୟତ, ଦୀପ ଶିଖା ଘର ସ୍ୟାମତଇ ହୈ।
ନଉ ଦେବନକୀ ଲୌନ କଥା ହୈ? ଅନଖ ବ୍ରହ୍ମଛବି ସ୍ୟାମମଇ ହୈ॥

ଅର୍ଥାତ୍–

ଯହିଁ ଦେଖ ଶ୍ୟାମ ବିରାଜେ ତହିଁ ଗୋ! ଯହିଁ ଦେଖ ଶ୍ୟାମ ବିରାଜେ ତହିଁ।
କୁଞ୍ଜବନେ ଶ୍ୟାମ, ଯମୁନାରେ ଶ୍ୟାମ, ଶ୍ୟାମ ଘନଘଟା ନଭେ ଦିଶଇ॥ ୧ ॥
ଅଣୁପରମାଣୁ ସବୁ ଶ୍ୟାମମୟ! ମୋଳେ ଇନ୍ଦ୍ରିୟ ଏ ନୁଆ ଅଟେ।
ମୋଳକ ଆଖିର ପିତୁଳାରେ ଶ୍ୟାମ, ନା, ମୁଁ ହୋଇଗଲି ପାଗଳୀ ପହିଁ!! ୨ ॥
ଉଚିପାର ଚନ୍ଦ୍ରପାର ଶ୍ୟାମ ଦିଶେ, ଶ୍ୟାମ ମୁଖମଦ ଲାମାଦିଛଥା।
ନୀଳକଣ୍ଠ କଣ୍ଠେ ଶ୍ୟାମତ୍ୱ ଦେଖ ଗୋ! ଶ୍ୟାମ ତରୁ-କଥା ପତ୍ରେ ଶୋଭଇ॥ ୩॥
ବେଦର ଅକ୍ଷର ଶ୍ୟାମ ହୋଇଛି ଗୋ! ଶ୍ୟାମ ହସେ ଦୀପଶିଖାରେ ରହି।
ସୁରନର କଥା ଛାଡ; ଆଜି ମୋତେ ଅରୂପ ବ୍ରହ୍ମ ବି ଶ୍ୟାମ ଦିଶଇ॥ ୪ ॥

୨. ଗୀତାର ଏକାଦଶ ଅଧ୍ୟାୟ ଦେଖନ୍ତୁ।

୩. ଭଗବାନ୍ ନିଜର ବିଚିତ୍ର ବାଳଲୀଳାଦ୍ୱାରା ମାତା ଯଶୋଦାଙ୍କୁ ଓ ବ୍ରଜବାସୀମାନଙ୍କୁ ଅନୁପମ ସୁଖ ପ୍ରଦାନ କରୁଥିଲେ। ଦିନଙ୍କର କଥା। ସେ ମାଟି ଖାଇଦେଲେ। ତାହା ଦେଖି ମାଆ ଯଶୋଦା ପାଖିବରିଯାଇଗଲେ, "କି ରେ ପେଟୁ! ତୁତେ ତୁତେ ମାଟି ଖାଇଦେଲୁ ଟି?" ଭଗବାନ୍ କହିଲେ, "ନାହିଁ ମାଆ, ମୁଁ ମାଟି ଖାଇ ନାହିଁ।" ଯଶୋଦା ଆଖି ଦେଖାଇ କହିଲେ, "ମିଛ କହୁଛୁ!!" ପ୍ରଭୁ କହିଲେ, "ନାଇଁ ମାଆ। ମୋ କଥାକୁ ବିଶ୍ୱାସ କରୁନୁ ତ, ମୋ ପାଟି ଖୋଲି ଦେଖ।" ଯଶୋଦା କୃଷ୍ଣଙ୍କ ପାଟି ଖୋଲି ଭିତରକୁ ଚାହିଁଦିଅନ୍ତି ତ, ବିସ୍ମିତ ହୋଇଗଲେ। ଭଗବାନଙ୍କର ସେହି ମୁହଁଟି ଭିତରେ ଯଶୋଦା ଦେଖିଲେ, ଚାହିଁଲି ସମସ୍ତ ଜଗତ, ସଚଳ ଚରାଚର ଜୀବଗଣ, ଆକାଶ, ଦଶଦିଗ, ପର୍ବତ, ଦ୍ୱୀପ, ସମୁଦ୍ର, ପୃଥିବୀ, ବାୟୁ, ଅଗ୍ନି, ତନ୍ମାତ୍ରା, ତାରା, ଇନ୍ଦ୍ରିୟମାନଙ୍କର ଦେବତା, ଇନ୍ଦ୍ରିୟଗଣ, ମନ, ଶବ୍ଦାଦି ସକଳ ବିଷୟ, ମାୟାର ତିନିଗୁଣ, ନାନା ଜୀବ, ସେମାନଙ୍କର ବିଚିତ୍ର ଶରୀର ଓ ସମସ୍ତ ବ୍ରହ୍ମାଣ୍ଡର। ସେ ଭାବିଲେ, 'ମୁଁ ସ୍ୱପ୍ନ ଦେଖୁ ନାହିଁ ତ!' ଶେଷରେ ଭୟରେ ଶ୍ରୀକୃଷ୍ଣଙ୍କୁ ପ୍ରଣାମ କରି ସେ ତାଙ୍କର ଶରଣାଗତ ହୋଇଗଲେ। ଶ୍ରୀ କୃଷ୍ଣଚନ୍ଦ୍ର ପୁଣି ଥରେ ନିଜର ମୋହିନୀ ମାୟା ବିସ୍ତାରକଲେ। ଯଶୋଦାଙ୍କର ମାତୃସ୍ନେହ ଉଛୁଳିପଡ଼ିଲା; ଶ୍ୟାମଲାଲାଙ୍କୁ ସେ କୋଳକୁ ଟାଣିନେଇ ସ୍ତନ ଦେବାକୁ ଲାଗିଲେ। (ଭାଗବତ ୧୦ମ ସ୍କନ୍ଧ, ୮ମ ଅଧ୍ୟାୟ)

୪. କାକଭୁଷୁଣ୍ଡି ଭଗବାନ୍ ଶ୍ରୀରାମଙ୍କ ବାଲ୍ୟଲୀଳାର ଆନନ୍ଦ ଉପଭୋଗ କରିବାରେ ଲାଗିଥିଲେ। ଦିନେ ବାଳକ ଶ୍ରୀରାମ କାକଭୁଷୁଣ୍ଡିଙ୍କୁ ଧରିବାପାଇଁ ତାଙ୍କ ଆଡ଼କୁ ଗୁଡ଼ୁଣ୍ଡିଗଲେ। ତାହା ଦେଖି କାକଭୁଷୁଣ୍ଡି ଉଡ଼ିପଳାଇଗଲେ; କିନ୍ତୁ ଭଗବାନ୍ ତାଙ୍କ ଆଡ଼କୁ ହାତ ବଢ଼ାଇଚାଲିଲେ।

ଭକ୍ତ ସେହିପରି ସମଗ୍ର ବିଶ୍ୱକୁ ନିଜର ଇଷ୍ଟଦେବ ଏହା ହିଁ ଭଗବାନଙ୍କର ସଗୁଣ ରୂପରେ ସମସ୍ତ ଜଗତକୁ ଭଗବାନଙ୍କର ଯେକୌଣସି ରୂପରେ ଦେଖିବା ଉଚିତ। ଦେଖିବା।

କାକଭୁଷୁଣ୍ଡି ଯେତେଦୂର ଉଡ଼ିଲେ, ଶ୍ରୀରାମଙ୍କ ହାତ ତାଙ୍କ ପଛେ ପଛେ ସେତେଦୂର ଲମ୍ବିଚାଲିଲା। ଉଡ଼ି ଉଡ଼ି ସେ ବ୍ରହ୍ମଲୋକପର୍ଯ୍ୟନ୍ତ ଚାଲିଗଲେ; ଭଗବାନଙ୍କ ହାତ କି ବ୍ରହ୍ମଲୋକପର୍ଯ୍ୟନ୍ତ ଯାଇପାରେ। କାକଭୁଷୁଣ୍ଡି ଧରାପଡ଼ିବାକୁ ଆଉ ମାତ୍ର ଦୁଇ ଅଙ୍ଗୁଳି ବାକି ଥାଏ, ସେ ଆଉ ଅଧିକ ଦୂର ଉଡ଼ି ନ ପାରି ଆଖି ବୁଜିଦେଲେ। କିଛି ସମୟ ପରେ ସେ ଆଖି ଖୋଲି ଦିଅନ୍ତି ତ ଦେଖିଲେ, ସେ ଆସି ଅଯୋଧ୍ୟାପୁରୀରେ। ତାଙ୍କୁ ଦେଖି ଶ୍ରୀରାମ ହସିଉଠିଲେ। ପ୍ରଭୁ ହସୁଥିବା ଅବସ୍ଥାରେ କାକଭୁଷୁଣ୍ଡି ତାଙ୍କ ପାଟିଭିତରେ ପଶି ପେଟ ଭିତରକୁ ଚାଲିଗଲେ। ପ୍ରଭୁଙ୍କ ପେଟ ଭିତରେ ସେ ଯାହାସବୁ ଦେଖିଥିଲେ, ତାହା ସେ ପକ୍ଷିରାଜ ଗରୁଡ଼ଙ୍କୁ କହିଥିଲେ। ଗୋସ୍ୱାମୀ ତୁଳସୀ ଦାସଙ୍କ 'ରାମ ଚରିତମାନସ'ରେ ତାହା ଅତିସୁନ୍ଦରଭାବରେ ବର୍ଣ୍ଣିତ ହୋଇଛି। କାକଭୁଷୁଣ୍ଡି ଗରୁଡ଼ଙ୍କୁ ଶୁଣାଇଛନ୍ତି—

ଉଦର ମଧ୍ୟରେ ସୁଣ ହେ ପକ୍ଷିରାଜନ। ଅନେକ ବ୍ରହ୍ମାଣ୍ଡ ବୁଲି କଲି ବିଲୋକନ॥
ତହ୍ନ ହିଁ ବିଚିତ୍ର କଥା ଲୋକ ଟି ଅନେକ। ଗଣନା ଅଟି ପୁଣ ଏଣୁ କହି ଏଇ॥
କୋଟି କୋଟି ବ୍ରହ୍ମା କୋଟି କୋଟି ଗଉରୀଶ। ଅଗଣିତ ନକ୍ଷତ୍ର ଓ ରବି ରଜନୀଶ॥
ଅଗଣିତ କାଳ ଯମ, ପୃଣି ଲୋକପାଳ। ଅସୁମାରି ପରତନ୍ତ ଅବନି ବିଶାଳ॥
ସାଗର, ପରିତ, ବନରାଜି ଯେ ଅପାର। ଅନେକ ପ୍ରକାର ସୃଷ୍ଟି ଦେଖଇଁ ବିସ୍ତାର॥
ସୁର, ନର, ନାଗ, ମୁନି, ପିଚ୍ଚ ଓ କିନର। ସଚରାଚର ପ୍ରାଣୀଏ ତାରି ପରଜାର॥
ଯାହା କେବେ ଦେଖି କିମ୍ବା ଶୁଣି ମୁଁ ନ ଥିଲି। ସେପରି ଅଦ୍ଭୁତ ଦୃଶ୍ୟ ସେଠାରେ ଦେଖିଲି॥
ପ୍ରତି ବ୍ରହ୍ମାଣ୍ଡେ ଗଣିଲି ବରଷ ଶତେକ। ଏହାବେ ଭ୍ରମିଲି ତହିଁ ବ୍ରହ୍ମାଣ୍ଡ ଅନେକ॥
ପ୍ରତି ଲୋକରେ ଅନଗା ଅଲଗା ବିଧାତା। ଅଲଗା ବିଷ୍ଣୁ, ମହେଶ, ମନୁ, ଦିଗ-ତ୍ରାତା॥
ମନୁଷ୍ୟ, ଗନ୍ଧର୍ବ, ଭୂତ ଆକର ଜେତାଜ। କିନର ଓ ନିଶାଚର, ପଶୁ, ପକ୍ଷୀ ବ୍ୟାଜ॥
ନାନା ବର୍ଣ୍ଣର ଘେଠାରେ ବନୁଜ ଦେବତା। କେତେ ଯେ ଦେଖିଲି କିସ କହିବି ସେ କଥା॥
ଭୂଭାଗ, ସିନ୍ଧୁ, ପରିତ, ସର, ଗିରିମାଳ। ସକଳ ପ୍ରପଞ୍ଚ ତହିଁ ଦିଶେ ଥାନ ଥାନ॥
ପ୍ରତିଟି ବ୍ରହ୍ମାଣ୍ଡ କୋଷ ନିଚେ ନିଚ ସମ। ଦେଖିଲି ସବୁ ଘେଠାରେ ଅଟେ ଅନୁପମ॥
ଦେଖିଲି ଅଯୋଧ୍ୟାପୁରୀ ପ୍ରତି ଭୁବନରେ। ରହିଛି ସଉଯୁ ନଦୀ; ଛତ୍ତି ଜିନ ନରେ॥
ଦଶରଥ, କୌଶଲ୍ୟାଦି ଯେତେସବୁ ମାତା। ନାନାବିଧରୂପେ 'ଛନ୍ତି ଉରତାଦି ଭ୍ରାତା॥
ପ୍ରତି ବ୍ରହ୍ମାଣ୍ଡେ ଦେଖିଲି ରାମ ଅବତାର। ଚାଲିଅଛି ବାଲ୍ୟଲୀଳା-ବିନୋଦ ଅପାର॥
ସବୁ ସିନା ବିନରୁଯ ଥିଲା ଖଗପତି! ରାମ ବିନୁ ସବୁଠାରେ ଏକାପରି 'ଛନ୍ତି॥
ସେହି ଶିଶୁ ଶୋଭାମୟ କୃପାକୁ ଶ୍ରୀରାମ। ସକଳ ଭୁବନେ ଧରିଛନ୍ତି ଏଙ୍କା ନାମ॥
ଭ୍ରମଣ ଜଣି ମୁଁ ସେହି ବ୍ରହ୍ମାଣ୍ଡେ ଅନେକ। ଲାଗିଗଲା ଜ୍ଞାନ ମୋତେ ଜନପ ଶତେକ॥
ବୁଲିବୁଲି ତହୁଁ ନିଜ ଆଶ୍ରମେ ଫେରିଲି। ଆଶ୍ରମରେ ଗଇ କିଛି କାଳ ରହିଲି॥
ଅଯୋଧ୍ୟାରେ ପ୍ରଭୁ ମୋର ଚତ୍ତିନେ ଶୁଣିଲି। ପ୍ରେମଭରେ ଧାଇଁଯାଇ ତହିଁ ପହଞ୍ଚିଲି॥
ଦେଖିଲି ଚତ୍ତ ଉପବ ଘେଠାରେ ମୁଁ ଥାଉ। ଜହିଥିଲି ସେଇପରି ପ୍ରଥମେ ବୁଝୁଛ॥
ରାମ ଉଦରେ ଦେଖିଲି ବିବିଧ ଜଗତ। ଆଖିରେ ଦେଖିଲି ସିନା, ଜହିଁ ନୁହନ୍ତ॥
ସବୁଠାରେ ଦେଖି ପ୍ରଭୁ ପ୍ରବୀଣ ଶ୍ରୀରାମ। ମାୟାପତି ଭଗବାନ ଦିବ୍ୟ କୃପାଧାମ॥
ବାରମ୍ବାର ମନରେ ମୋ ଉଠିଲା ସଂଶୟ। ଦେଖୁ ମୋ ଚିତ୍ତକୁ କରିନେଲା ମୋହ ଭୟ॥
ଦୁଇ ଘଡ଼ି ଭିତରେ ମୁଁ ଏସବୁ ଦେଖିଲି। ପଡ ନା ମିଛ ବୋଲିଣ ଭ୍ରମେ ପଡ଼ିଗଲି॥
ମୋ ଚିତ୍ତକ ଦେଖି କୃପାବଶେ ଦଶଧାରୀ। ହସିବାରୁ ମୁଖରୁ ମୁଁ ପଡ଼ିଲି ବାହାରି॥

—ଅନୁଦିତ—

(ରାମଚରିତମାନସ/ଉତ୍ତରକାଣ୍ଡ/୭୯-୮୨ ଦୋ)

ପ୍ରଶ୍ନ – 'ତାଙ୍କୁ ମୁଁ ଅଦୃଶ୍ୟ ନୁହେଁ ଓ ସେ ମୋତେ ଅଦୃଶ୍ୟ ନୁହନ୍ତି।' – ଏହି କଥାର ଅଭିପ୍ରାୟ କଣ ?

ଉତ୍ତର – ପ୍ରଥମ ପ୍ରଶ୍ନର ଉତ୍ତର ଅନୁସାରେ ଯେ ସମଗ୍ର ଜଗତରେ ଭଗବାନଙ୍କୁ ଓ ଭଗବାନଙ୍କ ଠାରେ ସମଗ୍ର ଜଗତକୁ ଦେଖନ୍ତି, ତାଙ୍କ ଦୃଷ୍ଟିରେ ଭଗବାନ୍ କେବେ ଅଦୃଶ୍ୟ ହୁଅନ୍ତି ନାହିଁ ଓ ସେ ମଧ୍ୟ ଭଗବାନଙ୍କ ଦୃଷ୍ଟିରେ ଅଦୃଶ୍ୟ ନୁହନ୍ତି। ଅଭିପ୍ରାୟ ଏହି ଯେ, ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ଐଶ୍ୱର୍ଯ୍ୟ, ଔଦାର୍ଯ୍ୟ ଆଦିର ଅନନ୍ତ ସାଗର, ରସମୟ ଓ ଆନନ୍ଦମୟ ଭଗବାନଙ୍କର ଦେବଦୁର୍ଲଭ ସଚ୍ଚିଦାନନ୍ଦ ସ୍ୱରୂପ ସାକ୍ଷାତ୍ ଦର୍ଶନ ହୋଇଯିବା ପରେ ଭକ୍ତ ଓ ଭଗବାନଙ୍କର ସଂଯୋଗ ସବୁଦିନପାଇଁ ଅଟୁଟ ହୋଇଯାଏ।

ପ୍ରଶ୍ନ – ଭଗବାନଙ୍କର ସଗୁଣ ସାକାର ସ୍ୱରୂପର ଦର୍ଶନପାଇଁ ଆରମ୍ଭରେ କିପରି ସାଧନା କରିବା ଉଚିତ ଓ ସେହି ସାଧନାର ଅନ୍ତିମସ୍ଥିତି କିପରି ହୋଇଥାଏ ?

ଉତ୍ତର – ପ୍ରଥମ କଥା ହେଲା, ସଗୁଣ ସାକାର ସ୍ୱରୂପରେ ଶ୍ରଦ୍ଧା। ସଗୁଣ ସାକାର ସ୍ୱରୂପର ଉପାସକଙ୍କୁ ଦୃଢ଼ନିଶ୍ଚୟ କରିବାକୁ ହେବ ଯେ, ତାଙ୍କର ଇଷ୍ଟଦେବ ସର୍ବଶକ୍ତିମାନ୍ ଓ ସର୍ବୋଚ୍ଚ; ସେ ହିଁ ନିର୍ଗୁଣ-ସଗୁଣ ସବୁକିଛି। ଯଦି ସାଧକ ନିଜ ଇଷ୍ଟଙ୍କ ଅପେକ୍ଷା ଅନ୍ୟ କୌଣସି ସ୍ୱରୂପକୁ ଶ୍ରେଷ୍ଠ ବୋଲି ମନେ କରିବେ, ତେବେ ତାଙ୍କୁ ନିଜ ଇଷ୍ଟଙ୍କ ଉପାସନାରୁ ସର୍ବୋଚ୍ଚ ଫଳ ମିଳିପାରିବ ନାହିଁ। ତା'ଛଡ଼ା ଭଗବାନଙ୍କର ଯେଉଁ ସ୍ୱରୂପରେ ଭକ୍ତଙ୍କର ଇଷ୍ଟବୁଦ୍ଧି ଦୃଢ଼ ହୋଇଥିବ, ସେହି ସ୍ୱରୂପର କୌଣସି ଏକ ମନ-ଅନୁକୂଳ ମୂର୍ତ୍ତି ବା ଚିତ୍ରପଟ ସମ୍ମୁଖରେ ରଖି, ତାହା ଜଡ଼ ବୋଲି ନ ଭାବି, ସେଥିରେ ପ୍ରଭୁ ପ୍ରତ୍ୟକ୍ଷଭାବରେ ତଥା ଜୀବନ୍ତ ହୋଇ ଅଛନ୍ତି ବୋଲି ଅନୁଭବ କରି ଅତ୍ୟନ୍ତ ଶ୍ରଦ୍ଧା ଓ ପ୍ରେମର ସହିତ ବିଧିପୂର୍ବକ ତାଙ୍କର ପୂଜା କରିବା ଉଚିତ ଏବଂ ପ୍ରାର୍ଥନା, ସ୍ତୁତି ତଥା ଧ୍ୟାନ ଆଦିଦ୍ୱାରା ତାଙ୍କ ପ୍ରତି ଉତ୍ତରୋତ୍ତର ପ୍ରେମ ବଢ଼ାଇଚାଲିବା ଉଚିତ। ପୂଜାସମୟରେ ଗଭୀର ଶ୍ରଦ୍ଧାର ସହିତ ସାଧକଙ୍କୁ ଧାରଣା କରିବାକୁ ହେବ ଯେ, ଭଗବାନଙ୍କର ସେହି ମୂର୍ତ୍ତି ଜଡମୂର୍ତ୍ତି ନୁହେଁ, ବରଂ ସେହି ମୂର୍ତ୍ତି ସାକ୍ଷାତ୍ ଚଲାବୁଲା, ହସଖେଳ, କଥାଭାଷା ଓ ଧିଆପିଆ କରୁଥିବା ଜୀବନ୍ତ ଭଗବାନ୍। ଯଦି ସାଧକଙ୍କ ଶ୍ରଦ୍ଧା ପ୍ରକୃତ ହୋଇଥିବ, ତେବେ ସେହି ବିଗ୍ରହରେ ହିଁ ଭଗବାନ୍ ତାଙ୍କ ପାଇଁ ଚେତନ ଅର୍ଚ୍ଚାବତାର ହୋଇଯିବେ ଓ ବିଭିନ୍ନଭାବରେ ନିଜର ଭକ୍ତବତ୍ସଳତାର ପ୍ରତ୍ୟକ୍ଷ ପରିଚୟ ଦେଇ ସାଧକଙ୍କ ଜୀବନକୁ ସଫଳ ଓ ଆନନ୍ଦମୟ କରିଦେବେ। ମୀରାବାଈ ଆଦି ମଧ୍ୟଯୁଗୀୟ ଭକ୍ତଙ୍କର ଜୀବନରେ ଏପରି ଅର୍ଚ୍ଚାବତାର ପ୍ରକଟ ହୋଇଛନ୍ତି। ତା'ପରେ ଭଗବତ୍‌କୃପାରୁ ତାହାଙ୍କୁ ନିଜ ଇଷ୍ଟଙ୍କର ପ୍ରତ୍ୟକ୍ଷ ଦର୍ଶନ ମଧ୍ୟ ହୋଇପାରିବ। ଦର୍ଶନପାଇଁ କୌଣସି ନିଶ୍ଚିତ ସମୟସୀମା ନାହିଁ; ସାଧକଙ୍କ ଉତ୍କଣ୍ଠା ଓ ଭଗବତ୍‌କୃପା ଉପରେ ନିର୍ଭରଶୀଳତା ଯେପରି ଓ ଯେତେ ପରିମାଣରେ ହୁଏ, ତା'ରି ଅନୁସାରେ ପ୍ରଭୁ ତାଙ୍କୁ ସେତେ ଶୀଘ୍ର ବା ବିଳମ୍ବରେ ଦର୍ଶନ ଦେଇପାରିବେ। ପ୍ରତ୍ୟକ୍ଷ ଦର୍ଶନ ହେବା ପରେ, ଭଗବତ୍‌କୃପାରୁ ସେ ଯେତେବେଳେ ଓ ଯେଉଁଠି ଚାହିଁବେ, ସର୍ବଦା ଓ ସର୍ବତ୍ର ଭଗବାନଙ୍କ ଦର୍ଶନ ମଧ୍ୟ କରିପାରିବେ। ସାକ୍ଷାତ୍ ଭଗବତ୍‌ଦର୍ଶନ ହେବା ପରେ ସାଧକଙ୍କର ସ୍ଥିତି କିପରି ହୁଏ, ତାହା ଯେ ଦର୍ଶନ କରିଛନ୍ତି, ସେ ହିଁ ଜାଣନ୍ତି। ଅନ୍ୟ କେହି ସେ ବିଷୟରେ କିଛି କହିପାରିବେ ନାହିଁ।

ସାକାର ଭଗବାନଙ୍କର ଦର୍ଶନ ସବୁଠି ଲାଭ କରିବାକୁ ଯେଉଁ ସାଧନା କରାଯାଏ, ତାହାର ଏକ ପ୍ରଣାଳୀ ହେଉଛି : ଯେଉଁ ସ୍ୱରୂପରେ ନିଜର ଇଷ୍ଟଭାବ ହେବ, ସେହି ସ୍ୱରୂପର ବିଗ୍ରହ ବା ଚିତ୍ରପଟର ପୂଜା ତ ଉପରୋକ୍ତ ପ୍ରକାରେ କରିବାକୁ ପଡ଼ିବ; ତା' ସଙ୍ଗେ ସଙ୍ଗେ ଏକାନ୍ତରେ ବସି ପ୍ରତିଦିନ ନିୟମପୂର୍ବକ ତାଙ୍କର ଧ୍ୟାନ ଅଭ୍ୟାସ କରି ଚିତ୍ତରେ ସେହି ସ୍ୱରୂପର ଦୃଢ଼ ଧାରଣା ଆଣିବାକୁ ପଡ଼ିବ। କିଛି ଧାରଣା ହେବା ପରେ ଏକାନ୍ତସ୍ଥାନରେ ବସି, ଆଖି ଖୋଲି, ଆକାଶରେ ମାନସିକ ମୂର୍ତ୍ତି ରଚନା କରି ତାହା ଦେଖିବାକୁ ଅଭ୍ୟାସ କରିବା ଉଚିତ। ଭଗବତ୍‌କୃପା ଉପରେ ଆଶ୍ରୟ କରି ବିଶ୍ୱାସ, ଶ୍ରଦ୍ଧା ଓ ନିଶ୍ଚୟର ସହିତ ବାରମ୍ବାର ଏପରି ଅଭ୍ୟାସ କରିଚାଲିଲେ କିଛି ସମୟ ପରେ ଆକାଶରେ ଇଷ୍ଟଙ୍କର ସର୍ବାଙ୍ଗସୁନ୍ଦର ହସୁଥିବା, କଥା-କହୁଥିବା ମୂର୍ତ୍ତି ଦେଖାଯିବ। ଏହା ଅଭ୍ୟାସସାଧ୍ୟ କଥା। ଚିତ୍ତବୃତ୍ତିମାନଙ୍କୁ ଇଷ୍ଟସ୍ୱରୂପଙ୍କ ଆକାର ରଚନା କରିବାରେ ଅଭ୍ୟାସସିଦ୍ଧ କରିସାରିବା ପରେ, ଯେଉଁକ୍ଷଣି ଜି ଭକ୍ତ ସ୍ୱରୂପର ଅନନ୍ୟ ଚିନ୍ତନ ହେବ, ସେହିକ୍ଷଣି ସାଧକ ଯେଉଁଠି ଚାହିଁବେ, ସେଇଠି ଆଖି ଆଗରେ ଇଷ୍ଟଙ୍କ ସ୍ୱରୂପ ଦେଖିପାରିବେ। ଏହି ଅଭ୍ୟାସ ଦୃଢ଼ ହୋଇଯିବା ପରେ ଚଲାବୁଲା କରିବା ସମୟରେ ବୃକ୍ଷ, ଲତା, ମନୁଷ୍ୟ, ପଶୁ, ପକ୍ଷୀ ଆଦି ଯାହା

ଜିନ୍ଦି ପଦାର୍ଥ ଦିଶିବ, ମନଦ୍ୱାରା ସେସବୁର ଆଜାର ଓ ରୂପ ହଟାଇଦେଲ ସେସବୁ ସ୍ଥାନରେ ଇଷ୍ଟମୂର୍ତ୍ତିଙ୍କର ଦୃଢ଼ ଧାରଣା ଆଣିବା ଉଚିତ। ଏପରି କରିଚାଲିଲେ ସାଧକ ସହଜରେ ପ୍ରତ୍ୟେକ ବସ୍ତୁରେ ନିଜ ଇଷ୍ଟଙ୍କ ମାନସିକ ମୂର୍ତ୍ତିକୁ ହିଁ ଦର୍ଶନ କରିବାକୁ ସକ୍ଷମ ହୋଇଯିବେ। ଏହାପରେ ଭଗବତ୍‌କୃପାରୁ ତାହାଙ୍କୁ ଭଗବାନଙ୍କର ବାସ୍ତବିକ ଦର୍ଶନ ମଧ୍ୟ ମିଳିଯାଇପାରିବ ଓ ସେ ପ୍ରତ୍ୟକ୍ଷ ଓ ଯଥାର୍ଥ ରୂପରେ ସର୍ବତ୍ର ଭଗବାନଙ୍କୁ ଦେଖିପାରିବେ।

ସମ୍ବନ୍ଧ – ସର୍ବତ୍ର ଭଗବତ୍ ଦର୍ଶନଦ୍ୱାରା ଭଗବାନଙ୍କ ସାକ୍ଷାତ୍‌କାର ଯାଇବା କଥା କହିପାରି ବର୍ତ୍ତମାନ ଭଗବତ୍‌ପ୍ରାପ୍ତ ପୁରୁଷଙ୍କ ଲକ୍ଷଣ ଓ ମହତ୍ତ୍ୱ ନିରୂପଣ କରୁଛନ୍ତି–

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।। ୩୧ ।।

ଅନ୍ୱୟ – **ଯଃ** = ଯେଉଁ ପୁରୁଷ; **ଏକତ୍ୱମ୍** = ଏକୀଭାବରେ; **ଆସ୍ଥିତଃ** = ସ୍ଥିତ ହୋଇ; **ସର୍ବଭୂତସ୍ଥିତମ୍** = ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ; **ମାମ୍** = ମୋତେ ଅର୍ଥାତ୍ ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ; **ଭଜତି** = ଭଜନ୍ତି; **ସଃ** = ସେହି; **ଯୋଗୀ** = ଯୋଗୀ; **ସର୍ବଥା** = ସକଳପ୍ରକାରେ; **ବର୍ତ୍ତମାନଃ** = କ୍ରିୟାକଳାପ କରୁଥିଲେ; **ଅପି** = ମଧ୍ୟ; **ମୟି, ବର୍ତ୍ତତେ** = ମୋସହିତ ହିଁ କରୁଥାଏ।

ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି।। ୩୧ ।।

ପ୍ରଶ୍ନ – ଏକୀଭାବରେ ସ୍ଥିତ ହେବା କଣ ?

ଉତ୍ତର – ସର୍ବଦା ଓ ସର୍ବତ୍ର ନିଜର ଏକମାତ୍ର ଇଷ୍ଟଦେବ ଭଗବାନଙ୍କ ଧ୍ୟାନ କରୁ କରୁ ସାଧକ ନିଜର ଭିନ୍ନସ୍ଥିତିକୁ ସଂପୂର୍ଣ୍ଣରୂପେ ଭୁଲିଯାଇ ଏତେ ତନ୍ମୟ ହୋଇଯାନ୍ତି ଯେ, ତାଙ୍କ ଜ୍ଞାନରେ ଭଗବାନଙ୍କ ଛଡ଼ା ଆଉ କିଛି ରହେ ନାହିଁ। ଭଗବତ୍‌ପ୍ରାପ୍ତିରୂପକ ଏପରି ସ୍ଥିତିକୁ ଭଗବାନଙ୍କ ଠାରେ ଏକୀଭାବରେ ସ୍ଥିତ ହେବା କହନ୍ତି।

ପ୍ରଶ୍ନ – ସବୁ ପ୍ରାଣୀଙ୍କ ଠାରେ ଅବସ୍ଥିତ ଭଗବାନଙ୍କୁ ଭଜିବା କହିଲେ କଣ ବୁଝାଏ ?

ଉତ୍ତର – ଯେପରି ବାଷ୍ପ, ମେଘ, କୁହୁଡ଼ି, ଜଳବିନ୍ଦୁ ଓ ତୁଷାର ଆଦି ସବୁରେ ଜଳ ହିଁ ଭରି ହୋଇ ରହିଛି, ସେହିପରି ସକଳ ଚରାଚର ବିଶ୍ୱରେ ଏକ ଭଗବାନ୍ ହିଁ ପରିପୂର୍ଣ୍ଣ ହୋଇ ରହିଛନ୍ତି – ଏପରି ଜାଣିବା ଓ ପ୍ରତ୍ୟକ୍ଷ ଦେଖିବା ହିଁ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଅବସ୍ଥିତ ଭଗବାନଙ୍କୁ ଭଜିବା। ଏପରି ଭଜନ କରୁଥିବା ପୁରୁଷଙ୍କୁ ଭଗବାନ୍ ସର୍ବୋତ୍ତମ ମହାତ୍ମା ବୋଲି କହିଛନ୍ତି (୭/୧୯)।

ପ୍ରଶ୍ନ – 'ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସବୁକିଛି କରୁଥାନ୍ତି'– ଏହାର ଭାବ କଣ ?

ଉତ୍ତର – ଯେଉଁ ପୁରୁଷଙ୍କୁ ଭଗବାନ୍ ଶ୍ରୀବାସୁଦେବ ପ୍ରାପ୍ତ ହୋଇଗଲେଣି, ତାହାଙ୍କୁ ପ୍ରତ୍ୟକ୍ଷରୂପରେ ସବୁ କିଛି ବାସୁଦେବ ବୋଲି ହିଁ ଦେଖାଯାଏ। ଏପରି ଅବସ୍ଥାରେ ସେହି ଭକ୍ତଙ୍କର ଶରୀର, ବଚନ ଓ ମନରେ ଯାହା କିଛି ବି କ୍ରିୟା ହୁଏ, ତାଙ୍କ ଦୃଷ୍ଟିରେ ସେସବୁ କେବଳ ଭଗବାନଙ୍କ ସଙ୍ଗେ ହିଁ ହୁଏ। ସେ ଯଦି ହାତରେ କାହାର ସେବା କରୁଥାନ୍ତି, ତେବେ ତାହା ଭଗବାନଙ୍କର ହିଁ ସେବା ହୁଏ; କାହାକୁ ମିଠାକଥା କହି ସୁଖ ଦେଉଥାନ୍ତି ତ, ସେହି ସୁଖ ଭଗବାନଙ୍କୁ ହିଁ ଦେଉଥାନ୍ତି; କାହାକୁ ଦେଖୁଥାନ୍ତି ତ, ଭଗବାନଙ୍କୁ ହିଁ ଦେଖୁଥାନ୍ତି; କାହା ସହିତ କେଉଁଠିକି ଯାଉଥାନ୍ତି ତ, ସେ ଭଗବାନଙ୍କ ସହିତ ଭଗବାନଙ୍କ ନିକଟକୁ ହିଁ ଯାଉଥାନ୍ତି। ଏପରିଭାବରେ ସେ ଯାହା କିଛି ବି କରୁଥାନ୍ତି, ସବୁ ଭଗବାନଙ୍କ ପାଇଁ ଏବଂ ଭଗବାନଙ୍କ ସହିତ ହିଁ କରୁଥାନ୍ତି। ଅତଏବ କୁହାଯାଇଛି ଯେ, 'ସେ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋସହିତ ହିଁ ସବୁ କରୁଥାନ୍ତି।'

ପ୍ରଶ୍ନ – 'ସବୁ କିଛି ଭଗବାନ୍ ହିଁ ଅଟନ୍ତି'– ଏପରି ଅନୁଭବ ହୋଇଯିବା ପରେ ତାଙ୍କ ଦ୍ୱାରା ଲୋକୋଚିତ ଯଥାଯୋଗ୍ୟ ବ୍ୟବହାର କିପରି ହୋଇପାରେ ?

ଉତ୍ତର – ଛୁରୀ, କଇଁଚି, କଡ଼ାଇ, ତାର, ଚିମୁଟା, ହାତୁଡ଼ି, ତରବାରି ଓ ଶର ଆଦିରେ ଏକମାତ୍ର ଲୁହାଥିବା ହିଁ ପ୍ରତ୍ୟକ୍ଷ ଅନୁଭବ ହେଉଥିଲେ ମଧ୍ୟ, ଯେପରି ସେସବୁର ଯଥାଯୋଗ୍ୟ ଭିନ୍ନ ଭିନ୍ନ ବ୍ୟବହାର କରାଯାଏ, ସେହିପରି ଭଗବତ୍‌ପ୍ରାପ୍ତ ଭକ୍ତ ସର୍ବତ୍ର ଓ ସବୁକିଛିରେ ଭଗବାନଙ୍କୁ ହିଁ ଦେଖୁଥିଲେ ବି, ସମସ୍ତଙ୍କ ସହିତ ସେ ଶାସ୍ତ୍ରାନୁକୂଳ ଯଥାଯୋଗ୍ୟ ବ୍ୟବହାର କରିପାରନ୍ତି। ଅବଶ୍ୟ ସାଧାରଣ ମନୁଷ୍ୟର ବ୍ୟବହାର ଓ ଭକ୍ତଙ୍କର ବ୍ୟବହାର ମଧ୍ୟରେ ବହୁତ ପାର୍ଥକ୍ୟ ଥାଏ। ସାଧାରଣ ମନୁଷ୍ୟ ଅନ୍ୟ ସହିତ ବଡ଼ ସାବଧାନ ହୋଇ ବହୁତ ଭଲ ବ୍ୟବହାର କରୁଥିଲେ ମଧ୍ୟ, ତା'ଠାରେ ଭଗବତ୍‌ବୁଦ୍ଧି ନ ଥାଇ ପରବୁଦ୍ଧି ରହିଥିବାରୁ ତଥା ତା'ର ଅଳ୍ପ ହେଉ, ବେଶି ହେଉ, କିଛି ନା କିଛି ସ୍ୱାର୍ଥ ରହିଥିବାରୁ ତା'ଦ୍ୱାରା ଅନ୍ୟର ଅହିତ ହେବାପରି ବ୍ୟବହାରର ମଧ୍ୟ ସମ୍ଭାବନା ଥାଏ। କିନ୍ତୁ ସର୍ବତ୍ର ସମସ୍ତଙ୍କ ଠାରେ ଭଗବତ୍‌ଦର୍ଶନ କରୁଥିବାଯୋଗୁଁ ଭକ୍ତଙ୍କ ଦ୍ୱାରା ସ୍ୱଭାବତଃ ସମସ୍ତଙ୍କର ହିତ ହିଁ ହୁଏ। ତାଙ୍କ ଦ୍ୱାରା ଏପରି କିଛି ବି କାର୍ଯ୍ୟ କୌଣସି ବି ଅବସ୍ଥାରେ ହୋଇପାରେ ନାହିଁ, ଯାହାଦ୍ୱାରା କି ପ୍ରକୃତରେ କାହାର କୌଣସିପ୍ରକାରେ ସାମାନ୍ୟ କ୍ଷତି ବା ଅହିତ ହୋଇଯାଇପାରେ। ଏହି କଥା ବୁଝାଇ ତୁଳସୀ ଦାସଙ୍କ 'ରାମଚରିତ ମାନସ'ରେ ଭଗବାନ ଶଙ୍କର ପାର୍ବତୀଙ୍କୁ କହିଛନ୍ତି—

ଉମା କେ ରାମଚରନରତ ବିଗତକାମମଦକ୍ରୋଧ।
ନିଜ ପ୍ରଭୁମୟ ଦେଖହିଁ ଜଗତ କେହି ସନ ଜାହିଁ ବିରୋଧ॥

ଅର୍ଥାତ୍ ଉମା ! ଯେ ରାମଚରଣେ ହୋଇଥାନ୍ତି ରତ।
କାମ, କ୍ରୋଧ, ମଦଠାରୁ ହୋଇଣ ବିରତ॥
ସେ ତ ନିଜ ପ୍ରଭୁମୟ ଦେଖନ୍ତି ଜଗତ।
ସେ ବିଂଧା ହୋଇବେ କାହାରୁଲେ କଦିଗତ ?॥

ପ୍ରଶ୍ନ – ଏଠାରେ 'ସକଳ ପ୍ରକାରେ କ୍ରିୟା କରୁଥିଲେ ମଧ୍ୟ ----' ଆଦି ବାକ୍ୟର ଅର୍ଥ ଯଦି 'ସେ ଭଲ-ମନ୍ଦ, ପାପ-ପୁଣ୍ୟ ସବୁ କିଛି କରି ମଧ୍ୟ ମୋସହିତ ହିଁ କରୁଥାନ୍ତି' ବୋଲି ଧରାଯାଏ, ତେବେ ଆପତ୍ତି କଣ ?

ଉତ୍ତର – ଏପରି ଅର୍ଥକୁ ସ୍ୱୀକାର କରିହେବ ନାହିଁ; କାରଣ ଏପରି ଭଗବତ୍‌ପ୍ରାପ୍ତ ମହାତ୍ମା ପୁରୁଷଙ୍କ ଦ୍ୱାରା ପାପକର୍ମ ହୋଇ ହିଁ ନ ପାରେ। ଭଗବାନ୍ ସ୍ପଷ୍ଟ କହିଛନ୍ତି ଯେ, 'ମହାପାପୀ କାମ ହିଁ ସମସ୍ତ ଅନର୍ଥର ମୂଳ କାରଣ।' (୩/୩୭) ଓ 'ଏହି କାମନାର ଉତ୍ପତ୍ତି ଆସକ୍ତିରୁ ହୁଏ (୨/୬୨) ଏବଂ ପରମାତ୍ମାଙ୍କ ସାକ୍ଷାତ୍‌କାର ହୋଇଯିବା ପରେ ଏହି ରସରୂପୀ ଆସକ୍ତି ସର୍ବଥା ଲୋପ ପାଇଯାଏ (୨/୫୯)। ଏପରି ଅବସ୍ଥାରେ ଭଗବତ୍‌ପ୍ରାପ୍ତ ପୁରୁଷଙ୍କ ଦ୍ୱାରା ନିଷିଦ୍ଧକର୍ମ ହେବା କଦାପି ସମ୍ଭବ ନୁହେଁ। ଏହା ଛଡ଼ା ଭଗବାନଙ୍କର ଏ ଯେଉଁ ବଚନ, ଯଥା, 'ଶ୍ରେଷ୍ଠପୁରୁଷ (ଜ୍ଞାନୀ) ଯେପରି ଆଚରଣ କରନ୍ତି, ଅନ୍ୟାନ୍ୟ ଲୋକମାନେ ମଧ୍ୟ ତାହା ଅନୁସରଣ କରନ୍ତି' (୩/୨୧), —ଏହାଦ୍ୱାରା ଜ୍ଞାନୀଙ୍କ ଉପରେ ସ୍ୱାଭାବିକ ହିଁ ଏକ ଦାୟିତ୍ୱ ଆସିଯାଏ। ଏହି କାରଣରୁ ମଧ୍ୟ ତାଙ୍କ ଦ୍ୱାରା ପାପକର୍ମ ହେବା ସମ୍ଭବ ନୁହେଁ।

ପ୍ରସଙ୍ଗ – ଏପରିଭାବରେ ଭକ୍ତିଯୋଗଦ୍ୱାରା ଭଗବାନଙ୍କୁ ପାଇଥିବା ପୁରୁଷଙ୍କ ମହତ୍ତ୍ୱ ପ୍ରତିପାଦନ କରିପାରି ବର୍ତ୍ତମାନ ସାଂଖ୍ୟଯୋଗଦ୍ୱାରା ପରମାତ୍ମାଙ୍କୁ ପାଇଥିବା ପୁରୁଷଙ୍କ ସମଦର୍ଶନ ଓ ମହତ୍ତ୍ୱର ପ୍ରତିପାଦନ କରୁଛନ୍ତି–

ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ ।
ସୁଖଂ ବା ଯଦି ବା ଦୁଃଖଂ ସ ଯୋଗୀ ପରମୋ ମତଃ॥ ୩୨ ॥

ଅନ୍ୱୟ – ଅର୍ଜୁନ = ହେ ଅର୍ଜୁନ; ଯଃ = ଯେଉଁ ଯୋଗୀ; ଆତ୍ମୌପମ୍ୟେନ = ନିଜପରି; ସର୍ବତ୍ର = ସମସ୍ତ ଭୂତଙ୍କ ଠାରେ; ସମମ୍= ସମ; ପଶ୍ୟତି = ଦେଖନ୍ତି; ବା = ଓ; ସୁଖମ୍ = ସୁଖ; ଯଦି, ବା = ଅଥବା; ଦୁଃଖମ୍ = ଦୁଃଖକୁ (ମଧ୍ୟ ସମସ୍ତଙ୍କଠାରେ ସମ ଦେଖେ); ସଃ = ସେହି; ଯୋଗୀ = ଯୋଗୀ; ପରମଃ = ଶ୍ରେଷ୍ଠତମ (ବୋଲି); ମତଃ = ସ୍ୱୀକାର କରାଯାଏ।

ହେ ଅର୍ଜୁନ ! ସକଳଭୂତରେ ଆତ୍ମଭାବ ହୋଇଯିବାରୁ ଯେଉଁ ଯୋଗୀ ସମସ୍ତଙ୍କୁ ନିଜପରି ସମଭାବରେ ଦେଖନ୍ତି ଏବଂ ସମସ୍ତଙ୍କର ସୁଖଦୁଃଖକୁ ବି ନିଜର ସୁଖଦୁଃଖସମାନ ଦେଖନ୍ତି, ତାଙ୍କୁ ପରମ ଶ୍ରେଷ୍ଠ ବୋଲି ସ୍ୱୀକାର କରାଯାଏ॥ ୩୨ ॥

ପ୍ରଶ୍ନ – ସମସ୍ତ ଭୂତକୁ ନିଜପରି ସମଭାବରେ ଦେଖିବା କଣ ?

ଉତ୍ତର – ମନୁଷ୍ୟ ଯେପରି ନିଜର ସମସ୍ତ ଅଙ୍ଗରେ ନିଜ ଆତ୍ମାକୁ ସମାନଭାବରେ ଦେଖେ, ସେହିପରି ହିଁ ସମସ୍ତ ଚରାଚର ସଂସାରରେ ଆତ୍ମଭାବ ରଖି ସମସ୍ତ ପ୍ରାଣୀଙ୍କୁ ନିଜପରି ଦେଖିବା ହିଁ ସମସ୍ତଭୂତକୁ ସମଭାବରେ ଦେଖିବା ।

ପ୍ରଶ୍ନ – ଚରାଚର ସମସ୍ତ ଜଗତରେ ସମସ୍ତଙ୍କ ସୁଖଦୁଃଖକୁ ନିଜ ସୁଖଦୁଃଖ ସମାନ ଦେଖିବା କଣ ?

ଉତ୍ତର – ନିଜର ସମସ୍ତ ଅଙ୍ଗମାନଙ୍କରେ ଆତ୍ମଭାବ ସମାନ ରହିଥିବାରୁ ମନୁଷ୍ୟ ଯେପରି ସେଥିରେ ହେଉଥିବା ସୁଖ-ଦୁଃଖକୁ ସମାନଭାବରେ ଦେଖେ, ସମସ୍ତ ଚରାଚର ସଂସାର ପ୍ରତି ସମାନ ଆତ୍ମଭାବ ହୋଇଯିବାରୁ ସେହିପରି ସେମାନଙ୍କ ଠାରେ ପ୍ରତୀତ ହେଉଥିବା ସୁଖ-ଦୁଃଖକୁ ନିଜର ସୁଖଦୁଃଖ ସମାନ ଦେଖିବା ହିଁ ସମସ୍ତଙ୍କ ସୁଖ-ଦୁଃଖକୁ ନିଜ ସୁଖଦୁଃଖପରି ଦେଖିବା । ଅଭିପ୍ରାୟ ଏହି ଯେ, ସର୍ବତ୍ର ଆତ୍ମଦୃଷ୍ଟି ହୋଇଯିବାରୁ, ସମସ୍ତ ବିରାଟ ବିଶ୍ୱ ସେହି ଯୋଗୀଙ୍କର ସ୍ୱରୂପ ହୋଇଯାଏ; ଜଗତରେ ତାଙ୍କ ପାଇଁ ପର ବୋଲି କିଛି ରହେ ନାହିଁ। ମନୁଷ୍ୟ ନିଜେ ନିଜକୁ କେବେ କିଛି ବି ଦୁଃଖ ଦେବାକୁ ଚାହେଁ ନାହିଁ ତଥା ସ୍ୱଭାବତଃ ନିରନ୍ତର ସୁଖ ପାଇବା ପାଇଁ ହିଁ ଅକ୍ଲାନ୍ତ ଚେଷ୍ଟା କରେ। ଏପରି କରି ସେ କେବେ ବି ନିଜେ ନିଜ ପ୍ରତି କୃପା କରିଛି ଭାବି ତା' ବଦଳରେ କୃତଜ୍ଞତା ଆଶା କରେ ନାହିଁ, କି କୌଣସି ସହାନୁଭୂତି ଦେଖାଏ ନାହିଁ, କି ନିଜକୁ 'କର୍ତ୍ତବ୍ୟପରାୟଣ' ବୋଲି ମନେ କରି ଅଭିମାନ କରେ ନାହିଁ। ସେ ନିଜର ସୁଖପାଇଁ ଚେଷ୍ଟା ନ କରି ରହିପାରେ ନାହିଁ ବୋଲି ସେପରି ଚେଷ୍ଟା କରେ; ତାହା ହିଁ ତାହାର ସହଜସ୍ୱଭାବ। ଠିକ୍ ସେହିପରି ସେହି ଯୋଗୀ ସମସ୍ତ ବିଶ୍ୱକୁ କେବେ କୌଣସିପ୍ରକାର ବି ଦୁଃଖ ନ ଦେଇ ସଦା ବିଶ୍ୱର ସୁଖପାଇଁ ସହଜ-ସ୍ୱଭାବବଶତଃ ହିଁ ଚେଷ୍ଟା କରନ୍ତି।

(ପାଶ୍ଚାତ୍ୟ ଜଗତରେ 'ସଂସାରର ସମସ୍ତ ଲୋକ ନିଜକୁ ପରସ୍ପର ଭାଇ ଭାଇ ବୋଲି ମନେ କରନ୍ତୁ' ବୋଲି ଯେଉଁ 'ବିଶ୍ୱ-ବନ୍ଧୁତ୍ୱ'ର ସିଦ୍ଧାନ୍ତ ରହିଛି, ତାହାକୁ ବହୁତ ଶ୍ରେଷ୍ଠ ମନେ କରାଯାଏ ଓ ପ୍ରକୃତରେ ଏହା ଶ୍ରେଷ୍ଠ। ତଥାପି ଭାଇ-ଭାଇ ମଧ୍ୟରେ ସ୍ୱାର୍ଥର ଭିନ୍ନତା-ଯୋଗୁଁ କୌଣସି ନା କୌଣସିରୂପରେ କଳହ ହେବାର ସମ୍ଭାବନା ଥାଏ। କିନ୍ତୁ ଯେଉଁଠି ଆତ୍ମଭାବ ରହିଛି, ଅର୍ଥାତ୍ ଭାବ ରହିଛି ଯେ, 'ସେ ହିଁ ମୁଁ ଅଟେ', ସେଠାରେ ସ୍ୱାର୍ଥଭେଦ ରହି ନ ପାରେ ଓ ସ୍ୱାର୍ଥଭେଦ ନ ଥିବାରୁ ପରସ୍ପର କଳହର କୌଣସି ଆଶଙ୍କା ବି ରହି ନ ପାରେ। ଏହିସବୁ ସିଦ୍ଧାନ୍ତଯୋଗୁଁ ଗୀତାର ଶିକ୍ଷାକୁ ଆଜି ପାଶ୍ଚାତ୍ୟ ଜଗତର ବିଦ୍ୱାନମାନେ ମଧ୍ୟ ସବୁଠାରୁ ଶ୍ରେଷ୍ଠ ବୋଲି ମାନିଲେଣି।')

ପ୍ରଶ୍ନ – ଏପରି ପରମାତ୍ମପ୍ରାପ୍ତ ଯୋଗୀ ମହାପୁରୁଷଙ୍କୁ ସମସ୍ତ ଚରାଚର ଜଗତର ସୁଖଦୁଃଖର ଅନୁଭବ ହୁଏ, ନା କେବଳ ପ୍ରତୀତିମାତ୍ର ହୁଏ ?

ଉତ୍ତର – ଅନୁଭବ ହୁଏ ବୋଲି କହିହେବ ନାହିଁ, କି ପ୍ରତୀତି ହୁଏ ବୋଲି କହିହେବ ନାହିଁ। ଯଦି ତାହାଙ୍କ ଦୃଷ୍ଟିରେ ଏକ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କୌଣସି ବସ୍ତୁର ଅସ୍ତିତ୍ୱ ହିଁ ନାହିଁ, ତେବେ ଅନ୍ୟ ଅନୁଭବର କଥା ଆସିବ କିପରି ? ଓ ଯଦି କେବଳ ପ୍ରତୀତି ହିଁ ହୁଅନ୍ତା, ତା'ହେଲେ ଦୁଃଖ ନ ଦେବା ଓ ସୁଖ ଦେବାକୁ ତାଙ୍କ ଦ୍ୱାରା ଚେଷ୍ଟା ବା ହୁଅନ୍ତା କିପରି ? ଅତଏବ ସେହି ସମୟରେ ତାଙ୍କର ପ୍ରକୃତରେ କି ଭାବ ଓ କିପରି ଦୃଷ୍ଟି ହୁଏ, ତାହା କେବଳ ସେ ହିଁ ଜାଣନ୍ତି। ତାଙ୍କର ଭାବ ଓ ଦୃଷ୍ଟିକୋଣକୁ ଭାଷାରେ ବ୍ୟକ୍ତ କରାଯାଇପାରେ ନା। ତଥାପି ବୁଝିବାପାଇଁ କୁହାଯାଇପାରେ ଯେ, ତାଙ୍କୁ ପରମାତ୍ମାଙ୍କ ଭିନ୍ନ ଅନ୍ୟ କୌଣସି ବସ୍ତୁର କେବେ ବି ଅନୁଭବ ହୁଏ ନାହିଁ। ଲୋକଦୃଷ୍ଟିରୁ କେବଳ ପ୍ରତୀତିମାତ୍ର ହୁଏ; ତଥାପି ତାଙ୍କ କାର୍ଯ୍ୟ ଅତ୍ୟନ୍ତ ଉତ୍ତମ, ସୁଶୃଙ୍ଖଳ ଓ ସୁବ୍ୟବସ୍ଥିତ ହୁଏ।

ପ୍ରଶ୍ନ – ଯଦି ବାସ୍ତବରେ ଅନୁଭବ ହୁଏ ନାହିଁ, ତେବେ ଲୋକଦୃଷ୍ଟିରେ ପ୍ରତୀତ ହେଉଥିବା ଦୁଃଖର ନିବୃତ୍ତିପାଇଁ ତାଙ୍କ ଦ୍ୱାରା ଚେଷ୍ଟା କିପରି ହୁଏ ?

ଉତ୍ତର – ଏହା ତ ତାଙ୍କର ବିଶେଷତ୍ୱ। କାର୍ଯ୍ୟର ସମାଦନ ଅତି ଉତ୍ତମରୂପରେ ହୁଏ, କିନ୍ତୁ ତାଙ୍କ ପାଇଁ ଯଥାର୍ଥରେ ସେସବୁ କାର୍ଯ୍ୟର ସତ୍ତା ହିଁ ନ ଥାଏ, କି ତାଙ୍କର ସେସବୁରେ କିଛି ପ୍ରୟୋଜନ ନ ଥାଏ। ତଥାପି ସ୍ଥୂଳରୂପରେ ବୁଝିବାପାଇଁ କୁହାଯାଇପାରେ ଯେ, ଛୋଟ ପିଲାମାନେ ଖେଳୁ ଖେଳୁ ତୁଚ୍ଛ ଓ ନଗଣ୍ୟ ଗୋଡ଼ି, ପଥର ଢେଲା ଅଥବା ପାଳକୁଟା ଖଣ୍ଡିଏପାଇଁ ପରସ୍ପର ଯେପରି ଝଗଡ଼ା କରନ୍ତି ଓ ଅଜ୍ଞାନବଶତଃ

ଏକ ଆରେଜକୁ ଆଘାତ କରି ଦୁଃଖୀ ହୁଅନ୍ତି ତଥା ସେମାନଙ୍କର ସେହି କଳହ ସର୍ବଥା ବ୍ୟର୍ଥ ଓ ତୁଚ୍ଛ ବୋଲି ଜାଣିଥିଲେ ମଧ୍ୟ ବୁଦ୍ଧିମାନ୍ ପୁରୁଷମାନେ ଯେପରି ମଧ୍ୟସ୍ଥତା କରି ସେମାନଙ୍କୁ ବୁଝାଇସୁଝାଇ, ସେମାନଙ୍କ ଭିତରୁ ପ୍ରତ୍ୟେକର କଥା ଶୁଣି ସମସ୍ତଙ୍କ ଦୁଃଖନିବୃତ୍ତିପାଇଁ ବିଶେଷ ବୁଦ୍ଧିମତ୍ତାର ସହିତ ଚେଷ୍ଟା କରନ୍ତି, ପରମାତ୍ମପ୍ରାପ୍ତ ଯୋଗୀପୁରୁଷ ସେହିପରି ଦୁଃଖରେ ପଡ଼ିଥିବା ବିଶ୍ୱର ଦୁଃଖନିବୃତ୍ତିପାଇଁ ଚେଷ୍ଟା କରନ୍ତି। ଯେଉଁ ମହାପୁରୁଷମାନଙ୍କର ଜଗତର ଧନ, ମାନ, ପ୍ରତିଷ୍ଠା, କୀର୍ତ୍ତି ଆଦି କୌଣସି ବି ବସ୍ତୁରେ କିଛି ବି ପ୍ରୟୋଜନ ନାହିଁ, ଯାହାଙ୍କ ଦୃଷ୍ଟିରେ ଆଉ କିଛି ବି ପାଇବାକୁ ବାକି ନାହିଁ, ସେମାନଙ୍କର ଜାଖାତୀତ ସ୍ଥିତିକୁ କୌଣସି ବି ଦୃଷ୍ଟାନ୍ତଦ୍ୱାରା ବୁଝାଇଦେବା ସମ୍ଭବ ନୁହେଁ। ସେମାନଙ୍କ ପାଇଁ କୌଣସି ବି ଲୌକିକ ଦୃଷ୍ଟାନ୍ତ ପୂର୍ଣତଃ ପ୍ରଯୁଜ୍ୟ ହେଉ ନାହିଁ। ଦୃଷ୍ଟାନ୍ତ ତ କୌଣସି ଏକ ଅଂଶବିଶେଷକୁ ଲକ୍ଷ୍ୟ କରାଇବାପାଇଁ ହିଁ ଦିଆଯାଇଥାଏ।

ପ୍ରଶ୍ନ — ଯୋଗୀ ସହିତ ପରମଃ ବିଶେଷଣ ଦେବାର ଅଭିପ୍ରାୟ କଣ ?

ଉତ୍ତର — ପରମଃ ବିଶେଷଣ ଦେଇ ଭଗବାନ୍ ସୂଚିତ କରୁଛନ୍ତି ଯେ, ଯେଉଁ **ଯୋଗୀ**ଙ୍କର ବର୍ଣ୍ଣନା ହୋଇଛି, ସେ ସାଧକ ନୁହନ୍ତି, ସେ ସିଦ୍ଧଯୋଗୀ। ସ୍ମରଣ ରଖିବା ଉଚିତ ଯେ, ପରମାତ୍ମପ୍ରାପ୍ତ ପୁରୁଷଙ୍କ ଠାରେ — ସେ ଯେକୌଣସି ମାର୍ଗରେ ତାହା ପ୍ରାପ୍ତ ହୋଇଥାନ୍ତୁ ନା କାହିଁକି — 'ସମତ୍ୱଭାବ' ଅତ୍ୟନ୍ତ ଆବଶ୍ୟକ। ଭଗବାନ୍ ଯେଉଁଠି ପରମାତ୍ମାଙ୍କୁ ପାଇଥିବା ପୁରୁଷଙ୍କ ସଦ୍‌ଗୁଣ ବର୍ଣ୍ଣନା କରିଛନ୍ତି, ସେଠାରେ 'ସମତ୍ୱଭାବ'କୁ ହିଁ ପ୍ରାଧାନ୍ୟ ଦେଇଛନ୍ତି। କୌଣସି ପୁରୁଷଠାରେ ଅନ୍ୟ ସଦ୍‌ଗୁଣ ବହୁତ ଥାଇପାରେ; କିନ୍ତୁ ଯଦି 'ସମତ୍ୱଭାବ' ନ ଥାଏ, ତେବେ ବୁଝିବାକୁ ହେବ ଯେ, ତାଙ୍କୁ ଏବେ ବି ପରମାତ୍ମପ୍ରାପ୍ତି ହୋଇ ନାହିଁ; କାରଣ ସମତ୍ୱଭାବ ବିନା ରାଗଦ୍ୱେଷର ଆତ୍ୟନ୍ତିକ ଅଭାବ ହେବା ଓ ସମସ୍ତ ପ୍ରାଣୀଙ୍କ ଠାରେ ସହଜ-ସହୃଦୟତାର ଭାବ ହେବା ସମ୍ଭବ ନୁହେଁ। ଯେଉଁମାନଙ୍କୁ 'ସମତ୍ୱଭାବ' ପ୍ରାପ୍ତ ହୋଇଛି, ସେମାନେ ହିଁ ପରମାତ୍ମପ୍ରାପ୍ତ ଶ୍ରେଷ୍ଠ ଯୋଗୀ।

ପୟଳ — ଭଗବାନଙ୍କର ସମତ୍ୱଭାବପୟଳୀୟ ଉପଦେଶ ଶୁଣି, ମନର ଚଞ୍ଚଳତାହେତୁ ସମତ୍ୱଭାବରେ ନିଜର ଅଟଳ ସ୍ଥିତି ଆସିବା ବହୁତ କଠିନ ବୋଲି ଭାବି ଅର୍ଜୁନ କହୁଛନ୍ତି —

ଅର୍ଜୁନ ଉବାଚ

ଯୋଽୟଂ ଯୋଗସ୍ତ୍ୱୟା ପ୍ରୋକ୍ତଃ ସାମ୍ୟେନ ମଧୁସୂଦନ।
ଏତସ୍ୟାହଂ ନ ପଶ୍ୟାମି ଚଞ୍ଚଳତ୍ୱାତ୍ ସ୍ଥିତିଂ ସ୍ଥିରାମ୍ ।। ୩୩ ।।

ଅନ୍ୱୟ — ମଧୁସୂଦନ = ହେ ମଧୁସୂଦନ; **ଯଃ** = ଯେଉଁ; **ଅୟମ୍** = ଏହି; **ଯୋଗଃ** = ଯୋଗ; **ତ୍ୱୟା** = ଆପଣଙ୍କ ଦ୍ୱାରା; **ସାମ୍ୟେନ** = ସମଭାବରେ; **ପ୍ରୋକ୍ତଃ** = କୁହାଗଲା; **ଚଞ୍ଚଳତ୍ୱାତ୍** = (ମନର) ଚଞ୍ଚଳତା ହେତୁ; **ଅହମ୍** = ମୁଁ; **ଏତସ୍ୟ** = ଏହାର; **ସ୍ଥିରାମ୍** = ନିତ୍ୟ; **ସ୍ଥିତିମ୍** = ସ୍ଥିତି; **ନ ପଶ୍ୟାମି** = ଦେଖିପାରୁ ନାହିଁ।

ଅର୍ଜୁନ କହିଲେ — ହେ ମଧୁସୂଦନ ! ଆପଣଙ୍କ ଦ୍ୱାରା ଏହି ଯେଉଁ ସମତ୍ୱରୂପକ ଯୋଗ କୁହାଗଲା, ମନର ଚଞ୍ଚଳତାହେତୁ ମୁଁ ତାହାର ନିତ୍ୟସ୍ଥିତି ଦେଖିପାରୁ ନାହିଁ ।। ୩୩ ।।

ପ୍ରଶ୍ନ — ଅୟଂ ଯୋଗଃଦ୍ୱାରା କେଉଁ 'ଯୋଗ' କୁହାଯାଇଛି ?

ଉତ୍ତର — କର୍ମଯୋଗ, ଭକ୍ତିଯୋଗ, ଧ୍ୟାନଯୋଗ ବା ଜ୍ଞାନଯୋଗ ଆଦି ସାଧନାର ପରାକାଷ୍ଠାରୂପକ ସମତ୍ୱଭାବକୁ ହିଁ ଏଠାରେ 'ଯୋଗ' ବୋଲି କୁହାଯାଇଛି।

ପ୍ରଶ୍ନ — ଏହି 'ଯୋଗ'କୁ ଏଠାରେ 'ଧ୍ୟାନଯୋଗ' ବୋଲି କାହିଁକି ମାନିନେବ ନାହିଁ? କାରଣ ମନର ଚଞ୍ଚଳତା ଧ୍ୟାନଯୋଗର ହିଁ ବାଧକ।

ଉତ୍ତର — ଅଠେଇଶ ଶ୍ଲୋକଯାଏ ପ୍ରକରଣକୁ ଦେଖିଲେ ଏହି ଯୋଗକୁ ଧ୍ୟାନଯୋଗ ବୋଲି କହିବା ହିଁ ଠିକ୍; କିନ୍ତୁ ଏଉଣତିରିଶ ଓ ବତିଶ ଶ୍ଲୋକରେ ଭଗବତ୍‌ପ୍ରାପ୍ତ ପୁରୁଷମାନଙ୍କର ବ୍ୟବହାରସ୍ଥିତି ହିଁ ବର୍ଣ୍ଣନା କରାଯାଇଛି ଏବଂ ଅର୍ଜୁନଙ୍କ ପ୍ରଶ୍ନ 'ସମତ୍ୱ' ଲକ୍ଷ୍ୟରେ କରାଯାଇଛି। ଏଥିରୁ ଏଠାରେ ଯୋଗର ଅର୍ଥ 'ସମତ୍ୱଯୋଗ' ବୋଲି ହିଁ ମାନିନିଆଗଲା।

ପ୍ରଶ୍ନ – ଏହି 'ସମତ୍ୱଭାବ'ର ସ୍ଥିରସ୍ଥିତିରେ ମନର ଚଞ୍ଚଳତାକୁ ବାଧକ ବୋଲି କାହିଁକି ମନେ କରାଯାଏ ?

ଉତ୍ତର – ଚିତ୍ତର ବିକ୍ଷେପକୁ 'ଚଞ୍ଚଳତା' କହନ୍ତି। ବିକ୍ଷେପର ପ୍ରଧାନ କାରଣ ହେଉଛି ରାଗ-ଦ୍ୱେଷ; ଏବଂ ଯେଉଁଠି ରାଗ-ଦ୍ୱେଷ ଅଛି, ସେଠାରେ ସମତ୍ୱ ରହିପାରିବ ନାହିଁ। କାରଣ 'ରାଗ-ଦ୍ୱେଷ' ଓ 'ସମତ୍ୱ' ପରସ୍ପର ଅତ୍ୟନ୍ତ ବିରୋଧୀ। ଏଣୁ 'ସମତ୍ୱ'ର ସ୍ଥିର ସ୍ଥିତିରେ ମନର ଚଞ୍ଚଳତାକୁ ବାଧକ ବୋଲି ମନେ କରାଯାଏ।

ସନ୍ଦର୍ଭ – ସମତ୍ୱଯୋଗରେ ମନର ଚଞ୍ଚଳତାକୁ ବାଧକ ବୋଲି କହି ବର୍ତ୍ତମାନ ଅର୍ଜୁନ ମନନିଗ୍ରହ ଅତ୍ୟନ୍ତ କଠିନ ବୋଲି କହୁଛନ୍ତି–

ଚଞ୍ଚଳଂ ହି ମନଃ କୃଷ୍ଣ ପ୍ରମାଥି ବଳବଦ୍‌ଦୃଢ଼ମ୍।
ତସ୍ୟାହଂ ନିଗ୍ରହଂ ମନ୍ୟେ ବାୟୋରିବ ସୁଦୁଷ୍କରମ୍।। ୩୪ ।।

ଅନ୍ୱୟ – ହି = କାରଣ; କୃଷ୍ଣ = ହେ ଶ୍ରୀକୃଷ୍ଣ; ମନଃ = (ଏହି) ମନ; ଚଞ୍ଚଳମ୍ = ବଡ଼ ଚଞ୍ଚଳ; ପ୍ରମାଥି = ଇନ୍ଦ୍ରିୟକ୍ଷୋଭକାରୀ; ଦୃଢ଼ମ୍ = ଦୃଢ଼; ବଳବତ୍ = ବଳବାନ୍; (ଅତଃ) = ଏଣୁ; ତସ୍ୟ = ତାହାକୁ; ନିଗ୍ରହମ୍ = ବଶ କରିବା; ଅହମ୍ = ମୁଁ; ବାୟୋଃ = ବାୟୁକୁ ରୋକିବା; ଇବ = ପରି; ସୁଦୁଷ୍କରମ୍ = ଅତ୍ୟନ୍ତ ଦୁଷ୍ତର; ମନ୍ୟେ = ମନେ କରୁଛି।

କାରଣ ହେ ଶ୍ରୀକୃଷ୍ଣ ! ଏହି ମନ ବଡ଼ ଚଞ୍ଚଳ, ଇନ୍ଦ୍ରିୟବିକ୍ଷୋଭକାରୀ, ବଡ଼ ଦୃଢ଼ ଓ ବଳବାନ୍ ଅଟେ। ତେଣୁ ମୁଁ ଭାବୁଛି, ତାହାକୁ ବଶ କରିବା ବାୟୁକୁ ବଶ କରିବା ପରି ଅତ୍ୟନ୍ତ ଦୁଷ୍ତର ।। ୩୪ ।।

ପ୍ରଶ୍ନ – ଚଞ୍ଚଳତା କଥା ତ ଅର୍ଜୁନ ଗତ ଶ୍ଲୋକରେ କହିସାରିଛନ୍ତି; ଏଠାରେ ଆଉଥରେ ତାହା କହିବାର କାରଣ କଣ ?

ଉତ୍ତର – ସେଠାରେ ଅର୍ଜୁନ 'ସମତ୍ୱ' ଯୋଗର ସ୍ଥିରସ୍ଥିତିରେ ମନର ଚଞ୍ଚଳତା ବାଧକ ବୋଲି କହିଥିଲେ, ତେଣୁ ତାଙ୍କୁ ସ୍ୱାଭାବିକ ରୀତିରେ କୁହାଯାଇ ପାରିଥାନ୍ତା, 'ମନକୁ ବଶ କରିନିଅ; ଚଞ୍ଚଳତା ଦୂର ହୋଇଯିବ।' କିନ୍ତୁ ମନକୁ ବଶ କରିବା ଅତ୍ୟନ୍ତ କଠିନ ବୋଲି ଅର୍ଜୁନ ଭାବୁଛନ୍ତି। ତେଣୁ ସେ ଏଠାରେ ପୁଣିଥରେ ମନକୁ ଚଞ୍ଚଳ ବୋଲି କହୁଛନ୍ତି।

ପ୍ରଶ୍ନ – 'ମନ' ସହିତ ପ୍ରମାଥି ବିଶେଷଣ ଦେବାର କାରଣ କଣ ?

ଉତ୍ତର – ଏହାଦ୍ୱାରା ଅର୍ଜୁନ କହୁଛନ୍ତି ଯେ, ମନ ତ ଦୀପଶିଖାପରି ଚଞ୍ଚଳ; ପୁଣି ଖୁଆପରି ପ୍ରମଥନଶୀଳ (ମନ୍ଥନଶୀଳ) ମଧ୍ୟ। ଖୁଆ ଯେପରି ଦୁଧ-ଦହି ମନ୍ଥେ, ମନ ସେହିପରି ଶରୀର ଓ ଇନ୍ଦ୍ରିୟମାନଙ୍କୁ ଅତ୍ୟନ୍ତ କ୍ଷୁବ୍ଧ କରିଦିଏ। ତେଣୁ ମନ ସହିତ ପ୍ରମାଥି ବିଶେଷଣ ଦିଆଯାଇଛି।

ପ୍ରଶ୍ନ – ଦ୍ୱିତୀୟ ଅଧ୍ୟାୟର ଷାଠିଏ ଶ୍ଲୋକରେ ଇନ୍ଦ୍ରିୟମାନଙ୍କୁ ବା ମନ୍ଥନଶୀଳ କୁହାଯାଇଛି, ଏଠାରେ ମନକୁ ମନ୍ଥନଶୀଳ କହୁଛନ୍ତି। ଏହାର କାରଣ କଣ ?

ଉତ୍ତର – ବିଷୟସଙ୍ଗଦ୍ୱାରା ଉଭୟେ ଏକ ଅନ୍ୟକୁ କ୍ଷୁବ୍ଧ କରନ୍ତି ଏବଂ ଉଭୟେ ମିଳିତଭାବେ ବୁଦ୍ଧିକୁ ମଧ୍ୟ କ୍ଷୁବ୍ଧ କରିଦିଅନ୍ତି (୨/୬୭)। ତେଣୁ ଉଭୟଙ୍କୁ **ପ୍ରମାଥି** କୁହାଯାଇଛି।

ପ୍ରଶ୍ନ – ମନକୁ **ବଳବତ୍** କାହିଁକି କହିଛନ୍ତି ?

ଉତ୍ତର – କାରଣ ଏହା ସ୍ଥିର ନ ରହି ସଦା ଡେଇଁବୁଲେ ଓ ଶରୀର ତଥା ଇନ୍ଦ୍ରିୟମାନଙ୍କୁ ମନ୍ଥନ କରେ; ପୁଣି ମନ ଉନ୍ମତ୍ତ ଗଜପରି ଅତ୍ୟନ୍ତ ବଳବାନ୍ ମଧ୍ୟ। ଯେପରି କାଉମାର ଅଙ୍କୁଶ-ପ୍ରହାର ହେଲେ ମଧ୍ୟ ଅତ୍ୟନ୍ତ ପରାକ୍ରମୀ ହାତୀ ଉପରେ ତା'ର କିଛି ବି ପ୍ରଭାବ ପଡ଼େ ନାହିଁ, ସେ ଯାହା ଇଚ୍ଛା, ତାହା କରେ, ସେହିପରି ବିବେକରୂପୀ ଅଙ୍କୁଶଦ୍ୱାରା କାରମାର ପ୍ରହାର କଲେ ମଧ୍ୟ ଏହି ବଳବାନ୍ ମନ ବିଷୟର ରହନ ବନରୁ ବାହାରି ଆସିବାକୁ ଚାହେଁ ନାହିଁ।

ପ୍ରଶ୍ନ – ମନକୁ ଦୃଢ଼ ବୋଲି କହିବାର ଭାବ କଣ ?

ଉତ୍ତର – ଏହି ଚଞ୍ଚଳ, ପ୍ରମାଥି ଓ ବଳବାନ୍ ମନ ଗୋଧିପରି ଅତ୍ୟନ୍ତ ଦୃଢ଼ ମଧ୍ୟ। ଏହା ଯେଉଁ ବିଷୟରେ ରମଣ କରେ, ତାହାକୁ ଏତେ ଜୋରରେ

ଧରିନିଏ ଯେ, ତା'ସହିତ ତଦାକାର ହୋଇଯାଏ। ତେଣୁ ମନକୁ 'ଦୃଢ଼' କୁହାଯାଏ।

ପ୍ରଶ୍ନ – 'ମୁଁ ଭାବୁଛି, ମନକୁ ବଶ କରିବା ବାୟୁକୁ ବଶ କରିବାପରି ଅତ୍ୟନ୍ତ ଦୁଷ୍କର'– ଅର୍ଜୁନଙ୍କ ଏହି କଥାର ଅଭିପ୍ରାୟ କଣ ?

ଉତ୍ତର – ଏହାଦ୍ୱାରା ଅର୍ଜୁନ କହୁଛନ୍ତି, "ଯାହା ଏତେ ଚଞ୍ଚଳ ଓ ଦୁର୍ଦ୍ଧର୍ଷ, ସେହି ମନକୁ ବଶ କରିବା ମୋ ପକ୍ଷରେ ଅତ୍ୟନ୍ତ କଠିନ।" ଏହି କଠିନତାକୁ ପ୍ରମାଣ କରିବାପାଇଁ ସେ ବାୟୁର ଉଦାହରଣ ଦେଇ କହୁଛନ୍ତି, "ଶରୀରର ନିରନ୍ତର ଶ୍ୱାସପ୍ରଶ୍ୱାସରୂପୀ ବାୟୁପ୍ରବାହକୁ ଯେପରି ହଠ, ବିଚାର, ବିବେଚ, ଓ ବଳ ଆଦି ସାଧନଦ୍ୱାରା ବଶ କରିବା ଅତ୍ୟନ୍ତ କଠିନ, ବିଷୟରେ ନିରନ୍ତର ବିଚରଣ କରୁଥିବା ଚଞ୍ଚଳ, ପ୍ରମଥନଶୀଳ, ବଳବାନ୍ ଓ ଦୃଢ଼ ମନକୁ ବଶ କରିବା ସେହିପରି ଦୁଷ୍କର ବୋଲି ମୁଁ ମନେ କରୁଛି।"

ପ୍ରଶ୍ନ – **କୃଷ୍ଣ** ସମ୍ବୋଧନର ଅଭିପ୍ରାୟ କଣ ?

ଉତ୍ତର – ଭକ୍ତଙ୍କର ଚିତ୍ତକୁ ନିଜ ଆଡ଼କୁ ଆକର୍ଷିତ କରୁଥିବାରୁ ମଧ୍ୟ ଭଗବାନଙ୍କର ନାମ **କୃଷ୍ଣ** ହୋଇଛି। ଏହି ସମ୍ବୋଧନଦ୍ୱାରା ଅର୍ଜୁନ ପ୍ରାର୍ଥନା କରୁଛନ୍ତି, "ହେ ଭଗବନ୍! ମୋର ଏହି ମନ ବଡ଼ ହିଁ ଚଞ୍ଚଳ, ମୁଁ ଭାବୁଛି, ମୋ ଶକ୍ତିରେ ଏହାକୁ ବଶ କରିବା ଅତ୍ୟନ୍ତ କଠିନ। କିନ୍ତୁ ମନକୁ ବଳପୂର୍ବକ ନିଜ ଆଡ଼କୁ ଆକର୍ଷଣ କରିନେବା ହେଉଛି ଆପଣଙ୍କର ସ୍ୱାଭାବିକ ଗୁଣ। ତେଣୁ ଆପଣଙ୍କ ପାଇଁ ଏହା ଅତି ସହଜ। ଅତଏବ କୃପା କରି ମୋର ମନକୁ ମଧ୍ୟ ଆପଣ ଆପଣଙ୍କ ପ୍ରତି ଆକୃଷ୍ଟ କରିନିଅନ୍ତୁ।"

ସମ୍ବନ୍ଧ – *ମନୋନିଗ୍ରହ ସମ୍ବନ୍ଧରେ ଅର୍ଜୁନଙ୍କ ଉକ୍ତିକୁ ସ୍ୱୀକାର କରି ଭଗବାନ୍ ମନକୁ ବଶ କରିବାର ଉପାୟ କହୁଛନ୍ତି –*

ଶ୍ରୀଭଗବାନୁବାଚ

ଅସଂଶୟଂ ମହାବାହୋ ମନୋ ଦୁର୍ନିଗ୍ରହଂ ଚଲମ୍ ।
ଅଭ୍ୟାସେନ ତୁ କୌନ୍ତେୟ ବୈରାଗ୍ୟେଣ ଚ ଗୃହ୍ୟତେ* ॥ ୩୫ ॥

ଅନ୍ୱୟ – ମହାବାହୋ = ହେ ମହାବାହୁ; ଅସଂଶୟମ୍ = ନିଃସନ୍ଦେହ; ମନଃ = ମନ; ଚଳମ୍ = ଚଞ୍ଚଳ; ଦୁର୍ନିଗ୍ରହମ୍ = (ଓ) କଷ୍ଟରେ ବଶୀଭୂତ ହୁଏ; ତୁ = କିନ୍ତୁ; କୌନ୍ତେୟ = ହେ କୁନ୍ତୀପୁତ୍ର ଅର୍ଜୁନ; ଅଭ୍ୟାସେନ = (ଏହା) ଅଭ୍ୟାସଦ୍ୱାରା; ଚ = ଓ; ବୈରାଗ୍ୟେଣ = ବୈରାଗ୍ୟଦ୍ୱାରା; ଗୃହ୍ୟତେ = ସଂଯତ ହୋଇଥାଏ।

ଶ୍ରୀଭଗବାନ୍ କହିଲେ – ହେ ମହାବାହୁ! ମନ ଯେ ଚଞ୍ଚଳ ଓ ବଡ଼ କଷ୍ଟରେ ବଶୀଭୂତ ହୁଏ, ତାହା ନିଃସନ୍ଦେହ। କିନ୍ତୁ ହେ କୁନ୍ତୀପୁତ୍ର ଅର୍ଜୁନ! ଏହା ଅଭ୍ୟାସ ଓ ବୈରାଗ୍ୟଦ୍ୱାରା ବଶୀଭୂତ ହୋଇଥାଏ ॥ ୩୫ ॥

ପ୍ରଶ୍ନ – "(ନିଃସନ୍ଦେହ) ମନ ଚଞ୍ଚଳ ଓ କଷ୍ଟରେ ବଶ ହୋଇଥାଏ" – ଭଗବାନଙ୍କର ଏହି କଥାର ଅଭିପ୍ରାୟ କଣ ?

ଉତ୍ତର – ଏହାଦ୍ୱାରା ଭଗବାନ୍ ଅର୍ଜୁନଙ୍କ ଉକ୍ତିକୁ ସମର୍ଥନ କରି ମନ ଚଞ୍ଚଳ ଓ ତା'ର ନିଗ୍ରହ କଠିନ ବୋଲି ସ୍ୱୀକାର କରୁଛନ୍ତି।

ପ୍ରଶ୍ନ – ଏଠାରେ **ତୁ** ର ଭାବ କଣ ?

ଉତ୍ତର – ଯଦ୍ୟପି ମନ ବଶ ହେବା ବଡ଼ କଠିନ, ତଥାପି ଅଭ୍ୟାସ ଓ ବୈରାଗ୍ୟଦ୍ୱାରା ଏହା ସହଜରେ ବଶୀଭୂତ ହୋଇପାରେ। ଏହା ଦେଖାଇବାକୁ ଓ ଆଶ୍ୱାସନା ଦେବାକୁ **ତୁ** ପ୍ରୟୋଗ କରାଯାଇଛି।

---

* ଠିକ୍ ଏହି ଆଶୟର ସୂତ୍ର ପାତଞ୍ଜଳଯୋଗଦର୍ଶନରେ ରହିଛି –

'ଅଭ୍ୟାସବୈରାଗ୍ୟାଭ୍ୟାଂ ତନ୍ନିରୋଧଃ' (୧/୧୨) – 'ଅଭ୍ୟାସ ଓ ବୈରାଗ୍ୟଦ୍ୱାରା ଚିତ୍ତବୃତ୍ତିମାନଙ୍କୁ ନିରୋଧ କରାଯାଏ।'

ପ୍ରଶ୍ନ – ଅଭ୍ୟାସ କଣ ?

ଉତ୍ତର – ମନକୁ କୌଣସି ନିର୍ଦ୍ଦିଷ୍ଟ ବିଷୟରେ ତଦାକାର କରିବାପାଇଁ, ଅନ୍ୟ ବିଷୟରୁ ଟାଣିଆଣି ବାରମ୍ବାର ସେହି ବିଷୟରେ ଲଗାଇବାର ପ୍ରଯତ୍ନକୁ ଅଭ୍ୟାସ କୁହାଯାଏ। ଏହା ପରମାତ୍ମାଙ୍କ ଠାରେ ମନ ଲଗାଇବା ପ୍ରସଙ୍ଗ। ଅତଏବ ପରମାତ୍ମାଙ୍କୁ ନିଜର ଲକ୍ଷ୍ୟ କରି ଚିତ୍ତବୃତ୍ତିର ପ୍ରବାହକୁ ବାରମ୍ବାର ତାଙ୍କ ଠାରେ ଲଗାଇବାର ପ୍ରଯତ୍ନକୁ ଏଠାରେ **ଅଭ୍ୟାସ** ବୋଲି କୁହାଯାଇଛି। [୧]

ପ୍ରଶ୍ନ – ଚିତ୍ତବୃତ୍ତିମାନଙ୍କୁ ପରମାତ୍ମାଙ୍କ ଠାରେ ଲଗାଇବାକୁ କିପରି ଅଭ୍ୟାସ କରିବା ଉଚିତ ?

ଉତ୍ତର – ପରମାତ୍ମା ହିଁ ସର୍ବୋପରି ସର୍ବଶକ୍ତିମାନ୍, ସର୍ବେଶ୍ୱର ଓ ସବୁଠାରୁ ବଡ଼ ଏକମାତ୍ର ପରମତତ୍ତ୍ୱ ଏବଂ ତାହାଙ୍କୁ ପାଇବା ହିଁ ଜୀବନର ପରମ ଲକ୍ଷ୍ୟ — ଏପରି ଦୃଢ଼ଧାରଣା ରଖି ଅଭ୍ୟାସ କରିବା ଉଚିତ। ଶାସ୍ତ୍ରରେ ଅଭ୍ୟାସ କରିବାର ବିଭିନ୍ନ ଉପାୟ କୁହାଯାଇଛି। ସେଥିମଧ୍ୟରୁ ଏଠାରେ କେତୋଟି ଉପାୟ ଦିଆଗଲା —

(୧) ଶ୍ରଦ୍ଧା ଓ ଭକ୍ତିର ସହିତ ଧୈର୍ଯ୍ୟଯୁକ୍ତ ବୁଦ୍ଧି ସାହାଯ୍ୟରେ ମନକୁ ବାରମ୍ବାର ସଚ୍ଚିଦାନନ୍ଦଘନ ବ୍ରହ୍ମରେ ଲଗାଇବାକୁ ଯତ୍ନ କରିବା (୬/୨୬)।

(୨) ମନ ଯେଉଁଠିକି ଯିବ, ସେଠାରେ ନିଜର ସର୍ବଶକ୍ତିମାନ୍ ଇଷ୍ଟଦେବଙ୍କ ଅର୍ଥାତ୍ ପରମେଶ୍ୱରଙ୍କ ସ୍ୱରୂପ ଚିନ୍ତନ କରିବା।

(୩) ଭଗବାନଙ୍କର ମାନସପୂଜା ଅଭ୍ୟାସ କରିବା।

(୪) ବାଣୀ, ଶ୍ୱାସ, ନାଡ଼ୀ, ଜଙ୍ଘ ଓ ମନ ଆଦି ମଧ୍ୟରୁ ଯେକୌଣସିଟି ଦ୍ୱାରା ଶ୍ରୀରାମ, ଶ୍ରୀକୃଷ୍ଣ, ଶିବ, ବିଷ୍ଣୁ, ସୂର୍ଯ୍ୟ, ଶକ୍ତି ଆଦିଙ୍କ ମଧ୍ୟରୁ ନିଜର ପରମ ଇଷ୍ଟଦେବଙ୍କ ନାମକୁ ପରମ ପ୍ରେମ ଓ ଶ୍ରଦ୍ଧାର ସହିତ ପରବ୍ରହ୍ମ ପରମାତ୍ମାଙ୍କର ହିଁ ନାମ ବୋଲି ବୁଝି ନିଷ୍କାମଭାବରେ ନିରନ୍ତର ଜପ କରିବା।

(୫) ଶାସ୍ତ୍ରମାନଙ୍କରେ ଦିଆଯାଇଥିବା ଭଗବତ୍‌ସମ୍ବନ୍ଧୀ ଉପଦେଶାବଳୀ ଶ୍ରଦ୍ଧା ଓ ଭକ୍ତିର ସହିତ ବାରମ୍ବାର ମନନ କରିବା ଓ ସେହି ଅନୁସାରେ ପ୍ରଯତ୍ନ କରିବା।

(୬) ଭଗବତ୍‌ପ୍ରାପ୍ତ ମହାତ୍ମା ପୁରୁଷମାନଙ୍କ ସଙ୍ଗ ଲାଭ କରି ସେମାନଙ୍କର ଅମୃତମୟ ବଚନକୁ ଶ୍ରଦ୍ଧା-ଭକ୍ତିପୂର୍ବକ ଶୁଣିବା ଓ ତଦନୁସାରେ ଚଳିବାକୁ ଚେଷ୍ଟା କରିବା (୧୩/୨୫)।

(୭) ମନର ଚଞ୍ଚଳତା ନଷ୍ଟ ହୋଇ ତାହା ଭଗବାନଙ୍କ ଠାରେ ହିଁ ଲାଗିଯାଉ ବୋଲି ହୃଦୟରେ ପ୍ରକୃତ କାତରଭାବରେ ବାରମ୍ବାର ଭଗବାନଙ୍କୁ ପ୍ରାର୍ଥନା କରିବା।

ଏସବୁ ବ୍ୟତୀତ ଆହୁରି ବି ଅନେକ ଉପାୟ ରହିଛି, କିନ୍ତୁ ଏତିକି ସ୍ମରଣ ରଖିବା ଉଚିତ ଯେ, ଅଭ୍ୟାସ ଯାଇ ସେତେବେଳେ ସଫଳ ହେବ, [୨] ଯେତେବେଳେ ତାହା ଅତ୍ୟନ୍ତ ପ୍ରେମର ସହିତ ଶ୍ରଦ୍ଧା ଓ ବିଶ୍ୱାସପୂର୍ବକ ଅବିରାମଭାବରେ ଦୀର୍ଘ ସମୟପର୍ଯ୍ୟନ୍ତ ଅଭ୍ୟାସ କରାଯିବ। ଆଜି ଗୋଟିଏ ସାଧନାରେ ମନ ଲଗାଇବାକୁ ଚେଷ୍ଟା କରି କାଲି ଅନ୍ୟପ୍ରକାର ସାଧନାରେ, ପୁଣି କିଛି ଦିନ ପରେ ଆଉ କିଛି କରିବାରେ ଲାଗିଗଲେ, କେଉଁଥିରେ ହେଲେ ବିଶ୍ୱାସ ନ ରଖି ଆଜି କଲେ, କାଲି ନାହିଁ; ଦୁଇ ଚାରି ଦିନ ପରେ ପୁଣି କରି ପୁଣି ଛାଡ଼ିଦେଲେ, ଅଥବା କିଛି ସମୟ କରିବା ପରେ ମନ ଭାଙ୍ଗିଗଲା ଏବଂ ଧୈର୍ଯ୍ୟଚ୍ୟୁତି ଘଟିଲା ବୋଲି ତାହା ଛାଡ଼ିଦେଲେ — ଏପରି ଅଭ୍ୟାସଦ୍ୱାରା କୌଣସି ସଫଳତା ମିଳେ ନାହିଁ।

ପ୍ରଶ୍ନ – ବୈରାଗ୍ୟର ସ୍ୱରୂପ କଣ ?

ଉତ୍ତର – ଇହଲୋକ ଓ ପରଲୋକର ସମସ୍ତ ପଦାର୍ଥରେ ଯେତେବେଳେ ଆସକ୍ତି ଓ ସମସ୍ତ କାମନାର ସର୍ବଥା ଅଭାବ ହୋଇଯାଏ, ସେତେବେଳେ ତାହାକୁ ବୈରାଗ୍ୟ କହନ୍ତି। [୩] ବୈରାଗ୍ୟବାନ୍ ପୁରୁଷଙ୍କ

---

୧ **ତତ୍ର ସ୍ଥିତୌ ଯତ୍ନୋଽଭ୍ୟାସଃ** (ପା. ଯୋଗଦର୍ଶନ ୧/୧୩)। ଅର୍ଥାତ୍ 'ସେହି ସ୍ଥିତିରେ ଚିତ୍ତକୁ ସ୍ଥିର କରିବା ନିମନ୍ତେ ପ୍ରଯତ୍ନ କରିବା ଉପାୟର ନାମ ଅଭ୍ୟାସ।'

୨ **'ସ ତୁ ଦୀର୍ଘକାଳନୈରନ୍ତର୍ଯସତ୍କାରାସେବିତୋ ଦୃଢ଼ଭୂମିଃ।'** (ଯୋଗଦର୍ଶନ ୧/୧୪)

ଅର୍ଥାତ୍ 'କିନ୍ତୁ ଦୀର୍ଘକାଳ ଧରି ନିରନ୍ତର ତଥା ନିଷ୍ଠାପୂର୍ବକ ଅଭ୍ୟାସ କଲେ ହିଁ ଅଭ୍ୟାସର ମୂଳଦୃଆ ଦୃଢ଼ ହୁଏ।'

୩ ବୈରାଗ୍ୟର ଏହା ସହିତ ପ୍ରାୟ ଏକ ସମାନ ବ୍ୟାଖ୍ୟା ମହର୍ଷି ପତଞ୍ଜଳିଙ୍କ ଯୋଗଦର୍ଶନରେ ରହିଛି –

''ଦୃଷ୍ଟାନୁଶ୍ରବିକବିଷୟବିତୃଷ୍ଣସ୍ୟ ବଶୀକାରସଂଜ୍ଞା ବୈରାଗ୍ୟମ୍'' (୧/୧୫)

ଅର୍ଥାତ୍ 'ସ୍ତ୍ରୀ, ଧନ, ଜଗତ, ମାନ, ବଡ଼ିମା ଆଦି ଇହଲୋକର ଓ ସ୍ୱର୍ଗାଦି ପରଲୋକର ସକଳ ବିଷୟରେ ଦୃଷ୍ଟାନୁରହିତ ହୋଇଥିବା ଚିତ୍ତର ଯେଉଁ ବଶୀକାର ଅବସ୍ଥା ଆସେ, ତାହାର ନାମ 'ବୈରାଗ୍ୟ'।

''ତତ୍ପରଂ ପୁରୁଷଖ୍ୟାତେର୍ଗୁଣବୈତୃଷ୍ଣ୍ୟମ୍।'' (୧/୧୬)

ପ୍ରକୃତିଠାରୁ ଅତ୍ୟନ୍ତ ବିଲକ୍ଷଣ ହୋଇ ଯେଉଁ ପୁରୁଷ ଅଛନ୍ତି, ତାଙ୍କ ବିଷୟରେ ଜ୍ଞାନ ହୋଇଗଲେ ତିନିଗୁଣ ପ୍ରତି ତୃଷ୍ଣାର ଯେଉଁ ଅଭାବ ହୁଏ, ସେହି ଅଭାବକୁ ପରବୈରାଗ୍ୟ ବା ସର୍ବୋତ୍ତମ ବୈରାଗ୍ୟ କୁହାଯାଏ।

ଚିତ୍ତରେ କି ସୁଖ, କି ଦୁଃଖ, କାହାରି ଦ୍ୱାରା ବି କୌଣସି ବିଶେଷ ବିକାର ଜାତ ହୁଏ ନାହିଁ। ସେ ସେହି ଅଚଳ ଓ ଅଟଳ ଆଭ୍ୟନ୍ତରିକ ଅନାସକ୍ତି ବା ପୂର୍ଣ୍ଣ ବୈରାଗ୍ୟ ପ୍ରାପ୍ତ ହୁଅନ୍ତି, ଯାହା କି କୌଣସି ବି ଅବସ୍ଥାରେ ତାଙ୍କର ଚିତ୍ତକୁ କୌଣସି ଆଡ଼କୁ ଆକର୍ଷିତ ହେବାକୁ ଦିଏ ନାହିଁ।

ପ୍ରଶ୍ନ – ବୈରାଗ୍ୟ କିପରି ହୋଇପାରେ ?

ଉତ୍ତର – ବୈରାଗ୍ୟର ଅନେକ ସାଧନା ରହିଛି; ତନ୍ମଧ୍ୟରୁ ଅଳ୍ପ କେତୋଟି ଦେଖନ୍ତୁ –

(୧) ସାଂସାରିକ ପଦାର୍ଥରେ ବିଚାରଦ୍ୱାରା ରମଣୀୟତା, ପ୍ରେମ ଓ ସୁଖର ଅଭାବ ଦେଖିବା।

(୨) ସେସବୁକୁ ଜନ୍ମ, ମୃତ୍ୟୁ, ଜରା, ବ୍ୟାଧି ଆଦି ଦୁଃଖ ଓ ଦୋଷରେ ଯୁକ୍ତ, ଅନିତ୍ୟ ଓ ଭୟଦାୟକ — ବୋଲି ସ୍ୱୀକାର କରିବା।

(୩) ସଂସାରର ଓ ଭଗବାନଙ୍କର ଯଥାର୍ଥ ତତ୍ତ୍ୱ ନିରୂପଣ କରୁଥିବା ସତ୍‌ଶାସ୍ତ୍ର ଅଧ୍ୟୟନ କରିବା।

(୪) ପରମ ବୈରାଗ୍ୟବାନ୍ ପୁରୁଷମାନଙ୍କ ସଙ୍ଗ ଲାଭ କରିବା ଏବଂ ସଙ୍ଗ-ଅଭାବରେ ସେମାନଙ୍କର ବୈରାଗ୍ୟପୂର୍ଣ୍ଣ ଚିତ୍ର ଓ ଚରିତ୍ର ସ୍ମରଣ ଓ ମନନ କରିବା।

(୫) ଭାଙ୍ଗିଯାଇଥିବା ବିଶାଳ ଭବନ, ପରିତ୍ୟକ୍ତ ନଗର ଓ ଗ୍ରାମମାନଙ୍କର ଦୁରବସ୍ଥା ଦେଖି ଜଗତକୁ କ୍ଷଣଭଙ୍ଗୁର ବୋଲି ବୁଝିବା।

(୬) ଏକମାତ୍ର ବ୍ରହ୍ମଙ୍କର ଅଖଣ୍ଡ, ଅଦ୍ୱିତୀୟ ସତ୍ତା ବୋଧ କରି ଅନ୍ୟସବୁ ସତ୍ତାର ଅଭାବ ବୁଝିବା।

(୭) ଅଧିକାରୀ ପୁରୁଷଙ୍କ ଠାରୁ ଭଗବାନଙ୍କର ଅକଥନୀୟ ଗୁଣ, ପ୍ରଭାବ, ତତ୍ତ୍ୱ, ପ୍ରେମ, ରହସ୍ୟ ତଥା ତାଙ୍କ ଲୀଳା-ଚରିତର କଥା ଏବଂ ଦିବ୍ୟ ସୌନ୍ଦର୍ଯ୍ୟ-ମାଧୁର୍ଯ୍ୟର କଥା ବାରମ୍ବାର ଶ୍ରବଣ କରିବା, ସେପରୁକୁ ଜାଣିବା ଓ ସେଥିରେ ଶ୍ରଦ୍ଧା ରଖି ମୁଗ୍ଧ ହେବା।

ଏହିପରି ଆହୁରି ଅନେକ ସାଧନା ରହିଛି।

ପ୍ରଶ୍ନ – ମନକୁ ବଶ କରିବାପାଇଁ ଅଭ୍ୟାସ ଓ ବୈରାଗ୍ୟ — ଉଭୟ ସାଧନା ଆବଶ୍ୟକ, ନା ଗୋଟିଏ ସାଧନାଦ୍ୱାରା ମଧ୍ୟ ମନ ବଶ ହୋଇପାରିବ ?

ଉତ୍ତର – ଉଭୟର ଆବଶ୍ୟକତା ରହିଛି। 'ଅଭ୍ୟାସ' ହେଉଛି ଚିତ୍ତନଦୀର ଧାରାକୁ ଭଗବାନଙ୍କ ଆଡ଼କୁ ନେଇଯିବାର ଏକ ସୁନ୍ଦର ମାର୍ଗ ଏବଂ ବୈରାଗ୍ୟ ହେଉଛି ତା'ର ବିଷୟାଭିମୁଖୀ ଗତିକୁ ରୋଧ କରିବାର ବନ୍ଧ।

କିନ୍ତୁ ସ୍ମରଣ ରଖିବା ଉଚିତ ଯେ, ଏ ଦୁହେଁ ହେଉଛନ୍ତି ପରସ୍ପର ସହାୟକ। ଅଭ୍ୟାସଦ୍ୱାରା ବୈରାଗ୍ୟ ବୃଦ୍ଧି ପାଏ ଓ ବୈରାଗ୍ୟଦ୍ୱାରା ଅଭ୍ୟାସ ବୃଦ୍ଧି ପାଏ। ଅତଏବ ଏହି ଦୁଇଟି ମଧ୍ୟରୁ କୌଣସି ଗୋଟିକର ଆଶ୍ରୟ ବି ଭଲରୂପେ ନେଲେ ମନ ବଶ ହୋଇଯାଇପାରେ।

ପ୍ରଶ୍ନ – ଏଠାରେ ଅର୍ଜୁନଙ୍କୁ 'ମହାବାହୋ' ସମ୍ବୋଧନ କାହିଁକି କରାଗଲା ?

ଉତ୍ତର – ଅର୍ଜୁନ ଥିଲେ ବିଶ୍ୱବିଖ୍ୟାତ ବୀର। ଦେବ, ଦାନବ ଓ ମନୁଷ୍ୟ – ସବୁ ଶ୍ରେଣୀର ମହାନ୍ ଯୋଦ୍ଧାଙ୍କୁ ଅର୍ଜୁନ ନିଜର ବାହୁବଳରେ ପରାସ୍ତ କରିଥିଲେ। ଏଠାରେ ଭଗବାନ୍ ତାଙ୍କୁ ସେହି ବୀରତ୍ୱ ବିଷୟ ସ୍ମରଣ କରାଇଦେଇ ସତେ ଯେପରି ଉତ୍ସାହିତ କରୁଛନ୍ତି, "ତୁମପରି ଅତୁଳନୀୟ ପରାକ୍ରମୀ ବୀରଙ୍କ ପକ୍ଷରେ ମନକୁ ଏତେ ବଳବାନ୍ ମନେ କରି ଭୟ କରିବା ଓ ଉତ୍ସାହ ଛାଡ଼ିଦେବା ଉଚିତ ନୁହେଁ। ସାହସ ଧର; ତୁମେ ମନକୁ ଭୟ କରିପାରିବ।"

ସମ୍ବନ୍ଧ – *ଭଗବାନ୍ ମନକୁ ବଶ କରିବାର ଉପାୟ କହିଲେ; ଏଠାରେ ଜିଜ୍ଞାସା ହେଉଛି, 'ମନକୁ ଯଦି ବଶ କରା ନ ଯାଏ, ତେବେ କ୍ଷତି କଣ ?' ଏ ସମ୍ପର୍କରେ ଭଗବାନ୍ କହୁଛନ୍ତି –*

ଅସଂଯତାତ୍ମନା ଯୋଗୋ ଦୁଷ୍ପ୍ରାପ ଇତି ମେ ମତିଃ।
ବଶ୍ୟାତ୍ମନା ତୁ ଯତତା ଶକ୍ୟୋଽବାପ୍ତୁମୁପାୟତଃ ॥ ୩୬ ॥

ଅନ୍ୱୟ – **ଅସଂଯତାତ୍ମନା** = ଯାହାର ମନ ସଂଯତ ହୋଇ ନାହିଁ, ତା'ଦ୍ୱାରା; **ଯୋଗଃ** = ଯୋଗ; **ଦୁଷ୍ପ୍ରାପଃ** = ଦୁଷ୍ପ୍ରାପ୍ୟ; **ତୁ** = ଏବଂ; **ବଶ୍ୟାତ୍ମନା** = ମନକୁ ବଶ କରିଥିବା; **ଯତତା** = ପ୍ରଯତ୍ନଶୀଳ ପୁରୁଷଙ୍କ ଦ୍ୱାରା; **ଉପାୟତଃ** = ସାଧନାଦ୍ୱାରା; **ଅବାପ୍ତୁମ୍** = (ତାହା) ପ୍ରାପ୍ତ ହେବା; **ଶକ୍ୟଃ** = ସମ୍ଭବ ଅଟେ; **ଇତି** = ବୋଲି; **ମେ** = ମୋର; **ମତିଃ** = ମତ।

ଯାହାର ମନ ସଂଯତ ହୋଇ ନାହିଁ, ତା'ଦ୍ୱାରା ଯୋଗ ଦୁଷ୍ପ୍ରାପ୍ୟ ଓ ମନକୁ ବଶ କରିଥିବା ପ୍ରଯତ୍ନଶୀଳ ପୁରୁଷଙ୍କ ଦ୍ୱାରା ସାଧନା ବଳରେ ତାହା ପ୍ରାପ୍ତ ହେବା ସହଜ— ଏହା ମୋର ମତ ॥ ୩୬ ॥

ପ୍ରଶ୍ନ — ମନକୁ ସଂଯତ ନ କରିଥିବା ପୁରୁଷ ଏହି ସମତ୍ୱଯୋଗ ପ୍ରାପ୍ତ ହେବା ଅତ୍ୟନ୍ତ କଠିନ କାହିଁକି ?

ଉତ୍ତର — ଯେ ଅଭ୍ୟାସ ଓ ବୈରାଗ୍ୟଦ୍ୱାରା ନିଜ ମନକୁ ସଂଯତ କରେ ନାହିଁ, ତା'ର ମନ ଉପରେ ରାଗ-ଦ୍ୱେଷର ପ୍ରଭାବ ରହେ ଏବଂ ରାଗ-ଦ୍ୱେଷର ପ୍ରେରଣାରେ ସେ ମାଙ୍କଡ଼ପରି ସଂସାରରେ ଏଣେତେଣେ ଡେଇଁବୁଲେ। ମନ ଯଦି ଭୋଗରେ ଏତେ ଆସକ୍ତ ହେବ, ତେବେ ତା'ର ବୁଦ୍ଧି ମଧ୍ୟ ବହୁଦିଗକୁ ଧାଇଁବ ଓ ଅସ୍ଥିର ହେବ, (୨/୪୧-୪୪)। ଏପରି ଅବସ୍ଥାରେ ତାକୁ 'ସମତ୍ୱଯୋଗ' କିପରି ମିଳିବ ? ତେଣୁ ଏପରି କୁହାଯାଇଛି।

ପ୍ରଶ୍ନ — ବଶ ହେଲା ପରେ ମନର ଲକ୍ଷଣ କିପରି ହୁଏ ?

ଉତ୍ତର — ବଶ ହୋଇଯିବା ପରେ ମନର ଚଞ୍ଚଳତା, ପ୍ରମଥନଶୀଳତା, ବଳବତ୍ତା ଓ ଅତ୍ୟାଗ୍ରହକାରିତା ଦୂର ହୋଇଯାଏ। ସରଳ, ଶାନ୍ତ ଓ ନିଷ୍କପଟ ଅନୁଗତ ଶିଷ୍ୟପରି ତାହା ଏତେ ଆଜ୍ଞାକାରୀ ହୋଇଯାଏ ଯେ, ଯେତେବେଳେ ଯେଉଁଠି, ଯେତେ ସମୟଯାଏ ତାକୁ ଲଗାଯାଏ, ସେ ଚୁପ୍‌ଚାପ୍ ସେଥିରେ ଲାଗିଯାଏ ଓ ସେପରି ଲାଗିରହିବାରେ ତିଳେ ବି ଅମାନ୍ୟ କରେ ନାହିଁ, କି ଇନ୍ଦ୍ରିୟମାନଙ୍କର କଥା ଶୁଣି କେଉଁଠିକି ଯିବାକୁ ଇଚ୍ଛା କରେ ନାହିଁ, କି ସ୍ୱେଚ୍ଛାଚାରୀ ହୁଏ ନାହିଁ, କି କ୍ଲାନ୍ତ ହୁଏ ନାହିଁ; ଉପଦ୍ରବ ମଧ୍ୟ କରେ ନାହିଁ। ଅତ୍ୟନ୍ତ ଶାନ୍ତିପୂର୍ବକ ଇଷ୍ଟ ବସ୍ତୁରେ ସେ ଏତେ ମଜ୍ଜିଯାଏ ଯେ, ତା'ର ସ୍ୱତନ୍ତ୍ର ଅସ୍ତିତ୍ୱ ଅଛି କି ନାହିଁ, ସେ ଜାଣିପାରେ ନାହିଁ। ଏହା ହିଁ ପ୍ରକୃତରେ ମନ ବଶ ହେବାର ଲକ୍ଷଣ।

ପ୍ରଶ୍ନ — ତୁ ପ୍ରୟୋଗର ଭାବ କଣ ?

ଉତ୍ତର — ମନକୁ ବଶ ନ କରିଥିବା ପୁରୁଷଠାରୁ, ବଶ କରିଥିବା ପୁରୁଷର ବିଶେଷତା ଦେଖାଇବାକୁ ହିଁ ତୁ ପ୍ରୟୋଗ କରାଯାଇଛି।

ପ୍ରଶ୍ନ — ମନକୁ ବଶ କରିପାରିଥିବା ପୁରୁଷଙ୍କୁ **ପ୍ରଯତ୍ନଶୀଳ** ହେବାପାଇଁ କହିବାର ଭାବ କଣ ?

ଉତ୍ତର — ମନ ବଶ ହୋଇଯିବା ପରେ ମଧ୍ୟ ଯଦି ପ୍ରଯତ୍ନ କରା ନ ଯାଏ ସେହି ମନକୁ ପରମାତ୍ମାଙ୍କ ଠାରେ ପୂରାପୂରି ଲଗାଇବାକୁ ତୀବ୍ର ସାଧନା କରା ନ ଯାଏ, ତେବେ ତା'ଦ୍ୱାରା ଆପେ ଆପେ ସମତ୍ୱଯୋଗ-ପ୍ରାପ୍ତି ହୁଏ ନାହିଁ। ଏଣୁ **ପ୍ରଯତ୍ନର** ଆବଶ୍ୟକତା ସିଦ୍ଧ କରିବାକୁ ହିଁ ଏପରି କୁହାଯାଇଛି।

ପ୍ରଶ୍ନ — ମନ ବଶ ହୋଇଯିବା ପରେ ସମତ୍ୱଯୋଗ-ପ୍ରାପ୍ତିର ସାଧନା କ'ଣ ?

ଉତ୍ତର — ଅନେକପ୍ରକାର ସାଧନା ଅଛି। ତନ୍ମଧ୍ୟରୁ କେତୋଟି ହେଲା —

(୧) କାମନା ଓ ସକଳ ବିଷୟ ତ୍ୟାଗ କରି ବିବେକ ଓ ବୈରାଗ୍ୟସମ୍ପନ୍ନ ହୋଇ, ପବିତ୍ର, ସ୍ଥିର ଓ ପରମାତ୍ମମୁଖୀ ବୁଦ୍ଧିଦ୍ୱାରା ମନକୁ ନିତ୍ୟ ନିରନ୍ତର ବିଜ୍ଞାନାନନ୍ଦଘନ ପରମାତ୍ମାଙ୍କ ସ୍ୱରୂପରେ ଲଗାଇ ପରମାତ୍ମାଙ୍କ ଛଡ଼ା ଅନ୍ୟ କାହାର ଚିନ୍ତନ ନ କରିବା (୬/୨୫)।

(୨) ସକଳ ଚରାଚର ଜଗତର ବାହାର-ଭିତର, ତଳ-ଉପର, ସର୍ବତ୍ର ଏକମାତ୍ର ସଚ୍ଚିଦାନନ୍ଦଘନ ପରମାତ୍ମା ହିଁ ପରିପୂର୍ଣ୍ଣ ହୋଇ ରହିଛନ୍ତି ବୋଲି ଦେଖିବା; ନିଜ ସହିତ ସମସ୍ତ ଦୃଶ୍ୟପ୍ରପଞ୍ଚକୁ ମଧ୍ୟ ପରମାତ୍ମାଙ୍କର ହିଁ ସ୍ୱରୂପ ବୋଲି ବୁଝିବା ଓ ଆକାଶରେ ଥିବା ମେଘର ଉପର, ତଳ, ବାହାର, ଭିତର ସର୍ବତ୍ର ଯେପରି ଏକମାତ୍ର ଆକାଶ ହିଁ ପରିପୂର୍ଣ୍ଣ ହୋଇ ରହିଥାଏ ଓ ତା'ର ଉପାଦାନକାରଣ ମଧ୍ୟ ଆକାଶ ହିଁ ଅଟେ, ନିଜ ସହିତ ଏହି ସମସ୍ତ ବ୍ରହ୍ମାଣ୍ଡ ସେହିପରି ସବୁଦିଗରୁ ପରମାତ୍ମାଙ୍କ ଦ୍ୱାରା ହିଁ ଓତପ୍ରୋତ ହୋଇ ରହିଛି ଓ ସବୁ ପରମାତ୍ମାଙ୍କର ହିଁ ସ୍ୱରୂପ ବୋଲି ବୁଝିବା (୧୩/୨୫)।

(୩) ଶରୀର, ଇନ୍ଦ୍ରିୟ ଓ ମନଦ୍ୱାରା ସଂସାରରେ ଯାହାକିଛି ବି କ୍ରିୟା ହେଉଛି, ସେସବୁ କେବଳ ଗୁଣମାନଙ୍କ ଦ୍ୱାରା ହିଁ ହେଉଛି ଅର୍ଥାତ୍ ଇନ୍ଦ୍ରିୟମାନେ ନିଜ ନିଜ ବିଷୟରେ ପ୍ରବୃତ୍ତ ହୋଇ ରହିଛନ୍ତି — ଏପରି ଜାଣି ନିଜକୁ ସେସବୁ କ୍ରିୟାଠାରୁ ସର୍ବଥା ପୃଥକ୍ ଏବଂ ଦ୍ରଷ୍ଟା-ସାକ୍ଷୀ ବୋଲି ବୁଝିବା ଓ ନିତ୍ୟ ବିଜ୍ଞାନାନନ୍ଦଘନ ପରମାତ୍ମାଙ୍କ ଠାରେ ଅଭିନ୍ନଭାବରେ ସ୍ଥିତ ହୋଇ ସମଷ୍ଟିବୁଦ୍ଧିଦ୍ୱାରା ନିଜର ସେହି ନିରାକାର ଅନନ୍ତ ଚେତନସ୍ୱରୂପର ଅନ୍ତର୍ଗତ ସଂକଳ୍ପର ଆଧାର ଉପରେ ରହିଥିବା ଦୃଶ୍ୟବର୍ଗକୁ କ୍ଷଣଭଙ୍ଗୁର ବୋଲି ଦେଖିବା (୫/୮-୯; ୧୪/୧୯)।

(୪) ଭଗବାନଙ୍କର ଶ୍ରୀରାମ, ଶ୍ରୀକୃଷ୍ଣ, ଶିବ,

ବିଷ୍ଣୁ, ସୂର୍ଯ୍ୟ, ଶକ୍ତି ବା ବିଶ୍ୱରୂପ ଆଦି ଯେକୌଣସି ବି ସ୍ୱରୂପକୁ ସର୍ବୋପରି ସର୍ବାନ୍ତର୍ଯାମୀ, ସର୍ବବ୍ୟାପୀ, ସର୍ବଜ୍ଞ, ସର୍ବଶକ୍ତିମାନ୍ ଏବଂ ପରମଦୟାଳୁ, ପ୍ରେମାସ୍ପଦ ପରମାତ୍ମାଙ୍କର ହିଁ ସ୍ୱରୂପ ବୋଲି ବୁଝି, ନିଜର ରୁଚି ଅନୁସାରେ ତାଙ୍କର ଚିତ୍ରପଟ ବା ପ୍ରତିମା ସ୍ଥାପନ କରି, ଅଥବା ମନଦ୍ୱାରା ନିଜ ହୃଦୟରେ ବା ବାହାରେ ଭଗବାନଙ୍କୁ ପ୍ରତ୍ୟକ୍ଷସଦୃଶ ନିଶ୍ଚୟ କରି, ଅତିଶୟ ଶ୍ରଦ୍ଧା ଓ ଭକ୍ତିର ସହିତ ନିରନ୍ତର ତାଙ୍କଠାରେ ମନ ଲଗାଇବା ତଥା ପତ୍ର-ପୁଷ୍ପ-ଫଳାଦିଦ୍ୱାରା ଅଥବା ଅନ୍ୟାନ୍ୟ ଉଚିତ ପ୍ରଣାଳୀରେ ତାଙ୍କର ସେବାପୂଜା କରିବା ଏବଂ ତାଙ୍କର ନାମ ଜପ କରିବା।

(୫) ସିଦ୍ଧି ଓ ଅସିଦ୍ଧିରେ ସମଭାବ ରଖି, ଆସକ୍ତି ଏବଂ ଫଳ ଇଚ୍ଛା ତ୍ୟାଗ କରି ଶାସ୍ତ୍ରବିହିତ କର୍ତ୍ତବ୍ୟକର୍ମ ଆଚରଣ କରିବା (୨/୪୮)।

(୬) ଶ୍ରଦ୍ଧାଭକ୍ତିପୂର୍ବକ ସବୁକିଛି ଭଗବାନଙ୍କର ବୋଲି ବୁଝି କେବଳ ଭଗବାନଙ୍କ ପାଇଁ ହିଁ ଯଜ୍ଞ, ଦାନ, ତପ ଓ ସେବା ଆଦି ଶାସ୍ତ୍ରୋକ୍ତ କର୍ମ ଆଚରଣ କରିବା (୧୨/୧୦)।

(୭) ସକଳ କର୍ମକୁ ଏବଂ ନିଜେ-ନିଜକୁ ଭଗବାନଙ୍କ ଠାରେ ଅର୍ପଣ କରିଦେଇ, ମମତ୍ୱଶୂନ୍ୟ ଓ ଆସକ୍ତିରହିତ ହୋଇ, ନିରନ୍ତର ଭଗବାନଙ୍କୁ ସ୍ମରଣ କରି, କାଠକଣ୍ଢେଇପରି ଭଗବାନ୍ ଯେପରି ଯାହା କରାଇବେ, ପ୍ରସନ୍ନତାପୂର୍ବକ ତାହା କରିଚାଲିବା (୧୮/୫୭)।

ଏସବୁ ବ୍ୟତୀତ ଆହୁରି ଅନେକ ସାଧନା ରହିଛି। ଏହି ମନକୁ ବଶ କରିବାପାଇଁ ଯେଉଁସବୁ ସାଧନା କୁହାଯାଇଛି, ମନ ବଶ ହେବା ପରେ, ଶ୍ରଦ୍ଧା ଓ ପ୍ରେମର ସହିତ ପରମାତ୍ମପ୍ରାପ୍ତି ଉଦ୍ଦେଶ୍ୟରେ ସେହିସବୁ ସାଧନା କରିଚାଲିଲେ, ସେସବୁଦ୍ୱାରା ମଧ୍ୟ ସମତ୍ୱଯୋଗ ପ୍ରାପ୍ତ ହୋଇପାରେ।

ସମ୍ବନ୍ଧ — *ଯୋଗସିଦ୍ଧିପାଇଁ ମନକୁ ବଶ କରିବା ପରମ ଆବଶ୍ୟକ ବୋଲି କୁହାଗଲା। ଏହା ଉପରେ ପ୍ରଶ୍ନ ହେଉଛି, 'ଯାହାଙ୍କର ମନ ବଶରେ ନାହିଁ, ଅଥଚ ଯୋଗରେ ଶ୍ରଦ୍ଧା ରହିଥିବାରୁ ଯେ ଭଗବତ୍‌ପ୍ରାପ୍ତିପାଇଁ ସାଧନା କରୁଛନ୍ତି, ମରିଯିବା ପରେ ତାଙ୍କର କେଉଁ ଗତି ହୁଏ ?' ତେଣୁ ଅର୍ଜୁନ ପଚାରୁଛନ୍ତି—*

ଅର୍ଜୁନ ଉବାଚ

ଅଯତିଃ ଶ୍ରଦ୍ଧୟୋପେତୋ ଯୋଗାଚ୍ଚଳିତମାନସଃ ।
ଅପ୍ରାପ୍ୟ ଯୋଗସଂସିଦ୍ଧିଂ କାଂ ଗତିଂ କୃଷ୍ଣ ଗଚ୍ଛତି ।। ୩୭ ।।

ଅନ୍ୱୟ — **କୃଷ୍ଣ** = ହେ ଶ୍ରୀକୃଷ୍ଣ; **ଶ୍ରଦ୍ଧୟା, ଉପେତଃ** = ଯେ ଯୋଗରେ ଶ୍ରଦ୍ଧା ରଖେ; **ଅଯତିଃ** = (କିନ୍ତୁ) ସଂଯମୀ ନୁହେଁ (ଓ ସେହି କାରଣରୁ); **ଯୋଗାତ୍‌ଚଳିତମାନସଃ** = ଅନ୍ତକାଳରେ ଯାହାଙ୍କର ମନ ଯୋଗରୁ ବିଚଳିତ ହୋଇଯାଏ (ସେପରି ସାଧକ ଯୋଗୀ); **ଯୋଗସଂସିଦ୍ଧିମ୍** = ଯୋଗ-ସିଦ୍ଧିକୁ ଅର୍ଥାତ୍ ଭଗବତ୍ ସାକ୍ଷାତ୍‌କାରକୁ; **ଅପ୍ରାପ୍ୟ** = ପ୍ରାପ୍ତ ନ ହୋଇ; **କାମ୍** = କେଉଁ; **ଗତିମ୍** = ଗତି; **ଗଚ୍ଛତି** = ପ୍ରାପ୍ତ ହୁଏ ?

ଅର୍ଜୁନ ପଚାରିଲେ — ହେ ଶ୍ରୀକୃଷ୍ଣ ! ଯେ ଯୋଗରେ ଶ୍ରଦ୍ଧା ରଖନ୍ତି କିନ୍ତୁ ସଂଯମୀ ନୁହନ୍ତି ଏବଂ ସେହି କାରଣରୁ ଯାହାଙ୍କ ମନ ଅନ୍ତକାଳରେ ଯୋଗରୁ ବିଚଳିତ ହୋଇଯାଏ, ସେପରି ସାଧକ ଯୋଗସିଦ୍ଧି ଅର୍ଥାତ୍ ଭଗବତ୍‌ସାକ୍ଷାତ୍‌କାର ପ୍ରାପ୍ତି କରି ନ ପାରି କେଉଁ ଗତି ପ୍ରାପ୍ତ ହୁଅନ୍ତି ?।। ୩୭ ।।

ପ୍ରଶ୍ନ — ଏଠାରେ **ଅଯତିଃ**ର ଅର୍ଥ 'ପ୍ରଯତ୍ନରହିତ' ନ କରି 'ଅସଂଯମୀ' କାହିଁକି କରାଗଲା ?

ଉତ୍ତର — ଗତ ଶ୍ଲୋକରେ ଯାହାର ମନ ବଶ ହୋଇ ନାହିଁ, ସେହି 'ଅସଂଯତାତ୍ମା' ପକ୍ଷରେ ଯୋଗ ପ୍ରାପ୍ତ ହେବା କଠିନ ବୋଲି କୁହାଯାଇଛି। ସେହି କଥାଟି ହେଉଛି ଅର୍ଜୁନଙ୍କ ଏହି ପ୍ରଶ୍ନର ବୀଜ। ତା'ଛଡ଼ା ଶ୍ରଦ୍ଧାଳୁ ପୁରୁଷଙ୍କ ଦ୍ୱାରା ପ୍ରଯତ୍ନ ନ ହେବାର ଶଙ୍କା ମଧ୍ୟ ନାହିଁ। ଏପରିଭାବରେ ବଶ କରାଯାଇଥିବା ମନ ଯେ ବିଚଳିତ ହେବ, ତାହା ମଧ୍ୟ ଶଙ୍କା କରାଯାଇ ନ ପାରେ। ଏହିସବୁ କାରଣରୁ **ଅଯତିଃ**ର ଅର୍ଥ 'ପ୍ରଯତ୍ନ ନ କରୁଥିବା

ଲୋକ' ବୋଲି ନ କରି 'ଯେ ମନକୁ ଜୟ କରିପାରି ନାହିଁ' ବୋଲି ଧରାଗଲା। ତେଣୁ ଏପରି ସାଧକଙ୍କୁ ଲକ୍ଷ୍ୟ କରି 'ଅସଂଯମୀ' ଅର୍ଥ କରାଯାଇଅଛି।

ପ୍ରଶ୍ନ – ଏଠାରେ **ଯୋଗ** ଶବ୍ଦ କାହାର ବାଚକ? ତଦ୍ଦ୍ୱାରା ମନ ବିଚଳିତ ହୋଇଯିବା କଣ ଏବଂ ଶ୍ରଦ୍ଧାଯୁକ୍ତ ମନୁଷ୍ୟଙ୍କ ମନ ସେହି ଯୋଗରୁ ବିଚଳିତ ହୋଇଯାଉଥିବାର କାରଣ କଣ?

ଉତ୍ତର – ଏଠାରେ **ଯୋଗ** ଶବ୍ଦ ହେଉଛି ପରମାତ୍ମପ୍ରାପ୍ତି ଉଦ୍ଦେଶ୍ୟରେ କରାଯାଉଥିବା ସାଂଖ୍ୟଯୋଗ, ଭକ୍ତିଯୋଗ, ଧ୍ୟାନଯୋଗ, କର୍ମଯୋଗ ଆଦି ସବୁ ସାଧନାରୁ ଲାଭ କରାଯାଉଥିବା ସମତ୍ୱଭାବର ବାଚକ। ଶରୀରରୁ ପ୍ରାଣ ଚାଲିଯିବା ସମୟରେ ସମତ୍ୱଭାବରୁ ବା ପରମାତ୍ମାଙ୍କ ସ୍ୱରୂପରୁ ମନ ବିଚଳିତ ହୋଇଯିବା ହିଁ ଯୋଗରୁ ମନ ବିଚଳିତ ହୋଇଯିବା। ମନର ଚଞ୍ଚଳତା, ଆପତ୍ତି, କାମନା, ଶାରୀରିକ ପୀଡ଼ା ଓ ମୂର୍ଚ୍ଛା ଆଦି ବିଭିନ୍ନ କାରଣରୁ ମନ ଏପରି ବିଚଳିତ ହୋଇଥାଏ।

ପ୍ରଶ୍ନ – **ଯୋଗସଂସିଦ୍ଧିମ୍** ପଦ କେଉଁ ସିଦ୍ଧିର ବାଚକ ଓ 'ତାହା ପ୍ରାପ୍ତ ନ ହେବା' କହିଲେ କଣ ବୁଝାଏ?

ଉତ୍ତର – ପରମାତ୍ମପ୍ରାପ୍ତି ହିଁ ସବୁପ୍ରକାର ଯୋଗର ପରିଣାମରୂପକ ସମତ୍ୱଭାବର ଫଳ; ଏଠାରେ **ଯୋଗସଂସିଦ୍ଧିମ୍** ପଦଟି ହେଉଛି ସେହି ଫଳର ବାଚକ। ମରଣକାଳରେ ସମତ୍ୱଭାବରୂପକ ଯୋଗରୁ ବା ଭଗବାନଙ୍କ ସ୍ୱରୂପରୁ ମନ ବିଚଳିତ ହୋଇଯିବା ଫଳରେ ପରମାତ୍ମାଙ୍କର ସାକ୍ଷାତ୍ ନ ହେବା ହିଁ ତାଙ୍କୁ ପ୍ରାପ୍ତ ନ ହେବା।

ପ୍ରଶ୍ନ – ଏଠାରେ 'ଯୋଗରୁ ବିଚଳିତ ହୋଇଯିବା'ର ଅର୍ଥ 'ମୃତ୍ୟୁସମୟରେ ସମତ୍ୱରୁ ବିଚଳିତ ହୋଇଯିବା' ବୋଲି ନ ଧରି ଯଦି ଧରିନେବା ଯେ, ଅର୍ଜୁନଙ୍କ ପ୍ରଶ୍ନର ଅଭିପ୍ରାୟ ହେଉଛି, "ଯେଉଁ ସାଧକ କର୍ମଯୋଗ, ଧ୍ୟାନଯୋଗ ଆଦି ସାଧନା କରୁ କରୁ ସେହି ସାଧନାକୁ ଛାଡ଼ି ବିଷୟଭୋଗରେ ଲାଗିଯାଏ, ତା'ର କି ଗତି ହୁଏ?", ତେବେ କ୍ଷତି କଣ?

ଉତ୍ତର – ଅର୍ଜୁନଙ୍କ ପ୍ରଶ୍ନର ଉତ୍ତର ଦେବା ସମୟରେ ଭଗବାନ୍ ମୃତ୍ୟୁର ପରବର୍ତ୍ତୀ ଗତି ବର୍ଣ୍ଣନା କରିଛନ୍ତି ଓ ସେହି ସାଧକର ଅନ୍ୟ ଜନ୍ମର କଥା କହିଛନ୍ତି। ଏଥିରୁ ଏହା ସ୍ପଷ୍ଟ ହୋଇଯାଉଛି ଯେ, ଏଠାରେ ଅର୍ଜୁନଙ୍କ ପ୍ରଶ୍ନ ମୃତ୍ୟୁକାଳୀନ ଅବସ୍ଥାସମ୍ବନ୍ଧୀୟ ହିଁ ଅଟେ। ଏହା ବ୍ୟତୀତ 'ଗତି' ଶବ୍ଦ ମଧ୍ୟ ପ୍ରାୟ ମରିବା ପରେ ହେଉଥିବା ପରିଣାମର ହିଁ ସୂଚକ। ଏହାଦ୍ୱାରା ମଧ୍ୟ ଏଠାରେ ଅନ୍ତକାଳର ପ୍ରକରଣ ଆସିଛି ବୋଲି ମାନିବା ଉଚିତ।

କଚ୍ଚିନ୍ନୋଭୟବିଭ୍ରଷ୍ଟଶ୍ଛିନ୍ନାଭ୍ରମିବ ନଶ୍ୟତି।
ଅପ୍ରତିଷ୍ଠୋ ମହାବାହୋ ବିମୂଢୋ ବ୍ରହ୍ମଣଃ ପଥି।। ୩୮ ।।

ଅନ୍ୱୟ – ମହାବାହୋ = ହେ ମହାବାହୁ; **କଚ୍ଚିତ୍** = କଣ (ସେହି); **ବ୍ରହ୍ମଣଃ, ପଥି** = ଭଗବତ୍‌ପ୍ରାପ୍ତି ମାର୍ଗରେ; **ବିମୂଢଃ** = ମୋହିତ (ଓ); **ଅପ୍ରତିଷ୍ଠଃ** = ଆଶ୍ରୟରହିତ ହୋଇଯାଇଥିବା ପୁରୁଷ; **ଛିନ୍ନାଭ୍ରମ୍** = ଛିନ୍ନଭିନ୍ନ ମେଘ; **ଇବ** = ପରି; **ଉଭୟବିଭ୍ରଷ୍ଟଃ** = ଉଭୟ ଦିଗରୁ ଭ୍ରଷ୍ଟ ହୋଇ; **ନ, ନଶ୍ୟତି** = ନଷ୍ଟ ହୋଇଯାଏ ନାହିଁ କି?

ହେ ମହାବାହୋ! କ'ଣ ସେହି ଭଗବତ୍‌ପ୍ରାପ୍ତି-ମାର୍ଗରେ ମୋହିତ ଓ ଆଶ୍ରୟରହିତ ହୋଇଯାଇଥିବା ପୁରୁଷ ଛିନ୍ନଭିନ୍ନ ମେଘପରି ଉଭୟ ଦିଗରୁ ଭ୍ରଷ୍ଟ ହୋଇ ନଷ୍ଟ ହୋଇଯାନ୍ତି ନାହିଁ କି?।। ୩୮ ।।

ପ୍ରଶ୍ନ – ଭଗବତ୍‌ପ୍ରାପ୍ତି-ମାର୍ଗରେ ମୋହିତ ହୋଇଯିବା ଏବଂ ଆଶ୍ରୟରହିତ ହୋଇଯିବା କଣ?

ଉତ୍ତର – ମନର ଚଞ୍ଚଳତା ତଥା ବିବେକ ଓ ବୈରାଗ୍ୟର ଅଭାବହେତୁ ଭଗବତ୍‌ପ୍ରାପ୍ତିସାଧନାରୁ ମନ ବିଚଳିତ ହୋଇଯାଏ ଏବଂ ଫଳତଃ ପରମାତ୍ମପ୍ରାପ୍ତି ହୁଏ ନାହିଁ ତଥା ଫଳକାମନା ତ୍ୟାଗ କରିଦେବାରୁ ଶୁଭକର୍ମର ଫଳରୂପ ସ୍ୱର୍ଗାଦିଲୋକ ମିଳେ ନାହିଁ। ଏସବୁ ହିଁ ପୁରୁଷର ଭଗବତ୍‌ପ୍ରାପ୍ତି-ମାର୍ଗରେ ମୋହିତ ଏବଂ ଆଶ୍ରୟରହିତ ହୋଇଯିବା।

ପ୍ରଶ୍ନ – 'ଛିନ୍ନଭିନ୍ନ ମେଘପରି ଉଭୟ ଦିଗରୁ ଭ୍ରଷ୍ଟ ହୋଇ ନଷ୍ଟ ହୋଇଯିବା' କହିଲେ କଣ ବୁଝାଏ?

ଉତ୍ତର – ଏଠାରେ ଅର୍ଜୁନଙ୍କ ଅଭିପ୍ରାୟ ଏହି ଯେ, ଜୀବନସାରା ଫଳେଚ୍ଛା ତ୍ୟାଗ କରି କର୍ମ କରିବାଦ୍ୱାରା ସ୍ୱର୍ଗାଦି ଭୋଗ ତ ତା'କୁ ମିଳେ ନାହିଁ ଏବଂ ଅନ୍ତସମୟରେ

ପରମାତ୍ମପ୍ରାପ୍ତି-ସାଧନାରୁ ମନ ବିଚଳିତ ହୋଇଯିବାରୁ ଭଗବତ୍‌ପ୍ରାପ୍ତି ମଧ୍ୟ ହୁଏ ନାହିଁ। ଅତଏବ ମେଘର ଖଣ୍ଡେ ଅଂଶ ଅଲଗା ହୋଇଯିବା ପରେ ବାହା ଯେପରି ଆଉ ଅନ୍ୟ ମେଘ ସହିତ ସଂଯୁକ୍ତ ନ ହୋଇ ନଷ୍ଟଭ୍ରଷ୍ଟ ହୋଇଯାଏ, ସେହି ସାଧକ ସେହିପରି ସ୍ୱର୍ଗାଦିଲୋକ ଓ ପରମାତ୍ମା ଉଭୟର ପ୍ରାପ୍ତିରୁ ବଞ୍ଚିତ ହୋଇ ନଷ୍ଟ ହୋଇଯାଏ ନାହିଁ କି ଅର୍ଥାତ୍ ତା'ର ଅଧୋଗତି ହୁଏ ନାହିଁ କି ବୋଲି ଅର୍ଜୁନ ପ୍ରଶ୍ନ କରୁଛନ୍ତି।

ସମ୍ବନ୍ଧ — ଏହିପରି ଶଙ୍କା ପ୍ରକାଶ କରି, ବର୍ତ୍ତମାନ ଅର୍ଜୁନ ସେଥିରୁ ନିବୃତ୍ତିପାଇଁ ଭଗବାନଙ୍କ ପାଖେ ପ୍ରାର୍ଥନା କରୁଛନ୍ତି—

ଏତନ୍ମେ ସଂଶୟଂ କୃଷ୍ଣ ଛେତ୍ତୁମର୍ହସ୍ୟଶେଷତଃ।
ତ୍ୱଦନ୍ୟଃ ସଂଶୟସ୍ୟାସ୍ୟ ଛେତ୍ତା ନ ହ୍ୟୁପପଦ୍ୟତେ।। ୩୯ ।।

ଅନ୍ୱୟ — **କୃଷ୍ଣ** = ହେ ଶ୍ରୀକୃଷ୍ଣ; **ମେ** = ମୋର; **ଏତତ୍**= ଏହି; **ସଂଶୟମ୍** = ସଂଶୟକୁ; **ଅଶେଷତଃ** = ସମ୍ପୂର୍ଣ୍ଣରୂପେ; **ଛେତ୍ତୁମ୍** = ଛେଦନ କରିବାକୁ; **ଅର୍ହସି** = ଆପଣ ହିଁ ସମର୍ଥ ଅଟନ୍ତି; **ହି** = କାରଣ; **ତ୍ୱଦନ୍ୟ** = ଆପଣଙ୍କୁ ଛାଡ଼ିଦେଲେ ଅନ୍ୟ କେହି; **ଅସ୍ୟ** = ଏହି; **ସଂଶୟସ୍ୟ** = ସଂଶୟର; **ଛେତ୍ତା** = ଛେଦନକାରୀ; **ନ, ଉପପଦ୍ୟତେ** = ମିଳିବା ସମ୍ଭବ ନୁହେଁ।

ହେ ଶ୍ରୀକୃଷ୍ଣ ! ମୋର ଏହି ସଂଶୟ ସଂପୂର୍ଣ୍ଣରୂପେ ଛେଦନ କରିବାକୁ ଆପଣ ହିଁ ସମର୍ଥ ଅଟନ୍ତି; କାରଣ ଆପଣଙ୍କ ବ୍ୟତୀତ ଅନ୍ୟ କେହି ଏହି ସଂଶୟର ଛେଦନକାରୀ ମିଳିବା ସମ୍ଭବ ନୁହେଁ।। ୩୯ ।।

ପ୍ରଶ୍ନ — ଅର୍ଜୁନଙ୍କ ଏହି କଥାର ସ୍ୱୀକରଣ କରନ୍ତୁ ?

ଉତ୍ତର — ଏଠାରେ ଅର୍ଜୁନ ମୃତ୍ୟୁପରବର୍ତ୍ତୀ ଗତି ବିଷୟ ଜାଣିବାକୁ ଚାହୁଁଛନ୍ତି। ଏହା ଏପରି ଏକ ରହସ୍ୟ ଯେ, ଏହାର ଉଦ୍‌ଘାଟନ କେହି ବୁଦ୍ଧି ଓ ତର୍କବଳରେ କରିପାରିବ ନାହିଁ। ଏହି ରହସ୍ୟ କେବଳ ସେହି ଜାଣିପାରିବେ, ଯେ କର୍ମର ସମସ୍ତ ଫଳ, ସୃଷ୍ଟିର ସମସ୍ତ ନିୟମ ଓ ସକଳ ଲୋକର ରହସ୍ୟ ସହିତ ପୂର୍ଣ୍ଣରୂପେ ପରିଚିତ। ଲୋକ-ଲୋକାନ୍ତରର ଦେବତା, ସର୍ବତ୍ର ବିତରଣ କରିବାକୁ ସମର୍ଥ ଋଷି-ମୁନି ଓ ତପସ୍ୱୀ ତଥା ବିଭିନ୍ନ ଲୋକର ଘଟଣାବଳୀ ଦେଖିବା ଓ ଜାଣିବାର ସାମର୍ଥ୍ୟ ଥିବା ଯୋଗୀ ଏସବୁ କଥା କେତେବାଂଶରେ ଜାଣନ୍ତି। ପରନ୍ତୁ ସେମାନଙ୍କର ଜ୍ଞାନ ମଧ୍ୟ ସୀମିତ ହିଁ ଅଟେ। ଏହାର ପୂର୍ଣ୍ଣ ରହସ୍ୟ ତ ସମସ୍ତଙ୍କର ଏକମାତ୍ର ସ୍ୱାମୀ ସ୍ୱୟଂ ଶ୍ରୀଭଗବାନ୍ ହିଁ ଜାଣନ୍ତି। ଭଗବାନ୍ ଶ୍ରୀକୃଷ୍ଣଙ୍କ ପ୍ରଭାବ ତ ଅର୍ଜୁନ ଆଗରୁ ଜାଣିଥିଲେ। ପୁଣି ଭଗବାନ୍ ଏବେ ଏବେ ଚତୁର୍ଥ ଅଧ୍ୟାୟରେ ନିଜକୁ 'ଜନ୍ମରହସ୍ୟାନ୍ତରଜ୍ଞାତା ଜାଣିଥିବା' (୪/୫), ଅଜନ୍ମା, ଅବିନାଶୀ ତଥା ସବୁ ପ୍ରାଣୀଙ୍କର ଈଶ୍ୱର (୪/୬), 'ଗୁଣକର୍ମାନୁସାରେ ସମସ୍ତଙ୍କର ସୃଷ୍ଟିକର୍ତ୍ତା (୪/୧୩) ଓ ପଞ୍ଚମ ଅଧ୍ୟାୟର ଶେଷରେ 'ସବୁଲୋକର ମହାନ୍ ଈଶ୍ୱର' ବୋଲି ଯାହା କହିଛନ୍ତି, ତାହା ଦ୍ୱାରା ଭଗବାନ୍ ଶ୍ରୀକୃଷ୍ଣଙ୍କର ପରମେଶ୍ୱରତ୍ୱରେ ଅର୍ଜୁନଙ୍କର ବିଶ୍ୱାସ ଆହୁରି ବଢ଼ିଯାଇଛି। ତେଣୁ ସେ କହୁଛନ୍ତି, "ଆପଣଙ୍କ ବ୍ୟତୀତ ମୋତେ ଅନ୍ୟ କେହି ମିଳିପାରିବେ ନାହିଁ, ଯେ କି ମୋର ଏହି ସଂଶୟକୁ ପୂର୍ଣ୍ଣରୂପେ ଛେଦନ କରିପାରିବେ। ଏହି ସଂଶୟ ସମୂଳେ ନାଶ କରିଦେବାକୁ ତ ଏକମାତ୍ର ଆପଣ ହିଁ ସମର୍ଥ।" ତେଣୁ ସେ ଭଗବାନଙ୍କ ପାଖେ ନିଜର ବିଶ୍ୱାସ ପ୍ରକଟ କରି ପ୍ରାର୍ଥନା କରୁଛନ୍ତି, "ଆପଣ ସର୍ବାନ୍ତର୍ଯାମୀ, ସର୍ବଜ୍ଞ, ସର୍ବଶକ୍ତିମାନ୍, ସକଳ ମର୍ଯ୍ୟାଦାର ନିର୍ମାତା ଓ ନିୟନ୍ତ୍ରଣକର୍ତ୍ତା ସାକ୍ଷାତ୍ ପରମେଶ୍ୱର। ଅନନ୍ତ କୋଟି ବ୍ରହ୍ମାଣ୍ଡର ଅନନ୍ତ ଜୀବଙ୍କର ସମସ୍ତ ଗତିର ରହସ୍ୟ ଆପଣଙ୍କୁ ଜଣା ଓ ସମସ୍ତ ଲୋକ-ଲୋକାନ୍ତରର ତ୍ରିକାଳରେ ହେବାକୁ ଥିବା ସମସ୍ତ ଘଟଣା ଆପଣଙ୍କ ପାଇଁ ସଦା ହିଁ ପ୍ରତ୍ୟକ୍ଷ। ଏପରି ଅବସ୍ଥାରେ ଯୋଗଭ୍ରଷ୍ଟ ପୁରୁଷମାନଙ୍କ ଗତିର ବର୍ଣ୍ଣନା କରିବା ଆପଣଙ୍କ ପକ୍ଷରେ ଅତି ସହଜ। ଯେତେବେଳେ ଆପଣ ସ୍ୱୟଂ ଏଠାରେ ଉପସ୍ଥିତ ଅଛନ୍ତି, ମୁଁ ଆଉ କାହାକୁ କାହିଁକି ପଚାରିବି ଓ ପ୍ରକୃତରେ ଆପଣଙ୍କ ବ୍ୟତୀତ ଏହି ରହସ୍ୟ ଅନ୍ୟ କିଏ ବା କିପରି କହିପାରିବ ? ଅତଏବ କୃପା କରି ଆପଣ ହିଁ ଏହି ରହସ୍ୟ ଖୋଲିଦେଇ ମୋର ସଂଶୟଜାଲକୁ ଛେଦନ କରନ୍ତୁ।"

ପୂର୍ବତ୍ତ – ଅର୍ଜୁନ ପଚାରିଥିଲେ, 'ଯୋଗରୁ ବିଚଳିତ ହୋଇଥିବା ସାଧକ ଉଭୟ ଦିଗରୁ ଭ୍ରଷ୍ଟ ହୋଇ ନଷ୍ଟ ହୋଇଯା'ନ୍ତି ନାହିଁ ତ ?'' ଭଗବାନ୍ ତା'ର ଉତ୍ତର ଦେଇଛନ୍ତି –

ଶ୍ରୀଭଗବାନୁବାଚ

ପାର୍ଥ ନୈବେହ ନାମୁତ୍ର ବିନାଶସ୍ତସ୍ୟ ବିଦ୍ୟତେ।
ନ ହି କଲ୍ୟାଣକୃତ୍ କଶ୍ଚିଦ୍‌ଦୁର୍ଗତିଂ ତାତ ଗଚ୍ଛତି।। ୪୦ ।।

ଅନ୍ୱୟ – ପାର୍ଥ = ହେ ପାର୍ଥ; ତସ୍ୟ = ସେହି ପୁରୁଷର; ନ = ନା; ଇହ = ଏହି ଲୋକରେ; ବିନାଶଃ = ବିନାଶ; ବିଦ୍ୟତେ = ହୁଏ; ନ = ନା; ଅମୁତ୍ର = ପରଲୋକରେ; ଏବ = ହିଁ; ହି = କାରଣ; ତାତ = ହେ ପ୍ରିୟ; କଲ୍ୟାଣକୃତ୍ = ଆତ୍ମୋଦ୍ଧାରପାଇଁ ଅର୍ଥାତ୍ ଭଗବତ୍‌ପ୍ରାପ୍ତିପାଇଁ କର୍ମ କରୁଥିବା; କଶ୍ଚିତ୍ = କୌଣସି ବି ପୁରୁଷ; ଦୁର୍ଗତିମ୍ = ଦୁର୍ଗତିକୁ; ନ, ଗଚ୍ଛତି = ପ୍ରାପ୍ତ ହୁଏ ନାହିଁ।

ଶ୍ରୀଭଗବାନ୍ କହିଲେ – ହେ ପାର୍ଥ ! ସେହି ପୁରୁଷଙ୍କର ଇହଲୋକରେ ବିନାଶ ହୁଏ ନାହିଁ, କି ପରଲୋକରେ ବିନାଶ ହୁଏ ନାହିଁ; କାରଣ ହେ ପ୍ରିୟ ! ଆତ୍ମୋଦ୍ଧାରପାଇଁ ଅର୍ଥାତ୍ ଭଗବତ୍‌ପ୍ରାପ୍ତିପାଇଁ କର୍ମ କରୁଥିବା କୌଣସି ବି ପୁରୁଷ ଦୁର୍ଗତି ପ୍ରାପ୍ତ ହୁଅନ୍ତି ନାହିଁ।। ୪୦ ।।

ପ୍ରଶ୍ନ – 'ଯୋଗରୁ ବିଚଳିତ ହୋଇଥିବା ସାଧକଙ୍କର ଇହଲୋକ କି ପରଲୋକରେ ନାଶ ହୁଏ ନାହିଁ' – ଏହି ଉକ୍ତିର ଅଭିପ୍ରାୟ କଣ ?

ଉତ୍ତର – ବର୍ତ୍ତମାନ ସ୍ଥିତିରୁ ପତନ ହୋଇଯିବାକୁ ହିଁ ନଷ୍ଟ ହୋଇଯିବା କହନ୍ତି। ଏଣୁ ମୃତ୍ୟୁପରେ ଯୋଗଭ୍ରଷ୍ଟଙ୍କର ଯଦି ଏହି ମନୁଷ୍ୟଲୋକରେ ହିଁ ଜନ୍ମ ହୁଏ, ତେବେ ଏଠାରେ ମଧ୍ୟ ପ୍ରଥମସ୍ଥିତିରୁ ପତନ ହୁଏ ନାହିଁ; ଉତ୍‌ଥାନ ହିଁ ହୁଏ ଓ ଯଦି ସ୍ୱର୍ଗାଦି ଅନ୍ୟ ଲୋକରେ ଜନ୍ମ ହୁଏ, ତେବେ ସେଠାରେ ମଧ୍ୟ ପତନ ହୁଏ ନାହିଁ; ଉତ୍‌ଥାନ ହିଁ ହୁଏ। ଏହି କାରଣରୁ ତାଙ୍କର ଏହି ଲୋକରେ ନୁହେଁ, କି ପରଲୋକରେ ନୁହେଁ, କେଉଁଠି ବି ବିନାଶ ହୁଏ ନାହିଁ। ସେ ଯେଉଁଠି ରହନ୍ତି, ପରମାତ୍ମାଙ୍କ ମାର୍ଗରେ ଅଗ୍ରସର ହିଁ ହୁଅନ୍ତି। ଭଗବାନ୍ ଏପରିଭାବରେ ଅର୍ଜୁନଙ୍କ ଉଭୟଭ୍ରଷ୍ଟ-ବିଷୟକ ଶଙ୍କାର ଉତ୍ତର ସଂକ୍ଷେପରେ ଦେଇଛନ୍ତି। ଅଭିପ୍ରାୟ ଏହି ଯେ, ସେ ଇହଲୋକର ବା ପରଲୋକର ଭୋଗରୁ ବଞ୍ଚିତ ହୁଅନ୍ତି ନାହିଁ, କି ଯୋଗସିଦ୍ଧିରୂପକ ପରମାତ୍ମପ୍ରାପ୍ତିରୁ ବଞ୍ଚିତ ହୁଅନ୍ତି ନାହିଁ।

ପ୍ରଶ୍ନ – ଏଠାରେ ହି ଅବ୍ୟୟ କେଉଁ ଅର୍ଥରେ ଦିଆଯାଇଛି ? ଓ ତା ସହିତ 'କଲ୍ୟାଣପାଇଁ ସାଧନା କରୁଥିବା କୌଣସି ବି ମନୁଷ୍ୟଙ୍କର ଦୁର୍ଗତି ହୁଏ ନାହିଁ' – କହିବାର ଅଭିପ୍ରାୟ କଣ ?

ଉତ୍ତର – ଏଠାରେ ହି ଅବ୍ୟୟ ହେତୁବାଚକ ଓ ଏହା ସହିତ ଉପରୋକ୍ତ କଥନଦ୍ୱାରା ଭଗବାନ୍ ସାଧକଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ଯେଉଁ ସାଧକ ନିଜ ଶକ୍ତି ଅନୁସାରେ ଶ୍ରଦ୍ଧାପୂର୍ବକ କଲ୍ୟାଣପାଇଁ ସାଧନା କରିବେ, ତାଙ୍କର କୌଣସି ବି କାରଣରୁ କେବେ ବି ଶୂକର, କୁକୁର, କୀଟ, ପତଙ୍ଗ ଆଦି ନୀଚଯୋନିରେ ଜନ୍ମିବାପରି ବା କୁମ୍ଭୀପାକ ଆଦି ନର୍କରେ ପଡ଼ିବାପରି ଦୁର୍ଗତି ହୋଇପାରିବ ନାହିଁ।

ପ୍ରଶ୍ନ – ଭଗବତ୍‌ପ୍ରାପ୍ତିପାଇଁ କର୍ମ କରୁଥିବା କୌଣସି ବି ପୁରୁଷ ଦୁର୍ଗତି ପ୍ରାପ୍ତ ହୁଅନ୍ତି ନାହିଁ ବୋଲି ଯାହା କୁହାଯାଇଛି, ତାହା କିପରି ସମ୍ଭବ ? କାରଣ ମନୁଷ୍ୟର ଯେଉଁ ପୂର୍ବକୃତ ପାପ ରହିଥାଏ, ତା'ର ଫଳସ୍ୱରୂପ ମୃତ୍ୟୁପରେ ତ ତା'ର ଦୁର୍ଗତି ମଧ୍ୟ ହୋଇପାରେ ?

ଉତ୍ତର – ପୂର୍ବକୃତ ପାପ ଥିଲେ ମଧ୍ୟ ଭଗବତ୍‌ପ୍ରାପ୍ତିପାଇଁ ଅର୍ଥାତ୍ ଆତ୍ମୋଦ୍ଧାରପାଇଁ କର୍ମ କରୁଥିବା କୌଣସି ବି ଲୋକର ଦୁର୍ଗତି ଯେ ହୁଏ ନାହିଁ, ତାହା ଠିକ୍। ମନେ କରନ୍ତୁ, ଜଣେ କିଛି ଋଣ କରିଛନ୍ତି; ତାଙ୍କୁ ସେହି ଟଙ୍କା ଫେରାଇଚାକୁ ପଡ଼ିବ। କିନ୍ତୁ ସେ ଚେଇମାନ୍ ନୁହନ୍ତି; ତାଙ୍କ ପାଖରେ ଯାହା କିଛି ଥିଲା, ତାହା ପୂରାପୂରି ମହାଜନକୁ ଦେଇଦେଲେ; ଯାହା କିଛି ଉପାର୍ଜନ କରୁଛନ୍ତି, ତାହା ମଧ୍ୟ ସତ୍ ଉଦ୍ଦେଶ୍ୟ ରଖି ଦେଇଆସୁଛନ୍ତି ଓ ଦେବାକୁ ଚାହାଁନ୍ତି। ଏପରି ଅବସ୍ଥାରେ

ଦୟାଳୁ ମହାଜନ ତାଙ୍କୁ ଜରିଦି କରାନ୍ତି ନାହିଁ; ଯେତେଦିନ ତାଙ୍କର ଉଦ୍ଦେଶ୍ୟ ଠିକ୍ ରହେ, ସେ ତାଙ୍କୁ ଅବକାଶ ଦେଇଚାଲନ୍ତି। ଠିକ୍ ସେହିପରି ଭଗବାନ୍ ମଧ୍ୟ ଭଗବତ୍‌ପ୍ରାପ୍ତିପାଇଁ ସାଧନା କରୁଥିବା ପୁରୁଷଙ୍କ ଶୁଦ୍ଧ ଭାବନା ଦେଖି, ତାଙ୍କ ପାପର ଫଳ ରୋକିଦେଇ, ତାଙ୍କୁ ସାଧନା କରି ସମସ୍ତ ବନ୍ଧନରୁ ମୁକ୍ତ ହୋଇଯିବାକୁ ସୁଯୋଗ ଦିଅନ୍ତି। ଯେଉଁଠି ସାଧାରଣ ମହାଜନ ବି ଗଣୀକୁ ଋଣ ସୁଝିବାପାଇଁ ଅବସର ଦିଅନ୍ତି, ସେଠାରେ ପରମ ଦୟାଳୁ ଭଗବାନ୍ ଯେ ସାଧକଙ୍କୁ ଏପରି ଅବସର ଦେବେ, ସେଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି?

ପ୍ରଶ୍ନ – ରାଜା ଭରତ ତ ଆତ୍ମୋଦ୍ଧାରପାଇଁ ହିଁ ସାଧନା କରୁଥିଲେ, ତଥାପି ସେ ମୃତ୍ୟୁପରେ ହରିଣଯୋନିରେ ଜନ୍ମ ନେଲେ ବୋଲି ପୁରାଣରେ କୁହାଯାଇଛି। ଯଦି କଲ୍ୟାଣପାଇଁ ସାଧନା କରୁଥିବା ଲୋକଙ୍କର ମୃତ୍ୟୁପରେ ମଧ୍ୟ ଦୁର୍ଗତି ହୁଏ ନାହିଁ ବୋଲି ନିୟମ ରହିଛି, ତେବେ ଭରତଙ୍କର ଏପରି ଦଶା ହେଲା କିପରି?

ଉତ୍ତର – ଭରତ ଯେ ଜଣେ ମହାନ୍ ସାଧକ ଥିଲେ, ସେଥିରେ ସନ୍ଦେହ ନାହିଁ। ପରନ୍ତୁ ଦୟାଯୋଗୁଁ ମୋହବଶ ହୋଇ ଗୋଟିଏ ହରିଣଛୁଆ ପ୍ରତି ତାଙ୍କର ଆସକ୍ତି ଓ ମମତା ହୋଇଗଲା। ତେଣୁ ଅନ୍ତକାଳରେ ସେ ଲକ୍ଷ୍ୟଭ୍ରଷ୍ଟ ହୋଇଗଲେ ଓ ତାଙ୍କ ଠାରେ ହରିଣଛୁଆର ଚିନ୍ତା ଲାଗିରହିଲା। ତେଣୁ ତାଙ୍କୁ ହରିଣଜନ୍ମ ମିଳିଲା, କାରଣ ଅନ୍ତକାଳରେ ଯେପରି ଚିନ୍ତନ ହୁଏ, ମନୁଷ୍ୟ ଅବଶ୍ୟ ସେହିପରି ଜନ୍ମ ପାଏ। ଏହି ନିୟମ ଅଜାଟ୍ୟ (୮/୬)। ତାହା ଅବଶ୍ୟ ଫଳିବ। କିନ୍ତୁ ଭରତଙ୍କୁ ପଶୁଜନ୍ମ ମିଳିଲେ ମଧ୍ୟ ତାହାକୁ ଦୁର୍ଗତି ବୋଲି ମନେ କରାଯାଏ ନାହିଁ, କାରଣ ପଶୁଜନ୍ମରେ ମଧ୍ୟ ତାଙ୍କ ଭିତରେ ପୂର୍ବଜନ୍ମର ସ୍ମୃତି ଲାଗିରହିଲା ଓ ସେ ମୋହ, ଆସକ୍ତି ଛାଡ଼ି ଉତ୍ତମ ସାଧକମାନଙ୍କ ପରି ପରମ ବିବେକସମ୍ପନ୍ନ ହୋଇ ରହିଲେ ଓ ଶୁଖିଲା ପତ୍ର ଖାଇ, ସଂଯମପୂର୍ଣ୍ଣ ପବିତ୍ର ଜୀବନ ଯାପନ କରି, ପରଜନ୍ମରେ ବ୍ରାହ୍ମଣଶରୀର ଧାରଣ କଲେ ଏବଂ ପୂର୍ବାଭ୍ୟାସବଳରେ (୬/୪୪) ଅତିଶୀଘ୍ର ପରମଗତି ପ୍ରାପ୍ତ ହୋଇଗଲେ। ତେଣୁ ଉପରୋକ୍ତ ସିଦ୍ଧାନ୍ତରେ କୌଣସି ବାଧା ଆସୁ ନାହିଁ। ଏହି ଉପାଖ୍ୟାନରୁ ତ ଶିକ୍ଷା ଗ୍ରହଣ କରିବା ଉଚିତ ଯେ, ଭଗବତ୍‌ପ୍ରାପ୍ତିର ଲକ୍ଷ୍ୟ କେବେ ଛାଡ଼ିବାର ନୁହେଁ।

ପ୍ରଶ୍ନ – ସଂସାରରେ ଏପରି ବହୁ ଲୋକ ଦେଖାଯା'ନ୍ତି, ଯେଉଁମାନେ କି କଲ୍ୟାଣପାଇଁ ସତ୍‌ସଙ୍ଗ ଓ ଭଜନଧ୍ୟାନାଦି ସାଧନ କରନ୍ତି ଏବଂ ତା' ସହିତ ତାଙ୍କ ଦ୍ୱାରା ପାପକର୍ମ ମଧ୍ୟ ହୋଇଯାଏ। ସେମାନଙ୍କର ଗତି କଣ ହୁଏ?

ଉତ୍ତର – ସେମାନଙ୍କର ମଧ୍ୟ ଦୁର୍ଗତି ହୁଏ ନାହିଁ; କାରଣ ଯେଉଁମାନଙ୍କର ଶାସ୍ତ୍ରରେ ଓ ମହାପୁରୁଷମାନଙ୍କ ଠାରେ ଶ୍ରଦ୍ଧା ଥାଏ, ସେମାନଙ୍କ ଠାରେ ପୂର୍ଣ୍ଣ ବିଶ୍ୱାସ ହୋଇଯାଏ ଯେ, ପାପର ଫଳସ୍ୱରୂପ ଦାରୁଣ ଦୁଃଖ ଓ ଘୋର ନରକଯନ୍ତ୍ରଣା ମିଳିବ। ତେଣୁ ସେମାନେ ସ୍ୱଭାବଦୋଷରୁ ହେଉଥିବା ପାପରୁ ମଧ୍ୟ ମୁକ୍ତ ହେବାକୁ ଚେଷ୍ଟା କରନ୍ତି। ତା' ସଙ୍ଗେ ସଙ୍ଗେ ଭଜନଧ୍ୟାନର ଅଭ୍ୟାସ ବାଲୁଗଖିବାଦ୍ୱାରା ସେମାନଙ୍କର ଅନ୍ତଃକରଣ ମଧ୍ୟ ଶୁଦ୍ଧ ହୋଇଯାଏ। ଏପରି ଅବସ୍ଥାରେ ସେମାନଙ୍କ ଦ୍ୱାରା ଜାଣିଶୁଣି ପାପ କରାଯିବାର କୌଣସି କାରଣ ରହେ ନାହିଁ। ଅତଏବ ସ୍ୱଭାବବଶତଃ ଯଦି କେହି ପାପାଚାରୀ ହୋଇଥାନ୍ତି, ତେବେ ସତ୍‌ସଙ୍ଗ ଓ ଭଜନଧ୍ୟାନର ପ୍ରଭାବରେ ସେ ମଧ୍ୟ ପାପାଚରଣରୁ ମୁକ୍ତ ହୋଇ ଶୀଘ୍ର ହିଁ ଧର୍ମାତ୍ମା ହୋଇଯାଆନ୍ତି। ତାଙ୍କର କ୍ରମଶଃ ଉତ୍‌ଥାନ ହିଁ ହୁଏ; ପତନ ହୋଇପାରେ ନାହିଁ (୯/୩୦-୩୧)।

ପ୍ରଶ୍ନ – ଏଠାରେ ତାତ ସମ୍ବୋଧନର ଅଭିପ୍ରାୟ କଣ?

ଉତ୍ତର – ତାତ ସମ୍ବୋଧନ କରି ଭଗବାନ୍ ଏଠାରେ ଅର୍ଜୁନକୁ ଏହି ଆଶ୍ୱାସନା ଦେଇଛନ୍ତି, 'ତୁମେ ମୋର ପରମ ପ୍ରିୟ ସଖା ଓ ଭକ୍ତ ଅଟ; ତୁମର କେଉଁ କଥାକୁ ଡର! ଯେଉଁଠି ମୋର ପ୍ରାପ୍ତିପାଇଁ ସାଧନା କରୁଥିବା ଲୋକଙ୍କର କୌଣସିପ୍ରକାରେ ଦୁର୍ଗତି ହୁଏ ନାହିଁ; ଉତ୍ତମ ଗତି ହିଁ ପ୍ରାପ୍ତ ହୁଏ, ସେଠାରେ ତୁମପାଇଁ ବା କହିବାର କଣ ଅଛି!'

ସମ୍ପ୍ରତି – ଯୋଗଭ୍ରଷ୍ଟ ପୁରୁଷଙ୍କର ଦୁର୍ଗତି ତ ହୁଏ ନାହିଁ, ପୁଣି ତାଙ୍କର କି ଗତି ହୁଏ, ତାହା ଜାଣିବାକୁ ଇଚ୍ଛା ହେତାରୁ ଭଗବାନ୍ କହୁଛନ୍ତି–

ପ୍ରାପ୍ୟ ପୁଣ୍ୟକୃତାଂ ଲୋକାନୁଷିତ୍ୱା ଶାଶ୍ୱତୀଃ ସମାଃ।
ଶୁଚୀନାଂ ଶ୍ରୀମତାଂ ଗେହେ ଯୋଗଭ୍ରଷ୍ଟୋଽଭିଜାୟତେ ॥ ୪୧ ॥

ଅନ୍ୱୟ – **ଯୋଗଭ୍ରଷ୍ଟଃ** = ଯୋଗଭ୍ରଷ୍ଟ ପୁରୁଷ; **ପୁଣ୍ୟକୃତାମ୍** = ପୁଣ୍ୟବାନ୍‌ମାନଙ୍କର; **ଲୋକାନ୍** = ଲୋକମାନଙ୍କୁ ଅର୍ଥାତ୍ ସ୍ୱର୍ଗାଦି ଉତ୍ତମ ଲୋକକୁ; **ପ୍ରାପ୍ୟ** = ପ୍ରାପ୍ତ ହୋଇ (ସେଠାରେ); **ଶାଶ୍ୱତୀଃ** = ବହୁତ; **ସମାଃ** = ବର୍ଷପର୍ଯ୍ୟନ୍ତ; **ଉଷିତ୍ୱା** = ନିବାସ କରି; **ଶୁଚୀନାମ୍** = ଶୁଦ୍ଧ ଆଚରଣବାନ୍; **ଶ୍ରୀମତାମ୍** = ଲକ୍ଷ୍ମୀମନ୍ତ ପୁରୁଷମାନଙ୍କ; **ଗେହେ** = ଘରେ; **ଅଭିଜାୟତେ** = ଜନ୍ମ ହୁଅନ୍ତି।

ଯୋଗଭ୍ରଷ୍ଟ ପୁରୁଷ ପୁଣ୍ୟବାନ୍‌ମାନଙ୍କର ଲୋକ ଅର୍ଥାତ୍ ସ୍ୱର୍ଗାଦି ଉତ୍ତମ ଲୋକ ପ୍ରାପ୍ତ ହୋଇ, ବହୁ ବର୍ଷଯାଏ ସେଠାରେ ନିବାସ କରି ଶୁଦ୍ଧ ଆଚରଣବିଶିଷ୍ଟ ଶ୍ରୀମନ୍ତ (ଲକ୍ଷ୍ମୀମନ୍ତ) ପୁରୁଷମାନଙ୍କ ଗୃହରେ ଜନ୍ମ ନିଅନ୍ତି।। ୪୧ ।।

ପ୍ରଶ୍ନ – ଯୋଗଭ୍ରଷ୍ଟ ଜାହାକୁ କହନ୍ତି ?

ଉତ୍ତର – ଜ୍ଞାନଯୋଗ, ଭକ୍ତିଯୋଗ, ଧ୍ୟାନଯୋଗ ଓ କର୍ମଯୋଗ ଆଦି ସାଧନା କରୁଥିବା ଯେଉଁ ପୁରୁଷଙ୍କ ମନ ବିକ୍ଷେପ ଆଦି ଦୋଷରୁ କିମ୍ବା ବିଷୟାସକ୍ତି ଅଥବା ରୋଗାଦିକାରଣରୁ ଅନ୍ତକାଳରେ ଲକ୍ଷ୍ୟରୁ ବିଚଳିତ ହୋଇଯାଏ, ତାହାକୁ **ଯୋଗଭ୍ରଷ୍ଟ** କହନ୍ତି।

ପ୍ରଶ୍ନ – ଏଠାରେ କୁହାଯାଇଛି ଯେ, ଯୋଗଭ୍ରଷ୍ଟ ପୁରୁଷ ପୁଣ୍ୟବାନ୍‌ମାନଙ୍କ ଲୋକକୁ ପ୍ରାପ୍ତ ହୁଅନ୍ତି ଓ ଶ୍ରୀମନ୍ତ ପୁରୁଷଙ୍କ ଘରେ (ଲକ୍ଷ୍ମୀବାନ୍ ଲୋକଙ୍କ ଘରେ) ଜନ୍ମ ନିଅନ୍ତି। ଏଥିରୁ ଏହା ସ୍ପଷ୍ଟ ହୋଇଗଲା ଯେ, ସେ ନରକାଦି ଲୋକରେ ପଡ଼ନ୍ତି ନାହିଁ, କି ନୀଚଯୋନିମାନଙ୍କରେ ଜନ୍ମ ହୁଅନ୍ତି ନାହିଁ; ବରଂ ପୁଣ୍ୟବନ୍ତମାନଙ୍କର ସ୍ୱର୍ଗାଦି ଲୋକରେ ତଥା ଧନୀମାନଙ୍କ ଘରେ ଯେଉଁଠି ଭୋଗର ଆଧିକ୍ୟ ଥାଏ, ସେଠାରେ ଜନ୍ମ ହୁଅନ୍ତି। ଏହା ଫଳରେ ସେ ଭୋଗରେ ଆସକ୍ତ ହୋଇ ଭୋଗପ୍ରାପ୍ତିପାଇଁ ଆଗେଇଯାଇ ପାପକର୍ମରେ ପ୍ରବୃତ୍ତ ହେବା ତ ସମ୍ଭବ, ଓ ଯଦି ଏପରି ହୁଏ, ତେବେ ଏହି ଦୁଇ ଗତି ପରିଣାମରେ ତାଙ୍କ ପତନର ହିଁ କାରଣ ହୁଏ। ଅତଏବ ପ୍ରକାରାନ୍ତରେ ଏହା ବି ଦୁର୍ଗତି ନୁହେଁ କି ?

ଉତ୍ତର – ମର୍ତ୍ୟଲୋକର ଉପରକୁ ବ୍ରହ୍ମଲୋକଯାଏ ଯେତେ ବି ଲୋକ ଅଛି, ସବୁ ପୁଣ୍ୟବନ୍ତମାନଙ୍କର ଲୋକ। ସେଥିମଧ୍ୟରୁ ଯୋଗଭ୍ରଷ୍ଟ ପୁରୁଷ ଯୋଗରୂପୀ ମହାନ୍ ପୁଣ୍ୟର ପ୍ରଭାବରେ ଏପରି ଲୋକକୁ ଯାଆନ୍ତି ନାହିଁ, ଯେଉଁଠି ଭୋଗରେ ଲିପ୍ତ ହୋଇ ଦୁର୍ଗତିପ୍ରାପ୍ତି ହେବ ଓ ଏପରି ଅପବିତ୍ର (ହୀନଗୁଣ ଓ ହୀନ-ଆଚରଣଯୁକ୍ତ) ଧନୀଙ୍କ ଘରେ ଜନ୍ମ ନିଅନ୍ତି ନାହିଁ, ଯେ କି ତାଙ୍କ ଦୁର୍ଗତିର କାରଣ ହେବେ। ତେଣୁ **ଶ୍ରୀମତାମ୍** ସହିତ **ଶୁଚୀନାମ୍** ବିଶେଷଣ ଲଗାଇ ସେ ପବିତ୍ର, ଶୁଦ୍ଧ, ଶ୍ରେଷ୍ଠଗୁଣସମ୍ପନ୍ନ ଓ ବିଶୁଦ୍ଧ ଆଚରଣଯୁକ୍ତ ଧନୀଙ୍କ ଘରେ ଜନ୍ମ ହୁଅନ୍ତି ବୋଲି କୁହାଯାଇଛି। ଏଣୁ ଏହା ପ୍ରକାରାନ୍ତରେ ବି ଦୁର୍ଗତି ନୁହେଁ।

ପ୍ରଶ୍ନ – ପୁଣ୍ୟବାନ୍‌ମାନଙ୍କର ଲୋକରେ ସେମାନେ ବହୁବର୍ଷ ରହିବାର କାରଣ କଣ ?

ଉତ୍ତର – ଭୋଗରେ ଆସକ୍ତି ହିଁ ସେହି ଲୋକମାନଙ୍କରେ ବହୁବର୍ଷ ରହିବାର କାରଣ। କର୍ମ ଓ ତା'ର ଫଳରେ ମମତ୍ୱ ଓ ଆସକ୍ତି ରଖିବା ହିଁ କର୍ମଫଳର ହେତୁ ହୁଏ (୨/୪୭)। ଏଣୁ ଯେଉଁ ସାଧକଙ୍କର ଅନ୍ତଃକରଣରେ ଯେତିକି ଆସକ୍ତି ଛପି ରହିଥାଏ, ସେତିକି ସମୟଯାଏ ତାହାକୁ ନିଜ ଶୁଭକର୍ମର ଫଳ ଭୋଗିବାପାଇଁ ସେଠାରେ ରହିବାକୁ ପଡ଼େ। ଯେଉଁମାନଙ୍କ ଠାରେ ଆସକ୍ତି ଅଧିକ ଥାଏ, ସେମାନେ ଅପେକ୍ଷାକୃତ ଅଧିକ ସମୟ ସେଠାରେ ରହନ୍ତି ଓ ଯେଉଁମାନଙ୍କ ଠାରେ କମ୍ ଆସକ୍ତି ଥାଏ, ସେମାନେ କମ୍ ସମୟ ରହନ୍ତି। ଯେଉଁମାନଙ୍କ ଠାରେ ଭୋଗାସକ୍ତି ନ ଥାଏ, ସେହି ବୈରାଗ୍ୟବାନ୍ ଯୋଗଭ୍ରଷ୍ଟମାନେ ସେସବୁ ଲୋକକୁ ନ ଯାଇ ସିଧା ଯୋଗୀମାନଙ୍କ କୁଳରେ ଜନ୍ମ ହୁଅନ୍ତି।

ସମ୍ବନ୍ଧ – ସାଧାରଣ ଯୋଗଭ୍ରଷ୍ଟ ପୁରୁଷଙ୍କ ଗତି ଜାହି ଉଚ୍ଚବାନ୍ ବର୍ତ୍ତମାନ ଆସକ୍ତିରହିତ ଉଚ୍ଚଶ୍ରେଣୀର ଯୋଗଭ୍ରଷ୍ଟ ପୁରୁଷଙ୍କ ବିଶେଷ ଗତି ବର୍ଣ୍ଣନା କରୁଛନ୍ତି–

ଅଥବା ଯୋଗିନାମେବ କୁଳେ ଭବତି ଧୀମତାମ୍।
ଏତଦ୍ଧି ଦୁର୍ଲ୍ଲଭତରଂ ଲୋକେ ଜନ୍ମ ଯଦୀଦୃଶମ୍।। ୪୨ ।।

ଅନ୍ୱୟ— ଅଥବା = ଅଥବା (ବୈରାଗ୍ୟବାନ୍ ପୁରୁଷ ସେସବୁ ଲୋକକୁ ନ ଯାଇ); **ଧୀମତାମ୍** = ଜ୍ଞାନବାନ୍; **ଯୋଗିନାମ୍** = ଯୋଗୀମାନଙ୍କର; **ଏବ** = ହିଁ; **କୁଳେ** = କୁଳରେ; **ଭବତି** = ଜନ୍ମ ହୁଏ; **ଈଦୃଶମ୍** = (କିନ୍ତୁ) ଏପରି; **ଯତ୍, ଏତତ୍** = ଏହି ଯେଉଁ; **ଜନ୍ମ** = ଜନ୍ମ; **ଲୋକେ** = ସଂସାରରେ; **ହି** = ନିଃସନ୍ଦେହ; **ଦୁର୍ଲ୍ଲଭତରମ୍** = ଅତ୍ୟନ୍ତ ଦୁର୍ଲ୍ଲଭ।

ଅଥବା ବୈରାଗ୍ୟବାନ୍ ପୁରୁଷ ସେସବୁ ଲୋକକୁ ନ ଯାଇ ଜ୍ଞାନବାନ୍ ଯୋଗୀମାନଙ୍କର କୁଳରେ ହିଁ ଜନ୍ମନ୍ତି ; କିନ୍ତୁ ଏପରି ଜନ୍ମ ସଂସାରରେ ନିଃସନ୍ଦେହ ଅତ୍ୟନ୍ତ ଦୁର୍ଲଭ ॥ ୪୨ ॥

ପ୍ରଶ୍ନ— ଅଥବା ପ୍ରୟୋଗ କାହିଁକି କରାଯାଇଛି ?

ଉତ୍ତର— ଯୋଗଭ୍ରଷ୍ଟ ପୁରୁଷମାନଙ୍କ ମଧ୍ୟରେ ଯେଉଁମାନଙ୍କ ମନରେ ବିଷୟାସକ୍ତି ରହେ, ସେମାନେ ତ ସ୍ୱର୍ଗାଦି ଲୋକରେ ଓ ପବିତ୍ର ଧନୀମାନଙ୍କ ଘରେ ଜନ୍ମ ହୁଅନ୍ତି; କିନ୍ତୁ ଯେଉଁମାନେ ବୈରାଗ୍ୟବାନ୍ ପୁରୁଷ, ସେମାନେ ଅନ୍ୟକୌଣସି ଲୋକକୁ ଯାଆନ୍ତି ନାହିଁ, କି ସେମାନଙ୍କୁ ଧନୀଘରେ ଜନ୍ମ ହେବାକୁ ପଡ଼େ ନାହିଁ। ସେମାନେ ସିଧା ଯାଇ ଜ୍ଞାନବାନ୍ ସିଦ୍ଧ ଯୋଗୀମାନଙ୍କ ଘରେ ହିଁ ଜନ୍ମ ହୁଅନ୍ତି। ପୂର୍ବବର୍ଣ୍ଣିତ ଯୋଗଭ୍ରଷ୍ଟମାନଙ୍କ ଠାରୁ ଏମାନଙ୍କୁ ପୃଥକ୍ କରିବାପାଇଁ ଅଥବା ପ୍ରୟୋଗ କରାଯାଇଛି।

ପ୍ରଶ୍ନ— 'ସ୍ୱର୍ଗାଦି ପୁଣ୍ୟଲୋକପ୍ରାପ୍ତି ତ ସବୁ ଯୋଗଭ୍ରଷ୍ଟଙ୍କର ହେବା ଉଚିତ। ସେଠାର ସୁଖ ଭୋଗ କରିବା ପରେ ସେମାନଙ୍କ ମଧ୍ୟରୁ କେତେକ ପବିତ୍ର ଧନୀଲୋକଙ୍କ ଘରେ ଜନ୍ମ ହୁଅନ୍ତି ଓ କେତେକ ଯୋଗୀମାନଙ୍କ ଘରେ ଜନ୍ମ ହୁଅନ୍ତି।'— ଅଥବାଦ୍ୱାରା ଯଦି ଏହି ଭାବ ଧରି ନିଆଯାଏ, ତେବେ ଆପତ୍ତି କଣ ?

ଉତ୍ତର— ଏପରି ଅର୍ଥ କରିବା ଉଚିତ ନୁହେଁ; କାରଣ ଯେଉଁ ପୁରୁଷମାନଙ୍କର ଭୋଗପ୍ରତି ଯଥାର୍ଥ ବୈରାଗ୍ୟ ଅଛି, ସେମାନଙ୍କ ପାଇଁ ସ୍ୱର୍ଗାଦି ଲୋକକୁ ଯାଇ ବହୁ ବର୍ଷଯାଏ ସେଠାରେ ନିବାସ କରିବା ଓ ଭୋଗ କରିବା ତ ଦଣ୍ଡସଦୃଶ। ଭଗବତ୍‌ପ୍ରାପ୍ତିରେ ଏପରି ବିଳମ୍ବ ହେବା ତ ବୈରାଗ୍ୟର ଫଳ ହୋଇ ନ ପାରେ। ଅତଏବ ଉପରୋକ୍ତ ଅର୍ଥ ମାନିବା ହିଁ ଠିକ୍।

ପ୍ରଶ୍ନ— ଯୋଗୀମାନଙ୍କ କୁଳରେ ଏପରି ବୈରାଗ୍ୟବାନ୍ ପୁରୁଷ ଜନ୍ମ ହୁଅନ୍ତି; ଏଥିରୁ ସିଦ୍ଧ ହେଉଛି ଯେ, ସେହି ଯୋଗୀମାନେ ଅବଶ୍ୟ ଗୃହସ୍ଥ ହିଁ ହୋଇଥାନ୍ତି; କାରଣ ଜନ୍ମ ଗୃହସ୍ଥାଶ୍ରମରେ ହିଁ ହୋଇପାରେ ଓ ଧୀମତାମ୍‌ର ଅର୍ଥ କରିବାକୁ ଯାଇ ଏପରି ଯୋଗୀମାନଙ୍କୁ ହିଁ ଜ୍ଞାନୀ କୁହାଯାଇଛି। ତା'ହେଲେ କଣ ଗୃହସ୍ଥ ମଧ୍ୟ ଜ୍ଞାନୀ ହୋଇପାରନ୍ତି ?

ଉତ୍ତର— ଭଗବତ୍‌ତତ୍ତ୍ୱର ଯଥାର୍ଥ ଜ୍ଞାନ ସବୁ ଆଶ୍ରମରେ ହୋଇପାରେ। ଗୀତାରେ ଏହି କଥା ଭଲଭାବେ ପ୍ରମାଣିତ ହୋଇଛି (୩/୨୦; ୪/୧୯; ୧୮/୫୬)। ଅନ୍ୟାନ୍ୟ ଶାସ୍ତ୍ରରେ ମଧ୍ୟ ଏହାର ଅନେକ ଉଦାହରଣ ମିଳିପାରେ। ମହର୍ଷି ବସିଷ୍ଠ, ଯାଜ୍ଞବଲ୍କ୍ୟ, ବ୍ୟାସ, ଜନକ, ଅଶ୍ୱପତି ଓ ରୈକ୍ୱ ଆଦି ମହାପୁରୁଷମାନେ ଗୃହସ୍ଥାଶ୍ରମରେ ରହି ଜ୍ଞାନ ପ୍ରାପ୍ତି କରିଥିଲେ।

ପ୍ରଶ୍ନ— **ଯୋଗିନାମ୍** ପଦରେ ଆସିଥିବା ଯୋଗୀ ଶବ୍ଦର ଅର୍ଥ 'ଜ୍ଞାନବାନ୍ ଯୋଗୀ' ବୋଲି ନ ଧରି 'ସାଧକ ଯୋଗୀ' ବୋଲି ଧରାଗଲେ ଆପତ୍ତି କଣ ?

ଉତ୍ତର— ଏପରି ଧରିବାଦ୍ୱାରା 'ଧୀମତାମ୍' ଶବ୍ଦ ବ୍ୟର୍ଥ ହୋଇଯିବ। ଏହା ଛଡ଼ା ଭଗବାନ୍ 'ଦୁର୍ଲଭତରମ୍' ପଦଦ୍ୱାରା ମଧ୍ୟ ଏହା ସୂଚାଇଛନ୍ତି ଯେ, ଏପରି ଜନ୍ମ ପବିତ୍ର ଶ୍ରୀମନ୍ତମାନଙ୍କ ଘରେ ଜନ୍ମ ଅପେକ୍ଷା ମଧ୍ୟ ଅତ୍ୟନ୍ତ ଦୁର୍ଲଭ। ଅତଏବ ଏଠାରେ 'ଧୀମତାମ୍' ବିଶେଷଣଯୁକ୍ତ **'ଯୋଗିନାମ୍'** ପଦରେ ଆସିଥିବା 'ଯୋଗୀ' ଶବ୍ଦର ଅର୍ଥ 'ଜ୍ଞାନବାନ୍ ସିଦ୍ଧ ଯୋଗୀ' ବୋଲି ଧରିବା ହିଁ ଠିକ୍।

ପ୍ରଶ୍ନ— ଯୋଗୀମାନଙ୍କ କୁଳରେ ମିଳୁଥିବା ଜନ୍ମକୁ ଅତ୍ୟନ୍ତ ଦୁର୍ଲଭ ବୋଲି କାହିଁକି କହିଲେ ?

ଉତ୍ତର— ଯୋଗୀମାନଙ୍କ କୁଳରେ ଜନ୍ମ ହେଲେ ପରମାର୍ଥସାଧନା (ଯୋଗସାଧନା)ର ଯେତେ ସୁବିଧା ମିଳିପାରେ, ସେତିକି ସୁବିଧା ସ୍ୱର୍ଗରେ, ଶ୍ରୀମନ୍ତମାନଙ୍କ (ଧନିକଙ୍କ) ଘରେ ଅଥବା ଅନ୍ୟତ୍ର କେଉଁଠି ମିଳିପାରେ ନାହିଁ। ଯୋଗୀମାନଙ୍କ କୁଳରେ ଜନ୍ମ ହେଲେ ତଦନୁକୂଳ ବାତାବରଣର ପ୍ରଭାବରେ ମନୁଷ୍ୟ ପ୍ରାରମ୍ଭିକ ଜୀବନରେ ହିଁ ଯୋଗସାଧନାରେ ଲାଗିଯାଇପାରେ। ଆହୁରି ମଧ୍ୟ ଜ୍ଞାନୀଙ୍କ କୁଳରେ ଜନ୍ମ ହେଉଥିବା ପୁରୁଷ ଅଜ୍ଞାନୀ

ହୋଇ ରହେ ନାହିଁ। ଏହି ସିଦ୍ଧାନ୍ତ ଶ୍ରୁତିମାନଙ୍କ ଦ୍ୱାରା ମଧ୍ୟ ପ୍ରମାଣିତ ହୋଇଛି। * ଯଦି ମହାତ୍ମା ପୁରୁଷମାନଙ୍କର ମହିମା ଓ ପ୍ରଭାବ ଦୃଷ୍ଟିରୁ ଦେଖାଯାଏ, ତେବେ ମହାତ୍ମାମାନଙ୍କର କୁଳରେ ଜନ୍ମ ହେବାର ସୌଭାଗ୍ୟ କଣ ବା କହିବା, ମହାତ୍ମାମାନଙ୍କର ସଙ୍ଗ ହିଁ ଦୁର୍ଲଭ, ଅଗମ୍ୟ ଏବଂ ଅମୋଘ ବୋଲି ମାନିନିଆଯାଇଛି। ** ତେଣୁ ଏପରି ଜନ୍ମକୁ ଅତ୍ୟନ୍ତ ଦୁର୍ଲଭ କହିବା ଉଚିତ ହୋଇଛି।

ପ୍ରସଙ୍ଗ – ଯୋଗିକୁଳରେ ଜନ୍ମ ହେଉଥିବା ଯୋଗଭ୍ରଷ୍ଟ ପୁରୁଷଙ୍କର ସେହି ଜନ୍ମରେ ଯେପରି ପରିସ୍ଥିତି ହୋଇଥାଏ, ବର୍ତ୍ତମାନ ତାହା କହୁଛନ୍ତି–

ତତ୍ର ତଂ ବୁଦ୍ଧିସଂଯୋଗଂ ଲଭତେ ପୌର୍ବଦେହିକମ୍।
ଯତତେ ଚ ତତୋ ଭୂୟଃ ସଂସିଦ୍ଧୌ କୁରୁନନ୍ଦନ।। ୪୩ ।।

ଅନ୍ୱୟ – ତତ୍ର = ସେଠାରେ; ତମ୍ = ସେହି; ପୌର୍ବଦେହିକମ୍ = ପୂର୍ବଜନ୍ମର ଶରୀରରେ ସଂଗ୍ରହ କରିଥିବା; ବୁଦ୍ଧିସଂଯୋଗମ୍ = ବୁଦ୍ଧିର ସଂଯୋଗକୁ ଅର୍ଥାତ୍ ସମବୁଦ୍ଧିରୂପକ ଯୋଗସଂସ୍କାରକୁ; ଲଭତେ = ସହଜରେ ପାଇଯାଏ; ଚ = ଏବଂ; କୁରୁନନ୍ଦନ = ହେ କୁରୁନନ୍ଦନ; ତତଃ = ତାହା ପ୍ରଭାବରୁ; ସଂସିଦ୍ଧୌ = ପରମାତ୍ମପ୍ରାପ୍ତିରୂପକ ସିଦ୍ଧିପାଇଁ; ଭୂୟଃ = ପୂର୍ବ ଅପେକ୍ଷା ଅଧିକ; ଯତତେ = ପ୍ରଯତ୍ନ କରେ।

ସେଠାରେ ପୂର୍ବଜନ୍ମର ଶରୀରରେ ସଂଗ୍ରହ କରିଥିବା ବୁଦ୍ଧିର ସେହି ସଂଯୋଗକୁ ଅର୍ଥାତ୍ ସମବୁଦ୍ଧିରୂପକ ଯୋଗସଂସ୍କାରମାନଙ୍କୁ ସେ ସହଜରେ ପ୍ରାପ୍ତ ହୋଇଯାନ୍ତି ଏବଂ ହେ କୁରୁନନ୍ଦନ! ତାହାର ପ୍ରଭାବରେ ସେ ପୁଣିଥରେ ପରମାତ୍ମପ୍ରାପ୍ତିରୂପକ ସିଦ୍ଧିପାଇଁ ପୂର୍ବ ଅପେକ୍ଷା ଅଧିକ ପ୍ରଯତ୍ନ କରନ୍ତି।। ୪୩ ।।

ପ୍ରଶ୍ନ – ଏଠାରେ **ତତ୍ର** ପଦ କେବଳ ଯୋଗୀମାନଙ୍କ କୁଳରେ ଜନ୍ମ ହେବାକୁ ନିର୍ଦ୍ଦେଶ କରୁଛି, ନା ପବିତ୍ର ଶ୍ରୀମାନ୍ ଏବଂ ଜ୍ଞାନବାନ୍ ଯୋଗୀ — ଦୁହିଁଙ୍କ ଘରେ ଜନ୍ମ ହେବାକୁ ?

ଉତ୍ତର – ପୂର୍ବ ଶ୍ଲୋକରେ ହିଁ ଯୋଗୀକୁଳର ବର୍ଣ୍ଣନା ଆସିଯାଇଛି ତଥା ସେହି କୁଳରେ ଜନ୍ମ ହେଲେ ଦେବାଦି ଶରୀରରେ ଜନ୍ମ ହେବାର ବ୍ୟବଧାନ ରହେ ନାହିଁ। ଅତଏବ ଏଠାରେ **ତତ୍ର**ଦ୍ୱାରା ଯୋଗୀକୁଳକୁ ନିର୍ଦ୍ଦେଶ କରାଯାଇଛି ବୋଲି ମାନିବା ହିଁ ଉଚିତ ମନେ ହେଉଛି।

ପ୍ରଶ୍ନ – ତେବେ କଣ ପବିତ୍ର ଶ୍ରୀମାନ୍‌ଙ୍କ ଘରେ ଜନ୍ମ ହେବା ସାଧକମାନେ 'ବୁଦ୍ଧିସଂଯୋଗ' ପାଆନ୍ତି ନାହିଁ?

ଉତ୍ତର – ସେମାନେ ମଧ୍ୟ ପୂର୍ବାଭ୍ୟାସର ପ୍ରଭାବଦ୍ୱାରା ବିଷୟଭୋଗରୁ ଓହରି ଯାଇ ଭଗବାନଙ୍କ ପ୍ରତି ଆକର୍ଷିତ ହୁଅନ୍ତି। ଏହା ପରବର୍ତ୍ତୀ ଶ୍ଲୋକରେ ସ୍ପଷ୍ଟ କରାଯାଇଛି।

ପ୍ରଶ୍ନ – 'ପୂର୍ବଜନ୍ମର ଶରୀରରେ ସଂଗ୍ରହ କରାଯାଇଥିବା ବୁଦ୍ଧିର ସଂଯୋଗକୁ ପାଇବା' କହିଲେ କଣ ବୁଝାଏ ?

ଉତ୍ତର – କର୍ମଯୋଗ, ଭକ୍ତିଯୋଗ, ଧ୍ୟାନଯୋଗ ଓ ଜ୍ଞାନଯୋଗ ଆଦି ସାଧନାମାନଙ୍କ ମଧ୍ୟରୁ କୌଣସି ସାଧନାଦ୍ୱାରା ଯେତିକି ସମତ୍ୱଭାବ ପୂର୍ବଜନ୍ମରେ ପ୍ରାପ୍ତ ହୋଇ ପାରିଥାଏ, ତାହା ଇହଜନ୍ମରେ ଅନାୟାସରେ ଜାଗ୍ରତ ହୋଇଯିବା ହିଁ ବୁଦ୍ଧିସଂଯୋଗକୁ ପ୍ରାପ୍ତ ହେବା।

ପ୍ରଶ୍ନ – ଏଠାରେ **ତତଃ** ପଦର ଅଭିପ୍ରାୟ କଣ ?

ଉତ୍ତର – **ତତଃ** ପଦ ପ୍ରୟୋଗ କରି ଏଠାରେ ଦେଖାଇଦିଆଯାଇଛି ଯେ, ଯୋଗିକୁଳରେ ଜନ୍ମ ହେବାରୁ ଓ ସେଠାରେ ପୂର୍ବସଂସ୍କାରମାନଙ୍କ ସହିତ ସମ୍ବନ୍ଧ ହୋଇଯିବାରୁ ସେହି ଯୋଗଭ୍ରଷ୍ଟ ପୁରୁଷ, ପୁନର୍ବାର ଅନାୟାସରେ ହିଁ ଯୋଗସାଧନାରେ ଲାଗିଯାନ୍ତି।

★ ନାଯ୍ୟାବ୍ରହ୍ମବିଦ୍‌ବ୍ରହ୍ମୈବ ଭବତି। ତରତି ଶୋକଂ ତରତି ପାପ୍ମାନଂ ଗୁହାଗ୍ରନ୍ଥିଭ୍ୟୋ ବିମୁକ୍ତୋଽମୃତୋ ଭବତି॥ (ମୁଣ୍ଡକ.ଉ. ୩/୨/୯)

ଅର୍ଥାତ୍ ଏହାଙ୍କ (ବ୍ରହ୍ମଜ୍ଞାନୀଙ୍କ) କୁଳରେ କେହି ଅବ୍ରହ୍ମବିତ୍ ହୁଏ ନାହିଁ। ସେ ଶୋକ ଏବଂ ପାପକୁ ତରିଯାଏ। ହୃଦୟଗ୍ରନ୍ଥିମାନଙ୍କରୁ ବିମୁକ୍ତ ହୋଇ ସେ ଅମର ହୋଇଯାଏ। ଅର୍ଥାତ୍ ପରବ୍ରହ୍ମପାଇଁ ସେ ଜନ୍ମମୃତ୍ୟୁଚକ୍ରରୁ ମୁକ୍ତି ପାଇଯାଆନ୍ତି।

★★ 'ମହତ୍ତ୍ୱପଙ୍ଗସ୍ୟ ଦୁର୍ଲଭୋଽଗମ୍ୟୋଽମୋଘଶ୍ଚ।' (ନାରଦଭକ୍ତିସୂତ୍ର ୩୯)– 'ପରନ୍ତୁ ମହାତ୍ମାମାନଙ୍କ ସଙ୍ଗ ଦୁର୍ଲଭ, ଅଗମ୍ୟ ଓ ଅମୋଘ।'

ସମ୍ବନ୍ଧ– ବର୍ତ୍ତମାନ ପବିତ୍ର ଶ୍ରୀମନ୍ତମାନଙ୍କ ଘରେ ଜନ୍ମ ହେଇଥିବା ଯୋଗଭ୍ରଷ୍ଟ ପୁରୁଷଙ୍କ ପରିସ୍ଥିତି ବର୍ଣ୍ଣନା କରି ଯୋଗରୁ ଜାଣିବା ଇଚ୍ଛାର ମହତ୍ତ୍ୱ କହୁଛନ୍ତି–

ପୂର୍ବାଭ୍ୟାସେନ ତେନୈବ ହ୍ରିୟତେ ହ୍ୟବଶୋଽପି ସଃ।
ଜିଜ୍ଞାସୁରପି ଯୋଗସ୍ୟ ଶବ୍ଦବ୍ରହ୍ମାତିବର୍ତ୍ତତେ।। ୪୪ ।।

ଅନ୍ୱୟ– **ସଃ** = ସେହି (ଲକ୍ଷ୍ମୀବାନ୍ ଲୋକଙ୍କ ଘରେ ଜନ୍ମ ଗ୍ରହଣ କରିଥିବା ଯୋଗଭ୍ରଷ୍ଟ ପୁରୁଷ); **ଅବଶଃ** = ପରାଧୀନ ହୋଇ; **ଅପି** = ମଧ୍ୟ; **ତେନ, ପୂର୍ବାଭ୍ୟାସେନ** = ସେହି ପୂର୍ବାଭ୍ୟାସ ପ୍ରଭାବରେ; **ଏବ** = ହିଁ; **ହି** = ନିଃସନ୍ଦେହ; **ହ୍ରିୟତେ** = (ଭଗବାନଙ୍କ ପ୍ରତି) ଆକର୍ଷିତ ହୁଏ; **ଯୋଗସ୍ୟ** = (ତଥା) ସମବୁଦ୍ଧିରୂପକ ଯୋଗର; **ଜିଜ୍ଞାସୁଃ** = ଜିଜ୍ଞାସୁ; **ଅପି** = ମଧ୍ୟ; **ଶବ୍ଦବ୍ରହ୍ମ** = ବେଦକଥିତ ସକାମ କର୍ମର ଫଳକୁ; **ଅତିବର୍ତ୍ତତେ** = ଉଲ୍ଲଙ୍ଘନ କରିଯାଏ।

ଲକ୍ଷ୍ମୀବାନ୍ ଲୋକଙ୍କ ଘରେ ଜନ୍ମ ହୋଇଥିବା ସେହି ଯୋଗଭ୍ରଷ୍ଟ ପୁରୁଷ ପରାଧୀନ ହୋଇ ମଧ୍ୟ ପୂର୍ବାଭ୍ୟାସପ୍ରଭାବରେ ହିଁ ନିଃସନ୍ଦେହ ଭଗବାନଙ୍କ ପ୍ରତି ଆକର୍ଷିତ ହୁଅନ୍ତି ତଥା ସମବୁଦ୍ଧିରୂପକ ଯୋଗର ଜିଜ୍ଞାସୁ ମଧ୍ୟ ବେଦରେ କଥିତ ସକାମକର୍ମର ଫଳକୁ ଉଲ୍ଲଙ୍ଘନ କରିଯା'ନ୍ତି।। ୪୪ ।।

ପ୍ରଶ୍ନ– ଏଠାରେ **ସଃ** ପଦଟି ଧନୀ ବା ଲକ୍ଷ୍ମୀବାନ୍ ଲୋକଙ୍କ ଘରେ ଜନ୍ମ ହୋଇଥିବା ଯୋଗଭ୍ରଷ୍ଟଙ୍କ ପାଇଁ ଉଦ୍ଦିଷ୍ଟ ବୋଲି କାହିଁକି ମନେ କରାଯାଇଛି ?

ଉତ୍ତର– ଯୋଗିକୁଳରେ ଜନ୍ମ ହୋଇଥିବା ବୈରାଗ୍ୟବାନ୍ ପୁରୁଷ ଯେ ଭୋଗର ବଶ ହୋଇଯିବେ, ସେ ଆଶଙ୍କା ନାହିଁ। ଅତଏବ ତାଙ୍କ ପାଇଁ **ଅବଶଃ ଅପି** ପଦ ପ୍ରୟୋଗ ଅନୁକୂଳ ଜଣାପଡୁ ନାହିଁ। ତା'ଛଡ଼ା ଯୋଗିକୁଳରେ ଅନାୟାସରେ ସତ୍‌ସଙ୍ଗ ଲାଭ ହେଉଥିବାରୁ, ତାଙ୍କ ପାଇଁ ଏକମାତ୍ର ପୂର୍ବାଭ୍ୟାସକୁ ହିଁ ଭଗବାନଙ୍କ ଆଡ଼କୁ ଆକର୍ଷିତ ହେବାର କାରଣ ବୋଲି କହିବା ମଧ୍ୟ ଠିକ୍ ନୁହେଁ। ଅତଏବ ଏହି ବର୍ଣ୍ଣନା ଲକ୍ଷ୍ମୀବାନ୍ ଲୋକଙ୍କ ଘରେ ଜନ୍ମ ନେଇଥିବା ଯୋଗଭ୍ରଷ୍ଟ ପୁରୁଷଙ୍କ ସମ୍ବନ୍ଧରେ ହିଁ ଆସିଛି ବୋଲି ମନେ ହେଉଛି।

ପ୍ରଶ୍ନ– ଏଠାରେ **ଅବଶଃ** ସହିତ **ଅପି** ପ୍ରୟୋଗର ଅଭିପ୍ରାୟ ଜଣ ?

ଉତ୍ତର– ଏନାଦ୍ୱାରା ଦେଖାଇଦିଆଯାଇଛି ଯେ, ଯଦ୍ୟପି ପବିତ୍ର ସଦାଚାରୀ ଧନବାନ୍‌ଙ୍କ ଘର ସାଧାରଣ ଧନୀଙ୍କ ଘରପରି ଭୋଗରେ ଲିପ୍ତ କରାଏ ନାହିଁ, ତଥାପି ସେଠାରେ ବି ଯଦି କୌଣସି କାରଣରୁ ଯୋଗଭ୍ରଷ୍ଟ ପୁରୁଷ ସ୍ତ୍ରୀ, ପୁତ୍ର, ଧନ ଓ ମାନ-ସମ୍ମାନ ଆଦି ଭୋଗମାନଙ୍କରେ ବଶ ହୋଇଯାଆନ୍ତି, ତେବେ ବି ପୂର୍ବଜନ୍ମର ଅଭ୍ୟାସବଳରେ ସେ ଭଗବତ୍‌ପ୍ରାପ୍ତିର ସାଧନାରେ ଲାଗିଯା'ନ୍ତି।

ପ୍ରଶ୍ନ– ପୂର୍ବାଭ୍ୟାସେନ ପଦ ସହିତ **ଏବ** ପ୍ରୟୋଗର ଅଭିପ୍ରାୟ କଣ ?

ଉତ୍ତର– ଭୋଗର ବଶ ହୋଇଥିବା ପୁରୁଷଙ୍କୁ ବିଷୟଜାଲରୁ ମୁକ୍ତ କରି ଭଗବାନଙ୍କ ପ୍ରତି ଆକର୍ଷିତ କରିବାରେ ପୂର୍ବଜନ୍ମର ଅଭ୍ୟାସଲବ୍ଧ ସଂସ୍କାର ହିଁ ପ୍ରଧାନ କାରଣ। ଏହି ଅଭିପ୍ରାୟରେ **ପୂର୍ବାଭ୍ୟାସେନ** ପଦ ସହିତ **ଏବ** ପ୍ରୟୋଗ କରାଯାଇଛି।

ପ୍ରଶ୍ନ– ଜିଜ୍ଞାସୁଃ ସହିତ **ଅପି** ପ୍ରୟୋଗର ଅଭିପ୍ରାୟ କଣ ?

ଉତ୍ତର– ସମବୁଦ୍ଧିରୂପକ ଯୋଗର ପ୍ରଶଂସା କରିବାକୁ ଏଠାରେ **ଅପି** ପ୍ରୟୋଗ କରାଯାଇଛି। ଅଭିପ୍ରାୟ ଏହି ଯେ, ଯେ ଯୋଗର ଜିଜ୍ଞାସୁ ଅଟନ୍ତି, ଯୋଗରେ ଶ୍ରଦ୍ଧା ରଖନ୍ତି ଓ ତାହା ପାଇବାକୁ ଚେଷ୍ଟା କରନ୍ତି, ସେହି ପୁରୁଷ ମଧ୍ୟ ଯେଉଁଠି ବେଦୋକ୍ତ ସକାମକର୍ମର ଫଳସ୍ୱରୂପ ଇହଲୋକ ଓ ପରଲୋକର ଭୋଗଜନିତ ସୁଖକୁ ଅତିକ୍ରମ କରିଯାନ୍ତି, ସେଠାରେ ଜନ୍ମଜନ୍ମାନ୍ତରରୁ ଯୋଗ ଅଭ୍ୟାସ କରିଥିବା ଯୋଗଭ୍ରଷ୍ଟ ପୁରୁଷଙ୍କ ବିଷୟରେ ଆଉ କହିବାର ବା କଣ ଅଛି!

ସମ୍ବନ୍ଧ– ଏପରିଭାବରେ ଧନବାନଙ୍କ ଘରେ ଜନ୍ମ ନେଇଥିବା ଯୋଗଭ୍ରଷ୍ଟ ପୁରୁଷଙ୍କର ଗତି ବର୍ଣ୍ଣନା କରି ତଥା ଯୋଗ-ଜିଜ୍ଞାସୁଙ୍କର ମହିମା କହି ବର୍ତ୍ତମାନ ଯୋଗିକୁଳରେ ଜନ୍ମ ନେଇଥିବା ଯୋଗଭ୍ରଷ୍ଟଙ୍କ ଗତି ପୁନଃ ପ୍ରତିପାଦନ କରୁଛନ୍ତି–

ପ୍ରଯତ୍ନାଦ୍ୟତମାନସ୍ତୁ ଯୋଗୀ ସଂଶୁଦ୍ଧକିଲ୍ବିଷଃ।
ଅନେକଜନ୍ମସଂସିଦ୍ଧସ୍ତତୋ ଯାତି ପରାଂ ଗତିମ୍ ।। ୪୫ ।।

ଅନ୍ୱୟ – ତୁ = କିନ୍ତୁ; **ପ୍ରଯତ୍ନାତ୍** = ପ୍ରଯତ୍ନପୂର୍ବକ; **ଯତମାନଃ** = ଅଭ୍ୟାସ କରୁଥିବା; **ଯୋଗୀ** = ଯୋଗୀ (ତ); **ଅନେକଜନ୍ମସଂସିଦ୍ଧଃ** = ପୂର୍ବର ଅନେକ ଜନ୍ମର ସଂସ୍କାରବଳରେ ଇହଜନ୍ମରେ ସଂସିଦ୍ଧ ହୋଇ; **ସଂଶୁଦ୍ଧକିଲ୍ବିଷଃ** = ସମସ୍ତ ପାପରୁ ରହିତ ହୋଇ; **ତତଃ** = ତତ୍କାଳ; **ପରାମ୍, ଗତିମ୍** = ପରମଗତିକୁ; **ଯାତି** = ପ୍ରାପ୍ତ ହୋଇଯାଏ।

ପରନ୍ତୁ ପ୍ରଯତ୍ନପୂର୍ବକ ଅଭ୍ୟାସ କରୁଥିବା ଯୋଗୀ ତ ପୂର୍ବର ଅନେକ ଜନ୍ମର ସଂସ୍କାର-ବଳରେ ଇହଜନ୍ମରେ ସଂସିଦ୍ଧ ହୋଇ, ସମସ୍ତ ପାପରୁ ରହିତ ହୋଇ, ତତ୍କାଳ ହିଁ ପରମଗତି ପ୍ରାପ୍ତ ହୋଇଯାନ୍ତି ।। ୪୫ ।।

ପ୍ରଶ୍ନ – ଏଠାରେ **ତୁ**ର ଅଭିପ୍ରାୟ କଣ ?

ଉତ୍ତର – ଧନବାନ୍‌ଙ୍କ ଘରେ ଜନ୍ମ ନେଉଥିବା ଲୋକମାନଙ୍କର ଓ ଯୋଗଜିଜ୍ଞାସୁଙ୍କ ଅପେକ୍ଷା ଯୋଗିକୁଳରେ ଜନ୍ମ ନେଉଥିବା ଯୋଗଭ୍ରଷ୍ଟ ପୁରୁଷଙ୍କ ଗତିର ବିଲକ୍ଷଣତା ଦେଖାଇବା ପାଇଁ ହିଁ ତୁ ପ୍ରୟୋଗ କରାଯାଇଛି।

ପ୍ରଶ୍ନ – ଯୋଗୀ ସହିତ ପ୍ରଯତ୍ନାଦ୍ ଯତମାନଃ ବିଶେଷଣ ଦେବାର ଅଭିପ୍ରାୟ କଣ ?

ଉତ୍ତର – ତେୟାଳିଶ ଶ୍ଲୋକରେ କୁହାଗଲା ଯେ, ଯୋଗୀମାନଙ୍କ କୁଳରେ ଜନ୍ମ ନେଉଥିବା ଯୋଗଭ୍ରଷ୍ଟ ପୁରୁଷ ଏହି ଜନ୍ମରେ ଯୋଗସିଦ୍ଧିପ୍ରାପ୍ତିପାଇଁ ଅଧିକ ପ୍ରଯତ୍ନ କରନ୍ତି। ଏହି ଶ୍ଲୋକରେ ସେହି ଯୋଗୀଙ୍କର ପରମଗତିପ୍ରାପ୍ତି କଥା କୁହାଯାଇଛି। ଏହା ସ୍ପଷ୍ଟ କରିବାପାଇଁ ଏଠାରେ **ଯୋଗୀ ସହିତ ପ୍ରଯତ୍ନାଦ୍ ଯତମାନଃ** ବିଶେଷଣ ଦିଆଯାଇଛି। ତାଙ୍କ ପ୍ରଯତ୍ନର ଫଳ ସେଠାରେ ସେହି ଶ୍ଲୋକରେ କୁହାଯାଇ ନ ଥିଲା, ତେଣୁ ତାହା ଏଠାରେ କୁହାଗଲା।

ପ୍ରଶ୍ନ – ଅନେକଜନ୍ମସଂସିଦ୍ଧଃର ଅଭିପ୍ରାୟ କଣ ?

ଉତ୍ତର – ତେୟାଳିଶ ଶ୍ଲୋକରେ କୁହାଯାଇଛି ଯେ, ଯୋଗିକୁଳରେ ଜନ୍ମ ହୋଇଥିବା ଯୋଗଭ୍ରଷ୍ଟ ପୁରୁଷ ପୂର୍ବଜନ୍ମରେ କରିଥିବା ଯୋଗାଭ୍ୟାସର ସଂସ୍କାରମାନଙ୍କୁ ପ୍ରାପ୍ତ ହୋଇଯାନ୍ତି। ଏଠାରେ ସେହି କଥାକୁ ସ୍ପଷ୍ଟ କରିବାପାଇଁ **ଅନେକଜନ୍ମସଂସିଦ୍ଧଃ** ବିଶେଷଣ ଦିଆଯାଇଛି। ଅଭିପ୍ରାୟ ଏହି ଯେ, ପୂର୍ବରୁ ଅନେକ ଜନ୍ମରେ କରିଥିବା ଓ ଇହଜନ୍ମରେ କରୁଥିବା ଉଭୟ ଅଭ୍ୟାସ ତାହାଙ୍କୁ ଯୋଗସିଦ୍ଧିପ୍ରାପ୍ତିରେ ଅର୍ଥାତ୍ ସାଧନାର ପରାକାଷ୍ଠାଯାଏ ପହଞ୍ଚାଇବାରେ କାରଣ ଅଟେ; କାହିଁକି ନା, ପୂର୍ବସଂସ୍କାରବଳରେ ହିଁ ସେ ବିଶେଷ ପ୍ରଯତ୍ନର ସହିତ ଏହି ଜନ୍ମରେ ସାଧନା ଅଭ୍ୟାସ କରି ସାଧନାର ପରାକାଷ୍ଠା ପ୍ରାପ୍ତି କରନ୍ତି।

ପ୍ରଶ୍ନ – ସଂଶୁଦ୍ଧକିଲ୍ବିଷଃର ଭାବ କଣ ?

ଉତ୍ତର – ଯାହାଙ୍କର ସମସ୍ତ ପାପ ସର୍ବଥା ଧୋଇ ହୋଇଗଲାଣି, ତାହାକୁ **ସଂଶୁଦ୍ଧକିଲ୍ବିଷ** କହନ୍ତି। ଏହାଦ୍ୱାରା ଦେଖାଇଦିଆଯାଇଛି ଯେ, ଏପ୍ରକାର ଅଭ୍ୟାସ କରିଥିବା ଯୋଗୀଙ୍କ ଠାରେ ଲେଶମାତ୍ର ବି ପାପ ରହେ ନାହିଁ।

ପ୍ରଶ୍ନ – ତତଃର ଭାବ କଣ ?

ଉତ୍ତର – ତତଃ ପଦ ଏଠାରେ 'ତତ୍‌ପଶ୍ଚାତ୍' ଅର୍ଥରେ ଆସିଛି। ଏହା ପ୍ରୟୋଗ କରି ଦେଖାଇଛନ୍ତି ଯେ, ସାଧନାର ପରାକାଷ୍ଠାରୂପୀ ସଂସିଦ୍ଧି ପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ହିଁ ପରମଗତି ପ୍ରାପ୍ତ ହୋଇଯାଏ; ଏଥିରେ ଟିକିଏ ବି ବିଳମ୍ବ ହୁଏ ନାହିଁ।

ପ୍ରଶ୍ନ – ପରମଗତିପ୍ରାପ୍ତି କଣ ?

ଉତ୍ତର – ପରବ୍ରହ୍ମ ପରମାତ୍ମାଙ୍କୁ ପ୍ରାପ୍ତ ହେବା ହିଁ **ପରମଗତିପ୍ରାପ୍ତି**। ଏହାକୁ ପରମପଦପ୍ରାପ୍ତି, ପରମଧାମପ୍ରାପ୍ତି ଓ ନୈଷ୍ଠିକୀ ଶାନ୍ତିପ୍ରାପ୍ତି ମଧ୍ୟ କହନ୍ତି।

ସମ୍ବନ୍ଧ – ଯୋଗଭ୍ରଷ୍ଟଙ୍କ ଗତି ବିଷୟ ସମାପ୍ତ କରି ଭଗବାନ୍ ବର୍ତ୍ତମାନ ଯୋଗୀଙ୍କର ମହିମା କହି ଅର୍ଜୁନଙ୍କୁ ଯୋଗୀ ହେବାକୁ ଆଜ୍ଞା ଦେଉଛନ୍ତି ––

ତପସ୍ୱିଭ୍ୟୋଽଧିକୋ ଯୋଗୀ ଜ୍ଞାନିଭ୍ୟୋଽପି ମତୋଽଧିକଃ।
କର୍ମିଭ୍ୟଶ୍ଚାଧିକୋ ଯୋଗୀ ତସ୍ମାଦ୍‌ଯୋଗୀ ଭବାର୍ଜୁନ ।। ୪୬ ।।

ଅନ୍ୱୟ— ଯୋଗୀ = ଯୋଗୀ; ତପସ୍ୱିଭ୍ୟଃ = ତପସ୍ୱିମାନଙ୍କ ଠାରୁ; ଅଧିକଃ = ଶ୍ରେଷ୍ଠ; ଜ୍ଞାନିଭ୍ୟଃ = ଶାସ୍ତ୍ରଜ୍ଞାନିମାନଙ୍କ ଅପେକ୍ଷା; ଅପି = ମଧ୍ୟ; ଅଧିକଃ = ଶ୍ରେଷ୍ଠ (ବୋଲି); ମତଃ = ଗଣ୍ୟ; ଚ = ଓ; କର୍ମିଭ୍ୟଃ = ସକାମକର୍ମୀ କରୁଥିବା ଲୋକଙ୍କ ଅପେକ୍ଷା ମଧ୍ୟ; ଯୋଗୀ = ଯୋଗୀ; ଅଧିକଃ = ଶ୍ରେଷ୍ଠ; ତସ୍ମାତ୍ = ତେଣୁ; ଅର୍ଜୁନ = ହେ ଅର୍ଜୁନ; ଯୋଗୀ = (ତୁମେ) ଯୋଗୀ; ଭବ = ହୋଇଯାଅ।

ଯୋଗୀ ତପସ୍ୱିମାନଙ୍କ ଠାରୁ ଶ୍ରେଷ୍ଠ; ଶାସ୍ତ୍ରଜ୍ଞାନୀମାନଙ୍କ ଠାରୁ ମଧ୍ୟ ଶ୍ରେଷ୍ଠ ବୋଲି ଗଣ୍ୟ ଏବଂ ସକାମକର୍ମ କରୁଥିବା ଲୋକଙ୍କ ଠାରୁ ମଧ୍ୟ ଯୋଗୀ ଶ୍ରେଷ୍ଠ; ତେଣୁ ହେ ଅର୍ଜୁନ ! ତୁମେ ଯୋଗୀ ହୋଇଯାଅ ॥ ୪୬ ॥

ପ୍ରଶ୍ନ— ଏଠାରେ **ତପସ୍ୱୀ** ଶବ୍ଦ କାହାର ବାଚକ ?

ଉତ୍ତର— ସକାମଭାବରେ ଧର୍ମପାଳନପାଇଁ ଇନ୍ଦ୍ରିୟସଂଯମପୂର୍ବକ ସକଳ କ୍ରିୟା ବା ବିଷୟଭୋଗ ତ୍ୟାଗ କରି ମନ, ଇନ୍ଦ୍ରିୟ ଓ ଶରୀରସମ୍ବନ୍ଧୀ ସମସ୍ତ କଷ୍ଟକୁ ଯାହା ସହିଯିବାର ନାମ **ତପ** ଓ ତାହା କରିବା ଲୋକଙ୍କୁ **ତପସ୍ୱୀ** ବୋଲି କୁହାଯାଇଛି।

ପ୍ରଶ୍ନ— ଏଠାରେ **ଜ୍ଞାନୀ**ର ଅଭିପ୍ରାୟ କଣ ?

ଉତ୍ତର— ଏଠାରେ **ଜ୍ଞାନୀ** ଭଗବତ୍‌ପ୍ରାପ୍ତ ତତ୍ତ୍ୱଜ୍ଞାନୀ ପୁରୁଷଙ୍କ ବାଚକ ନୁହେଁ, କି ପରମାତ୍ମାଙ୍କୁ ପାଇବାପାଇଁ ଜ୍ଞାନଯୋଗ ସାଧନା କରୁଥିବା ଜ୍ଞାନଯୋଗୀଙ୍କର ବାଚକ ନୁହେଁ। ଏଠାରେ 'ଜ୍ଞାନୀ' ହେଉଛି କେବଳ ଶାସ୍ତ୍ର ଓ ଆଚାର୍ଯ୍ୟଙ୍କ ଉପଦେଶ ଅନୁସାରେ ବିବେକ-ବୁଦ୍ଧିଦ୍ୱାରା ସମସ୍ତ ବିଷୟ ବୁଝୁଥିବା ଶାସ୍ତ୍ରଜ୍ଞ ପୁରୁଷଙ୍କ ବାଚକ।

ପ୍ରଶ୍ନ— ଏଠାରେ **କର୍ମୀ**ର ଅଭିପ୍ରାୟ କଣ ?

ଉତ୍ତର— ସ୍ତ୍ରୀ, ପୁତ୍ର, ଧନ ଓ ସ୍ୱର୍ଗାଦି ପ୍ରାପ୍ତିପାଇଁ ଯଜ୍ଞ, ଦାନ, ପୂଜା, ସେବା ଆଦି ଶାସ୍ତ୍ରବିହିତ ଶୁଭକର୍ମ ସକାମଭାବରେ କରୁଥିବା ଲୋକର ନାମ **କର୍ମୀ**।

ପ୍ରଶ୍ନ— ଯେହେତୁ ତପସ୍ୟା କରୁଥିବା ଓ ଶାସ୍ତ୍ରଜ୍ଞାନ ସମ୍ପାଦନ କରୁଥିବା ଲୋକେ ମଧ୍ୟ ସକାମଭାବରେ ଯୁକ୍ତ, ତେଣୁ ସେମାନଙ୍କୁ ମଧ୍ୟ କର୍ମୀ ବୋଲି ମାନିବା ଉଚିତ ଥିଲା। କିନ୍ତୁ ସେପରି ନ ମାନି ସେମାନଙ୍କୁ ଅଲଗା ବୋଲି କାହିଁକି କୁହାଗଲା ?

ଉତ୍ତର— ଏଠାରେ 'କର୍ମୀ'ର ପ୍ରୟୋଗ ଏତେ ବ୍ୟାପକ ଅର୍ଥରେ ହୋଇ ନାହିଁ। ସକାମଭାବରେ ଯଜ୍ଞଦାନାଦି ଶାସ୍ତ୍ରବିହିତ କ୍ରିୟା କରୁଥିବା ଲୋକର ନାମ ହିଁ କର୍ମୀ। ଏଥିରେ କ୍ରିୟାର ବହୁଳତା ରହିଛି। ତପସ୍ୱୀଙ୍କ ଠାରେ କ୍ରିୟାର ପ୍ରାଧାନ୍ୟ ନାହିଁ; ତାଙ୍କ ଠାରେ ମନ ଓ ଇନ୍ଦ୍ରିୟସଂଯମର ପ୍ରାଧାନ୍ୟ ରହିଥାଏ ଓ ଶାସ୍ତ୍ରଜ୍ଞାନୀଙ୍କ ଠାରେ ଶାସ୍ତ୍ରୀୟ ବୌଦ୍ଧିକ ଆଲୋଚନାର ପ୍ରାଧାନ୍ୟ ରହିଥାଏ। ଭଗବାନ୍ ଏହି ପ୍ରଭେଦକୁ ଧ୍ୟାନରେ ରଖି ହିଁ କର୍ମୀଙ୍କ ମଧ୍ୟରେ ତପସ୍ୱୀ ଓ ଶାସ୍ତ୍ରଜ୍ଞାନୀମାନଙ୍କୁ ଅନ୍ତର୍ଭୁକ୍ତ ନ କରି, ସେମାନଙ୍କୁ ପୃଥକ୍‌ଭାବରେ ନିର୍ଦ୍ଦେଶ କରିଛନ୍ତି।

ପ୍ରଶ୍ନ— ଏହି ଶ୍ଲୋକରେ 'ଯୋଗୀ' ଶବ୍ଦର ଅଭିପ୍ରାୟ କଣ ?

ଉତ୍ତର— ଏଠାରେ ଜ୍ଞାନଯୋଗ, ଧ୍ୟାନଯୋଗ, ଭକ୍ତିଯୋଗ ଓ କର୍ମଯୋଗ ଆଦି ଯେକୌଣସି ସାଧନାରେ ସାଧନାର ପରାକାଷ୍ଠାରୂପକ 'ସମତ୍ୱଯୋଗ'-ପ୍ରାପ୍ତ ପୁରୁଷଙ୍କର ନାମ 'ଯୋଗୀ'।

ପ୍ରଶ୍ନ— ଜ୍ଞାନଯୋଗ ଓ କର୍ମଯୋଗ— ଏହି ଦୁଇଟି ନିଷ୍ଠା ହିଁ ସ୍ୱୀକାର କରାଯାଇଛି। ତା'ହେଲେ ଭକ୍ତିଯୋଗ ଓ ଧ୍ୟାନଯୋଗ କଣ ଏ ଦୁଇଟିଠାରୁ ଭିନ୍ନ ?

ଉତ୍ତର— ଭକ୍ତିଯୋଗ ତ କର୍ମଯୋଗର ହିଁ ଅନ୍ତର୍ଗତ। ଯେଉଁଠି ଭକ୍ତିପ୍ରଧାନ କର୍ମ ହୁଏ, ସେଠାରେ ତା'ର ନାମ ଭକ୍ତିଯୋଗ ଓ ଯେଉଁଠି କର୍ମପ୍ରଧାନ କର୍ମ ହୁଏ, ସେଠାରେ ତାହାକୁ କର୍ମଯୋଗ କହନ୍ତି। ଧ୍ୟାନଯୋଗ ଉଭୟ ନିଷ୍ଠାରେ ସହାୟକ ସାଧନ। ଅଭେଦବୁଦ୍ଧିରେ କରାଗଲେ ତାହା ଜ୍ଞାନଯୋଗରେ ଓ ଭେଦବୁଦ୍ଧିରେ କରାଗଲେ ତାହା କର୍ମଯୋଗରେ ସହାୟକ ହୁଏ।

ତାତ୍ପର୍ଯ୍ୟ— ପୂର୍ବଶ୍ଲୋକରେ ଯୋଗୀଙ୍କୁ ସର୍ବଶ୍ରେଷ୍ଠ ବୋଲି କହି ଭଗବାନ୍ ଅର୍ଜୁନଙ୍କୁ ଯୋଗୀ ହେବାକୁ ଉପଦେଶ ଦେଲେ। କିନ୍ତୁ ଜ୍ଞାନଯୋଗ, ଧ୍ୟାନଯୋଗ, ଭକ୍ତିଯୋଗ ଓ କର୍ମଯୋଗ ଆଦି ସାଧନା ମଧ୍ୟରୁ ଅର୍ଜୁନ କେଉଁ ସାଧନା କରିବା ଉଚିତ, ତାହାର ସ୍ପଷ୍ଟୀକରଣ କରି ନାହାନ୍ତି। ତେଣୁ ବର୍ତ୍ତମାନ ଭଗବାନ୍ ତାଙ୍କୁ ଅନନ୍ୟପ୍ରେମ କରୁଥିବା ଭକ୍ତଯୋଗୀଙ୍କୁ ପ୍ରଶଂସା କରି ଅର୍ଜୁନଙ୍କୁ ନିଜ ଆଡ଼କୁ ଆକର୍ଷଣ କରୁଛନ୍ତି—

ଯୋଗିନାମପି ସର୍ବେଷାଂ ମଦ୍‌ଗତେନାନ୍ତରାତ୍ମନା ।
ଶ୍ରଦ୍ଧାବାନ୍ ଭଜତେ ଯୋ ମାଂ ସ ମେ ଯୁକ୍ତତମୋ ମତଃ ।। ୪୭ ।।

ଅନ୍ୱୟ – **ସର୍ବେଷାମ୍** = ସମସ୍ତ; **ଯୋଗିନାମ୍** = ଯୋଗିମାନଙ୍କ ମଧ୍ୟରେ; **ଅପି** = ବି; **ଯଃ** = ଯେଉଁ; **ଶ୍ରଦ୍ଧାବାନ୍** = ଶ୍ରଦ୍ଧାବାନ୍ ଯୋଗୀ; **ମଦ୍‌ଗତେନ** = ମୋଠାରେ ଲାଖିରହିଥିବା; **ଅନ୍ତରାତ୍ମନା** = ଅନ୍ତରାତ୍ମାଦ୍ୱାରା; **ମାମ୍** = ମୋତେ; **ଭଜତେ** = ନିରନ୍ତର ଭଜେ; **ସଃ** = ସେହି ଯୋଗୀ; **ମେ** = ମୋ ପକ୍ଷରେ; **ଯୁକ୍ତତମଃ** = ପରମଶ୍ରେଷ୍ଠ (ଭୋଳି); **ମତଃ** = ମାନ୍ୟ ଅଟେ ।

ସମସ୍ତ ଯୋଗୀମାନଙ୍କ ମଧ୍ୟରେ ବି ଯେଉଁ ଶ୍ରଦ୍ଧାବାନ୍ ଯୋଗୀ ମୋଠାରେ ଲାଗିରହିଥିବା ଅନ୍ତରାତ୍ମାଦ୍ୱାରା ମୋତେ ନିରନ୍ତର ଭଜୁଥାନ୍ତି, ସେହି ଯୋଗୀ ମୋ ପକ୍ଷରେ ପରମ ଶ୍ରେଷ୍ଠ ବୋଲି ମାନ୍ୟ ଅଟନ୍ତି ।। ୪୭ ।।

ପ୍ରଶ୍ନ – ଏଠାରେ **ଯୋଗିନାମ୍** ପଦ ସହିତ 'ଅପି' ପ୍ରୟୋଗ କରି **ସର୍ବେଷାମ୍** ବିଶେଷଣ ଦେବାର ଅଭିପ୍ରାୟ କଣ ?

ଉତ୍ତର – ଚତୁର୍ଥ ଅଧ୍ୟାୟର ଚବିଶଠାରୁ ତିରିଶ ଶ୍ଲୋକଯାଏ ଭଗବତ୍‌ପ୍ରାପ୍ତିର ଯେତେସବୁ ସାଧନା ଯଜ୍ଞ ନାମରେ କୁହାଯାଇଛି, ସେସବୁ ଛଡ଼ା ଭଗବତ୍‌ପ୍ରାପ୍ତିର ଆହୁରି ଯେଉଁ ଯେଉଁ ସାଧନା ଏପର୍ଯ୍ୟନ୍ତ ବର୍ଣ୍ଣନା କରାଯାଇଛି, ସେସବୁର ପରାକାଷ୍ଠାର ନାମ 'ଯୋଗ'। ତେଣୁ ବିଭିନ୍ନ ସାଧନା କରୁଥିବା ବିଭିନ୍ନପ୍ରକାର 'ଯୋଗୀ' ଥାଇପାରନ୍ତି। ସେହିସବୁ ଯୋଗୀମାନଙ୍କୁ ଲକ୍ଷ୍ୟ କରି ଏଠାରେ **ଯୋଗିନାମ୍** ପଦ ସହିତ **ଅପି** ପଦ ପ୍ରୟୋଗ କରାଯାଇଛି ଓ **ସର୍ବେଷାମ୍** ବିଶେଷଣ ଦିଆଯାଇଛି ।

ପ୍ରଶ୍ନ – **ଶ୍ରଦ୍ଧାବାନ୍** ପୁରୁଷଙ୍କ ଲକ୍ଷଣ କଣ ?

ଉତ୍ତର – ଯେ ଭଗବାନଙ୍କ ସତ୍ତାରେ, ତାଙ୍କ ଅବତାରମାନଙ୍କରେ, ତାଙ୍କ ବଚନରେ, ତାଙ୍କ ଅଚିନ୍ତ୍ୟ ଅନନ୍ତ ଦିବ୍ୟଗୁଣମାନଙ୍କରେ ତଥା ତାଙ୍କ ନାମ ଓ ଲୀଳାରେ ଏବଂ ତାଙ୍କ ମହିମା, ଶକ୍ତି ପ୍ରଭାବ ଓ ଐଶ୍ୱର୍ଯ୍ୟ ଆଦିରେ ପ୍ରତ୍ୟକ୍ଷସଦୃଶ ପୂର୍ଣ୍ଣ ଓ ଅଟଳ ବିଶ୍ୱାସ ରଖନ୍ତି, ତାହାକୁ **ଶ୍ରଦ୍ଧାବାନ୍** କୁହାଯାଏ ।

ପ୍ରଶ୍ନ – **ମଦ୍‌ଗତେନ** ବିଶେଷଣ ସହିତ **ଅନ୍ତରାତ୍ମା** ପଦ କାହାର ବାଚକ ?

ଉତ୍ତର – ଏହାଦ୍ୱାରା ଭଗବାନ୍ ଦେଖାଇଦେଉଛନ୍ତି, ''ମୋତେ ହିଁ ସର୍ବଶ୍ରେଷ୍ଠ, ସର୍ବଗୁଣାଧାର, ସର୍ବଶକ୍ତିମାନ୍ ଓ ମହାନ୍ ପ୍ରିୟତମ ବୋଲି ଜାଣିବା ଫଳରେ ଯାହାଙ୍କର ମୋଠାରେ ଅନନ୍ୟ ପ୍ରେମ ହୋଇଯାଇଛି ଏବଂ ସେହିହେତୁ ଯାହାଙ୍କର ମନ-ବୁଦ୍ଧିରୂପକ ଅନ୍ତଃକରଣ ଅଟଳ, ଅଟଳ ଓ ଅନନ୍ୟଭାବରେ ମୋଠାରେ ହିଁ ଲାଗିଯାଇଛି, ତାହାଙ୍କର ସେହି ଅନ୍ତଃକରଣକୁ **ମଦ୍‌ଗତ ଅନ୍ତରାତ୍ମା** ବା ମୋଠାରେ ଲାଗିରହିଥିବା ଅନ୍ତରାତ୍ମା ବୋଲି କହନ୍ତି ।''

ପ୍ରଶ୍ନ – ଏଠାରେ ଅନନ୍ୟ ପ୍ରେମରେ ଭଗବାନଙ୍କ ଠାରେ ସ୍ଥିତ ରହୁଥିବା ମନବୁଦ୍ଧିକୁ ହିଁ 'ମଦ୍‌ଗତ ଅନ୍ତରାତ୍ମା' କାହିଁକି କୁହାଯାଇଛି ? ଭୟ ଓ ଦ୍ୱେଷ ଆଦି କାରଣରୁ ମଧ୍ୟ ମନ ଓ ବୁଦ୍ଧି ଭଗବାନଙ୍କ ଠାରେ ଲାଗିପାରେ କି ?

ଉତ୍ତର – ଲାଗିପାରେ, ଓ ଯେକୌଣସି ବି କାରଣରୁ ମନବୁଦ୍ଧି ପରମାତ୍ମାରେ ଲାଗିଯିବାର ଫଳ ପରମ କଲ୍ୟାଣକର ହିଁ ଅଟେ। କିନ୍ତୁ ଏଠାରେ ପ୍ରେମପୂର୍ବକ ଭଗବାନଙ୍କ ଠାରେ ମନବୁଦ୍ଧି ଲଗାଇବାର ପ୍ରସଙ୍ଗ ଚାଲିଛି। ଭୟ ଓ ଦ୍ୱେଷପୂର୍ବକ ଲାଗିଥିବା ମନବୁଦ୍ଧିର ପ୍ରସଙ୍ଗ ପଡ଼ି ନାହିଁ। କାରଣ ଭୟ ଓ ଦ୍ୱେଷରୁ ଯାହାର ମନବୁଦ୍ଧି ଭଗବାନଙ୍କ ଠାରେ ଲାଗିଯାଏ, ତାହାକୁ ଶ୍ରଦ୍ଧାବାନ୍ କୁହାଯାଇପାରିବ ନାହିଁ, କି ପରମଯୋଗୀ ବୋଲି ମାନିହେବ ନାହିଁ। ଏହା ଛଡ଼ା ସପ୍ତମ ଅଧ୍ୟାୟର ଆରମ୍ଭରେ ହିଁ ଭଗବାନ୍ **'ମଯ୍ୟାସକ୍ତମନାଃ'** କହି ଅନନ୍ୟ ପ୍ରେମର ହିଁ ସଙ୍କେତ କରିଛନ୍ତି। ଏହା ଛଡ଼ା, ଗୀତାରେ ସ୍ଥାନେ ସ୍ଥାନେ (୭/୧୭, ୯/୧୪, ୧୦/୧୦) ପ୍ରେମପୂର୍ବକ ଭଗବାନଙ୍କ ଠାରେ ମନବୁଦ୍ଧି ଲଗାଇବାର ହିଁ ପ୍ରଶଂସା କରିଛନ୍ତି। ଅତଏବ ଏଠାରେ ଏପରି ହିଁ ମାନିବା ଉଚିତ।

ପ୍ରଶ୍ନ – ଏଠାରେ **ମାମ୍** ପଦ ଭଗବାନଙ୍କ ସଗୁଣରୂପର ବାଚକ ନା ନିର୍ଗୁଣର ?

ଉତ୍ତର – ଏଠାରେ **ମାମ୍** ପଦଟି ହେଉଛି ନିଉତିଶୟ ଜ୍ଞାନ, ଶକ୍ତି, ଐଶ୍ୱର୍ଯ୍ୟ, ବୀର୍ଯ୍ୟ ଓ ତେଜ ଆଦିର ପରମ ଆଶ୍ରୟ, ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ଓ ଔଦାର୍ଯ୍ୟର

ଅନନ୍ତସାଗର, ପରମଦୟାଳୁ, ପରମସୁହୃଦ୍, ପରମପ୍ରେମୀ, ଦିବ୍ୟ ଅଚିନ୍ତ୍ୟାନନ୍ଦସ୍ୱରୂପ, ନିତ୍ୟ, ସତ୍ୟ, ଅଜ ଓ ଅବିନାଶୀ, ସର୍ବାନ୍ତର୍ଯାମୀ, ସର୍ବଜ୍ଞ, ସର୍ବଶକ୍ତିମାନ୍, ସର୍ବଦିବ୍ୟଗୁଣାକଳ୍ପିତ, ସର୍ବାତ୍ମା, ଅଚିନ୍ତ୍ୟମହତ୍ତ୍ୱରେ ମହିମାନ୍ୱିତ, ଚିତ୍ର-ବିଚିତ୍ରଲୀଳାକାରୀ, ଳୀଳାମାତ୍ରରେ ପ୍ରକୃତିଦ୍ୱାରା ସାରା ଜଗତର ଉତ୍ପତ୍ତି, ସ୍ଥିତି ଓ ସଂହାରକାରୀ ତଥା ରସସାଗର, ରସମୟ, ଆନନ୍ଦକନ୍ଦ, ସଗୁଣ-ନିର୍ଗୁଣରୂପ ସମଗ୍ର ବ୍ରହ୍ମ ପୁରୁଷୋତ୍ତମଙ୍କର ବାଚକ।

ପ୍ରଶ୍ନ – ଏଠାରେ **ଭଜତେ** କ୍ରିୟା ପଦର ଭାବ କଣ ?

ଉତ୍ତର – ସବୁପ୍ରକାରେ ଓ ସବୁ ଦିଟର୍ର ନିଜର ମନବୁଦ୍ଧି ଭଗବାନଙ୍କ ଠାରେ ଲଗାଇ ପରମଶ୍ରଦ୍ଧା ଓ ପ୍ରେମର ସହିତ, ଚାଲିବା-ବୁଲିବା, ଉଠିବା-ବସିବା, ଖାଇବା-ପିଇବା, ଶୋଇବା-ଜାଗିବା ଆଦି ପ୍ରତ୍ୟେକ କ୍ରିୟା କରିବାବେଳେ ଅଥବା ଏକାନ୍ତରେ ରହିଥିବାବେଳେ ନିରନ୍ତର ଶ୍ରୀଭଗବାନଙ୍କ ଭଜନ ଧ୍ୟାନ କରିବା ହିଁ **ଭଜତେର** ଅର୍ଥ।

ପ୍ରଶ୍ନ – 'ସେ ମୋ ପକ୍ଷରେ ପରମଶ୍ରେଷ୍ଠ ବୋଲି ମାନ୍ୟ ଅଟନ୍ତି' — ଭଗବାନଙ୍କର ଏହି କଥାର ଭାବ କଣ ?

ଉତ୍ତର – ଶ୍ରୀଭଗବାନ୍ ଏଠାରେ ନିଜର ପ୍ରେମୀ ଭକ୍ତମାନଙ୍କର ମହିମା ବର୍ଣ୍ଣନା କରି ସତେ ଯେପରି କହୁଛନ୍ତି, ''ଯଦ୍ୟପି ତପସ୍ୱୀ, ଜ୍ଞାନୀ ଓ କର୍ମୀ ଆଦି ସମସ୍ତେ ମୋର ପ୍ରିୟ ଏବଂ ଏହି ସମସ୍ତଙ୍କ ଠାରୁ ମଧ୍ୟ ସେହି ଯୋଗୀ ମୋର ଅଧିକ ପ୍ରିୟ, ଯେ କି ମୋର ପ୍ରାପ୍ତିପାଇଁ ହିଁ ସାଧନା କରନ୍ତି, କିନ୍ତୁ ଯେ ମୋର ସମଗ୍ରରୂପକୁ ଜାଣି ମୋତେ ଅନନ୍ୟ ପ୍ରେମ କରନ୍ତି, କେବଳ ମୋତେ ହିଁ ନିଜର ପରମ ପ୍ରେମାସ୍ପଦ ଭାବି, କୌଣସି କଥାକୁ ଅପେକ୍ଷା, ଆକାଂକ୍ଷା ଓ ଭ୍ରୁକ୍ଷେପ ନ କରି ଦିନରାତି ମୋଠାରେ ହିଁ ନିଜର ଅନ୍ତରାତ୍ମା ଲଗାଇରଖନ୍ତି, ମାତୃପରାୟଣ ଶିଶୁପରି ଯେ ମୋ ଛଡ଼ା ଆଉ କିଛି ଜାଣନ୍ତି ନାହିଁ, ସେ ତ ମୋ ହୃଦୟର ପରମଧନ ଅଟନ୍ତି। ଅପତ୍ୟସ୍ନେହରେ ଯାହାଙ୍କର ହୃଦୟ ପରିପୂର୍ଣ୍ଣ, ଯାହାଙ୍କୁ ଦିନରାତି ନିଜର ପ୍ରିୟ ଶିଶୁକୁ ଦେଖିବାରେ ନିତ୍ୟନୂତନ ଆନନ୍ଦ ମିଳେ, ସେପରି ବାତ୍ସଲ୍ୟସ୍ନେହମୟୀ ଅସଂଖ୍ୟ ମାତାଙ୍କ ହୃଦୟ ଏକତ୍ର ହୋଇଗଲେ ମୋର ଅଚିନ୍ତ୍ୟାନନ୍ତ ପ୍ରେମମୟ ହୃଦୟସାଗରର ଗୋଟିଏ ବିନ୍ଦୁ ସହିତ ବି ସମାନ ହେବ ନାହିଁ। ମୋର ସେହି ବିରାଟ ହୃଦୟରେ ମୁଁ ତାଙ୍କୁ ଦେଖିଥାଏ ଓ ତାଙ୍କର ପ୍ରତ୍ୟେକ କ୍ରିୟା ମୋତେ ଅପାର ସୁଖ ଦେଉଥାଏ। ସାରା ଜଗତକୁ ଅନାଦିକାଳରୁ ଯେତେପ୍ରକାର ଯେଉଁ ଯେଉଁ ଆନନ୍ଦ ପ୍ରାପ୍ତ ହୋଇ ଆସୁଛି, ସେସବୁ ତ ମୋ ଆନନ୍ଦସାଗରର ଗୋଟିଏ ବିନ୍ଦୁ ସହିତ ତୁଳନୀୟ ନୁହେଁ। ଏପରି ଅନନ୍ତ ଆନନ୍ଦର ଅପାର ସାଗର ହୋଇ ମଧ୍ୟ ମୁଁ ମୋର ସେହି **ମଦ୍‌ଗତାନ୍ତରାତ୍ମା** ଭକ୍ତଙ୍କର ଚେଷ୍ଟା ଦେଖି ଦେଖି ପରମ ଆନନ୍ଦ ଉପଭୋଗ କରେ। ତାଙ୍କର କି ପ୍ରଶଂସା କରିବି ! ସେ ତ ମୋ ନିଜର; ମୋର ହିଁ ଅଟନ୍ତି; ତାଙ୍କ ଠାରୁ ପ୍ରିୟତମ ହୋଇ ମୋର ଆଉ କିଏ ବା ଅଛି ! ଯେ ମୋର ପ୍ରିୟତମ, ସେ ତ ଶ୍ରେଷ୍ଠତମ। ତେଣୁ ମୋ ମତରେ ସେ ହିଁ ସର୍ବୋତ୍ତମ ଭକ୍ତ ଓ ସେ ହିଁ ସର୍ବୋତ୍ତମ ଯୋଗୀ।

ଓଁ ତତ୍‌ସତିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ
ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ ଆତ୍ମସଂଯମଯୋଗୋ
ନାମ ଷଷ୍ଠୋଽଧ୍ୟାୟଃ ॥ ୬ ॥

ଓଁ ଶ୍ରୀପରମାତ୍ମନେ ନମଃ

ସପ୍ତମୋଽଧ୍ୟାୟଃ

ଜ୍ଞାନବିଜ୍ଞାନ ଯୋଗ

ଷଟ୍‌କ ବ୍ୟବସ୍ଥୀକରଣ : ଶ୍ରୀମଦ୍ଭଗବଦ୍‌ଗୀତାର ଅଠର ଅଧ୍ୟାୟକୁ ଯଦିଓ କର୍ମଯୋଗ, ଭକ୍ତିଯୋଗ ଓ ଜ୍ଞାନଯୋଗ କ୍ରମରେ ଛଅ ଛଅ ଅଧ୍ୟାୟବିଶିଷ୍ଟ ତିନୋଟି ଷଟ୍‌କ ବୋଲି ଧରାଯାଏ, ତଥାପି ଏହାର ଅର୍ଥ ନୁହେଁ ଯେ, ଏହି ଷଟ୍‌କମାନଙ୍କରେ କେବଳ ଗୋଟିଏ ଯୋଗର ହିଁ ବର୍ଣ୍ଣନା ହୋଇଛି ଏବଂ ଅନ୍ୟ ଯୋଗର ଚର୍ଚ୍ଚା ଆଦୌ ହୋଇ ନାହିଁ। ଯେଉଁ ଷଟ୍‌କରେ ଯେଉଁ ଯୋଗର ବର୍ଣ୍ଣନାକୁ ପ୍ରାଧାନ୍ୟ ଦିଆଯାଇଛି, ସେହି ଅନୁସାରେ ତାହାର ନାମ ରଖାଯାଇଛି।

ପ୍ରଥମ ଷଟ୍‌କର ପ୍ରଥମ ଅଧ୍ୟାୟଟି କେବଳ ଉପକ୍ରମ। ଏଥିରେ ଉପରୋକ୍ତ ତିନି ଯୋଗ ମଧ୍ୟରୁ କୌଣସି ବି ଯୋଗର ବିଷୟ ନାହିଁ। ଦ୍ୱିତୀୟ ଅଧ୍ୟାୟର ଏଗାରରୁ ତିରିଶ ଶ୍ଲୋକପର୍ଯ୍ୟନ୍ତ ସାଂଖ୍ୟଯୋଗ (ଜ୍ଞାନଯୋଗ)ର ବିଷୟ ଏବଂ ଅଣତାଳିଶ ଶ୍ଲୋକଠାରୁ ଆରମ୍ଭ କରି ତୃତୀୟ ଅଧ୍ୟାୟର ଶେଷପର୍ଯ୍ୟନ୍ତ ମୁଖ୍ୟତଃ କର୍ମଯୋଗର ବିସ୍ତୃତ ବର୍ଣ୍ଣନା ହୋଇଛି। ଚତୁର୍ଥ ଓ ପଞ୍ଚମ ଅଧ୍ୟାୟରେ କର୍ମଯୋଗ ଓ ଜ୍ଞାନଯୋଗର ମିଶ୍ରିତ ବର୍ଣ୍ଣନା ହୋଇଛି, ତଥା ଷଷ୍ଠ ଅଧ୍ୟାୟରେ ମୁଖ୍ୟତଃ ଧ୍ୟାନଯୋଗର ବର୍ଣ୍ଣନା ହୋଇଛି। ତା' ସହିତ ପ୍ରସଙ୍ଗାନୁସାରେ କର୍ମଯୋଗ ଆଦିର ମଧ୍ୟ ବର୍ଣ୍ଣନା କରାଯାଇଛି। ଏପରିଭାବରେ ଏହି ଷଟ୍‌କରେ ସବୁ ବିଷୟର ମିଶ୍ରଣ ହୋଇଛି, ତଥାପି ଅନ୍ୟ ଦୁଇଟି ଷଟ୍‌କ ତୁଳନାରେ ଏଥିରେ କର୍ମଯୋଗର ବର୍ଣ୍ଣନା ଅଧିକ। ଏହି ଦୃଷ୍ଟିରୁ ଏହାକୁ କର୍ମଯୋଗପ୍ରଧାନ ଷଟ୍‌କ ବୋଲି ଧରିନିଆଯାଏ।

ସପ୍ତମ ଅଧ୍ୟାୟଠାରୁ ଦ୍ୱାଦଶ ଅଧ୍ୟାୟଯାଏ ଦ୍ୱିତୀୟ ଷଟ୍‌କ। ଏଥିରେ ପ୍ରସଙ୍ଗକ୍ରମେ କେଉଁଠି କେଉଁଠି ଅନ୍ୟାନ୍ୟ ବିଷୟର ଚର୍ଚ୍ଚା ହୋଇଥିଲେ ମଧ୍ୟ ଏହି ଅଧ୍ୟାୟଗୁଡ଼ିକରେ ପ୍ରଧାନତଃ ଭକ୍ତିଯୋଗର ହିଁ ବିଶଦ ବର୍ଣ୍ଣନା ହୋଇଛି; ଅତଏବ ଏହି ଷଟ୍‌କକୁ ଭକ୍ତିପ୍ରଧାନ ବୋଲି ମାନିବା ଉଚିତ।

ଅନ୍ତିମ ଷଟ୍‌କରେ ତ୍ରୟୋଦଶ ଓ ଚତୁର୍ଦ୍ଦଶ ଅଧ୍ୟାୟ ସ୍ପଷ୍ଟତଃ ଜ୍ଞାନଯୋଗ-ପ୍ରକରଣ। ପଞ୍ଚଦଶ ଅଧ୍ୟାୟରେ ଭକ୍ତିଯୋଗର ବର୍ଣ୍ଣନା ହୋଇଛି। ଷୋଡଶ ଅଧ୍ୟାୟରେ ଦୈବୀ ଓ ଆସୁରୀ ସମ୍ପଦର ବ୍ୟାଖ୍ୟା କରାଯାଇଛି। ସପ୍ତଦଶରେ ଶ୍ରଦ୍ଧା, ଆହାର ଓ ଯଜ୍ଞ, ଦାନ, ତପ ଆଦି ନିରୂପଣ କରାଯାଇଛି ଏବଂ ଅଷ୍ଟାଦଶ ଅଧ୍ୟାୟଟି ଗୀତାର ଉପସଂହାର ହୋଇଥିବାରୁ ସେଥିରେ କର୍ମ, ଭକ୍ତି ଓ ଜ୍ଞାନ ତିନୋଟିଯାକ ଯୋଗର ବର୍ଣ୍ଣନା ହୋଇଛି, ତଥା ଶେଷରେ ଶରଣାଗତିପ୍ରଧାନ ଭକ୍ତିଯୋଗରେ ଗୀତା-ଉପଦେଶର ଉପସଂହାର କରାଯାଇଛି। ଏସବୁ ସତ୍ତ୍ୱେ ମାନିବାକୁ ହିଁ ପଡ଼ିବ ଯେ, ଏହି ଅନ୍ତିମ ଷଟ୍‌କରେ ଜ୍ଞାନଯୋଗର ଯେତିକି ବର୍ଣ୍ଣନା କରାଯାଇଛି, ପ୍ରଥମ ଓ ଦ୍ୱିତୀୟ ଷଟ୍‌କରେ ସେତିକି କରାଯାଇ ନାହିଁ। ଏଣୁ ଏହାକୁ ଜ୍ଞାନଯୋଗପ୍ରଧାନ କୁହାଯାଇପାରେ।

ଅଧ୍ୟାୟର ନାମ : ପରମାତ୍ମାଙ୍କ ନିର୍ଗୁଣ ନିରାକାର ତତ୍ତ୍ୱର ପ୍ରଭାବ, ମାହାତ୍ମ୍ୟ ଆଦି ରହସ୍ୟ ସହିତ ସଂପୂର୍ଣ୍ଣରୂପେ ଜାଣିନେବାର ନାମ 'ଜ୍ଞାନ' ଏବଂ ସଗୁଣ ନିରାକାର ଓ ସାକାର ତତ୍ତ୍ୱର ଲୀଳା, ରହସ୍ୟ, ମହତ୍ତ୍ୱ, ଗୁଣ ଓ ପ୍ରଭାବ ଆଦିର ପୂର୍ଣ୍ଣଜ୍ଞାନ ହିଁ 'ବିଜ୍ଞାନ'। ଏହି ଜ୍ଞାନ ଓ ବିଜ୍ଞାନ ସହିତ ଭଗବାନଙ୍କ ସ୍ୱରୂପକୁ ଜାଣିବା ହିଁ ସମଗ୍ର ଭଗବାନଙ୍କୁ ଜାଣିବା। ଏହି ଅଧ୍ୟାୟରେ 'ସମଗ୍ର' ଭଗବାନଙ୍କ ସ୍ୱରୂପର, ତାହା ଜାଣିବାକୁ ଯେଉଁମାନେ ଯୋଗ୍ୟ ସେହି ଅଧିକାରୀମାନଙ୍କର ତଥା ବିଭିନ୍ନ ସାଧନାର ବର୍ଣ୍ଣନା ରହିଛି। ଅତଏବ ଏହି ଅଧ୍ୟାୟର ନାମ 'ଜ୍ଞାନବିଜ୍ଞାନ-ଯୋଗ' ରଖାଯାଇଛି।

ଅଧ୍ୟାୟର ସାରାଂଶ : ଏହି ଅଧ୍ୟାୟର ପ୍ରଥମ ଶ୍ଲୋକରେ ଭଗବାନ୍ ଅର୍ଜୁନଙ୍କୁ ତାଙ୍କର ସମଗ୍ର ରୂପର ବର୍ଣ୍ଣନା ଶୁଣିବାକୁ ଆଦେଶ ଦେଇଛନ୍ତି ତଥା ଦ୍ୱିତୀୟ ଶ୍ଲୋକରେ ବିଜ୍ଞାନ ସହିତ ଜ୍ଞାନ ବର୍ଣ୍ଣନା କରିବାକୁ ପ୍ରତିଜ୍ଞା କରି ତା'ର ପ୍ରଶଂସା କରିଛନ୍ତି। ତୃତୀୟ ଶ୍ଲୋକରେ ଭଗବତ୍‌ସ୍ୱରୂପକୁ ତତ୍ତ୍ୱତଃ ଜାଣିବାର ଦୁର୍ଲ୍ଲଭତା ପ୍ରତିପାଦନ କରିଛନ୍ତି। ଚତୁର୍ଥ ଓ ପଞ୍ଚମ ଶ୍ଲୋକରେ ନିଜର ଅପରା ଓ ପରା ପ୍ରକୃତିର ସ୍ୱରୂପ ବୁଝାଇ, ଷଷ୍ଠରେ ଉଭୟ ପ୍ରକୃତିକୁ ସକଳ ପ୍ରାଣୀଙ୍କର କାରଣ ଓ ନିଜକୁ ସମସ୍ତଙ୍କର ମହାକାରଣ ବୋଲି ବୁଝାଇଛନ୍ତି। ସପ୍ତମ ଶ୍ଲୋକରେ ସାରା ଜଗତକୁ ନିଜର ସ୍ୱରୂପ ବୋଲି କହି, ମାଳାର ଦୃଷ୍ଟାନ୍ତ ଦେଇ ସାରରୂପରେ ନିଜର ବ୍ୟାପକତା ପ୍ରକାଶ କରିଛନ୍ତି। ଆଠରୁ ବାର ଶ୍ଲୋକଯାଏ ବିସ୍ତାରପୂର୍ବକ ନିଜର ସର୍ବବ୍ୟାପକତା ବର୍ଣ୍ଣନା କରିଛନ୍ତି। ତେର ଶ୍ଲୋକରେ ନିଜକୁ (ଭଗବାନଙ୍କୁ) ତତ୍ତ୍ୱତଃ ଜାଣି ନ ପାରିବାର କାରଣ ନିରୂପଣ କରି ଚଉଦ ଶ୍ଲୋକରେ ନିଜ ମାୟା ଭିପରି ଅତ୍ୟନ୍ତ ଦୁସ୍ତର, ତାହା ବର୍ଣ୍ଣନା କରିଛନ୍ତି ଓ ସେଥିରୁ ପାର ହେବାର ଉପାୟ କହିଛନ୍ତି। ପନ୍ଦରରେ ପାପାତ୍ମା ମୂଢ଼ ମନୁଷ୍ୟମାନଙ୍କ ଦ୍ୱାରା ଭଜନ ହୋଇ ପାରେ ନାହିଁ ବୋଲି କହି ଷୋହଳରେ ନିଜର ଚାରିପ୍ରକାର ପୁଣ୍ୟାତ୍ମାଭକ୍ତଙ୍କ କଥା କହିଛନ୍ତି। ସତରରେ ଜ୍ଞାନୀଭକ୍ତଙ୍କ ଶ୍ରେଷ୍ଠତା ନିରୂପଣ କରି, ଅଠରରେ ସମସ୍ତ ଭକ୍ତଙ୍କୁ ଉଦାର ବୋଲି ଓ ଜ୍ଞାନୀଙ୍କୁ ନିଜର ଆତ୍ମା ବୋଲି କହିଛନ୍ତି। ଉଣେଇଶରେ ଜ୍ଞାନୀଭକ୍ତଙ୍କର ବିରଳତା ବର୍ଣ୍ଣନା କରିଛନ୍ତି। କୋଡ଼ିଏରେ ଅନ୍ୟ ଦେବୋପାସକମାନଙ୍କ କଥା କହି ଏକୋଇଶରେ ଅନ୍ୟ ଦେବତାମାନଙ୍କ ପ୍ରତି ଶ୍ରଦ୍ଧା ସ୍ଥିର କରିବାର ଫଳ ଏବଂ ବାଇଶରେ ସେମାନଙ୍କ ଉପାସନାର ଫଳ ନିରୂପଣ କରିଛନ୍ତି। ତେଇଶରେ ଅନ୍ୟ ଦେବତାମାନଙ୍କ ଉପାସନାର ଫଳ ନାଶବାନ୍ ବୋଲି କହି ତାଙ୍କ (ଭଗବାନଙ୍କ) ଉପାସନାର ମହାନ୍ ଫଳ ଭଗବତ୍‌ପ୍ରାପ୍ତି ବୋଲି କହିଛନ୍ତି। ଚବିଶ ଓ ପଚିଶରେ ନିଜର ଗୁଣ, ପ୍ରଭାବ ଓ ସ୍ୱରୂପକୁ ଲୋକେ ଜାଣି ନ ପାରିବାର କାରଣ ବର୍ଣ୍ଣନା କରି ଛବିଶରେ କହିଛନ୍ତି, "ମୁଁ ସମସ୍ତଙ୍କୁ ଜାଣେ, କିନ୍ତୁ ମୋତେ କେହି ଜାଣନ୍ତି ନାହିଁ।" ସତେଇଶରେ ତାଙ୍କୁ ଜାଣି ନ ପାରିବାର କାରଣ ବୁଝାଇ ଅଠେଇଶରେ ତାଙ୍କୁ ଭଜନ କରୁଥିବା ଦୃଢ଼ବ୍ରତ ଶ୍ରେଷ୍ଠ ଭକ୍ତମାନଙ୍କର ଲକ୍ଷଣ ବର୍ଣ୍ଣନା କରିଛନ୍ତି। ତା'ପରେ ଅଣତିରିଶରେ ତାଙ୍କର ଆଶ୍ରୟ ନେଇ ଯତ୍ନ କରୁଥିବା ଲୋକର ବ୍ରହ୍ମପ୍ରାପ୍ତି ହୁଏ ବୋଲି କହି ତିରିଶ ଶ୍ଲୋକରେ ତାଙ୍କର ସମଗ୍ର ସ୍ୱରୂପକୁ ଜାଣିବାର ମହିମା ନିରୂପଣ କରିବା ସହିତ ଅଧ୍ୟାୟର ଉପସଂହାର କରିଛନ୍ତି।

ସମ୍ବନ୍ଧ — ଷଷ୍ଠ ଅଧ୍ୟାୟର ଶେଷ ଶ୍ଲୋକରେ ଭଗବାନ୍ କହିଛନ୍ତି, 'ଅନ୍ତରାତ୍ମାକୁ ମୋ'ଠାରେ ଲଗାଇ ଯେ ଶ୍ରଦ୍ଧା ଓ ପ୍ରେମର ସହିତ ମୋତେ ଭଜନ କରନ୍ତି, ସେ ସକଳ ଯୋଗୀମାନଙ୍କ ମଧ୍ୟରେ ଉତ୍ତମ ଯୋଗୀ ଅଟନ୍ତି।' ଏଣୁ ଭଗବାନଙ୍କ ସ୍ୱରୂପ, ଗୁଣ ଓ ପ୍ରଭାବକୁ ମନୁଷ୍ୟ ଯେପର୍ଯ୍ୟନ୍ତ ଜାଣି ନ ପାରିଛି, ସେପର୍ଯ୍ୟନ୍ତ ତା'ଦ୍ୱାରା ଅନ୍ତରାତ୍ମାରେ ନିରନ୍ତର ଭଜନ ହୋଇପାରିବା ଅତ୍ୟନ୍ତ କଠିନ। ତା' ସଙ୍ଗେ ସଙ୍ଗେ ଭଜନର ପ୍ରକାର ଜାଣିବା ମଧ୍ୟ ଆବଶ୍ୟକ। ଅତଏବ ବର୍ତ୍ତମାନ ଭଗବାନ୍ ନିଜର ଗୁଣ, ପ୍ରଭାବ ସହିତ ସମଗ୍ର ସ୍ୱରୂପର ତଥା ବିବିଧପ୍ରକାରରେ ଯୁକ୍ତ ଭକ୍ତିଯୋଗର ବର୍ଣ୍ଣନା କରିବାକୁ ସପ୍ତମ ଅଧ୍ୟାୟ ଆରମ୍ଭ କରୁଛନ୍ତି ଏବଂ ସର୍ବପ୍ରଥମ ଦୁଇଟି ଶ୍ଲୋକରେ ସେ ଅର୍ଜୁନଙ୍କୁ ସାବଧାନ ହୋଇ ଶୁଣିବାକୁ ପ୍ରେରଣା ଦେଇ ଜ୍ଞାନ-ବିଜ୍ଞାନ ତତ୍ତ୍ୱ କହିବାକୁ ପ୍ରତିଜ୍ଞା କରୁଛନ୍ତି —

ଶ୍ରୀଭଗବାନୁବାଚ

ମଯ୍ୟାସକ୍ତମନାଃ ପାର୍ଥ ଯୋଗଂ ଯୁଞ୍ଜନ୍‌ମଦାଶ୍ରୟଃ ।
ଅସଂଶୟଂ ସମଗ୍ରଂ ମାଂ ଯଥା ଜ୍ଞାସ୍ୟସି ତଚ୍ଛୃଣୁ ।। ୧ ।।

ଅନ୍ୱୟ — **ପାର୍ଥ** = ହେ ପାର୍ଥ; **ମୟି, ଆସକ୍ତମନାଃ** = ଅନନ୍ୟ ପ୍ରେମରେ ମୋଠାରେ ଆସକ୍ତଚିତ୍ତ ହୋଇ; **ମଦାଶ୍ରୟଃ** = (ତଥା) ଅନନ୍ୟଭାବରେ ମୋର ପରାୟଣ ହୋଇ; **ଯୋଗଂ ଯୁଞ୍ଜନ୍** = ଯୋଗରତ ହେଲେ; **ଯଥା** = ଯେପରିଭାବରେ (ତୁମେ); **ସମଗ୍ରମ୍** = ସକଳ ବିଭୂତି, ବଳ, ଐଶ୍ୱର୍ଯ୍ୟାଦି ଗୁଣଯୁକ୍ତ ସମସ୍ତଙ୍କର ଆତ୍ମରୂପ; **ମାମ୍** = ମୋତେ; **ଅସଂଶୟମ୍** = ନିଃସଂଶୟଭାବରେ; **ଜ୍ଞାସ୍ୟସି** = ଜାଣିବ; **ତତ୍** = ତାହା; **ଶୃଣୁ** = ଶୁଣ ।

ଶ୍ରୀଭଗବାନ୍ କହିଲେ — ହେ ପାର୍ଥ! ଅନନ୍ୟପ୍ରେମରେ ମୋଠାରେ ଆସକ୍ତଚିତ୍ତ ହୋଇ ତଥା ଅନନ୍ୟଭାବରେ ମୋର ପରାୟଣ ହୋଇ ଯୋଗରତ ହେଲେ ତୁମେ ଯେପରି ସକଳ ବିଭୂତି, ବଳ, ଐଶ୍ୱର୍ଯ୍ୟାଦି ଗୁଣଯୁକ୍ତ ଓ ସମସ୍ତଙ୍କର ଆତ୍ମରୂପ ମୋତେ ନିଃସଂଶୟଭାବରେ ଜାଣିପାରିବ, ତାହା ଶୁଣ ॥ ୧ ॥

ପ୍ରଶ୍ନ – **ମଯ୍ୟାସକ୍ତମନାଃ** କାହାକୁ କହନ୍ତି ?

ଉତ୍ତର – ଇହଲୋକ ଓ ପରଲୋକର କୌଣସି ବି ଭୋଗରେ ଯାହାର ମନରେ ତିଳେମାତ୍ର ଆସକ୍ତି ନାହିଁ, ତଥା ଯାହାର ମନ ସବୁଦିଗରୁ ନିବୃତ୍ତ ହୋଇ ଏକମାତ୍ର ପରମପ୍ରେମାସ୍ପଦ ସର୍ବଗୁଣସମ୍ପନ୍ନ ପରମେଶ୍ୱରଙ୍କ ଠାରେ ଏତେଦୂର ଆସକ୍ତ ହୋଇଗଲାଣି ଯେ, ଜଳରୁ ଟିକିଏ ଦୂର ହେବାମାତ୍ରେ ମାଛ ଯେପରି ଅତ୍ୟନ୍ତ ବ୍ୟାକୁଳ ହୁଏ, ଭଗବାନଙ୍କ ବିୟୋଗ ଓ ବିସ୍ମରଣକୁ ଯେ ସେହିପରି କ୍ଷଣେମାତ୍ର ସହିପାରନ୍ତି ନାହିଁ, ତାଙ୍କୁ ଭଗବାନ୍ **ମଯ୍ୟାସକ୍ତମନାଃ** ବୋଲି କହନ୍ତି।

ପ୍ରଶ୍ନ – **'ମଦାଶ୍ରୟଃ'** କାହାକୁ କହନ୍ତି ?

ଉତ୍ତର – ଯେଉଁ ବ୍ୟକ୍ତି ସଂସାରର ସମସ୍ତ ଆଶ୍ରୟ ତ୍ୟାଗ କରି, ସମସ୍ତ ଆଶା ଓ ଭରସା ଆଡ଼େଇଦେଇ ଏକମାତ୍ର ଭଗବାନଙ୍କ ଉପରେ ନିର୍ଭର କରନ୍ତି ଓ ସର୍ବଶକ୍ତିମାନ୍ ଭଗବାନଙ୍କୁ ହିଁ ପରମ ଆଶ୍ରୟ ତଥା ପରମଗତି ବୋଲି ଜାଣି ଏକମାତ୍ର ତାଙ୍କରି ଭରସାରେ ଚିରଦିନପାଇଁ ନିଶ୍ଚିନ୍ତ ହୋଇଗଲେଣି, ତାଙ୍କୁ ଭଗବାନ୍ **'ମଦାଶ୍ରୟଃ'** ବୋଲି କହନ୍ତି।

ପ୍ରଶ୍ନ – **'ଯୋଗଂ ଯୁଞ୍ଜନ୍'** ର ଅଭିପ୍ରାୟ କ'ଣ ?

ଉତ୍ତର – ଏହା ଭକ୍ତିଯୋଗର ପ୍ରକରଣ। ଅତଏବ ମନ ଓ ବୁଦ୍ଧିକୁ ଅଚଳଭାବରେ ଭଗବାନଙ୍କ ଠାରେ ଲଗାଇ ନିତ୍ୟନିରନ୍ତର ଶ୍ରଦ୍ଧାପ୍ରେମପୂର୍ବକ ତାଙ୍କ ଚିନ୍ତନ କରିବା ହିଁ **ଯୋଗଂ ଯୁଞ୍ଜନ୍**ର ଅଭିପ୍ରାୟ।

ପ୍ରଶ୍ନ – ସମଗ୍ର ଭଗବାନଙ୍କୁ ନିଃସଂଶୟଭାବରେ ଜାଣିପାରିବା' ଜଣ ?

ଉତ୍ତର – ଭଗବାନ୍ ଏତିକି ବା ସେତିକି ହିଁ ନୁହନ୍ତି; ସମସ୍ତ ଅନନ୍ତକୋଟି ବ୍ରହ୍ମାଣ୍ଡ ତାଙ୍କ ଠାରେ ଓତପ୍ରୋତ ହୋଇ ରହିଛି; ସବୁ ତାଙ୍କର ହିଁ ସ୍ୱରୂପ। ଏହି ବ୍ରହ୍ମାଣ୍ଡ ଏବଂ ଏହା ବାହାରେ ଯାହା କିଛି ବି ଅଛି, ସେସବୁ ତାଙ୍କ ମଧ୍ୟରେ ଅଛି। ସେ ନିତ୍ୟ, ସେ ସତ୍ୟ, ସେ ସନାତନ, ସେ ସର୍ବଗୁଣସମ୍ପନ୍ନ, ସର୍ବଶକ୍ତିମାନ୍, ସର୍ବଜ୍ଞ, ସର୍ବବ୍ୟାପୀ, ସର୍ବାଧାର ଓ ସର୍ବରୂପ ତଥା ସେ ନିଜେ ହିଁ ନିଜର ଯୋଗମାୟାଦ୍ୱାରା ଜଗତରୂପରେ ପ୍ରକଟ ହୁଅନ୍ତି। ବାସ୍ତବରେ ତାଙ୍କ ଛଡ଼ା ଅନ୍ୟ କିଛି ନାହିଁ। ବ୍ୟକ୍ତ-ଅବ୍ୟକ୍ତ ଏବଂ ସଗୁଣ-ନିର୍ଗୁଣ ସବୁ ସେ। ଏପରିଭାବରେ ଭଗବାନଙ୍କ ସ୍ୱରୂପକୁ ଅଭ୍ରାନ୍ତ ଓ ଅସନ୍ଦିଗ୍ଧରୂପରେ ବୁଝିଯିବା ହିଁ ସମଗ୍ର ଭଗବାନଙ୍କୁ ସଂଶୟରହିତଭାବରେ ଜାଣିବା।

ଜ୍ଞାନଂ ତେଽହଂ ସବିଜ୍ଞାନମିଦଂ ବକ୍ଷ୍ୟାମ୍ୟଶେଷତଃ।
ଯଜ୍ଜ୍ଞାତ୍ୱା ନେହ ଭୂୟୋଽନ୍ୟଜ୍ ଜ୍ଞାତବ୍ୟମବଶିଷ୍ୟତେ ॥ ୨ ॥

ଅନ୍ୱୟ – **ଅହମ୍** = ମୁଁ; **ତେ** = ତୁମକୁ; **ଇଦମ୍** = ଏହି; **ସବିଜ୍ଞାନମ୍** = ବିଜ୍ଞାନସହିତ; **ଜ୍ଞାନମ୍** = ତତ୍ତ୍ୱଜ୍ଞାନକୁ; **ଅଶେଷତଃ** = ସମ୍ପୂର୍ଣ୍ଣଭାବରେ; **ବକ୍ଷ୍ୟାମି** = କହିବି; **ଯତ୍** = ଯାହାକୁ; **ଜ୍ଞାତ୍ୱା** = ଜାଣିଗଲେ; **ଇହ** = ଏହି ସଂସାରରେ; **ଭୂୟଃ** = ଆଉ; **ଅନ୍ୟତ୍** = ଅନ୍ୟ କିଛି ବି; **ଜ୍ଞାତବ୍ୟମ୍** = ଜାଣିବାଯୋଗ୍ୟ; **ନ, ଅବଶିଷ୍ୟତେ** = ବାକି ରହିଯାଏ ନାହିଁ।

ମୁଁ ତୁମକୁ ବିଜ୍ଞାନ ସହିତ ଏହି ତତ୍ତ୍ୱଜ୍ଞାନ ସଂପୂର୍ଣ୍ଣଭାବରେ କହିଦେବି; ଏହା ଜାଣିଗଲେ ସଂସାରରେ ଆଉ କିଛି ଜାଣିବାର ଯୋଗ୍ୟ ବସ୍ତୁ ବାକି ରହିଯାଏ ନାହିଁ ॥ ୨ ॥

ପ୍ରଶ୍ନ – ଏଠାରେ **ଜ୍ଞାନ** ଓ **ବିଜ୍ଞାନ** କାହାର ବାଚକ ?

ଉତ୍ତର – ଭଗବାନଙ୍କର ନିର୍ଗୁଣ ନିରାକାର ତତ୍ତ୍ୱର ପ୍ରଭାବ, ମାହାତ୍ମ୍ୟ ଓ ରହସ୍ୟ ସହିତ ଯଥାର୍ଥ ଜ୍ଞାନକୁ 'ଜ୍ଞାନ' କହନ୍ତି। ତାଙ୍କର ସଗୁଣ ନିରାକାର ତଥା ଦିବ୍ୟ ସାକାର ତତ୍ତ୍ୱର ଲୀଳା, ରହସ୍ୟ, ଗୁଣ, ମହତ୍ତ୍ୱ ଓ ପ୍ରଭାବ ସହିତ ଯଥାର୍ଥ ଜ୍ଞାନ ହିଁ **ବିଜ୍ଞାନ**।

ପ୍ରଶ୍ନ – ଏହି ଜ୍ଞାନ-ବିଜ୍ଞାନର ବର୍ଣ୍ଣନା ଏହି ଅଧ୍ୟାୟରେ କେଉଁଠି କରାଯାଇଛି ?

ଉତ୍ତର – ଏହି ଅଧ୍ୟାୟରେ ଯାହା କିଛି ଉପଦେଶ

ଦିଆଯାଇଛି, ତାହା ପୂରାପୂରି ଜ୍ଞାନ-ବିଜ୍ଞାନପ୍ରାପ୍ତିର ସାଧନରୂପେ ଦିଆଯାଇଛି। ଏଣୁ ତେର ଅଧ୍ୟାୟର ସପ୍ତମ ଶ୍ଲୋକଠାରୁ ଏଗାର ଶ୍ଲୋକଯାଏ ଜ୍ଞାନର ସାଧନମାନଙ୍କୁ ଯେପରି 'ଜ୍ଞାନ' ବୋଲି କୁହାଯାଇଛି, ଏହି ସମସ୍ତ ଅଧ୍ୟାୟଟି ଜ୍ଞାନ-ବିଜ୍ଞାନସମ୍ପର୍କୀୟ ଉପଦେଶରେ ପୂର୍ଣ୍ଣ ହୋଇଥିବାରୁ ଏହି ଅଧ୍ୟାୟଟିକୁ ସେହିପରି ଜ୍ଞାନ-ବିଜ୍ଞାନରୂପ ବୋଲି ବୁଝିବା ଉଚିତ।

ପ୍ରଶ୍ନ – ଯେଉଁ ବିଜ୍ଞାନ ସହିତ ଜ୍ଞାନ କହିବାକୁ ଯାଉଛନ୍ତି, ତାହା ଜାଣିବା ପରେ ସଂସାରରେ ଜାଣିବାକୁ ଆଉ କିଛି ବାକି ରହେ ନାହିଁ ବୋଲି କିପରି କହିଲେ ?

ଉତ୍ତର – ଜ୍ଞାନ ଓ ବିଜ୍ଞାନଦ୍ୱାରା ଭଗବାନଙ୍କର ସମଗ୍ର ସ୍ୱରୂପକୁ ଭଲଭାବରେ ଉପଲବ୍ଧି କରିହୁଏ। ଏହି ବିଶ୍ୱବ୍ରହ୍ମାଣ୍ଡ ତ ଭଗବାନଙ୍କର ସମଗ୍ର ରୂପର ଏକ ସାମାନ୍ୟ ଅଂଶମାତ୍ର। ଯେତେବେଳେ ମନୁଷ୍ୟ ଭଗବାନଙ୍କର ସମଗ୍ର ରୂପକୁ ଜାଣିପାରେ, ସେତେବେଳେ ସ୍ୱତଃ ତା'ପାଇଁ ଆଉ କିଛି ବି ଜାଣିବାକୁ ବାକି ରହେ ନାହିଁ। ଭଗବାନ୍ ଦଶମ ଅଧ୍ୟାୟ ଶେଷରେ ସ୍ୱୟଂ କହିଛନ୍ତି, ''ହେ ଅର୍ଜୁନ! ତୁମର ବହୁତ ଜାଣିବା କି ପ୍ରୟୋଜନ ? ଜାଣ ଯେ, ମୁଁ ମୋର ଶକ୍ତିର ଏକ ଅଂଶଦ୍ୱାରା ଏହି ସଂପୂର୍ଣ୍ଣ ଜଗତକୁ ଧାରଣ କରି ରହିଛି।'' ଅତଏବ ଏଠାରେ ଏହା କହିବା ଉଚିତ ହୋଇଛି।

ସମ୍ବନ୍ଧ – ନିଜର ସମଗ୍ରରୂପର ଜ୍ଞାନ-ବିଜ୍ଞାନ କହିବାକୁ ପ୍ରତିଜ୍ଞା କରି ଭଗବାନ୍ ବର୍ତ୍ତମାନ ସେହି ସ୍ୱରୂପକୁ ତତ୍ତ୍ୱତଃ ଜାଣିବାର ଦୁର୍ଲଭତା ପ୍ରତିପାଦନ କରୁଛନ୍ତି –

ମନୁଷ୍ୟାଣାଂ ସହସ୍ରେଷୁ କଶ୍ଚିଦ୍‌ଯତତି ସିଦ୍ଧୟେ ।
ଯତତାମପି ସିଦ୍ଧାନାଂ କଶ୍ଚିନ୍ମାଂ ବେତ୍ତି ତତ୍ତ୍ୱତଃ ॥ ୩ ॥

ଅନ୍ୱୟ – **ସହସ୍ରେଷୁ** = ହଜାର ହଜାର; **ମନୁଷ୍ୟାଣାମ୍** = ମନୁଷ୍ୟମାନଙ୍କ ମଧ୍ୟରୁ; **କଶ୍ଚିତ୍** = (କ୍ୱଚିତ୍) କେହି ଜଣେ; **ସିଦ୍ଧୟେ** = ମୋର ପ୍ରାପ୍ତିପାଇଁ; **ଯତତି** = ଯତ୍ନ କରିଥାଏ; **ଯତତାମ୍** = (ଓ ସେହି) ଯତ୍ନ କରୁଥିବା; **ସିଦ୍ଧାନାମ୍** = ଯୋଗୀମାନଙ୍କ ମଧ୍ୟରୁ; **ଅପି** = ବି; **କଶ୍ଚିତ୍** = କ୍ୱଚିତ୍ କେହି ଜଣେ (ମୋର ପରାୟଣ ହୋଇ); **ମାମ୍** = ମୋତେ; **ତତ୍ତ୍ୱତଃ** = ତତ୍ତ୍ୱତଃ ଅର୍ଥାତ୍ ଯଥାର୍ଥରୂପେ; **ବେତ୍ତି** = ଜାଣେ ।

ସହସ୍ର ସହସ୍ର ମନୁଷ୍ୟଙ୍କ ମଧ୍ୟରୁ କ୍ୱଚିତ୍ କେହି ଜଣେ ମୋର ପ୍ରାପ୍ତିପାଇଁ ଯତ୍ନ କରିଥାନ୍ତି ଏବଂ ସେହି ଯତ୍ନ କରୁଥିବା ଯୋଗୀମାନଙ୍କ ମଧ୍ୟରୁ ବି କ୍ୱଚିତ୍ କେହି ଜଣେ ମୋର ପରାୟଣ ହୋଇ ମୋତେ ତତ୍ତ୍ୱତଃ ଯଥାର୍ଥରୂପରେ ଜାଣନ୍ତି ॥ ୩ ॥

ପ୍ରଶ୍ନ – ଏଠାରେ 'ମନୁଷ୍ୟ' ଶବ୍ଦ ପ୍ରୟୋଗର ତାତ୍ପର୍ଯ୍ୟ କଣ ?

ଉତ୍ତର – 'ମନୁଷ୍ୟ' ଶବ୍ଦ ପ୍ରୟୋଗଦ୍ୱାରା ପ୍ରଥମତଃ ପ୍ରକାଶ କରାଯାଇଛି ଯେ, ମନୁଷ୍ୟଜନ୍ମ ବଡ଼ ଦୁର୍ଲଭ; ଭଗବାନଙ୍କର ବିଶେଷ କୃପାରୁ ଏହି ଜନ୍ମ ପ୍ରାପ୍ତି ହୁଏ; କାରଣ ଏହି ଜନ୍ମରେ ହିଁ ସମସ୍ତଙ୍କୁ ଭଗବତ୍‌ପ୍ରାପ୍ତିପାଇଁ ସାଧନା କରିବାର ଜନ୍ମଗତ ଅଧିକାର ମିଳିଥାଏ। ସେହି ସାଧନା କରିବାରେ ଜାତି, ବର୍ଣ୍ଣ, ଆଶ୍ରମ ଓ ଦେଶ-ଗତ ବିଭିନ୍ନତାର କୌଣସିପ୍ରକାର ପ୍ରତିବନ୍ଧ ନାହିଁ। ଏହା ବ୍ୟତୀତ ଅନ୍ୟ ଏକ ଭାବ ମଧ୍ୟ ପ୍ରକାଶିତ ହେଉଛି ଯେ, ମନୁଷ୍ୟ ବ୍ୟତୀତ ଅନ୍ୟ ଯେତେ ବି ଯୋନି ଅଛି, ସେଥିରେ ନୂତନ କର୍ମ କରିବାର ଅଧିକାର ନାହିଁ; ଅତଏବ ସେହି ଯୋନିରେ ପ୍ରାଣୀ ଭଗବତ୍‌ପ୍ରାପ୍ତିପାଇଁ ସାଧନା କରିପାରେ ନାହିଁ। ପଶୁ, ପକ୍ଷୀ, କୀଟ-ପତଙ୍ଗାଦି ତିର୍ଯ୍ୟକ୍ ଯୋନିମାନଙ୍କରେ ତ ସାଧନା କରିବାର ଶକ୍ତି ଓ ଯୋଗ୍ୟତା ଆଦୌ ନାହିଁ। ଦେବାଦି ଯୋନିରେ ଏଥିପାଇଁ ଶକ୍ତି ଥିଲେ ବି, ଭୋଗର ଆଧିକ୍ୟ ଥିବାରୁ ଏବଂ ମୁଖ୍ୟତଃ ଅଧିକାର ନ ଥିବାରୁ ଦେବତାମାନେ ସାଧନା କରିପାରନ୍ତି ନାହିଁ। ତିର୍ଯ୍ୟକ୍ ବା ଦେବାଦି ଯୋନିରେ କାହାର ଯଦି ପରମାତ୍ମଜ୍ଞାନ ହୋଇଯାଏ, ତେବେ ତାହା ଭଗବାନଙ୍କର ବା ମହାପୁରୁଷମାନଙ୍କର ବିଶେଷ ଦୟାର ପ୍ରଭାବ ଓ ମହତ୍ତ୍ୱ ହେତୁ ହୁଏ ବୋଲି ବୁଝିବାକୁ ହେବ।

ପ୍ରଶ୍ନ – 'ସହସ୍ର ସହସ୍ର ମନୁଷ୍ୟଙ୍କ ମଧ୍ୟରେ କ୍ୱଚିତ୍ କେହି ଜଣେ ଭଗବତ୍‌ପ୍ରାପ୍ତିପାଇଁ ସାଧନା କରିଥାନ୍ତି।' – ଏହାର କାରଣ କଣ ?

ଉତ୍ତର – ଭଗବତ୍‌କୃପାର ଫଳସ୍ୱରୂପ ମନୁଷ୍ୟଶରୀର ପ୍ରାପ୍ତ ହେବା ପରେ ମଧ୍ୟ ଜନ୍ମଜନ୍ମାନ୍ତରର ସଂସ୍କାରଯୋଗୁଁ ଭୋଗରେ ଅତ୍ୟନ୍ତ ଆସକ୍ତି ଆସିଯାଏ ଓ ଭଗବାନଙ୍କ ଠାରେ ଶ୍ରଦ୍ଧା-ପ୍ରେମର ଅଭାବ ରହିଯାଏ। ତେଣୁ ଅଧିକାଂଶ ମନୁଷ୍ୟ ଏହି ମାର୍ଗ ପ୍ରତି ଆକୃଷ୍ଟ ହୁଅନ୍ତି ନାହିଁ। ଯାହାର ପୂର୍ବସଂସ୍କାର ଶୁଭ ହୋଇଥାଏ, ଭଗବାନଙ୍କ ପ୍ରତି, ମହାପୁରୁଷମାନଙ୍କ ପ୍ରତି ଓ ଶାସ୍ତ୍ର ପ୍ରତି ତାହାର ଜିଜ୍ଞି ଶ୍ରଦ୍ଧାଭକ୍ତି ହୁଏ। ପୁଣି ପୁଞ୍ଜୀଭୂତ ପୂର୍ବପୁଣ୍ୟ ବଳରେ ଓ ଭଗବତ୍‌କୃପା ବଳରେ କ୍ୱଚିତ୍ କାହାକୁ ସତ୍‌ପୁରୁଷମାନଙ୍କର ସତ୍‌ସଙ୍ଗ ମିଳିଥାଏ। ତେଣୁ ସହସ୍ର ସହସ୍ର ମନୁଷ୍ୟଙ୍କ ମଧ୍ୟରେ କୌଣସି ଜଣେ ବିରଳ ବ୍ୟକ୍ତି ହିଁ ଏହି ମାର୍ଗରେ ପ୍ରବୃତ୍ତ ହୋଇ ସାଧନା କରିବାକୁ ଯତ୍ନ କରିଥାନ୍ତି।

ପ୍ରଶ୍ନ – 'ଭଗବାନଙ୍କୁ ପାଇବାକୁ ଯତ୍ନ କରୁଥିବା ମନୁଷ୍ୟମାନଙ୍କ ମଧ୍ୟରୁ କ୍ୱଚିତ୍ କେହି ଜଣେ ହିଁ ଭଗବାନଙ୍କୁ ତତ୍ତ୍ୱତଃ ଜାଣିପାରନ୍ତି।' ସମସ୍ତେ କାହିଁକି ଜାଣନ୍ତି ନାହିଁ? –ଏହାର କାରଣ କଣ?

ଉତ୍ତର – ଏହାର କାରଣ ଏହି ଯେ, ପୂର୍ବସଂସ୍କାର, ଶ୍ରଦ୍ଧା, ପ୍ରୀତି, ସତ୍‌ସଙ୍ଗ ଓ ଚେଷ୍ଟାର ତାରତମ୍ୟଯୋଗୁଁ ସମସ୍ତଙ୍କର ସାଧନା ଏକାପରି ହୁଏ ନାହିଁ। ଅହଂକାର, ମମତ୍ୱ, କାମନା, ଆସକ୍ତି ଓ ସଙ୍ଗଦୋଷ ଆଦି କାରଣରୁ ନାନାଦି ବାଧାବିଘ୍ନ ମଧ୍ୟ ଆସିଥାଏ। ଅତଏବ ବହୁତ କମ୍ ଲୋକ ତାହାରନ୍ତି, ଯେଉଁମାନଙ୍କର ଶ୍ରଦ୍ଧା, ଭକ୍ତି ଓ ସାଧନା ପୂର୍ଣ୍ଣ ହୁଏ ଓ ତା'ର ଫଳସ୍ୱରୂପ ଏହି ଜନ୍ମରେ ହିଁ ସେମାନେ ଭଗବାନଙ୍କ ସାକ୍ଷାତ୍‌କାର ଲାଭ କରିପାରନ୍ତି।

ପ୍ରଶ୍ନ – ଯତ୍ନ କରୁଥିବା ଲୋକଙ୍କ ସହିତ **ସିଦ୍ଧ** ବିଶେଷଣଟି କେଉଁ ଅଭିପ୍ରାୟରେ ଦିଆଯାଇଛି?

ଉତ୍ତର – ଏହାର ଅଭିପ୍ରାୟ ଏହି ଯେ, ଭୋଗରେ ଲିପ୍ତ ହୋଇ, ବିଷୟାସକ୍ତ ହୋଇ ରହିଥିବା ମନୁଷ୍ୟମାନଙ୍କ ତୁଳନାରେ ପରମାତ୍ମପ୍ରାପ୍ତିରୂପ ପରମସିଦ୍ଧିପାଇଁ ଯେଉଁମାନେ ପ୍ରଯତ୍ନ କରନ୍ତି ସେମାନେ ସିଦ୍ଧ ହିଁ ଅଟନ୍ତି।

ପଦଚ୍ଛେଦ – *ଏପର୍ଯ୍ୟନ୍ତ ଭଗବାନ୍ ନିଜ ସମଗ୍ର ସ୍ୱରୂପର ଜ୍ଞାନ-ବିଜ୍ଞାନ କହିବାକୁ ପ୍ରତିଜ୍ଞା କରି ତା'ର ପ୍ରଶଂସା କଲେ। ବର୍ତ୍ତମାନ ଜ୍ଞାନ-ବିଜ୍ଞାନ ପ୍ରକରଣ ଆରମ୍ଭ କରି ପ୍ରଥମେ ନିଜର 'ଅପରା' ଓ 'ପରା' ପ୍ରକୃତିର ସ୍ୱରୂପ ବୁଝାଇଦେଉଛନ୍ତି।*

ଭୂମିରାପୋଽନଳୋ ବାୟୁଃ ଖଂ ମନୋ ବୁଦ୍ଧିରେବ ଚ।
ଅହଂକାର ଇତୀୟଂ ମେ ଭିନ୍ନା ପ୍ରକୃତିରଷ୍ଟଧା।। ୪ ।।
ଅପରେୟମିତସ୍ତ୍ୱନ୍ୟାଂ ପ୍ରକୃତିଂ ବିଦ୍ଧି ମେ ପରାମ୍।
ଜୀବଭୂତାଂ ମହାବାହୋ ଯୟେଦଂ ଧାର୍ଯ୍ୟତେ ଜଗତ୍।। ୫ ।।

ଅନ୍ୱୟ – ଭୂମିଃ = ଭୂମି; ଆପଃ = ଜଳ; ଅନଳଃ = ଅଗ୍ନି; ବାୟୁଃ = ବାୟୁ; ଖମ୍ = ଆକାଶ; ମନଃ = ମନ; ବୁଦ୍ଧିଃ = ବୁଦ୍ଧି; ଚ = ଏବଂ; ଅହଂକାରଃ = ଅହଂକାର; ଏବ = ବି; ଇତି, ଇୟମ୍ = ଏପରି, ଏହି; ଅଷ୍ଟଧା = ଆଠପ୍ରକାରେ; ଭିନ୍ନା = ବିଭକ୍ତ; ମେ = ମୋର; ପ୍ରକୃତିଃ = ପ୍ରକୃତି; ଇୟମ୍ = ଏହି (ଏହି ଆଠପ୍ରକାରେ ବିଭକ୍ତ); ତୁ = ତ; ଅପରା = ଅପରା ଅର୍ଥାତ୍ ମୋର ଜଡ ପ୍ରକୃତି (ଏବଂ); ମହାବାହୋ = ହେ ମହାବାହୁ; ଇତଃ = ଏହାଠାରୁ; ଅନ୍ୟାମ୍ = ଅନ୍ୟ ପ୍ରକୃତିକୁ; ଯୟା = ଯାହାଦ୍ୱାରା; ଇଦମ୍ = ଏହି (ସମସ୍ତ); ଜଗତ୍ = ଜଗତ; ଧାର୍ଯ୍ୟତେ = ଧାରଣ କରାଯାଇଛି; ମେ = (ତାହା) ମୋର; ଜୀବଭୂତାମ୍ = ଜୀବରୂପା; ପରାମ୍ = ପରା ଅର୍ଥାତ୍ ଚେତନ; ପ୍ରକୃତିମ୍, ବିଦ୍ଧି = ପ୍ରକୃତି(ବୋଲି) ଜାଣ।

ଭୂମି, ଜଳ, ଅଗ୍ନି, ବାୟୁ, ଆକାଶ, ମନ, ବୁଦ୍ଧି ଓ ଅହଂକାର — ଏପରି ଆଠ ପ୍ରକାରରେ ବିଭକ୍ତ ପ୍ରକୃତି ମୋର ହିଁ ପ୍ରକୃତି ଅଟେ। ଏହି ଆଠପ୍ରକାରେ ବିଭକ୍ତ ପ୍ରକୃତି ତ ମୋର ଅପରା ଅର୍ଥାତ୍ ଜଡପ୍ରକୃତି। ହେ ମହାବାହୁ! ଏହାଠାରୁ ଭିନ୍ନ ଅନ୍ୟ ପ୍ରକୃତି, ଯାହା କି ସମସ୍ତ ଜଗତକୁ ଧରିରଖିଛି, ତାହା ମୋର ଜୀବରୂପା ପରା ଅର୍ଥାତ୍ ଚେତନପ୍ରକୃତି ବୋଲି ଜାଣ।। ୪-୫ ।।

ପ୍ରଶ୍ନ – ଏଠାରେ **ଭୂମି, ଜଳ, ଅଗ୍ନି, ବାୟୁ** ଓ **ଆକାଶ** କହିଲେ କଣ ବୁଝିବା ଉଚିତ ?

ଉତ୍ତର – ସ୍ଥୂଳ ପଞ୍ଚମହାଭୂତ ଓ ଶବ୍ଦାଦି ପାଞ୍ଚ ବିଷୟର କାରଣରୂପର ଯେଉଁ **ସୂକ୍ଷ୍ମ** ପଞ୍ଚମହାଭୂତ ଅଛନ୍ତି, ସାଂଖ୍ୟ ଓ ଯୋଗଶାସ୍ତ୍ରରେ ଯାହାକୁ ପଞ୍ଚତନ୍ମାତ୍ର ବୋଲି କୁହାଯାଇଛି, ସେହି ପାଞ୍ଚଟିକୁ ଏଠାରେ **ଭୂମି** ଆଦି ନାମରେ ବର୍ଣ୍ଣନା କରାଯାଇଛି ।

ପ୍ରଶ୍ନ – ଏଠାରେ ମନ, ବୁଦ୍ଧି ଓ ଅହଂକାର କହିଲେ କଣ ବୁଝିବା ଉଚିତ ?

ଉତ୍ତର – ମନ, ବୁଦ୍ଧି ଓ ଅହଂକାର – ଏହି ତିନୋଟି ହେଉଛି ଅନ୍ତଃକରଣର ବିଭିନ୍ନ ରୂପ । ଅତଏବ ଏହାକୁ ସମଷ୍ଟି-ଅନ୍ତଃକରଣ ବୋଲି ବୁଝିବା ଉଚିତ ।

ପ୍ରଶ୍ନ – ତ୍ରୟୋଦଶ ଅଧ୍ୟାୟର ପଞ୍ଚମ ଶ୍ଲୋକରେ ଅବ୍ୟକ୍ତ ପ୍ରକୃତି ତେଇଶଭାଗରେ ବିଭକ୍ତ ବୋଲି କୁହାଯାଇଛି । ସେହି ଅନୁସାରେ ପ୍ରକୃତିକୁ ତେଇଶ ଭାଗରେ ବିଭକ୍ତ ବୋଲି କହିବା ଉଚିତ ଥିଲା; କିନ୍ତୁ ଏଠାରେ ତାହା ଆଠ ଭାଗରେ ବିଭକ୍ତ ବୋଲି କିପରି କହିଲେ ?

ଉତ୍ତର – ଶବ୍ଦାଦି ପାଞ୍ଚ ବିଷୟ ସୂକ୍ଷ୍ମ ପଞ୍ଚମହାଭୂତର କାର୍ଯ୍ୟ ଏବଂ ଦଶ ଇନ୍ଦ୍ରିୟ ଅନ୍ତଃକରଣର କାର୍ଯ୍ୟ । ଏଣୁ ଏହି ପନ୍ଦରଟି ଭକ୍ତ ଆଠଟି ମଧ୍ୟରେ ହିଁ ଅନ୍ତର୍ଭାବ ହୋଇଛି । ସେଠାରେ ଯାହାକୁ ତେରଶ ଭାଗରେ ବିଭକ୍ତ ବୋଲି କୁହାଯାଇଛି, ଏଠାରେ ତାହାକୁ ଆଠ ଭାଗରେ ବିଭକ୍ତ ବୋଲି କୁହାଯାଇଛି ।

ପ୍ରଶ୍ନ – ଏହି ପ୍ରକୃତିର ନାମ **ଅପରା** କାହିଁକି ରଖାଗଲା ?

ଉତ୍ତର – ତ୍ରୟୋଦଶ ଅଧ୍ୟାୟରେ ଭଗବାନ୍ ଯେଉଁ ଅବ୍ୟକ୍ତ ମୂଳପ୍ରକୃତିର ତେଇଶଟି କାର୍ଯ୍ୟ କହିଛନ୍ତି, ତାହାକୁ ଏଠାରେ ଆଠ ଭାଗରେ ବିଭକ୍ତ ବୋଲି ବୁଝାଇଛନ୍ତି । ଏହି 'ଅପରା ପ୍ରକୃତି' ଜ୍ଞେୟ ତଥା ଜଡ଼ ହୋଇଥିବାରୁ ଏହା ଛଡା ଚେତନ ଜୀବରୂପା 'ପରା ପ୍ରକୃତି'ଠାରୁ ସର୍ବଥା ଭିନ୍ନ ଓ ନିକୃଷ୍ଟ । ଏହା ସଂସାରର କାରଣରୂପା ଅଟେ ଏବଂ ଏହାଦ୍ୱାରା ଜୀବର ବନ୍ଧନ ହୁଏ । ତେଣୁ ଏହାର ନାମ **ଅପରା** ।

ପ୍ରଶ୍ନ – ଜୀବରୂପ ଚେତନତତ୍ତ୍ୱ ତ ପୁଂଲିଙ୍ଗ; ଏଠାରେ 'ପ୍ରକୃତି' ନାମ ଦେଇ ଏହାକୁ ସ୍ତ୍ରୀଲିଙ୍ଗ କାହିଁକି କରାଯାଇଛି ?

ଉତ୍ତର – ଜୀବାତ୍ମାରେ ବସ୍ତୁତଃ ସ୍ତ୍ରୀତ୍ୱ, ପୁରୁଷତ୍ୱ ବା ନପୁଂସକତ୍ୱ ବୋଲି କିଛି ଲିଙ୍ଗଗତ ନାହିଁ – ଏହା ଦର୍ଶାଇବାପାଇଁ ସେହି ଏକା ଚେତନତତ୍ତ୍ୱକୁ କେଉଁଠି ପୁଂଲିଙ୍ଗ 'ପୁରୁଷ' (୧୫/୧୬) ଓ 'କ୍ଷେତ୍ରଜ୍ଞ' (୧୩/୧) ତଥା କେଉଁଠି ନପୁଂସକ 'ଅଧ୍ୟାତ୍ମ' (୭/୨୯; ୮/୩) ବୋଲି କୁହାଯାଇଛି । ତାକୁ ହିଁ ଏଠାରେ ସ୍ତ୍ରୀଲିଙ୍ଗ 'ପରା ପ୍ରକୃତି' ବୋଲି କୁହାଯାଇଛି ।

ପ୍ରଶ୍ନ – ଏଠାରେ **ଜଗତ୍** ଶବ୍ଦ କାହାର ବାଚକ ? ଏବଂ ତାହା ଜୀବରୂପା ପରା ପ୍ରକୃତିଦ୍ୱାରା ଧାରଣ କରାଯାଏ ବୋଲି କାହିଁକି କୁହାଗଲା ?

ଉତ୍ତର – ସକଳ ଜୀବଙ୍କର ଶରୀର, ଇନ୍ଦ୍ରିୟଗଣ, ପ୍ରାଣ ତଥା ବିଭିନ୍ନ ଭୋଗ୍ୟ ବସ୍ତୁ ଓ ଭୋଗସ୍ଥାନମୟ ଏହି ସଂପୂର୍ଣ୍ଣ ବ୍ୟକ୍ତପ୍ରକୃତିକୁ **ଜଗତ୍** ବୋଲାଯାଏ । ଏତାଦୃଶ ଏହି ଜଗତ୍‌ରୂପକ ଜଡତତ୍ତ୍ୱ ଚେତନତତ୍ତ୍ୱଦ୍ୱାରା ପରିବ୍ୟାପ୍ତ ହୋଇଛି; ଏଣୁ ତାହା ଏହାକୁ ଧାରଣ କରି ରଖିଛି, କାରଣ ଚେତନତତ୍ତ୍ୱ ଜଡପ୍ରକୃତି ଅପେକ୍ଷା ସକଳପ୍ରକାରେ ଶ୍ରେଷ୍ଠ ଓ ସୂକ୍ଷ୍ମ । ଚେତନର ସଂଯୋଗ ବିନା ଏହି ଜଗତର ଉତ୍ପତ୍ତି, ବିକାଶ ଓ ଧାରଣ ହେବା ସମ୍ଭବ ନୁହେଁ । ତେଣୁ ଏପରି କୁହାଯାଇଛି ।

ସମନ୍ୱୟ – *ପରା ଓ ଅପରା ପ୍ରକୃତିର ସ୍ୱରୂପ ବୁଝାଇସାରି ବର୍ତ୍ତମାନ ଭଗବାନ୍ କହୁଛନ୍ତି, "ଏହି ଦୁଇ ପ୍ରକୃତି ହିଁ ସକଳ ଚରାଚର ପ୍ରାଣୀମାନଙ୍କର କାରଣ ଏବଂ ମୁଁ ହେଉଛି ଏହି ଉଭୟ ପ୍ରକୃତି ସହିତ ସାରା ଜଗତର ମହାକାରଣ ।"*

ଏତଦ୍‌ଯୋନୀନି ଭୂତାନି ସର୍ବାଣୀତ୍ୟୁପଧାରୟ ।
ଅହଂ କୃତ୍ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଳୟସ୍ତଥା ।। ୬ ।।

ଅନ୍ୱୟ – **ଇତି** = ଏପରି; **ଉପଧାରୟ** = ଜାଣ ଯେ; **ସର୍ବାଣି** = ସକଳ; **ଭୂତାନି** = ଭୂତମାନେ; **ଏତଦ୍‌ଯୋନୀନି** = ଏହି ଦୁଇ ପ୍ରକୃତିରୁ ହିଁ ଜାତ ହୋଇଥାନ୍ତି (ଏବଂ); **ଅହମ୍** = ମୁଁ; **କୃତ୍ସ୍ନସ୍ୟ** = ସମସ୍ତ; **ଜଗତଃ** = ଜଗତର; **ପ୍ରଭବଃ** = ଉତ୍ପତ୍ତି; **ତଥା** = ତଥା; **ପ୍ରଳୟଃ** = ପ୍ରଳୟ ଅଟେ, ଅର୍ଥାତ୍ ମୁଁ ସମସ୍ତ ଜଗତର ମୂଳ କାରଣ ।

ହେ ଅର୍ଜୁନ! ତୁମେ ଜାଣ ଯେ, ସକଳ ଭୂତ ଏହି ଦୁଇ ପ୍ରକୃତିରୁ ହିଁ ଜାତ ହୋଇଛନ୍ତି ଏବଂ ମୁଁ ହେଉଛି ସମଗ୍ର ଜଗତର ଉତ୍ପତ୍ତି ତଥା ପ୍ରଳୟର ହେତୁ; ଅର୍ଥାତ୍ ମୁଁ ସମ୍ପୂର୍ଣ୍ଣ ଜଗତର ମୂଳକାରଣ ॥ ୬ ॥

ପ୍ରଶ୍ନ – ଏଠାରେ ସର୍ବାଣି ବିଶେଷଣ ସହିତ **ଭୂତାନି** ପଦଟି କାହାର ବାଚକ? ତଥା ଅପରା ଓ ପରା – ଏହି ଦୁଇ ପ୍ରକୃତି ତା'ର ଯୋନି କିପରି ହେଲେ?

ଉତ୍ତର – ସ୍ଥାବର ଓ ଜଙ୍ଗମ ଅର୍ଥାତ୍ ଅଚର ଓ ଚର ହୋଇ ଯେତେ ବି ଛୋଟବଡ଼ ପ୍ରାଣୀ ଅଛନ୍ତି, **ଭୂତାନି** ପଦଟି ହେଉଛି ସେହି ସମସ୍ତଙ୍କର ବାଚକ। ସକଳ ପ୍ରାଣୀଙ୍କ ଉତ୍ପତ୍ତି, ସ୍ଥିତି ଓ ବୃଦ୍ଧି — ଏହି 'ଅପରା' (ଜଡ଼) ଓ ପରା (ଚେତନ) ପ୍ରକୃତିଦ୍ୱୟର ସଂଯୋଗରେ ଘଟେ। ଅତଏବ ଏହି ଦୁଇ ପ୍ରକୃତି ସେମାନଙ୍କ ଉତ୍ପତ୍ତିର କାରଣ। ଏହି ଦୁଇ ପ୍ରକୃତିକୁ ତ୍ରୟୋଦଶ ଅଧ୍ୟାୟ ଛତିଶ ଶ୍ଲୋକରେ କ୍ଷେତ୍ର-କ୍ଷେତ୍ରଜ୍ଞ ନାମ ଦିଆଯାଇଛି।

ପ୍ରଶ୍ନ – ସମଗ୍ର ଜଗତ କାହାର ବାଚକ? ତଥା ଭଗବାନ୍ ନିଜକୁ ତା'ର ଉତ୍ପତ୍ତି ଓ ପ୍ରଳୟ ବୋଲି କହିବାର ତାତ୍ପର୍ଯ୍ୟ କଣ?

ଉତ୍ତର – ଜଗତ ଶବ୍ଦଟି ହେଉଛି ଏହି ଜଡ଼, ଚେତନ ଓ ଚରାଚର ଆଦି ସକଳ ବିଶ୍ୱର ବାଚକ। ଏହାର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ କେବଳ ଭଗବାନଙ୍କ ଦ୍ୱାରା ହିଁ ଏବଂ ତାଙ୍କ ମଧ୍ୟରେ ହିଁ ହୁଏ। ମେଘ ଯେପରି ଆକାଶରୁ ସୃଷ୍ଟି ହୁଏ, ଆକାଶରେ ରହେ ଏବଂ ଆକାଶରେ ହିଁ ବିଲୀନ ହୋଇଯାଏ ତଥା କେବଳ ଆକାଶ ହିଁ ତା'ର ଏକମାତ୍ର କାରଣ ଓ ଆଧାର, ଏହି ଜଗତ ସେହିପରି ଭଗବାନଙ୍କ ଠାରୁ ଉତ୍ପନ୍ନ ହୁଏ, ଭଗବାନଙ୍କ ଠାରେ ହିଁ ଏହାର ସ୍ଥିତି ଏବଂ ଭଗବାନଙ୍କ ଠାରେ ହିଁ ଏହା ବିଲୀନ ହୋଇଯାଏ। ଭଗବାନ୍ ହିଁ ଏହାର ଏକମାତ୍ର ମହାନ୍ କାରଣ ଓ ପରମ ଆଧାର ଅଟନ୍ତି। ଏହାକୁ ନବମ ଅଧ୍ୟାୟର ଚତୁର୍ଥ, ପଞ୍ଚମ ଓ ଷଷ୍ଠ ଶ୍ଲୋକରେ ମଧ୍ୟ ସ୍ପଷ୍ଟ କରିଦିଆଯାଇଛି। ଏଠାରେ ସ୍ମରଣ ରଖିବା ଉଚିତ ଯେ, ଭଗବାନ୍ ଆକାଶପରି ଜଡ ବା ବିକାରୀ ନୁହନ୍ତି। ଦୃଷ୍ଟାନ୍ତ କେବଳ ବୁଝାଇବାକୁ ଦିଆଯାଇଥାଏ; ଭଗବାନ୍ ଏହି ଜଗତ୍‌ରୂପରେ ପ୍ରକଟ ହେବା ତାଙ୍କର ଲୀଳାମାତ୍ର।

ସମ୍ବନ୍ଧ – ଏପରିଭାବରେ ଭଗବାନ୍ ହିଁ ସମଗ୍ର ବିଶ୍ୱର ପରମକାରଣ ଓ ପରମାଧାର ଅଟନ୍ତି; ତେଣୁ ସ୍ୱଭାବତଃ ଏହା ଭଗବାନଙ୍କର ସ୍ୱରୂପ ଏବଂ ଏଥିରେ ସେ ବ୍ୟାପ୍ତ ହୋଇ ରହିଛନ୍ତି। ଏହି କଥାଟି ସ୍ପଷ୍ଟ କରିଦେବାକୁ ଭଗବାନ୍ କହୁଛନ୍ତି –

ମତ୍ତଃ ପରତରଂ ନାନ୍ୟତ୍ କିଞ୍ଚିଦସ୍ତି ଧନଞ୍ଜୟ ।
ମୟି ସର୍ବମିଦଂ ପ୍ରୋତଂ ସୂତ୍ରେ ମଣିଗଣା ଇବ ॥ ୭ ॥

ଅନ୍ୱୟ – ଧନଞ୍ଜୟ = ହେ ଧନଞ୍ଜୟ; ମତ୍ତଃ = ମୋଠାରୁ; ଅନ୍ୟତ୍ = ଭିନ୍ନ ଅନ୍ୟ; କିଞ୍ଚିତ୍ = କିଛି ବି; ପରତରମ୍ = ପରମ (କାରଣ); ନ ଅସ୍ତି = ନାହିଁ; ଇଦମ୍ = ଏହି; ସର୍ବମ୍ = ସମସ୍ତ (ଜଗତ); ସୂତ୍ରେ = ସୂତାରେ; ମଣିଗଣାଃ = (ସୂତାର) ମଣିଗୁଡ଼ିଏ; ଇବ = (ଗୁନ୍ଥା ହୋଇଥିବା) ପରି; ମୟି = ମୋଠାରେ; ପ୍ରୋତମ୍ = ଗୁନ୍ଥା ହୋଇ ରହିଛି।

ହେ ଧନଞ୍ଜୟ! ମୋଠାରୁ ଭିନ୍ନ ଅନ୍ୟ କୌଣସି ପରମକାରଣ ନାହିଁ। ସୂତାରେ ସୂତାର ମଣିଗୁଡ଼ିଏ ଗୁନ୍ଥି ହୋଇଥିବା ପରି ଏହି ସମସ୍ତ ଜଗତ ମୋଠାରେ ଗୁନ୍ଥା ହୋଇ ରହିଛି, ଅର୍ଥାତ୍ ଏହି ସମସ୍ତ ଜଗତରେ ମୁଁ ଓତପ୍ରୋତ ହୋଇ ରହିଛି ॥ ୭ ॥

ପ୍ରଶ୍ନ – 'ମୋଠାରୁ ଭିନ୍ନ ଅନ୍ୟ କୌଣସି ପରମ କାରଣ ନାହିଁ' — ଏହାର ଭାବ କଣ?

ଉତ୍ତର – ଏହାର ଭାବ ଏହି ଯେ, ଯେପରି ମହାକାଶ ମେଘର କାରଣ ଓ ଆଧାର ଏବଂ ତା'ର କାର୍ଯ୍ୟ ମେଘ ସେହି ମହାକାଶର ସ୍ୱରୂପ ଅଟେ ଏବଂ ପ୍ରକୃତରେ ମେଘ ତା'ର ନିଜକାରଣଠାରୁ କିଛି ଭିନ୍ନ

ବସ୍ତୁ ନୁହେଁ, ସେହିପରି ପରମାତ୍ମା ଏହି ଜଗତର କାରଣ ଓ ଆଧାର ହୋଇଥିବାରୁ ଏହି ଜଗତ ମଧ୍ୟ ତାଙ୍କରି ସ୍ୱରୂପ ଅଟେ ଓ ତାଙ୍କ ଠାରୁ ଭିନ୍ନ ଅନ୍ୟ କୌଣସି ବସ୍ତୁ ନୁହେଁ। ଅତଏବ ପରା ଓ ଅପରା ପ୍ରକୃତି ସକଳ ପ୍ରାଣୀଙ୍କ କାରଣ ହୋଇଥିଲେ ମଧ୍ୟ, କେବଳ ପରମାତ୍ମା ହିଁ ସବୁର ପରମ କାରଣ ଅଟନ୍ତି; ଅନ୍ୟ କେହି ନୁହେଁ।

ପ୍ରଶ୍ନ – ସୂତାରେ ସୂତାର ମଣିଗୁଡ଼ିଏ ଗୁନ୍ଥି ହୋଇଥିବାପରି ଏହି ଜଗତ ଭଗବାନଙ୍କ ଠାରେ କିପରି ଗୁନ୍ଥା ହୋଇଛି ?

ଉତ୍ତର – ଯେପରି ସୂତାର ତୋରିରେ ସେହି ସୂତାର ଗଣ୍ଠି ପକାଇ ଗଣ୍ଠିକୁ ମଣି ମନେ କରି ମାଳା ତିଆରି କରାଯାଏ ଏବଂ ଯେପରି ସେହି ତୋରି ଓ ଗଣ୍ଠିମାନଙ୍କରେ ସବୁଠି କେବଳ ସୂତା ହିଁ ବ୍ୟାପ୍ତ ହୋଇ ରହିଥାଏ, ସେହିପରି ଏ ସମସ୍ତ ସଂସାର ଭଗବାନଙ୍କ ଠାରେ ଗୁନ୍ଥା ହୋଇଛି। କହିବାର ତାତ୍ପର୍ଯ୍ୟ ଏହି ଯେ, ଭଗବାନ୍ ହିଁ ସମସ୍ତଙ୍କ ମଧ୍ୟରେ ବ୍ୟାପି ରହିଛନ୍ତି।

ସମ୍ବନ୍ଧ – ସୂତା ଏବଂ ସୂତାମଣିର ଦୃଷ୍ଟାନ୍ତଦ୍ୱାରା ଭଗବାନ୍ ନିଜର ସର୍ବରୂପତା ଓ ସର୍ବବ୍ୟାପକତା ସିଦ୍ଧ କରିଛନ୍ତି। ବର୍ତ୍ତମାନ ଭଗବାନ୍ ପରବର୍ତ୍ତୀ ଚାରିଟି ଶ୍ଲୋକଦ୍ୱାରା ଏହି କଥାକୁ ଉଲ୍ଲାଟରେ ସ୍ପଷ୍ଟ କରିବାପାଇଁ ସେହି ପ୍ରଧାନ ପ୍ରଧାନ ସମସ୍ତ ବସ୍ତୁର ନାମ ଉଲ୍ଲେଖ କରିଛନ୍ତି, ଯେଉଁଥିରେ କି ଏହି ବିଶ୍ୱର ସ୍ଥିତି ରହିଛି। ପାରତଃ ଏହିପରି ଭିତରେ ସେ ହିଁ ଯେ ଓତପ୍ରୋତଭାବରେ ବ୍ୟାପ୍ତ ହୋଇ ରହିଛନ୍ତି, ତାହା ଏଠାରେ କହୁଛନ୍ତି –

ରସୋଽହମପ୍ସୁ କୌନ୍ତେୟ ପ୍ରଭାସ୍ମି ଶଶିସୂର୍ଯ୍ୟୟୋଃ।
ପ୍ରଣବଃ ସର୍ବବେଦେଷୁ ଶବ୍ଦଃ ଖେ ପୌରୁଷଂ ନୃଷୁ ॥ ୮ ॥

ଅନ୍ୱୟ – **କୌନ୍ତେୟ** = ହେ ଅର୍ଜୁନ; **ଅହମ୍** = ମୁଁ; **ଅପ୍ସୁ** = ଜଳରେ; **ରସଃ** = ରସ ଅଟେ; **ଶଶିସୂର୍ଯ୍ୟୟୋଃ** = ଚନ୍ଦ୍ର ଓ ସୂର୍ଯ୍ୟରେ; **ପ୍ରଭା** = ଆଲୋକ; **ଅସ୍ମି** = ଅଟେ; **ସର୍ବବେଦେଷୁ** = ସକଳ ବେଦରେ; **ପ୍ରଣବଃ** = ଓଁକାର (ଅଟେ); **ଖେ** = ଆକାଶରେ; **ଶବ୍ଦଃ** = ଶବ୍ଦ (ଓ); **ନୃଷୁ** = ପୁରୁଷମାନଙ୍କ ଠାରେ; **ପୌରୁଷମ୍** = ପୁରୁଷତ୍ୱ।

ହେ ଅର୍ଜୁନ! ମୁଁ ହେଉଛି ଜଳରେ ରସ, ଚନ୍ଦ୍ର ଓ ସୂର୍ଯ୍ୟରେ ଆଲୋକ, ସକଳ ବେଦରେ ଓଁକାର, ଆକାଶରେ ଶବ୍ଦ ଏବଂ ପୁରୁଷମାନଙ୍କ ଠାରେ ପୁରୁଷତ୍ୱ ॥ ୮ ॥

ପ୍ରଶ୍ନ – ଏହି ଶ୍ଲୋକର ସ୍ପଷ୍ଟୀକରଣ କରନ୍ତୁ।

ଉତ୍ତର – ଯେଉଁ ତତ୍ତ୍ୱ ଯାହାର ଆଧାର ଏବଂ ଯେଉଁଥିରେ ବ୍ୟାପ୍ତ, ତାହା ହିଁ ତା'ର ଜୀବନ ଓ ସ୍ୱରୂପ ଏବଂ ତାହାକୁ ତାହାର ସାର କହନ୍ତି। ଏହି ଅନୁସାରେ ଭଗବାନ୍ କହୁଛନ୍ତି, 'ହେ ଅର୍ଜୁନ! ଜଳର ସାର ରସତତ୍ତ୍ୱ ମୁଁ, ଚନ୍ଦ୍ର ଓ ସୂର୍ଯ୍ୟଙ୍କ ସାର ଆଲୋକତତ୍ତ୍ୱ ମୁଁ, ସମସ୍ତ ବେଦର ସାର ପ୍ରଣବତତ୍ତ୍ୱ 'ଓଁ' ମୁଁ, ଆକାଶର ସାର ଶବ୍ଦତତ୍ତ୍ୱ ମୁଁ ଓ ପୁରୁଷମାନଙ୍କର ସାର ପୌରୁଷତତ୍ତ୍ୱ ମଧ୍ୟ ମୁଁ।'

ପୁଣ୍ୟୋ ଗନ୍ଧଃ ପୃଥିବ୍ୟାଂ ଚ ତେଜଶ୍ଚାସ୍ମି ବିଭାବସୌ।
ଜୀବନଂ ସର୍ବଭୂତେଷୁ ତପଶ୍ଚାସ୍ମି ତପସ୍ୱିଷୁ ॥ ୯ ॥

ଅନ୍ୱୟ – **ପୃଥିବ୍ୟାମ୍** = (ମୁଁ) ପୃଥିବୀରେ; **ପୁଣ୍ୟଃ** = ପବିତ୍ର; **ଗନ୍ଧଃ** = ଗନ୍ଧ; **ଚ** = ଓ; **ବିଭାବସୌ** = ଅଗ୍ନିରେ; **ତେଜଃ** = ତେଜ; **ଅସ୍ମି** = ଅଟେ; **ଚ** = ତଥା; **ସର୍ବଭୂତେଷୁ** = ସକଳ ଜୀବଗଣଙ୍କ ମଧ୍ୟରେ; **ଜୀବନମ୍** = (ସେମାନଙ୍କର) ଜୀବନ (ଅଟେ); **ଚ** = ଓ; **ତପସ୍ୱିଷୁ** = ତପସ୍ୱୀମାନଙ୍କ ଠାରେ; **ତପଃ ଅସ୍ମି** = ତପ ଅଟେ;

ମୁଁ ପୃଥିବୀରେ ପବିତ୍ର ଗନ୍ଧ, ଅଗ୍ନିରେ ତେଜ ତଥା ସକଳ ଜୀବଙ୍କ ଠାରେ ଜୀବନ ଓ ତପସ୍ୱୀମାନଙ୍କ ଠାରେ ତପ ଅଟେ ॥ ୯ ॥

ପ୍ରଶ୍ନ – ଏହି ଶ୍ଲୋକର ତାତ୍ପର୍ଯ୍ୟ କଣ ?

ଉତ୍ତର – ପୂର୍ବଶ୍ଲୋକ ଅନୁସାରେ ଏଠାରେ ବି ଭଗବାନ୍ ପ୍ରତ୍ୟେକ ବସ୍ତୁରେ ସାରରୂପରେ ନିଜର ବ୍ୟାପକତା ଓ ଆଧାରତ୍ୱ ଦର୍ଶାଇ କହୁଛନ୍ତି, 'ମୁଁ ହିଁ ପୃଥିବୀର ସାର ଗନ୍ଧତତ୍ତ୍ୱ, ଅଗ୍ନିର ସାର ତେଜତତ୍ତ୍ୱ, ସକଳ ଜୀବର ସାର ଜୀବନତତ୍ତ୍ୱ ଓ ତପସ୍ୱୀମାନଙ୍କର ସାର ତପତତ୍ତ୍ୱ ଅଟେ।'

ପ୍ରଶ୍ନ – ଏଠାରେ **ଗନ୍ଧଃ** ସହିତ **ପୁଣ୍ୟଃ** ବିଶେଷଣ ଦେବାର ଅଭିପ୍ରାୟ କଣ ?

ଉତ୍ତର – ଏଠାରେ **ଗନ୍ଧ** ଶବ୍ଦ ବିଷୟରୂପ ଗନ୍ଧକୁ ସୂଚାଉ ନାହିଁ; ଏହା ପୃଥିବୀର କାରଣରୂପୀ ଗନ୍ଧତନ୍ମାତ୍ରକୁ ସୂଚାଉଛି। ରସ ଓ ଶବ୍ଦକୁ ମଧ୍ୟ ଠିକ୍ ଏହିପ୍ରକାରେ ତନ୍ମାତ୍ର ବୋଲି ବୁଝିବାକୁ ପଡ଼ିବ।

ପ୍ରଶ୍ନ – **ସର୍ବଭୂତ** ଶବ୍ଦ କାହାକୁ ବୁଝାଏ ଓ 'ଜୀବନ' ଶବ୍ଦର ତାତ୍ପର୍ଯ୍ୟ କଣ ?

ଉତ୍ତର – **ସର୍ବଭୂତ** ଶବ୍ଦ ସକଳ ଚରାଚର ସଜୀବ ପ୍ରାଣୀମାନଙ୍କୁ ବୁଝାଏ ଓ ଜୀବନତତ୍ତ୍ୱ ହେଉଛି ସେହି ପ୍ରାଣଶକ୍ତିର ନାମ, ଯଦ୍ଦ୍ୱାରା ସକଳ ସଜୀବ ପ୍ରାଣୀ ଅନୁପ୍ରାଣିତ ହେଉଛନ୍ତି ତଥା ଯାହାର ପ୍ରଭାବରେ ସେମାନେ ନିର୍ଜୀବ ବସ୍ତୁମାନଙ୍କ ଠାରୁ ବିଲକ୍ଷଣ ଅଟନ୍ତି।

ବୀଜଂ ମାଂ ସର୍ବଭୂତାନାଂ ବିଦ୍ଧି ପାର୍ଥ ସନାତନମ୍।
ବୁଦ୍ଧିର୍ବୁଦ୍ଧିମତାମସ୍ମି ତେଜସ୍ତେଜସ୍ୱିନାମହମ୍॥ ୧୦ ॥

ଅନ୍ୱୟ – **ପାର୍ଥ** = ହେ ଅର୍ଜୁନ (ତୁମେ); **ସର୍ବଭୂତାନାମ୍** = ସକଳ ଭୂତଙ୍କର; **ସନାତନମ୍** = ସନାତନ; **ବୀଜମ୍** = ବୀଜ; **ମାମ୍** = ମୋତେ (ହିଁ); **ବିଦ୍ଧି** = ବୋଲି ଜାଣ; **ଅହମ୍** = ମୁଁ; **ବୁଦ୍ଧିମତାମ୍** = ବୁଦ୍ଧିମାନ୍‌ମାନଙ୍କର; **ବୁଦ୍ଧିଃ** = ବୁଦ୍ଧି (ଓ); **ତେଜସ୍ୱିନାମ୍** = ତେଜସ୍ୱୀମାନଙ୍କର; **ତେଜଃ** = ତେଜ; **ଅସ୍ମି** = ଅଟେ।

ହେ ଅର୍ଜୁନ! ତୁମେ ମୋତେ ହିଁ ସକଳ ଭୂତଙ୍କର ସନାତନ ବୀଜ ବୋଲି ଜାଣ। ମୁଁ ହିଁ ବୁଦ୍ଧିମାନ୍‌ମାନଙ୍କର ବୁଦ୍ଧି ଓ ତେଜସ୍ୱୀମାନଙ୍କର ତେଜ ଅଟେ।॥ ୧୦ ॥

ପ୍ରଶ୍ନ – ଏଠାରେ 'ସନାତନ ବୀଜ' କାହାକୁ କୁହାଯାଇଛି ? ଭଗବାନ୍ ତାହାକୁ ନିଜର ସ୍ୱରୂପ ବୋଲି କେଉଁ କାରଣରୁ କହିଛନ୍ତି ?

ଉତ୍ତର – ଯେ ସବୁବେଳେ ରହି ଆସିଛନ୍ତି ଏବଂ କେବେ ନଷ୍ଟ ହୁଅନ୍ତି ନାହିଁ, ତାଙ୍କୁ 'ସନାତନ' କହନ୍ତି। ଭଗବାନ୍ ହିଁ ସକଳ ଚରାଚର ଜୀବଙ୍କର ପରମ ଆଧାର ଏବଂ ତାଙ୍କ ଠାରୁ ସମସ୍ତଙ୍କର ଉତ୍ପତ୍ତି ହୁଏ। ଅତଏବ ସେହିଁ ସମସ୍ତଙ୍କର 'ସନାତନ ବୀଜ'। ତେଣୁ ଏପରି କୁହାଯାଇଛି। ନବମ ଅଧ୍ୟାୟର ଅଠର ଶ୍ଲୋକରେ ସନାତନ ବୀଜକୁ ହିଁ 'ଅବିନାଶୀ ବୀଜ' ଓ ଦଶମ ଅଧ୍ୟାୟର ଅଣଚାଳିଶ ଶ୍ଲୋକରେ 'ସକଳ ଭୂତଙ୍କର ବୀଜ' ବୋଲି କୁହାଯାଇଛି।

ପ୍ରଶ୍ନ – 'ମୁଁ ବୁଦ୍ଧିମାନ୍‌ମାନଙ୍କର ବୁଦ୍ଧି ଓ ତେଜସ୍ୱୀମାନଙ୍କର ତେଜ' – ବୋଲି କହିବାର ଅଭିପ୍ରାୟ କଣ ?

ଉତ୍ତର – ସକଳ ପଦାର୍ଥକୁ ନିଶ୍ଚୟ କରୁଥିବା ଓ ମନ-ଇନ୍ଦ୍ରିୟମାନଙ୍କୁ ନିଜ ବଶରେ ରଖି ସେମାନଙ୍କୁ ସଞ୍ଚାଳନ କରୁଥିବା ଅନ୍ତଃକରଣର ପରିଶୁଦ୍ଧ ବୋଧମୟୀ ଶକ୍ତିକୁ 'ବୁଦ୍ଧି' କହନ୍ତି। ଯାହାଙ୍କ ଠାରେ ବୁଦ୍ଧି ଅଧିକ ଥାଏ, ତାହାଙ୍କୁ ବୁଦ୍ଧିମାନ୍ କୁହାଯାଏ। ଏହି ବୁଦ୍ଧିଶକ୍ତି ଭଗବାନଙ୍କ ଅପରା ପ୍ରକୃତିର ହିଁ ଅଂଶ ଅଟେ। ଅତଏବ ଭଗବାନ୍ କହୁଛନ୍ତି, 'ମୁଁ ହିଁ ବୁଦ୍ଧିମାନ୍‌ମାନଙ୍କର ସାର ବୁଦ୍ଧିତତ୍ତ୍ୱ।' ଏପରିଭାବରେ ସବୁ ଲୋକଙ୍କ ଉପରେ ପ୍ରଭାବ ପକାଉଥିବା ଶକ୍ତିବିଶେଷର ନାମ 'ତେଜସ୍'। ଏହି ତେଜସ୍‌ତତ୍ତ୍ୱ ଯାହାଙ୍କ ଠାରେ ଅଧିକ ଥାଏ, ତାଙ୍କୁ 'ତେଜସ୍ୱୀ' ବୋଲି କହନ୍ତି। ଏହି ତେଜ ମଧ୍ୟ ଭଗବାନଙ୍କ ଅପରା ପ୍ରକୃତିର ହିଁ ଏକ ଅଂଶ। ଅତଏବ ଭଗବାନ୍ ଏହି ଦୁଇଟିକୁ (ବୁଦ୍ଧି ଓ ତେଜକୁ) ନିଜର ସ୍ୱରୂପ ବୋଲି କହିଛନ୍ତି।

ବଳଂ ବଳବତାଂ ଚାହଂ କାମରାଗବିବର୍ଜିତମ୍।
ଧର୍ମାବିରୁଦ୍ଧୋ ଭୂତେଷୁ କାମୋଽସ୍ମି ଭରତର୍ଷଭ॥ ୧୧ ॥

ଅନ୍ୱୟ – **ଭରତର୍ଷଭ** = ହେ ଭରତଶ୍ରେଷ୍ଠ; **ଅହମ୍** = ମୁଁ; **ବଳବତାମ୍** = ବଳବାନ୍‌ମାନଙ୍କର; **କାମରାଗବିବର୍ଜିତମ୍** = ଆସକ୍ତି ଓ କାମନାରହିତ; **ବଳମ୍** = ବଳ ଅର୍ଥାତ୍ ସାମର୍ଥ୍ୟ ଅଟେ; **ଚ** = ଓ; **ଭୂତେଷୁ** = ପ୍ରାଣୀମାନଙ୍କ ମଧ୍ୟରେ; **ଧର୍ମାବିରୁଦ୍ଧଃ** = ଧର୍ମର ଅବିରୁଦ୍ଧ ଅର୍ଥାତ୍ ଶାସ୍ତ୍ରାନୁକୂଳ; **କାମଃ** = କାମ; **ଅସ୍ମି** = ଅଟେ।

ହେ ଭରତଶ୍ରେଷ୍ଠ ! ମୁଁ ବଳବାନ୍‌ମାନଙ୍କର ଆସକ୍ତିରହିତ ଓ କାମନାରହିତ ବଳ ଅର୍ଥାତ୍ ସାମର୍ଥ୍ୟ ଏବଂ ସକଳ ପ୍ରାଣୀମାନଙ୍କ ମଧ୍ୟରେ ଧର୍ମର ଅବିରୁଦ୍ଧ ଅର୍ଥାତ୍ ଶାସ୍ତ୍ରର ଅନୁକୂଳ କାମ ଅଟେ ॥ ୧୧ ॥

ପ୍ରଶ୍ନ – ଏହି ଶ୍ଲୋକର ସ୍ପଷ୍ଟୀକରଣ କରନ୍ତୁ ।

ଉତ୍ତର – ଯେଉଁ ବଳ କାମନା, ଆସକ୍ତି, ଅହଂକାର ତଥା କ୍ରୋଧାଦିରେ ଯୁକ୍ତ, ତାହା ତ ଆସୁରବଳ । ସେହିପ୍ରକାର ବଳର ବର୍ଣ୍ଣନା ଆସୁରୀ ସମ୍ପତ୍ତିରେ କରାଯାଇଛି (୧୬/୧୮) ଏବଂ ତାହାକୁ ତ୍ୟାଗ କରିବାକୁ କୁହାଯାଇଛି (୧୮/୫୩) । ସେହିପରି ଧର୍ମବିରୁଦ୍ଧ କାମ ମଧ୍ୟ ଆସୁରୀ ସମ୍ପତ୍ତିର ପ୍ରଧାନ ଲକ୍ଷଣ ହୋଇଥିବାରୁ ତାହା ସକଳ ଅନର୍ଥର ମୂଳ (୩/୩୭), ନରକର ଦ୍ୱାର ଓ ତ୍ୟାଜ୍ୟ ଅଟେ (୧୬/୨୧) । କାମ-ରାଗଯୁକ୍ତ 'ବଳ'ରୁ ଓ ଧର୍ମବିରୁଦ୍ଧ 'କାମ'ରୁ ରହିତ ବିଶୁଦ୍ଧ ବଳ ଓ ବିଶୁଦ୍ଧ 'କାମ' ହିଁ ଉପାଦେୟ ଅଟେ । ଭଗବାନ୍ 'ଭରତର୍ଷଭ' ସମ୍ବୋଧନ କରି ସୂଚାଇଦେଉଛନ୍ତି, ''ତୁମେ ଭରତବଂଶରେ ଶ୍ରେଷ୍ଠ । ତୁମ ଅନ୍ତରରେ ଏହି ଆସୁର ବଳ ନାହିଁ, କି ସେହି ଅଧର୍ମମୂଳକ ଦୂଷିତ 'କାମ' ନାହିଁ । ତୁମ ଅନ୍ତରରେ ତ କାମନା-ଓ-ଆସକ୍ତିରହିତ ଶୁଦ୍ଧ 'ବଳ' ଓ ଧର୍ମ-ଅବିରୁଦ୍ଧ ବିଶୁଦ୍ଧ 'କାମ' ରହିଛି । ମୁଁ ହିଁ ବଳବାନ୍‌ମାନଙ୍କର ସେହି ଶୁଦ୍ଧ ବଳତତ୍ତ୍ୱ ଓ ସକଳ ଜୀବମାନଙ୍କର ସେହି ଶୁଦ୍ଧ କାମତତ୍ତ୍ୱ ଅଟେ ।''

ସମ୍ବନ୍ଧ – ଏପରିଭାବରେ ପ୍ରଧାନ ପ୍ରଧାନ ବସ୍ତୁମାନଙ୍କରେ ସାରରୂପେ ନିଜର ବ୍ୟାପକତା ବୁଝାଇ ଭଗବାନ୍ ପ୍ରକାରାନ୍ତରେ ସମସ୍ତ ବିଶ୍ୱରେ ନିଜର ସର୍ବବ୍ୟାପକତା ଓ ସର୍ବସ୍ୱରୂପତା ସିଦ୍ଧ କରିଛନ୍ତି । ବର୍ତ୍ତମାନ ନିଜକୁ ହିଁ ତ୍ରିଗୁଣମୟ ଜଗତର ମୂଳକାରଣ ଜାଣି ଏହି ପ୍ରସଙ୍ଗର ଉପସଂହାର କରୁଛନ୍ତି—

ଯେ ଚୈବ ସାତ୍ତ୍ୱିକା ଭାବା ରାଜସାସ୍ତାମସାଶ୍ଚ ଯେ ।
ମତ୍ତ ଏବେତି ତାନ୍ ବିଦ୍ଧି ନ ତ୍ୱହଂ ତେଷୁ ତେ ମୟି ॥ ୧୨ ॥

ଅନ୍ୱୟ – ଚ, ଏବ = ଆହୁରି ମଧ୍ୟ; **ଯେ** = ଯେଉଁସବୁ; **ସାତ୍ତ୍ୱିକାଃ** = ସତ୍ତ୍ୱଗୁଣରୁ ଜାତ; **ଭାବାଃ** = ଭାବମାନ ରହିଛି; **ଯେ** = ଯେଉଁସବୁ; **ରାଜସାଃ** = ରଜୋଗୁଣରୁ; **ଚ** = ତଥା; **ତାମସାଃ** = ତମୋଗୁଣରୁ ଜାତ ଭାବମାନ ରହିଛି; **ତାନ୍** = ସେସବୁକୁ; **ମତ୍ତଃ, ଏବ** = ମୋଠାରୁ ହିଁ (ଉତ୍ପନ୍ନ); **ଇତି** = ବୋଲି; **ବିଦ୍ଧି** = ଜାଣ; **ତୁ** = କିନ୍ତୁ (ପ୍ରକୃତରେ); **ତେଷୁ** = ସେସବୁରେ; **ଅହମ୍** = ମୁଁ (ନାହିଁ କି); **ତେ** = ସେସବୁ; **ମୟି** = ମୋ ମଧ୍ୟରେ; **ନ** = ନାହାନ୍ତି ।

ଆହୁରି ମଧ୍ୟ ସତ୍ତ୍ୱଗୁଣରୁ ଜାତ ଯେଉଁସବୁ ଭାବ ରହିଛି ଏବଂ ରଜୋଗୁଣରୁ ତଥା ତମୋଗୁଣରୁ ଜାତ ଯେଉଁସବୁ ଭାବ ରହିଛି, ସେସବୁ ମୋଠାରୁ ଉତ୍ପନ୍ନ ବୋଲି ଜାଣ; କିନ୍ତୁ ପ୍ରକୃତରେ ମୁଁ ସେସବୁରେ ନାହିଁ, କି ସେସବୁ ମୋଠାରେ ନାହାନ୍ତି ॥ ୧୨ ॥

ପ୍ରଶ୍ନ – ସାତ୍ତ୍ୱିକ, ରାଜସ ଓ ତାମସ ଭାବ ଜେଉଁମାନଙ୍କ ବାଚକ ଏବଂ ସେସବୁ 'ଭଗବାନଙ୍କ ଠାରୁ ଉତ୍ପନ୍ନ' ବୋଲି ବୁଝିବା ଅର୍ଥ କଣ ?

ଉତ୍ତର – ମନ, ବୁଦ୍ଧି, ଅହଂକାର, ଇନ୍ଦ୍ରିୟ, ଇନ୍ଦ୍ରିୟମାନଙ୍କର ବିଷୟ, ତନ୍ମାତ୍ର, ମହାଭୂତ ଓ ସମସ୍ତ ଗୁଣ, ଅବଗୁଣ ତଥା କର୍ମ ଆଦି ଯେତେ ଭାବ ରହିଛି, ସେସବୁ ସାତ୍ତ୍ୱିକ, ରାଜସ ଓ ତାମସ ଭାବର ଅନ୍ତର୍ଗତ । ସେହିସବୁ ପଦାର୍ଥର ବିକାଶ ଓ ବିସ୍ତାର ଭଗବାନଙ୍କର 'ଅପରା ପ୍ରକୃତି'ଠାରୁ ହୁଏ ଏବଂ ସେହି ପ୍ରକୃତି ଭଗବାନଙ୍କର ହିଁ ପ୍ରକୃତି । ତେଣୁ ତାହା ଭଗବାନଙ୍କ ଠାରୁ ଭିନ୍ନ ନୁହେଁ । ଭଗବାନଙ୍କର ଲୀଳାସଙ୍କେତ ପାଇ ପ୍ରକୃତିଦ୍ୱାରା ସବୁର ସୃଷ୍ଟି, ବିସ୍ତାର ଓ ଉପସଂହାର ହେଉଥାଏ — ଏପରି ଜାଣିପାରିବା ହିଁ, ସେସବୁ 'ଭଗବାନଙ୍କ ଠାରୁ ଉତ୍ପନ୍ନ' ବୋଲି ବୁଝିବା ।

ପ୍ରଶ୍ନ – ଯଦି ଉପରୋକ୍ତ ସମସ୍ତ ତ୍ରିଗୁଣମୟ ଭାବ ଭଗବାନଙ୍କ ଠାରୁ ହିଁ ଜାତ ହୁଏ, ତେବେ 'ସେସବୁ ମୋଠାରେ ନାହାନ୍ତି, କି ମୁଁ ସେସବୁରେ ନାହିଁ' ବୋଲି କହିବାର ଅଭିପ୍ରାୟ କଣ ?

ଉତ୍ତର – ଆକାଶରୁ ଉତ୍ପନ୍ନ ମେଘର କାରଣ ଓ ଆଧାର ଆକାଶ ହେଲେ ମଧ୍ୟ ଆକାଶ ମେଘଠାରୁ

ସର୍ବଥା ନିର୍ଲିପ୍ତ। ମେଘ ସବୁବେଳେ ଆକାଶରେ ନ ଥାଏ ଓ ଅନିତ୍ୟ ହୋଇଥିବାରୁ ପ୍ରକୃତରେ ତା'ର ସ୍ଥିର ସତ୍ତା ମଧ୍ୟ ନାହିଁ; କିନ୍ତୁ ମେଘ ନ ଥିଲେ ମଧ୍ୟ ଆକାଶ ସର୍ବଦା ରହେ। ଯେଉଁଠି ମେଘ ନାହିଁ, ସେଠାରେ ଆକାଶ ମଧ୍ୟ ଅଛି; ଆକାଶ ମେଘର ଆଶ୍ରିତ ନୁହେଁ। ପ୍ରକୃତରେ ମେଘ ମଧ୍ୟ ଆକାଶଠାରୁ ଭିନ୍ନ ନୁହେଁ; କାରଣ ମେଘ ଆକାଶରୁ ହିଁ ଜତ୍ପନ୍ନ ହୋଇଥାଏ। ଅତଏବ ଯଥାର୍ଥରେ ମେଘର ଭିନ୍ନସତ୍ତା ନ ଥିବାରୁ ଆକାଶ କେବେହେଲେ ମେଘରେ ନ ଥାଏ। ସେ ତ ସବୁବେଳେ କେବଳ ନିଜ ସତ୍ତାରେ ହିଁ ଥାଏ। ଠିକ୍ ସେହିପରି ଯଦ୍ୟପି ଭଗବାନ୍ ସମସ୍ତ ତ୍ରିଗୁଣମୟ ଭାବର କାରଣ ଓ ଆଧାର, ତଥାପି ପ୍ରକୃତରେ ସେସବୁ ଗୁଣ ଭଗବାନଙ୍କ ଠାରେ ନାହିଁ, କି ଭଗବାନ୍ ସେସବୁରେ ନାହାନ୍ତି। ଭଗବାନ୍ ତ ସର୍ବଥା ଓ ସର୍ବଦା ଗୁଣାତୀତ, ତଥା ନିତ୍ୟ ନିଜଠାରେ ହିଁ ରହିଛନ୍ତି। ତେଣୁ ସେ କହୁଛନ୍ତି, 'ସେମାନଙ୍କ ଠାରେ ମୁଁ ଓ ମୋ ଠାରେ ସେମାନେ ନାହାନ୍ତି'। ଏହାର ସ୍ପଷ୍ଟୀକରଣ ନବମ ଅଧ୍ୟାୟର ଚତୁର୍ଥ ଓ ପଞ୍ଚମ ଶ୍ଲୋକରେ ଦେଖିବା ଆବଶ୍ୟକ।

ସମ୍ବନ୍ଧ — *ଭଗବାନ୍ ଦେଖାଇଛନ୍ତି ଯେ, ସମଗ୍ର ଜଗତ ତାଙ୍କର ହିଁ ସ୍ୱରୂପ ଓ ସେ ସମଗ୍ର ଜଗତରେ ବ୍ୟାପ୍ତ। ଏଠାରେ ପ୍ରଶ୍ନ ହୋଇପାରେ, 'ଭଗବାନ୍ ଏପରି ସର୍ବତ୍ର ପରିପୂର୍ଣ୍ଣ ଓ ଅତି ନିକଟରେ ଥିଲେ ମଧ୍ୟ, ଲୋକମାନେ ତାଙ୍କୁ କାହିଁକି ଚିହ୍ନିପାରୁ ନାହାନ୍ତି?' ଏ ସମ୍ପର୍କରେ ଭଗବାନ୍ କହୁଛନ୍ତି —*

ତ୍ରିଭିର୍ଗୁଣମୟୈର୍ଭାବୈରେଭିଃ ସର୍ବମିଦଂ ଜଗତ୍ ।
ମୋହିତଂ ନାଭିଜାନାତି ମାମେଭ୍ୟଃ ପରମବ୍ୟୟମ୍ ।। ୧୩ ।।

ଅନ୍ୱୟ — ଗୁଣମୟୈଃ = ଗୁଣମାନଙ୍କର କାର୍ଯ୍ୟରୂପ ସାତ୍ତ୍ୱିକ, ରାଜସ ଓ ତାମସ; ଏଭିଃ = ଏହି; ତ୍ରିଭିଃ = ତିନି ପ୍ରକାର; ଭାବୈଃ = ଭାବମାନଙ୍କ ଦ୍ୱାରା; ଇଦମ୍ = ଏହି; ସର୍ବମ୍ = ସମସ୍ତ; ଜଗତ୍ = ସଂସାର ଅର୍ଥାତ୍ ପ୍ରାଣୀସମୁଦାୟ; ମୋହିତମ୍ = ମୋହିତ ହେଉଛି (ତେଣୁ); ଏଭ୍ୟଃ = ଏହି ତିନି ଗୁଣରୁ; ପରମ୍ = ଅତୀତ ହୋଇଥିବା; ମାମ୍ = ମୋତେ; ଅବ୍ୟୟମ୍ = ଅବିନାଶୀରୂ (ବୋଲି); ନ, ଅଭିଜାନାତି = ଚିହ୍ନୁନାହିଁ।

ଗୁଣମାନଙ୍କର କାର୍ଯ୍ୟରୂପ ସାତ୍ତ୍ୱିକ, ରାଜସ ଓ ତାମସ — ଏହି ତିନିପ୍ରକାର ଭାବଦ୍ୱାରା ଏହି ସାରା ସଂସାର ଅର୍ଥାତ୍ ପ୍ରାଣୀସମୁଦାୟ ମୋହିତ ହେଉଛି, ଏଣୁ ଏହି ତିନିଗୁଣରୁ ଅତୀତ ହୋଇ ରହିଥିବା ଅବିନାଶୀସ୍ୱରୂପ ମୋତେ ଚିହ୍ନୁ ନାହିଁ।। ୧୩ ।।

ପ୍ରଶ୍ନ — 'ଗୁଣମାନଙ୍କର କାର୍ଯ୍ୟରୂପ ଏହି ତିନିପ୍ରକାର ଭାବଦ୍ୱାରା ସକଳ ସଂସାର ମୋହିତ ହେଉଛି — ଏହାର ତାତ୍ପର୍ଯ୍ୟ କଣ ?

ଉତ୍ତର — ପୂର୍ବଶ୍ଲୋକରେ ଯେଉଁସବୁ ଭାବର ବର୍ଣ୍ଣନା କରାଗଲା, ଏଠାରେ ସେହି ତ୍ରିବିଧ ଭାବଦ୍ୱାରା ଜଗତର ମୋହିତ ହେଉଥିବା କଥା କୁହାଯାଇଛି। 'ତ୍ରିଭିଃ' ଓ 'ଗୁଣମୟୈଃ' ବିଶେଷଣଦ୍ୱାରା ଦେଖାଇଦିଆଯାଇଛି ଯେ, ସେସବୁ ଭାବ (ପଦାର୍ଥ) ତିନିଗୁଣ ଅନୁସାରେ ତିନି ଭାଗରେ ବିଭକ୍ତ ଏବଂ ସବୁ ପଦାର୍ଥ ଗୁଣମାନଙ୍କର ହିଁ ବିକାର। 'ଜଗତ୍' ଶବ୍ଦଦ୍ୱାରା ସକଳ ସଜୀବ ପ୍ରାଣୀଙ୍କୁ ଲକ୍ଷ୍ୟ କରାଯାଇଛି; କାରଣ ନିର୍ଜୀବ ବସ୍ତୁର ମୋହିତ ହେବା ପ୍ରଶ୍ନ ହିଁ ଉଠୁ ନାହିଁ। ଅତଏବ ଭଗବାନଙ୍କ କଥାର ଅଭିପ୍ରାୟ ହେଉଛି : ଜଗତର ସମସ୍ତ ଦେହାଭିମାନୀ ପ୍ରାଣୀ — ଏପରି କି ମନୁଷ୍ୟମାନେ ମଧ୍ୟ — ନିଜ ନିଜର ସ୍ୱଭାବ, ପ୍ରକୃତି ଓ ବିଚାର ଅନୁସାରେ ଅନିତ୍ୟ ଓ ଦୁଃଖପୂର୍ଣ୍ଣ ଏହି ତ୍ରିଗୁଣମୟ ଭାବକୁ ହିଁ ନିତ୍ୟ ଓ ସୁଖର କାରଣ ବୋଲି ଭାବନ୍ତି ଏବଂ ଏହାର କଳ୍ପିତ ରମଣୀୟତା ଓ ସୁଖରୂପତାର କେବଳ ବାହ୍ୟ ଚାକଚକ୍ୟ ଦେଖି ଜୀବନର ପରମଲକ୍ଷ୍ୟକୁ ଭୁଲିଯାଆନ୍ତି; ତେଣୁ ସେମାନେ ମୋର ଗୁଣ, ପ୍ରଭାବ, ତତ୍ତ୍ୱ, ସ୍ୱରୂପ ଓ ରହସ୍ୟର ଚିନ୍ତନ ଓ ଜ୍ଞାନ ପ୍ରତି ବିମୁଖ ହୋଇଥାନ୍ତି ଏବଂ ଅସଦ୍‌ଭାବ ଓ ଅସମ୍ମାନ ଦେଖାଇ ମୋତେ ଅଶ୍ରଦ୍ଧା କରନ୍ତି। ତିନି ଗୁଣର ବିକାରରେ ଲିପ୍ତ ରହିବା ଫଳରେ ସେମାନଙ୍କର ବିବେକଦୃଷ୍ଟି ଏପରି ନଷ୍ଟ ହୋଇଯାଏ ଯେ, ସେମାନେ ବିଷୟଭୋଗ ସଂଗ୍ରହ କରିବା ତଥା ତାହା ଭୋଗ କରିବା ବ୍ୟତୀତ ଜୀବନର ଯେ ଅନ୍ୟ କିଛି କର୍ତ୍ତବ୍ୟ ଓ ଲକ୍ଷ୍ୟ ରହିଛି, ତାହା ଜାଣିପାରନ୍ତି ନାହିଁ।

ପ୍ରଶ୍ନ — ତିନି ଗୁଣରୁ ଅତୀତ

ଅବିନାଶୀସ୍ୱରୂପ ମୋତେ – ଜାଣନ୍ତି ନାହିଁ' – କହିବାର ତାତ୍ପର୍ଯ୍ୟ କଣ ?

ଉତ୍ତର – ଏହାଦ୍ୱାରା ଭଗବାନ୍ ଦେଖାଇଦେବାକୁ ଚାହାଁନ୍ତି ଯେ, ସେହି ବିଷୟଭୋଗ-ବିମୋହିତ ମନୁଷ୍ୟମାନଙ୍କ ବିବେକଦୃଷ୍ଟି ତିନିଗୁଣର ବିନାଶଶୀଳ ରାଜ୍ୟର ଉର୍ଦ୍ଧ୍ୱକୁ ଯାଏ ନାହିଁ; ଅତଏବ ସେମାନେ ଏସବୁଠାରୁ ପର୍ବଥା ଅତୀତ ଅବିନାଶୀସ୍ୱରୂପ ମୋତେ ଜାଣିପାରନ୍ତି ନାହିଁ।

ପଞ୍ଚଦଶ ଅଧ୍ୟାୟର ଆଠର ଶ୍ଲୋକରେ ମଧ୍ୟ ଭଗବାନ୍ ନିଜକୁ କ୍ଷରପୁରୁଷଠାରୁ ପର୍ବଥା ଅତୀତ ବୋଲି ବୁଝାଇଛନ୍ତି। ସେଠାରେ 'କ୍ଷର' ପୁରୁଷ ନାମରେ ଯେଉଁ ତତ୍ତ୍ୱ ବର୍ଣ୍ଣନା କରାଯାଇଛି, ତାହାକୁ ଏହି ପ୍ରକରଣରେ 'ଅପରା ପ୍ରକୃତି' ଓ 'ତ୍ରିଗୁଣମୟଭାବ' ବୋଲି କହିଛନ୍ତି। ସେଠାରେ ଯାହାକୁ 'ଅକ୍ଷର ପୁରୁଷ' ବୋଲି କହିଛନ୍ତି, ଏଠାରେ ସେହି ତତ୍ତ୍ୱକୁ 'ପରା ପ୍ରକୃତି' ଓ ମୋହିତ ହୋଇଥିବା ପ୍ରାଣୀସମୁଦାୟ ବୋଲି କହିଛନ୍ତି ଏବଂ ସେଠାରେ ଯାହାଙ୍କୁ 'ପୁରୁଷୋତ୍ତମ' ବୋଲି କହିଛନ୍ତି, ତାଙ୍କୁ ହିଁ ଏଠାରେ 'ମାମ୍' ପଦଦ୍ୱାରା ବର୍ଣ୍ଣନା କରାଯାଇଛି। ଏହିପରି ଭଗବାନଙ୍କୁ ପୁରୁଷୋତ୍ତମ ବୋଲି ନ ଜାଣିବା ହିଁ ଗୁଣାତୀତ ଓ ଅବିନାଶୀଙ୍କୁ ନ ଜାଣିବା।

ସମ୍ବନ୍ଧ – ଭଗବାନ୍ ସମସ୍ତ ଜଗତକୁ ତ୍ରିଗୁଣମୟ ଭାବଦ୍ୱାରା ମୋହିତ ବୋଲି କହିଛନ୍ତି। ତାହା ଶୁଣି ଅର୍ଜୁନଙ୍କର ଜାଣିବାକୁ ଇଚ୍ଛା ହେଲା, 'ଏଥିରୁ ମୁକ୍ତ ହେବାର କିଛି ଉପାୟ ଅଛି, ନା ନାହିଁ ?' ଅନ୍ତର୍ଯାମୀ ଦୟାମୟ ଭଗବାନ୍ ଅର୍ଜୁନଙ୍କର ଏହି ମନକଥା ବୁଝିପାରି ନିଜ ମାୟା ଦୁସ୍ତର ବୋଲି କହି ତାହାକୁ ପାରିହେବାର ଉପାୟ ସୂଚାଉଛନ୍ତି –

ଦୈବୀ ହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା।
ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ॥ ୧୪ ॥

ଅନ୍ୱୟ – ହି = କାରଣ; **ଏଷା** = ଏହି; **ଦୈବୀ** = ଅଲୌକିକ ଅର୍ଥାତ୍ ଅତ୍ୟନ୍ତ ଅଦ୍ଭୁତ; **ଗୁଣମୟୀ** = ତ୍ରିଗୁଣମୟୀ; **ମମ** = ମୋର; **ମାୟା** = ମାୟା; **ଦୁରତ୍ୟୟା** = ବଡ଼ ଦୁସ୍ତର (କିନ୍ତୁ); **ଯେ** = ଯେଉଁମାନେ; **ମାମ୍, ଏବ** = କେବଳ ମୋତେ ହିଁ; **ପ୍ରପଦ୍ୟନ୍ତେ** = ନିରନ୍ତର ଭଜନ କରନ୍ତି; **ତେ** = ସେମାନେ; **ଏତାମ୍** = ଏହି; **ମାୟାମ୍** = ମାୟାକୁ; **ତରନ୍ତି** = ଉଲ୍ଲଙ୍ଘନ କରିଯାଆନ୍ତି ଅର୍ଥାତ୍ ସଂସାରରୁ ତରିଯାଆନ୍ତି।

କାରଣ ମୋର ଏହି ମାୟା ଅଲୌକିକ ଅର୍ଥାତ୍ ଅତ୍ୟନ୍ତ ଅଦ୍ଭୁତ ଓ ତ୍ରିଗୁଣମୟୀ ହୋଇଥିବାରୁ ବଡ଼ ଦୁସ୍ତର। ପରନ୍ତୁ ଯେଉଁମାନେ କେବଳ ମୋତେ ହିଁ ନିରନ୍ତର ଭଜନ କରନ୍ତି, ସେମାନେ ଏହି ମାୟାକୁ ଉଲ୍ଲଙ୍ଘନ କରିଯାଆନ୍ତି ଅର୍ଥାତ୍ ସଂସାରରୁ ତରିଯାଆନ୍ତି॥ ୧୪ ॥

ପ୍ରଶ୍ନ – ମାୟା ସହିତ **ଏଷା, ଦୈବୀ, ଗୁଣମୟୀ** ଓ **ଦୁରତ୍ୟୟା** ବିଶେଷଣ ଦେବାର ଏବଂ ଏହାକୁ **ମମ**(ମୋର) କହିବାର ଅଭିପ୍ରାୟ କଣ ?

ଉତ୍ତର – **ଏଷା** ପଦଟି ପ୍ରତ୍ୟକ୍ଷ ବସ୍ତୁର ନିର୍ଦ୍ଦେଶକ ଏବଂ ପ୍ରକୃତି କାର୍ଯ୍ୟରୂପରେ ଦୃଶ୍ୟମାନ। ଏଥିରୁ ବୁଝିବା ଉଚିତ ଯେ, ଯେଉଁ ପ୍ରକୃତିକୁ ପୂର୍ବଶ୍ଲୋକରେ ତ୍ରିଗୁଣମୟ ଭାବମାନଙ୍କ ନାମ ତେଣୁ କାର୍ଯ୍ୟରୂପରେ ବର୍ଣ୍ଣନା କରାଗଲା, ତାକୁ ହିଁ ଏଠାରେ 'ମାୟା' ନାମ ଦିଆଯାଇଛି। ଗୁଣ ଓ ଗୁଣମାନଙ୍କର କାର୍ଯ୍ୟରୂପ ସମସ୍ତ ଜଡ଼ ଦୃଶ୍ୟପ୍ରପଞ୍ଚ ଏହି ମାୟାର ଅନ୍ତର୍ଭୁକ୍ତ। ତେଣୁ ଏହାକୁ **ଗୁଣମୟୀ** କୁହାଗଲା। ଏହି ମାୟା ଐନ୍ଦ୍ରଜାଲିକ ବା ଅସୁରମାନଙ୍କ ମାୟାପରି ସାଧାରଣ ମାୟା ନୁହେଁ, ଏହା ହେଉଛି ଭଗବାନଙ୍କର ନିଜର ଅନନ୍ୟସାଧାରଣ ଅତ୍ୟନ୍ତ ବିଚିତ୍ର ଶକ୍ତି; ତେଣୁ ଏହାକୁ **ଦୈବୀ** କୁହାଗଲା। ଏବଂ ଶେଷରେ ଭଗବାନ୍ ଏହି ଦୈବୀ ମାୟାକୁ ମୋର (**ମମ**) କହି ତଥା ଏହାକୁ ଦୁସ୍ତର (ଦୁରତ୍ୟୟା) ବୋଲି କହି ଏହାଙ୍କ ସୂଚନା ଦେଇଛନ୍ତି, "ମୁଁ ଏହାର ସ୍ୱାମୀ; ମୋର ଶରଣ ନ, ନେଲେ, ମନୁଷ୍ୟ ଏହି ମାୟାରୁ ଆଦୌ ପାରି ହୋଇପାରିବ ନାହିଁ। ତେଣୁ ଏହା ଅତ୍ୟନ୍ତ ଦୁସ୍ତର।"

ପ୍ରଶ୍ନ – 'ଯେ କେବଳ ମୋତେ ହିଁ ନିରନ୍ତର ଭଜନ କରନ୍ତି' ବୋଲି କହିବାର ଭାବ କଣ ?

ଉତ୍ତର – ଯେ ଏକମାତ୍ର ଭଗବାନଙ୍କୁ ହିଁ ନିଜର ପରମ ଆଶ୍ରୟ, ପରମ ଗତି, ପରମ ପ୍ରିୟ ଓ ପରମ ପ୍ରାପ୍ୟ ମନେ କରନ୍ତି ତଥା ସବୁ କିଛି ଭଗବାନଙ୍କର ବା ଭଗବାନଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ବୁଝି ଯେ ଶରୀର, ସ୍ତ୍ରୀ, ପୁତ୍ର, ଧନ, ଗୃହ, କୀର୍ତ୍ତି ଆଦିରେ ମମତ୍ୱ ଓ ଆସକ୍ତି ତ୍ୟାଗ କରିଦିଅନ୍ତି ଏବଂ ସେସବୁକୁ ଭଗବାନଙ୍କର ହିଁ ପୂଜାସାମଗ୍ରୀରେ ପରିଣତ କରିଦେଇଥାନ୍ତି ତଥା ଭଗବାନଙ୍କ ଦ୍ୱାରା ରଚିତ ବିଧାନରେ ସର୍ବଦା ସନ୍ତୁଷ୍ଟ ରହି, ଭଗବାନଙ୍କର ଆଜ୍ଞାପାଳନରେ ତତ୍ପର ରହି ଓ ଭଗବାନଙ୍କର ସ୍ମରଣପରାୟଣ ହୋଇ ନିଜକୁ ସବୁପ୍ରକାରେ ନିରନ୍ତର ଭଗବାନଙ୍କ ଠାରେ ଲଗାଇରଖିଥାନ୍ତି, ସେହି ପୁରୁଷ ହେଉଛନ୍ତି ନିରନ୍ତର ଭଗବାନଙ୍କର ଭଜନ କରୁଥିବା ଲୋକ। ଏପରି ଭକ୍ତିର ନାମ ଅନନ୍ୟ ଶରଣାଗତି। ଏପରି ଶରଣାଗତ ଭକ୍ତ ହିଁ ମାୟାକୁ ଅତିକ୍ରମ କରିପାରନ୍ତି।

ପ୍ରଶ୍ନ – ମାୟାକୁ ଅତିକ୍ରମ କରିବା ଅର୍ଥ କଣ ?

ଉତ୍ତର – କାର୍ଯ୍ୟ ଓ କାରଣରୂପା ଅପରା ପ୍ରକୃତିର ନାମ ମାୟା। ମାୟାପତି ପରମେଶ୍ୱରଙ୍କ ଶରଣାଗତ ହୋଇ ତାଙ୍କର କୃପାରେ ଏହି ମାୟାର ରହସ୍ୟକୁ ପୂର୍ଣ୍ଣରୂପେ ଜାଣି ଏହାଠାରୁ ସବୁଦିନପାଇଁ ମୁକ୍ତ ହୋଇଯିବା ତଥା ମାୟାପତି ପରମେଶ୍ୱରଙ୍କୁ ପାଇବା ହିଁ ମାୟାରୁ ତରିଯିବା ବା ମାୟାକୁ ଅତିକ୍ରମ କରିଯିବା।

ସମ୍ବନ୍ଧ – *ଭଗବାନ୍ ମାୟାର ଦୁସ୍ତରତା ଦର୍ଶାଇ ନିଜର ଭଜନକୁ ମାୟାରୁ ପାରିହେବାର ଉପାୟ ବୋଲି ବୁଝାଇଦେଲେ। ଏ ସମ୍ପର୍କରେ ପ୍ରଶ୍ନ ଉଠେ, 'ଯଦି ଏହା ହୋଇଥାଏ, ତେବେ ସବୁ ଲୋକ କାହିଁକି ନିରନ୍ତର ଭଗବାନଙ୍କର ଭଜନ କରୁନାହାନ୍ତି ?' ଉତ୍ତରରେ ଭଗବାନ୍ କହୁଛନ୍ତି –*

ନ ମାଂ ଦୁଷ୍କୃତିନୋ ମୂଢ଼ାଃ ପ୍ରପଦ୍ୟନ୍ତେ ନରାଧମାଃ।
ମାୟୟାପହୃତଜ୍ଞାନା ଆସୁରଂ ଭାବମାଶ୍ରିତାଃ ॥ ୧୫ ॥

ଅନ୍ୱୟ – **ମାୟୟା** = ମାୟାଦ୍ୱାରା; **ଅପହୃତଜ୍ଞାନାଃ** = ଯେଉଁମାନଙ୍କର ଜ୍ଞାନ ଅପହୃତ ହୋଇଯାଇଛି; **ଆସୁରମ୍, ଭାବମ୍** = ଆସୁର ସ୍ୱଭାବକୁ; **ଆଶ୍ରିତାଃ** = ଧରିଥିବା ଲୋକେ; **ନରାଧମାଃ** = ମନୁଷ୍ୟମାନଙ୍କ ମଧ୍ୟରେ ନୀଚ; **ଦୁଷ୍କୃତିନଃ** = ଦୂଷିତକର୍ମା; **ମୂଢ଼ାଃ** = ମୂଢ଼ ଲୋକେ; **ମାମ୍** = ମୋତେ; **ନ, ପ୍ରପଦ୍ୟନ୍ତେ** = ଭଜନ କରନ୍ତି ନାହିଁ।

ଯେଉଁମାନଙ୍କର ଜ୍ଞାନ ମାୟାଦ୍ୱାରା ଅପହୃତ ହୋଇଯାଇଛି, ସେପରି ଆସୁରସ୍ୱଭାବ ଧରିଥିବା ଲୋକମାନେ ତଥା ମନୁଷ୍ୟମାନଙ୍କ ମଧ୍ୟରେ ନୀଚ, ଦୂଷିତକର୍ମା ମୂଢ଼ମାନେ ମୋତେ ଭଜନ କରନ୍ତି ନାହିଁ ॥ ୧୫ ॥

ପ୍ରଶ୍ନ – ଏହି ଶ୍ଲୋକଟିର ସ୍ପଷ୍ଟୀକରଣ କରନ୍ତୁ।

ଉତ୍ତର – ଭଗବାନ୍ କହୁଛନ୍ତି, (୧) "ଯେଉଁମାନେ ଜନ୍ମଜନ୍ମାନ୍ତରରୁ ପାପ କରି ଆସୁଛନ୍ତି ଏବଂ ଏହି ଜନ୍ମରେ ମଧ୍ୟ ଜାଣିଶୁଣି ପାପ କରିବାରେ ହିଁ ପ୍ରବୃତ୍ତ ଅଛନ୍ତି, ସେପରି ଦୁଷ୍କର୍ମ କରୁଥିବା ପାପାତ୍ମାମାନେ; (୨) 'ପ୍ରକୃତି କଣ ? ପୁରୁଷ କଣ ? ଭଗବାନ୍ କଣ ? ଭଗବାନଙ୍କ ସହିତ ଜୀବର ଓ ଜୀବ ସହିତ ଭଗବାନଙ୍କର ସମ୍ବନ୍ଧ କଣ ?' – ଏସବୁ ଜାଣିବା ତ ଦୂରର କଥା, ଯେଉଁମାନେ ଏହା ବି ଜାଣନ୍ତି ନାହିଁ ବା ଜାଣିବାକୁ ଚାହାନ୍ତି ନାହିଁ ଯେ, ମନୁଷ୍ୟଜନ୍ମର ଉଦ୍ଦେଶ୍ୟ ଭଗବତ୍‌ପ୍ରାପ୍ତି ଏବଂ ଭଜନ କରିବା ହିଁ ସେମାନଙ୍କର ପ୍ରଧାନ କର୍ତ୍ତବ୍ୟ, ସେପରି ବିବେକହୀନ ମୂଢ଼ ମନୁଷ୍ୟମାନେ; (୩) ଯେଉଁମାନଙ୍କର ବିଚାର ଓ କର୍ମ ନୀଚ; ବିଷୟାସକ୍ତି, ପ୍ରମାଦ ତଥା ଆଳସ୍ୟର ଆଧିକ୍ୟଯୋଗୁ ଯେଉଁମାନେ କେବଳ ବିଷୟଭୋଗରେ ଜୀବନ ନଷ୍ଟ କରନ୍ତି, ତାହା ପାଇବା ପାଇଁ ନିରନ୍ତର ନୀଚନିନ୍ଦିତ କର୍ମରେ ହିଁ ଲାଗିରହନ୍ତି, ସେପରି 'ନରାଧମ' ନୀଚ ବ୍ୟକ୍ତିମାନେ; (୪) ମାୟାଦ୍ୱାରା ଯେଉଁମାନଙ୍କର ଜ୍ଞାନ ନଷ୍ଟ ହୋଇଯାଇଛି; ବିପରୀତ ଭାବନା ଓ ଅଶ୍ରଦ୍ଧାର ଆଧିକ୍ୟଯୋଗୁଁ ଯେଉଁମାନଙ୍କର ବିବେକ ନଷ୍ଟଭ୍ରଷ୍ଟ ହୋଇଯାଇଛି ଏବଂ ସେଥିଯୋଗୁଁ ଯେଉଁମାନେ ବେଦରେ, ଶାସ୍ତ୍ରରେ, ଗୁରୁପରମ୍ପରାରୁ ମିଳିଥିବା ସଦୁପଦେଶରେ, ଈଶ୍ୱରଙ୍କ ଠାରେ, କର୍ମଫଳରେ ଓ ପୁନର୍ଜନ୍ମରେ ବିଶ୍ୱାସ ନ କରି ମିଥ୍ୟା କୁତର୍କ ଏବଂ ନାସ୍ତିକବାଦରେ ହିଁ ବୁଡ଼ିରହନ୍ତି ଏବଂ ଅନ୍ୟର ଅନିଷ୍ଟ କରନ୍ତି, ସେପରି ଅଜ୍ଞାନୀଜନ ତଥା (୫) ଏହିସବୁ ଦୁର୍ଗୁଣ ସହିତ ଯେଉଁମାନେ ଦମ୍ଭ, ଦର୍ପ, ଅଭିମାନ, କର୍କଶତା, କାମ, କ୍ରୋଧ, ଲୋଭ, ମୋହ ଆଦି ଆସୁରଭାବର ଆଶ୍ରୟ ନେଇଥାନ୍ତି, ସେପରି ଆସୁରୀ ପ୍ରକୃତିର ମୂଢ଼ଲୋକମାନେ ମୋତେ କେବେ ହେଲେ ଭଜନ କରନ୍ତି ନାହିଁ।"

ସମ୍ବନ୍ଧ – *ପୂର୍ବଶ୍ଲୋକରେ ଭଗବାନ୍ କହିଛନ୍ତି ଯେ, ପାପାତ୍ମା ଆସୁରୀ ପ୍ରକୃତିର ମୂଢ଼ଲୋକମାନେ ତାଙ୍କୁ ଭଜନ କରନ୍ତି ନାହିଁ। ଅତଏବ ପ୍ରଶ୍ନ ଉଠୁଛି, 'କେଉଁ ମନୁଷ୍ୟମାନେ ତାଙ୍କୁ ଭଜନ କରନ୍ତି?' ଏ ବିଷୟରେ ଭଗବାନ୍ କହୁଛନ୍ତି –*

ଚତୁର୍ବିଧା ଭଜନ୍ତେ ମାଂ ଜନାଃ ସୁକୃତିନୋଽର୍ଜୁନ।
ଆର୍ତ୍ତୋ ଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ ।। ୧୬ ।।

ଅନ୍ୱୟ – ଭରତର୍ଷଭ, ଅର୍ଜୁନ = ହେ ଭରତବଂଶୀଙ୍କ ମଧ୍ୟରେ ଶ୍ରେଷ୍ଠ ଅର୍ଜୁନ; ସୁକୃତିନଃ = ଉତ୍ତମକର୍ମ କରୁଥିବା; ଅର୍ଥାର୍ଥୀ = ଅର୍ଥାର୍ଥୀ; ଆର୍ତ୍ତଃ = ଆର୍ତ୍ତ; ଜିଜ୍ଞାସୁଃ = ଜିଜ୍ଞାସୁ; ଚ = ଓ; ଜ୍ଞାନୀ = ଜ୍ଞାନୀ; ଚତୁର୍ବିଧାଃ = (ଏପରି) ଚାରିପ୍ରକାର; ଜନାଃ = ଭକ୍ତଜନ; ମାମ୍ = ମୋତେ; ଭଜନ୍ତେ = ଭଜନ କରନ୍ତି।

ହେ ଭରତବଂଶୀଙ୍କ ମଧ୍ୟରେ ଶ୍ରେଷ୍ଠ ଅର୍ଜୁନ! ଉତ୍ତମକର୍ମ କରୁଥିବା ଅର୍ଥାର୍ଥୀ, ଆର୍ତ୍ତ, ଜିଜ୍ଞାସୁ ଓ ଜ୍ଞାନୀ – ଏପରି ଚାରିପ୍ରକାର ଭକ୍ତଜନ ମୋତେ ଭଜନ କରନ୍ତି ।। ୧୬ ।।

ପ୍ରଶ୍ନ – ସୁକୃତିନଃ ପଦର ଅର୍ଥ କଣ ଓ ଏହା କେଉଁମାନଙ୍କ ବିଶେଷଣ ?

ଉତ୍ତର – ଜନ୍ମଜନ୍ମାନ୍ତରରୁ ଶୁଭକର୍ମ କରି କରି ଯେଉଁମାନଙ୍କର ସ୍ୱଭାବ ଶୁଦ୍ଧ ହୋଇ ଶୁଭକର୍ମଶୀଳ ହୋଇଗଲାଣି ଏବଂ ପୂର୍ବସଂସ୍କାରବଳରେ ଅଥବା ମହତ୍‌ସଙ୍ଗର ପ୍ରଭାବରୁ ଯେଉଁମାନେ ଇହଜନ୍ମରେ ମଧ୍ୟ ଭଗବତ୍ ଆଜ୍ଞାନୁସାରେ ଶୁଭକର୍ମ ହିଁ କରୁଛନ୍ତି – ସେହି ଶୁଭକର୍ମ କରୁଥିବା ଲୋକମାନଙ୍କୁ **ସୁକୃତୀ** କହନ୍ତି। ଶୁଭକର୍ମଦ୍ୱାରା ଭଗବାନଙ୍କ ପ୍ରଭାବ ଓ ମହତ୍ତ୍ୱ ବିଷୟରେ ଜ୍ଞାନ ହୋଇ ଭଗବାନଙ୍କ ଠାରେ ବିଶ୍ୱାସ ବଢ଼େ ଏବଂ ବିଶ୍ୱାସ ବୃଦ୍ଧି ହେବାରୁ ଭଜନ ହୁଏ। ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ, ଚାରିପ୍ରକାର ଭକ୍ତଙ୍କ ସହିତ **ସୁକୃତିନଃ** ବିଶେଷଣର ସମ୍ବନ୍ଧ ରହିଛି। ଅର୍ଥାତ୍ ଭଗବାନଙ୍କୁ ଯେକୌଣସି କାରଣରୁ ହେଉନା କାହିଁକି, ବିଶ୍ୱାସପୂର୍ବକ ଭଜନ କରୁଥିବା ସବୁପ୍ରକାର ଭକ୍ତ ସୁକୃତୀ ହିଁ ଅଟନ୍ତି।

ପ୍ରଶ୍ନ – ଅର୍ଥାର୍ଥୀ ଭକ୍ତଙ୍କର ଲକ୍ଷଣ କଣ ?

ଉତ୍ତର – ସ୍ତ୍ରୀ, ପୁତ୍ର, ଧନ, ମାନ, ବଡ଼ପଣିଆ, ପ୍ରତିଷ୍ଠା ଓ ସ୍ୱର୍ଗସୁଖ ଆଦି ଇହଲୋକର ଓ ପରଲୋକର ସୁଖଭୋଗରେ ଯାହାଙ୍କ ମନରେ କିଛି ଆସକ୍ତି ରହିଛି ଏବଂ କାମନାପୂରିପାଇଁ ଯେ କେବଳ ଭଗବାନଙ୍କ ଉପରେ ହିଁ ନିର୍ଭର କରନ୍ତି ଏବଂ ଏଥିପାଇଁ ଶ୍ରଦ୍ଧା ଓ ବିଶ୍ୱାସର ସହିତ ଭଗବାନଙ୍କର ଭଜନ କରନ୍ତି, ସେ ହେଉଛନ୍ତି **ଅର୍ଥାର୍ଥୀ** ଭକ୍ତ।

ସୁଗ୍ରୀବ, ବିଭୀଷଣାଦି ଭକ୍ତ ଅର୍ଥାର୍ଥୀରୁପେ ଗଣ୍ୟ ହୁଅନ୍ତି। ଅର୍ଥାର୍ଥୀ ଭକ୍ତମାନଙ୍କ ମଧ୍ୟରୁ ଧ୍ରୁବଙ୍କ ଚରିତଟି ହେଉଛି ଏହିପରି :

ସ୍ୱାୟଂଭୁବ ମନୁଙ୍କ ପୁତ୍ର ଉତ୍ତାନପାଦଙ୍କର ସୁନୀତି ଓ ସୁରୁଚି ନାମକ ଦୁଇ ରାଣୀ ଥିଲେ। ସୁନୀତିଙ୍କ ଠାରୁ ଧ୍ରୁବ ଓ ସୁରୁଚିଙ୍କ ଠାରୁ ଉତ୍ତମ ଜନ୍ମ ହେଲେ। ରାଜା ଉତ୍ତାନପାଦ ସୁରୁଚିଙ୍କୁ ଅଧିକ ଭଲ ପାଉଥିଲେ। ଦିନେ ବାଳକ ଧ୍ରୁବ ପିତାଙ୍କ କୋଳରେ ବସିବାକୁ ଗଲେ। ସୁରୁଚି ତାଙ୍କୁ ଭର୍ତ୍ସନା କରି କୋଳରୁ ବାହାର କରିଦେଲେ ଓ କହିଲେ, ''ତୁ ଅଭାଗା; କାରଣ ତୋର ଜନ୍ମ ସୁନୀତି ଗର୍ଭରୁ ହୋଇଛି; ରାଜସିଂହାସନରେ ବସିବାର ଥିଲେ ମୋ ଗର୍ଭରୁ ଜନ୍ମ ହୋଇଥାନ୍ତୁ। ଯାଅ, ଶ୍ରୀହରିଙ୍କ ଆରାଧନା କର; ତେବେ ତୋର ମନୋରଥ ସଫଳ ହେବ।'' ବିମାତାଙ୍କ ଭର୍ତ୍ସନାପୂର୍ଣ୍ଣ ବ୍ୟବହାର ଧ୍ରୁବଙ୍କୁ ବଡ ବାଧିଲା। ସେ କାନ୍ଦି କାନ୍ଦି ନିଜ ମାଆ ସୁନୀତିଙ୍କ ନିକଟକୁ ଗଲେ ଏବଂ ତାଙ୍କୁ ସବୁ କଥା ଶୁଣାଇଲେ। ସୁନୀତି କହିଲେ, ''ବାପ, ମାଆ ସୁରୁଚି ଠିକ୍ କହିଛି। ଭଗବାନଙ୍କ ଆରାଧନା ବିନା ତୋର ମନୋରଥ ପୂର୍ଣ୍ଣ ହେବ ନାହିଁ।'' ମାତାଙ୍କ କଥା ଶୁଣି ରାଜ୍ୟପ୍ରାପ୍ତି ଉଦ୍ଦେଶ୍ୟରେ ବାଳକ ଧ୍ରୁବ ଭଗବାନଙ୍କୁ ଭଜନ କରିବେ ବୋଲି ଘରୁ ବାହାରିପଡ଼ିଲେ। ପଥରେ ନାରଦଙ୍କ ସହିତ ତାଙ୍କର ସାକ୍ଷାତ ହେଲା। ଧ୍ରୁବଙ୍କୁ ଘରକୁ ଫେରାଇନେବାପାଇଁ ନାରଦ ଚେଷ୍ଟା କଲେ। 'ରାଜ୍ୟ ମିଳିବା ବ୍ୟବସ୍ଥା କରାଇବି' ବୋଲି କହିଲେ; କିନ୍ତୁ ଧ୍ରୁବ ନିଜ ନିଶ୍ଚୟରେ ଅଟଳ ରହିଲେ। ତେଣୁ ନାରଦ ଧ୍ରୁବଙ୍କୁ **ଓଁ ନମୋ ଭଗବତେ ବାସୁଦେବାୟ** ଏହି ଦ୍ୱାଦଶାକ୍ଷର ମନ୍ତ୍ର ଜପ କର ଓ ଚତୁର୍ଭୁଜ ଭଗବାନ୍ ବିଷ୍ଣୁଙ୍କ ଧ୍ୟାନ କର' ବୋଲି ଉପଦେଶ ଦେଇ ଆଶୀର୍ବାଦ କଲେ।

ଧ୍ରୁବ ଯମୁନାତଟରେ ଥିବା ମଧୁବନକୁ ଯାଇ ସେଠାରେ ତପସ୍ୟା କରିବାକୁ ଲାଗିଲେ। ତାଙ୍କ ତପ ଭାଙ୍ଗିବାକୁ ନାନାପ୍ରକାର ଭୟ ଓ ପ୍ରଲୋଭନ ଆସି ଦେଖାଦେଲା। ତଥାପି ସେ ନିଜ ବ୍ରତରେ ଅଟଳ ରହିଲେ। ତେଣୁ ଭଗବାନ୍ ତାଙ୍କର ଏକନିଷ୍ଠ ଭକ୍ତିରେ ପ୍ରସନ୍ନ ହୋଇ ତାଙ୍କୁ ଦର୍ଶନ ଦେଲେ। ଦେବର୍ଷି ନାରଦଙ୍କ ଠାରୁ ସମ୍ବାଦ ପାଇ ରାଜା ଉତ୍ତାନପାଦ ନିଜ ପୁତ୍ର ଉତ୍ତମକୁ ତଥା ଦୁର ରାଣୀଙ୍କୁ ଧରି ଧ୍ରୁବଙ୍କୁ ଆଣିବାପାଇଁ ସେଠାକୁ ଗଲେ। ତପୋମୂର୍ତ୍ତି ଧ୍ରୁବ ସେମାନଙ୍କୁ ଆସୁଥିବାର ଦେଖିଲେ। ରାଜା ହାତୀରୁ ଓହ୍ଲାଇ ଆସି ତାଙ୍କୁ ଆଲିଙ୍ଗନ କଲେ। ତା'ପରେ ବିରାଟ ଉତ୍ସବ ଓ ସମାରୋହ ସହକାରେ ଧ୍ରୁବଙ୍କୁ ହାତୀରେ ବସାଇ ନଗରକୁ ନେଲେ। ଶେଷରେ ଧ୍ରୁବଙ୍କୁ ରାଜ୍ୟ ସମର୍ପଣ କରି ସେ ନିଜେ ବାନପ୍ରସ୍ଥ ଗ୍ରହଣ କଲେ।

ପ୍ରଶ୍ନ – ଆର୍ତ୍ତ ଭକ୍ତଙ୍କ ଲକ୍ଷଣ କଣ ?

ଉତ୍ତର – ଯେ ଶାରୀରିକ ବା ମାନସିକ ସନ୍ତାପ, ବିପତ୍ତି, ଶତ୍ରୁଭୟ, ରୋଗ, ଅପମାନ, ଚୋର, ଡାକୁ ଓ ଆତତାୟୀମାନଙ୍କର ଅଥବା ହିଂସ୍ରଜନ୍ତୁମାନଙ୍କର ଆକ୍ରମଣରେ ବିବ୍ରତ ହୋଇ ସେମାନଙ୍କ କବଳରୁ ମୁକ୍ତ ହେବାପାଇଁ ପୂର୍ଣ୍ଣବିଶ୍ୱାସର ସହିତ ଆତେଗଭରା ହୃଦୟରେ ଶ୍ରଦ୍ଧା ରଖି ଭଗବାନଙ୍କୁ ଭଜନ କରନ୍ତି, ସେ ହେଉଛନ୍ତି ଆର୍ତ୍ତ ଭକ୍ତ।

ଗଜେନ୍ଦ୍ର, ଜରାସନ୍ଧଦ୍ୱାରା ବନ୍ଦୀ ହୋଇଥିବା ରାଜାଗଣ ଆଦି ସମସ୍ତେ ଆର୍ତ୍ତ ଭକ୍ତ ଥିଲେ। ଏଠାରେ ଆର୍ତ୍ତ ଭକ୍ତମାନଙ୍କ ମଧ୍ୟରୁ ସତୀ ଦ୍ରୌପଦୀଙ୍କ ଚରିତଟି ହେଉଛି :—

ଦ୍ରୌପଦୀ ଥିଲେ ରାଜା ଦ୍ରୁପଦଙ୍କ ପୁତ୍ରୀ। ସେ ଯଜ୍ଞକୁଣ୍ଡରୁ ବାହାରିଥିଲେ। ତାଙ୍କ ଶରୀରର ବର୍ଣ୍ଣ ଅତ୍ୟନ୍ତ ସୁନ୍ଦର ଶ୍ୟାମଳ ଥିଲା। ତେଣୁ ତାଙ୍କୁ 'କୃଷ୍ଣା' ବୋଲି କହୁଥିଲେ। ଦ୍ରୌପଦୀ ଅନନ୍ତ ଗୁଣବତୀ, ଅତ୍ୟନ୍ତ ପତିବ୍ରତା, ଆଦର୍ଶ ଗୃହିଣୀ ଓ ଭଗବାନଙ୍କର ପ୍ରକୃତ ଭକ୍ତ ଥିଲେ। ଦ୍ରୌପଦୀ ଶ୍ରୀକୃଷ୍ଣଙ୍କୁ ପୂର୍ଣ୍ଣବ୍ରହ୍ମ ସଚ୍ଚିଦାନନ୍ଦଘନ ପରମେଶ୍ୱର ବୋଲି ଜାଣିଥିଲେ ଓ ଭଗବାନ୍ ମଧ୍ୟ ତାଙ୍କ ଆଗରେ ନିଜର ଅନ୍ତରଙ୍ଗ ଲୀଳା ଲୁଚାଇରଖି ନ ଥିଲେ। ବୃନ୍ଦାବନର ପବିତ୍ର ଗୋପୀପ୍ରେମର ଦିବ୍ୟକଥା ଗୋପରମଣୀମାନଙ୍କର ପତିପୁତ୍ରଙ୍କୁ ମଧ୍ୟ ଜଣା ନ ଥିଲା; ସେପରୁ ଲୀଳା ଦ୍ରୌପଦୀଙ୍କୁ ଜଣାଥିଲା। ଅତଏବ ବସ୍ତ୍ରହରଣବେଳେ ଦ୍ରୌପଦୀ ଭଗବାନଙ୍କୁ 'ଗୋପୀଜନପ୍ରିୟ' ବୋଲି ଡାକିଥିଲେ।

ଯେତେବେଳେ ଦୁଷ୍ଟ ଦୁଃଶାସନ ଦୁର୍ଯ୍ୟୋଧନର ଆଦେଶରେ ଏକବସ୍ତ୍ରା ଦ୍ରୌପଦୀଙ୍କୁ ସଭାକୁ ଆଣି ବଳପୂର୍ବକ ତାଙ୍କର ଶାଢ଼ୀ ଟାଣିବାକୁ ଲାଗିଲା ଏବଂ ଆଉ କାହାଠାରୁ ରକ୍ଷା ପାଇବାର କୌଣସି ଲକ୍ଷଣ ନ ଦେଖି ଦ୍ରୌପଦୀ ନିଜକୁ ସମ୍ପୂର୍ଣ୍ଣ ଅସହାୟ ମନେ କଲେ, ସେତେବେଳେ ସେ ନିଜର ପରମ ସହାୟକ, ପରମବନ୍ଧୁ ପରମାତ୍ମା ଶ୍ରୀକୃଷ୍ଣଙ୍କୁ ସ୍ମରଣ କଲେ। ତାଙ୍କର ଦୃଢ଼ବିଶ୍ୱାସ ଥିଲା ଯେ, ସେ ସ୍ମରଣ କରିବାମାତ୍ରେ ଭଗବାନ୍ ନିଶ୍ଚୟ ଆସିବେ; ତାଙ୍କର କାତର ଡାକ ଶୁଣି ଭଗବାନ୍ କଦାପି ଚୁପ୍ ରହିପାରିବେ ନାହିଁ। ଦ୍ରୌପଦୀ ଭଗବାନଙ୍କୁ ସ୍ମରଣ କରି କହିଥିଲେ –

ଗୋବିନ୍ଦ ଦ୍ୱାରକାବାସିନ୍ କୃଷ୍ଣ ଗୋପୀଜନପ୍ରିୟ।
କୌରବୈଃ ପରିଭୂତାଂ ମାଂ କିଂ ନ ଜାନାସି କେଶବ॥
ହେ ନାଥ ହେ ରମାନାଥ ବ୍ରଜନାଥାର୍ତିନାଶନ।
କୌରବାର୍ଣ୍ଣବମଗ୍ନାଂ ମାମୁଦ୍ଧରସ୍ୱ ଜନାର୍ଦ୍ଦନ॥
କୃଷ୍ଣ କୃଷ୍ଣ ମହାଯୋଗିନ୍ ବିଶ୍ୱାତ୍ମନ୍ ବିଶ୍ୱଭାବନ।
ପନ୍ନାଂ ପାହି ଗୋବିନ୍ଦ କୁରୁମଧ୍ୟେଽବସୀଦତୀମ୍॥
(ମହା.ସଭା. ୬୭)

ଅର୍ଥାତ୍ 'ହେ ଗୋବିନ୍ଦ! ହେ ଦ୍ୱାରକାବାସିନ୍! ହେ ଶ୍ରୀକୃଷ୍ଣ! ହେ ଗୋପୀଜନପ୍ରିୟ! ହେ କେଶବ! କୌରବମାନେ ମୋତେ କିପରି ତିରସ୍କାର କରୁଛନ୍ତି, ତାହା କଣ ତୁମକୁ ଜଣା ନାହିଁ କି? ହେ ନାଥ! ହେ ରମାନାଥ! ହେ ବ୍ରଜନାଥ! ହେ ଦୁଃଖନାଶନ! ହେ ଜନାର୍ଦ୍ଦନ! କୌରବ-ସମୁଦ୍ରରେ ମୁଁ ବୁଡ଼ିଯାଉଛି, ମୋତେ ରକ୍ଷାଅ। ହେ କୃଷ୍ଣ! ହେ କୃଷ୍ଣ! ହେ ମହାଯୋଗୀ! ହେ ବିଶ୍ୱାତ୍ମା, ହେ ବିଶ୍ୱଭାବନ! ହେ ଗୋବିନ୍ଦ! ମୁଁ କୌରବମାନଙ୍କ ହାତରେ ପଡ଼ିଯାଇଛି। ମୁଁ ଦୁଃଖିନୀ ତୁମର ଶରଣାଗତା। ମୋତେ ରକ୍ଷା କର।'

ଦ୍ରୌପଦୀଙ୍କ ଡାକ ଶୁଣିବାମାତ୍ରେ ଜଗଦୀଶ୍ୱର ଭଗବାନଙ୍କ ହୃଦୟ ଦ୍ରବୀଭୂତ ହୋଇଗଲା ଏବଂ

ତ୍ୟକ୍ତ୍ୱା ଶଯ୍ୟାସନଂ ପଦ୍ଭ୍ୟାଂ କୃପାଳୁଃ କୃପୟାଭ୍ୟଗାତ୍।

— 'କୃପାଳୁ ଭଗବାନ୍ କୃପାପରବଶ ହୋଇ ଶଯ୍ୟା ଛାଡ଼ି ଖାଲିପାଦରେ ଧାଇଁ ଆସିଲେ।' କୌରବଙ୍କ ଦାନବୀ ସଭାରେ ଭଗବାନ୍ ବସ୍ତ୍ରାବତାର ହୋଇଗଲେ। ଦ୍ରୌପଦୀଙ୍କର ଗୋଟିଏ ବସ୍ତ୍ରରୁ ଦ୍ୱିତୀୟ ବସ୍ତ୍ର ଏବଂ

ଦ୍ୱିତୀୟର୍ ତୃତୀୟ– ଏହିପ୍ରକାରେ ତିନ ତିନ ରଙ୍ଗର ଅସଂଖ୍ୟ ବସ୍ତ୍ର ବାହାରିବାକୁ ଲାଗିଲା। ବସ୍ତ୍ର ଗଦା ହୋଇଗଲା। ଠିକ୍ ସମୟରେ ପ୍ରିୟବନ୍ଧୁ ପହଞ୍ଚିଯାଇ ଦ୍ରୌପଦୀଙ୍କର ଲଜ୍ଜା ନିବାରଣ କଲେ। ଦୁଃଶାସନ କ୍ଲାନ୍ତ ହୋଇ ଭୂମିରେ ବସିପଡ଼ିଲା।

ପ୍ରଶ୍ନ– ଜିଜ୍ଞାସୁ ଭକ୍ତଙ୍କର ଲକ୍ଷଣ କଣ ?

ଉତ୍ତର– ଧନ, ସ୍ତ୍ରୀ, ପୁତ୍ର, ଗୃହ ଆଦି ବସ୍ତୁମାନଙ୍କୁ ତୁଚ୍ଛ ମନେ କରି ରୋଗ-ସଙ୍କଟ ଆଦିକୁ ଭ୍ରୁକ୍ଷେପ ନ କରି ଏକମାତ୍ର ପରମାତ୍ମାଙ୍କୁ ତତ୍ତ୍ୱତଃ ଜାଣିବା ଇଚ୍ଛାରେ ହିଁ ଯେ ଏକନିଷ୍ଠ ହୋଇ ଭଗବାନଙ୍କୁ ଭକ୍ତି କରନ୍ତି (୧୪/୨୬), ସେହି କଲ୍ୟାଣକାମୀ ଭକ୍ତଙ୍କୁ ଜିଜ୍ଞାସୁ ଭକ୍ତ କହନ୍ତି।

ଜିଜ୍ଞାସୁ ଭକ୍ତମାନଙ୍କ ମଧ୍ୟରେ ପରୀକ୍ଷିତ ଆଦି ଅନେକଙ୍କର ନାମ ଅନ୍ତର୍ଭୁକ୍ତ। କିନ୍ତୁ ସେମାନଙ୍କ ମଧ୍ୟରେ ଉଦ୍ଧବଙ୍କ ନାମ ବିଶେଷ ପ୍ରସିଦ୍ଧ। ଶ୍ରୀମଦ୍ଭାଗବତର ଏକାଦଶ ସ୍କନ୍ଧର ସପ୍ତମ ଅଧ୍ୟାୟରୁ ତିରିଶ ଅଧ୍ୟାୟପର୍ଯ୍ୟନ୍ତ ଭଗବାନ୍ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ମହାନ୍ ଦିବ୍ୟଜ୍ଞାନ ଉପଦେଶ ପ୍ରଦାନ କରିଛନ୍ତି, ଯାହା କି ଉଦ୍ଧବଗୀତା ନାମରେ ପ୍ରସିଦ୍ଧ।

ପ୍ରଶ୍ନ– ଜ୍ଞାନୀ ଭକ୍ତଙ୍କ ଲକ୍ଷଣ କଣ ?

ଉତ୍ତର– ଯେ ପରମାତ୍ମାଙ୍କୁ ପାରସାରିଲେଣି, ଯାହାଙ୍କ ଦୃଷ୍ଟିରେ ଏକମାତ୍ର ପରମାତ୍ମା ହିଁ ଅଛନ୍ତି– ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ନାହିଁ, ଏବଂ ଏହିଭାବରେ ପରମାତ୍ମପ୍ରାପ୍ତ ହୋଇ ଯାହାଙ୍କର ସମସ୍ତ କାମନା ସଂପୂର୍ଣ୍ଣ ସମାପ୍ତ ହୋଇଗଲାଣି ଏବଂ ଏପରି ସ୍ଥିତିରେ ଯେ ସ୍ୱଭାବତଃ ସହଜରେ ପରମାତ୍ମଙ୍କୁ ଭଜନ କରନ୍ତି, ସେ ଜ୍ଞାନୀ (୧୨/୧୩-୧୯) ଭକ୍ତ। ନବମ ଅଧ୍ୟାୟର ତେର ଓ ଚଉଦ ଶ୍ଲୋକରେ ତଥା ଦଶମ ଅଧ୍ୟାୟର ତୃତୀୟ ଓ ପଞ୍ଚଦଶ ଅଧ୍ୟାୟର ଉଣେଇଶ ଶ୍ଲୋକରେ ଯାହାଙ୍କର ବର୍ଣ୍ଣନା ହୋଇଛି, ସେହି ନିଷ୍କାମ ଅନନ୍ୟପ୍ରେମୀ ସାଧକଭକ୍ତ ମଧ୍ୟ ଜ୍ଞାନୀଭକ୍ତଙ୍କର ଅନ୍ତର୍ଗତ।

ଜ୍ଞାନୀମାନଙ୍କ ମଧ୍ୟରେ ଶୁକଦେବ, ସନକାଦି, ନାରଦ ଓ ଭୀଷ୍ମ ଆଦି ପ୍ରସିଦ୍ଧ। ବାଳକ ପ୍ରହ୍ଲାଦ ମଧ୍ୟ ଜ୍ଞାନୀଭକ୍ତ ବୋଲି ଗଣ୍ୟ ହୁଅନ୍ତି। ସେ ତାଙ୍କ ମାତୃଗର୍ଭରେ ହିଁ ଦେବର୍ଷି ନାରଦଙ୍କ ଦ୍ୱାରା ଉପଦେଶ ପାଇଥିଲେ। ସେ ଦୈତ୍ୟରାଜ ହିରଣ୍ୟକଶିପୁର ପୁତ୍ର ଥିଲେ। ହିରଣ୍ୟକଶିପୁ ଭଗବାନଙ୍କ ଠାରେ ଦ୍ୱେଷ ରଖିଥିଲା, ଅଥଚ ପ୍ରହ୍ଲାଦ ଭଗବାନଙ୍କର ଭକ୍ତ ଥିଲେ। ତେଣୁ ହିରଣ୍ୟକଶିପୁ ପ୍ରହ୍ଲାଦଙ୍କୁ ବହୁ କଷ୍ଟ ଦେଇଥିଲା – ସର୍ପଦ୍ୱାରା ଦଂଶନ କରାଇଥିଲା, ହାତୀଦ୍ୱାରା ଦଳାଚକଟା କରାଇଥିଲା, କୋଠା ଉପରୁ ତଳକୁ ଜଟାଡ଼ିଦେଇଥିଲା, ସମୁଦ୍ରରେ ଫୋପାଡ଼ିଦେଇଥିଲା, ଅଗ୍ନିରେ ପଜାଇଦେଇଥିଲା ଏବଂ ଗୁରୁମାନେ ତାଙ୍କୁ ମାରିଦେବାକୁ ଚେଷ୍ଟା କରିଥିଲେ; କିନ୍ତୁ ଭଗବାନ୍ ତାଙ୍କୁ ସମସ୍ତ ବିପଦରୁ ଉଦ୍ଧାର କରିଥିଲେ। ତାଙ୍କ ପାଇଁ ଭଗବାନ୍ ଶ୍ରୀନୃସିଂହଦେବରୂପରେ ପ୍ରକଟ ହୋଇ ହିରଣ୍ୟକଶିପୁକୁ ବଧ କରିଥିଲେ। କୌଣସି ପରିସ୍ଥିତିରେ ବି ନ ଡରିବା ଥିଲା ପ୍ରହ୍ଲାଦଙ୍କ ଜ୍ଞାନସ୍ଥିତିର ସୂଚକ। ପୁଣି ଗୁରୁଗୃହରେ ସେ ବାଳକ ଅବସ୍ଥାରେ ହିଁ ନିଜର ସହପାଠୀମାନଙ୍କୁ ଯେଉଁ ଦିବ୍ୟ ଉପଦେଶ ଦେଇଛନ୍ତି, ସେଥିରୁ ଏହା ପ୍ରମାଣିତ ହେଉଛି ଯେ, ସେ ଜ୍ଞାନୀ ଥିଲେ। ଭାଗବତ ଓ ବିଷ୍ଣୁପୁରାଣରେ ତାଙ୍କର କଥା ସୁନ୍ଦରରୂପେ ବର୍ଣ୍ଣନା କରାଯାଇଛି; ତାହା ପଢ଼ିବା ଉଚିତ।

ପ୍ରଶ୍ନ– ଏଠାରେ ଚ ପ୍ରୟୋଗ କରି କଣ ସୂଚାଯାଇଛି ?

ଉତ୍ତର– ଚ ପ୍ରୟୋଗ କରି ଭଗବାନ୍ ଅର୍ଥାର୍ଥୀ, ଆର୍ତ୍ତ ଓ ଜିଜ୍ଞାସୁ ଭକ୍ତଙ୍କ ଅପେକ୍ଷା ଜ୍ଞାନୀଭକ୍ତଙ୍କର ବୈଶିଷ୍ଟ୍ୟ ଏବଂ ଶ୍ରେଷ୍ଠତା ସୂଚାଇଛନ୍ତି। ସତର, ଅଠର ଓ ଉଣେଇଶ ଶ୍ଲୋକରେ ଜ୍ଞାନୀଙ୍କର ଯେଉଁ ମହିମା କୁହାଯାଇଛି, ଚ ସଙ୍କେତଦ୍ୱାରା ତାହା ଏଠାରେ ସୂତ୍ରରୂପରେ ପ୍ରକାଶ କରାଯାଇଛି।

ପ୍ରଶ୍ନ– ଚାରିପ୍ରକାର ଭକ୍ତମାନଙ୍କ ମଧ୍ୟରେ କାହା ଅପେକ୍ଷା କିଏ ଶ୍ରେଷ୍ଠତର ଓ କାହିଁକି ?

ଉତ୍ତର– ଭଗବାନଙ୍କୁ ଦୃଢ଼ ବିଶ୍ୱାସ କରି, ଯେକୌଣସି ରୀତିରେ ଭଗବାନଙ୍କୁ ଭଜନ କରୁଥିବା ଭକ୍ତମାନେ ସମସ୍ତେ ଉତ୍ତମ। ଅତଏବ ଭଗବାନ୍ ଚାରିପ୍ରକାର ଭକ୍ତଙ୍କୁ ଏହି ଶ୍ଲୋକରେ 'ସୁକୃତୀ' ଓ ଅଠର ଶ୍ଲୋକରେ 'ଉଦାର' ବୋଲି କହିଛନ୍ତି। ତଥାପି ଏଠାରେ କରାଯାଇଥିବା ବର୍ଣ୍ଣନାନୁସାରେ ତୁଳନାତ୍ମକ ଭେଦଦୃଷ୍ଟିରୁ ଦେଖିଲେ ମନେ ହେଉଛି ଯେ, 'ଅର୍ଥାର୍ଥୀ'ଙ୍କ ଅପେକ୍ଷା 'ଆର୍ତ୍ତ' ଶ୍ରେଷ୍ଠତର; ଆର୍ତ୍ତଙ୍କ ଅପେକ୍ଷା 'ଜିଜ୍ଞାସୁ' ଓ 'ଜିଜ୍ଞାସୁ'ଙ୍କ ଅପେକ୍ଷା 'ଜ୍ଞାନୀ' ଶ୍ରେଷ୍ଠତର। କାରଣ 'ଅର୍ଥାର୍ଥୀ' ଭକ୍ତ ପାଂସାରିକ ଭୋଗକୁ ସୁଖର କାରଣ ବୋଲି ଭାବି, ସେଥିରେ କାମନା ରଖି ଭଗବାନଙ୍କୁ ଭଜନ କରନ୍ତି; ଅର୍ଥାର୍ଥୀମାନେ ଭଗବାନଙ୍କ ପ୍ରଭାବକୁ

ପୂର୍ଣ୍ଣତଃ ଜାଣନ୍ତି ନାହିଁ; ତେଣୁ ଭଗବାନଙ୍କ ଠାରେ ସେମାନଙ୍କର ପୂର୍ଣ୍ଣ ପ୍ରେମ ହୁଏ ନାହିଁ। ସେହି କାରଣରୁ ହିଁ ସେମାନେ ଭୋଗଗଚ୍ଛା କରିଥାନ୍ତି। ଆର୍ତ୍ତ ଭକ୍ତ ତ ସୁଖଭୋଗପାଇଁ ଭଗବାନଙ୍କୁ କେବେ କିଛି ମାଗନ୍ତି ନାହିଁ। ତେଣୁ ଯଦ୍ୟପି ସିଦ୍ଧ ହୁଏ ଯେ, ଅର୍ଥାର୍ଥୀଙ୍କ ଅପେକ୍ଷା ଆର୍ତ୍ତ ଭକ୍ତଙ୍କର ଭଗବାନଙ୍କ ପ୍ରତି ଅଧିକ ପ୍ରେମ ଥାଏ, ତଥାପି ତାଙ୍କର ପ୍ରେମ ଶରୀର-ସୁଖ, ମାନ, ବଡ଼ିମା ଆଦିରେ କିଛି ପରିମାଣରେ ଚାଦ୍ଦିହୋଇ ରହିଥାଏ। ତେଣୁ ଘୋର ସଙ୍କଟ ପଡ଼ିଲେ ବା ଅପମାନିତ ହେଲେ, ସେଥିରୁ ଉଦ୍ଧାର ପାଇବାକୁ ସେ ଭଗବାନଙ୍କୁ ଡାକନ୍ତି। କିଞ୍ଚାସୁ ଭକ୍ତ ଭୋଟ-ସୁଖ ଚାହାଁନ୍ତି ନାହିଁ, କି ଲୌକିକ ବିପତ୍ତିରେ ବିବ୍ରତ ହୁଅନ୍ତି ନାହିଁ, ସେ କେବଳ ଭଗବାନଙ୍କ ତତ୍ତ୍ୱକୁ ହିଁ ଜାଣିବାକୁ ଚାହାଁନ୍ତି। ଏଥିରୁ ପ୍ରମାଣିତ ହେଉଛି ଯେ, ସାଂସାରିକ ଭୋଗରେ ସେ ଆସକ୍ତ ନୁହନ୍ତି। ତାଙ୍କ ଠାରେ କେବଳ ମୁକ୍ତିର ଜାମନା ହିଁ ଥାଏ; ଅତଏବ ତାଙ୍କର ପ୍ରେମ 'ଅର୍ଥାର୍ଥୀ' ଓ 'ଆର୍ତ୍ତ'ର ପ୍ରେମ ଅପେକ୍ଷା ଶ୍ରେଷ୍ଠ; କିନ୍ତୁ ତାହା 'ଜ୍ଞାନୀ'ଙ୍କ ପ୍ରେମଠାରୁ ନ୍ୟୂନ; କାରଣ ସମଗ୍ର ଭଗବାନଙ୍କର ସ୍ୱରୂପତତ୍ତ୍ୱକୁ ଜାଣିପାରିଥିବା ଜ୍ଞାନୀ ଭକ୍ତ ତ ଭଗବାନଙ୍କୁ ସ୍ୱାଭାବିକରୂପରେ କୌଣସିପ୍ରକାର ଆଶା ନ ରଖି ନିଷ୍କାମପ୍ରେମରେ ନିତ୍ୟ-ନିରନ୍ତର ଭଜନ କରନ୍ତି। ଅତଏବ ସେ ସର୍ବୋତ୍ତମ।

ପ୍ରଶ୍ନ – ଏଠାରେ ଭଗବାନ୍ ଅର୍ଜୁନଙ୍କୁ କାହିଁକି **ଭରତର୍ଷଭ** ବୋଲି ସମ୍ବୋଧନ କରିଛନ୍ତି ?

ଉତ୍ତର – ଅର୍ଜୁନଙ୍କୁ ଭରତବଂଶୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି କହି ଭଗବାନ୍ ସୂଚନା ଦେଉଛନ୍ତି ଯେ, ସେ ସୁକୃତୀ; ତେଣୁ ସେ ତାଙ୍କୁ ଭଜନ କରୁଛନ୍ତି।

ସମ୍ବନ୍ଧ – ଚାରିପ୍ରକାର ଭକ୍ତଙ୍କ କଥା କହିବା ପରେ, ବର୍ତ୍ତମାନ ସେମାନଙ୍କ ମଧ୍ୟରୁ ଜ୍ଞାନୀଭକ୍ତଙ୍କ ପ୍ରେମର ପ୍ରଶଂସା କରି ଅନ୍ୟାନ୍ୟ ଭକ୍ତଙ୍କ ଅପେକ୍ଷା ଜ୍ଞାନୀଙ୍କର ଶ୍ରେଷ୍ଠତା ନିରୂପଣ କରୁଛନ୍ତି –

ତେଷାଂ ଜ୍ଞାନୀ ନିତ୍ୟଯୁକ୍ତ ଏକଭକ୍ତିର୍ବିଶିଷ୍ୟତେ।
ପ୍ରିୟୋ ହି ଜ୍ଞାନିନୋଽତ୍ୟର୍ଥମହଂ ସ ଚ ମମ ପ୍ରିୟଃ ॥ ୧୭ ॥

ଅନ୍ୱୟ – **ତେଷାମ୍** = ସେମାନଙ୍କ ମଧ୍ୟରେ; **ନିତ୍ୟଯୁକ୍ତଃ** = ମୋ ଠାରେ ନିତ୍ୟ ନିବିଷ୍ଟଚିତ୍ତ; **ଏକଭକ୍ତିଃ** = ଅନନ୍ୟ ପ୍ରେମଭକ୍ତି ରଖିଥିବା; **ଜ୍ଞାନୀ** = ଜ୍ଞାନୀଭକ୍ତ; **ବିଶିଷ୍ୟତେ** = ଅତ୍ୟନ୍ତ ଉତ୍ତମ; **ହି** = କାରଣ; **ଜ୍ଞାନିନଃ** = ମୋତେ ତତ୍ତ୍ୱତଃ ଜାଣିଥିବା ଜ୍ଞାନୀଙ୍କର; **ଅହମ୍** = ମୁଁ; **ଅତ୍ୟର୍ଥମ୍** = ଅତ୍ୟନ୍ତ; **ପ୍ରିୟଃ** = ପ୍ରିୟ; **ଚ** = ଏବଂ; **ସଃ** = ସେହି ଜ୍ଞାନୀ; **ମମ** = ମୋର; **ପ୍ରିୟଃ** = (ଅତ୍ୟନ୍ତ) ପ୍ରିୟ।

ସେମାନଙ୍କ ମଧ୍ୟରେ ମୋ ଠାରେ ନିତ୍ୟ ଏକୀଭାବରେ ସ୍ଥିତ ଏବଂ ଅନନ୍ୟ ପ୍ରେମଭକ୍ତି ରଖିଥିବା ଜ୍ଞାନୀଭକ୍ତ ଅତ୍ୟନ୍ତ ଉତ୍ତମ ଅଟନ୍ତି; କାରଣ ମୋତେ ତତ୍ତ୍ୱତଃ ଜାଣିଥିବା ଜ୍ଞାନୀଙ୍କର ମୁଁ ଅତ୍ୟନ୍ତ ପ୍ରିୟ ଏବଂ ସେହି ଜ୍ଞାନୀ ମୋର ଅତ୍ୟନ୍ତ ପ୍ରିୟ।। ୧୭ ॥

ପ୍ରଶ୍ନ – ଜ୍ଞାନୀ ସହିତ **ନିତ୍ୟଯୁକ୍ତଃ** ଓ **ଏକଭକ୍ତିଃ** ବିଶେଷଣ କାହିଁକି ଦିଆଯାଇଛି ?

ଉତ୍ତର – ସଂସାର, ଶରୀର ଓ ନିଜକୁ ପୂରାପୂରି ଭୁଲିଯାଇ ଯେ ଅନନ୍ୟଭାବରେ ନିତ୍ୟନିରନ୍ତର କେବଳ ଭଗବାନଙ୍କ ଠାରେ ହିଁ ମଗ୍ନ ରହନ୍ତି, ତାଙ୍କୁ **ନିତ୍ୟଯୁକ୍ତ** କହନ୍ତି ଓ ଯେ ଭଗବାନଙ୍କ ଠାରେ କିଛି କାମନା ନ ଥାଇ ପ୍ରଗାଢ଼ ପ୍ରେମ କରନ୍ତି, ତାଙ୍କୁ **ଏକଭକ୍ତି** କହନ୍ତି; ଭଗବାନଙ୍କର ତତ୍ତ୍ୱ ଜାଣିଥିବା ଜ୍ଞାନୀଭକ୍ତଙ୍କ ଠାରେ ଏହି ଦୁଇଟି ଲକ୍ଷଣ ପୂର୍ଣ୍ଣରୂପେ ଥାଏ; ଅତଏବ ଏହି ବିଶେଷଣ ଦିଆଯାଇଛି।

ପ୍ରଶ୍ନ – 'ଜ୍ଞାନୀଙ୍କର ମୁଁ ଅତ୍ୟନ୍ତ ପ୍ରିୟ ଓ ଜ୍ଞାନୀ ମୋର ଅତ୍ୟନ୍ତ ପ୍ରିୟ' – ଏହାର ଅଭିପ୍ରାୟ କଣ ?

ଉତ୍ତର – ଯାହାଙ୍କୁ ଭଗବାନଙ୍କ ଯଥାର୍ଥ ତତ୍ତ୍ୱ ଓ ରହସ୍ୟର ସମ୍ୟକ୍ ଉପଲବ୍ଧି ହୋଇପାରିଛି, ଯାହାଙ୍କୁ ସର୍ବତ୍ର, ସର୍ବଦା ସବୁ କିଛି ଭଗବତ୍ସ୍ୱରୂପ ହିଁ ଦେଖାଯାଏ, ଯାହାଙ୍କର ଦୃଷ୍ଟି ଏକ ଭଗବାନଙ୍କ ବ୍ୟତୀତ ଅନ୍ୟ କିଛି ଦେଖେ ନାହିଁ, ତଥା ଭଗବାନଙ୍କୁ ହିଁ ଏକମାତ୍ର ପରମଶ୍ରେଷ୍ଠ ଓ ପରମପ୍ରିୟତମ ବୋଲି ଜାଣିଥିବାରୁ ଯାହାଙ୍କର ମନ ଓ ବୁଦ୍ଧି ଆସକ୍ତି ଓ କାମନାରୁ ସର୍ବଥା ରହିତ ହୋଇ ଏକମାତ୍ର ଭଗବାନଙ୍କ ଠାରେ ହିଁ ତଲ୍ଲୀନ ହୋଇଯାଇଛି

ଏବଂ ଯେ ଏପରି ଅନନ୍ୟ ପ୍ରେମରେ ଭଗବାନଙ୍କୁ ଭକ୍ତି କରନ୍ତି, ତାଙ୍କୁ ଭଗବାନ୍ ଯେ କେଡ଼େ ପ୍ରିୟ, ତାହା କିଏ କହିପାରିବ ? ଯେ ଇହଲୋକ ଓ ପରଲୋକର ଅତ୍ୟନ୍ତ ପ୍ରିୟ, ସୁଖପ୍ରଦ ତଥା ସାଂସାରିକ ମନୁଷ୍ୟଦୃଷ୍ଟିରେ ଦୁର୍ଲଭରୁ ଦୁର୍ଲଭତର ବୋଲି ମନେ ହେଉଥିବା ସମସ୍ତ ଭୋଗ, ସୁଖ ଓ ସମସ୍ତ ଅଭିଳାଷ ଭଗବାନଙ୍କ ପାଇଁ ତ୍ୟାଗ କରିଦେଇଛନ୍ତି, ତାଙ୍କ ଦୃଷ୍ଟିରେ ଭଗବାନଙ୍କର ମହତ୍ତ୍ୱ ଯେ କେତେ ଏବଂ ତାଙ୍କ ଦୃଷ୍ଟିରେ ଭଗବାନ୍ ଯେ କେତେ ପ୍ରିୟ, ଅନ୍ୟ କେହି ତାହା କଳ୍ପନା କରିପାରିବେ ନାହିଁ। ଅତଏବ ଭଗବାନ୍ କହୁଛନ୍ତି, "ତାଙ୍କର ମୁଁ ଅତ୍ୟନ୍ତ ପ୍ରିୟ।" ଏବଂ ଯାହାଙ୍କୁ ଭଗବାନ୍ ଅତ୍ୟନ୍ତ ପ୍ରିୟ, ଭଗବାନଙ୍କ ନିମନ୍ତେ ସେ ନିଶ୍ଚୟ ଅତିଶୟ ପ୍ରିୟ ହେବେ; କାରଣ ପ୍ରଥମତଃ ଭଗବାନ୍ ସ୍ୱଭାବତଃ ପ୍ରେମସ୍ୱରୂପ— ଏପରି କି ସେହି ପ୍ରେମରସସାଗରର ଟୋପାଏ ପ୍ରେମ ପାଇ ଜଗତର ସବୁଲୋକ ସୁଖୀ ହୁଅନ୍ତି*; ଦ୍ୱିତୀୟତଃ ଭଗବାନ୍ ଘୋଷଣା ବି କରିଛନ୍ତି, "ଯେ ମୋତେ ଯେପରି ଭଜନ କରେ, ମୁଁ ତାକୁ ସେପରି ଭଜେ।" ତେଣୁ ଭଗବାନ୍ ଯେ ତାଙ୍କୁ ଅତ୍ୟନ୍ତ ପ୍ରେମ କରନ୍ତି, ସେଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? ଅତଏବ ଭଗବାନ୍ କହୁଛନ୍ତି, "ସେହି ଜ୍ଞାନୀ ଭକ୍ତ ମୋର ଅତ୍ୟନ୍ତ ପ୍ରିୟ।"

ଭଗବାନଙ୍କର ଗୁଣ, ପ୍ରଭାବ, ରହସ୍ୟ ଓ ତତ୍ତ୍ୱକୁ ଉଲଭାବରେ ଜାଣିପାରିଥିବା ଭଗବତ୍‌ପ୍ରେମୀ ଭକ୍ତମାନଙ୍କ ପ୍ରେମର ତଥା ଉଚ୍ଚକୋଟିର ସାଧକ ଓ ଅନନ୍ୟପ୍ରେମୀ ଭକ୍ତମାନଙ୍କ ପ୍ରେମର ପରାକାଷ୍ଠା ଦର୍ଶାଇ ଏହି ଶ୍ଲୋକରେ ସେମାନଙ୍କର ପ୍ରଶଂସା କରାଯାଇଛି।

ସମ୍ବନ୍ଧ— ଭଗବାନ୍ ଜ୍ଞାନୀ ଭକ୍ତକୁ ଶ୍ରେଷ୍ଠତମ ଓ ଅତ୍ୟନ୍ତ ପ୍ରିୟ ବୋଲି କହିଲେ। ତେଣୁ ଶଙ୍କା ହୋଇପାରେ, 'ଅନ୍ୟ ଭକ୍ତମାନେ ଶ୍ରେଷ୍ଠ ଓ ପ୍ରିୟ ନୁହନ୍ତି କି ?' ସେହି ସମ୍ପର୍କରେ କହୁଛନ୍ତି—

ଉଦାରାଃ ସର୍ବ ଏବୈତେ ଜ୍ଞାନୀ ତ୍ୱାମ୍ୟୈବ ମେ ମତମ୍।
ଆସ୍ଥିତଃ ସ ହି ଯୁକ୍ତାତ୍ମା ମାମେବାନୁତ୍ତମାଂ ଗତିମ୍॥ ୧୮ ॥

ଅନ୍ୱୟ— ଏତେ = ଏମାନେ; **ସର୍ବେ, ଏବ** = ସମସ୍ତେ ହିଁ; **ଉଦାରାଃ** = ଉଦାର ଅଟନ୍ତି; **ତୁ** = କିନ୍ତୁ; **ଜ୍ଞାନୀ** = ଜ୍ଞାନୀ (ତ); **ଆତ୍ମା** = ସାକ୍ଷାତ୍ ମୋର ସ୍ୱରୂପ; **ଏବ** = ହିଁ (ଅଟନ୍ତି); **ମେ** = ମୋର; **ମତମ୍** = (ଏହା) ମତ ଅଟେ; **ହି** = କାରଣ; **ସଃ** = ସେହି; **ଯୁକ୍ତାତ୍ମା** = ମଦ୍‌ଗତ ମନବୁଦ୍ଧିସମ୍ପନ୍ନ (ଜ୍ଞାନୀ ଭକ୍ତ); **ଅନୁତ୍ତମାମ୍** = ଅତି ଉତ୍ତମ; **ଗତିମ୍** = ଗତିସ୍ୱରୂପ; **ମାମ୍** = ମୋଠାରେ; **ଏବ** = ହିଁ; **ଆସ୍ଥିତଃ** = ଉଲରୂପେ ସ୍ଥିତ ହୋଇଥାନ୍ତି।

ଏମାନେ ସମସ୍ତେ ହିଁ ଉଦାର ଅଟନ୍ତି; କିନ୍ତୁ ମୋ ମତରେ ଜ୍ଞାନୀ ତ ସାକ୍ଷାତ୍ ମୋର ହିଁ ସ୍ୱରୂପ ଅଟନ୍ତି; କାରଣ ସେହି ମଦ୍‌ଗତ ମନ-ବୁଦ୍ଧିସମ୍ପନ୍ନ ଜ୍ଞାନୀଭକ୍ତ ଅତି ଉତ୍ତମ ଗତିସ୍ୱରୂପ ମୋଠାରେ ହିଁ ଭଲରୂପେ ଅବସ୍ଥିତ ହୋଇଥାନ୍ତି॥ ୧୮ ॥

ପ୍ରଶ୍ନ— ଏମାନେ ସମସ୍ତେ ଉଦାର— ଏହି କଥାର ଅଭିପ୍ରାୟ କଣ ?

ଉତ୍ତର— ଏଠାରେ ଯେଉଁ ଚାରିପ୍ରକାର ଭକ୍ତଙ୍କ ପ୍ରସଙ୍ଗ ଆସିଛି, ସେଥିରେ ଜ୍ଞାନୀଙ୍କ ବିଷୟରେ ତ କୌଣସି ପ୍ରଶ୍ନ ହିଁ ନାହିଁ; ଅର୍ଥାର୍ଥୀ, ଆର୍ତ୍ତ ଓ ଜିଜ୍ଞାସୁ ଭକ୍ତ ମଧ୍ୟ ସର୍ବଥା ଏକନିଷ୍ଠ ଥାଆନ୍ତି। ଭଗବାନଙ୍କ ଠାରେ ସେମାନଙ୍କର ଦୃଢ଼ ଓ ପ୍ରଗାଢ଼ ବିଶ୍ୱାସ ଥାଏ। ସେମାନେ ଉଲଭାବରେ ନିଶ୍ଚୟ କରିପାରିଥାନ୍ତି ଯେ, ଭଗବାନ୍ ସର୍ବଶକ୍ତିମାନ୍, ସର୍ବଜ୍ଞ, ସର୍ବେଶ୍ୱର, ପରମଦୟାଳୁ ଓ ପରମସୁହୃଦ ଅଟନ୍ତି; ସେମାନେ ବିଶ୍ୱାସ କରିପାରିଥାନ୍ତି ଯେ, ସେମାନଙ୍କର ଆଶା-ଆକାଂକ୍ଷାର ପୂର୍ତ୍ତି ଏକମାତ୍ର ଭଗବାନଙ୍କ ଦ୍ୱାରା ହିଁ ସମ୍ଭବ। ଏପରି ମାନି ଓ ଜାଣି ସେମାନେ ଅନ୍ୟ ସମସ୍ତପ୍ରକାର ଆଶ୍ରୟ ତ୍ୟାଗ କରି ନିଜ ଜୀବନକୁ ଭଗବାନଙ୍କ ଭଜନ, ସ୍ମରଣ, ପୂଜନ ଓ ସେବା ଆଦିରେ ହିଁ ଲଗାଇରଖନ୍ତି। ସେମାନେ ଏପରି କୌଣସି ଚେଷ୍ଟା କରନ୍ତି ନାହିଁ, ଯାହାଦ୍ୱାରା

★ ରସୋ ବୈ ସଃ। ରସଂ ହ୍ୟେବାୟଂ ଲବ୍ଧ୍ୱାନନ୍ଦୀ ଭବତି (ତୈତ୍ତିରୀୟୋପନିଷଦ ୨/୭) ଅର୍ଥାତ୍ ଯେ ରସ ହିଁ ଅଟନ୍ତି। ଅର୍ଥାତ୍ ଏହି ପୁରୁଷ ସେହି ରସକୁ ପାଇ ଆନନ୍ଦିତ ହୁଏ।

अजामिल-उद्धार

Redemption of Ajāmila



पत्र, पुष्प, फल, जलका ग्रहण

Trifle offerings accepted



भगवान् वेदव्यास

Bhagavān Vedavyāsa

भगवान्‌का विश्वरूपदर्शन

Lord shows his cosmic body



योगक्षेमं वहाम्यहम्

Yogakṣemaṁ Vahāmyaham



चार अवस्थाएँ

Four stages



संसार-वृक्ष

Universe—a tree



अनन्य शरणागति

Surrender unreserved

କି ଭଗବତ୍-ବିଶ୍ୱାସରେ ତିଳେମାତ୍ର ତ୍ରୁଟି ହେତା ସେମାନଙ୍କର କାମନା ପୂରାପୂରି ମେଣ୍ଟି ନ ଥାଏ, କିନ୍ତୁ କେତକ ଭଗବାନଙ୍କ ଦ୍ୱାରା ହିଁ ସେମାନେ ସେସବୁ ପୂର୍ଣ୍ଣ କରିବାକୁ ଚାହାଁନ୍ତି। ପତିବ୍ରତା ନାରୀ ବି ନିଜପାଇଁ କିଛି ଚାହାଁନ୍ତି, କିନ୍ତୁ ଯାହା ଚାହାଁନ୍ତି, ଏକମାତ୍ର ନିଜର ପ୍ରିୟତମ ସ୍ୱାମୀଙ୍କ ଠାରୁ ହିଁ ଚାହାଁନ୍ତି; ସେ ଅନ୍ୟ କାହା ଆଡ଼କୁ ଚାହାଁନ୍ତି ନାହିଁ କାହାକୁ ବିଶ୍ୱାସ କରନ୍ତି ନାହିଁ, କି ଜାଣନ୍ତି ନାହିଁ। ଭକ୍ତ ସେହିପରି ଏକମାତ୍ର ଭଗବାନଙ୍କୁ ଭରସା କରିଥାନ୍ତି। ତେଣୁ ଭଗବାନ୍ କହନ୍ତି, ସେ ସମସ୍ତେ ଉଦାର। ଅତଏବ ୨୩ତମ ଶ୍ଲୋକରେ ଭଗବାନ୍ କହିଛନ୍ତି, 'ମୋ ଭକ୍ତମାନେ ମୋତେ ଯେପରିଭାବରେ ଭଜନ କରନ୍ତୁ ନା କାହିଁକି, ଶେଷରେ ସେମାନେ ମୋତେ ହିଁ ପାଆନ୍ତି।' ନବମ ଅଧ୍ୟାୟରେ ମଧ୍ୟ ଭଗବତ୍‌ଭକ୍ତିର ଫଳ ଏପରି ବୋଲି କୁହାଯାଇଛି। (୯/୨୫)।

ପ୍ରଶ୍ନ – ଏଠାରେ **ତୁ** ପ୍ରୟୋଗର ଅଭିପ୍ରାୟ କଣ ?

ଉତ୍ତର – ଚାରିପ୍ରକାରଯାକ ଭକ୍ତ ଉତ୍ତମ ଓ ଭଗବାନଙ୍କର ପ୍ରିୟ। ସେମାନଙ୍କ ମଧ୍ୟରୁ ପ୍ରଥମ ତିନି ପ୍ରକାରଙ୍କ ତୁଳନାରେ ଜ୍ଞାନୀଙ୍କ ଠାରେ ଯେଉଁ ଶ୍ରେଷ୍ଠତା ରହିଛି, ତାହା ବ୍ୟକ୍ତ କରିବା ପାଇଁ ହିଁ **ତୁ** ପ୍ରୟୋଗ କରାଯାଇଛି।

ପ୍ରଶ୍ନ – 'ଜ୍ଞାନୀ ତ ମୋର ହିଁ ସ୍ୱରୂପ; ଏହା ମୋର ମତ।' – ଏହା କହିବାର ଅଭିପ୍ରାୟ କଣ ?

ଉତ୍ତର – ଏଠାରେ ଭଗବାନ୍ ଦେଖାଉଛନ୍ତି ଯେ, ଜ୍ଞାନୀଭକ୍ତ ଓ ଭଗବାନଙ୍କ ମଧ୍ୟରେ କିଛି ବି ପ୍ରଭେଦ ନାହିଁ। ତେଣୁ ସେ କହିଛନ୍ତି, "ସେ ଯାହା, ମୁଁ ତାହା ଏବଂ ମୁଁ ଯାହା, ସେ ତାହା।"

ପ୍ରଶ୍ନ – **ଯୁକ୍ତାତ୍ମା** ଶବ୍ଦର ଅର୍ଥ କଣ ଏବଂ ସେ ତାଙ୍କର 'ଅତି ଉତ୍ତମ ସତ୍ତିସ୍ୱରୂପ ଭଗବାନଙ୍କ ଠାରେ ଉଲଭାବରେ ସ୍ଥିତ ହୁଅନ୍ତି' କହିରେ କଣ ବୁଝାଏ ?

ଉତ୍ତର – ଯାହାଙ୍କ ମନ, ବୁଦ୍ଧି ଉଲଭାବରେ ଭଗବାନଙ୍କ ଠାରେ ତନ୍ମୟ ହୋଇଗଲାଣି, ତାଙ୍କୁ **ଯୁକ୍ତାତ୍ମା** କହନ୍ତି। ଏବଂ ଏପରି ପୁରୁଷ ଏକମାତ୍ର ଭଗବାନଙ୍କୁ ହିଁ ସର୍ବୋତ୍ତମ ଓ ପରମ ଗତି ବୋଲି ଅର୍ଥାତ୍ ତାଙ୍କୁ ପ୍ରାପ୍ତ ହେବା ହିଁ ଅତି ଉତ୍ତମ ଗତି ବୋଲି ବୁଝି ନିତ୍ୟ-ନିରନ୍ତର ପ୍ରଭୁଙ୍କ ଠାରେ ଅଚଳ ପ୍ରେମ ଏକନିଷ୍ଠ ହୋଇଯାଆନ୍ତି। ତାହା ହିଁ ତାଙ୍କର ଭଗବାନଙ୍କ ଠାରେ ଉଲଭାବରେ ଅବସ୍ଥିତ ହୋଇଯିବା।

ପଦ୍ୟଟି – ତର୍ତ୍ତମାନ ସେପରି ଜ୍ଞାନୀଭକ୍ତ ଦୁର୍ଲଭ ବୋଲି ବୁଝାଇବାକୁ ଭଗବାନ୍ କହୁଛନ୍ତି –

ବହୂନାଂ ଜନ୍ମନାମନ୍ତେ ଜ୍ଞାନବାନ୍ ମାଂ ପ୍ରପଦ୍ୟତେ।
ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲ୍ଲଭଃ ॥ ୧୯ ॥

ଅନ୍ୱୟ – ବହୂନାମ୍ = ବହୁ; ଜନ୍ମନାମ୍ = ଜନ୍ମମାନଙ୍କ (ପରେ); ଅନ୍ତେ = ଶେଷ ଜନ୍ମରେ; ଜ୍ଞାନବାନ୍ = ତତ୍ତ୍ୱଜ୍ଞାନପ୍ରାପ୍ତ ପୁରୁଷ; ସର୍ବମ୍ = ସବୁକିଛି; ବାସୁଦେବଃ = ବାସୁଦେବ ହିଁ (ଅଟେ); ଇତି = ଏହିଭାବରେ; ମାମ୍ = ମୋତେ; ପ୍ରପଦ୍ୟତେ = ଭଜନ୍ତି; ସଃ = ସେ; ମହାତ୍ମା = ମହାତ୍ମା; ସୁଦୁର୍ଲ୍ଲଭଃ = ଅତ୍ୟନ୍ତ ଦୁର୍ଲଭ।

ବହୁଜନ୍ମର ଶେଷ ଜନ୍ମରେ ତତ୍ତ୍ୱଜ୍ଞାନପ୍ରାପ୍ତ ପୁରୁଷ 'ସବୁ କିଛି କେବଳ ବାସୁଦେବ ହିଁ ଅଟେ' – ଏହି ଭାବ ରଖି ମୋତେ ଭଜନ୍ତି। ସେପରି ମହାତ୍ମା ଅତ୍ୟନ୍ତ ଦୁର୍ଲଭ ।। ୧୯ ।।

ପ୍ରଶ୍ନ – ଏଠାରେ 'ବହୂନା" ଜନ୍ମନାମନ୍ତେ'ର ଅଭିପ୍ରାୟ କଣ ?

ଉତ୍ତର – ଯେଉଁ ଜନ୍ମରେ ମନୁଷ୍ୟ ଭଗବାନଙ୍କର ଜ୍ଞାନୀଭକ୍ତ ହୋଇଯାଏ, ତାହା ହେଉଛି ତା'ର ବହୁତ ଜନ୍ମ ପରର ଶେଷ ଜନ୍ମ; କାରଣ ଭଗବାନଙ୍କର ଏହିପ୍ରକାର ତତ୍ତ୍ୱ ଜାଣିବା ପରେ ତା'ର ଆଉ ଜନ୍ମ ହୁଏ ନାହିଁ; ତାହା ତା'ର ଅନ୍ତିମ ଜନ୍ମ ହୁଏ।

ପ୍ରଶ୍ନ – ଯଦି ଅର୍ଥ କରାଯାଏ ଯେ, ଅନେକ ଜନ୍ମ ଧରି ସକାମଭାବରେ ଭଗବାନଙ୍କୁ ଭକ୍ତି କରିବା ପରେ ଶେଷରେ ମନୁଷ୍ୟ ଭଗବାନଙ୍କର ଏକନିଷ୍ଠ ଜ୍ଞାନୀଭକ୍ତ ହୁଏ, ତେବେ ସେଥିରେ କ୍ଷତି କଣ ?

ଉତ୍ତର – ଏପରି ମାନିନେଲେ ଭଗବାନଙ୍କର ଅର୍ଥାର୍ଥୀ, ଆର୍ତ୍ତ ଓ ଜିଜ୍ଞାସୁ ଭକ୍ତମାନଙ୍କର ବହୁ ଜନ୍ମ ହେବା ଅନିବାର୍ଯ୍ୟ ହୋଇଯାଏ। ପରନ୍ତୁ ଭଗବାନ୍ ସ୍ଥାନେ ସ୍ଥାନେ କହିଛନ୍ତି, ତାଙ୍କର ସବୁପ୍ରକାର ଭକ୍ତଙ୍କୁ ସେ ପ୍ରାପ୍ତ ହୁଅନ୍ତି (୭/୨୩, ୯/୨୫) ଏବଂ ତା'ଭିତରୁ କୌଣସି ବି ସ୍ଥାନରେ ସେ ବହୁ ଜନ୍ମର ସର୍ତ୍ତ ରଖି ନାହାନ୍ତି। ଅବଶ୍ୟ ଶ୍ରଦ୍ଧା ଓ ପ୍ରେମ କମ୍ ହେବାରୁ ସାଧନା ଶିଥିଳ ହେଲେ

ଅନେକ ଜନ୍ମ ଲାଗିଯାଇପାରେ, କିନ୍ତୁ ଯଦି ଶ୍ରଦ୍ଧା ଓ ପ୍ରେମର ମାତ୍ରା ବଢ଼େ ଓ ସାଧନା ତୀବ୍ର ହୁଏ, ତେବେ ଏକଜନ୍ମରେ ମଧ୍ୟ ଭଗବତ୍‌ପ୍ରାପ୍ତି ହୋଇପାରେ। ଏଥିରେ କାଳର କୌଣସି ନିୟମ ନାହିଁ।

ପ୍ରଶ୍ନ – ଏଠାରେ **ଜ୍ଞାନବାନ୍** ଶବ୍ଦର ପ୍ରୟୋଗ କାହା ପାଇଁ ହୋଇଛି ?

ଉତ୍ତର – ଭଗବାନ୍ ଏହି ଅଧ୍ୟାୟର ଦ୍ୱିତୀୟ ଶ୍ଲୋକରେ ଯେଉଁ 'ବିଜ୍ଞାନ-ସହିତ ଜ୍ଞାନ ଜାଣିବା'ର ପ୍ରଶଂସା କରିଥିଲେ, ଯେଉଁ ପ୍ରେମୀଭକ୍ତ ସେହି ବିଜ୍ଞାନ-ସହିତ ଜ୍ଞାନକୁ ପାଇଯାଇଛନ୍ତି ତଥା ତୃତୀୟ ଶ୍ଲୋକରେ ଯାହାଙ୍କ ପାଇଁ ସେ କହିଛନ୍ତି, 'କ୍ୱଚିତ୍ କେହି ଜଣେ ହିଁ ମୋତେ ତତ୍ତ୍ୱତଃ ଜାଣିପାରନ୍ତି,' ସେହି ପୁରୁଷଙ୍କ ପାଇଁ ଏଠାରେ **ଜ୍ଞାନବାନ୍** ଶବ୍ଦ ପ୍ରୟୋଗ ହୋଇଛି। ତେଣୁ ଅଠର ଶ୍ଲୋକରେ ଭଗବାନ୍ ତାହାଙ୍କୁ ନିଜର ସ୍ୱରୂପ ବୋଲି କହିଛନ୍ତି।

ପ୍ରଶ୍ନ – 'ସବୁ କିଛି କେବଳ ବାସୁଦେବ ଅଟେ' – ଏହିଭାବରେ ଭଗବାନଙ୍କୁ ଭଜନ କରିବା କହିଲେ କଣ ବୁଝାଏ ?

ଉତ୍ତର – 'ସମଗ୍ର ଜଗତ ଭଗବାନ୍ ବାସୁଦେବଙ୍କର ହିଁ ସ୍ୱରୂପ ଅଟେ; ବାସୁଦେବଙ୍କ ଭିନ୍ନ ଆଉ କିଛି ହିଁ ନାହିଁ' — ଏହି ତତ୍ତ୍ୱର ପ୍ରତ୍ୟକ୍ଷ ଓ ଅଟଳ ଅନୁଭବ ହୋଇଯିବା ଏବଂ ସେଥିରେ ନିତ୍ୟସ୍ଥିତ ରହିବା ହିଁ 'ସବୁକିଛି ବାସୁଦେବ ଅଟେ' — ଏହିଭାବରେ ଭଗବାନ୍‌ଙ୍କୁ ଭଜନ କରିବା।

ପ୍ରଶ୍ନ – ସେପରି ମହାତ୍ମା ଅତ୍ୟନ୍ତ ଦୁର୍ଲଭ – ଏ କଥାର ଅଭିପ୍ରାୟ କଣ ?

ଉତ୍ତର – ଏହାର ଅଭିପ୍ରାୟ ଏହି ଯେ, ସଂସାରରେ ଲୋକମାନଙ୍କର ପ୍ରଥମେ ଭଜନ ପ୍ରତି ରୁଚି ହୁଏ ନାହିଁ। ହଜାରେ ଲୋକଙ୍କ ମଧ୍ୟରୁ କାହାର ଜଣକର ରୁଚି ହେଲେ ବି ନିଜ ସ୍ୱଭାବର ପ୍ରଭାବରୁ ତାଙ୍କ ପ୍ରଯତ୍ନ ଶିଥିଳ ହୋଇଯାଏ ଏବଂ ସେ ଭଜନ କରିବା ଛାଡ଼ିଦିଅନ୍ତି। କେହି ଜଣେ ବିଶେଷ ପ୍ରଯତ୍ନ କଲେ ମଧ୍ୟ, ଶ୍ରଦ୍ଧା, ଭକ୍ତି କମିଯିବାରୁ କାମନାର ପ୍ରବାହରେ ସେ ବି ଭାସିଯାଆନ୍ତି; ତେଣୁ ସେମାନେ ଭଗବତ୍‌ତତ୍ତ୍ୱ ଜାଣିପାରନ୍ତି ନାହିଁ। ଏଥିରୁ ଏହା ସିଦ୍ଧ ହେଉଛି ଯେ, ସଂସାରରେ ଭଗବତ୍‌ତତ୍ତ୍ୱ ଜାଣିଥିବା ମହାପୁରୁଷ ପ୍ରକୃତରେ ବିରଳ। ଅତଏବ ବୁଝିବା ଉଚିତ ଯେ; ଏପରି ମହାତ୍ମା ଅତ୍ୟନ୍ତ ଦୁର୍ଲଭ।

ଯଦି କାହାକୁ ଏପରି ଜଣେ ମହାତ୍ମା ମିଳିଯା'ନ୍ତି, ତେବେ ତାହା ତାଙ୍କର ବିଶେଷ ସୌଭାଗ୍ୟ ବୋଲି ମନେ କରିବାକୁ ହେବ। ଦେବର୍ଷି ନାରଦ କହିଛନ୍ତି –

'ମହତ୍‌ସଙ୍ଗସ୍ତୁ ଦୁର୍ଲଭୋଽଗମ୍ୟୋଽମୋଘଶ୍ଚ ।'

(ଭକ୍ତିସୂତ୍ର – ୩୯)

ଅର୍ଥାତ୍, ମହାପୁରୁଷଙ୍କ ସଙ୍ଗ ଦୁର୍ଲଭ, ଅଗମ୍ୟ ଓ ଅମୋଘ।

ସମ୍ବନ୍ଧ – ପନ୍ଦର ଶ୍ଲୋକରେ ଆସୁରୀ ପ୍ରକୃତିର ଦୁଷ୍କୃତୀସମ୍ପନ୍ନ ଲୋକ ଭଗବାନଙ୍କର ଭଜନ ନ କରିବା ଏବଂ ଷୋଳ ଶ୍ଲୋକର ଜଣେଇଶ ଶ୍ଲୋକପର୍ଯ୍ୟନ୍ତ ସୁକୃତୀ ପୁରୁଷଙ୍କ ଦ୍ୱାରା ଭଗବାନଙ୍କର ଭଜନ ହେବା କଥା କୁହାଯାଇଛି। କିଛି ସୁକୃତୀ ହୋଇ ମଧ୍ୟ ଯେଉଁମାନେ କାମନାବଶତଃ ନିଜ ନିଜର ପ୍ରକୃତି ଅନୁସାରେ ଅନ୍ୟାନ୍ୟ ଦେବତାଙ୍କର ଉପାସନା କରନ୍ତି, ଭଗବାନ୍ ବର୍ତ୍ତମାନ ସେମାନଙ୍କ କଥା କହୁଛନ୍ତି –

କାମୈସ୍ତୈସ୍ତୈର୍ହୃତଜ୍ଞାନାଃ ପ୍ରପଦ୍ୟନ୍ତେଽନ୍ୟଦେବତାଃ ।
ତଂ ତଂ ନିୟମମାସ୍ଥାୟ ପ୍ରକୃତ୍ୟା ନିୟତାଃ ସ୍ୱୟା ।। ୨୦ ।।

ଅନ୍ୱୟ – ତୈଃ, ତୈଃ = ସେହି ସେହି (ନାନାପ୍ରକାର); କାମୈଃ = ଭୋଗମାନଙ୍କ କାମନାଦ୍ୱାରା; ହୃତଜ୍ଞାନାଃ = ଯେଉଁମାନଙ୍କର ଜ୍ଞାନ ଅପହୃତ ହୋଇଯାଇଛି (ସେମାନେ); ସ୍ୱୟା = ନିଜର; ପ୍ରକୃତ୍ୟା = ସ୍ୱଭାବଦ୍ୱାରା; ନିୟତାଃ = ପ୍ରେରିତ ହୋଇ; ତମ୍, ତମ୍ = ସେହି ସେହି; ନିୟମମ୍ = ନିୟମକୁ; ଆସ୍ଥାୟ = ଧରି; ଅନ୍ୟଦେବତାଃ = ଅନ୍ୟ ଦେବତାମାନଙ୍କୁ; ପ୍ରପଦ୍ୟନ୍ତେ = ଭଜନ୍ତି ଅର୍ଥାତ୍ ପୂଜା କରନ୍ତି।

ଭୋଗକାମନାଦ୍ୱାରା ଯେଉଁମାନଙ୍କର ଜ୍ଞାନ ଅପହୃତ ହୋଇଯାଇଛି, ସେମାନେ ନିଜ ନିଜର ସ୍ୱଭାବଦ୍ୱାରା ପ୍ରେରିତ ହୋଇ ସେହି ସେହି ନିୟମ ଧରି ଅନ୍ୟ ଦେବତାମାନଙ୍କୁ ଭଜନ୍ତି ଅର୍ଥାତ୍ ପୂଜା କରନ୍ତି ।। ୨୦ ।।

ପ୍ରଶ୍ନ – ଏଠାରେ **ତୈଃ ତୈଃ** ଶବ୍ଦ ଦୁଇଥର ପ୍ରୟୋଗ କରିବାର ଅଭିପ୍ରାୟ କଣ ଓ କାମନାଦ୍ୱାରା ଜ୍ଞାନ ଅପହୃତ ହେବାର ଅର୍ଥ କଣ ?

ଉତ୍ତର – ଏଠାରେ **ତୈଃ** ଶବ୍ଦ ଦୁଇ ଥର ପ୍ରୟୋଗ କରି ଦର୍ଶାଇଦିଆଯାଇଛି ଯେ, ସମସ୍ତଙ୍କର କାମନା ଏକାପରି ନୁହେଁ। ସେହି ଭୋଗକାମନାଦିର ମୋହରେ ମନୁଷ୍ୟ 'ମୁଁ କିଏ ? ମୋର କର୍ତ୍ତବ୍ୟ କଣ ? ଈଶ୍ୱର ଓ ଜୀବର ସମ୍ବନ୍ଧ କଣ ? ମନୁଷ୍ୟଜନ୍ମ କାହିଁକି ମିଳିଛି ? ଅନ୍ୟ ଜନ୍ମ ଅପେକ୍ଷା ମନୁଷ୍ୟଜନ୍ମର ବିଶେଷତା କଣ ?' ଇତ୍ୟାଦି ବିଚାର କରେ ନାହିଁ ଏବଂ 'ଭୋଗରେ ଭଗବାନଙ୍କୁ ଭୁଲି ନ ଯାଇ ଭଜନରେ ଅର୍ଥାତ୍ ପୂଜା ଉପାସନା କରିବାରେ ହିଁ ନିଜର କଲ୍ୟାଣ ରହିଛି' ବୋଲି ତା'ର ବିବେକବିଚାର ରହେ ନାହିଁ। ଏପରି ବିବେକଶକ୍ତି ବିମୋହିତ ହୋଇଯିବା ହିଁ କାମନାମାନଙ୍କ ଦ୍ୱାରା ଜ୍ଞାନ ଅପହୃତ ହୋଇଯିବା।

ପ୍ରଶ୍ନ – ପନ୍ଦର ଶ୍ଲୋକରେ ଯେଉଁମାନଙ୍କୁ **ମାୟୟାପହୃତଜ୍ଞାନାଃ** କୁହାଯାଇଛି, ଏବଂ ଏଠାରେ ଯେଉଁମାନଙ୍କୁ **ତୈଃ ତୈଃ କାମୈଃ ହୃତଜ୍ଞାନାଃ** କୁହାଯାଇଛି', ସେହି ଦୁହିଁଙ୍କ ମଧ୍ୟରେ ପାର୍ଥକ୍ୟ କଣ ?

ଉତ୍ତର – ପନ୍ଦର ଶ୍ଲୋକରେ ଯେଉଁମାନଙ୍କର ବର୍ଣ୍ଣନା ହୋଇଛି, ସେମାନଙ୍କୁ ଭଗବାନ୍ ପାପାତ୍ମା, ମୂଢ଼, ନରାଧମ ଓ ଅସୁରସ୍ୱଭାବଯୁକ୍ତ ବୋଲି କହିଛନ୍ତି; ସେମାନେ ଆସୁରୀ ପ୍ରକୃତିର ହୋଇଥିବାରୁ ତମଃପ୍ରଧାନ ଅଟନ୍ତି ଓ ନରକଗାମୀ ହୁଅନ୍ତି (୧୬/୧୬,୧୯)। ଏଠାରେ ନାନାବିଧ କାମନାଦ୍ୱାରା ଯେଉଁମାନଙ୍କର ଜ୍ଞାନ ଅପହୃତ ହେବା କଥା କୁହାଯାଇଛି, ସେମାନେ ବିଭିନ୍ନ ଦେବତାଙ୍କୁ ପୂଜା କରୁଥିବା ଭକ୍ତ, ଶ୍ରଦ୍ଧାଳୁ ଏବଂ ଦେବଲୋକଗାମୀ (୭/୨୩, ୯/୨୫) ରଜୋମିଶ୍ରିତ ସାତ୍ତ୍ୱିକ ବୋଲି ଗଣ୍ୟ ହୁଅନ୍ତି। ଅତଏବ ସେହି ଦୁହିଁଙ୍କ ମଧ୍ୟରେ ବଡ଼ ପାର୍ଥକ୍ୟ ରହିଛି।

ପ୍ରଶ୍ନ – 'ନିଜର ସ୍ୱଭାବ' କାହାର ରାଚକ ଓ ତା'ଦ୍ୱାରା ପ୍ରେରିତ ହେବା କଣ ?

ଉତ୍ତର – ଜନ୍ମଜନ୍ମାନ୍ତରରେ କରିଥିବା କର୍ମର ସଂସ୍କାର ସଞ୍ଚିତ ହୁଏ ଓ ସେହି ସଂସ୍କାରସମୂହଦ୍ୱାରା ଯେଉଁ ପ୍ରକୃତି ଗଢ଼ିହୁଏ, ତାହାକୁ 'ସ୍ୱଭାବ' କୁହାଯାଏ। ଜୀବମାନଙ୍କର ସ୍ୱଭାବ ଭିନ୍ନ ଭିନ୍ନ ହୋଇଥାଏ। ସେହି ସ୍ୱଭାବ ଅନୁସାରେ ଅନ୍ତଃକରଣରେ ଭିନ୍ନ ଭିନ୍ନ ଦେବତାଙ୍କ ପୂଜା କରିବାପାଇଁ ଭିନ୍ନ ଭିନ୍ନ ଇଚ୍ଛା ଉତ୍ପନ୍ନ ହୁଏ; ଏହାକୁ 'ସ୍ୱଭାବଦ୍ୱାରା ପ୍ରେରିତ ହେବା' କୁହାଯାଏ।

ପ୍ରଶ୍ନ – ସେହି ସେହି ନିୟମ ଧରି ଅନ୍ୟ ଦେବତାଙ୍କ ଭଜନ କରିବା କଣ ?

ଉତ୍ତର – ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, ଇନ୍ଦ୍ର, ମରୁତ, ଯମ ଓ ବରୁଣ ଆଦି ଶାସ୍ତ୍ରୋକ୍ତ ଦେବତାମାନଙ୍କୁ ଭଗବାନଙ୍କ ଠାରୁ ଭିନ୍ନ ବୋଲି ବୁଝି ଯେଉଁ ଦେବତାଙ୍କୁ ଯେଉଁ ଉଦ୍ଦେଶ୍ୟରେ କରାଯାଉଥିବା ଉପାସନାରେ ଯେଉଁ ଜପ, ଧ୍ୟାନ, ପୂଜନ, ନମସ୍କାର, ନ୍ୟାସ, ହବନ, ବ୍ରତ, ଉପବାସ ଆଦିର ଭିନ୍ନ ଭିନ୍ନ ନିୟମ ରହିଛି, ସେହି ସେହି ନିୟମମାନ ପାଳନ କରି ଅତ୍ୟନ୍ତ ସାବଧାନତାପୂର୍ବକ ସେହି ଦେବତାମାନଙ୍କର ଆରାଧନା କରିବା ହିଁ ସେହି ସେହି ନିୟମ ଧରି ଅନ୍ୟ ଦେବତାଙ୍କ ପୂଜା କରିବା। କାମନା ଓ ଇଷ୍ଟଦେବଙ୍କ ଭିନ୍ନତାନୁସାରେ ପୂଜାଦି ନିୟମର ଭିନ୍ନତା ରହେ। ତେଣୁ **ତମ୍** ଶବ୍ଦର ପ୍ରୟୋଗ ଦୁଇ ଥର କରାଯାଇଛି।

ଏହାଛଡ଼ା ଅନ୍ୟ ଗୋଟିଏ କଥା ମଧ୍ୟ ରହିଛି; ଭଗବାନଙ୍କ ଠାରୁ ଭିନ୍ନ ମନେ କରି ଅନ୍ୟ ଦେବତାଙ୍କୁ ପୂଜା କରିବାରେ ହିଁ ତାହା ଅନ୍ୟ ଦେବତାଙ୍କର ପୂଜା ହୁଏ। ଯଦି ଦେବତାମାନଙ୍କୁ ଭଗବାନଙ୍କର ହିଁ ସ୍ୱରୂପ ଭାବି ଭଗବାନଙ୍କ ଆଜ୍ଞାନୁସାରେ ନିଷ୍କାମଭାବରେ ବା ଭଗବତ୍‌ପ୍ରୀତ୍ୟର୍ଥେ ସେମାନଙ୍କର ପୂଜା କରାଯାଏ, ତେବେ ତାହା ଅନ୍ୟ ଦେବତାଙ୍କର ପୂଜା ନ ହୋଇ ଭଗବାନଙ୍କର ହିଁ ପୂଜା ହୋଇଯାଏ ଏବଂ ତା'ର ଫଳ ମଧ୍ୟ ଭଗବତ୍‌ପ୍ରାପ୍ତି ହୁଏ।

ସମ୍ବନ୍ଧ – ବର୍ତ୍ତମାନ ପରବର୍ତ୍ତୀ ଦୁଇଟି ଶ୍ଲୋକରେ ଦେବ-ଉପାସକମାନଙ୍କୁ ସେମାନଙ୍କ ଉପାସନାର କିପରି ଓ କେଉଁ ଫଳ ମିଳେ, ତାହା ବର୍ଣ୍ଣନା କରୁଛନ୍ତି –

ଯୋ ଯୋ ଯାଂ ଯାଂ ତନୁଂ ଭକ୍ତଃ ଶ୍ରଦ୍ଧୟାର୍ଚ୍ଚିତୁମିଚ୍ଛତି।
ତସ୍ୟ ତସ୍ୟାଚଳାଂ ଶ୍ରଦ୍ଧାଂ ତାମେବ ବିଦଧାମ୍ୟହମ୍ ।। ୨୧ ।।

ଅନ୍ୱୟ – **ଯଃ, ଯଃ** = ଯେଉଁ ଯେଉଁ; **ଭକ୍ତଃ** = ସକାମ ଭକ୍ତ; **ଯାମ୍, ଯାମ୍** = ଯେଉଁ ଯେଉଁ; **ତନୁମ୍** = ଦେବତାଙ୍କର ସ୍ୱରୂପକୁ; **ଶ୍ରଦ୍ଧୟା** = ଶ୍ରଦ୍ଧାରେ; **ଅର୍ଚ୍ଚିତୁମ୍** = ପୂଜା କରିବାକୁ; **ଇଚ୍ଛତି** = ଇଚ୍ଛା କରେ; **ତସ୍ୟ, ତସ୍ୟ** = ସେହି ସେହି ଭକ୍ତଙ୍କ; **ଶ୍ରଦ୍ଧାମ୍** = ଶ୍ରଦ୍ଧାକୁ; **ଅହମ୍** = ମୁଁ; **ତାମ୍, ଏବ** = ସେହି ଦେବତାଙ୍କ ଠାରେ; **ଅଚଳାମ୍** = ସ୍ଥିର; **ବିଦଧାମି** = କରେ ।

ଯେଉଁ ଯେଉଁ ସକାମ ଭକ୍ତ ଯେଉଁ ଯେଉଁ ଦେବତାଙ୍କ ସ୍ୱରୂପକୁ ଶ୍ରଦ୍ଧାରେ ପୂଜା କରିବାକୁ ଇଚ୍ଛା କରନ୍ତି, ସେହି ସେହି ଭକ୍ତଙ୍କ ଶ୍ରଦ୍ଧାକୁ ମୁଁ ସେହି ଦେବତାଙ୍କ ଠାରେ ସ୍ଥିର କରେ ।। ୨୧ ।।

ପ୍ରଶ୍ନ – ଭକ୍ତଃ ପଦ ସହିତ **ଯଃ** ଶବ୍ଦ ଏବଂ **ତନୁମ୍** ସହ **ଯାମ୍** ଶବ୍ଦର ଦୁଇଥର ପ୍ରୟୋଗ କାହିଁକି କରାଯାଇଛି ?

ଉତ୍ତର – **ଯଃ** ଦୁଇଥର ପ୍ରୟୋଗ କରି ଭକ୍ତମାନଙ୍କର ଓ **ଯାମ୍** ଦୁଇଥର ପ୍ରୟୋଗ କରି ଦେବତାମାନଙ୍କର ଅନେକତା ପ୍ରଦର୍ଶନ କରାଯାଇଛି। ଅଭିପ୍ରାୟ ଏହି କି, ସକାମ ଭକ୍ତ ମଧ୍ୟ ଅନେକପ୍ରକାର ହୁଅନ୍ତି ଏବଂ ସେମାନଙ୍କ ନିଜ ନିଜ କାମନା ଓ ପ୍ରକୃତିଭେଦରେ ସେମାନଙ୍କ ଇଷ୍ଟଦେବତାମାନେ ମଧ୍ୟ ପୃଥକ୍ ପୃଥକ୍ ହୋଇଥାନ୍ତି।

ପ୍ରଶ୍ନ – 'ଦେବତାଙ୍କ ସ୍ୱରୂପକୁ ଶ୍ରଦ୍ଧାରେ ପୂଜା କରିବା' ର ଭାବ କଣ ?

ଉତ୍ତର – ଦେବତାମାନଙ୍କ ସତ୍ତାରେ, ସେମାନଙ୍କ ପ୍ରଭାବ ଓ ଗୁଣରେ ତଥା ପୂଜନ-ବିଧିରେ ଓ ତାହାର ଫଳରେ ପୂର୍ଣ୍ଣ ବିଶ୍ୱାସ ରଖି, ଶ୍ରଦ୍ଧାପୂର୍ବକ ଯେଉଁ ଦେବତାଙ୍କର ଯେପରି ମୂର୍ତ୍ତିର ପୂଜା କରିବା ବିଧାନ ରହିଛି, ସେପରି ଧାତୁ, କାଷ୍ଠ, ମୃତ୍ତିକା, ପାଷାଣ ଆଦିର ମୂର୍ତ୍ତି ବା ଚିତ୍ରପଟ ବିଧିପୂର୍ବକ ସ୍ଥାପନ କରି ଅଥବା ମାନସିକ ମୂର୍ତ୍ତି ନିର୍ମାଣ କରି, ଯେଉଁ ମନ୍ତ୍ର ଯେତେ ଥର ଜପ କରିବାର, ଯେଉଁ ସାମଗ୍ରୀମାନଙ୍କ ଦ୍ୱାରା ଯେପରି ପୂଜା କରିବାର ବିଧାନ ରହିଛି, ସେହି ମନ୍ତ୍ରର ସେତିକି ସଂଖ୍ୟା ଜପ କରି ସେହି ସାମଗ୍ରୀମାନଙ୍କ ଦ୍ୱାରା ସେପରି ବିଧାନରେ ପୂଜା କରିବା, ଦେବତାମାନଙ୍କ ପାଇଁ ଅଗ୍ନିରେ ଆହୁତି ଦେଇ ଯଜ୍ଞାଦି କରିବା, ସେମାନଙ୍କୁ ଧ୍ୟାନ କରିବା, ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି ଆଦି ପ୍ରତ୍ୟକ୍ଷ ଦେବତାମାନଙ୍କୁ ପୂଜା କରିବା ଓ ସେସମସ୍ତଙ୍କୁ ଯଥାବିଧି ନମସ୍କାର ଆଦି କରିବା — ଏହା ହେଉଛି 'ଦେବତାମାନଙ୍କ ସ୍ୱରୂପକୁ ଶ୍ରଦ୍ଧାରେ ପୂଜା କରିବା'।

ପ୍ରଶ୍ନ – **ତାମ୍** ପଦକୁ **ଶ୍ରଦ୍ଧାମ୍** ସହିତ ସମ୍ବନ୍ଧିତ ନ କରି **ତନୁମ୍** (ଦେବତାଙ୍କ ସ୍ୱରୂପ)ର ବୋଧକ କାହିଁକି କରାଗଲା ?

ଉତ୍ତର – ପୂର୍ବାର୍ଦ୍ଧରେ ଯେଉଁ **ଯାମ୍ ଯାମ୍** ପଦ ଦୁଇଟିର **ତନୁମ୍** (ଦେବତାଙ୍କ ସ୍ୱରୂପ) ସହିତ ସମ୍ବନ୍ଧ ରହିଛି, ତାଙ୍କ ସହିତ ଏକାନ୍ୱୟ କରିବାପାଇଁ **ତାମ୍**କୁ ମଧ୍ୟ **ତନୁମ୍**ର ହିଁ ବୋଧକ ବୋଲି ଭାବିବା ଉଚିତ ମନେ ହେଉଛି। ଶ୍ରଦ୍ଧା ସହିତ ତାକୁ ସମ୍ବନ୍ଧିତ କରିଦେଲେ ମଧ୍ୟ ଭାବରେ କୌଣସି ପ୍ରଭେଦ ଆସୁ ନାହିଁ; କାରଣ ସେପରି ଧରିନେଲେ ମଧ୍ୟ ସେହି ଶ୍ରଦ୍ଧାକୁ ଦେବତାବିଷୟକ ବୋଲି ମାନିବାକୁ ପଡ଼ିବ।

ପ୍ରଶ୍ନ – ଏଠାରେ **ଏବ**ର ଅଭିପ୍ରାୟ କ'ଣ ?

ଉତ୍ତର – **ଏବ** ପ୍ରୟୋଗ କରି ଭଗବାନ୍ କହିବାକୁ ଚାହୁଁଛନ୍ତି ଯେ, ଯେଉଁ ଭକ୍ତ ଯେଉଁ ଦେବତାଙ୍କୁ ପୂଜା କରିବାକୁ ଚାହୁଁଛି, ତା'ର ଶ୍ରଦ୍ଧାକୁ ସେ ସେହି ଦେବତାଙ୍କ ଠାରେ ଦୃଢ଼ କରିଦିଅନ୍ତି।

ସ ତୟା ଶ୍ରଦ୍ଧୟା ଯୁକ୍ତସ୍ତସ୍ୟାରାଧନମୀହତେ ।
ଲଭତେ ଚ ତତଃ କାମାନ୍ ମୟୈବ ବିହିତାନ୍ ହି ତାନ୍ ।। ୨୨ ।।

ଅନ୍ୱୟ – **ସଃ** = ସେହି ଭକ୍ତ; **ତୟା** = ସେହି; **ଶ୍ରଦ୍ଧୟା** = ଶ୍ରଦ୍ଧାଦ୍ୱାରା; **ଯୁକ୍ତଃ** = ଯୁକ୍ତ ହୋଇ; **ତସ୍ୟ** = ସେହି ଦେବତାଙ୍କ; **ଆରାଧନମ୍** = ଆରାଧନା; **ଈହତେ** = କରେ; **ଚ** = ଓ; **ତତଃ** = ସେହି ଦେବତାଙ୍କ ଠାରୁ; **ମୟା** = ମୋ ଦ୍ୱାରା; **ଏବ** = ହିଁ; **ବିହିତାନ୍** = ବିଧାନ କରାଯାଇଥିବା; **ତାନ୍** = ସେହି; **କାମାନ୍** = ଇଚ୍ଛିତ ଭୋଗମାନ; **ହି** = ନିଃସନ୍ଦେହ; **ଲଭତେ** = ଲାଭ କରେ ।

ସେହି ଭକ୍ତପୁରୁଷ ସେହି ଶ୍ରଦ୍ଧାରେ ଯୁକ୍ତ ହୋଇ ସେହି ଦେବତାଙ୍କୁ ଆରାଧନା କରନ୍ତି ଓ ମୋରି ଦ୍ୱାରା ବିଧାନ କରାଯାଇଥିବା ତାଙ୍କର ସେହି ଇଚ୍ଛିତ ଭୋଗମାନଙ୍କୁ ସେହି ଦେବତାଙ୍କ ଠାରୁ ନିଃସନ୍ଦେହ ଲାଭ କରନ୍ତି ।। ୨୨ ।।

ପ୍ରଶ୍ନ – ଏହି ଶ୍ଲୋକରେ ଭଗବାନଙ୍କ କଥନର ତାତ୍ପର୍ଯ୍ୟ କଣ ?

ଉତ୍ତର – ଏଠାରେ ଭଗବାନ୍ ଦେଖାଉଛନ୍ତି, "ମୋ ଦ୍ୱାରା ସ୍ଥାପିତ ସେହି ଶ୍ରଦ୍ଧାରେ ଯୁକ୍ତ ହୋଇ ସେହି ପୁରୁଷ ସେହି ଦେବତାଙ୍କର ଯଥାବିଧି ପୂଜନ କରନ୍ତି, ସେହି ଉପାସନାର ଫଳସ୍ୱରୂପ ଉକ୍ତ ଦେବତାଙ୍କ ଦ୍ୱାରା ତାଙ୍କୁ ତାଙ୍କର ସେହି ଇଚ୍ଛିତ ଭୋଗ ମିଳେ, ଯାହା କି ମୋ ଦ୍ୱାରା ପୂର୍ବରୁ ନିର୍ଦ୍ଧାରିତ ହୋଇଥାଏ। ମୁଁ ବିଧାନ କରିଥିବା ଭୋଗଠାରୁ ଅଧିକ ବା କମ୍ ଭୋଗ ପ୍ରଦାନ କରିବାର ସାମର୍ଥ୍ୟ ଦେବତାମାନଙ୍କର ନାହିଁ।" ଅଭିପ୍ରାୟ ହେଉଛି, ଦେବତାମାନେ କୌଣସି ବଡ଼ ରାଜ୍ୟର ବିଭିନ୍ନ ଅଫିସରମାନଙ୍କ ସ୍ଥିତିରେ ରହି କାର୍ଯ୍ୟ କରନ୍ତି ବୋଲି ଧରିବାକୁ ପଡ଼ିବ। ଅଫିସରମାନେ ରାଜ୍ୟର ଆଇନ୍ ଅନୁସାରେ କାର୍ଯ୍ୟ କରନ୍ତି। କୌଣସି ଲୋକକୁ ତା'ର କୌଣସି କାର୍ଯ୍ୟପାଇଁ କିଛି ଦେବାକୁ ହେଲେ, ଅଫିସରମାନେ ଆଇନ ଅନୁସାରେ ଯେତିକି ଦେବାର ଅଧିକାର ପାଇଥାନ୍ତି ଓ ଯେ ଲୋକ ଯେତିକି ପାଇବାକୁ ଆଇନ୍ ଅନୁସାରେ ଯୋଗ୍ୟ, ତା'ଠାରୁ ବେଶୀ ବା କମ୍ ଦେଇପାରନ୍ତି ନାହିଁ। ଈଶ୍ୱରଙ୍କ ବିଧାନ ଅନୁସାରେ ଯେ ଯେତିକି ପାଇବା କଥା, ଦେବତାମାନେ ମଧ୍ୟ ତାଠାରୁ କମ୍ ବା ବେଶୀ ଦେଇପାରନ୍ତି ନାହିଁ।

ପ୍ରଶ୍ନ – ଏହି ଶ୍ଲୋକରେ **ହିତାନ୍** ପଦକୁ **କାମାନ୍**ର ବିଶେଷଣ ମନେ କରି ଯଦି ଅର୍ଥ କରାଯାଏ ଯେ, ଯେ 'ହିତକର ଭୋଗମାନ ଦିଅନ୍ତି,' ତେବେ କ୍ଷତି କଣ ?

ଉତ୍ତର – ଏପରି ଅର୍ଥ କରିବା ଉଚିତ ନୁହେଁ; କାରଣ **କାମଶବ୍ଦବାଚ୍ୟ** ଭୋଗପଦାର୍ଥ କାହାରି ପାଇଁ ଯଥାର୍ଥରେ ହିତକର ହୁଏ ନାହିଁ।

ସମ୍ବନ୍ଧ – ବର୍ତ୍ତମାନ ଉପରୋକ୍ତ ଅନ୍ୟଦେବତାମାନଙ୍କ ଉପାସନାର ଫଳକୁ ବିନାଶଶୀଳ କହି ଭଗବତ୍-ଉପାସନାର ଫଳର ମହିମା ପ୍ରତିପାଦନ କରୁଛନ୍ତି –

ଅନ୍ତବତ୍ତୁ ଫଳଂ ତେଷାଂ ତଦ୍ଭବତ୍ୟଳ୍ପମେଧସାମ୍ ।
ଦେବାନ୍ ଦେବଯଜୋ ଯାନ୍ତି ମଦ୍ଭକ୍ତା ଯାନ୍ତି ମାମପି ।। ୨୩ ।।

ଅନ୍ୱୟ – ତୁ = ପରନ୍ତୁ; **ତେଷାମ୍** = ସେହି; **ଅଳ୍ପମେଧସାମ୍** = ଅଳ୍ପବୁଦ୍ଧିମାନଙ୍କର; **ତତ୍** = ସେହି; **ଫଳମ୍** = ଫଳ; **ଅନ୍ତବତ୍** = ନାଶବାନ୍; **ଭବତି** = ହୁଏ; **ଦେବଯଜଃ** = (ତଥା ସେହି) ଦେବୋପାସକମାନେ; **ଦେବାନ୍** = ଦେବତାଙ୍କୁ; **ଯାନ୍ତି** = ପ୍ରାପ୍ତ ହୁଅନ୍ତି; **ମଦ୍ଭକ୍ତାଃ** = କିନ୍ତୁ ମୋର ଭକ୍ତମାନେ (ଯେକୌଣସିରୂପରେ ଭଜନ କଲେ ବି ଶେଷରେ); **ମାମ୍** = ମୋତେ; **ଅପି** = ହିଁ; **ଯାନ୍ତି** = ପାଆନ୍ତି।

ପରନ୍ତୁ ସେହି ଅଳ୍ପବୁଦ୍ଧିମାନଙ୍କର ସେହି ଫଳ ନାଶବାନ୍ ହୁଏ ତଥା ସେହି ଦେବପୂଜକମାନେ ଦେବତାଙ୍କୁ ପାଆନ୍ତି; କିନ୍ତୁ ମୋର ଭକ୍ତମାନେ ମୋତେ ଯେକୌଣସିରୂପରେ ଭଜନ କଲେ ମଧ୍ୟ ଶେଷରେ ମୋତେ ହିଁ ପାଆନ୍ତି ।। ୨୩ ।।

ପ୍ରଶ୍ନ – ପନ୍ଦର ଶ୍ଲୋକରେ କୁହାଯାଇଥିବା ମୂଢ଼ ଓ ଏହି ଦେବୋପାସକ ଅଳ୍ପବୁଦ୍ଧି ଲୋକମାନଙ୍କ ମଧ୍ୟରେ ପ୍ରଭେଦ କଣ ? ଏମାନଙ୍କୁ **ଅଳ୍ପବୁଦ୍ଧି** କହିବାର ଅଭିପ୍ରାୟ କଣ ?

ଉତ୍ତର – ପନ୍ଦର ଶ୍ଲୋକରେ ଭଗବାନଙ୍କୁ ଭକ୍ତି ନ କରି ପାପାଚରଣ କରୁଥିବା ନରାଧମମାନଙ୍କୁ ଅସୁରସ୍ୱଭାବଯୁକ୍ତ ଓ ମୂଢ଼ ବୋଲି କୁହାଗଲା। ଏଠାରେ କୁହାଯାଇଥିବାପ୍ରକାରେ ପାପାଚରଣରହିତ ହୋଇ ଶାସ୍ତ୍ରବିଧିରେ ଦେବତାମାନଙ୍କର ଉପାସନା କରୁଥିବା ଲୋକେ ସେହି ମୂଢ଼ ଲୋକଙ୍କ ଅପେକ୍ଷା ଶ୍ରେଷ୍ଠ ହିଁ ଅଟନ୍ତି ଏବଂ ସେମାନେ ଆସୁରଭାବପ୍ରାପ୍ତ ତଥା ସର୍ବଥା ମୂଢ଼ ବି ନୁହନ୍ତି କିନ୍ତୁ କାମନାବଶ ହୋଇ ଅନ୍ୟ ଦେବତାମାନଙ୍କୁ ଭଗବାନଙ୍କ ଠାରୁ ଭିନ୍ନ ଭାବି, ଭୋଗ୍ୟବସ୍ତୁପ୍ରାପ୍ତିପାଇଁ ସେମାନଙ୍କୁ ଉପାସନା କରୁଥିବାରୁ ଭଗବଦ୍ଭକ୍ତମାନଙ୍କ ଅପେକ୍ଷା ନିମ୍ନଶ୍ରେଣୀର ଓ **ଅଳ୍ପବୁଦ୍ଧି** ହିଁ ଅଟନ୍ତି। ଯଦି ସେମାନଙ୍କର ବୁଦ୍ଧି ଅଳ୍ପ ହୋଇ